ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁଲାଇ ୨୦୨୧ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ବିଶ୍ୱପ୍ରସିଦ୍ଧ ପବିତ୍ର ଘୋଷଯାତ୍ରା /ଗୁଣ୍ଡିଚାଯାତ୍ରା ଉପଲକ୍ଷେ ସମସ୍ତ ବନ୍ଧୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।**

**କରୋନାଠାରୁ ସୁରକ୍ଷିତ ରହନ୍ତୁ ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୯** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୧ | ଅଶୋକ ବିଶ୍ୱାଳ | ୨୦ |
| ଜେଜେଙ୍କ ଜାସୁସି - ୩ | ବିଜୟ କୁମାର ପଣ୍ଡା | ୩୧ |
| ବରଫ | ସୁଧାଂଶୁ ଶେଖର ଦ୍ୱିବେଦୀ | ୩୪ |
| ଅନ୍ତର୍ଦାହ | କେଶବ ଚନ୍ଦ୍ର ନାୟକ | ୩୮ |
| ଅନ୍ତିମ ଯାତ୍ରା | ଡଃ ଅଭାଞ୍ଜଳି ଶତପଥୀ | ୫୬ |
| ଝୁଣ୍ଟିଆ | ଡଃ ଉଷାରାଣୀ ଦାଶ | ୬୯ |
| ଓଡ଼ିଆ ମିଡ଼ିୟମ୍ | ନିତ୍ୟରଞ୍ଜନ ନନ୍ଦ | ୮୧ |
| ଥୁଣ୍ଟା ବରଗଛ | ଗଦାଧର ବଳ | ୮୭ |
| କମଳା | ଝରଣା ବାରିକ | ୯୯ |
| ପାଳଭୂତ | ଆଶୁତୋଷ ମେହେର | ୧୦୨ |
| ଫୁଲ ଏବଂ ଭଅଁର | ସିକ୍ତସ୍ମିତା ନାୟକ | ୧୦୬ |
| ଅବ୍ୟକ୍ତ ପ୍ରେମ | ଦିପିକା ପେରେଇ | ୧୧୩ |
| **କବିତା ବିଭାଗ** | | **୧୧୭** |
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୧୧୮ |


Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


| | | |
|---|---|---|
| ଜୀବନ କାହିଁ ? | ଶିବ ନାରାୟଣ ଦାଶ | ୧୨୦ |
| ମୋ ଘରଣୀ | ଲକ୍ଷ୍ମୀକାନ୍ତ ପୃଷ୍ଟି | ୧୨୪ |
| ମହୀଉଦ୍ଧାରଣ ସ୍ତୁତି ଗୀତିକା | ପ୍ରଦୀପ କୁମାର ଜିଲିକାରା | ୧୨୫ |
| ପ୍ରେମ ତାପ ? ? | ଡଃ ରାକେଶ ରଞ୍ଜନ ମୁଣ୍ଡ | ୧୨୮ |
| ପ୍ରିୟା ପ୍ରତି | ରଞ୍ଜିତ ସାହୁ | ୧୨୯ |
| ମୁଁ ଆଜି ଅଣନିଶ୍ୱାସୀ | ପ୍ରଣତୀ ରଥ | ୧୩୦ |
| କ୍ଷମାକର ପ୍ରଭୁ | ମମତା ମିଶ୍ର ଦାସ | ୧୩୧ |
| କଳ୍ପନା | ଅନସୂୟା ପଣ୍ଡା | ୧୩୨ |
| ଅଭିଯୋଗ | ରାଧାମୋହନ ପୂଜାହାରୀ | ୧୩୪ |
| ଅମାବାସ୍ୟା | ଐଶ୍ୱର୍ଯ୍ୟା ମିଶ୍ର | ୧୩୬ |
| ରଜପର୍ବ ମାଟିର ପର୍ବ | ଦଣ୍ଡାସି ପ୍ରଧାନ | ୧୩୭ |
| ଅପେକ୍ଷା | ଡଃ ମନୋରଞ୍ଜନ ବିଷୋୟୀ | ୧୪୦ |
| ଶବ୍ଦ | ବରୁଣ କୁମାର ଦାସ | ୧୪୧ |
| ତୋ ପାଦେ ଶରଣ ଗଲି | ମଞ୍ଜୁରାଣୀ ମିଶ୍ର | ୧୪୨ |
| ଅନ୍ତହୀନ ଅପେକ୍ଷା | ଆଲୋକ ଦାସ | ୧୪୫ |
| ଜୀବନ ଜୀବିକା | ସୁରେଶ ଚନ୍ଦ୍ର ପାଢ଼ୀ | ୧୪୬ |
| ଅସତ୍ୟ ସହର | ମୁକେଶ କୁମାର ଶତପଥୀ | ୧୪୭ |
| ରଥଯାତ୍ରା | ଟୋନିସ୍ ରୋହିଦାସ୍ | ୧୪୮ |
| ଧୂଳିସଞ୍ଜ | ପୁଷ୍ପଲତା ସାହୁ | ୧୫୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଝିପିଝିପି ବର୍ଷାରେ | ହାସ୍ୟମୟୀ ରାଜ୍ | ୧୫୧ |
| ବର୍ଷାର ଆଗମନେ | ରୁଦ୍ର ନାରାୟଣ ଦାଶ | ୧୫୩ |
| ବୃକ୍ଷ | ଦେବଦତ୍ତ ପଣ୍ଡା | ୧୫୫ |
| ମାଟି ମା' | ଯଶୋଦା ମାଝୀ | ୧୫୬ |
| ସମୟ ତାଳରେ ଜନଜୀବନ | ସନ୍ତୋଷ ପଟ୍ଟନାୟକ | ୧୫୭ |
| ତମେ ଅଛ ବୋଲି | ପୁଷ୍ପାଞ୍ଜଳୀ ପଣ୍ଡା | ୧୫୮ |
| ଶେଷବେଳେ ତମେ ବଡ଼ଠାକୁରେ | ରାମ ପ୍ରସାଦ ସିଂହ | ୧୫୯ |
| ପ୍ରୀତି | ରାଜଗୁରୁ ସିଅ | ୧୬୦ |
| ମୋ କାଳିଆ ସୁନା | ଜନ୍ମଜୟ ନାୟକ | ୧୬୧ |
| ପାଣି ପଶିଲାଣି ନାକରେ | ଶିଶିର କୁମାର ପଣ୍ଡା | ୧୬୩ |
| ରଜାଘର ପୁଅ ଗାଥା | ରଶ୍ମିତା ସାହୁ | ୧୬୪ |
| କର୍ମ | ଭାଗିରଥୀ ଯାନୀ | ୧୬୬ |
| ଏକବିଂଶ ଶତାବ୍ଦୀ ଓ ପ୍ରେମ | ଉମେଶ କୁମାର ବିଶ୍ୱାଲ୍ | ୧୬୭ |
| କେତେ ଆଉ ଦୁଃଖ ଦେବ | ବିଶ୍ୱନାଥ ସେଠୀ | ୧୬୯ |
| କୃପଣ କାଳିଆ (ଦରଦୀ ବନ୍ଧୁ) | ଦିନେଶ ମେହେର | ୧୭୦ |
| କରୋନା ପାଇଁ 'ଅ' - ୨ | ଶୈଳବାଳା ସିଂହ | ୧୭୧ |
| ଦାମ୍ପତ୍ୟ | ଅଜୟ କୁମାର ସାହୁ | ୧୭୩ |
| ଉଜ୍ଜ୍ୱଳ ନକ୍ଷତ୍ର | ଅର୍ପିତା ଦାସ | ୧୭୫ |
| ଅନାମିକା | ରଶ୍ମୀବାଳା ଶତପଥୀ | ୧୭୬ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଧନ୍ୟ ମା ଧନ୍ୟ ତୁମେ | ବୈଷ୍ଣବ ନାୟକ | ୧୭୭ |
| ଅତୀତ ଓ ତୁମେ | ପ୍ରମିଉମିତା ଜାନା | ୧୭୮ |
| ମେଟ୍ରିକ୍ ରେଜଲ୍ଟ | ଗୀତାରାଣୀ ବେହେରା | ୧୭୯ |
| ତୁମେ | ରାଜେନ୍ଦ୍ର ବୋଡ଼କିଆ | ୧୮୧ |
| ପ୍ରିୟା ତୁ ମନେ ପଡୁଛୁ | ପଙ୍କଜ କୁମାର ମଙ୍ଗଳ | ୧୮୨ |
| ରାଗ | ଶାନ୍ତନୁ କୁମାର ରାଉତ | ୧୮୪ |
| ଆକାଶ ଦୋଳି | ପ୍ରତିମା ମେହେର | ୧୮୫ |
| ଭିଜା ପ୍ରକୃତିର ମୁହଁ | ବାଲାଜୀ ସେଠୀ | ୧୮୬ |
| ଶାଶ୍ୱତ ସ୍ୱରୂପ | ଗୁପ୍ତେଶ୍ୱର ଚାନ୍ଦ | ୧୮୮ |
| ଦେହ ନନ୍ଦିଘୋଷ | ମନୋରଞ୍ଜନ ସୁରୁଜାଳ | ୧୮୯ |
| କୁନାଭାଇ ଓ ଶୁଆ | ଝରଣା ବାରିକ | ୧୯୦ |
| ବର୍ଷାର ଆଗମନ | ଅନନ୍ତ ପଟେଲ | ୧୯୧ |
| ମାଆ | ପ୍ରବୀଣ କୁମାର ସାହୁ | ୧୯୨ |
| ସନ୍ଧ୍ୟାତାରା | ଡଃ ମାଙ୍ଗଳିକା ମହାପାତ୍ର | ୧୯୩ |
| ସୌଦାଗର | ସତ୍ୟରଞ୍ଜନ ଘିଢ଼ାଲା | ୧୯୪ |
| ବାପା | ସନାତନ ମହାକୁଡ଼ | ୧୯୫ |
| ଅବୁଝା | ବାସନ୍ତୀଲତା ଜେନା | ୧୯୬ |
| ତୁଳସୀ | ସରୋଜ କୁମାର ଜେନା | ୧୯୮ |
| କହିଲ ଦେଖି | ଅମରନାଥ ବାରିକ | ୨୦୦ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସେଇ ଅଇଁଠା ଚା କପ୍ | ବିଶ୍ୱନାଥ ଭୁଏ | ୨୦୧ |
| କବି ମନ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୦୨ |
| ଚୋର ଓ ଚୋରି | ଦମୟନ୍ତୀ ଜେନା | ୨୦୪ |
| ଅତୀତ | ରିନା କୈବର୍ତ୍ତ | ୨୦୭ |
| ସୁସ୍ଥ ଜୀବନ | ଶାଶ୍ୱତୀ ବେହେରା | ୨୦୮ |
| ସତ୍ୟର ସନ୍ଧାନ | ଉତ୍ତମା ପଧାନ | ୨୦୯ |
| ସିନ୍ଦୁର | ବିନୟ ମିଶ୍ର | ୨୧୦ |
| ଏବେ ଯିବାର ଭୁଲ କରନି | ସୁମନ୍ ସମିଲିତା ଦାଶ | ୨୧୩ |
| ଆମ ବାପା | ରାମଚନ୍ଦ୍ର ପ୍ରଧାନ | ୨୧୫ |
| ଭଜ ଥରେ ମନ | ହରେରାମ ପଣ୍ଡା | ୨୧୬ |
| ଚିରିଦେଲ ସଂପର୍କ | ଦୁଷ୍ମନ୍ତ ବେହେରା | ୨୧୭ |
| ସ୍ମୃତିର ଲହଡ଼ି | ସ୍ମୃତିରଞ୍ଜନ ବାରିକ | ୨୧୮ |
| ତୁମ ଚିଠି | ସିଦ୍ଧେଶ୍ୱର ତ୍ରିପାଠୀ | ୨୨୦ |
| ଆପଣା ହେବାର ଛଳନାରେ | ସଂଜୀବ କୁମାର ଦାସ | ୨୨୧ |
| ଭଗବାନଙ୍କୁ ଦେଖିଛ କି ? | ନୂତନ କୁମାର ବେହେରା | ୨୨୩ |
| **ସମ୍ବଲପୁରୀ ବିଭାଗ** | | **୨୨୬** |
| 'ତମେ' ଆରୁ 'ତୁଇ' | ସନ୍ତୋଷ କୁମାର ଅଦାବର | ୨୨୭ |
| ବିଶ୍ୱାସୀ ନୁ ଅବିଶ୍ୱାସୀ | ଲିପ୍ସା ଗଡ଼ତିଆ | ୨୨୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବୁଡ଼ିଯିବା ନାମ୍ ନିଷାନ୍ | ଆନନ୍ଦ ସାହୁ | ୨୩୦ |
| ଧୋକା | ପ୍ରସନ୍ନ ପ୍ରୟାସ ଭୁଏ | ୨୩୨ |
| ଗୁନିଆଁ | ବୃଷଭ ଥାପା | ୨୩୩ |
| ମିଛର୍ ଡରେନ୍ | ବିଶ୍ୱନାଥ ଭୁଏ | ୨୩୫ |
| ସାଖି ଚକାଆଁଖି | ମନୋରଞ୍ଜନ ସୁରୁଜାଳ | ୨୩୬ |
| ଶୀକାରୀ | ଦେବଦତ୍ତ ସନ୍ସ୍ | ୨୩୮ |


## ପ୍ରବନ୍ଧ ବିଭାଗ ୨୪୦


| | | |
|---|---|---|
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୪୧ |
| ମୃତ୍ୟୁ ଧ୍ରୁବ ସତ୍ୟ | ଡଃ ଲକ୍ଷ୍ମଣ ସାହୁ | ୨୫୯ |
| ସ୍କୁଲ ଛାଡ଼ିବି ସିନା ପାଠ ଛାଡ଼ିବି ନାହିଁ | ଡଃ ଅସିତ ମହାନ୍ତି | ୨୬୬ |
| କଳା | ସତ୍ୟନାରାୟଣ ମିଶ୍ର | ୨୭୨ |
| ଓଡ଼ିଆ ପରମ୍ପରାରେ ସାବିତ୍ରୀବ୍ରତ | ବାସନ୍ତୀଲତା ଜେନା | ୨୭୫ |
| ରୋଗ ପ୍ରତିରୋଧ ଶକ୍ତି | ପ୍ରହ୍ଲାଦ ସାହୁ | ୨୭୮ |
| ଅଣଆର୍ଥିକ ସଂସ୍ଥାନ ଓ ଅର୍ଥନୀତି | ଆଦିତ୍ୟ ପ୍ରସାଦ ସାହୁ | ୨୮୧ |
| ବାସ୍ତବ ସୁଖ କଣ ? | ଜିତେନ୍ଦ୍ର ସାହୁ | ୨୮୬ |
| ସାମାଜିକ ଗଣମାଧ୍ୟମରେ ସାହିତ୍ୟ | ପ୍ରଫେସର୍ ଡଃ ପ୍ରଫୁଲ କୁମାର ପାଣି | ୨୮୮ |
| କରୋନା ହାରିବ : ମଣିଷ ଜିତିବ | ଇଂ ବିଦ୍ୟାଧର ପଣ୍ଡା | ୨୯୧ |
| ଷଡ଼ରିପୁ | ପଙ୍କଜ କୁମାର ପାଣିଗ୍ରାହୀ | ୨୯୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କରୋନା ଶିକ୍ଷା | ଆଲୋକ କୁମାର ସାହୁ | ୩୦୧ |
| ପ୍ରେମ ଓ ବନ୍ଧୁତ୍ୱ | ସାଧନା ମହାଲିକ | ୩୦୩ |
| ସାକ୍ଷାତକାର : ଅପର୍ଣ୍ଣା ମହାନ୍ତି | ଦିବ୍ୟରଞ୍ଜନ ସାହୁ | ୩୦୫ |
| ବିଶେଷ ସୂଚନା | | ୩୧୪ |


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ସହ ମୁଁ ଉପସ୍ଥିତ । ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଉପଲକ୍ଷେ ମୁଁ ଆହ୍ୱାନ ପରିବାରର ସମସ୍ତ ଲେଖିକା, ଲେଖକ, ପାଠିକା ଓ ପାଠକ ସମେତ ଉପଦେଷ୍ଟା ତଥା ଶୁଭାକାଂକ୍ଷୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଆଶା କରୁଛି, ମହାପ୍ରଭୂ ଖୁବ ଶୀଘ୍ର ସମଗ୍ର ମାନବଜାତିକୁ ଏହି ଦୁର୍ଦ୍ଦିନରୁ ଦୂରେଇବେ ଏବଂ ପୁଣିଥରେ ଆନନ୍ଦ ଓ ସ୍ୱାସ୍ଥ୍ୟକର ପରିବେଶ ରାଜୁତି କରିବ । କରୋନା ଜନିତ ଦୁଶ୍ଚିନ୍ତାରୁ ଶୀଘ୍ର ଆମ ସମସ୍ତଙ୍କୁ ନିସ୍ତାର ମିଳିବ । ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହାପ୍ରଭୂଙ୍କ ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଭକ୍ତଙ୍କ ଅନୁପସ୍ଥିତିରେ ପାଳିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । କରୋନାର ଭୟାବହତାକୁ ଦେଖି ଏହି ପରି ପଦକ୍ଷେପକୁ ଆମେ ସମସ୍ତେ ଅନିଚ୍ଛା ସତ୍ତ୍ୱେ ସ୍ୱାଗତ କରିବାକୁ ବାଧ୍ୟ ହେଉଛୁ । ଦୁଃଖର ବିଷୟ ରାଜ୍ୟର ଅଗଣିତ ମନ୍ଦିର ମାନଙ୍କରେ ରଥଯାତ୍ରା ପାଇଁ ଅନୁମତି ଦିଆଯାଇନାହିଁ । ତେଣୁ ସ୍ଥାନେ ସ୍ଥାନେ ଏହାକୁ ନେଇ ଜନ ଆକ୍ରୋଶ ଓ ଅସନ୍ତୋଷ ଦେଖାଦେଇଛି । ଏଥିରେ କେନ୍ଦ୍ରାପଡ଼ାର ବଳଦେବଜୀୟୁଙ୍କ ରଥଯାତ୍ରା ପ୍ରମୁଖ । କିନ୍ତୁ କଣ କରାଯାଇପାରେ, ଅବସ୍ଥା ଏମିତି ହୋଇଛି ଯେ ଘରୁ ବାହାରିଲେ ଯଦି ଆମକୁ ସବୁବେଳେ ମୃତ୍ୟୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୟରେ ବଞ୍ଚିବାକୁ ହୁଏ ତା ହେଲେ ବରଂ ଆମେ ଘରେ ରହିବା ହିଁ ଶ୍ରେୟସ୍କର । ଏହାକୁ ଉଚିତ ବୋଲି ମାନିନେଇ ଆମେ କିଛି କିଛି ନୀତିକାନ୍ତିରେ ପରିବର୍ତ୍ତନକୁ ସ୍ୱୀକାର କରିବା ହିଁ ଉଚିତ ହେବ ବୋଲି ମୋର ମତ ।

ବିଗତ ବର୍ଷରେ କରୋନାର ପ୍ରାରମ୍ଭିକ ପର୍ଯ୍ୟାୟରେ ଯେତେ ଭାବରେ ରୋଗକୁ ଭୟାବହ ବୋଲି ଦର୍ଶାଯାଉଥିଲା ତାହା ସମ୍ଭବତଃ ସେତେ ଭୟଙ୍କର ନଥିଲା, କିନ୍ତୁ ଚଳିତ ବର୍ଷ ପ୍ରାରମ୍ଭରୁ ଯେତେବେଳେ ଏହା ପୁନଃ ଭାରତରେ ପ୍ରବେଶ କରିଲା, ଏହା ନିଜର ନିଷ୍ଠୁର ଓ ଭୟଙ୍କର ରୂପକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଲା । ଅବିଶ୍ୱାସ ହେଉଥିଲେ ସୁଦ୍ଧା, ଏମିତି ଗୋଟିଏ ପରିବାର ନାହିଁ, ଯେଉଁଠି କରୋନା ନିଜର ଉପସ୍ଥିତି ଜଣାଇ ନାହିଁ । ଏବଂ ଅଧିକାଂଶ ପରିବାରରେ କେହି ନା କେହି ଏହି ରୋଗ ହେତୁ ମୃତ୍ୟୁବରଣ ଅବଶ୍ୟ କରିଛନ୍ତି । ଯେଉଁମାନେ ଏହି ରୋଗରେ ପୀଡ଼ିତ ହୋଇଛନ୍ତି, କେବଳ ସେମାନେ ହିଁ ଏହାର ଭୟାବହତା ବିଷୟରେ ଜାଣିଛନ୍ତି । ଏବେ ବି ଅନେକ ବନ୍ଧୁ କଥା କହିବା ସମୟରେ ବାରମ୍ବାର ଅଟକି ଯାଉଛନ୍ତି । ଶ୍ୱାସକ୍ରିୟାରେ ଅସୁବିଧା ରୋଗରୁ ନିସ୍ତାର ପାଇବାର ଅନେକ ମାସ ପରେ ମଧ୍ୟ ଅନୁଭୂତ ହେଉଛି । ତେଣୁ ଏହାକୁ ଆମେ ହାଲୁକା ଭାବରେ ଗ୍ରହଣ କରିବା ଅନୁଚିତ ।

କରୋନାର ଦ୍ୱିତୀୟ ପର୍ଯ୍ୟାୟ ଯେତେ ମାତ୍ରାରେ ଏହାର କୁପ୍ରଭାବ ଆମ ସମାଜ, ରାଜ୍ୟ ତଥା ଦେଶ ଉପରେ ପକାଇନଥିଲା, ଏବେ ତୃତୀୟ ପର୍ଯ୍ୟାୟ ଉପସ୍ଥିତ ହେଉଥିବାର ସମ୍ବାଦ ଶୁଣି ହୃଦକ୍ରିୟା ଶିଥିଳ ହୋଇ ଆସୁଛି । ଆଉ କେତେ ପ୍ରକାର ପ୍ରତାଡ଼ନା ଏହି ରୋଗ ଆମକୁ ଦେବ ଆଉ କେଜାଣି । ଆଉ କେତେ ପ୍ରାଣ ହରଣ କରିବାପରେ ଏହା ଶାନ୍ତ ହେବ କେଜାଣି । ଆମେ ସମସ୍ତେ ନିରୁପାୟ । ଚିକିତ୍ସା ବିଜ୍ଞାନୀମାନେ ଦିନରାତି ଚେଷ୍ଟା କରୁଛନ୍ତି, କେମିତି ଏହି ରୋଗପାଇଁ ପ୍ରଭାବୀ ଚିକିତ୍ସା ବ୍ୟବସ୍ଥା କରାଯାଇ ପାରିବ, କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ରୋଗ ଦିନକୁ ଦିନ ନିଜର ରୂପ ବଦଳାଇବାରେ ପାରଙ୍ଗମତା ଦର୍ଶାଉଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଗତ ଦିନରେ ଭାରତରେ ଏହାର ଏକ ଭୟଙ୍କର ରୂପ ଦ୍ୱିତୀୟ ଲହରୀ ଆଣିଦେଇଥିବା ବେଳେ ଏବେ ଆହୁରି ଅନେକ ଭୟଙ୍କର ରୂପ ସବୁ ସାମନାକୁ ଆସିଲାଣି । ସେସବୁର ପ୍ରଭାବଶାଳୀ ନିରାକରଣ ବ୍ୟବସ୍ଥା ଏବଂ ଚିକିତ୍ସାପାଇଁ ଆମେ ସମସ୍ତେ ଚିନ୍ତିତ ହେଉଥିବା ବେଳେ କିନ୍ତୁ କିଛି ଲୋକ ଏବେ ଦେଶବ୍ୟାପୀ କରୋନାର ସଂକ୍ରମଣ କମ ହେଉଥିବା ଦର୍ଶାଇ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ମାନଙ୍କରେ ଜନଗହଳି ଆରମ୍ଭ କରିଦେଲେଣି । ବଜାର ହାଟ ପୁନର୍ବାର ଗହଳଚହଳରେ ଭରି ଗଲାଣି । ବାରମ୍ବାର ସଚେତନତା ସୃଷ୍ଟି କରାଯାଉଥିବା ସତ୍ତ୍ୱେ ଆମ ଦେଶ ଓ ରାଜ୍ୟର ଲୋକମାନେ କାହିଁକି ଯେ ସାବଧାନ ହେଉନାହାନ୍ତି ତାହା ମାନସିକ ଚିକିତ୍ସକ ମାନଙ୍କ ଦ୍ୱାରା ଗବେଷଣାର ବିଷୟବସ୍ତୁ ହୋଇପାରେ ।

ଜୀବନ ଆଉ ଜୀବିକାକୁ ନେଇ ଛନ୍ଦି ହେଉଥିବା ମନୁଷ୍ୟ ଯେ କେତେ ଦୁର୍ବଳ ଆଉ ଅସହାୟ ତାହା ସମସ୍ତେ ଉଣା ଅଧିକେ ଅନୁଭବ କରି ସାରିଥିବେ । କରୋନା ସମୟରେ ବଞ୍ଚିବା ପାଇଁ କେତେ ଯେ କଷ୍ଟ ସାଧାରଣ ଲୋକ କରୁଛନ୍ତି ତାହା ଅନେକ ଅନୁଭବ କରି ପାରିବେ ନାହିଁ । ଅବଶ୍ୟ ଏହି ସମୟରେ ଗଣମାଧ୍ୟମ ଅନେକ ସଚେତନତା ସୃଷ୍ଟି କରିଛନ୍ତି । ଏବଂ ଏହି ସମୟରେ ଅନେକ ଭ୍ରମ ଧାରଣା ମାନ ବି ସୃଷ୍ଟି କରିଛନ୍ତି । ଯେଭଳି କରୋନା ଟୀକାକୁ ନେଇ ଅନେକ ପ୍ରକାର ଭ୍ରାନ୍ତ ଧାରଣା ଲୋକଙ୍କ ମନରେ ସୃଷ୍ଟି କରିଦିଆଯାଇଛି । ଆଜି ସନ୍ଧ୍ୟାରେ ଜନୈକା ବୟସ୍କା ରୋଗୀଙ୍କୁ କରୋନା ଟୀକା କାହିଁକି ନେଇନାହଁ ବୋଲି ପ୍ରଶ୍ନ କରିବାପରେ ସେ କହିଥିଲେ ଯେ ତାଙ୍କ ପୁଅମାନେ ମନା କରିଛନ୍ତି । କାରଣ ଯାହା ବି ହେଉନା କାହିଁକି, ନିଶ୍ଚୟ ଭାବରେ ସେମାନେ ସମସ୍ତେ କିଛି ଭୁଲ ସୂଚନା ପାଇଛନ୍ତି ଯେଉଁଥିପାଇଁ ସେମାନେ ଟୀକାକରଣକୁ ସ୍ୱାଭାବିକ ଭାବରେ ଗ୍ରହଣ କରି ପାରୁନାହାନ୍ତି । ମନେ ରଖନ୍ତୁ, କରୋନା ଟୀକା ଆପଣଙ୍କୁ କରୋନା ରୋଗର ଭୟାବହତାଠାରୁ ଦୂର କରିଥାଏ ଏବଂ ଟୀକା ନେବାପରେ ଆପଣ ଅନେକାଂଶରେ ସୁରକ୍ଷିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇ ପାରନ୍ତି । କରୋନା ଟୀକାର ଆବିଷ୍କାର ଆମ ଦେଶର ସୁଯୋଗ୍ୟ ବୈଜ୍ଞାନିକ ଓ ଚିକିତ୍ସାବିଜ୍ଞାନୀମାନେ କରିଛନ୍ତି । ତଥାପି ରାଜନୈତିକ ଫାଇଦା ହାସଲ କରିବାପାଇଁ ଏହାକୁ ଅପବାଦରେ ଛନ୍ଦିଦେବାର କୁପ୍ରଚେଷ୍ଟା ମଧ୍ୟ ହୋଇଛି । କିଛି ନ୍ୟସ୍ତସ୍ୱାର୍ଥ ରାଜନୈତିକ ଦଳ ଏହାଦ୍ୱାରା ଅନେକ କୁପ୍ରଭାବ ପଡୁଛି ବୋଲି କୁତ୍ସାରଟନା କରି ଗଣମାଧ୍ୟମ ଦ୍ୱାରା ଖବର ପ୍ରସାରଣ କରାଇ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି, ଯେଉଁଥି ପାଇଁ ଦେଶର ଅନ୍ୟୁନ ଚାଳିଶି କୋଟି ଲୋକ ଟୀକା ନେଇଯିବା ପରେ ମଧ୍ୟ ଲୋକଙ୍କ ମନରୁ ଭୟ ଦୂର ହୋଇ ପାରୁନାହିଁ । ଭୟ ଆଦୌ କରନ୍ତୁ ନାହିଁ, ଟୀକା ନିଶ୍ଚୟ ନିଅନ୍ତୁ ।

ବିଗତ ଦିନରେ ଓଡ଼ିଶା ସରକାରଙ୍କ ଦ୍ୱାରା ଚଳିତବର୍ଷର ଦଶମ ଶ୍ରେଣୀର ପରିକ୍ଷାଫଳ ଘୋଷଣା କରାଗଲା । ପ୍ରତିବର୍ଷ ଅନେକ ସରକାରୀ ସ୍କୁଲରେ ସମ୍ପୂର୍ଣ୍ଣ ଶୂନ ଫଳାଫଳ ଆସୁଥିଲା ଏବଂ ପ୍ରତିବର୍ଷ ଶିକ୍ଷାମନ୍ତ୍ରୀଙ୍କୁ ଅପମାନିତ ହେବାକୁ ପଡୁଥିଲା, କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଚଳିତ ବର୍ଷ ଓଡ଼ିଶାରେ ମ୍ୟାଟ୍ରିକ ପରୀକ୍ଷାଫଳ ପାଖାପାଖି ଶତ ପ୍ରତିଶତ ହୋଇଗଲା । ଅର୍ଥାତ କୌଣସି ବି ସ୍କୁଲରେ ଫଳାଫଳ ଖରାପ ହୋଇନାହିଁ । ଯାହେଉ କରୋନା ଦୟାରୁ ଏଥର ଧୁଆମୂଳା ଅଧୁଆମୂଳା ସବୁ ସମାନ ଫଳ ପାଇଗଲେ । ହେଲେ ଅସୁବିଧା ସେତେବେଳେ ଆରମ୍ଭ ହେଲା, ଯେତେବେଳେ ଅନେକ ଛାତ୍ରଛାତ୍ରୀ ନିଜର ପରୀକ୍ଷାଫଳକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଲେ । ପ୍ରତିବର୍ଷ ସରସ୍ୱତୀ ଶିଶୁମନ୍ଦିର ଛାତ୍ରଛାତ୍ରୀମାନେ ମ୍ୟାଟ୍ରିକ୍ ପରୀକ୍ଷାରେ ସର୍ବୋତ୍ତମ ପ୍ରଦର୍ଶନ କରି ଆସୁଛନ୍ତି ହେଲେ ଚଳିତ ବର୍ଷ ଅନେକ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରଛାତ୍ରୀଙ୍କୁ ଅପେକ୍ଷାକୃତ କମ ଅଙ୍କ ମିଳିଥିବାର ଅଭିଯୋଗ ଆସିଥିଲା । ଏଥିରେ ହତୋତ୍ସାହିତ କିଛି ଛାତ୍ରଛାତ୍ରୀ ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କ ପ୍ରତି ଅତ୍ୟନ୍ତ ଅଶାଳୀନ ଆକ୍ଷେପ କରିବାକୁ ପଛାଇ ନଥିଲେ । ସଂସ୍କାର ଓ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାୟିତ୍ୱବୋଧ ନଥିବା ଭଳି ମନ୍ତବ୍ୟ ଦେଇ ସେଇ ଛାତ୍ରଛାତ୍ରୀମାନେ ଗଣମାଧ୍ୟମ ସମେତ ସୋସିଆଲ୍ ନେଟୱର୍କ୍‌ରେ ମଧ୍ୟ ଅପମାନିତ ହେଲେ । ଅନେକେ ସେମାନଙ୍କୁ ତଥା ସେମାନଙ୍କ ଅଭିଭାବକ ମାନଙ୍କୁ ଗାଳି ଦେବାକୁ ପଛାଇଲେ ନାହିଁ । ବସ୍ତୁତଃ ନିଜର ପରୀକ୍ଷାଫଳରେ ଅସନ୍ତୁଷ୍ଟ କିଛି ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଗଣମାଧ୍ୟମରେ ସରକାରୀ ବନାମ ବେସରକାରୀ ସ୍କୁଲ୍ ମଧ୍ୟରେ ଏକ ପ୍ରତିଦ୍ୱନ୍ଦିତା ମୂଳକ ଅଘୋଷିତ ଯୁଦ୍ଧରେ ପରିଣତ ହୋଇଗଲା । ଦେଖୁ ଦେଖୁ ଅନେକ ବ୍ୟକ୍ତି "ମୁଁ ସରକାରୀ ସ୍କୁଲରେ ପଢିଛି, ମୁଁ ଗର୍ବିତ" ବୋଲି ଲେଖି ପୋଷ୍ଟମାନ କରିବାକୁ ଲାଗିଲେ । ଏଭଳି ଏକ ପରିସ୍ଥିତି ସୃଷ୍ଟି କରିଦିଆଗଲା ଯେ ସତେ ଯେମିତି ଯେଉଁମାନେ ସବୁ ବେସରକାରୀ ସ୍କୁଲରେ ପଢ଼ନ୍ତି ସେମାନେ ସବୁ ଅହଂକାରୀ ଓ କୁସଂସ୍କାରୀ ଭାବରେ ଦର୍ଶାଇବାକୁ ସମସ୍ତେ ଲାଗିପଡ଼ିଲେ । ଯେଉଁ ସବୁ ବନ୍ଧୁମାନେ ଲେଖିଥିଲେ ଯେ ସେମାନେ ସରକାରୀ ସ୍କୁଲରେ ପଢ଼ି ଗର୍ବିତ ବୋଲି, ସେମାନେ ହେବା ଉଚିତ ମଧ୍ୟ, କାରଣ ଆଜି ଯଦି ସେମାନେ ନିଜ ଜୀବନରେ ତଥା ସମାଜରେ କିଛି ସ୍ଥାନ ପାଇଛନ୍ତି ସେଥିରେ ସେଇ ସବୁ ସ୍କୁଲର ଶିକ୍ଷକମାନଙ୍କ ଆନ୍ତରିକ ଉଦ୍ୟମ ନିଶ୍ଚୟ ରହିଛି, କିନ୍ତୁ ସେମାନଙ୍କ ଭିତରୁ ଅନେକ ବନ୍ଧୁ ନିଶ୍ଚୟ ଏମିତି ଥିବେ ଯେଉଁମାନଙ୍କ ପିଲାମାନେ ବେସରକାରୀ ସ୍କୁଲରେ ପଢୁଥିବେ । ହୁଏତ ସେମାନଙ୍କ ସମୟରେ ସାମର୍ଥ୍ୟ ଓ ସୁଯୋଗ ଥିଲେ ସେମାନେ ମଧ୍ୟ ବେସରକାରୀ ସ୍କୁଲକୁ ହିଁ ବାଛିଥାନ୍ତେ । ଯାହା ଆଜିର ଦିନରେ ହେଉଛି । କେବଳ ଯେ ଅର୍ଥଥିଲେ ହିଁ ଜଣେ ବେସରକାରୀ ସ୍କୁଲକୁ ଚୟନ କରୁଛି ତା ନୁହେଁ । ବିଗତ ଅନେକ ଦଶନ୍ଧିର ମ୍ୟାଟ୍ରିକ ପରୀକ୍ଷାଫଳ କୁ ଦେଖିଲେ ଏହା ସହଜରେ ଜାଣିହୁଏ ଯେ ବେସରକାରୀ ସ୍କୁଲମାନେ ବହୁତ ଭଲ ଫଳ ଦେଇ ଆସିଛନ୍ତି । ହୁଏତ ଏଥିପାଇଁ ସେହି ସବୁ ସ୍କୁଲର ଶିକ୍ଷାବ୍ୟବସ୍ଥା ଭଲ ହୋଇପାରେ କିମ୍ବା ଅନୁଶାସନ କିମ୍ବା ଅନ୍ୟ କିଛି । ଯାହା ବି ହେଉ, ଆମ ପିଲାମାନେ ଯଦି ଭଲ ଅଙ୍କ ରଖି ପାସ କରିବେ ଏବଂ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଠପଢ଼ିବାରେ କୌଣସି ଅସୁବିଧା ନ ଭୋଗିବେ ତା ହେଲେ ବେସରକାରୀ ସ୍କୁଲରେ ପଢ଼ାଇବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଗତ ଅନେକ ବର୍ଷରେ ସରକାରୀ ସ୍କୁଲର ଅବସ୍ଥା ଖରାପରୁ ଅଧିକ ଖରାପ ଆଡ଼କୁ କାହିଁକି ଗତି କରିଛି ତାହା ସମସ୍ତେ ଚିନ୍ତା କରି ଦେଖିବା ଉଚିତ । କାହିଁକି ନୂତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଯୁକ୍ତି ନ କରାଯାଇ ଶିକ୍ଷା ସହାୟକ ଭଳି ପଦବୀ ସୃଷ୍ଟି କରାଗଲା, କାହିଁକି ଶିକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଗଲା ନାହିଁ, କାହିଁକି ବେସରକାରୀ ସ୍କୁଲ ଭଳି ସରକାରୀ ସ୍କୁଲର ଶିକ୍ଷକ ନିଯୁକ୍ତି ଚୟନ ପ୍ରକ୍ରିୟା କଠୋର ହେଲାନାହିଁ, ଏ ସବୁ ବିଷୟ ବି ଚିନ୍ତା କରିବା ସମୟ ଆସିଛି ।

ବିଗତ ଦୁଇ ଦଶନ୍ଧିରେ ଯେତେବେଳେ ଗାଁ ଗାଁରେ କମିଟି ଗଠନ କରାଯାଇ ବେସରକାରୀ ସ୍କୁଲ ସବୁ ଖୋଲାଯାଇଥିଲା, ସେଥିରେ ଶିକ୍ଷାଦାନ କରିବା ଦାୟିତ୍ୱ ସେହି ଗାଁ ମାନଙ୍କରେ ଥିବା ଯୁବଗୋଷ୍ଠୀଙ୍କୁ ମିଳିଥିଲା, ସେମାନଙ୍କ ମୁଖ୍ୟ ଲକ୍ଷ୍ୟଥିଲା ସେଇ ସବୁ ସ୍କୁଲକୁ ସରକାର ନିଜ ଅକ୍ତିଆର କୁ ନେଇ ଯାଆନ୍ତୁ, ଏବଂ ସେଭଳି ହୋଇଥିଲା ମଧ୍ୟ । ତେଣୁ ସେଇ ସବୁ ସ୍କୁଲରେ ଯେଉଁମାନେ ଶିକ୍ଷକ ଭାବରେ ନିଯୁକ୍ତି ପାଇଥିଲେ ସେମାନେ ଯୋଗ୍ୟତା ଭିତ୍ତିରେ ପାଇଥିଲେ ନା ଖୋସାମତ କରି ପାଇଥିଲେ ତାହା ସହଜରେ ଅନୁମେୟ । ସେହି ସବୁ ସ୍କୁଲରେ ପରୀକ୍ଷାଫଳ ଭଲ ନ ହେଲେ ସେଥିପାଇଁ ଦୋଷ କାହାକୁ ଦେବା ? ଏଭଳି ଅନେକ ଅବ୍ୟବସ୍ଥା ଭିତରେ ସରକାରୀ ସଂସ୍ଥାଦ୍ୱାରା ପରିଚାଳିତ ସ୍କୁଲମାନଙ୍କରେ ପରୀକ୍ଷାଫଳ ବର୍ଷପରେ ବର୍ଷ ଖରାପରୁ ଅତି ଖରାପ ହେବାକୁ ଲାଗିବା ସତ୍ତ୍ୱେ ପ୍ରତିବର୍ଷ କେବଳ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ, ସ୍କୁଲ ବନ୍ଦ ହେବ ଇତ୍ୟାଦି ଧମକ ଦେବାପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ହେତୁ ସେହି ସବୁ ସ୍କୁଲରେ ଶିକ୍ଷକମାନେ ଆଉ ଶିକ୍ଷାଦାନ ପ୍ରତି ଗମ୍ଭୀରତା ଦେଖାଇଲେ ନାହିଁ, ଯାହାର ଫଳ ପ୍ରତିବର୍ଷ ଆମ୍ଭେ ଦେଖି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆସୁଥିଲେ । ଧନ୍ୟ କହିବ, କରୋନା ମହାମାରୀକୁ, ଏହାର ଦୟାରେ କିନ୍ତୁ ଚଳିତ ବର୍ଷ ସମସ୍ତ ବିଦ୍ୟାଳୟ ବହୁତ ଭଲ ପ୍ରଦର୍ଶନ କରିଛନ୍ତି । କେଜାଣି କେମିତି ? ବେସରକାରୀ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନେ ଅନଲାଇନ୍ ମାଧ୍ୟମରେ କ୍ଲାସ୍ କରି ପରୀକ୍ଷା ଆଦି ଦେଇ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ସରକାରୀ ବିଦ୍ୟାଳୟରେ ଏଭଳି ବ୍ୟବସ୍ଥା ନଥିଲା । ସରକାର କେବଳ ଦୁରଦର୍ଶନ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା କରିଥିଲେ । ଏହା କେତେଦୁର ପ୍ରଭାବୀ ତାହା ଅନୁଭବି ଅଭିଭାବକ ମାନେ ଜାଣିଥିବେ । ସେ ଯା ହେଉ, କରୋନା ଦୟାରୁ ଯେଉଁସବୁ ଶିକ୍ଷାର୍ଥୀମାନେ ଚଳିତ ବର୍ଷ ମ୍ୟାଟ୍ରିକ ପାସ୍ କରିଛନ୍ତି ସେମାନେ ଏବେ କେଉଁଠି ଯୋଗ ଦେବେ ତାହା ଦେଖିବାକୁ ରହିଲା କାରଣ ଶୁଣାଯାଉଛି ପାଖାପାଖି ସାଢ଼େ ଚାରିଲକ୍ଷ ସିଟ୍ ଥିବା ବେଳେ ଚଳିତ ବର୍ଷ ଛଅ ଲକ୍ଷରୁ ଅଧିକ ଶିକ୍ଷାର୍ଥୀ ପାସ୍ କରିଛନ୍ତି ।

ଭାରତୀୟ ରାଜନୀତିରେ ବର୍ତ୍ତମାନ ଏକ ଏମିତି ସମୟ ଆସିଛି, ଯେତେବେଳେ ଆଞ୍ଚଳିକ ଦଳ ଓ ରାଜନୈତିକ ଦଳମାନଙ୍କ ମଧ୍ୟରେ ବୈଷମ୍ୟତା ବହୁତ ମାତ୍ରାରେ ବଢ଼ିଯାଇଛି । ବିଗତ ସପ୍ତାହରେ ଭାରତ ସରକାରରେ ସମ୍ମିଳିତ ସମସ୍ତ ରାଜନୈତିକ ଦଳଙ୍କୁ ଏକତ୍ରିତ କରିବାପରେ ପ୍ରଧାନମନ୍ତ୍ରୀ ମନ୍ତ୍ରୀମଣ୍ଡଳରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି । ଏହାକୁ ନେଇ ମଧ୍ୟ ଅନେକ ଚର୍ଚ୍ଚା ଲାଗିରହିଛି । ଯାହା ହେଉ ଆମକୁ ଦେଶର ଉନ୍ନତି ଏବଂ ସାଧାରଣ ଜନତାଙ୍କ ସୁଖସୁବିଧା ବିଷୟରେ ସଚେତନ ସରକାର ଆବଶ୍ୟକ ।

ମହାପ୍ରଭୂ ଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ସମସ୍ତଙ୍କୁ ସୁସ୍ଥ ରଖନ୍ତୁ । ଆଶା କରୁଛି ଏହି ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୧୧

ମୌଲୀ ଏବେ ପାଓଲି ଆଉ ସପନବାବୁ ସାଙ୍ଗହୋଇ ସୁନ୍ଦରବନରେ ବହୁତ ସମୟରେ ବୁଲନ୍ତି । ବୁଲିବାଟା ସୁନ୍ଦରବନର ଗାଁମାନଙ୍କରେ । ଏ ପର୍ଯ୍ୟନ୍ତ ପାଓଲିଙ୍କ ମନରେ ଆଲେୟା ଆଉ ବାଘ କଥା ଘୁରି ବୁଲୁଛି । ଏମିତି ବୁଲୁବୁଲୁ ଆଉ ଲୋକମାନଙ୍କ ସହ କଥାହେଉ ହେଉ ସେମାନଙ୍କୁ ଏକ ବଡ଼ ତଥ୍ୟ ମିଳିଥିଲା । ବାଘ ମହୁ ଖାଏ ।

କଥାଟା ମୋଟେ ବିଶ୍ୱାସଯୋଗ୍ୟ ନଥିଲା । ବାଘ କେମିତି ମହୁ ଖାଇବ ? ବିଷୟଟା ରାଖାଲ କହିଥିଲା । ରାଖାଲ ଜଣେ ମହୁ ସଂଗ୍ରହକାରୀ ଆଉ ସୁନ୍ଦରବନ ବିଷୟରେ ତା'ର ଭଲ ଜ୍ଞାନ ଅଛି । ସପନବାବୁ ଅନେକ ତଥ୍ୟ ତାଙ୍କଠାରୁ ସଂଗ୍ରହ କରିଥିଲେ । ତେଣୁ ସେ ଯେତେବେଳେ କହିଲା ବାଘ ମହୁ ଖାଏ, କଥାରେ କିଛି ଅବିଶ୍ୱାସ କରିବାର ନଥିଲା ।



ଅଶୋକ ବିଶ୍ୱାଳ

"ଗଛରେ ମହୁଫେଣା । ତା'ପରେ ପୁଣି ବାଘୁଆ କଳା ମହୁମାଛି । ନାହୁଡ ମାରିଦେଲେ ଜୀବନ ଚାଲିଯିବ । ଏକ ବାଘ ପୁଣି କେମିତି ମହୁ ଫେଣା ଭାଙ୍ଗି ଖାଇବ ?"- ପାଓଲି ପଚାରିଲେ । ସପନବାବୁଙ୍କର ମନରେ ସେହି ପ୍ରଶ୍ନ ଥିଲା । ମହୁମାଛି ସହଜରେ କାହାକୁ ପାଖକୁ ପୂରାଇବେ ଦେବେନି । ଫେଣାଭାଙ୍ଗିଲେ ସେମାନେ ତୀବ୍ର ଆକ୍ରମଣ କରିବେ । ବାଘ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉ କି ହାତୀ ହେଉ ମହୁମାଛି ସମସ୍ତଙ୍କୁ ତଡିବ । ଏଣୁ ବାଘ ମହୁଫେଣା ଭାଙ୍ଗି ମହୁ ଖାଇବାଟା ଟିକିଏ ଅସ୍ୱାଭାବିକ ଜଣା ପଡୁଥିଲା ।

"କିନ୍ତୁ କେମିତି ?"- ପ୍ରଶ୍ନ ପୁଣି ସପନବାବୁଙ୍କ ମୁହଁରୁ ବାହାରି ଆସିଲା ।

ରାଖାଲ ଟିକିଏ ହସିଲା । ତା'କୁ ଜଣାଥିଲା ଯେ କଲିକତାର ଭଦ୍ରମହିଳା ଆଉ ଭଦ୍ରଲୋକ ଏକଥା ମୋଟେ ବିଶ୍ୱାସ କରିବେନି । ସେମାନେ ବାଘ ଆଉ ସୁନ୍ଦରବନ ଭିତରେ ରହିଥିବା ସମ୍ବନ୍ଧକୁ ବୁଝିପାରିବେ ନାହିଁ । ସୁନ୍ଦରବନକୁ ଜାଣିବାକୁ ହେଲେ ସୁନ୍ଦରବନରେ ବୁଲିବାକୁ ପଡିବ, ସୁନ୍ଦରବନରେ ରହିବାକୁ ପଡିବ ଆଉ ଲୋକମାନଙ୍କ ସହ ବସାଉଠା କରିବାକୁ ହେବ । ସପନବାବୁ ତ କିଛି ବୁଲିଛନ୍ତି । ତଥାପି ତାଙ୍କର ଅଭିଜ୍ଞତା ଯଥେଷ୍ଟ ନୁହେଁ ।

"ସୁନ୍ଦରବନର ବାଘ କାଦୁଅରେ ଗଡେଇ ତଡେଇ ହୁଏ । ଦେହରେ କାଦୁଅର ଏକ ବହଳ ପରସ୍ତ ବସିଯାଏ । କାଦୁଅ ଶୁଖିଗଲେ ବାଘ ଗଛ ଚଢି ମହୁଫେଣା ଭାଙ୍ଗେ ଆଉ ମହୁ ଖାଏ ।" – ରାଖାଲ ଅତି ସାଧାରଣ ଭାବେ କଥାଟା କହିଲା ।

"କଣ କହୁଛନ୍ତି ! ବାଘର ପୁଣି ଏତେ ଜ୍ଞାନ ?"- ସପନବାବୁ କହିଲେ ।

ପାଓଲି ବାଘକୁ ଏତେ ଚତୁର ବୋଲି ଭାବିନଥିଲେ । ବାଘ ଅନ୍ୟ ଶିକାର ବେଶ ଚାଲାକିରେ କରେ । ସେଇଟା ଛପିକରି ହଠାତ୍ ଆକ୍ରମଣ । କିନ୍ତୁ କାଦୁଅରେ ଗଡି ନିଜ ଉପରେ ଏକ ସାଞ୍ଜୁ ଲଗାଇବା ତାଙ୍କର ଭାବନାର ବାହାରେ ଥିଲା । ଏ ବାଘଗୁଡା ତାହେଲେ ବେଶ ଚାଲାକ୍ । ବହୁତ କିଛି ନିଜ ଅଭିଜ୍ଞତାରୁ ଶିଖିନେଇଛନ୍ତି । ବାଘ କାଦୁଅର ଏକ ସାଞ୍ଜୁ ଲଗାଇବାହେତୁ ମହୁମାଛିମାନେ ଆକ୍ରମଣ କରିପାରୁ ନଥିବେ । ସେମାନଙ୍କ ନାହୁଡ କାଦୁଅର ପରସ୍ତ ଭେଦକରି ବାଘ ଦେହରେ ପହଞ୍ଚିପାରୁ ନଥିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ସୁନ୍ଦରବନର ବାଘପରା ସବୁଠାରୁ ଚାଲାକ ଜନ୍ତୁ । ଚାଲାକିରେ ତା'କୁ କେହି ବଳିବେନି ।"- ରାଖାଲ କହିଲା ।

ପାଓଲି ସପନବାବୁଙ୍କୁ ଅନାଇଲେ । ଏମିତି ଏକ ଚତୁର ଜନ୍ତୁ ବିଷୟରେ ତାଙ୍କୁ ଜାଣିବାକୁ ଇଚ୍ଛାଥିଲା ।

"ଆପଣପରା ମହୁ ସଂଗ୍ରହ କରିବାକୁ ଯାଆନ୍ତି ?"- ପାଓଲି ରାଖାଲଙ୍କୁ ପଚାରିଲେ । ମହୁ ସଂଗ୍ରହର ଅଭିଜ୍ଞତା ପରେ ବାଘର ଚାଲାକି ଭଲଭାବେ ବୁଝିହେବ । ତାଙ୍କର ଜାଣିବାରେ ବାଘୁଆ ମହୁମାଛିମାନେ ଅତି ଭୟଙ୍କର । ତାହେଲେ ଏ ଲୋକମାନେ କେମିତି ଏକ ଚତୁର ଜନ୍ତୁର ଅଞ୍ଚଳରୁ ମହୁ ଚୋରାଇ ଆଣନ୍ତି ? ବାଘ ବା ମହୁମାଛି କିଛି କରିପାରେ ନାହିଁ ।

ରାଖାଲ ମୁଣ୍ଡ ହଲାଇଲା । ଆଉ କିଛି ଦିନପରେ ମହୁ ସଂଗ୍ରହ ଆରମ୍ଭ ହୋଇଯିବ । ସୁନ୍ଦରବନରେ ଲୋକମାନେ ବ୍ୟସ୍ତ ହୋଇଯିବେ ।

"ବାଘକୁ ଡର ଲାଗେନା ?"- ପାଓଲି ପଚାରିଲେ ।

"ବାଘ ବଶୀକରଣ ମନ୍ତ୍ର ଅଛି । ରକ୍ଷାର ରେଖାକୁ ଡେଇଁ ବାଘ ଆସିପାରିବନି ।"- ରାଖାଲ କହିଲା ।

ବାଘର ପୁଣି ବଶୀକରଣ ମନ୍ତ୍ର ଅଛି ନା କଣ ? ପାଓଲି ଭାବୁଥିଲେ । ଏ ପର୍ଯ୍ୟନ୍ତ ସେ ବନବିବି ବିଷୟରେ ଜାଣିଥିଲେ । ବନବିବିଙ୍କର ସୁରକ୍ଷାରେ ଜଙ୍ଗଲରୁ ଜଣେ ନିରାପଦରେ ଫେରି ଆସିବ । କିନ୍ତୁ ରାଖାଲ କିଛି ଭିନ୍ନ କଥା କହୁଛନ୍ତି । କୁହାଯାଏ ବୌଲିମାନେ କିଛି ବଶୀକରଣ ଜାଣିଛନ୍ତି । ବୌଲି ତ କାଠ କଟାଳୀ । ସେମାନେ ବୋଧହୁଏ କିଛି ମନ୍ତ୍ର ତନ୍ତ୍ର ଜାଣିଛନ୍ତି । କୁହାଯାଏଗୁଣୀଆମାନେ ବହୁତ ନିତି ନିୟମ ମାନନ୍ତି । କିନ୍ତୁ କଥାଟା କିଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜାଣିଛି ? ଅନେକ ମନେ କରନ୍ତି ବାଘର କିଛି ବଶୀକରଣ ମନ୍ତ୍ର ନାହିଁ । କିନ୍ତୁ ଏ କାଠ କଟାଳୀ(ବୌଲୀ ବା ବୌଲେ) ଆଉ ମହୁ ସଂଗ୍ରହକାରୀ(ମୌଲୀ ବା ମୌଲେ)ମାନେ ବାଘ ବଶୀଭୂତ ହୁଏ ବୋଲି ବିଶ୍ୱାସ କରନ୍ତି । ଏ ଲୋକଗୁଡା ବର୍ଷସାରା କିଛି ନା କିଛି କାମରେ ଜଙ୍ଗଲ ଯାଆନ୍ତି । କଙ୍କଡା ଧରିବା ପାଇଁ ବା ମାଛ ଧରିବା ପାଇଁ ସବୁବେଳେ ସୁଯୋଗ ଖୋଜନ୍ତି । ବୈଶାଖ ମାସରେ ମହୁପାଇଁ ଜଙ୍ଗଲ ଯାଆନ୍ତି । ଏଣୁ ଏମାନଙ୍କର ଜଙ୍ଗଲ ଉପରେ ଜ୍ଞାନ ବହୁତ ।

"ବାଘ ପୁଣି ମନ୍ତ୍ରରେ ବଶ ହୁଏ ? ବଡ଼ ଆଶ୍ଚର୍ଯ୍ୟ କଥ । ।"- ସପନବାବୁ କହିଲେ । ସେ ଏତେ ବୁଲିଛନ୍ତି କିନ୍ତୁ ବଶୀକରଣ କଥାଟା ଶୁଣି ନଥିଲେ । ବଶୀକରଣ ମଣିଷପାଇଁ ହୁଏ । ବାଘ ଭଳିଆ ଭୟଙ୍କର ଜୀବପାଇଁ କିଛି ବଶୀକରଣ ଉପାୟ ଅଛି ନା କଣ ?

"ଆପଣ ସେ କଥାଟା ଜାଣି ନାହାନ୍ତ ନା କଣ ?ବାଘ ବଶୀକରଣ, ଜଙ୍ଗଲ ବନ୍ଧନ ମନ୍ତ୍ର ପରା ଅଛି ।"- ରାଖାଲ କହିଲା । ସେ ଆଖି ବନ୍ଦ କରି କିଛି ଶବ୍ଦ ଉଚ୍ଚାରଣ କରୁଥିଲା ।

ପୂର୍ବେ ଡାକ, ପଶ୍ଚିମେ ଡାକ, ଉତ୍ତରେ ଡାକ, ଦକ୍ଷିଣେ ଡାକ

ଆମାର ଏଇ ଡାକେର ମଧେ ଯେ କରିବି ଘା

. . .

ରାଖାଲ ସାମାନ୍ୟ ଗୁଣୁଗୁଣୁ ହେଉଥିଲା, କିନ୍ତୁ ସପନବାବୁ କିଛିଟା ଶବ୍ଦ ଶୁଣିନେଲେ । ରାଖାଲର ମନ୍ତ୍ର ଶୁଣିବା କଥାନୁହେଁ । ଏଇଟା ଜଙ୍ଗଲ ମଧ୍ୟ ନୁହେଁ । କିନ୍ତୁ ସେ କଥା ଆରମ୍ଭ ଆଗରୁ କେଇଟା ଶବ୍ଦ ଉଚ୍ଚାରଣ କରିଥିଲା । ସପନବାବୁ ଆଉ କିଛି ପଚାରିଲେ ନାହିଁ । ରାଖାଲ ପୁରା କାହାଣୀଟା ସଂକ୍ଷେପରେ କହିଲା ।

ବିନୋଦକୁ ବାଘ ବଶୀକରଣ ଭଲଭାବେ ଜଣାଥିଲା । ଗର୍ଜ୍ଜନତୋଳା ଅଞ୍ଚଳରେ କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଡ଼ କାଠ ପଡିଥିବାର ଖବର ଆସିଲା । ତା'କୁ ସଂଗ୍ରହ କରିବାପାଇଁ ସେମାନେ ଡଙ୍ଗାନେଇ ବାହାରିଗଲେ । ସଂନ୍ଧ୍ୟାସୁଦ୍ଧା ସେମାନେ କେଦୋଖାଲି ପହଞ୍ଚିଗଲେ । କେଦୋଖାଲି ଦକ୍ଷିଣକୁ ସବୁଠାରୁ ବଡ଼ ଦ୍ୱୀପ । ସେଇଟା ମଧ୍ୟ ଦକ୍ଷିଣ ରାୟର ଆବାସ ସ୍ଥାନ । ଏକ ସୁବିଧାଜନକ ନାଳଦେଖି ଡଙ୍ଗାକୁ ରଖି ଦିଆଗଲା । ସେଇଠୁ ସମୁଦ୍ରର ଢେଉ ଡଙ୍ଗାର କ୍ଷତି କରିପାରିବ ନାହିଁ । ଅନ୍ୟମାନେ ଡଙ୍ଗାକୁ ମଧ୍ୟ ଦେଖି ପାରିବେ ନାହିଁ । କୂଳରେ ଜଣେ ଲୋକ କାଠ କାଟି ନିଆଁ ଲଗାଇଲା । କିଏ ଜଣେ ଜୋରରେ ପାଟିକଲା ପରି ଶୁଣାଗଲା- ସେ ଲୋକକୁ ମୋତେ ଦିଅ । ସେ ମୋତେ ଜଳାଉଛି । ସେ ଦିଗକୁ ଅନାଇବାରୁ ଦେଖାଗଲା କିଏ ଗୋଟାଏ ଛାଇ ଭଳିଆ େମୌଳବସିଛି । ତା'ର ଲମ୍ବା ହାତ ଡଙ୍ଗା ଆଡକୁ ବଢି ଆସୁଛି ।

ବିନୋଦ ଏମିତି କେତେ ଆତ୍ମା ଆଉ ଆକାର ଜଙ୍ଗଲରେ ଦେଖିଥିଲା । ବିନୋଦ କହିଲା – ଏ ଲୋକ ମୋ ସହ ଆସିଛି । ତେଣୁ ମୁଁ ତା'କୁ ଦେଇ ପାରିବି ନାହିଁ । କିନ୍ତୁ ସେହି ଆକାର ମୋଟେ ଗଲାନି । ତେଣୁ ବିନୋଦ ଏକ ମାଟି ଘଟ ନେଇ ତା'କୁ ଗାମୁଛାରେ ଘୋଡାଇ ଦେଲା । ତାପରେ କିଛି ମନ୍ତ୍ର ପଢିଲା । ସେ ଆକାରଟା କୁଆଡେ ଉଭେଇଗଲା । ସେ ଛୋଟ ଘଟ ଭିତରେ ଏକ ବାଲି ଗରଡା ପଡିଥିଲା ।ବିନୋଦ ମନ୍ତ୍ର ପ୍ରଭାବରେ ସେ ଆକାରକୁ ବାଲି ଗରଡାରେ ପରିଣତ କରି ଦେଇଥିଲା ।

ସକାଳେ କୁହୁଡି କୁଆଡୁ ମାଡି ଆସିଲା । ଜୋରରେ ପବନ ବୋହିଲା । ସେମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗକଲେ । ସେମାନଙ୍କର ଦୁଇଟା ଡଙ୍ଗା ଭାଙ୍ଗିଗଲା । କିଛି ରାତିପରେ କିଏ କହିବାର ଶୁଣାଗଲା- ମୋତେ ଛାଡିଦିଅ । କିନ୍ତୁ ପ୍ରତିଥର ବିନୋଦ କହୁଥିଲା- ପ୍ରଥମେ ଆମକୁ ଘରେ ନିରାପଦରେ ପହଞ୍ଚାଅ । ଦୁଇ ସପ୍ତାହପରେ ସେମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁବିଧା ଯାଗାରେ ପହଞ୍ଚିଲେ । ଆଉ ବିନୋଦ ନିଜ କଥା ହିସାବରେ ସେହି ବାଲି ଗରଡାକୁ ପାଣିରେ ଫୋପାଡି ଦେଲା । କିଏ କହିଥିବାର ଶୁଣାଗଲା- ଏଥର ତୁମେ ରକ୍ଷା ପାଇଗଲ । ଆଗକୁ ତୁମେ ମୋଠାରୁ ରକ୍ଷା ପାଇବନି । ମୁଁ ନିଜେ ଦକ୍ଷିଣ ରାୟ । କେହି ମୋ କୋପରୁ ରକ୍ଷା ପାଇ ନାହାନ୍ତି । ସେମାନଙ୍କ ଦେହ ବରଡାପତ୍ର ଭଳି ଥରୁଥିଲା । କିନ୍ତୁ ମନ୍ତ୍ର ପ୍ରଭାବରେ ସେମାନେ ରକ୍ଷା ପାଇଯାଇଥିଲେ ।

କଥାଟା ବେଶ ଲମ୍ବା ଥିଲା ।କିନ୍ତୁ ସବୁବେଳେ ଭିନ୍ନ ଭିନ୍ନ ବିପଦରେ ବିନୋଦର ମନ୍ତ୍ର ଦକ୍ଷିଣ ରାୟର କୋପରୁ ଲୋକଙ୍କୁ ରକ୍ଷା କରିଥିଲା । ଜଙ୍ଗଲରୁ ଗୋଲପତା କାଟିବା ହେଉ ବା ଅନ୍ୟ କିଛି କରିବା ହେଉ ଦକ୍ଷିଣ ରାୟ କୋପ କରେ । କିନ୍ତୁ ବିନୋଦ ମନ୍ତ୍ର ପ୍ରଭାବରେ ଦକ୍ଷିଣ ରାୟକୁ ବଶ କରି ନିଜର କାମ ସଂମ୍ପାଦନ କରେ । ଲୋକଙ୍କର କିଛି କ୍ଷତି ହୁଏନା ।

କଥାଟା ଏଇଆ ଦର୍ଶାଉଥିଲା ଯେ ଦକ୍ଷିଣ ରାୟକୁ ମନ୍ତ୍ର ପ୍ରଭାବରେ ବଶ କରାଯାଇପାରେ । ଏଇଟା ବୋଧହୁଏ ଲୋକ ବିଶ୍ୱାସ ।

“ଆପଣ ଆମ ଗାଁକୁ ଆସନ୍ତୁ ।”- ରାଖାଲ ସେମାନଙ୍କୁ ନିମନ୍ତ୍ରଣ କଲା ।

କିନ୍ତୁ ପାଓଲିଙ୍କୁ ଆସି ପାରିଲେ ନାହିଁ । ସେ ଫେରିଗଲେ । ସପନବାବୁ କିଛିଦିନ ପାଇଁ ରହିବେ । ବାଘ ବିଷୟରେ ଏକ ନୂଆ ଦିଗରଅଧ୍ୟୟନ କରିବେ । ସୁନ୍ଦରବନରେ ନିରନ୍ତର ଘଟୁଥିବା ଏକ ମହତ୍ୱପୂର୍ଣ ବିଷୟ ସେ ନିଜ ଆଖିରେ ଦେଖିବେ । ଗାଁରୁ କିଛି ଲୋକ ମହୁ ସଂଗ୍ରହ କରିବାକୁ ବାହାରୁଥିଲେ ।

ବୈଶାଖ ଆସି ହେଲାଣି । ଖରା ଟାଣ ହୋଇଆସିଲାଣି । ଏ ସମୟଟା ମହୁ ସଂଗ୍ରହପାଇଁ ବେଶ ଭଲ ସମୟ। ମୌଲିମାନେ ବହୁତ ବ୍ୟସ୍ତ ହୋଇଉଠିଲେଣି । ସୁନ୍ଦରବନ ଅଞ୍ଚଳରେ ମହୁ ସଂଗ୍ରହକାରୀମାନଙ୍କୁ ମୌଲି କୁହନ୍ତି । ଆଉ ବିଳମ୍ବକରିବାଟା ଭଲ ହେବନି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

। ଏ ବର୍ଷ ସୁନ୍ଦରବନରେ ଭଲ ଫୁଲ ହୋଇଛି । ପାଗ ମଧ୍ୟ ଭଲ । ଏଣୁ ସେମାନେ ତରତର ହେଉଥିଲେ । ଯେଉଁଠି ଦେଖ ସେହି ଗୋଟିଏ କଥା । କେବେ ମହୁ ସଂଗ୍ରହ କରିବାକୁ ଯିବା । ସବୁ ଗାଁରେ ଡଙ୍ଗାମାନ ସଜ ହେଲାଣି । ଏ ଖବରଟା ଆଉ କଣ ଛପି ରହିଥାନ୍ତା ?

ସପନବାବୁ ରାଖାଲର ମୌଲିଦଳସହ ସାକ୍ଷାତ କଲେ । ତାଙ୍କର ଗାଁମାନଙ୍କରେ ଭଲ ପରିଚୟ ଥଲା । ସେ ମହୁସଂଗ୍ରହର ଅଭିଜ୍ଞତା ନେବାକୁ ଚାହୁଁଥିଲେ । ଏ ପ୍ରଥାଟା ପ୍ରାୟ ଏକା ଭଳିଆ ଡଙ୍ଗାରେ ଆଠ ଦଶ ଦିନପାଇଁ ପାଣି ଆଉ ରେସନ ରଖାଯିବ । ଦଳରେ ପ୍ରାୟ ୫ ରୁ ୭ ଜଣ ଲୋକ ରହିବେ । ଏ ଡଙ୍ଗାଗୁଡାକ ଛୋଟ ଡଙ୍ଗା । ସରୁଆ, ସବୁ ପାଣି ଭିତରକୁ ଚାଲିଯିବ । ଡଙ୍ଗାରେ ପାତଳିଆ ଆହୁଲାସବୁକୁ ଭଲ ଭାବରେ ପରଖାଗଲା । ଡଙ୍ଗାକୁ କେଉଁଠି କେଉଁଠି ମରାମତି କରିଦିଆଗଲା ।

ସପନବାବୁଙ୍କ ଦଳରେ ୬ ଜଣ ଲୋକଥିଲେ । ସପନବାବୁ ସେମାନଙ୍କ ସହ ମିଳିଗଲେ । ଅନେକ ଆଖି ଏତେ ବଡ଼ ହୋଇଯାଇଥିଲା ।କିନ୍ତୁ କେହି ମନା କଲେନି । ରାଖାଲ ସମସ୍ତଙ୍କୁ ବୁଝାଇ ଦେଇଛନ୍ତି ।

"ବାବୁ ଆପଣ ବାଘ କଥା ଜାଣିଛନ୍ତି ନା ?"- ଏହି ଏକମାତ୍ର ପ୍ରଶ୍ନ ।

"ମହୁ ସଂଗ୍ରହ ଖାଲି ମହୁଫେଣା ଭାଙ୍ଗି ମହୁ ଆଣିବା ନୁହେଁ । ଏହା ହେଉଛି ବାଘ ସହ ଏକ ବଡ଼ ଲଢେଇ ।"– ଦଳର ଜଣେ ବୟସ୍କ ବ୍ୟକ୍ତି କହିଲେ ।

ସପନବାବୁ ସୁନ୍ଦରବନରେ ଏତେ ଦିନ କଟାଇଛନ୍ତି । କିନ୍ତୁ ଏ ଛୋଟ ଡଙ୍ଗାରେ ଭିତରକୁ ଯିବା ତାଙ୍କ ପାଇଁ ପ୍ରଥମ । ଏ ଡଙ୍ଗାଗୁଡାକ ପାଣିଖାଲର ଭିତରକୁ ଯାଇ କାଦୁଅଧାରରେ ରଖାଯିବ ଆଉ ଲୋକେ ଚାଲି ଚାଲି ଜଙ୍ଗଲ ଭିତରକୁ ଯିବେ । କଥାଟା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅତି ଅସାଧାରଣ । ଏମିତି ତ ବାଘଭୟଟା ଚାରିଆଡେ । ଲାଗେ ଯେମିତି ଶୀତୁଆକୁହୁଡି ଭୂଇଁ ଉପରକୁ ଓହ୍ଲାଇଆସେ । ସେ ଭିତରେ ଏକ ଗଛ ଖୋଜିବା ସହଜ ହେବନି ବୋଲି ସେ ପ୍ରଥମରୁ ଜାଣିଥିଲେ । କିନ୍ତୁ ଅନ୍ୟଲୋକମାନେ ତାଙ୍କର ଉପସ୍ଥିତିକୁ ସହଜରେ ନେଇପାରୁନଥିଲେ ।

ସକାଳୁସକାଳୁ ଡଙ୍ଗାକୁ ପାଣିକୁ ଓହ୍ଲାଇ ଦିଆଗଲା । ସମସ୍ତଙ୍କଘରେ ଭାରି ଆଖିସବୁ ପୁରୁଷମାନଙ୍କୁ ଅନାଇ ରହିଥିଲା ।

ସପନବାବୁ କଥାଟା ଜଣିଛନ୍ତି । ଏ ମହିଳାମାନେ ନିଜ ଭାଇ, ସ୍ୱାମୀ ବା ପୁତ୍ରମାନଙ୍କୁ ଜୀବିତ ଦେଖିବେ କି ନାହିଁ ତାହା ଜାଣି ନାହାନ୍ତି । । ଅନେକ ଘରେ ହୁଏତ ନିଆଁ ବି ଜଳିବ ନାହିଁ । ବାଘ ଦ୍ୱାରରୁ ମହୁ ଆଣିବା ହେଉଛି ଜଳନ୍ତାନିଆଁ ଭିତରୁ କିଛି ଆଣିବା । ସ୍ତ୍ରୀମାନେ ମଥାରେ ସିନ୍ଦୂର ଲଗାଇବେ ନାହିଁ । ମୁଣ୍ଡରେ ତେଲ ଲଗାଇବେ ନାହିଁ । ଘରେ ମାଛ ମାଂସ ରୋଷେଇ ହେବନି । କିଛି ନୂଆ ପୋଷାକ ପିନ୍ଧିବେନି । ଶରୀରରେ ଆୟୁ ଅଳଙ୍କାର ରହିବ ନାହିଁ । ମୁଣ୍ଡରେ ତେଲ ଲଗାଇବେ ନାହିଁ । କିଛି ପର୍ବ ପର୍ବାଣୀ ଘରେ ହେବନି । ସ୍ତ୍ରୀଲୋକମାନେ କେଉଁ ଅନ୍ୟ ପୁରୁଷ ଲୋକ ସହ କଥା ବି ହେବେନି । ସବୁ ନିତି ନିୟମ ମାନିବେ ।

"କଣ କହୁଛନ୍ତି ? ସଧବା ସ୍ତ୍ରୀମାନେ ସୂନ୍ଥାରେ ସିନ୍ଦୂର ଲଗାଇବେ ନାହିଁ ?"- ସପନବାବୁ ଟିକିଏ ଚମକି ପଡିଲେ ।

କଣ ବିଧବା ହେବାର ଆଗୁଆ ପ୍ରସ୍ତୁତି ନା କଣ ?- ଏ ଶବ୍ଦ ଅବଶ୍ୟ ତାଙ୍କର ମୁହଁରୁ ବାହାରିଲା ନାହିଁ । କିନ୍ତୁ ଭିତରେ କିଛି ଗୋଳେଇ ଘାଣ୍ଟି ହେଉଥିଲା ।

"ଏଇଟା ପରା ପ୍ରଥା । ନିୟମ ନମାନିଲେ ସ୍ୱାମୀ ପୁଅ ଯେ ମହଲରୁ ଫେରିବେ ନାହିଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

। ସମସ୍ତେ ଏକଥା ଭଲଭାବେ ଜାଣିଛନ୍ତି ।” – ରାଖାଲ କହିଲେ । ରାଖାଲ ଏ ଦଳର ସବୁଠାରୁ ଅଭିଜ୍ଞ ବ୍ୟକ୍ତି । ତାଙ୍କ କଥାରେ ସମସ୍ତେ ଏକାଠି ହୋଇଛନ୍ତି । ଏ ସବୁ ଦଳରେ ଲୋକମାନେ ଜଣେ ଜଣଙ୍କ ସହ ବେଶ ପରିଚିତ । ଅନେକ ତ ଏକ ପରିବାରର ସମ୍ବନ୍ଧୀ ହୋଇପାରନ୍ତି । ରାଖାଲ ବାଘ ବଶୀକରଣ ମନ୍ତ୍ର କଥା କହିଥିଲେ । ଦଳରେ ଜଣେ ବାଘ ବଶୀକରଣ ଜାଣିଥିବା ଲୋକ ଯିବା ଆବଶ୍ୟକ । ଆଜିକାଲି ଅବଶ୍ୟ ଆଉ ସେମିତିଆ ଲୋକ ବେଶି ନାହାନ୍ତି । ଯାହା ଯିଏ କେଉଁଠି ଅଛନ୍ତି ସେମାନେଖଣ୍ଡିଆ ଖଣ୍ଡିଆ ଜାଣନ୍ତି । ନହେଲେ ବାଘ ମୁହଁରେ କେହି ଯାଆନ୍ତେନି ।

ରାଖାଲଙ୍କର ସ୍ତ୍ରୀ ଘର ଦ୍ୱାର ମୁହଁରେ ଠିଆ ହୋଇଥିଲେ । ଏକ ସାଧାରଣ ମହିଳା । ଶ୍ୟାମଳବର୍ଣ୍ଣ । ଲମ୍ବା ଚଉଡା କିନ୍ତୁ ପତଳା । ଅନ୍ୟମାନଙ୍କ ଭଳି ଦେହରେ ଖଣ୍ଡେ ପତଳା ଶାଢୀ । ସେ ରାଖାଲଙ୍କ ଆଡକୁ ଏକଧ୍ୟାନରେ ଚାହିଁଥିଲେ । ତାଙ୍କମନରେ କି ଉତ୍ତାଳ ଚାଲିଥିବ କେଜାଣି ?

ସବୁ ମହୁସଂଗ୍ରହକାରୀଙ୍କ ମନରେ ବାଘର ଭୟ ନିରନ୍ତରଲାଗି ରହିଥାଏ । କି ଦିନ କି ରାତି ମହୁ ସଂଗ୍ରହକାରୀ ପାଖରେ ଯେମିତି ବାଘର ଉପସ୍ଥିତି ଅନୁଭବ କରେ ।

ଜଙ୍ଗଲରେ ଅନେକ ବିପଦ । ପାଣିରେ କୁମ୍ଭୀର ଆକ୍ରମଣ କେବେବି ହୋଇପାରେ । ସୁନ୍ଦରବନର ସାପ ତ ସବୁଠାରୁ ବିଷାକ୍ତ । ବିରାଟ ବିରାଟ ଅହିରାଜସାପମାନ ଗଛ ଉପରୁ ସବୁଆଡକୁ ନଜର ଦେଇଥାଏ । ଅହିରାଜ ବିଷରୁ କେହି କେବେ ରକ୍ଷା ପାଇନାହିଁ । ଜଙ୍ଗଲରେ ଖାଲି ଜୀବଜନ୍ତୁଙ୍କଠାରୁ ବିପଦ ଅଛିବୋଲି କହିହେବନି । ଜଙ୍ଗଲଟା ନିଜେ ଏକ ମୃତ୍ୟୁଜନ୍ତା । ଏତେ ବଡ଼ ଖୁଞ୍ଚ ସବୁଆଡେ । ଗୋରାନ ଗଛର ଖୁଣ୍ଟା ଗୋଡରେ ପଶିଗଲେ ଘା' ପାଚିଯାଏ । ସହଜରେ ଘା' ଭଲହୁଏ ନାହିଁ । ଜଙ୍ଗଲର ଏ ଶ୍ୱାସମୂଳସବୁ ଗୋଟାଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋଟାଏ ମାଟିରୁ ବାହାରିଥିବା ବର୍ଚ୍ଛା । ଝୁଣ୍ଟି ପଡିଗଲେ ଛାତିରେ ମୁନିଆ ତୀର ଭଳି ଗଳିଯିବା । ଏ ଭିତରେ ଆଉ ଏକ ବଡ଼ ଡର ଅଛି ଡକାୟତଙ୍କର । ଏଗୁଡାକ ଥରକରେ ପ୍ରାଣ ନିଅନ୍ତିନାହିଁ । ଧୀରେଧୀରେ ଝୁଣି ଝୁଣି ଜୀବନ ନିଅନ୍ତି । କେଉଁ ଅପନ୍ତାରରେ ମଣିଷକୁ ବନ୍ଧକ ରଖି ପଇସା ଅସୁଲ କରନ୍ତି । ଏ ଜଙ୍ଗଲରେ ଅନେକ ଅଜଣା ରୋଗ ହୋଇପାରେ । ଅନେକ ରୋଗର ତ ଔଷଧ ମଧ୍ୟ ଗାଁରେ ନାହିଁ । ଏ ସବୁ ବିପଦ ସତ୍ତ୍ୱେ ବି ଲୋକେ ଜଙ୍ଗଲକୁ ମହୁ ସଂଗ୍ରହ ପାଇଁ ଯାଆନ୍ତି । ଏକ ବଡ଼ ଆହୁଲାମରା ଡଙ୍ଗା ପ୍ରାୟ ୮-୧୦ କ୍ୱିଣ୍ଟାଲ ମହୁ ସଂଗ୍ରହ କରିନେଇପାରେ । ୧୫୦ ଟଙ୍କା ପ୍ରତି କିଲୋ ପିଛା ହେଲେ ଜଣେ ଜଣେ ଲୋକଙ୍କୁ ପ୍ରାୟ ୧୦-୧୫ ହଜାର ଟଙ୍କା ପ୍ରାୟ ୭ ରୁ ୧୦ ଦିନ କାମରେ ମିଳିଯାଇପାରେ । ଏକ ଭଲ ଉପାର୍ଜ୍ଜନ । ଅବଶ୍ୟ ଏତେ ପଇସା ପ୍ରାୟ ମିଳେନା । ତଥାପି ଜଣକା ପିଛା କେବେ ତିନି ଚାରି ହଜାରରୁ କମ ହୁଏନା ।

ଗାଁ ମୁଣ୍ଡରେ ବନବିବିଙ୍କ ମନ୍ଦିର । ଉପରେ ସାମାନ୍ୟ ଚାଳ କରିଦିଆଯାଇଛି । ମନ୍ଦିରରେ ବନବିବି, ଦକ୍ଷିଣ ରାୟ ଙ୍କର ମୂର୍ତ୍ତି ଶୋଭା ପାଉଛି । ଗଳାରେ ପ୍ଲାଷ୍ଟିକ ଫୁଲର ମାଳ । ଦାଣ୍ଡରୁ ସାମାନ୍ୟ ଦୂରରେ ମନ୍ଦିର । କିଛି ଅଗରବତୀ ଲଗାଗଲା । ତାପରେ ସମସ୍ତେ ମୁଣ୍ଡ ନୁଆଁଇ ପ୍ରଣାମ କଲେ ।

"ମା' । ପ୍ରାଣ ରକ୍ଷା କର । ଘରେ ପିଲାଛୁଆ ଅଛନ୍ତି । ତମ ପଣତକାନିରେ ଘୋଡାଇରଖ । ଜଙ୍ଗଲ ଆମର ମା' । ସେଇଠୁ ଆମେ ସବୁ ପାଉଛୁ । ମା' ତୁମେ ଆମକୁ ଦୟା କର ।

ହେ ଦକ୍ଷିଣ ରାୟ । ତୁମେ ଜଙ୍ଗଲର ମାଲିକ । ତୁମ ଜଙ୍ଗଲରୁ ଆମେ ସାମାନ୍ୟ ମହୁ ନେଉଛୁ । ଆମ ଉପରେ କ୍ରୋଧ କର ନାହିଁ । ଆମେ ନିଜ ସଂସାରପାଇଁ ସାମାନ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିମାଣରେ ମହୁ ନେବୁ । ତୁମ ମହୁଫେଣାର କ୍ଷତି କରିବୁ ନାହିଁ । ସାମାନ୍ୟ ମହୁରେ ତୁମର ଭଣ୍ଡାର କମ ହେବ ନାହିଁ ।"

ଶିଙ୍ଗା ଫୁଙ୍କଗଲା । ରାଖାଲ ନିଜେ ଡଙ୍ଗା ମୁଣ୍ଡରେ ରହି ଶିଙ୍ଗା ଫୁଙ୍କୁଥିଲେ । ସେଇ ଯାଗାଟା ଡଙ୍ଗାର ଦେବୀଙ୍କ ସ୍ଥାନ । ସେଇଠି କିଛି ଫୁଲ ରଖାଯାଇଥିଲା । ତାଙ୍କ ଛାତି ଜୋରରେ ଫୁଲିଉଠିଥିଲା । ଏକ ଲମ୍ବାଧ୍ୱନୀ କୂଳଆଡକୁ ପବନରେ ଭାସି ଯାଉଥିଲା । ନଈ କୂଳରେ ସମସ୍ତେ ଡଙ୍ଗାକୁ ଏକଧ୍ୟାନରେ ଅନାଇ ରହିଥିଲେ । । ଅତି ସକାଳ । ଏପର୍ଯ୍ୟନ୍ତ ସୂର୍ଯ୍ୟ ଉଦୟ ହୋଇନାହିଁ । ସକାଳର କାକର ମାଟି ଉପରେ ତଳକୁ ଓହ୍ଲାଇଥିଲା । ଲୋକମାନେ ଏକାସାଙ୍ଗରେ ଆହୁଲା ମାରିବାକୁ ଲାଗିଲେ । ଧୀରେଧୀରେ ବାଙ୍କରେ ଡଙ୍ଗା ଆଖି ଆଗରୁ ଲୁଚିଗଲା ।

ସପନବାବୁ ସେ ମହିଳମାନଙ୍କ କଥା ଆଉ ଛୁଆ ମାନଙ୍କ କଥା ଭାବୁଥିଲେ । ସେମାନେ ସବୁବେଳେ ପାଣିକୂଳକୁ ଆସି ନିଜର ମନର ମଣିଷପାଇଁ ଅପେକ୍ଷା କରିରହିବେ । ସେ ନଦୀକୁ ଅନାଇଲେ । ଆଉ ଦୁଇଟା ଡଙ୍ଗା ଆଗରେ । ସେମାନେ ମଧ୍ୟ ମହୁ ସଂଗ୍ରହ କରିବାକୁ ଯାଉଛନ୍ତି । ଅନ୍ୟ ଅନ୍ୟ ଯାଗାରେ ମହୁ ସଂଗ୍ରହ କରିବେ । ସବୁ ଦଳକୁ ଅଲଗା ଅଲଗା ଯାଗାରେ ମହୁ ସଂଗ୍ରହ କରିବାପାଇଁ ଅନୁମତି ଦିଆଯାଇଛି । ସମସ୍ତଙ୍କର ସେମିତି ପତଳିଆ ଡଙ୍ଗା । ସମସ୍ତଙ୍କ ଆଖିଆଗକୁ ଲମ୍ବିଯାଇଛି ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜେଜେଙ୍କ ଜାସୁସି - ୩

(ଏହା ଏକ ଧାରାବାହିକ କାହାଣୀ । କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ପୂର୍ବ ଭାଗ ସବୁ ପଢ଼ିବାକୁ ଅନୁରୋଧ ।)

ପୂର୍ବରୁ ପଢ଼ିଥିଲେ..

ମନେ ମନେ ସ୍ଥିରକଲେ ଯଦି ଭୁତୁଣୀ ସଭିଙ୍କୁ ଦେଖାଯାଉଛି ତାହେଲେ ସେ ବି ନିଜ ଆଖିରେ ଦେଖି ପାରିବେ । ସତ କଣ.. ଆଉ ମିଛ କଣ.. ସେ ତାଙ୍କ ଜାସୁସି ଅନ୍ଦାଜରେ ନିଶ୍ଚିତ ନିର୍ଣ୍ଣୟ ନେବେ ବୋଲି ସ୍ଥିର କଲେ ।

ତା'ପରେ ପଢ଼ନ୍ତୁ..

ଭାଗବତ ଟୁଙ୍ଗୀ, ଛକ ପାଖର ହାଟ, ନଇ ତୁଠ ପାଖ, ସବୁଆଡ଼େ ବୁଲିଲେ । କାହିଁ ଭୁତୁଣୀ କାହିଁ ! ! ଫେରିଲା ବେଳକୁ ଗାଁ ଦାଣ୍ଡରେ ଟୁପୁରୁ ଟାପୁରୁ ହେଉଥିଲେ ଗାଁ ସ୍ତ୍ରୀଲୋକେ ।



ବିଜୟ କୁମାର ପଣ୍ଡା

କିଏ କହେ "ସେଇ ପଡ଼ିଆ ପାଖରେ ଏଇ ଦୁଇ ମାସ ତଳେ ପରା ରେବ ବୁଢ଼ୀକୁ ପୋତିଛନ୍ତି । ତାର ତ ଆଇଁଶ ନିଶା.. ମାଛ ତରକାରୀ, ମାଂସ ତରକାରୀ ଯାହା ଘରେ ହେଇଥିବ ସେ ତ ମାଗି ମାଗି ଖାଏ । ତାରି ପ୍ରେତଆତ୍ମା ଆସୁଥିବ ବା.."

ଏସବୁ ଫୁସୁରୁ ଫାସର ଶୁଣି ଜେଜେଙ୍କୁ ଲାଗିଲା ଏସବୁ ମନଗଢ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହାଣୀ କହୁଛନ୍ତି । "ସତରେ କଣ ମଶାଣୀରୁ ବୁଢ଼ୀର ପ୍ରେତ ଆତ୍ମା ବାହାରି ଗାଁରେ ବୁଲୁଛି ?" ଜେଜେ ଭାବୁଥିଲେ ।

ତଥାପି ନିଜ ସନ୍ଦେହ ଦୂର କରିବାକୁ ଜେଜେ ଚାଲିଲେ ଏଥର ମଶାଣି ପାଖ ପଡ଼ିଆ ଆଡ଼କୁ ।

ପଡ଼ିଆ ଶେଷରୁ ନଇପଠା ଆଡ଼କୁ ପ୍ରାୟ ଦୁଇ ଶହ ମିଟର ଲମ୍ବର ଛୋଟ ଜାଗାଟି ମଶାଣି ରୂପେ ପରିଣତ ହୋଇଛି ଏଇ ଗୋଟାଏ ପିଢ଼ି ହେବ । ଆଗରୁ ସେ ଜାଗାଟି ପ୍ରକୃତରେ ନଇକୂଳ ଥିଲା, କିନ୍ତୁ ନଦୀ ତାର ଗତି ସ୍ୱଳ୍ପ ପରିବର୍ତ୍ତନ କରିବା ପରେ ସେଇ କୋଣିଆ ଜାଗାଟି ଏବେ ଲୋକଙ୍କ ସମାଧି ସ୍ଥଳରେ ପରିଣତ ହେଇଛି ।

ଚାରିଆଡ଼ ଶୂନଶାନ ।

ଚାଲିଲେ ଅଜା ପଡ଼ିଆ ଶେଷ ଯାଏଁ । ସେଦିନ ଅମାବାସ୍ୟାର ତିଥି, ଚାନ୍ଦିନୀ ଆସିବାର ଅଭିପ୍ରାୟ ନଥିଲା । ଚାରିଆଡ଼ ଅନ୍ଧକାର ।

ଆଗେଇ ଚାଲୁଥିଲେ ଅଜା ।

ହଠାତ ଗୁଦ କିନା କେହି ଜଣେ ପଡ଼ିବାର ଶବ୍ଦ ହେଲା ।

ଲୋମ ଟାଙ୍କୁରି ଉଠିଲା । ଅଜା ଦୁଇପାଦ ପଛକୁ ଘୁଞ୍ଚିଆସିଲେ । ତଥାପି ମନରେ ଧୈର୍ଯ୍ୟ,ଦମ୍ଭ, ସାହସ ଜୁଟେଇ ଚାରିଆଡ଼କୁ ଲକ୍ଷ୍ୟ କଲେ, "କାହିଁ କେହି ବି ଦିଶୁନି ତ .. ! !"

ଟିକେ ଦୂରରେ ଥିବା ବିରାଟ ଅଶ୍ୱସ୍ତ ଗଛ ଆଡ଼କୁ ଅନାଇଲେ । ଗଛ ତଳୁ ଉପରକୁ କଣ ଦୁଇଟା ଛୋଟ ଆକାରର ଜୀବ ଚଢ଼ିଯିବା ଭଳି ଦୃଶ୍ୟମାନ ହେଲା । ଜେଜେ ଭାବିଲେ ମାଙ୍କଡ଼ ପିଲାଟା ତଳକୁ ଖସିପଡ଼ିଲା କି କଣ ! ! ସେଥିପାଇଁ, ମା ମାଙ୍କଡ଼ ତା ପିଲାକୁ ନେଇ ଗଛ ଉପରକୁ ନେଇ ଚଢ଼ୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହା ଭିତରେ ସନ୍ଧ୍ୟା ଗଡ଼ିଯାଇ ରାତି ହେଲାଣି । ଜେଜେ ପଛକୁ ଫେରିବାକୁ ପ୍ରସ୍ତୁତ ହେଉଥିଲେ । ପୁଣି ଏକ ବିକଟାଳ ଶବ୍ଦ ଶୁଭିବାକୁ ଲାଗିଲା । ଯଦିଓ ଶବ୍ଦଟି ସେତେ ଅଧିକ ଜୋର ନଥିଲା କିନ୍ତୁ ବାରି ହେଇପଡୁଥିଲା ।

ଜେଜେଙ୍କ ଦମ୍ଭ କମିଲା ଭଳି ଲାଗିଲା ।

ଜେଜେ ଆଉ ପଛକୁ ନଚାହିଁ ଫେରୁଥିଲେ । ଗାଁ ଭିତରକୁ ପଶିଲା ପରେ ଜାଣିଲେ ଲୋକମାନେ ଭୂତ ବିଷୟରେ ଟୁପୁରୁ ଟାପୁରୁ ଲାଗିଛନ୍ତି ।

ଭାଗବତ ଟୁଙ୍ଗୀ ପାଖାପାଖି କିଛି ଘଞ୍ଚ ପତ୍ର ଅଛି । ରାତ୍ରିକାଳେ ଲୋକମାନେ ଟିକେ ଡରନ୍ତି । ଜେଜେ ସେଇପଟ ଦେଇ ଗଲାବେଳେ ତାଙ୍କୁ ପୁଣି ପୂର୍ବ ଭଳି ଶବ୍ଦ ଧିରେ ଧିରେ ଶୁଭିଲା । ଜେଜେଙ୍କୁ ସନ୍ଦେହ ହେଲା ।

(କ୍ରମଶଃ..)

ସମ୍ପାଦକ-କନକପ୍ରଭା, ସବଙ୍ଗ, ସିମୁଳିଆ,

ବାଲେଶ୍ୱର,

ଯୋଗାଯୋଗ- ୯୭୩୯୫୯୯୮୧୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବରଫ

ଯେବେବି ବିବେକ ଚୈତାଳିର ଅତି ନିକଟକୁ ଯିବାପାଇଁ ମନ କରେ ସେ କହିଉଠେ, "ଦେଖ ବିବେକ ଆଜି ମୋର ମନ ନାହିଁ । ବହୁତ ଥକି ପଡିଛି । ଆଜି ନୁହେଁ ଆଉ କେବେ ।" ଆହୁରି କେତେକଣ ବାହାନା କରି ଚୈତାଳି ନିଜକୁ ସଙ୍କୁଚିତ କରିନିଏ ।

ଚୈତାଳିର ଏଭଳି କଥା ଶୁଣି ବିବେକକୁ ବହୁତ ରାଗ ମାଡ଼େ । ପରେ ପରେ ନିଜକୁ ସମ୍ଭାଳି କହେ, "ଚୈତା ! ଆମ ବାହାଘର କଣ ଏଇଥିପାଇଁ ହୋଇଥିଲା ତୁମେ ଗୋଟେ ବରଫ ମୁଣ୍ଡା ଭଳି ପଡିରହିବ ଆଉ ମୁଁ ରାତିସାରା ତୁମକୁ ପାଇବା ପାଇଁ କାମନାର ଅଗ୍ନିରେ ଜଳୁଥିବି ?"

ଚୈତାଳି କଣ ଜବାବ ଦେବ ନିଜେ ଜାଣିପାରେନି । ନିଜ ଶରୀର ପ୍ରତି ଆଦର ନାହିଁ । ଆପେ ଆପେ ଯେମିତି ତା ଶରୀର ବରଫ ପାଲଟି ଯାଉଛି । ଏକଦମ ଶିଥିଳତା । ଚୁପଚାପ ଉପରେ ଘୁରୁଥିବା ସିଲିଂ ଫେନକୁ ଏକ ଲୟରେ ଚାହିଁରହି ବିଛଣାରେ ବହୁ ସମୟ ପଡିରହେ ସେ । ପାଖରେ ବିବେକର ଶରୀର ପ୍ରେମାଗ୍ନିରେ ଅଙ୍ଗାର ନିଆଁ ଭଳି ଦିକ ଦିକ ହେଉଥାଏ । ବିବେକ ଚୈତାଳି ଶରୀରରେ ଉଷ୍ମତା ଭରିବାକୁ ଅନେକଥର ପ୍ରୟାସ କରେ ହେଲେ ବାରମ୍ବାର ବିଫଳ ପରାସ୍ତ ହୁଏ । ଦୁଇଟି ପିଲାର ମା' ଚୈତାଳି ନିଜ ଭିତରେ ହେଉଥିବା ଏଭଳି ପରିବର୍ତ୍ତନକୁ ସ୍ୱୟଂ କିଛି ବୁଝି ପାରେନାହିଁ ।



ସୁଧାଂଶୁ ଶେଖର
ଦ୍ୱିବେଦୀ

ଦିନେ ବିବେକ ତା ମୋବାଇଲରେ ଚୈତାଳିକୁ ଅଶ୍ଳୀଳ ଫିଲ୍ମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖାଇଲା । ସେସବୁ ଦେଖି ଚୈତାଳି କହିଲା, "ବିବେକ ତୁମର କଣ ହୋଇଛି ? ଏଭଳି ଅଶ୍ଳୀଳ ଫିଲ୍ମ ଦେଖିବାକୁ ଆମର କଣ ଆଉ ବୟସ ଅଛି ?"

ବିବେକ ଏକ ଲୟରେ ଚୈତାଳିକୁ ଚାହିଁରହି କହିଲା, "ଚୈତା ! ଏବେ ଆମର କେତେ ବୟସ ହୋଇଗଲାକି ? ଦୁଇଟି ପିଲାର ମା' ହେବା ପରେ ତୁମେ କଣ ସତରେ ବୁଢ଼ୀ ହୋଇଗଲ ? ସତ ସତ କୁହ ଚୈତା ତୁମର କଣ ହୋଇଛି ? କଣପାଇଁ ତୁମ ମନରେ ଏଭଳି ନିରସତା ଭାବ ?"

ଚୈତାଳି ନିରୁତ୍ତର । ତା ଭିତରେ ଦିନକୁ ଦିନ ଅନେକ ପରିବର୍ତ୍ତନ ଘଟି ଚାଲିଛି । କଥା କଥାରେ ସମସ୍ତଙ୍କ ଉପରେ ଚିଡି ଯାଉଛି । ଠିକଭାବେ ଖାଉନାହିଁ କି ନିଜ ଶରୀରର ଯତ୍ନ ନେଉନାହିଁ । ସବୁ ସମୟରେ ମନେ ମନେ କଣ ଯେମିତି ଭାବି ହେଉଛି । ଅତୀତରେ ବିବେକକୁ ବାହୁ ବନ୍ଧନରେ ଭିଡିଧରୁଥିବା ଚୈତାଳି ଏବେ ବରଫ ଭଳି ଶିଥିଳ ହୋଇଯାଇଛି । ପୁରା ବୁଢ଼ୀ ପାଲଟି ଯାଇଛି ଯେମିତି । ଦୈହିକ ପ୍ରେମରେ ଦୁହେଁ ଏକାକାର ହୋଇଯିବାକୁ ତାର ଆଉ କୌଣସି ସ୍ପୃହା ନାହିଁ ।

ଚୈତାଳି କେବେ କେବେ ଛଳନାର ହସ ହସି କହେ, "ଏ ବୁଢ଼ୀ ସ୍ତ୍ରୀକୁ ଆଉ କିଏ ପ୍ରେମ କରିବ ? କିଏ ଭଲପାଇବ ? ଯାହାର ଦୁଇଜଣ ବଡ଼ ବଡ଼ ପିଲା ଅଛନ୍ତି । ବାଳ ବି ତ ଧଳା ହେବାକୁ ଲାଗିଲାଣି । ଧଳା ବାଳ ଥିବା ବୁଢ଼ୀ ସ୍ତ୍ରୀକୁ ଭଲା କେଉଁ ମୂର୍ଖ ପ୍ରେମ କରିବ ?"

ପ୍ରେମ ଅନ୍ଧ । ପ୍ରେମ ବୟସର ବନ୍ଧନରେ ବାନ୍ଧିଯାଏନା । ପ୍ରେମ ଦୁଇଟି ପିଲାର ମା'କୁ ଦେଖେନାହିଁ । ପ୍ରେମରେ କୌଣସି ବୟସ ସୀମା ନଥାଏ । ପ୍ରେମ ତ ଦୁଇଟି ହୃଦୟର ମିଳନ । ଦୁଇଟି ଆତ୍ମାର ସମିଶ୍ରଣ । ପ୍ରେମ ଅନନ୍ତ, ଅକୀର୍ଣ୍ଣ । ପ୍ରେମକୁ କେହିବି ଅସ୍ୱୀକାର କରି ପାରିବେନି । ସେଇଥିପାଇଁ ତ କେତେ ବଡ଼ ବଡ଼ ସାଧୁ ସନ୍ଥ ମହାତ୍ମା ପ୍ରେମ ନିକଟରେ ହାରିଯାଇ ତା ପାଖରେ ଶରଣାଗତ ହୋଇଛନ୍ତି । ଭଗବାନ ଶ୍ରୀକୃଷ୍ଣ ବି ପ୍ରେମ କରୁଥିଲେ । ପ୍ରେମରେ ସାରା ଜଗତକୁ ନିଜର କରି ନେଇଥିଲେ । ଭଗବାନ ରାମ ମଧ୍ୟ ପ୍ରେମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥିଲେ । ଜଗତର ସମସ୍ତ ପ୍ରାଣୀଙ୍କୁ ନିଜର କରି ନେଇଥିଲେ । ପ୍ରେମ ଯେ କେବଳ ଦୈହିକ ହେବା ଆବଶ୍ୟକ ବରଂ ଆତ୍ମିକ ହେବା ସହିତ ପାରିବାରିକ ହେବା ନିହାତି ଜରୁରୀ ହୋଇଥାଏ । ଯୁଗେ ଯୁଗେ ପ୍ରେମର ଗାଥା ମହାନତାର ସ୍ଥାନ ଅଧିକାର କରିଛି । କେବଳ ତମ ଆମ ଭିତରେ ସୀମିତ ନୁହେଁ । ସାରା ସଂସାର ପ୍ରେମ ପାଇଁ ପାଗଳ । ସେଇଥିପାଇଁ ପ୍ରେମର ଦେବତାଙ୍କୁ କେବେ କେବେ ଅନ୍ଧର ଆଖ୍ୟା ଦିଆଯାଇଛି ।

ବିବେକ ଯେବେ ଅଫିସ କାମରେ ବାହାରକୁ ଯାଏ ଚୈତାଳିକୁ ସାଙ୍ଗରେ ନେଇଯାଏ । ଚୈତାଳି ବଡ଼ ଉତ୍ସାହରେ ବିବେକ ସାଙ୍ଗରେ ଆଉଟିଙ୍ଗ କରେ । ଅବସର ସମୟ ପାଇଲେ ବିବେକର ବାହୁ ବନ୍ଧନରେ ସାପଭଳି ଲଟେଇଯାଇ କେତେ କଣ ଗପିଯାଏ । କିନ୍ତୁ ଏଥର ଚୈତାଳିକୁ ସାଙ୍ଗରେ ନନେଇ ଏକାକୀ ବିବେକ ଅଫିସ କାମରେ ବାହାରକୁ ଚାଲିଗଲା । ମନରେ ଅଭିମାନ ହୃଦୟରେ ରାଗ ଭରି ଆଉଟିଙ୍ଗ ଯିବା ବିଷୟରେ ଚୈତାଳିକୁ କିଛି ପଚାରିଲା ନାହିଁ କି ଜଣେଇଲା ନାହିଁ । ସ୍ୱଭାବିକ..., ନିଜ ଜୀବନ ସାଥୀ ଯଦି ନିଜ ମନର କଥା ନବୁଝିପାରେ ତାହେଲେ ରାଗ, ଅଭିମାନ ଆପେଆପେ ମନ ମଧ୍ୟରେ ବସା ବାନ୍ଧିଯାଏ ।

ଚୈତାଳି ଭିତରେ ହେଉଥିବା ପରିବର୍ତ୍ତନ ପାଇଁ ସ୍ୱୟଂ ସେ ଖୁବ ଚିନ୍ତାଶୀଳ ହୋଇପଡେ । ତଥାପି ସେ ଅନୁଭବ କରୁଥାଏ ଏଭଳି ପରିବର୍ତ୍ତନରୁ ଦିନେ ସେ ମୁକୁଳିବ । ମନରେ ଉତ୍ସାହ ଆନନ୍ଦ ଫେରି ଆସିବ । ହେଲେ ତା ଜୀବନରେ ଏବେ ନା ଉତ୍ସାହ ଅଛି ନା ଉଦ୍ଦୀପନା ଅଛି । କେଜାଣି କାହିଁକି ତା ଭିତରେ କେବଳ ନିରୁତ୍ସାହିତା କଳା ଅନ୍ଧାର ମେଘ ଭଳି ମାଡି ଆସୁଛି । ନିଜେ କିଛି ବୁଝିପାରୁ ନାହିଁ କି ଜାଣିପାରୁ ନାହିଁ । ତାପରେ ପିଲାମାନେ ବି ବଡ଼ ହୋଇଗଲେଣି । ସେମାନଙ୍କର ଭବିଷ୍ୟତ ଗଢିବାକୁ ହେବ । ଉଚିତ ମାର୍ଗ ଦେଖାଇବାକୁ ପଡିବ । ଏ ବୟସରେ ଦୁହେଁ କଣ ଆଉ ଅତୀତକୁ ଉଖାରି ପାରିବେ ନା ଅତୀତର କାହାଣୀକୁ ପୁଣିଥରେ ଉଜ୍ଜୀବିତ କରିପାରବେ ? ଯାହା ସମ୍ଭବ ନୁହେଁ ତାକୁ ମନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପକାଇ ଲାଭ କଣ ?

ଚୈତାଳି ଅଫିସରୁ ଥକି ହାରି ଘରକୁ ଫେରି ବିଛଣା ଉପରେ ପଡ଼ିରହିଲା । ଝିଅ ଚିତ୍ରା ତାପାଇଁ ଚା' କପ ଧରି ଠିଆ ହୋଇ ଥାଏ । ବିଛଣାରୁ ଉଠିବାକୁ ସେ ସାହାସ କରିପାରୁ ନଥାଏ । କୌଣସି ପ୍ରକାରେ ଉଠି ଝିଅ ହାତରୁ ଚା କପ ନେଇ ପିଇଲା । ଚା' ପିଇ ସାରିବା ପରେ ବି ଶରୀରରେ କୌଣସି ସତେଜତା ପରିଲକ୍ଷିତ କରିପାରିଲାନି ସେ । ଅତିରିକ୍ତ ଥକ୍କାରେ ତା ଶରୀର ଅବଶ ହୋଇ ପଡୁଥାଏ । ଝିଅ ଚିତ୍ରା ଚା ଦେଇସାରି ଘର କାମ ରେ ସଂପୂର୍ଣ୍ଣ ବ୍ୟସ୍ତ ହୋଇଗଲା । କିନ୍ତୁ ସେ ବିଛଣାରେ ପଡି ଭାବୁଥାଏ ଆଜି ରାତିରେ ବି ବିବେକ ତାକୁ ପ୍ରେମ ନିବେଦନ କରିବ । କିନ୍ତୁ ସେ ବୁଢ଼ୀ ସ୍ତ୍ରୀ ଭଳି ବରଫ ସଦୃଶ ବିଛଣାରେ ପଡିରହିବ । ପ୍ରତିବଦଳରେ ବିବେକର ଶରୀର କାମନାର ଜ୍ୱାଳାରେ କୁହୁଳିବ । ନିଜକୁ ତା ସହିତ ମିଶାଇ ଦେବାପାଇଁ ଉତ୍ସାହିତ ହେବ । ତଥାପି ଚୈତାଳି ଅବଶ ଶରୀରକୁ ବରଫ ଭଳି ଶିଥିଳ କରି ବିଛଣାରେ ପଡି ରହିବ । ରାଗ ଓ ଅଭିମାନ ରେ ବିବେକ ତାକୁ କେତେପ୍ରକାର ଉପାଧିରେ ବର୍ଣ୍ଣନା କରିବ । ସେ କେବଳ ନିସ୍ତେଜ ବରଫ ଭଳି ପଡିରହି ସେସବୁ ଉପାଧିର ବର୍ଣ୍ଣନା ଗୁଡିକୁ ବିଶ୍ଳେଷଣ କରିବ । ଜଣେ ବିବଶ ଓ ଶିଥିଳ ପଡିଯାଇଥିବା ସ୍ତ୍ରୀର ସ୍ୱାମୀ ନିକଟରୁ ବ୍ୟଙ୍ଗ ପରିହାସ ଶୁଣିବା ଛଡା ଆଉ କଣ କରିପାରିବ ସେ ? ଆଉ ପ୍ରେମର କାମନାକୁ ନିର୍ବାପିତ କରିନପାରି ଛଟପଟ ହେଉଥିବା ବିବେକ ଶେଷରେ ଥକି ହାରି ତାହାରି ସାଇଡ଼ରେ ଚୁପଚାପ ଶୋଇ ପଡିବ ସକାଳ ହେବାଯାଏ ।

ବିସି-୭୪,ସଲଟ ଲେକ,କଲକତା-୬୪

ମୋ-୭୨୯୧୩୪୨୨୫୯

email-dwibedysudhansu@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନ୍ତର୍ଦାହ

ମଙ୍ଗୁଳିକୁ ବୟସ ବାର କି ତେର ହେବ, ତା ମା' ଶୁକ୍ରୀ ସହିତ ବାବୁମାନଙ୍କ ବସାକୁ ଯାଇ ଘର ଦାଣ୍ଡ ଓଳାଏ, ଘର ପାଣି କନାରେ ପୋଛେ, ବାସନ ମାଜେ, ଲୁଗାପଟା କାଚେ, ବାବୁ ବାବୁଆଣିଙ୍କ ପାଇଁ ନଳକୂଅରୁ ପାଣି ଆଣି ଦିଏ ଗାଧୋଇବା ଲାଗି ! ବାବୁଆଣି କେବେ କେବେ ବାସି ରୁଟି, ତରକାରୀ, ପଖାଳ ଭାତ ରାତ୍ର ବେଳା ବଳକା ବଳିକି ଥିଲେ ଶୁକ୍ରୀକୁ ଦେଲେ, ସେ ଆଣେ ! ମଙ୍ଗୁଳୀ ଓ ଶୁକ୍ରୀ ମା' ଝିଅ ମିଶି ଖାଆନ୍ତି ! ମଙ୍ଗୁଳୀର ବାପା କିଏ ସେ ଜାଣିନି ! କେବଳ ତା'ମା ଶୁକ୍ରୀ ହିଁ ଜାଣେ !

ଶୁକ୍ରୀ ମାଲକାନଗିରି ପୌରାଞ୍ଚଳର ଏକ ଅନାବାଦୀ ଜାଗାରେ କୁଡିଆ ଖଣ୍ଡି କରି ରହେ ! ଭଙ୍ଗା କୁଡିଆଟି ମାଟି ଝାଟିରେ ଗଢା ! ଏବେ ଚାଳ ଛପର କରିବାକୁ ହାତରେ ପାଉଲାଟାଏ ନାହିଁ ! ଝାଟି ବାଡରୁ ମାଟି ଖସି ଆଁ ହୋଇ ପଡିଛି ! ଟିଣ କବାଟରୁ ଅଧେ କଳଙ୍କି ଲାଗି ଝଡି ଗଲାଣି ! ବର୍ଷା ଦିନେ କୁଡିଆରେ ବନ୍ୟା ! ଶୁକ୍ରୀର କିଏ ଅଛି ଯେ, ବିପଦ ଆପଦରେ ସାହା ହେବ ? ଶୁକ୍ରୀର ଦେହରେ ଯେତେ ବେଳେ ଯୌବନ ଥିଲା, ସେ ଜଣେ ସ୍ୱାଇଁ ଜେଇ ଘରେ କାମ କରୁଥିଲା ! ସ୍ୱାଇଁବାବୁ ଭାରି ସୁନ୍ଦର ଯୁବକ ! ଗଞ୍ଜାମରୁ ନୂଆ କରି ମାଲକାନଗିରି ଜିଲ୍ଲାକୁ ଚାକିରୀ



କେଶବ ଚନ୍ଦ୍ର ନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାକୁ ଆସିଥିଲେ ! ହୋଟେଲରେ ଖାଇ ଖାଇ ପେଟ ଖରାପ ହେବାରୁ ରାନ୍ଧୁଣିଆଟିଏ ଲୋଡ଼ା ପଡିଲା ! ବହୁ ଖୋଜା ଖୋଜି ପରେ ଶୁକ୍ରୀ ସହ ପରିଚୟ ହେଲା ! ଷୋହଳ ବୟସର ଝିଅ ଶୁକ୍ରୀ ସବୁ କାମରେ ଧୁରନ୍ଧର ! ସ୍ୱାଇଁ ଜେଇ ଘରେ କାମଧାମ କଲା ! ଶୁକ୍ରୀକୁ ସ୍ୱାଇଁବାବୁ ଇତିମଧ୍ୟରେ ଆନ୍ତରିକ ଭଲ ପାଇବସନ୍ତି ! ତା' ପାଇଁ ନୂଆ ନୂଆ ଶାଢୀ ବ୍ଲାଉଜ ସବୁ କିଣି ଦିଅନ୍ତି ! ଦି'ଓଳି ଦି'ବକତ, ଖାଇବା ସବୁ ମାଗଣା !

କନିଷ୍ଠ ଯନ୍ତ୍ରୀ ହେଲେ ରମେଶ ଚନ୍ଦ୍ର ସ୍ୱାଇଁ ! ବ୍ଲକ କନିଷ୍ଠ ଯନ୍ତ୍ରୀ ! ଇଂଜିନିୟର ଚାକିରୀ କଲେ ଉପୁରି ପାଞ୍ଚ ପ୍ରତିଶତ ଟଙ୍କା ଥୁଆ ! ସବୁ ବେଳେ ମାଛ, ମାଉଁସର ଅଭାବ ନାହିଁ ! ଶୁକ୍ରୀ ଦି ଓଳି ଦି' ବକତ ଖାଏ ଆନନ୍ଦ ମନରେ ! ଶୁକ୍ରୀର ଦେହ ପା' ଖରାପ ହେଲେ... କି ଟଙ୍କା ପଇସା ଦରକାର ହେଲେ ସ୍ୱାଇଁବାବୁ ଝଟ୍ କରି ଶହେ ଜାଗାରେ ଦୁଇଶ ହାତକୁ ବଢାଇ ଦିଅନ୍ତି ! ତେଣୁ ଶିକ୍ରୀ ମଧ୍ୟ ସ୍ୱାଇଁବାବୁଙ୍କୁ ଆନ୍ତରିକ ଭଲ ପାଏ ! ସ୍ୱାଇଁବାବୁ କାମରୁ ଟିକେ ଆସିବା ବିଳମ୍ବ ହେଲେ ଶୁକ୍ରୀ କବାଟ ଖୋଲି ଦୁଆର ମୁହଁରେ ଜଗି ବସିଥାଏ ! ରାତିରେ ସ୍ୱାଇଁବାବୁ ଡେରିରେ ଫେରିଲେ ଶୁକୁରୀ ମନେ ମନେ ବିରକ୍ତି ହୋଇ କୁହେ, ତୁମେ ଏତେ ଉଚ୍ଛୁର କାହିଁକି କରୁଛ, ଏଇଟା ଭଲ ଜାଗା ନାଇଁ; ନକସଲ ଏରିଆ ! କାଳେ କ'ଣ ହେବ ? ସ୍ୱାଇଁବାବୁ ମୁରୁମୁରୁ ହସନ୍ତି ! କହନ୍ତି, କିଛି ହେବ ନି... ସାଇଟ୍ କାମ ନଦେଖିଲେ ହେବ କି.. ? ଠିକାଦାରମାନେ କାମକୁ ଏପଟେ ସେପଟେ କରି ଦେବେ.. ! !

ଶୁକ୍ରୀ ବାବୁଙ୍କୁ ଖୁଆଇ ପିଆଇ ନିଜେ ଖା ପିଅ କରି ଘରକୁ ରାତିରେ ଫେରେ ! ଭଡା ଘରେ ରହେ, ମାସକୁ ଶହେ ଟଙ୍କା ଦେଇ ! ବାପା ମଦନା ବୁଢା ହୋଇଗଲାଣି ବୋଲି ବିଛିନ୍ନାଞ୍ଚଳରୁ ତାକୁ ନେଇ ଆସିଛି ! ତା ଦେହ ସବୁ ବେଳେ ଖରାପ ! ଧଇଁ ସଇଁ କାଶ ! ଓଷ କହଲେ ଦି' ଗିଲାସ ମହୁଲି ମଦ ! ବାସ୍... ଖାଦି ପିଦି କିଛି ନାଇଁ ! କେବେ କେବେ ସ୍ୱାଇଁବାବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଘରୁ ଆଇଁସ ଟିକେ ଆଣିଥିଲେ ମଦନା ଭାତ ଗୁଣେ ଦି ଗୁଣ୍ଡା ବଡ କଷ୍ଟରେ ପାଟିକୁ ନିଏ ! ବାପ ଝିଅର ସଂସାର !ଏମିତି ଦାରିଦ୍ରର କଷାଘାତରେ ଦୁଃଖରେ ସଂସାର ଚାଲେ !

ମଦନାକୁ ଦିନେ ଭୀଷଣ ଜ୍ୱର କାଶ ହେଲା ! ଡାକ୍ତର କହିଲା -ମଦନାକୁ ମେଲେରିଆ ହୋଇଛି ! ସରକାରୀ ଡାକତର ଖାନାରେ ମଦନା ସାତ ଦିନ ପଡିଲା ! ପତଳା ମଣିଷ ! ଦେହରେ ରକତ ନାଇଁ !

ପବନକୁ ଯା' ଆସ କରୁଛି ! ଦେହ ସାରା ଅସ୍ଥି କଙ୍କାଳ ବାରି ହୋଇ ପଡୁଛି ! ଶୁକ୍ରୀ ସ୍ୱାଇଁବାବୁଙ୍କୁ ହାରି ଗୁହାରୀ ଜଣାଇଲା ! ବାପା ତା'ର ବଡ କାଇଲାରେ ପଡିଛି ! ଡାକତରକୁ ନଦେଖାଇଲେ, ସେ ଆଉ ଜୀଇଁବ ନାହିଁ ! ସ୍ୱାଇଁବାବୁ ଯଥା ସମ୍ଭବ ଓଷ ଇଞ୍ଜେକ୍ସନ ପାଇଁ ଟଙ୍କା ଦେଲେ ! ଶୁକ୍ରୀ ତୁରନ୍ତ ତା' ବାପାକୁ ଡାକତରଖାନାରେ ଭର୍ତ୍ତି କରି ଦେଲା ! ସ୍ୱାଇଁବାବୁ ଆପଣା ଲୋକ ଭାବି ଡାକତରଖାନକୁ ଯାଇ ମଦନାର ଭଲ ମନ୍ଦ ବୁଝି ଆସନ୍ତି ! ଶୁକ୍ରୀକୁ ଆଶ୍ୱାସନା ଦେଇ କହନ୍ତି... ତୋ ବାପାର କିଛି ହେବ ନି... ତୁ କାନ୍ଦ ନା... ମୁଁ ଅଛି... ଯାହା ଖର୍ଚ୍ଚ ହେବ ମୁଁ ଦେବି... ! !

ସ୍ୱାଇଁବାବୁଙ୍କ ଅତି ଆପଣାର କଥାରେ ଶୁକ୍ରୀର ଦେହରେ ଦମ୍ଭ ଫେରେ ! ସେ ବାପାଙ୍କ ସେବା ଯତ୍ନ କରେ ! ରାତିରେ ଡାକତରଖାନାରେ ଦିନ ରାତି ଜଗି ରହେ ! କିନ୍ତୁ ମଦନାର ଆଉ ଆୟୁଷ ନାହିଁ ! ବୟସ ପାଖାପାଖି ୭୦ ହେବ ! ରାତିରେ ବାପାଙ୍କ ରୋଗଶଯ୍ୟାରେ ଶୁକ୍ରୀ ମୁଣ୍ଡ ଦେଇ ଢୋଳେଇ ପଡିଛି ! ରାତି ଅନିଦ୍ରା ଯୋଗୁଁ ଆଖି ପତା କେତେବେଳେ କେମିତି ଲାଗି ପଡୁଛି, ଯେତେବେଳେ ଶୁକ୍ରୀ ଆଖି ଖୋଲିଛି.. ଦେଖିଲା-ମଦନାର ନାଡିକା ଚାଲୁନି ! ସେ ଆଉ ନାହିଁ ! ସବୁଦିନ ପାଇଁ ମଦନା ଝିଅ ଶୁକ୍ରୀକୁ ସବୁଦିନ ପାଇଁ ପର କରି ଦେଇ ଆର ପାରିକୁ ଚାଲିଯାଇଛି ! ସାଇ ଭାଇଙ୍କୁ ଡାକି ଶୁକ୍ରୀ ବାପାର ସୁଦ୍ଧି ହେଲା !

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ଖରଚ କଲେ ସ୍ୱାଇଁବାବୁ । କେଉଁ ଜନମର ସେ ନିଜର ଲୋକଥିଲେ ପରା... ଏ ଜନମରେ ଶୁକ୍ରୀର ଋଣ ଶୁଝୁଛନ୍ତି !

ସ୍ୱାଇଁବାବୁ ମଦନାର ବିୟୋଗରେ ବଡ ଦୁଃଖ ପ୍ରକାଶ କଲେ ! ଶୁକ୍ରୀକୁ କହିଲେ... ଏ ସଂସାରେ ତୋର କିଏ ନଥିଲେ ବି ମୁଁ ତୋର ନିଜର ଅଛି ! ତୋ ହାନି ଲାଭ ମୁଁ ବୁଝିବି... ! ତୁ କାନ୍ଦ ନା.. ! !

ମଦନା ଖରା ! ବୁଡି ଅଞ୍ଚଳ ଛାଡି, ଭେଣ୍ଡିଆ ବୟସରୁ ମାଲକାନଗିରି ସଦରକୁ ଚାଲିଆସିଛି ! ବଙ୍ଗୀୟ ଶରଣାର୍ଥିମାନଙ୍କୁ ସରକାର ଯେତେବେଳେ ମାଲକାନଗିରି ଘଞ୍ଚ ଅରଣ୍ୟକୁ ସଫାରି ସେମାନଙ୍କୁ ଥଇଥାନ କଲେ ! ସେମାନଙ୍କୁ ମାଗଣାରେ ଘର ଦେଲେ, ଚାଷ ଜମି ଦେଲେ ! ସେମାନଙ୍କୁ ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ସ୍କୁଲ ନିର୍ମାଣ କଲେ, ସ୍ୱାସ୍ଥ୍ୟ ସୁରକ୍ଷା ଲାଗି ବିଭିନ୍ନ ସ୍ଥାନରେ ଡାକ୍ତରଖାନା ବସାଇଲେ ! ଗାଁ ଗାଁକୁ ରାସ୍ତାଘାଟ ତିଆରି ହେଲା ! ଶେଷରେ ଚାଷ ଜମିକୁ ପାଣି ଯୋଗାଇବା ପାଇଁ ଚିତ୍ରକୋଣ୍ଡା ମାଟି ବନ୍ଧ ଯୋଜନା ଆରମ୍ଭ ହେଲା !

ସେହି ଜଳଭଣ୍ଡାରରେ ହଜାର ହଜାର ହେକ୍ଟର ଜଙ୍ଗଲ, ଚାଷ ଜମି ଜଳମଗ୍ନ ହେଲା ! ସେହି ଅଞ୍ଚଳଟି ସବୁଦିନ ପାଇଁ ବିଛିନ୍ନ ହୋଇଗଲା ବାହ୍ୟଜଗତରୁ ! ସେଠା ଜୀବନ ଜୀବୀକା ଦୁର୍ବିସହ ! ଚିତ୍ରକୋଣ୍ଡାର ସେହି ଅଭିଶପ୍ତ ବିଛିନ୍ନାଞ୍ଚଳର ଦାୟଦ ମଦନା ଖରା !

ଭିଟାମାଟି ଛାଡି ଜଳମଗ୍ନ ହେବାପରେ ସେ ସର୍ବହରା ହୋଇ ପେଟ ଚାଖଣ୍ଡକ ପୋଷିବା ପାଇଁ ଫେରି ଆସିଥିଲା ମାଲକାନଗିରିକୁ ! ଖଟି ଖାଇବା ତା' ଜୀବନର ବ୍ରତ ହୋଇଗଲା ! ସେ ଶରଣାର୍ଥିଙ୍କ ପାଇଁ ଏ ହାତରେ ଟାଙ୍ଗିଆରେ ଜଙ୍ଗଲ କାଟିଛି, ସେ ଏ ହାତରେ ସେମାନଙ୍କ ପାଇଁ ମାଟି କାନ୍ଥର ଘର ତୋଳିଛି ! ଜୀବନ ସାରା କୁଲି କରି ଖଟି ଖଟି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହା ହେବି... ! ତୁ ଧାଙ୍ଗଡା ଖୋଜେ... ମୁଁ ଭୋଜିଭାତ ପାଇଁ ସବୁ ଖର୍ଚ୍ଚ ଦେବି ! ମଝିରେ ମଝିରେ ଏମିତି ଥଟ୍ଟା ମଜା ଉଭୟଙ୍କ ମଧ୍ୟରେ ଚାଲେ ! ଦୁହେଁ ଧାଙ୍ଗଡା ଧାଙ୍ଗିଡୀ... ! !

ଶୁକ୍ରୀ ବୟସ ଷୋହଳ ! ଟିକେ ଶ୍ୟାମଳୀ ହେଲେ କ'ଣ ହେଲା ଦେଖିବାକୁ ଖୁବ ଆକର୍ଷଣ ! ତା ଖିଲି ଖିଲି ହସ ଦେଖି ପାହାଡ ଚୂଡାରେ ଜହ୍ନ ଲାଜରେ ଲୁଚିଯିବ ! ତା ଓଠର ହସରେ ବୈଶାଖର କୃଷ୍ଣଚୁଡା ଝାଉଁଳି ପଡିବ ! ତା' ଆଖି ଦେଖିଲେ ଅରଣ୍ୟର ଚଳଚଞ୍ଚଳ ହରିଣୀ ଈର୍ଷାନ୍ୱିତ ହେବ ! ତା ଚାହାଣିରେ କାମଦେବଙ୍କ ଫୁଲ ଶରରେ ଯୁବ ପ୍ରାଣ ଆହତ ହେବ ! ସ୍ୱାଇଁବାବୁ ବେଳେ ବେଳେ ଖୁସି ହୋଇ ଶୁକ୍ରୀର ଫୁଲକା ଫୁଲକା ଗାଲକୁ ଧରି ଦୁଇ ହାତରେ ମନ୍ଥନ କରନ୍ତି ! କହନ୍ତି, ଶୁକ୍ରୀ ତୁ ଭାରି ସୁନ୍ଦର ଦିଶୁଛୁ... ! !

ଶୁକ୍ରୀ ଲାଜରେ କହେ, ତୁମେ ତ ଏତେ ପାଣ୍ଡ୍ରା (ଗୋରା) ରହିଛ... ରାଜ କୁମାର ପରି ସୁନ୍ଦର ଦିଶୁଛି... ମୁଁ ତ କାଳି... ! !ଏହି କଥା ଭିତରେ ଭଲ ପାଇବାର ମହକ ଲୁଚି ରହିଛି କେଉଁଠି ନା କେଉଁଠି ସତେ ଯେପରି... !

ଦିନେ ସ୍ୱାଇଁବାବୁ ନୂଆ ବର୍ଷ ହେତୁ ଫିଷ୍ଟିରେ ଯାଇଥିଲେ ! ଫେରିଲା ବେଳକୁ ଟିକେ ବିଦେଶୀ ପାଣି ପେଟରେ ପଡିଥିଲା ! ଇଂଜିନିୟର ଚାକିରୀରେ ମଦ୍ୟପାନ ମାଂସ ଭୋଜନ ସାଧାରଣ କଥା ! ଚାକିରୀ ଭିତରେ ଏଇଟା ରାଜା ଚାକିରୀ ! ଟଙ୍କାର ଖଣି ! ଦିନରାତି ଖଟି ଖଟି ମନଟା ଫିକା ଧରିଥାଏ, ମଝିରେ ମଝିରେ ଖାନା ପିନା ଦରକାର !

ସେ ଦିନ ପାଦ ଟଳମଳ ହେବାରୁ ତାଙ୍କର କିଏ ସାଙ୍ଗ ଗାଡିରେ ବସାଇ ଘରେ ଆଣି ଛାଡି ଦେଇଗଲେ ! ଶୁକ୍ରୀ ସ୍ୱାଇଁବାବୁଙ୍କୁ ଜଗି ଜଗି ଖାଇନଥିଲା ! ସେ ବା କେମିତି ଖାଇଥାନ୍ତା; ସ୍ୱାଇଁବାବୁଙ୍କୁ ଖାଇବାକୁ ଦେଲା ପରେ ସେ ପରେ ଖାଏ, ବାସନ କୁସନ ମାଜେ !

ଗାଡିରୁ ହାତଧରି ଜଣେ ସ୍ୱାଇଁବାବୁଙ୍କୁ ତଳକୁ ଓହ୍ଲାଇଲା ! ଶୁକ୍ରୀ ଏଭଳି ଅବସ୍ଥା ଦେଖି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାନିଆ ହୋଇଗଲା ! ସେ ପଚାରିଲା- ବାବୁର କାଇଟା ହେଇସି ! ସାଙ୍ଗ ଜଣଙ୍କ କହିଲେ - ନା କିଛି ହୋଇନି... ତୁ ୟାଙ୍କୁ ଘରେ ଶୁଆଇ ଦେଏ.. ସେ ଠିକ ହୋଇଯିବେ ! ଶୁକ୍ରୀ ଠିକ ଜାଣି ପାରିଲା- ସ୍ୱାଇଁବାବୁ ମଦ ପିଇଛନ୍ତି ! ସେ ସ୍ୱାଇଁ ବାବୁଙ୍କର ହାତକୁ କାନ୍ଧରେ ପକାଇ ଧୀରେ ଧୀରେ ଖଟିଆ ଉପରେ ଗଡାଇ ଦେଲା !

ଗୋଡରୁ ଜୋତା ମଉଜା, ଦେହରୁ ସାର୍ଟ ସବୁ ବାହାର କରି ଦେଲା ! ନିଶାରେ ସ୍ୱାଇଁବାବୁ ଆଉଟୁ ପାଉଟୁ.... କେବଳ ପାଟି କରି ବାଉଳା ହୁଅନ୍ତି... ଶୁକ୍ରୀ ତୁ କୁଆଡେ ଗଲୁ... ! ତୁ ଖରାପ ଭାବିବୁନି ମୁଁ ମଦ ପିଇଛି ବୋଲି... ମତେ ଜବରଦସ୍ତ ପିଆଇ ଦେଲେ... ! ! ମୋ ବୋପା ଦେହକରେ କେବେ ମଦ ପିଇ ନଥିଲି... ଏବେ ସାଙ୍ଗ ମେଳରେ ଢୋକେ ପିଇ ଦେଲି... ତୁ ଖା.. ମତେ ଅପେକ୍ଷା କରେ ନା... ଶୁକ୍ରୀ ତୁ ବହୁତ ଭଲ...ଆଇ ଲବ୍ ୟୁ... ! !

ଶୁକ୍ରୀ କହିଲା - ବାବୁ ମୁଁ ତୁମ ପାଖରେ ଅଛି ! ତୁମେ ଶୋଇ ଯା.. ! କିଛି ହେବ ନି... ! !

ନିଶାରେ ଚୁର୍ ସ୍ୱାଇଁବାବୁ ! ସେ କହିଲେ-ତୁ ମୋ ପାଖରେ ଶୁଅ... ! ! ମତେ ଭଲ ଲାଗୁ ନି.. ! ! ଶୁକ୍ରୀକୁ ନିଜ ଆଡକୁ ଟାଣି ଆଣିଲେ ସ୍ୱାଇଁବାବୁ.. !

ଶୁକ୍ରୀ କ'ଣ କରିବ ! ତା' ବୁଦ୍ଧି ହଜିଗଲା ! ବାଧ୍ୟ ହୋଇ ସେଇ ଖଟିଆରେ ଶୋଇଗଲା ଛାତରେ ଛାତି ମିଶାଇ ! ରାତି ଚାରିଟାରେ ସ୍ୱାଇଁବାବୁଙ୍କ ନିଦ ଭାଙ୍ଗିଲା ! ଦେଖିଲା ଖଟରେ ବିବସ୍ତ୍ର ହୋଇ ଶୁକ୍ରୀ ଶୋଇଛି ! ତା ଯୌନ ସଂଭାର ଦେଖି ସ୍ୱାଇଁବାବୁ ନିଜକୁ ସମ୍ଭାଳି ପାରିଲେ ନାହିଁ ! ସେ ଶୁକ୍ରୀ ପ୍ରତି ଆକୃଷ୍ଟ ହୋଇ ଶାରୀରିକ ସଂପର୍କ ସ୍ଥାପନ କଲେ ! ଶୁକ୍ରୀ ଲାଜରେ କିଛି କହି ପାରିଲା ନାହିଁ ! ସକାଳ ହେଲା ସେ ଚୁପ୍ ଚାପ୍..ନିରବରେ ମଥା ପୋତି ବସି ରହିଲା ! ସ୍ୱାଇଁବାବୁ କେତେ କ'ଣ କହିଲେ ! ସେ ଉତ୍ତର ଦେଲା ନି.. ! ଲାଜରେ ମୁହଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତଳକୁ ପୋତି ଦେଲା... ! !

ଏହି ଲାଜ ବେଶୀ ଦିନ ମନରେ ବସା ବାନ୍ଧି ରହିଲା ନାହିଁ ! ଏମିତି ଲାଜ ଲାଜ ଭିତରେ ସ୍ୱାଇଁବାବୁଙ୍କ ଯୌନ କ୍ଷୁଧା ମେଣ୍ଟି ଚାଲେ ସବୁ ରାତିରେ ! ପ୍ରେମ ଅନ୍ଧ ! ପ୍ରେମରେ ନଥାଏ ମାଲିକ ଚାକରାଣି ପ୍ରଭେଦ ! ନା ଜାତି ଧର୍ମର ପ୍ରତିବନ୍ଧକ ! ପ୍ରେମ ଶାସ୍ୱତ ! ପ୍ରେମ ଅମ୍ଳାନ ! ସ୍ୱାଇଁବାବୁ ଆଗ ଅପେକ୍ଷା ଶୁକ୍ରୀକୁ ବହୁତ ଭଲ ପାଆନ୍ତି ! ତାକୁ ଦାମିକା ଶାଢି ଆଣି ଦିଅନ୍ତି ! ସେ ପିନ୍ଧେ... ! ! ତା' ବେକରେ ସୁନା ମାଳି, କାନରେ ସୁନା ଫୁଲ ଝଟକେ ! ତା' ଆଭୁଷଣ ଦେଖିଲେ ପାହାଡୀ ଅରଣ୍ୟରେ ବସନ୍ତ ଫେରିଆସେ । ମନ ଯୌବନରେ ପାହାଡୀ ଝରଣା କୁଳୁ କପଳୁ ସଂଗୀତର ମୂର୍ଚ୍ଛନା ତୋଳେ.. ! ଶୁକ୍ରୀ ସ୍ୱାଇଁବାବୁଙ୍କ ଭଲ ପାଇବାରେ ଆତ୍ମହରା ହୋଇ ପଡେ ଯେମିତି... ! ! ଆନନ୍ଦ ହିଁ ଆନନ୍ଦ... ସ୍ୱର୍ଗୀୟ ଆନନ୍ଦରେ ତା' ମନ ମାନସ ଅମାନିଆ ପକ୍ଷୀ ପରି ଅନନ୍ତ ଆକାଶରେ ଉଡି ବୁଲେ.. ! !

ହାତରେ ମୁଠା ମୁଠା ଟଙ୍କା; ଅଭାବ କିଛି ନାହିଁ... ! ! ଶୁକ୍ରୀ ଏବେ ଘରର ଚାକରାଣୀ ନୁହେଁ ମାଲିକିଆଣୀ ! ତେବେ ସାହି ପଡିଶା କହିବେ କ'ଣ ବୋଲି ବାହାରେ ଟିକେ ଛାଡ ବାଡ ! ନତୁବା ସବୁ ପତିପତ୍ନୀର ଭୂମିକାରେ ଦୁହେଁ ଦୁହିଁଙ୍କର ଆତ୍ମାର ମିଳନ ଘର ଭିତରେ !

ସାହି ପଡୋଶୀ ସ୍ତ୍ରୀମାନେ ଟୁପୁର ଟାପର ହେଲେଣି ! ଶୁକ୍ରୀର ବେଶଭୁଷା ଦେଖି ସବୁ ମାଇପି ଈର୍ଷା ! ଯାହା ନୁଖୁରା ମୁଣ୍ଡକୁ ଟୋପେ ତେଲ ନଥିଲା ସେ ବେକରେ ସୁନା ମାଳି ପକାଇ ଝଲ ମଲ.. ଯାହା ଦେହରେ ମଇଳା ଫଟା ଲୁଗାରେ ଲାଜ ଢାଙ୍କି ପାରୁ ନଥିଲା ତା ଦେହରେ ପାଟ ଶାଢୀ.. ! ଚାକରାଣୀ ନିଜ ଘରକୁ ନଯାଇ ସାରା ରାତି ସ୍ୱାଇଁ ବାବୁଙ୍କ ଘରେ ସମୟ ବିତୁଛି ! ଛି ଛି ମୁହଁକୁ ଲାଜ ନା ସରମ ଅଛି... ଏତେ ଅଲାଜୁକ.. ! ସ୍ୱାଇଁବାବୁ ଚରିତ୍ର ହୀନ ! ସେଇ ଆଦିବାସୀ ଟୋକି ସାଥିରେ ଲଟର ପଟର ! ଛି ଛି.. ସ୍ୱାଇଁବାବୁର ଜାତି ଗୋତ୍ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାହିଁ ! ମାଇପିମାନଙ୍କ ଟାହି ଟାପରା ଏବେ ହାଟରେ ପଡି ଦାଣ୍ଡରେ ଗଡୁଛି । ଶୁକ୍ରୀକୁ କିଏ କେମିତି ଦେଖାଇ ଶିଖାଇ କହନ୍ତି ! ଶୁକ୍ରୀ ସେ ସବୁ ଶୁଣେ ଓ ଜାଣେ ତଥାପି କାହାରିକୁ କିଛି ନ କହି ବାଟ ଚାଲେ ! ସେ ଭାବେ, ହାତୀ ଯାଉଛି ବଜାରେ.. କୁକୁର ଭୁକୁଛି ହଜାରେ.. ! ମୋ ସ୍ୱାଇଁବାବୁ ଭଲ ତ ମୁଁ ଭଲ.. ! କାହାର ପୋଡା ଜଳା ହେଲେ ମୋର କି ଯାଏ.. ! !

ସ୍ୱାଇଁବାବୁ କହୁଥିଲେ, ତାଙ୍କ ବାପା ମାଆ କୁଆଡେ ଗଞ୍ଜାମରୁ କାଲି ଆସିବେ ମାଲକାନଗିରି ! ଏ ଜଙ୍ଗଲ ରାଇଜକୁ ଦେଖିବାକୁ ତାଙ୍କର ପ୍ରବଳ ଇଚ୍ଛା ! ତାଙ୍କ ବାପା ମା' ବହୁଥର ଚିଠି ଲେଖିଲେଣି ଗାଁ ଆଡେ ବୁଲା ବୁଲି କରି ଆସିବା ପାଇଁ ! ନୂଆ ଚାକିରୀ ବୋଲି ଯିବାକୁ ତର ନାହିଁ ! ବିଡିଓ ସବୁ ସମୟରେ କାମ ଚଞ୍ଚଳ ସାରିବାକୁ ପାଟି କରନ୍ତି ! ମାଲକାନଗିରିକୁ ନୂଆ ନୂଆ ଜିଲ୍ଲାପାଳ ଆସନ୍ତି ! ତେଣୁ ସେମାନେ ମଧ୍ୟ ବେଶି ଠାଣିରେ କଥା କହନ୍ତି ! ସେମାନଙ୍କର କୌଣସି କାମରେ ତିଳେ ବି ଅଭିଜ୍ଞତା ନଥାଉ ପଛେ କ୍ଷମତା ପ୍ରୟୋଗ କରିବାରେ ମାଷ୍ଟ୍ର !

ଧମକ ଚମକ ବେଶୀ ! କଥା କଥାରେ ଚାକିରୀ ଖାଇ ଦେବି ! ସସପେଣ୍ଡ କରି ଦେବି ! ମାଲକାନଗିରି ଜିଲ୍ଲାଟି ଓଡିଶାର ସୀମାନ୍ତବର୍ତ୍ତୀ ଅଞ୍ଚଳ ! ମାଥିଲି ଠାରୁ ମୋଟୁ ପର୍ଯ୍ୟନ୍ତ ଛତିଶଗଡ ରାଜ୍ୟର ସୀମା ସ୍ପର୍ଶ କରିଥିବା ବେଳେ ମୋଟୁ ଠାରୁ ଚିତ୍ରକୋଣ୍ଡା ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶର ସୀମା ଲାଗି ରହିଛି ! ଆଦିବାସୀ ଗାଁ ପାଖାପାଖି ବଙ୍ଗୀୟ ଶରଣାର୍ଥୀଙ୍କ ଗ୍ରାମ ! ଆଦିବାସୀଙ୍କ ନିଜସ୍ୱ ଭାଷା ଥିଲେ ବି ଦେଶୀଆ ଭାଷାରେ ସମସ୍ତେ ଭାବ ବିନିମୟ ହୁଅନ୍ତି ! ବଙ୍ଗୀୟ ଶରଣାର୍ଥୀମାନେ ବଙ୍ଗଳା ଭାଷାରେ ନିଜ ନିଜ ଭିତରେ କଥା ବାର୍ତ୍ତା ହେଲେ ମଧ୍ୟ ଓଡିଆ, ଦେଶୀଆ, କୋୟା, ହିନ୍ଦୀ ଆଦି ସବୁ ଭାଷା କହି ପାରନ୍ତି !

ତେଣୁ ଦେଶୀଆ ଭାଷା ହେଉଛି ଅବିଭକ୍ତ କୋରାପୁଟର କଥିତ ଭାଷା ! ଯାହାକି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଡିଆ ଭାଷା ଠାରୁ ସ୍ୱଳ୍ପ ଭିନ୍ନ !

ସ୍ୱାଇଁଙ୍କ ବାପା ମା' ବହୁ ଥର ଚିଠି ଲେଖିଲେଣି ଗାଁକୁ ଆସିବା ପାଇଁ ! ମାତ୍ର ଛୁଟି ନାହିଁ ବୋଲି ଗାଁକୁ ଯାଇ ହେଉ ନାହିଁ ! ଗାଁ କଥା ମନରେ ଚିନ୍ତା କରି ଲାଭ ନାହିଁ ! ପୁଅର ବିଳମ୍ବ ଦେଖି ବାଧ୍ୟ ହୋଇ ତାଙ୍କ ବାପାମା' ମାଲକାନଗିରି ବୁଲି ଆସିବା ପାଇଁ ଚିଠି ଲେଖିଥିଲେ !

ଆଜି ସକାଳେ ସ୍ୱାଇଁବାବୁଙ୍କ ବାପାମା' ମାଲକାନଗିରି ବସ୍ ଷ୍ଟାଣ୍ଡରେ ଆସି ପହଞ୍ଚିଲେ ! ସ୍ୱାଇଁବାବୁ ବସ୍ ଷ୍ଟାଣ୍ଡ ଯାଇ ସେ ଦୁହିଁଙ୍କୁ ପାଛୋଟି ଆଣିଲେ ! ବାପାମା'ଙ୍କ ସହ ଶୁକ୍ରୀକୁ ପରିଚୟ କରାଇଦେଲେ ସ୍ୱାଇଁବାବୁ ! ସେ ଘରର ସବୁ କାମ କରେ ! ରୋଷେଇ କରେ ! ଭଲ ରନ୍ଧାବଢା କରୁଛି ! ସ୍ୱାଇଁବାବୁଙ୍କ ବାପା ଜଗବନ୍ଧୁ ଆଉ ମା ତୁଳସୀ ଶୁକ୍ରୀକୁ ଭଲ ପାଇଲେ ! ତା କାମଧାମ ଶୁଣି ସ୍ନେହ କଲେ ! ଶୁକ୍ରୀ ସେମାନଙ୍କୁ ଓଳଗି ହେଲା ! ସେମାନେ ଆଶୀର୍ବାଦ କଲେ ! ପୁଅର ଭଲ ମନ୍ଦ ସବୁ ବୁଝିବୁ ବୋଲି କହିଲେ ! ଶୁକ୍ରୀ ମୁଣ୍ଡ ଟୁଙ୍ଗାରି ହଁ ଭରିଲା !

ରାତିରେ କଥା ପଡିଲା, ସ୍ୱାଇଁବାବୁଙ୍କ ବିବାହ ପ୍ରସ୍ତାବ ନେଇ ବାପାମାଆ ଆସିଛନ୍ତି ! ଘରକୁ ଗୋଟିଏ ପୁଅ ! ଚାକିରୀ ହେଲା, ଘରକୁ ବୋହୂଟିଏ ଲୋଡା ! ରନ୍ଧା ବଢା କରିବାକୁ କିଏ ଅଛି ! ବୁଢା ବୁଢି ମଣିଷ ! ଭଲ ଶ୍ୱଶୁର ଘର, ଝିଅ ଗୋଟେ ଚାଉଳରେ ଗଢା, ଶିକ୍ଷିତା, ସୁଶୀଳା, ଗୁଣବତୀ ! ଯୌତୁକ ବି ଭଲ ମିଳିବ ! ଝିଅର ବାପା ପଶୁ ଡାକ୍ତର ! ସ୍ୱାଇଁବାବୁ ବାପା ମା'ଙ୍କ କଥାରେ ରାଜି ହେଲେନି ! କାରଣ ନୂଆ ଚାକିରୀ ! ରେଗୁଲାର ହୋଇନି ! ତରତରରେ ବାହା ହୋଇଗଲେ ଘର ଚଳିବା କଷ୍ଟ ହୋଇ ପଡିବ ! ତଥାପି ବାପାମା'ଙ୍କ ଏକ ଜିଦି, ବାହା ହେବା ପାଇଁ ! ତୁଳସୀ ରାଣ ନିୟମ ପକାଇଲେ ! ମା' କେତେ କାନ୍ଦ ବୋବା କଲା ! ପରଦିନ ସନ୍ଧ୍ୟାରେ ବାପାମା' ତାଙ୍କର ବସରେ ବ୍ରହ୍ମପୁର ଫେରିଗଲେ ! ସକାଳେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶୁକ୍ରୀ ଆସିଲା ! ସ୍ୱାଇଁବାବୁଙ୍କର ମନ ଭଲ ନଥିବାରୁ ସେ ଶେଯରେ ସକାଳ ୧୦ଟା ଯାଏଁ ପଡି ରହିଛନ୍ତି ! ରବିବାରଟା ! ବୋଧେ ଅଫିସକୁ ଯିବାର ନାହିଁ ! ତଥାପି ଶୁକ୍ରୀ ବାବୁଙ୍କୁ ଉଠାଇଲା ! ବାବୁ ନିଦ ମଳମଳ ଆଖିରେ ଅଳସ ଭାଙ୍ଗି ଉଠିଲେ ! ମୁହଁ ଧୋଇ ବଜାରକୁ ବାହାରିଲେ ! ଛେଳି ମାଂସ କିଲେ ନେଇ ଆସିଲେ ! ଶୁକ୍ରୀକୁ କହିଲେ ଭଲ କରି ରାନ୍ଧେ !

ଶୁକ୍ରୀ ତା'ର ରନ୍ଧା ରନ୍ଧି କରି ପରସିଲା ଏବଂ ଶେଷରେ ସେ ଖାଇଲା ! ସ୍ୱାଇଁବାବୁ କହିଲେ, ଶୁକ୍ରୀ ତୁ ଘରେ ରହିବୁ... ମୁଁ ଗାଁକୁ ଯିବି ! ସପ୍ତାହକ ପରେ ଫେରିବି ! ବାପା ମା ଆସିଥିଲେ, ଯିବା ପାଇଁ ବାଧ୍ୟ କରିଛନ୍ତି ! ଶୁକ୍ରୀ ମୁଣ୍ଡ ଟୁଙ୍ଗାରିଲା ! କହିଲା, ତୁରନ୍ତ ଯାଇ ତୁରନ୍ତ ଆସିବ ! ବେଶୀ ଦିନ ରହିବ ନାହିଁ ! ମତେ କୁଣ୍ଡୁକୁଣିଆ ଲାଗିବ !

ସପ୍ତାହକ ପାଇଁ ସୌଦା ପତ୍ର କିଣା ହେଲା ! ଘରେ ଚାଉଳ, ଡାଲି, ତେଲ, ଲୁଣ ସବୁ ଅଛି ! ଖାଇବାର ଅଭାବ ନାହିଁ ! ଶୁକ୍ରୀ ହାତରେ ବି ହଜାର ଟଙ୍କା ଗୁଞ୍ଜି ଦେଲେ ସ୍ୱାଇଁବାବୁ ପନିପରିବା ଆଣିବା ପାଇଁ ! କହିଲେ -ଏ କ୍ୱାର୍ଟରରେ ରହିବୁ ! ତୋ ବସାକୁ ଯିବୁନି... ମୁଁ ଗାଁରୁ ଫେରିବା ପର୍ଯ୍ୟନ୍ତ ଏଠି ରନ୍ଧା ବଢା କରି ଖାଇବୁ ! ସ୍ୱାଇଁବାବୁ ସୋମବାର ଦିନ ଗଲେ !

ଦେଖୁ ଦେଖୁ ସପ୍ତାହଟେ ବିତିଗଲା ସ୍ୱାଇଁବାବୁ ଆସି ଏ ଯାଏଁ ନାହାଁନ୍ତି ! ଶୁକ୍ରୀ ବିବ୍ରତ ହୋଇ ପଡିଲା ! ସବୁ ଦିନ ପରି ଦାଣ୍ଡ ଦୁଆରେ ଚାହିଁ ରହିଲା ଆସିବା ବାଟକୁ !

ତାକୁ କିଛି ଭଲ ଲାଗିଲା ନାହିଁ ! ଦୁଇ ତିନିଦିନ ପରେ ବ୍ଲକକୁ ଗଲା ! ଚିହ୍ନା ଜଣା ଦେଖି ପଚାରିଲା ! ସ୍ୱାଇଁବାବୁ କେବେ ଆସିବେ ? ଜଣେ ପିଅନ କହିଲା, ସେ ଆଉ ସପ୍ତାହ ପରେ ଆସିବେ ! ବାହା ହେବା ପାଇଁ ଯାଇଛନ୍ତି ! ଟିକେ ଡେରି ହେବ !!

ବାହା କଥା ଶୁଣୁ ଶୁଣୁ ଶୁକୁରୀର ପାଦ ତଳୁ ମାଟି ଖସିଗଲା ! ଯେମିତି ଆକାଶଟା ତା ମୁଣ୍ଡ ଉପରେ ଛିଣ୍ଡିଗଲା ! ସେ ଏବେ କରିବ କଣ ? ତା ପେଟରେ ଦୁଇ ମାସର ଗର୍ଭ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂଚରୁଛି ! ସେ ବଞ୍ଚିବ ନା ମରିବ...ଚିନ୍ତା କରି ପାରୁନି ! ସ୍ୱାଇଁବାବୁ ତ ଦିନେ ବାହା ହେବା କଥା ପଦଟିଏ ବି କହିଲେ ନାହିଁ ! କେତେ ଛଳନା...କେତେ କପଟ ତାଙ୍କ ମନରେ... ! !

ଏ କଥା ଭାବି ଭାବି ଶୁକ୍ରୀ ଆଖିରୁ ଧାର ଧାର ଲୁହ ନିଗିଡି ପଡିଲା ! ସେ ଖାଇବା ପିଇବା ଭୁଲିଗଲା ! ସେମିତି ଘରେ ପଡି ରହିଲା ଅନେକ କୋହକୁ ଛାତିରେ ସାଉଁଟି ଧରି... ! !

ଦିନା କେଇଟା ପରେ ସ୍ୱାଇଁବାବୁ ଆସିଲେ ମାଲକାନଗିରି ! ହାତରେ ଝଟକୁଛି ବିବାହ ମୁଦି, ବେକରେ ଶ୍ୱଶୁର ଘରର ପ୍ରଦତ୍ତ ସୁନା ଚେନ୍ ! ପଦ ଯୁଗଳରେ ବିବାହର ଚିହ୍ନ ସ୍ୱରୂପ ଚିତ୍ରିତ ହୋଇଛି ଅଳତାର ଦାଗ !

ଶୁକ୍ରୀ କ୍ୱାର୍ଟରେ ନାହିଁ ! ସ୍ୱାଇଁବାବୁ ଅପେକ୍ଷା କରି କରି ତା'କୁଡିଆକୁ ଫେରି ଯାଇଛି ମନ ଦୁଃଖରେ ! ସେ ଆସିବ ବୋଲି ବହୁ ସମୟ ଅପେକ୍ଷା କଲେ ! ଶୁକ୍ରୀ ଆସିଲା ନାହିଁ ! ସକାଳ ହୋଇ ଦିନ ବାରଟା ହେଲା ! ତଥାପି ଆସିଲା ନାହିଁ ! ସ୍ୱାଇଁବାବୁ ଗଲେ ଶୁକ୍ରୀର ସେଇ ଝାଟି ମାଟିର ଘରକୁ ! ଶୁକ୍ରୀ କୁଟୀର ଭିତରେ ଭୂଇଁରେ ଶୋଇଛି ହତୋତ୍ସାହ ହୋଇ ! ମୁଣ୍ଡର କେଶ ଅଲରା ! ଦୁଆର ତାଟ ମେଲା ରହିଛି... ! ! ସ୍ୱାଇଁବାବୁ ବାହାରେ ଠିଆ ହୋଇ ଡାକିଲେ-ଶୁକ୍ରୀ...ଶୁକ୍ରୀ...

ଉଠ୍.....ମୁଁ ଆସିଛି... ! !

ଶୁକ୍ରୀର ନିଦ ଭାଙ୍ଗିଗଲା.. ! ସେ ଉଠି ଦେଖିଲା-ସ୍ୱାଇଁବାବୁ.. ! କଇଁ କଇଁ ହୋଇ କାନ୍ଦିଲା ! ତା' ଅମାନିଆ ଆଖିରୁ ଅବିଶ୍ରାନ୍ତ ଲୁହ ଧାର ଯେତେ ସବୁ ନଇ ହୋଇ ବୋହି ଗଲା ! ସେ କହିଲା-ତୁମ ଚାବି ନିଅ... ଏଠାରୁ ତୁରନ୍ତ ଚାଲି ଯାଅ.... ! ମତେ ଡାକନି... ମୁଁ ତୁମ ମୁହଁକୁ ଦେଖିବାକୁ ଚାହେଁ ନାହିଁ ! ତୁମେ ଦଗାଦିଆ ମଣିଷ... ତୁମେ ପର ଦେଶୀ...

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବିଦେଶୀ ! ! ଶୁକ୍ରୀ ଚାବି ପେନ୍ଥାଟିକୁ ଦାଣ୍ଡ ଦୁଆରକୁ ଫୋପାଡି ଦେଲା ଅଭିମାନରେ ! ସ୍ୱାଇଁବାବୁ କିଛି ନ ଉତ୍ତର ଦେଇ ସେଠାରୁ ଚୁପ୍ ଚାପ୍ ଫେରିଆସିଲେ ! ସେ ଭାବିଲେ-ଶୁକ୍ରୀ ବିବାହ କଥା ବୋଧେ ଜାଣି ପାରିଛି ! ସେଥିପାଇଁ ରାଗରେ ଗରଗର ହେଉଛି ! ବିବାହ ପୂର୍ବରୁ ତା'ର ବି ମତାମତ ନେବାର ଥିଲା !

ଶୁକ୍ରୀ କାଳେ ଆସିବ ଭାବି ବହୁ ସମୟ ଚାହିଁ ରହିଲେ ସ୍ୱାଇଁବାବୁ ! ହୋଟେଲରେ ଦିନ ଦି'ଟାରେ କ'ଣ ଦି'ଟା ଖାଇଲେ ! ସଂଧ୍ୟା ହେଲା ଶୁକ୍ରୀର ଦେଖା ନାହିଁ ! ରାଗିଛି ବୋଧେ ! ଡେରି ହେଲା ବୋଲି ଅଭିମାନ କରିଛି ! ସେ ତ ଭାରି ସରଳି ଝିଅଟିଏ ! ଏତେ ନିଷ୍ଠୁର ହେଲା କେମିତି ? ସେ ସ୍ଥିର ହୋଇ ରହିପାରିଲେ ନାହିଁ ! ପୁନଶ୍ଚ ଶୁକ୍ରୀ ନିକଟରେ ମୋଟର ସାଇକେଲରେ ପହଞ୍ଚିଲେ ! ଶୁକ୍ରୀ ସେମିତି କୁଡିଆଟିରେ ମୁହଁ ମାରି ଶୋଇଛି ! ତା'ର ଏ ଦୁନିଆରେ କିଏ ଅଛି ! ତା' ଦୁଃଖ ଶୁଣିବାକୁ ! ବାପା ମା' କିଏ ଅଛି ଯେ...ବିପଦ ବେଳକୁ ଆହା କରିବ !ତାକୁ ଏ ସଂସାରରେ ସମସ୍ତେ ଏକା କରି ଦୁଃଖ ଦରିଆରେ ଭସାଇ ଚାଲି ଗଲେ !

ପର ଘରେ ବାସି ପାଇଟି କରି ଜୀବନ ଧରଣ କରିବା ଛଡା ଅନ୍ୟଗତି ନାହିଁ ! ପରଦେଶୀ ସ୍ୱାଇଁବାବୁ... ମନରେ ନିଜର ବୋଲି ଭାବି ଭାବ ଲଗାଇଥିଲା ଶୁକ୍ରୀ ! ଶେଷରେ ସେ ବି ଦଗା ଦେଲା.. !

ସ୍ୱାଇଁବାବୁ କୁଡିଆ ଭିତରେ ଡାକି ଡାକି ପଶିଲେ ! ଶୁକ୍ରୀକୁ ଭୂଇଁରୁ ଉଠାଇଲେ ହାତ ଧରି ! ତା' ମୁହଁଟି ଶୁଖି କଳା କାଠ ପାଲଟି ଯାଇଛି ! ଦୁଇ ତିନିଦିନ ହେଲା କିଛି ପାଣି କି ପେଜ ପିଇନି.. ! ପେଟରେ ଆହାର ମୁଠେ ପଡିନି ! ସ୍ୱାଇଁବାବୁ କହିଲେ, ମୋର ଡେରି ହେଲା ବୋଲି ତୁ ରାଗିଛୁ ନା ଶୁକ୍ରୀ... ମୋ ଭୁଲ ହୋଇଗଲା ! ଏବେ ଘରକୁ ଆସେ ରନ୍ଧା ବଢା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେ ଖାଇବା ! ଶୁକ୍ରୀ କହିଲା, ମୁଁ କିଏ... ? ଚାକରାଣୀଟିଏ... ତୁମ ମୋ ଭିତରେ କି ସଂପର୍କ ରହିଛି ?

ସେମିତି କହନା ଶୁକ୍ରୀ.. ଏବେ ଘରକୁ ଚାଲ, ସେଠାରେ କଥା ହେବା.. ! !

ଶୁକ୍ରୀର ଉପାୟ ଶୂନ୍ୟ ! ସେ ମାନ ଅଭିମାନ କରି କ'ଣ କରି ପାରିବ ?

ନିଜର ବୋଲି କିଏ ଅଛି ଯେ... ?

ବାଧ୍ୟ ହୋଇ ସ୍ୱାଇଁବାବୁଙ୍କ ଗାଡିରେ ବସି କ୍ୱାର୍ଟରକୁ ଗଲା ! ରନ୍ଧା ବଢା କରି ରାତିରେ ଏକ ଖଟରେ ଶୟନ କଲା ! ଅନେକ ଥର ଶୁକ୍ରୀ ରାତିରେ ଖାଇ ପିଇ ସେଠାରେ ରହେ ! ସ୍ୱାଇଁବାବୁଙ୍କ ମିଠା ମିଠା କଥାରେ ଅନେ ସପନ ଦେଖେ ! ସେ ତାକୁ ନିଜର କରିନିଏ ରାତିକ ପାଇଁ ! ଦିନରାତି ସେବା କରେ, ରାନ୍ଧିବାଢି ପତ୍ନୀ ପରି ଖାଇବାକୁ ଦିଏ, ଏତେ ସେବା କରେ, ସ୍ତ୍ରୀର ସୁଖ ଦିଏ.. ହେଲେ ସ୍ତ୍ରୀ ବୋଲି ଅଧିକାରଟିଏ ଥରଟିଏ ବି ମାଗି ପାରେ ନା ! କିଛି ହାତ ଟେକା ଶାଢୀ, ଚୁଡି ଆଉ ମାସିକ କେଇ ଟଙ୍କାରେ ତା ଭାଗ୍ୟ ତାକୁ ଫେରାଇ ଆଣେ ଚାକରାଣୀର ତଳ ପାହାଚକୁ ! ସେ ତ ବାମନଟିଏ... ଚନ୍ଦ୍ରକୁ ହାତ ବଢାଇବା ଆସ୍ପର୍ଦ୍ଧା ମାତ୍ର ! ସେ ଏକ ଅଖ୍ୟାତ ପାହାଡ ମୂଳକର ଜଙ୍ଗଲୀ ନିସ୍ୱ ଆଦିବାସୀ ଝିଅଟିଏ .. ! ଯେଉଁ ମୂଳକରେ ଶିକ୍ଷା ନାହିଁ, ସଂସ୍କାର ନାହିଁ, ମଦର ଦୁର୍ଗନ୍ଧରେ ଚହଟି ଉଠେ ଅରଣ୍ୟ ରାଇଜ ! ଯେଉଁ ପୋଡା ମାଂସର ଧୂଆଁରେ ଆକାଶ ଆଛନ୍ନ ! ଯେଉଁଠି କନ୍ଦ ଫଳ ମୂଳରେ ପେଟର ଭୋକ ମରେ, ଯେଉଁଠି ବରଡା ପତ୍ରର ନୁଇଁ କୁଡିଆରେ ଦିନରେ ସୂର୍ଯ୍ୟ ଆଉ ରାତିରେ ତାରା ଦିଶେ, ଯେଉଁଠି ଭୋରର ଭୂଗୋଳରେ ସ୍ୱାକ୍ଷରିତ ଚିର ଅବହେଳିତର ପଦ ଚିହ୍ନ.. ସେଇ ମାଟିର ଝିଅ ଶୁକ୍ରୀ; କେମିତି ଆତ୍ମ ବିଭୋର ହୋଇ କହିଥାନ୍ତା... ମୁଁ ତୁମର ପତ୍ନୀ.... ! କେମିତି ଅଧିକାରଟିଏ ମାଗିଥା'ନ୍ତ ମୁଁ ତୁମର ଅର୍ଦ୍ଧାଙ୍ଗିନୀ ବୋଲି ? ମନରେ ଅନେକ ପ୍ରଶ୍ନ ଉଙ୍କି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଣ୍ଡର ଝାଳ ତୁଣ୍ଡରେ ମାରିଛି ! କିନ୍ତୁ ପାଇଛି କଣ? ତା' ଭିଟା ଆଜି ଜଳମଗ୍ନ, ତା ଶସ୍ୟଶାମଳା ଭରା ଚାଷଜମି ଜଳ ପ୍ଲବନ ! ସେ ଏକ ସ୍ୱାଧୀନ ଦେଶର ପରାଧିନ ନାଗରିକ ! ତା ନିଜମାଟିରେ ସେ ଜଣେ ଅଜ୍ଞାତ ଦାଦନ ! ତା'ର ଭିଟ ମାଟି ଅଛି ନା ଚାଷ କରିବାକୁ ଖଣ୍ଡେ ଜମି ଗୁଣ୍ଠେ ଅଛି ! ସେ ଯୁବ ଅବସ୍ଥାରେ ଜଣେ ଧାଙ୍ଗିଡୀକୁ ଭଲ ପାଇ ଉଦୁଲିଆ ଆସି ରହିଥିଲା ମାଲକାନଗିରିରେ ! ତା'ଗର୍ଭରୁ ଜାତ ଶୁକ୍ରୀ ! ମା' ସୋମ୍ବାରୀ ତାକୁ ଜନ୍ମ ଦେଲା ପରେ ରକ୍ତ ଶୂନ୍ୟ ହୋଇ ଆଖି ବୁଜିଲା ଦେଲା ଚିରଦିନ ପାଇଁ ! ମା' ପରି ମଦନା କୁଲି ଦୁଃଖ ପଡି କେତେ ଝଡ ଝଞ୍ଜାରେ ବଞ୍ଚାଇ ଆସିଛି ଶୁକ୍ରୀକୁ ! ଏବେ ବାପା ମଦନା ଆଖି ବୁଜିଲା ପରେ ଅନାଥ !

ଶୁକ୍ରୀ ଦିନେ ନିଜର ଘରଦ୍ୱାର ନାହିଁ ବୋଲି ସ୍ୱାଇଁବାବଙ୍କୁ କହିଲା ! ସେ କେତେଦିନ ଆଉ ପରଘରେ ଭଡାରେ ରହିବ ! ସେ ବି ଗୋଟେ ସରକାରୀ ଜାଗାରେ କୁଡିଆ କରି ରହିବ ! ପଇସା ପତ୍ର ହାତରେ ନଥିବାରୁ କୁଡିଆ ଖଣ୍ଡେ ତୋଳି ପାରୁନି.. ! ! ସ୍ୱାଇଁବାବୁ ଶୁକ୍ରୀ ମନ କଥା ଜାଣିପାରି ପାଞ୍ଚ ହଜାର ଟଙ୍କା ଦେଇ କୁଡିଆ ଖଣ୍ଡକ ବନାଇ ଦେଲେ ! ଶୁକ୍ରୀ ଏବେ ଖୁବ୍ ଆନନ୍ଦିତ ! ବାସ୍ତବରେ ସ୍ୱାଇଁବାବୁ କେତେ ଭଲ ମଣିଷ... ! ଏମିତି ପରୋପକାରୀ ମଣିଷ ସେ କେବେ ଦେଖିନି ! ତା'ର ବହୁ ଦିନର ସ୍ୱପ୍ନ ପୂରଣ ହେଲା ! ସ୍ୱାଇଁବାବୁ ବେଳେବେଳେ ଶୁକୁରୀକୁ ଥଟ୍ଟା ମଜାରେ କହନ୍ତି, ଶୁକ୍ରୀ ତୁ ବାହା ହେବୁ କେବେ ? ତୋର ବୟସ ହୋଇଗଲାଣି ! ଶୁକ୍ରୀ ବି ମଜାରେ କହେ, ତୁମେ ବାବୁ ତ ବୁଢା ହେଇ ଗଲଣି... ତୁମେ ଧାଙ୍ଗିଡୀ ଆଣିବ କେବେ... ? ଆମ ଆଦିବାସୀ କୁଳେ ତୁମ ବୟସର ଧଙ୍ଗଡାକୁ ଡୋକରା (ବୁଢା) ଭାବି କିଏ ଟୋକି ଦେବ ନି... ! !

ସ୍ୱାଇଁବାବୁ ହସନ୍ତି ! ମୁଁ ଡୋକରା ହୋଇଗଲି ! ହଁ...ତୁ ଆଗ ବାହା ହେଲେ...ମୁଁ ପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାରେ ! ହେଲେ କହିବା ପାଇଁ ସେ ସାହାସ... ସେ ଦମ୍ଭ ନାହିଁ... ଶୁକ୍ରୀ ମନରେ !

ରାତି..... ପୂର୍ବ ପରି ଏକ ଭିନ୍ନ ରାତି ବୋଧେ...

ଶୁକ୍ରୀ ଶେଯରେ ପଡିଛି ହେଲେ ନିଦ ନାହିଁ ! ସ୍ୱାଇଁବାବୁ ଶୋଇ ପଡିଲେଣି ଖଟରେ ! ଗାଡିରେ ଆସି କ୍ଳାନ୍ତ ! ଥକ୍କା ପଣ ! ଶୁକ୍ରୀ ମନରୁ ସବୁ ମାନ ଅଭିମାନକୁ ବର୍ଜନ କରି ସ୍ୱାଇଁବାବୁଙ୍କ ଗୋଡ ମୋଡୁ ମୋଡୁ ଦେଖିଲା, ପାଦରେ ଅଳତାର ଦାଗ !

ବିବାହ ସନ୍ତକ ! ତା' ପ୍ରେମ ଦୁନିଆରେ ଅଗ୍ନି ସଂଚରି ଗଲା ! ତା ଆଖିରୁ ଦୁଇ ଟୋପା ଲୁହ ଝରି ସ୍ୱାଇଁବାବୁଙ୍କ ପାଦରେ ଠପ୍ ଠପ୍ ପଡିଲା ! ହଠାତ ସ୍ୱାଇଁବାବୁଙ୍କ ନିଦ ଭାଙ୍ଗି ଗଲା ! ସେ ଶୁକ୍ରୀକୁ ବାହୁବନ୍ଧନରେ ନିଜ ଆଡକୁ ଟାଣି ନେଇ କହିଲେ, ତୁ ମୋର ପ୍ରଥମ ପ୍ରେମ... ତୁ ମୋର ପ୍ରଥମ ପ୍ରେମିକା ! ତତେ ମୁଁ ଭାରି ଭଲ ପାଏ !

ଶୁକ୍ରୀ ଅଭିମାନରେ କହିଲା, ସବୁ ମିଛ, ମତେ ପଦଟିଏ ନ କହି.. ତୁମେ ଲୁଚି ଲୁଚି ବାହା ହୋଇଗଲ... ! କାହିଁକି.... ମୁଁ କିଏ.. ?

ସ୍ୱାଇଁବାବୁ କହିଲେ, ତରବରରେ ବାହା ଘରଟି ହୋଇଗଲା ! ବାପାମା' ବାଧ୍ୟ କଲେ ! ସେ ଗାଁରେ ରହିବ, ତୁ ମୋ ପାଖରେ ରହିବୁ ସବୁ ଦିନ ପାଇଁ ! ତତେ ମୁଁ ଭୁଲିବି ନାହିଁ !

ଶୁକ୍ରୀ କହିଲା, ଯଦି ଏଇ କଥା ସତ.. ମୋ ମଥାରେ ସିନ୍ଦୂର ଦିଅ.. ମତେ ସ୍ତ୍ରୀ ଭାବରେ ଗ୍ରହଣ କର.. !

ସ୍ୱାଇଁବାବୁ କହିଲେ, ନିଶ୍ଚୟ ତୋ ମଥାରେ ସିନ୍ଦୂର ପିନ୍ଧାଇବି !

ସୋମବାର ଦିନ ! ସୁଦ୍ଧ ସ୍ନାନ ସାରୀ ଶିବ ମନ୍ଦିରରେ ଶୁକ୍ରୀ ମଥାରେ ସିନ୍ଦୂର ଲଗାଇଲେ ସ୍ୱାଇଁବାବୁ ! ଫୁଲହାର ବି ଗଳାରେ ଅଦଳବଦଳ ହେଲା... ! ! ଶୁକ୍ରୀ ପତ୍ନୀର ମର୍ଯ୍ୟାଦା ପାଇଁ ମଥାରେ ଓଢଣୀ ଟାଣି ପାଦତଳେ ପ୍ରଣିପାତ ହେଲା ! ବ୍ରାହ୍ମଣଙ୍କ ଠାରୁ ଦୁହେଁ ଆଶୀର୍ବାଦ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଲେ !

ଶୁକ୍ରୀର ଅନେକ ଦିନର ସ୍ୱପ୍ନ ସଫଳ ହେଲା ! ସେ ଆଉ ଚାକରାଣୀ ନୁହଁ... କନିଷ୍ଠ ଯନ୍ତ୍ରୀଙ୍କ ଧର୍ମପତ୍ନୀ ସମାଜରେ ନୂତନ ପରିଚୟ ନେଇ ବଞ୍ଚିଲା ! ମଥାରେ ସିନ୍ଦୂର ନାଇଲା ଶୁକ୍ରୀ ! ତା ଦେହରେ ବିରାଜମାନ ହେଲା ରଙ୍ଗ ବେରଙ୍ଗର ଶାଢୀ ! ହାତରେ ନାଲି ଚୁଡି ! ମନରେ ଅଜସ୍ର ଆନନ୍ଦ.... ଅବର୍ଣ୍ଣନୀୟ..!! ଏମିତି ସୁନାର ସଂସାର ଦିନା କେତେ ଚାଲିଲା.. !!

କଥାରେ ଅଛି, ସୁଖଟା ବେଶୀ ଦିନ ରହେନି ! ସତରେ ସୁଖ ଦିନଗୁଡିକ ଚଞ୍ଚଳ ସରିଯାଏ ! ସେ ଦିନ ଥିଲା ଏକ ଦାରୁଣ ଦୁଃଖର ମୁହୂର୍ତ୍ତ ! ସବୁ ଦିନ ପରି ଶୁକ୍ରୀ ଟିଭି ଲଗାଇ ସଂଧ୍ୟା ଆଠଟାରେ ! ଦେଖିଲା, ମାଓବାଦୀଙ୍କ ଦ୍ୱାରା ଜଣେ ଠିକାଦାରଙ୍କୁ ହତ୍ୟା, ଜଣେ ଜେଇଙ୍କୁ ଅପହରଣ, ଦଶଟି ଗାଡିରେ ନିଆଁ ଲଗାଇ ପୋଡି ଦେଇଛନ୍ତି ମାଓବାଦୀ.. !

ଏ ଖବର ଓଡିଶା ସାରା ବ୍ୟାପିଗଲା ! ଶୁକ୍ରୀ ଜାଣି ପାରିଲା ସ୍ୱାଇଁବାବୁଙ୍କୁ ଅପହରଣ କରି ନେଇଛନ୍ତି ମାଓବାଦୀ ! ସେ ବି ଦିନେ କହୁଥିଲେ, ମାଓବାଦୀମାନେ ଜଙ୍ଗଲ ରାସ୍ତାରେ କାମ ବନ୍ଦ କରିବାକୁ ଠିକାଦାର ବେହେରାବାବୁଙ୍କୁ ଧମକ ଦେଇଛନ୍ତି ! କାମ ବନ୍ଦ ନକଲେ ପରିଣାମ ଭୟାବହ ହେବ ! ଚାହୁଁ ଚାହୁଁ ସମୟ ବିତିଗଲା !

ରାତିରେ ସ୍ୱାଇଁବାବୁ ଫେରିଲେ ନାହିଁ ଘରକୁ ! ଶୁକ୍ରୀ ଛାତିରେ ଛନକା ପଶିଲା ! ନଖାଇ ନପିଇ ରାତି ସାରା କାନ୍ଦିଲା ! ମା' ମାଉଲୀକୁ ନେହୁରା ହେଲା, ତା ମନର ମଣିଷକୁ ଭଲରେ ଫେରାଇ ଦେବାକୁ ବୁଢି ଠାକୁରାଣିକୁ କୁକୁଡା ବଳୀ ଦେବାକୁ ମନରେ ମନାସିଲା... !ସକାଳ ହେଲା ପୋଲିସ ଗଲେ ଘଟଣା ସ୍ଥଳକୁ ! ଠିକାଦରଙ୍କ ଶବ ଜବତ ହେଲା ! ମାଓବାଦୀଙ୍କ ହାତ ଲେଖା ଚିଠି ମିଳିଲା ! ସେଥିରେ ବ୍ଲକ ଜେଇ ସ୍ୱାଇଁଙ୍କୁ ଅପହରଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେବାର ସ୍ପଷ୍ଟ ଉଲ୍ଲେଖ ରହିଛି !

ଦିନେ ଗଲା ଦୁଇ ଦିନ ଗଲା... ସ୍ୱାଇଁବାବୁ ଆଉ ଘରକୁ ଫେରିଲେ ନାହିଁ ! ଗଞ୍ଜାମରୁ ସ୍ୱାଇଁବାବୁଙ୍କ ବାପାମାଆ ଟିଭି ଦେଖି ଆଉ ଖବରକାଗଜ ପଢି ଧାଇଁ ଆସିଲେ ମାଲକାନଗିରିକୁ କାନ୍ଦ କାନ୍ଦ ହୋଇ ! ଜିଲ୍ଲାପାଳଙ୍କୁ ଯାଇ ଗୁହାରି କଲେ ! ପୋଲିସ ଯବାନମାନେ କେତେ ବଣ ଜଙ୍ଗଲରେ ଖୋଜିଲେ... ! ତଥାପି ସ୍ୱାଇଁବାବୁଙ୍କୁ କିଏ ପାଇଲା ନାହିଁ ! ସେ ମଲେ କି ବଞ୍ଚିଲେ କାହାରିକୁ ଜଣା ପଡିଲା ନାହିଁ ! ମାସେ ଗଲା.... ଦୁଇ ମାସ ଗଲା... ! ସ୍ୱାଇଁବାବୁ ଫେରିଲେ ନାହିଁ ମାଓ କବଳରୁ... ! ଆଶା ସବୁ ମଉଳି ଗଲା.. ! ବାପା ମାଆ ଚାଲିଗଲେ ଗଞ୍ଜାମକୁ ! ବୁଝିବାରେ ବାକି ରହିଲା ନାହିଁ.... ସେ ଆଉ ଜୀବିତ ନୁହଁନ୍ତି ବୋଲି .. !

ଭୋ.. ଭୋ ହୋଇ କାନ୍ଦିଲା ଶୁକ୍ରୀ.. ! କାଳେ ସ୍ୱାଇଁବାବୁ ଦିନେ ନା ଦିନେ ତା'କୋଳକୁ ଆସିବେ ବୋଲି ଦିନ ରାତି ଅପେକ୍ଷା କରି ରହିଲା ଶୁକ୍ରୀ ! କେତେ ଦିନ ପରେ ତା ସଜବାଜ ସବୁ ମଉଳି ଗଲା ! ସେ ଆଉ ମଥାରେ ସିନ୍ଦୂର ନାଇଲା ନାହିଁ ! ଭାଙ୍ଗି ଦେଲା ହାତର ଶଙ୍ଖା ! ଫେରିଗଲା ତା' ଦାରିଦ୍ର ଭଙ୍ଗା ଚାଳିଆ ଘରକୁ.. ! ସେଇ ଭଙ୍ଗା ଘରଟି ତା' ମନର ମଣିଷର ସନ୍ତକ ! ଆଉ ଗୋଟିଏ ସନ୍ତକ ହେଲା ତା'ପେଟରେ ବଢୁଥିବା ସ୍ୱାଇଁବାବୁଙ୍କ ସନ୍ତାନ. ! !

କିଛି ଦିନ ପରେ ବିଧବା ଶୁକ୍ରୀର ଗର୍ଭରୁ ଜନ୍ମ ନେଲା ଏକ କନ୍ୟା ସନ୍ତାନ ! ମଙ୍ଗଳ ବାରେ ଜନ୍ମ ହୋଇଛି ବୋଲି ନାଁ ତା'ର ମଙ୍ଗୁଳି ! ଆଦିବାସୀ ପରମ୍ପରାରେ ଯେଉଁ ବାରରେ ଯିଏ ଜନ୍ମ ହେଲା ସେହି ବାର ଅନୁସାରେ ନାମ କରଣ ହୁଏ ! ସୋମବାରେ ପୁଅ ଜନ୍ମ ହେଲେ ସୁମା ଆଉ ଝିଆକୁ ସୋମବାରୀ ଡାକନ୍ତି.. ମଙ୍ଗଳବାରେ ଜନ୍ମ ହେଲେ ଝିଅକୁ ମଙ୍ଗୁଳି ଓ ପୁଅକୁ ମଙ୍ଗଳା କହନ୍ତି ! ଏମିତି ଆଦିବାସୀ ପରିବାରରେ ନାମକରଣ ଅନାଦିକାଳରୁ ରହିଛି !

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାଙ୍କ ସମାଜରେ ବ୍ରାହ୍ମଣ ଡାକି ଖଡି ପାଞ୍ଜି ପକାନ୍ତି  ନାହିଁ ! କି ନାମ କରଣ ଦିଅନ୍ତି ନାହିଁ ! ଦିସାରୀ, ପୂଜାରୀ ସର୍ବେ ସର୍ବା.. ! !

ମଙ୍ଗୁଳିକୁ ବାର ବର୍ଷ ହେଲାଣି... ! ତାକୁ କିଏ ଆଦିବାସୀ ଝିଅ କହିବ ନାହିଁ ! ସ୍ୱାଇଁବାବୁ ପରି ଗୋରା ତକ୍ ତକ୍ ଶରୀର.. ! ସେଇ ମୁହଁ... ସେଇ ଚେହେରା... ସତେ ଯେପରି ଶାମୁକା ଦେହରେ ମୁକ୍ତା, ପଙ୍କରୁ ପଦ୍ମ ଜାତ ପରି ରୁପ ଲାବଣ୍ୟ ଝଟକୁଛି ଦାଉ ଦାଉ ! ଶୁକ୍ରୀ ଟିକେ ଶ୍ୟାମଳୀ ବର୍ଣ୍ଣ ରହିବ.. ! ! ହେଲେ ମଙ୍ଗୁଳୀ ସ୍ୱର୍ଗର ଚାନ୍ଦ.. ! ଚମ୍ପା ଫୁଲ ପରି ଝକ୍ ମକ୍..  ! ! ମଙ୍ଗୁଳି ବେଳେ ବେଳେ ତା' ମା'କୁ ପଚାରେ- ମୋ ବାପା କିଏ... ?

ମତେ ଟାହିଟାପରା କରୁଛନ୍ତି, ମୁଁ କୁଆଡେ ଅଣବାବୁଆ ଝିଅ.. !

ଶୁକ୍ରୀ ନରୁତ୍ତର ରହେ.. ! ! ସେ କିଛି କହେ ନି... ! ! ମନେ ପଡିଲେ କେବେ କେବେ ତା'ଆଖିରୁ ବୁନ୍ଦା ବୁନ୍ଦା ହୋଇ କରୁଣାଶ୍ରୁ ବିଗଳିତ ହୋଇ ପଡେ... ! ! ତା'ସୁନ୍ଦର ନିରିମାକ୍ଷୀ ଝିଅଟିକୁ  ଦୁଇ ହାତରେ ସାଉଁଟି ଆଣି ଛାତିରେ  ଜାବୁଡି ଧରି ବାହୁନି ବାହୁନି ଚିତ୍କାର କରି କାନ୍ଦେ ଆଉ ତା ଭାଗ୍ୟକୁ ନିନ୍ଦେ... ! !

(ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)

୧୧୯ କଲୋନୀ, ମାଲକାନଗିରି

ମୋନଂ:୯୪୩୭୭୭୯୪୪୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନ୍ତିମ ଯାତ୍ରା

ଡାଲିରେ ଛୁଙ୍କ ଦେଇ ଝରକାଟା ଖୋଲି ଦେଲା ଚନ୍ଦନା । ଦଲକାଏ ଝାଞ୍ଜି ପବନ ସାଙ୍ଗକୁ ଏକାଧିକ ଅଧୀର ସ୍ୱର ଟାଣି ହୋଇ ପଳାଇ ଆସିଲେ ସେ ଝରକା ଦେଇ ।

ଓଃ ! ପୁଣି କାହାର କ'ଣ ହେଲା !

ଆଜି କାଲି ଝରକା ବନ୍ଦ ଥିଲେ ବି ପାଖ ପଡିଶା ଘରୁ ଅବାଞ୍ଛିତ କାନ୍ଦଣା ସ୍ୱର ଯେମିତି କାନ୍ଥ ଭିତର ଖୋଳି ତା ହୃଦୟକୁ ରକ୍ତାକ୍ତ କରିବାକୁ ପଳାଇ ଆସୁଛନ୍ତି । କୋଭିଡ୍ ର ଏ ଦ୍ୱିତୀୟ ଲହରୀଟା ଏମିତି ମାରାତ୍ମକ ହେଇଛି ଯେ, ହୃଦୟର ବିଦାରକ ଚିତ୍କାର ବି କିଛି ଅପ୍ରତ୍ୟାଶିତ ଲାଗୁନି ।

ସବୁଦିନ କେଉଁଠୁ ନା କେଉଁଠୁ ଅକାଳ ବିୟୋଗ ଖବର ଗୁଡ଼ା ଶୁଣି ଶୁଣି କାନ ବଧିର ହେଇଗଲାଣି । ସଂଶୟ ମନ ଆବେଗପୂର୍ଣ୍ଣ ହେଇଗଲା, ହେଲେ କର୍ଣ୍ଣଦ୍ୱୟ ପ୍ରକୃତିସ୍ଥ ହୋଇ ସେହି ଆତୁର ଶବ୍ଦ ଆଡ଼େ ଅନୁଗାମୀ ହେଲା ।



ଡଃ ଆଭାଞ୍ଜଳି ଶତପଥୀ

ଗୁମୁରା କାନ୍ଦ ଭିତରେ କିଛି ଶବ୍ଦ ସେ ଠଉରାଇ ପାରିଥିଲା । "ମୋ ମାଆ... ମୋ ମାଆ... ତୋତେ ଦେଖି ପାରିଲିନି ।" ହେଲେ ଠଉରେଇ ପାରିଲା ନାହିଁ ଚନ୍ଦନା କୋଉ ମହଲାରୁ ଆସୁଛି ଏ ଗୁମୁରା କାନ୍ଦଣା ।

ପ୍ରେସର୍ କୁକରର ସିଟି ଲଗେଇ ଦେଇ ଡ୍ରଇଂ ରୁମ୍ କୁ ଆସି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୋଫା ଉପରେ ବସି ପଡ଼ିଲା । ମନ ଅସ୍ତବ୍ୟସ୍ତ ହେଇଯାଉଥିଲା । ହୁରି ପକାଇଲା, ଆରେ ଋଷି ! !

-ମା ମୁଁ କ୍ଲାସ କରୁଛି । କଣ ହେଲା ?

_ ନାଇଁ ନାଇଁ ତୁ ଡିଷ୍ଟର୍ବ ହେନା ।

ଅସ୍ଥିର ମନକୁ ସ୍ଥିରୀକୃତ କରିବାକୁ ଚେଷ୍ଟା କଲା । ପୁଣି ଥରେ କାନେଇଲା, ହେଲେ ସଠିକ ଭାବେ ଠଉରାଇ ପାରିଲାନି କେଉଁ ମହଲାରୁ ଆସୁଛି ସେ ଗୁମୁରା କାନ୍ଦ । ସପ୍ତମ ମହଲାରୁ ନା ନବମ ମହଲାରୁ, ନା କଡ ଘର ବି -୮ରୁ ।

ନଭଶ୍ଚୁମ୍ବୀ ଅଟ୍ଟାଳିକା 'ଦୁର୍ଗା ଦେବୀ'ର ଅଷ୍ଟମ ମହଲାରେ ତା'ର ଘର । ଆଜିକାଲି ପ୍ରାୟ ସବୁଦିନ ସୋସାଇଟିର ହ୍ୱାଟ୍ସଆପ୍ ଗ୍ରୁପ୍ ରୁ କେଉଁ ନା କେଉଁ ବ୍ଲକ୍ ରୁ କିଛି ନା କିଛି ଖରାପ ଖବର । ସୁପ୍ରଭାତ ଜାଗାରେ ଓମ୍ ଶାନ୍ତି ଲେଖି ଲେଖି ମନ ଭାରି ହେଇ ଗଲାଣି । ପ୍ରାୟ ସବୁ ବ୍ଲକରେ ଅତି କମ୍ ରେ ଚାରିପାଞ୍ଚଟା ଫ୍ଲୋରରେ ଘର ଆଗରେ କୋଭିଡ୍ ପଜିଟିଭର ଷ୍ଟିକର୍ । ନବମ ମହଲାରେ ସେ ପଞ୍ଜାବୀ ସ୍ୱାମୀ ସ୍ତ୍ରୀଙ୍କ ଘର ଆଗରେ ପଜିଟିଭ୍ ଷ୍ଟିକର, ୮-ବି ରେ ସେ ବ୍ୟାଙ୍କ୍ ବାଲାଙ୍କୁ ବି କୋଭିଡ୍ ପଜିଟିଭି ବୋଲି ହ୍ୱାଟ୍ସଆପ୍ ମେସେଜ ଆସିଥିଲା ।

ଆଉ ସପ୍ତାହ ତଳେ ମେସେଜ୍ ଆସିଥିଲା ଯେ ତାଙ୍କ ଘର ତଳ ମହଲା ୭-ଫ୍ଲୋରରେ ବି କୋଭିଡ୍ ପଜିଟିଭ୍ । ସେଇଟା ତ ମିହିର ସାହୁଙ୍କ ଘର । ତାଙ୍କ ପତ୍ନୀ ସରିତା ତାର ସାଙ୍ଗ । ସରିତାକୁ ଫୋନ କରି ବୁଝିଥିଲା ଯେ ମିହିର ବାବୁଙ୍କୁ କୁଆଡ଼େ ଆଗ ଜର ହେଇଥିଲା ଆଉ ଟେଷ୍ଟ କଲା ପରେ ତାଙ୍କର ପଜିଟିଭ୍ ଆସିଲା । ଆଉ ପରେ ତାଙ୍କ ପରିବାରର ସମସ୍ତଙ୍କର ଟେଷ୍ଟ ହେଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସରିତାଙ୍କର ବି ପଜିଟିଭ୍ ଆସିଲା ପରେ । ହେଲେ ଝିଅ ଚିନୁ ଆଉ ତାଙ୍କ ଶାଶୁ ଶଶୁରଙ୍କ ନେଗେଟିଭ ବୋଲି ରିପୋର୍ଟ ମିଳିଲା । ସରିତା ଭଗବାନଙ୍କୁ କୃତଜ୍ଞତା ଜଣାଇ କହିଥିଲା 'ଯାହା ହେଉ ମା, ବାବାଙ୍କର ନେଗେଟିଭ ଆସିଛି ।'

ତା ପରେ ହ୍ୱାଟ୍ସାପ୍ ରେ କେତେଥର ତା'ର କଣ ସେ ସାହାଯ୍ୟ ଦରକାର ବୋଲି ପଚାରି ବୁଝିଛି । କିନ୍ତୁ ସରିତା କହନ୍ତି "ସାନ ଭଉଣୀ ତ ଏହି ସହରରେ ରହୁଛି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଦରକାର ହେଲେ ମୁଁ କହିବି । ଧନ୍ୟବାଦ ।" ଗୋଟେ ସପ୍ତାହ ହେଇ ଗଲାଣି ଆଉ କଥାବାର୍ତ୍ତା ହେଇନି ସରିତା ସାଙ୍ଗରେ ।

ପୁଣି ଥରେ ସେ ଲହରିଆ କାନ୍ଦଣା ତା କାନରେ ବାଜି ତାକୁ ସଜାଗ କରିଦେଲା । ମନରେ ତାର କେଜାଣି କାହିଁକି ପାପ ଛୁଇଁଲା । ଦୋ ଦୋ ପାଞ୍ଚ ହୋଇ ଫୋନ୍ ଲଗାଇଲା ସରିତାଙ୍କ ନମ୍ବରକୁ । ନମ୍ବର ବିଜି ଆସିଲା । ହେଲେ କିଛି ସମୟ ପରେ ସରିତା ପାଖରୁ ରିଟର୍ଣ ଫୋନ୍ କଲ୍ ଆସିଲା ।

-ହାଲୋ ! କହୁ କହୁ ସରିତା ଅଧୀର ହୋଇ ପଡ଼ିଲେ ।

-କଣ ହେଲା ବ୍ୟସ୍ତ ହୋଇ ପଚାରିଲା ଚନ୍ଦନା ।

କୋହ ଭରା କଣ୍ଠରେ ସରିତା  କହିଲେ ମାଆ ଚାଲିଗଲେ ।

--ମାଉସୀ ! ବିସ୍ମିତ କଣ୍ଠରେ ପଚାରିଲା ଚନ୍ଦନା ?

-ମାଉସୀଙ୍କ ତ ଭଲ ଥିଲେ ।

- "ହଁ ପରା । ତାଙ୍କର ନେଗେଟିଭ୍ ରିପୋର୍ଟ  ବି ଆସିଥିଲା । ହେଲେ ତାଙ୍କୁ ଦୁଇ ଦିନ ପରେ ଜର ଆସିଲା । ହେଲେ ଦୁଇଦିନ ରହିଛନ୍ତି କି ନାହିଁ ଅବସ୍ଥା ସାଙ୍ଘାତିକ ହେଇଗଲା । ଆଉ ଅକ୍ସିଜେନ୍ ଲେଭଲ୍ କମିଗଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତାଙ୍କୁ ଆଇସିୟୁ ରେ ଆଡ଼ମିଶନ କରିବାକୁ ପଡ଼ିଲା ।

କଣ ଆଉ କହିବି ! ଆମ ମୁଣ୍ଡ ଖରାପ ହେଇଗଲା । ହସ୍ପିଟାଲରେ ଆଇସିୟୁରେ ବେଡ୍ ଟେ ମିଳିଲାନି । ମୋର ଆମେରିକା ବାଲା ଦେଢ଼ଶୁର ନିତିନ୍ ଭାଇ ତାଙ୍କ ସାଙ୍ଗକୁ କହି କୌଣସି ମତେ ସୁଲଗ୍ନା ହସ୍ପିଟାଲରେ ଆଇସିୟୁରେ ବେଡଟେ ଯୋଗାଡ଼ କରିଦେଲେ । ଆମ୍ବୁଲାନ୍ସରେ ଗଲାବେଳେ ଚିନୁ ଫୋନ୍ ଟେ ସେଇ ଷ୍ଟାଫ୍ ହାତରେ ଧରାଇ ଦେଇଥିଲା ମାଆଙ୍କ ପାଇଁ । ମାଆ ତା ସ୍ମାର୍ଟ ଫୋନ୍ ବ୍ୟବହାର କରି ଶିଖିନଥିଲେ । ତେଣୁ ତାଙ୍କ ସାଙ୍ଗରେ ସମ୍ପର୍କର ମାଧ୍ୟମ ଥିଲେ କେବଳ ସେହି ହସ୍ପିଟାଲ୍ ର ଷ୍ଟାଫ୍ ମାନେ ।

ସେଇ ଦିନରୁ ତ ତାଙ୍କ ସାଙ୍ଗରେ ଆମର ଆଉ କଥାବାର୍ତ୍ତା ବନ୍ଦ । ଆଜି ସକାଳ ନଅଟା ବେଳେ ଡାକ୍ତରଖାନରୁ ଗୋଟେ ଫୋନ ଆସିଥିଲା । ପଚାରିଲେ ମିନତୀ ଦେବୀ ଆପଣଙ୍କର ପେସେଣ୍ଟ ? ତା ପରେ ଗୋଟେ ହ୍ୱାଟ୍ ସାପ୍ ରେ ଫଟୋଟିଏ ଆସିଲା । ପଚାରିଥିଲେ ଇଏ କଣ ଆପଣଙ୍କ ପେସେଣ୍ଟ ? ଟିକେ ଭଲ କରି ଦେଖନ୍ତୁ ।

ବୋଧହୁଏ ଏଇଟା ତାଙ୍କର କନ୍ ଫରମେସନର ଫର୍ମାଲିଟିଜ୍ ଥିଲା ।

ତାପରେ କହିଲେ ସେ ଆଉ ନାହାନ୍ତି । କିଛି ଫର୍ମାଲିଟିଜ୍ ପାଇଁ ଫର୍ମ ଫିଲପ୍ କରିବାକୁ ପଡ଼ିବ । ପରିବାର ଜଣେ ସଦସ୍ୟଙ୍କୁ ଏଠାକୁ ଆସିଯାଆନ୍ତୁ ।

ମିହିର ଆଉ ମୁଁ ତ ଆଇସୋଲେସନରେ ଅଛୁ । ବାପା ହସ୍ପିଟାଲ ଯିବାର ଅବସ୍ଥାରେ ନାହାଁନ୍ତି । ସାନ ନଣନ୍ଦ ମୀରା ତ ଏଇଠି ରହୁଥିଲେ । ହେଲେ ତାଙ୍କ ସ୍ୱାମୀଙ୍କର କଲିକତା ବଦଳି ହେଇଯାଇଛି ଯେ ସେ ଦୁଇ ମାସ ପୂର୍ବରୁ ସେଠି ଜଏନ କରି କଲିକତାରେ ଅଛନ୍ତି । ମୀରା ବି ବର୍ତ୍ତମାନ କଲିକତାରେ ।

ବଡ ଦେଢ଼ଶୁର ଆମେରିକାରେ । ସମ୍ବଲପୁରରେ ଆମ କକା ରହନ୍ତି । ଖବର ଶୁଣି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରି କକାଙ୍କ ପୁଅ ଜିତୁ ସମ୍ବଲପୁରରୁ ବାହାରି ଆସିଲାଣି । ଆଛା ମୁଁ ପରେ କଥା ହେବି ।" ଜଣେ କିଏ ଆସିଲେଣି । କହି ଫୋନ୍ ରଖିଦେଲେ ରିନା ।

ଚନ୍ଦନା ମନଟା ବଡ ଅଥୟ ହେଇ ଯାଉଥିଲା । ମାଉସୀଙ୍କର ସେ ସିନ୍ଦୂର ଟୋପା ପିନ୍ଧା ତୋଫା ଗୋରା ମୁହଁଟା ଆଖି ଆଗରୁ ହଟୁ ନଥିଲା । ମାଉସୀଙ୍କ ନିଷ୍କପଟ ହସ ସାଙ୍ଗକୁ ଆତ୍ମୀୟତାର ସେ 'ଆଲୋ ଝିଅ ' ଡାକ ତା'ର କାନରେ ବାର ବାର ବାଜି ଯାଉଥିଲା ।

ଚନ୍ଦନାର ଝିଅ ଚିନୁ ଆଉ ଚନ୍ଦନାର ପୁଅ ଋଷି ଗୋଟିଏ ସ୍କୁଲରେ ଗୋଟିଏ ଶ୍ରେଣୀରେ ପଢ଼ନ୍ତି । ପିଲାମାନଙ୍କ ପାଠପଢା ବିଷୟ ନେଇ ଅନେକ ସମୟ ସେ ସରିତା ଘରକୁ ଯିବା ଆସିବା କରେ । ଆଉ ତା'ର ମାଉସୀଙ୍କ ସାଙ୍ଗରେ ଦେଖା ହୁଏ । ଦେଖି ଦେଲା ମାତ୍ରେ ଖୋଲା ହୃଦୟରେ ଜାବୁଡ଼ି ଧରନ୍ତି ତାକୁ । ସରଳ ମାଉସୀ ଅନେକ କଥା ଗପି ପକାନ୍ତି ତା ଆଗରେ ଏକ ନିଃଶ୍ୱାସରେ ।

କି ଉତ୍କୃଷ୍ଟ କଳା ତାଙ୍କ ପାଖରେ ଥିଲା କେଜାଣି, ଦଶ ମିନିଟ ପାଇଁ ଯାଉ ଯାଉ, ଘଣ୍ଟେ ବସିଯାଏ ତାଙ୍କ ପାଖରେ । ସରିତା ସାଙ୍ଗରେ ସେ କଥା ହେଲା ବେଳେ କେତେ ବେଳେ ସେ ଛୋଟେଇ ଛୋଟେଇ ରୋଷେଇ ଘରକୁ ପଶି ଯାଆନ୍ତି ଯେ ସେ ଜାଣି ପରେ ନାହିଁ ।

ଚାହା ସାଙ୍ଗକୁ କେତେବେଳେ ମଣ୍ଡା ପିଠା ତ କେତେବେଳେ ଖଜା, କେତେ ବେଳେ ଚାଉଳ ବରା ତ କେତେବେଳେ ଖଇ ବଡ଼ି । ତାଙ୍କ ଆତ୍ମୀୟତା ଆଗରେ, ଫିଗରକୁ ଜଗୁ ଥିବା ଚନ୍ଦନାର ଡାଏଟ୍ ଚାଟ୍ ର ଫର୍ଦ ସବୁ କୁଆଡ଼େ ଉଡ଼ିଯାନ୍ତି ।

ଗପୁଡ଼ି ମାଉସୀ ଅମାୟିକ ହୃଦୟରେ କେତେ କଣ ଗପିଚାଲନ୍ତି । ପୁରୁଣା ଦିନ କଥା ମନେ ପକାଇ ଭାବ ପ୍ରବଣ ହୋଇଯାଆନ୍ତି । କେମିତି ଖରା ଛୁଟିରେ ତାଙ୍କ ନଣନ୍ଦଙ୍କ ଛୁଆ, ଭାଇଙ୍କ ଛୁଆ, ତାଙ୍କ ଛୁଆ ସବୁ ଏକାଠି ହୁଅନ୍ତି । ବଡ ହାଣ୍ଡିରେ ଭାତ ବସେ । ସେ ସବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରୋଷେଇ କରନ୍ତି । ପଖାଳ ଖାଇବାକୁ ଧାଡ଼ି ହେଇ ସବୁ ଛୁଆ ବସି ଯାଆନ୍ତି । ସବୁ ଛୁଆଙ୍କର ଅଲଗା ଅଲଗା ପସନ୍ଦ । ମାଉସୀ ସବୁ ଛୁଆଙ୍କର ପସନ୍ଦର ଆଇଟମ ଗୁଡା କେମିତି ମନେ ରଖନ୍ତି ଚନ୍ଦନାକୁ ବଡ ଆଚମ୍ବିତ କରିଦିଏ । କାହାକୁ ତାଳ ପିଠା ଭଲ ଲାଗେ ତ କାହାକୁ ଝୁରି ଭଜା (ଚୁନା ମାଛ ) । ତାଙ୍କ ନଣନ୍ଦଙ୍କ ଝିଅ ଗୀତାକୁ କେମିତି ତାଙ୍କ ହାତ ରନ୍ଧା କରଡ଼ି ହାନ୍ଦୁଆ ମାଛ ତରକାରି ଭଲ ଲାଗେ ଆଉ ତାଙ୍କ ଭାଇଙ୍କ ଝିଅ କେମିତି ତାଙ୍କ ହାତ ରନ୍ଧା ଆମ୍ବିଳ ପସନ୍ଦ କରେ । ପ୍ରତି ପିଲାଟିର ନାଁ ଧରିଲା ବେଳେ ତାଙ୍କ କଣ୍ଠଟିରେ ମାତୃତ୍ୱର ରାଗର ମୂର୍ଚ୍ଛନା ଆଣିଦିଏ । ଆଉ ସେ ଜ୍ୱଳନ୍ତ ଉଦାହରଣ ବନି ଯାଆନ୍ତି ଯେ ସମତ୍ୱ ଓ ସମଦର୍ଶନ ହିଁ ତ ମମତାର ପରିଭାଷା ।

ତାଙ୍କର ଅଭୂତପୂର୍ଣ୍ଣ ଆନନ୍ଦ ବାରି ହେଇ ପଡ଼େ ଯେତେ ବେଳେ ସେ ପରକୁ ଆପଣାର କରି ସ୍ନେହ କାନୀ ରେ ବାନ୍ଧି ଦିଅନ୍ତି ।

"ଜାଣିଲ ନା ଝିଅ ! ମୋର ସାନ ଛୁଆ ଜିତୁଟା କୁଆଡେ ଖେଳୁଥିବ ମଝିରେ ମଝିରେ ଦଉଡ଼ି ଆସିକି ମୋର ଲୁଗା କାନିରେ ମୁହଁ ପୋଛି ଦେଉଥିବା ଆଉ ମୁଁ ପଖାଳ ସାଙ୍ଗରେ ପୋଡ଼ା ପୋଡ଼ି ଚକଟା କରିକି ଖାଉଥିବି । ମୋର ଭାଣିଜୀମାନେ ଖାଇ ସାରି ଉଠିଥିଲେବି ମୋ ଚକଟାକୁ ଆଁ କରି ଦେଉଥିବେ । ମୋର ଝିଅ ହୁଇଟା ପାଠପଢା ଛାଡ଼ି ମୋତେ ସାହାଯ୍ୟ ପାଇଁ ରୋଷେଇ ଘରକୁ ଆସିଲେ ମୁଁ ତାଙ୍କ ଉପରେ ବିଗିଡି ଯାଏ । ଲିଲି ଆମର ସବୁ ଥିରେ ଫାଷ୍ଟ ଡିଭିଜନ ପାଇଛି । ଏବେ କଲେଜରେ ପାଠ ପଢ଼ାଉଛି । ମୀରା ଆମର ଭଲ ଗୀତ ଗାଏ । ତାର ବାପା କହିଲେ ପାଠରେ ମନ ଦେ ହେଲେ ଆମ ମୋ ବଡ ଝିଅ ଲିଲି ବହୁତ୍ ଯୁକ୍ତି କଲା ବାପା ସାଙ୍ଗରେ । କହିଲା ତାର ଗୀତ କେହି ଛଡେଇବ ନାହିଁ। ଏବେ ମୀରା ରେଡିଓରେ ଗୀତ ଗାଉଛି । ମୀରାର ଲିଲି ନାନୀ ସବୁ କିଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଉସୀଙ୍କ ଅମାୟିକ ସ୍ନେହ ଦେଖି ମୁଁ ଆଗ ବୁଝି ପାରୁନଥିଲି ତାଙ୍କର କେତେ ଜଣ ପୁଅ ଝିଅ । ମୋ ଅକୁହା ପ୍ରଶ୍ନର ଉତ୍ତର ଦେଇଥିଲା ସରିତା । "ମୋ ଶାଶୁଘର ପୁରା ଜଏଣ୍ଟ ଫ୍ୟାମିଲି । ମାଆଙ୍କର ସାନ ଯା ବହୁତ୍ ଜଲଦି ମରି ଯାଇଥିଲେ । ତାଙ୍କର ଝିଅ ଲିଲି ନାନୀ ଦିଲ୍ଲୀରେ ରହନ୍ତି । ଆଉ ପୁଅ ଜିତୁ ସମ୍ବଲପୁରରେ ଏବେ ରହୁଛନ୍ତି । ମାଙ୍କ କୋଳରେ ସେମାନେ ବଢ଼ିଛନ୍ତି । ମୋ ସ୍ୱାମୀଙ୍କୁ ମିଶାଇ ଏମାନେ ତିନି ଭାଇ ଭଉଣୀ । କିନ୍ତୁ ମା ସମସ୍ତଙ୍କୁ କହନ୍ତି ତାଙ୍କର ପୁଅ ଝିଅ ମିଶି ପାଞ୍ଚ ଜଣ ।

ଫୁଲମାଳଟିରେ ଖାଲି ରଙ୍ଗ ବେରଙ୍ଗ ଫୁଲ ଆଖିକୁ ଦିଶେ । ହେଲେ ଯେଉଁ ସୂତାଟିର ଆଧାରରେ ମାଳଟି ବନିଥାଏ ସେ ସୁତାଟି କାହା ନଜରରେ ପଡ଼ିନଥାଏ । ମାଉସୀ ଥିଲେ ସେଇ ଅଦୃଶ୍ୟ ସୂତା । ଭିନ୍ନ ଭିନ୍ନ ଫୁଲକୁ ଏକତ୍ର କରି ସୁନ୍ଦର ଭାବେ ଗୁନ୍ଥିବାର ବିଶେଷ କଳାର ସେ ଥିଲେ ଅନନ୍ୟ ବିନ୍ଧାଣି । ଅଲଗା ଅଲଗା ଚିନ୍ତାଧାରାକୁ ସଂସ୍କାରର ସୂତାରେ ବାନ୍ଧି ବଡ଼ କୁଟୁମ୍ବଟିଏ ବନେଇ ଥିଲେ । ଆଜିକାଲି ଯା ଯା, ଭଉଣୀ ଭଉଣୀ ହୋଇ ରହିବା, ନଣନ୍ଦ ଭାଉଜର ଅମାପ ସ୍ନେହ ବୋଧହୁଏ କୋଟିକରେ ଗୋଟିଏ । ସେହି ସମ୍ପର୍କର ରିଲେରେସ୍ ର ସେ ରିଲେବାଟନ୍ (relay batton ) ତ ମାଉସୀ ହିଁ ଥିଲେ ।

ସେଦିନ ମାଉସୀ ଗପରୁ ସ୍ୱଷ୍ଟ ବାରି ହେଇ ପଡୁଥିଲା ତାଙ୍କର ସେ କାରିଗରୀ ପଣ ।

- ବୁଝିଲ ଝିଅ ! ଆମ ଜିତୁ ଟିକିଏ ଛୁଟି ପାଇଲେ ମୋ ପାଖକୁ ଦଉଡ଼ି ଆସିବ । ତା'ର ବୋହୂ ଚିତ୍ରା ଟା ବି ସେମିତି ହେଇଛି ।

ଆମ ବଡ ବୋହୂ ସବିତାକୁ ଦେଖିଛକି ଝିଅ ?

ସରିତାକୁ, ସବିତାକୁ, ଚିତ୍ରାକୁ ଠିଆ କରି ଦେବ, ତିନି ଭଉଣୀ କି ଆଉ । ଏଇ ତିନି ଜଣ ଯାକ ଏକାଠି ହେଲେ କେହି କାହାକୁ ଛାଡ଼ିବେ ନାହିଁ । ଫୋନ୍ ରେ ସେମାନେ ଗୋଟିଏ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଦିନବି କଥା ହେବାକୁ ଭୁଲିବେ ନାହିଁ । ରନ୍ଧା ରାନ୍ଧି, ସିଲେଇ ପତର ସବୁ ପଚରା ଉଚରା ହେଇ ଶିଖୁଥିବେ । ଏକାଠି ହେଲେ  ଖାଇବା, ପିଇବା, ଢାଙ୍କି, ଯୋଗ, ମାର୍କେଟ ବଜାର ସବୁ ଏକାଠି କରିବେ । ମୋ ଭାଇର ପୁଅ ବାହାଘର ହେଲା ଯେ ତିନି ବୋହୂ ଯାକ ଏକା ରଙ୍ଗର ସମ୍ବଲପୁରୀ ପାଟ ପିନ୍ଧିଥିଲେ । ସମସ୍ତେ କହିଲେ ତିନି ଦେବୀ ପରି ଦେଖା ଯାଉଛନ୍ତି । ବୋହୂ ମାନଙ୍କର ନାଁ ଧରୁ ଧରୁ ତାଙ୍କ ହୃଦୟରେ ଯେମିତି ପ୍ରଶାନ୍ତିର ଲହରୀ ଖେଳିଯାଉଥିଲା କି ।

-ମୋର ମାଆ ଭଗବାନଙ୍କ ପାଖରେ କିଛି ଲୋଡ଼ା ନାହିଁ । ସବୁ ଏମିତି ମିଳି ମିଶି ଚଳନ୍ତୁ । ମା ସମଲେଇ ସମସ୍ତଙ୍କ ଦିହ, ମନ ଭଲ ରଖୁ । ଏମିତି ସମସ୍ତେ ହସୁଥାନ୍ତୁ, ଖେଳୁଥାନ୍ତୁ । ତାଙ୍କର ସବୁ ଦୁଃଖସୁଖକୁ  ବର୍ଣ୍ଣନା କଲାବେଳେ ସେଇ ଗୋଟିଏ କଥାରେ  ସେ ପୂର୍ଣ୍ଣଚ୍ଛେଦଟି ଟାଣି ଦିଅନ୍ତି - " ମୋର ସବୁ ଛୁଆ ପିଲାଙ୍କ ଆଗରେ ମୁଁ କେମିତି ଆଖି ବୁଜେ"

ଏଇ ସେଦିନ ତାଙ୍କ ଷାଠିଏତମ ବିବାହ ବାର୍ଷିକ ଉତ୍ସବର ଅନୁଭୂତିକୁ ବର୍ଣ୍ଣନା କଲାବେଳେ ବି ତାଙ୍କର ସେହି ଶେଷ ଯାତ୍ରା ଆଶାଟିକୁ ବିସ୍ତାର ଭାବରେ ପରିବ୍ୟକ୍ତ କରିଥିଲେ । ଚନ୍ଦନା ତାଙ୍କ ୬୦ ତମ ବିବାହବାର୍ଷିକ ଉତ୍ସବରେ କିଛି ବିଶେଷ କାରଣ ପାଇଁ ଯୋଗ ଦେଇ ପାରିନଥିଲା । ତେଣୁ ବ୍ୟକ୍ତିଗତ ଭାବରେ କ୍ଷମାଭିକ୍ଷା ପାଇଁ ତଥା ମାଉସୀ ମଉସାଙ୍କୁ ଶୁଭେଚ୍ଛା ଜ୍ଞାପନ କରିବାକୁ ତାଙ୍କ ଘରକୁ ଯାଇଥିଲା ।

- ମାଉସି ଆପଣଙ୍କର ୱେଡିଂ ଆନିଭର୍ସରିର ଫୋଟ ଗୁଡ଼ିକ ହ୍ୱାଟ୍ ସାପ୍ ରେ ଦେଖିଲି । ଆପଣଙ୍କୁ ଖଇରିଆ ରଙ୍ଗର ପଶାପାଲି ଶାଢୀଟା ବଢିଆ ମାନୁଥିଲା । ମଉସା ବି ବହୁତ୍ ବଢିଆ ଦେଖା ଯାଉଥିଲେ । ଆପଣ ତ ପୁରା ନୂଆ ବୋହୂଟେ ଭଳି ଦେଖା ଯାଉଥିଲେ । ଚନ୍ଦନା କହିଲା ।

ମାଉସୀ ଚନ୍ଦନାର କଥାକୁ ଛଡେଇ ନେଇ ସରମି  କହିଲେ "ଆଲୋ ଝିଅ ! କଣ ଆଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିବି । ଏ ଛୁଆ କ'ଣ ମୋ କଥା  ମାନିଲେ !

ବଡ଼ ପୁଅ ନିତିନ, ସବିତା, ଆଉ ନାତି ଦୁଇଟା ଆମେରିକାରୁ ଆସିଲେ । ସବୁ ନାତି ନାତୁଣୀ ଶିଖା ଶିଖି ହୋଇ ଏକଯୁଟ ହେଇଗଲେ । ଦିଲ୍ଲୀରୁ ଜୋଇଁ, ଝିଅ ଲିଲି ଆଉ ମୋର ନାତୁଣୀ ଲିପି  ଛୁଟି ନେଇ ପଳାଇ ଆସିଲେ । ମାଗୋ କେତେ ଲୋକ ରୁଣ୍ଡ ହେଇଥିଲେ ।

କୌଣସି  ବନ୍ଧୁ ବାନ୍ଧବକୁ ଛାଡିଲେ ବୋଲି କହି ପାରିବ ନାହିଁ । ମୋ ବାପ ଘରୁ ମୋ ଦୁଇ ଭାଇ, ଦୁଇ ଭାଉଜ, ପୁତୁରା, ଆଉ ତାଙ୍କ ଛୁଆପିଲା, ଝିଆରୀ ଆଉ ତା ଛୁଆ ପିଲା ସମସ୍ତଙ୍କୁ ଡକା ହୋଇଥିଲା । ମୋର ସମୁଦୀ ସମୁଦୁଣି ମାନେ ବି ଆସିଥିଲେ । ପୁରା ତ ଗୋଟେ ବାହାଘର !

ଆଉ ଜିତୁ ସିପ୍ରା ସପ୍ତାହ ଆଗୁରୁ ଛୁଟି ଆଣି ଏଠାକୁ ପଳାଇ ଆସିଲେ । ହୋଟେଲ ଫୋଟେଲ୍ ବୁଝା ବୁଝି କରୁଥିଲେ । ଏତେ ଲୋକଙ୍କୁ ଡ଼ାକି, ଏତେ ବଡ଼ ଧନ୍ଦା କରିବା କଣ ଦରକାର ? ଖାଲି ଚ ତୁଚ୍ଛାଟାକୁ ପଇସା ଗୁଡ଼ା ଫୋପଡ଼ିବା ନୁହେଁ ଆଉ କ'ଣ  ! ମୋ କଥା କିଏବା ଶୁଣେ  !

ମୀରା ତ ଆମର ଏଇଠି ରହେ । ଆମର ସରିତା, ସିପ୍ରା ଆଉ ମୀରା ଚଲାଖି କରି ମୋ ପୁରୁଣା ଭଙ୍ଗା ସୁନା ନେଇଗଲେ ବଦଳ କରିବା ପାଇଁ । ଆଉ ଦେଖ ! କହି  ହାତ ଦୁଇଟାରୁ ଶାଢ଼ୀ କାନି ହଟେଇ ଆଗକୁ ଦେଖେଇ ଦେଲେ । ମୋ ପାଇଁ ଏଇ ଚୁଡ଼ି ଦେଖ । ଏଇ ମୋଟା ଚୁଡ଼ି ମୋ ବୁଢ଼ୀ ଗଣ୍ଠିକୁ ଭାରି ପଡ଼ିଯିବନି ? ସେ ଭଙ୍ଗାତୁଟା  ସୁନା ବଦଳରେ କ'ଣ ଏ ଦୁଇ ଭରି ଓଜନର ଶଙ୍ଖା ହେଇଯିବ ! ଏ ସବୁ ଗୋଟେ ଢଙ୍ଗ ନୁହେଁ ଆଉ କଣ । ମୋ ନାତିଣୀଙ୍କ ପାଇଁ ନ କିଣି ଏ ବୁଢ଼ୀଟା ପାଇଁ କିଣୁଛ ! କହି ଚିନୁ ଆଡ଼କୁ ଚାହିଁଲେ । କହିଲେ ଆଉ ମୋ ନାତୁଣୀମାନେ କଣ କମ୍ ହୁନ୍ଦରି ! ଲିଲି ଝିଅ ଲିଚି ମୋ ପାଇଁ ସେ ପଶାପାଲି ପାଟ ଆଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଉସାଙ୍କ ପାଇଁ ପ୍ୟାଣ୍ଟ ସାର୍ଟ ଆଣି ଜବରଦସ୍ତ ପିନ୍ଧେଇଲା । କହିଲା' ଆଈ,ଅଜାଙ୍କ ପାଇଁ ମୋ ପ୍ରଥମ ଦରମାର ଉପହାର' ।

ଆଉ ଆମର ଏ ଖଣ୍ଡକ ! କହି ମୁରୁକି ହସି ଚିନୁର ହାତକୁ ଧରି ପକାଇଲେ ମାଉସୀ । ଆଉ କହିଲେ "ଏସବୁ ନାତୁଣୀଏ ମିଶି ମୋତେ ଯୋଉ ହନ୍ତସନ୍ତ କଲେ କୁହନି କୁହନି । ଏ ବୁଢ଼ୀ ଦିନେ କୁଆଁରୀ ବେଶ !

ଜୋର ଜବର କରି ମୋ ମୁହଁରେ କେତେ ରକମର ସେ ସ୍ନୋ ପାଉଡର ମନ ଇଚ୍ଛା ଲିପି ପକାଇଲେ ମ । ମେଚିଂ କାଚ, ଟିକିଲି, ଗହଣା ଗାଣ୍ଠି ପିନ୍ଧେଇ କି ବଡ଼ କିଲି ବିଲି କଲେ ଆଉ କୁହନା କୁହନା ଝିଅ ।"

- ହଁ ମାଉସୀ ଆପଣ ବହୁତ୍ ସୁନ୍ଦର ଦିଶୁଥିଲେ ଚନ୍ଦନା କହିଲା ।

ଚିନୁ ତା କଥାକୁ ଟାଣି ନେଇ କହିଲା

"ଆଣ୍ଟି ! ଜେଜେମା ଆମକୁ ଟିକେ ବି କୋଅପରେଟ୍ କଲାନି । ଫାଉଣ୍ଡେସନ ମୁହଁରୁ ପୋଛି ପକେଇଲା । ଲିପ୍ ଷ୍ଟିକ୍ ଲଗେଇଲାବେଳେ ରାଗି କି ଓଠରୁ ପୋଛି ପକାଇଲା ।

ତା ପରେ ମାଉସୀଙ୍କ ଆଡେ ଚାହିଁ କି କହିଲା "ତୁ ମେକଅପ୍ ଲଗେଇଥିଲେ ଆହୁରି କେତେ ସୁନ୍ଦର ଦିଶୁଥାନ୍ତ ।

ମାଉସୀ ଚିନୁର ଗାଲଟା ଚିପିଦେଇ କହିଲେ ହସି ହସି କହିଲେ "ମୁଁ ତ ମରିବାକୁ ବସିଲେଣି । ତୁମ ସବୁ ସଜବାଜ ମେକଅପ୍ ଗୁଡ଼ା ରଖିଥା । ମୁଁ ମଲାପରେ ମୋ ଶବକୁ ଯେତେ ମନ ସେତେ ସଜେଇବ । ମନ ଇଚ୍ଛା ମେକଅପ୍ ଲଗେଇବ ମିଶି କରି । ଓଠରେ କଣ ସେଇ ରଙ୍ଗଟା... ହଁ ଲିପିଷ୍ଟିକି ଯେତେ ବୋଳିବାର ଇଚ୍ଛା ବୋଳିବ । ନାଲି ପାଟ, ମେଚିଙ୍ଗ୍ କାଚ, ଶଙ୍ଖା ସବୁ ପିନ୍ଧେଇବ । ସବୁ ନାତିନାତୁଣୀ ରୁଣ୍ଡ ହେବ । ଆମ ଗାଆଁର ସାହି ଭାଇକୁ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଯେତେ ଭୋଜି ଦେବ । ଅହିଅ ଶଙ୍ଖାକୁ ଭୁଆସୁଣୀଙ୍କୁ ବାଣ୍ଟିବ । ତୁମେ ନାତୁଣୀଏ ନୂଆ ଲୁଗା ପିନ୍ଧିବ । ତୁ ଆମର ଲେହେଙ୍ଗା ପିନ୍ଧିବୁ । ମନ ଖୁସିରେ ବାଜା ବଜାଇ ନାଚି ନାଚି ପୁରୀ ସିଂହଦ୍ୱାରରେ ନେଇ ମୋତେ ପୋଡ଼ିଦେବ । ମୁଁ ସେ ପୁରରେ ଥାଇ ତୁମମାନଙ୍କ ସୁଖ ଶାନ୍ତି ଦେଖି ଦେଖି ସିଧା ସ୍ୱର୍ଗକୁ ଯିବି ।

ଚିନୁ ମାଉସୀଙ୍କ ସ୍ନେହ ଜାବୁଡ଼ାକୁ କହୁଣି ମାରି ମୁକୁଳି ଆସି କହିଲା "ଷ୍ଟପ୍ ଇଟ୍ । ଶବ, ମରିବା ..  କ'ଣ ଏମିତି ନନ୍ ସେନ୍ସ କଥା ବକୁଛୁ ! ଆଉ ଦିନେ ସେ ଫାଲ୍ତୁ କଥା କହିଥିବୁ  ଯଦି ତୋ  ସାଙ୍ଗରେ ମୁଁ  କଥା ହେବିନି ।

ଚିନୁର ଅଭିମାନ ଭରା ଗାଳିରେ ସ୍ପଷ୍ଟ ବାରି ହେଇ ପଡୁଥିଲା ଜେଜେମା ପ୍ରତି ଅମାପ ପ୍ରେମର ଝଲକ । ମାଉସୀ ହସି ହସି ମୁଣ୍ଡ ଓଢ଼ଣା ସଜାଡ଼ିଥିଲେ । ଚନ୍ଦନା ପରିଷ୍କାର  ଦେଖି ପାରୁଥିଲା ।

ତାଙ୍କ ହୃଦୟର ସେ ତୃପ୍ତିର ଝଲକକୁ । ପୋତିଥିବା ସଂସ୍କାର ମଞ୍ଜି ସବୁ ଗଛ ହେଇ ଗଲାଣି । ଗଛରେ ଫୁଲସବୁ ଫୁଟିଲାଣି । ଭଗବାନଙ୍କ ଚରଣ କମଳରେ ସେ ଫୁଲ ସବୁକୁ ଅର୍ପଣ କରିଥିଲେ । ବାସ୍  ତାଙ୍କର ସେହି ଶେଷ ଇଚ୍ଛାଟି ଥିଲା ତାଙ୍କ ମରଶରୀରକୁ ସେହି ଫୁଲ ମାନଙ୍କର  ସୁରଭିରେ ସୁରଭିତ ହେବ ।

"ମା ଖାଇବା ରେଡ଼ି ?" ଋଷିର ଏ ସ୍ୱର ତାକୁ ଅତୀତର ସ୍ମୃତିରୁ ବର୍ତ୍ତମାନକୁ ଫେରାଇ ଆଣିଥିଲା । ତା ପରଦିନ ହ୍ୱାଟ୍ ସାପ୍ ରେ ସରିତାକୁ ମେସେଜ୍ ଟିଏ ଦେଇଥିଲା ।

-"ଆଶା ଶବ ଦାହ ସୁରୁଖୁରୁରେ ହୋଇଗଲା"

ସରିତା ଉତ୍ତର ଦେଇଥିଲା, "କାଲି ଜିତୁ ପହଞ୍ଚୁ ପହଞ୍ଚୁ ଟିକେ ଡେରି ହେଇଗଲା । ତେଣୁ ଆଜି ଶବଦାହ ହେଇପାରିଲା । କିଛି ଫଟୋ ଆଉ ଛୋଟିଆ ଭିଡିଓଟେ ପଠାଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇଥିଲା ।

ମାଉସୀ ଧଳା ରଙ୍ଗର ପିପିଇ ବସ୍ତ୍ର ଭିତରେ ଆବଦ୍ଧ ହୋଇ ଷ୍ଟ୍ରେଚର୍ ଉପରେ ଶୋଇ ଛନ୍ତି । ମାତ୍ର ମୁହଁଟିକୁ ସେହି ଭିତରୁ ଦେଖିହେଉଛି । ତାଙ୍କ ଚନ୍ଦ୍ରଉଦିଆ ମୁହଁଟି ଅସ୍ପଷ୍ଟ ଦେଖା ଯାଉଛି । ନାଲି ରଙ୍ଗର ଛିଟ ଶାଢି ଆଉ  ଶଙ୍ଖା ସିନ୍ଦୂର ବାସ୍ କଭର୍ ଉପରେ ଥୋଇ ଦିଆ ଯାଇଛି ।

ତା ପରେ ଭିଡିଓଟି ଖୋଲି ଦେଲା । ମାଉସୀଙ୍କ ଶବ ସାଙ୍ଗରେ ଆହୁରି କେତେ ଗୁଡିଏ କଳା ଧଳା ପିପିଇ କିଟ୍ ଭଳି ପଲିଥିନ୍ କଭରରେ ଗୁଡ଼ା ଶବ ତଳେ ପଡ଼ିଛନ୍ତି । କେହି ଜଣେ ପିପିଇ କିଟ୍ ପିନ୍ଧି ମାଉସୀଙ୍କ ଉପରେ ସିନ୍ଦୂର ପକାଇ ଦେଲା ଆଉ ଦୀପଟିଏ ଦେଖାଇ ଦେଲା । ଲିଭି ଲିଭି ଆସୁଥିବା ଜୁଇରେ କୁହୁଳୁ ଥିବା ନିଆଁ ଉପରେ କିଛି କାଠ ଖଣ୍ଡ ରଖା ଯାଇଥିଲା । ତା'ପରେ  କିଏ ଗୋଟେ ବଡ଼ ଲୁହ ଖୁରୁପି ଭଳିଆ ଜିନିଷରେ ସେଇ ଷ୍ଟ୍ରେଚରରୁ ମାଉସୀଙ୍କ ଶବକୁ କାଢ଼ି ସେ କୁହୁଳା ନିଆଁ ଉପରେ ଉପରେ ପକାଇ ଦେଲା । କିଏ ଜଣେ ତାଗିଦ୍ କରି କହୁଛି ... ଭିଡିଓ ନାହିଁ । ଆଉ ଭିଡିଓଟି ଅଧାରୁ କଟିଯାଇଛି ।

ପୁଣିଥରେ ଭିଡିଓଟିକୁ ଦେଖିଲା । ନେପଥ୍ୟର କୋଳାହଳକୁ କର୍ଣ୍ଣପାତ କଲା । ଅସହାୟ ଆବେଦନ, କରୁଣ କ୍ରନ୍ଦନ, ବେଦ ମନ୍ତ୍ରଧ୍ୱନି, କର୍ମଚାରୀଙ୍କର ତାଗିଦ୍ ର ମିଶ୍ରିତ କୋଳାହଳ । ସ୍ୱର ସବୁ ଅସ୍ପଷ୍ଟ  ଶୁଣା ଯାଉଥିଲା । ହେଲେ କାହାର ଗୋଟେ ସ୍ୱରକୁ ସ୍ପଷ୍ଟ ଶୁଣି ପାରୁଥିଲା- "ଜଲ୍ଦି, ଜଲ୍ଦି ଆସ, ଜଲ୍ଦି, ଜଲ୍ଦି କାମ ସାର ! ! ଆଜି ବହୁତ୍ ଭିଡ଼ ଅଛି ।

ଚନ୍ଦନା ସ୍ତବ୍ଧ ହୋଇ ବସିପଡିଲା । ବାରମ୍ବାର ମାଉସୀଙ୍କର ସେ ଅନ୍ତିମ ଇଚ୍ଛାର ଆବେଦନ ତା  କର୍ଣ୍ଣପଟକୁ ଅଧୀର କରି ଦେଉଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ ଦିନ ପାଇଁ ଆଖି ବୁଜିବା ପୂର୍ବରୁ କେତେ ଖୋଜିଥିବେ ସେ ତାଙ୍କର ସେ ରଙ୍ଗ ବେରଙ୍ଗି ଫୁଲମାନଙ୍କୁ । ହେଲେ ଦେଖିଥିବେ ତାଙ୍କ ପାଖ ବେଡ୍ ରେ ଶୋଇଥିବା କିଛି ଅସହାୟ ମୁହଁମାନଙ୍କୁ ।

ଚାହିଁଥିଲେ ତାଙ୍କ ପରିବାର ସଦସ୍ୟଙ୍କ କୋମଳ ସ୍ପର୍ଶ । ହେଲେ ପାଇଥିଲେ ସେ ଯନ୍ତ୍ର ଚାଳିତ କିଛି ନର୍ସଙ୍କର ଆବୁଡା ଖାବୁଡା ସହାନୁଭୂତି । ତାଙ୍କ କୋକେଇକୁ କାନ୍ଧ ଦେଇ ନଥିଲେ ତାଙ୍କ ଧନୁର୍ଦ୍ଧର ପୁଅ, ନାତିମାନେ । ହେଲେ ସେ ଉଠିଥିଲେ ମୂର୍ଦ୍ଦାରଖାନାର କର୍ମଚାରୀଙ୍କ ଅଚିହ୍ନା କାନ୍ଧରେ ।

ତାଙ୍କ ମରଶରୀର ମୁହେଁଇ ପାରିଲାନି ସିଂହଦ୍ୱାରକୁ । ହେଲେ ଶବ ତାଙ୍କର ଅନାଥ ହୋଇ ପଡ଼ିଥିଲା ଅଜଣା ଶ୍ମଶାନର କେଉଁ ଏକ ଅବାଞ୍ଛିତ ଦୁଆରେ ।

ତାଙ୍କୁ ସଧବା ବେଶରେ ଅଳତା, ସିନ୍ଦୂର, ଲିପ୍ ଷ୍ଟିକ୍, ମ୍ୟାଚିଂ ଶଙ୍ଖା, କାଚ ପିନ୍ଧାଇ ସଜାଇବାକୁ କେହି ନଥିଲେ । ତାଙ୍କୁ ସଜାଇଥିଲା ଖୋଲା ଆକାଶର ମିଞ୍ଜି ମିଞ୍ଜି ତାରା, ଜୁଇରୁ ଉଡା ପାଉଁସ, ବାସି ମଡ଼ା ଗନ୍ଧ, ଟୋପା ଟୋପା ବରଷା ପାଣି, ପାହାନ୍ତିଆ ଶିଶିର ବିନ୍ଦୁ ।

ଢୋଲ ବଜାଇବାକୁ କେହି ନଥିଲେ । ବାଜୁଥିଲା କେଇଟା ପେଚା ଆଉ କୁକୁରଙ୍କ ବେତଳିଆ କର୍କଶ ରାବ ଆଉ କରୋନାର ନିର୍ଦ୍ଦୟ ଅଟ୍ଟହାସ୍ୟ । ନାଚୁଥିଲା କୋଭିଡ୍ ଭୟରେ ଜର୍ଜରିତ ସେଇ ନିର୍ଜନତା ।

ତୃପ୍ତି ସାଗରରେ ଉବୁଟୁବୁ ହେଉଥିବା ମାଉସୀଙ୍କ ଗୋଟିଏ ଟୋପା ଆଶା ଅତୃପ୍ତ ରହିଗଲା ।- "ସେହି ଅନ୍ତିମ ଶୋଭା ଯାତ୍ରା'

ନଂ : ୮, ରେଳକୁଟୀର, ଭୁବନେଶ୍ୱର, avanjali@yahoo.co.uk

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝୁଣ୍ଟିଆ

ଆତ୍ମୀୟତାର ବନ୍ଧନ ଯେତେବେଳେ ମଣିଷଠାରୁ ମଣିଷର ଛିନ୍ନ ହୋଇଯାଏ, ସେତେବେଳେ ପଶୁପକ୍ଷୀ ଜଗତ ସହିତ ବଂଧୁତ୍ୱର ରଜ୍ଜୁଟି ଶକ୍ତ ହୋଇଯାଏ, ଅଲକ୍ଷ୍ୟରେ, ଅଗୋଚରରେ । ସେହିପରି ଏକ ଏକଲାପଣରେ ଅଜିତ ଆପଣାଇ ନେଇଥିଲା ପାରାଗୁଡ଼ିକୁ ।

ଖୁବ୍ ସୁନ୍ଦର ଥିଲେ ପାରାଗୁଡ଼ିକ । ଧଳା ଓ ପାଉଁଶିଆ ଫେଣ୍ଟାଫେଣ୍ଟି ରଙ୍ଗ । ସବୁଗୁଡ଼ିକ ଯେମିତି ଗୋଟିଏ ଛାଞ୍ଚରେ ଗଢା । ଗୋଲାପୀ ଓଠ ସାଙ୍ଗକୁ ଅଳତାମଖା ପାଦଗୁଡ଼ିକ ବେଶ ଆକର୍ଷଣୀୟ । ବେକରେ ଫିକା ନାଲି ରଙ୍ଗର ପଟା । କଲେଜ୍, ଟ୍ୟୁସନ ଓ ପାଠପଢା ସମୟକୁ ଛାଡ଼ି ଦେଲେ ବାକି ସମୟ ଅଜିତ ବସି ରହେ ଏମାନଙ୍କ ପାଖରେ । ତାଙ୍କୁ ମନ ଭରି ସଜାଏ, ଗେଲ କରେ , କୁଣ୍ଢାଇ ଧରେ, ଛାତିରେ ଆଉଯାଏ, ମନ ଭିତରେ ତା'ର କୋଳାହଳ ଭରିଯାଏ ।



ଡଃ ଉଷାରାଣୀ ଦାଶ

ଏହା ହିଁ ତା'ର ଦୁନିଆଁ, ଏମାନେ ହିଁ ତା'ର ସୁଖ, ଦୁଃଖ ବାଣ୍ଟିବାର ସାଥି । ବନ୍ଧୁ, ସାହା, ଭରସା ସବୁ କିଛି । ଏମାନଙ୍କ ସ୍ପର୍ଶରେ ସେ ପାଏ ମାଆର ସ୍ନେହ, ବାପାଙ୍କର ଆଶୀଷ । ସମବୟସ୍କ ସାଥିମାନଙ୍କ ସାନ୍ନିଧ୍ୟ ଅପେକ୍ଷା ଅଧିକ ସୁଖକର ହୋଇଥାଏ ଏମାନଙ୍କ ସହିତ କଟୁଥିବା ମୁହୂର୍ତ୍ତ ଗୁଡ଼ିକ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାପା ମା'ଙ୍କର ଏକମାତ୍ର ସନ୍ତାନ ଥିଲା ଅଜିତ । ସମ୍ପୂର୍ଣ୍ଣ ଏକୁଟିଆ ପରିବାର ତାଙ୍କର । ଜେଜେ-ଜେଜେମା'ଙ୍କୁ ସେ ଫଟୋରେ ଦେଖିଛି । ତା' ଦୁନିଆ ଥିଲା କେବଳ ମାମା । ପାପା ସବୁବେଳେ ଅଫିସ କାମରେ ବାହାରେ । ଖୁବ କମ ସମୟ ପାଏ ସେ ପାପାଙ୍କର ସାନ୍ନିଧ୍ୟ । ଋଙ୍କ ପରି ଲାଗେ । 'ପାପା, ଆଜି ଯାଅନି', 'ପାପା, ଆଜି ମୋ ପାଖରେ ରୁହ' କଅଁଳ ମନର ଦରୋଟି କଥା ପାପାଙ୍କ ହୃଦୟ ପାଖରେ ପାହଞ୍ଚିବା ଆଗରୁ ପବନରେ ମିଳାଇଯାଏ । ପିଲାଦିନର ଖେଳକୁଦ, ହସଖୁସି, ଅଳିଅର୍ଦ୍ଦଳି ସବୁ ମାମା ପଣତ ତଳେ ।

ମଝିରେ ମଝିରେ ଅଜା ଆଇ ଆସନ୍ତି । ଘରଟା ପୁରି ଉଠେ । ଅଜିତ ମନ ଭରି ଉପଭୋଗ କରେ କୋଳାହଳକୁ । ଖେଳାବୁଲା, ପିଠାମିଠା, ଗପ-ଗେହ୍ଲାରେ ପିଲାମନଟା ତା'ର ଚହଲି ଯାଏ ।

ବୁଝିବା ବୟସ ହେବାରୁ ଅଜିତ ମାପି ପାରୁଥିଲା ମାମାର ଏକଲାପଣକୁ । ଏ ସମ୍ପର୍କରେ ତା'ର ପ୍ରଶ୍ନକୁ ମାମା ଏଡ଼ାଇଯାଏ । ଆଇ ବାରମ୍ବାର ବାଆଁରେଇ ଦିଅନ୍ତି । ଅଜିତ କିନ୍ତୁ ଆଇ ପାଖରେ ନଛୋଡ଼ବନ୍ଧା । ନାତିର ଜିଦ ଆଗରେ ହାର ମାନି ଆଇ ତା' ଆଗରେ ଖୋଲି ଦେଇଥିଲେ ନିଜ ଅଲିଅଳି ଝିଅର ଜୀବନର ଦସ୍ତାବିଜ ।

ଆଇର ତିନି ସନ୍ତାନ ମଧ୍ୟରୁ ମାମା ଥିଲା ସବୁଠାରୁ ସାନ । ଉପରେ ବଡ଼ଭାଇ ଦୁଇଜଣ । ସେ ସମସ୍ତଙ୍କର ଗେହ୍ଲା । ମାତ୍ର ଅଭାବ ଥିଲା ତା'ର ରୂପ ଓ ରଙ୍ଗରେ । ପାଠ ବି ଏତେ ଭଲ ହେଉ ନ ଥିଲା । ତେଣୁ ତା'ର ବାହାଘର ଚିନ୍ତା ଭିତରେ ଭିତରେ ଘାରୁଥିଲା ଅଜା ଆଇଙ୍କୁ ।

ଏହାଭିତରେ ତା' ପାପା ଆଇଙ୍କ ଘରେ ଗୋଟିଏ କୋଠରୀ ଭଡ଼ା ନେଇ ରହିଥିଲେ ୟୁନିଭର୍ସିଟିରେ ପଢିବା ପାଇଁ । ଉଦ୍ଦେଶ୍ୟ ଥିଲା ପାଠ ପଢା ସହିତ ଟିଉସନ କରି ନିଜର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଢା ଖର୍ଚ୍ଚ ଉଠେଇବେ । ପିଲା ଦିନରୁ ତ ବାପାମା'ଙ୍କୁ ହରେଇ ସାରିଥିଲେ । ଏ ପର୍ଯ୍ୟନ୍ତ ଦାଦା ସବୁ ଦାୟିତ୍ୱ ନେଇ ଆସିଥିଲେ । ପାପା ମେଧାବୀ ଛାତ୍ର ହୋଇଥିଲେ ମଧ୍ୟ ତାଙ୍କୁ ଆଉ ଅଧିକ ପଢେଇବା ଦାଦାଙ୍କ ପକ୍ଷେ ସମ୍ଭବ ନଥିଲା । ନିଜର ଉଚ୍ଚ ଶିକ୍ଷା ଇଚ୍ଛାକୁ ପୂରଣ କରିବା ସହିତ ଦାଦାଙ୍କ ଉପରେ ଆର୍ଥିକ ବୋଝ କମ୍ କରିବା ଉଦ୍ଦେଶ୍ୟରେ ସେ ଏହି ନିଷ୍ପତ୍ତି ନେଇ ଥିଲେ ।

ପାପାଙ୍କର ବ୍ୟବହାର ଓ ଚାଲିଚଳନ ଅଜାଆଇଙ୍କୁ ତାଙ୍କ ପ୍ରତି ଆକୃଷ୍ଟ କଲା । ନିଜର ପୁଅ ଭଳି ସ୍ନେହ ମମତା ଅଜାଡ଼ି ଦେଇଥିଲେ ତାଙ୍କ ଉପରେ । ପିଲାଦିନରୁ ଆପଣାର ଲୋକର ଉଷୁମ କୋଳର ଅନୁଭୂତି ପାଇ ନଥିବା ମଣିଷ ଏକା ଥରେ ଏତେ ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରୁ ନଥିଲେ । ଆଇ କିନ୍ତୁ ନଛୋଡବନ୍ଧା । ପୁନେଇ ପରବରେ ପିଠାପଣା କି ଭଲମନ୍ଦ ଘରେ ଯାହା ବି ତିଆରି କରୁଥିଲେ ,ପ୍ଲେଟ୍ ରେ ସଜାଡ଼ି ପାପାଙ୍କ ପାଖରେ ପହଞ୍ଚିଯାଉଥିଲେ । ପରିସ୍ଥିତିର ତାଡ଼ନାରେ ପାପାଙ୍କର ସ୍ୱଭାବ ଥିଲା ଚୁପଚାପ, ସବୁଥିରେ ଅନାସକ୍ତ ଭାବ । ସେ କାହା ସହିତ ଭଲଭାବରେ ମିଶି ପାରୁ ନଥିଲେ କି ଅଜା ଆଇଙ୍କର କୌଣସି କଥାକୁ କାଟି ପାରୁ ନଥିଲେ । ମାମା ସେତେବେଳେ ଦ୍ୱାଦଶରେ ପଢୁଥାଏ । ଆଇ ପାପାଙ୍କୁ ତାର ପାଠ ପଢା ଦେଖିବାକୁ କହିଲେ । ଅନିଚ୍ଛା ସତ୍ତ୍ୱେ ପାପା ସମ୍ମତି ଦେଲେ । ଏସବୁ ପରିସ୍ଥିତି ପାପାଙ୍କୁ ଅପ୍ରୀତିକର ଲାଗିଲେ ମଧ୍ୟ ସେ ଥିଲେ ନିରୂପାୟ । ଭଲ ଜାଗାରେ ,ଶସ୍ତାରେ ଘରଟା ମିଳିଛି । ୟୁନିଭରସିଟି ପାଖ ଆଉ ପାଖରେ ବି ଟିଉସନ ମିଳିଯାଇଛି ।

ଏମିତି ଏମିତିରେ କଟିଗଲା ତିନି ବର୍ଷ । ପାପା ଗୋଟେ ଭଲ କମ୍ପାନୀରେ ଚାକିରୀ ପାଇଗଲେ । ଆଇ ମନରେ ଏକ ସ୍ୱପ୍ନ ଉଙ୍କି ମାରିଲା । ନିଜ ଝିଅର ଭବିଷ୍ୟତ ତାଙ୍କ ସହିତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୋଡ଼ିବାକୁ ଚାହିଁଲେ । ପରୋକ୍ଷରେ ପ୍ରସ୍ତାବ ମଧ୍ୟ ଦେଲେ । ପାପା ସମ୍ମତି ନ ଦେଇ ବରଂ ତାଙ୍କ ଦାଦାଙ୍କ ମତାମତ ଉପରେ ଛାଡ଼ି ଦେଇଥିଲେ । ଅଜାଆଇଙ୍କର ଧନ ସମ୍ପତ୍ତିର ବିଶାଳସମ୍ଭାର ଦାଦାଙ୍କୁ ଆକର୍ଷିତ କରିଥିଲା । ସେ ପାପାଙ୍କର ମତାମତ ନ ନେଇ ନିଜର ସମ୍ମତି ଜଣାଇ ଦେଲେ । ମୁରବୀ ଦାଦାଙ୍କର ନିଷ୍ପତି ବିରୁଦ୍ଧରେ ସେ ଯାଇପାରୁ ନ ଥିଲେ କିମ୍ବା ମାନସିକ ସ୍ତରରେ ସେ ଏ ପ୍ରସ୍ତାବକୁ ଗ୍ରହଣ କରି ପାରୁ ନ ଥିଲେ । ନିଜର ଇଛା, ରୁଚିକୁ ଜଳାଞ୍ଜଳି ଦେଇ ସେ ବେଦୀରେ ବସିଲେ ।

ମାମାର ରୂପ ରଙ୍ଗ ପାପାଙ୍କର ପ୍ରଥମରୁ ପସନ୍ଦ ନ ଥିଲା । ବୋଧହୁଏ ବିବାହ ପରେ ଏଥିପାଇଁ ପାପାଙ୍କ ମନରେ ସରସତା ନଥିଲା ଏବଂ ଏହାହିଁ କାରଣ ଥିଲା ମାମାର ମାନସିକ ଅବସାଦର ।

ମାମୁ ଦୁଇଜଣଙ୍କର ବିବାହ ପରେ ସେମାନଙ୍କର ହସିଲା ପୂରିଲା ସଂସାର ଦେଖି ମାମା ମନରେ ଭାବାନ୍ତର ସୃଷ୍ଟି ହୁଏ ।କିନ୍ତୁ ନିଜ ମନର ଅଭାବବୋଧକୁ ସେ କାହା ଆଗରେ ପ୍ରକାଶ କରେ ନାହିଁ । ମନ କଥା ମନରେ ମାରେ । ଉପରେ ଉପରେ ହସୁଥାଏ ଯାହା ।

ଆଇ ସବୁ ବୁଝିପାରେ । ଅଲିଅଳୀ ଝିଅ ଜୀବନର ନିର୍ଜନତାକୁ ଅନୁଭବ କରେ । ତା'ର ଏକଲାପଣକୁ ଦୂର କରିବାକୁ ଯଥାସାଧ୍ୟ ଚେଷ୍ଟା କରେ । ସବୁ ବେଳେ ତା' ପାଖେପାଖେ ରହେ । ମାତ୍ର ମନ ତଳର ନିଆଁ ଆଉ ମନ ଭିତର ଘା' ଉପରକୁ ଦିଶେ ନାହିଁ ସିନା , ଭିତରେ ଭିତରେ ନେଇ ଚାଲିଥାଏ ଆୟୁଷରୁ ଦିନ ପରେ ଦିନ ।

ଅଜିତ ଏହା ଭିତରେ ଚାରିବର୍ଷର ହୋଇଗଲାଣି । ସତେ ଯେପରି ସେ ମାମାର କାର୍ବନ କପି । ଖାଲି ଆଖିଯୋଡ଼ାକ ଯାହା ପାପାଙ୍କ ପରି । ମାମା ଭାବିଥିଲା ଅଜିତର ଜନ୍ମ ପରେ ପାପା ଓ ତା' ଭିତରର ଦୂରତ୍ୱ କମିଯିବ । ପିଲାଟା ପ୍ରତି ଆକର୍ଷଣ ସେମାନଙ୍କର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସଜଡ଼ା ସମ୍ପର୍କର ଡୋରିକୁ ମଜଭୁତ କରି ଦେବ । ମାତ୍ର ଏମିତି କିଛି ବି ଘଟିଲାନି । ମାମା ମନରେ ଭାବାନ୍ତର- ପିଲାଟା ତା' ପରି ହୋଇଛି ବୋଲି ବୋଧେ...□ ଆଈ ଯଦି କେବେ ପୁଅକୁ ଧରିବାକୁ ପାପାଙ୍କୁ କହୁଥିଲେ –"ମୋତେ ଛୋଟ ପିଲା ଧରି ଆସେନି, ପଡ଼ିଯିବ, ତା'କୁ ନେଇ ଯାଆନ୍ତୁ" । କହି ଆଈ କଥାକୁ ପାପା ବାଆଁରେଇ ଦେଉଥିଲେ ।

ପୁଅର ସ୍କୁଲରେ ଆଡମିଶନ ହେବ , ପାପାଙ୍କର ସେଥିପାଇଁ ଚିନ୍ତା ନାହିଁ । ଅଜା ଓ ମାମା ଯାଇ ଆଡ଼ମିଶନ କରି ଆସିଲେ । ସ୍କୁଲ ଭ୍ୟାନର ବ୍ୟବସ୍ଥା କରାଗଲା । ଅଜିତ ଦେଖିଲା ତା' ସାଙ୍ଗମାନେ ତା'ଙ୍କ ପାପାଙ୍କ ସହିତ ସ୍କୁଲ ଆସୁଛନ୍ତି , ବୁଲୁଛନ୍ତି,ମଜା କରୁଛନ୍ତି । ପିଲାମନରେ ତା'ର ଭାବାନ୍ତର ସୃଷ୍ଟି ହୁଏ । ମାମାକୁ ପଚାରେ । ମାମା ପାଖରେ ଏ ପ୍ରଶ୍ନର ଉତ୍ତର ନଥାଏ । ପୁଅକୁ ଆଶ୍ୱାସନା ଦିଏ- "ପାପାଙ୍କର ବହୁତ କାମ । ତୁ ମନ ଦୁଖ କରନା ,ମୁଁ ତତେ ବୁଲେଇ ନେବି" □

ମାମା କଥାରେ ପିଲାମନ ତା'ର ବୁଝିଯାଏ । ଆଗାମୀ ଆଶାରେ ଆହ୍ଲାଦିତ ହୋଇ ଉଠେ । ମାମା ତା' କଥା ରଖେ ।ପାପା ଅଫିସ କାମରେ ବାହାରକୁ ଗଲେ ମାମା ତା'କୁ ବୁଲାଇ ନିଏ, ପାର୍କକୁ, ମନ୍ଦିରକୁ, ମ୍ୟୁଜିୟମକୁ । ପିଲା ମନ ତା'ର ବଦଳି ଯାଏ । ପାପା ଆସିଲେ ତାଙ୍କ ଆଗରେ ସବୁକଥା ବଖାଣେ । ମାତ୍ର ଟୁର ଫେରନ୍ତା କ୍ଳାନ୍ତ ପାପା ଏସବୁ କଥାକୁ ଶୁଣିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । "ହଁ" , "ଠିକ୍ ଅଛି" , "ବଢିଆ" ଆଦି ଶବ୍ଦ କେତୋଟି କେବଳ ବାହାରି ଆସେ ତା'ଙ୍କ ଓଠରୁ ଅବାଞ୍ଛିତ ଭାବରେ, ଅନାଗ୍ରହରେ ।

ପାପାଙ୍କର ଅଧିକାଂଶ ସମୟ କଟେ ବାହାରେ । ଅଫିସ କାମ ପରେ ସାଙ୍ଗ ସାଥୀ, ହସଖୁସି ସାରି ସେ ଘରକୁ ଫେରନ୍ତି । ମାମାକୁ କୁଆଡ଼େ ସାଙ୍ଗରେ ନିଅନ୍ତି ନାହିଁ । ଯଦି କେହି କେବେ ଘରକୁ ଚାଲି ଆସନ୍ତି ତେବେ ମାମାକୁ ସ୍ତ୍ରୀ ବୋଲି ଚିହ୍ନାଇବାକୁ ବି କୁଣ୍ଠାବୋଧ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରନ୍ତି ।

ମାମା ଅଭିମାନରେ ଭାଙ୍ଗି ପଡ଼େ । ତା' ରୂପ ରଙ୍ଗ ସେ ସୃଷ୍ଟି କରି ନାହିଁ । ମନେ ମନେ ଭଗବାନଙ୍କୁ ଅଜସ୍ର ଗାଳି ବାହାରିଯାଏ ପାଟିରୁ ତା'ର । ପରକ୍ଷଣରେ ସେ ଅନୁତାପ କରେ , କ୍ଷମାଭିକ୍ଷା କରେ । ତାକୁ ଏମିତି ଏକ ଅପୂର୍ଣ୍ଣ ଜୀବନ ଦେବା ଅପେକ୍ଷା ଜନ୍ମ ନ ଦେଇ ଥିଲେ କ'ଣ କ୍ଷତି ହୋଇଥାନ୍ତା –ପଚାରେ ଭଗବାନଙ୍କୁ । ଧୀରେ ଧୀରେ ମାମାର ଜୀବନ ପ୍ରତି ମୋହ କମି କମି ଆସେ । ମନର ବେଦନା ଶରୀରରେ ପ୍ରତିଫଳିତ ହୁଏ । ଶରୀର କ୍ରମଶଃ କ୍ଷୀଣ ଓ ଅବଶ ହୋଇପଡ଼େ ।

ଡାକ୍ତର ପରୀକ୍ଷାରୁ ଜଣାପଡ଼େ ରୋଗ ଶରୀରର ନୁହେଁ , ମନର । ମାନସିକ ଅବସାଦ ହିଁ ରୋଗର ମୂଳ କାରଣ ।ମାମାର ବିଷର୍ଣ୍ଣ ମୁହଁଟାକୁ ଦେଖି ଆଈର ଛାତି ଫାଟିଯାଏ । ଝିଅର ଭାଗ୍ୟ ଓ ନିଜର ଭୁଲ ନିଷ୍ପତି ପାଇଁ ଅନୁତାପ କରେ । ସେ ପାପାଙ୍କୁ ବୁଝାଇବାକୁ ଚେଷ୍ଟା କରି ଅନୁନୟ କରେ- "ବାପା, ତୁମେ ଦୁଇଜଣ ଜମା ବାହାରକୁ କୁଆଡ଼େ ଯାଇନ । ଆଗକୁ ତ ଛୁଟି ଆସୁଛି । ସ୍ୱପ୍ନା ଆଉ ଅଜିତକୁ ନେଇ କୁଆଡ଼େ ଟିକିଏ ବୁଲି ଆସ" । ପାପା ସବୁ ଶୁଣନ୍ତି । ବିନମ୍ରତାର ସହ କହନ୍ତି- "ମତେ ତ ସମୟ ନାହିଁ । ଆପଣମାନେ ଯାଇ ବୁଲି ଆସନ୍ତୁ । ପରେ କେବେ ସୁବିଧା ହେଲେ ମୁଁ ଯିବି" □

ଆଈ ତା' ସାଙ୍ଗରେ ଦୁଇ ଚାରି ଦିନ କୁଆଡ଼େ ବାହାରେ ବୁଲି ଆସିବାକୁ ମାମାକୁ କହେ । ମାମା ମନା କରେ । ଭିତର କୋହକୁ ଚାପି ରଖି କହେ- " ମୁଁ ଚାଲି ଗଲେ ସେ ହଇରାଣ ହେବେ । ତାଙ୍କର ଖାଇବା ପିଇବାରେ ସମସ୍ୟା ହେବ । ସେ ଯେମିତି ଲୋକ ତ ଜାଣିଛୁ" । ଝିଅର ଏହି ମିଛ ଘରଣୀପଣ ଆଈକୁ ଅଛପା ନ ଥାଏ । ସେ ଜାଣେ ତା' ଝିଅ ଭିତରେ ଭିତରେ ଜଳି ଯାଉଛି ପଛେ ତା'ର ସାମାନ୍ୟତମ ଆଭାସ କାହାକୁ ଦେବାକୁ ଚାହୁଁନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଇଠାରୁ ସବୁ ଶୁଣିବା ପରେ ମାମାଙ୍କୁ ଜୀବନର ସବୁ ଖୁସି ଦେବା ପାଇଁ ଅଜିତ ପଣ କଲା । ମାମା ପାଖେ ପାଖେ ଛାଇ ପରି ଲାଗି ରହିଲା । ବନିଗଲା ମାମାର ସାଙ୍ଗ , ସାଥୀ, ପିୟ୍ର ,ପରିଜନ ସବୁକିଛି । କେତେବେଳେ ମାମାଙ୍କୁ କୁତୁକୁତୁ କରେ ତ କେତେବେଳେ ପାଦ ତଳିପାକୁ ସଲ ସଲ କରେ ହସେଇବା ଉଦ୍ଦେଶ୍ୟରେ । ମାମା ହସି ଉଠେ । ହସିଲେ ତା ମୁହଁଟା ପୁନେଇ ଚାନ୍ଦ ପରି ଦେଖାଯାଏ । ତାକୁ କଦାପି ଉଦାସ ରହିବାକୁ ସୁଯୋଗ ଦିଏ ନାହିଁ । ମାମାର ପାଦ ପାଖରେ ବସି ରହେ । ଏହା ଭିତରେ ମାମାର ସୁନ୍ଦର ପାଦ ଯୋଡ଼ାକ ଓ ପାଦର ଝୁଣ୍ଟିଆ ଗୁଡ଼ିକ ଅଜିତର ଅତି ପ୍ରିୟ୍ର ହୋଇଯାଇଥିଲା । ମାମା ପାଇଁ ନୂଆ ନୂଆ ଝୁଣ୍ଟିଆ ଆଣିବାକୁ ସେ ଆଇକୁ ବରାଦ କରେ । ସେଗୁଡ଼ିକୁ ମାମା ପାଦରେ ପିନ୍ଧାଇ ସଜାଇବାକୁ ତାକୁ ଭାରି ଭଲ ଲାଗେ ।

ସମସ୍ତଙ୍କ ଅଲକ୍ଷ୍ୟରେ କେତେବେଳେ ଦୁଇଟି ପାରା ତାଙ୍କ ବାଲକୋନିରେ ବସା ବାନ୍ଧିଥିଲେ । ସେମାନଙ୍କର ଫୁର୍ ଫୁର୍ ଶବ୍ଦରୁ ହିଁ ସେମାନଙ୍କର ଉପସ୍ଥିତି ସମ୍ପର୍କରେ ପ୍ରଥମେ ଅଜିତ ଜାଣିଲା ।ବଡ଼ କୌତୁହଳରେ ସେ ସେମାନଙ୍କର ଆଚରଣକୁ ନିରେଖି ଚାହିଁଲା । କୁନି କୁନି ଥଣ୍ଟରେ ଡାଳ,କାଠିକୁଟା ନେଇ ସେମାନେ ଉଡି ଆସୁଥିଲେ ଥରକୁ ଥର । କେତେବେଳେ ଥଣ୍ଟରୁ ଖସି ପଡୁଥିବା କାଠିକୁଟାକୁ ଉଠାଇବାର ପ୍ରଯତ୍ନ । ଅଜିତକୁ ଏ ଦୃଶ୍ୟ ଖୁବ ନୂଆ ଓ ଅସାଧାରଣ ଲାଗୁଥିଲା । ସେ ଘଣ୍ଟା ଘଣ୍ଟା ଧରି ଚାହିଁ ରହୁଥିଲା ପାରା ଦୁଇଟିକୁ ଓ ସେମାନଙ୍କର କାର୍ଯ୍ୟକଳାପକୁ । କୋଟି ନିଧି ପାଇବା ପରି ସେ ଆନନ୍ଦରେ ଆତ୍ମହରା ହୋଇଯାଉଥିଲା । ତା' ସଂସାର ପରିଧିକୁ ଆସିଥିବା ଏହି ନୂତନ ଆଗନ୍ତୁକଙ୍କୁ ଦେଖାଇବା ପାଇଁ ମାମାକୁ ଟାଣି ଟାଣି ଆଣିଥିଲା ବାଲକୋନିକୁ । ପାରା ଦୁଇଟିଙ୍କର ହାବଭାବକୁ ଦେଖାଇ ଖୁସିରେ ଫାଟି ପଡୁଥିଲା ସେ । ତା' ହସରେ ହସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଶାଇ ମାମା କହିଲା- " ସତରେ ଖୁବ ସୁନ୍ଦର । ତା'ଙ୍କୁ କ'ଣ ଖାଇବାକୁ ଦଉନୁ" । ଜିଜ୍ଞାସୁ କଣ୍ଠରେ ଅଜିତ ପଚାରିଲା- ସେମାନେ କ'ଣ ଖାଆନ୍ତି ମାମା ? "ଖୁଦ,ଚାଉଳ......" ମାମା ପାଟିରୁ କଥା ନସରୁଣୁ ସେ ଘର ଭିତରକୁ ଦୌଡ଼ିଯାଇ ମୁଠାଏ ଚାଉଳ ଧରି ପହଞ୍ଚିଗଲା । ଗୋଟେ କାଗଜ ବିଛାଇ ତା' ଉପରେ ଅଜାଡ଼ି ଦେଲା ଚାଉଳ ମୁଠାକ । ଦୂରକୁ ଯାଇ ନିରୀକ୍ଷଣ କରୁଥିଲା ତାଙ୍କର କାର୍ଯ୍ୟକଳାପ ।

ପାରା ଦୁଇଟି ସାଙ୍ଗ ହୋଇ ଉଡ଼ି ଆସୁଥିଲେ ଚାଉଳ ପାଖକୁ । ଥଣ୍ଟରେ ଉଠାଇ ନେଉଥିଲେ ଗୋଟି ଗୋଟି କରି ଚାଉଳ । ଚଞ୍ଚୁରେ ଚଞ୍ଚୁ ଘଷି ପରସ୍ପରକୁ ସ୍ନେହ ସମ୍ଭାଷଣ କରୁଥିଲେ । ଜଣଙ୍କ ପାଟିରୁ ଖସି ପଡୁଥିବା କୁଟାକାଠିକୁ ଅନ୍ୟ ଜଣେ ଉଠାଇ ନେଉ ଥିଲା । ବିଶ୍ୱକର୍ମା ଭଳି କୁଟା କାଠିକୁ ଛନ୍ଦି ତିଆରି କରୁଥିଲେ ନୀଡ଼, ନିଜ ପାଇଁ,ନିଜ ଭବିଷ୍ୟତ ର ସୁଖ ସ୍ୱପ୍ନ ପାଇଁ । ଏକ ଲୟରେ ଚାହିଁ ରହିଥିଲା ଅଜିତ ସେମାନଙ୍କୁ । ଖୁସିରେ ଆତ୍ମହରା ପୁଅକୁ ଚାହିଁ ସ୍ୱପ୍ନା ଆନମନା ହୋଇଯାଉଥିଲା । ନିଜ ଜୀବନର ଖୁସିକୁ ଅଣ୍ଡାଳୁ ଥିଲା ଭିତରେ ଭିତରେ । ପାରା ଯୋଡ଼ିକଙ୍କର ବସା ବାନ୍ଧିବାର ପ୍ରଯତ୍ନ, ପରସ୍ପର ମଧ୍ୟରେ ସ୍ନେହ ମମତାର ବିନିମୟ ,ଜଣେ ଅନ୍ୟକୁ ଖୁସି କରିବାର ଅନନ୍ୟ ପ୍ରଚେଷ୍ଟା ,ଭବିଷ୍ୟତର ସୁଖ ସ୍ୱପ୍ନ ପାଇଁ ପ୍ରସ୍ତୁତିକୁ ଟିକିନିଖି ଭାବେ ନିରେଖି, ପରଖୁ ଥିଲା ନିଜ ଜୀବନର ଶୂନ୍ୟସ୍ଥାନକୁ ।ଅନ୍ୟମନସ୍କ ହୋଇପଡୁଥିଲା ମାମା । ପକ୍ଷୀଦୁଇଟା ମଧ୍ୟରେ କି ଆତ୍ମୀୟତା,ନିବିଡ଼ତା, ଭଲପାଇବାର ସ୍ପୃହା ।ହେଲେ ମଣିଷ ହୋଇ ମଧ୍ୟ କେମିତି ଜଣେ ଅନ୍ୟ ଜଣଙ୍କର ଦରଦ,ଯନ୍ତ୍ରଣା, ଅବସାଦକୁ ବୁଝିପାରୁ ନାହାନ୍ତି !

ଏହି ଅବସାଦ ଓ ଅନ୍ୟମନସ୍କତାରୁ ହିଁ ଦିନେ ମାମାର ଜୀବନ ଦୀପ ଲିଭିଗଲା । କାର ଚଳାଇଲା ବେଳେ ଆକ୍ସିଡେଣ୍ଟ , ସ୍ପଟ ଡେଥ୍ । ଉଜୁଡ଼ି ଗଲା ଅଜିତର ସୁଖର ସଂସାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

। ମାମା ଉପରେ ଅଜାଡ଼ି ହୋଇ ପଡ଼ି କେତେ କାନ୍ଦିଲା ଅଜିତ । କେତେ ଡାକିଲା ,ହେଲେ ମାମା ଶୋଇଯାଇଥିଲା ନିରବରେ ସବୁ ଯନ୍ତ୍ରଣା, ଏକଲାପଣ, ଅବହେଳା, ଅବସାଦକୁ ଅଣଦେଖା କରି ।

ଅଜିତକୁ କୋଳେଇ ନେଇ ଥିଲା କାହାର ଦୁଇଟା କୋମଳ ହାତ । ଅଜିତ ବୁଲି ପଡ଼ି ଚାହିଁଲା । ପାପା ଠିଆ ହୋଇଥିଲେ । ଆଖିରେ ତାଙ୍କର ଆଖିଏ ଅନୁତାପର ଅଶ୍ରୁ । ଅଜିତ ପ୍ରଶ୍ନିଳ ଦୃଷ୍ଟିରେ କିଛି କ୍ଷଣ ଚାହିଁଲା ପାପାଙ୍କୁ । ତା'ପରେ ଖୁବ ଜୋରରେ କୁଣ୍ଢାଇ ଧରି କାନ୍ଦି ଉଠିଲା । "ମାମା କ'ଣ ଆଉ ଉଠିବନି, କଥା କହିବନି ପାପା"- କୋହ ଭରା କଣ୍ଠରେ ପଚାରୁଥିଲା ପାପାଙ୍କୁ ।

ପାପାଙ୍କ ପାଖରେ ଉତ୍ତର ନ ଥିଲା । ସେ ଆହୁରି ଜୋରରେ ଭିଡ଼ି ଧରି ଥିଲେ ଅଜିତକୁ । ତା ଆଖିରୁ ଲୁହ ପୋଛୁଥିଲେ । ତା' ମୁଣ୍ଡରେ ହାତ ରଖି ଆଉଁଷି ଦେଉଥିଲେ । ପ୍ରଥମଥର ପାଇଁ ଅଜିତ ପାପାଙ୍କର ଏ ରୂପ ଦେଖିଲା । ମୁହୂର୍ତ୍ତକ ପାଇଁ ହେଉ ପଛେ ଭରସା ଓ ବିଶ୍ୱାସର ଚାଦରଟିଏ ଢାଙ୍କି ହୋଇଗଲା ତା ମନରେ । ପାପାଙ୍କ ମୁହଁକୁ ଚାହିଁଲା ।ଖୁବ ଅସହାୟ ଲାଗୁଥିଲେ ସେ ।

ଆଈ କାନ୍ଦୁଥିଲେ ରାହା ଧରି ଆଉ ଅଜା ମୂକ ପ୍ରାୟ ହୋଇଯାଇଥିଲେ । ମାମାକୁ ନୂଆ ଲୁଗା ପିନ୍ଧାଇ ସଜାଇ ଦେଉଥିଲେ ମାଈଁମାନେ । ପାଦରେ ଅଳତା, ମଥାରେ ସିନ୍ଦୁର । ଏ ସବୁର ଅର୍ଥ ଅବୁଝା ଥିଲା ଅଜିତ ପାଖରେ । ମାମାକୁ ସଜାଇବା ଉଦ୍ଦେଶ୍ୟରେ ସେ ଧାଇଁଗଲା ଘର ଭିତରକୁ । ହାତରେ ତାର ମୁଠାଏ ଝୁଣ୍ଟିଆ । ଗୋଟି ଗୋଟି କରି ପିନ୍ଧାଇ ଦେଲା ମାମାର ଅଳତାମଖା ପାଦର ଆଙ୍ଗୁଠିଗୁଡ଼ିକରେ ।

ମାମା ଚାଲିଗଲା । ରହିଗଲା ଅଜିତର ସ୍ମୃତିରେ । ସ୍ମୃତିକୁ ପାଥେୟ କରି ବଞ୍ଚୁଥିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ । ଆଈର ସ୍ନେହ ଓ ପାପାଙ୍କ ସହଯୋଗରେ ବିତିଯାଉଥିଲା ତା'ର ଜୀବନ । ତା ଜୀବନ ପରିଧିରେ ତା ଅଗୋଚରରେ ପଶି ଆସିଥିଲେ ପାରା ଯୋଡ଼ିକ, ଯେଉଁମାନଙ୍କ ପାଖରେ ତାର ବିତୁଥିଲା ସବୁଠାରୁ ଅଧିକ ସମୟ । ସେମାନେ ଅଜିତର ମନ ବୁଝି ତା'ର ସାଥୀ ପାଲଟି ଯାଇଥିଲେ । ଠିକ୍ ମାମା ପରି ତା ପାଖେ ପାଖେ ରହୁଥିଲେ । ଅଜିତ ବି ସେମାନଙ୍କ ଆଙ୍ଗୁଳିରେ ପିନ୍ଧାଇ ଦେଇଥିଲା ହଳେ ହଳେ ଝୁଣ୍ଟିଆ ଠିକ୍ ମାମାକୁ ପିନ୍ଧାଇବା ପରି ।

ମାମା ଯିବାର କିଛି ଦିନ ପରେ ହଠାତ ପାପା ଅସୁସ୍ଥ ହୋଇ ପଡ଼ିଲେ । ପରୀକ୍ଷାରୁ ଜଣା ପଡ଼ିଲା ପାପା ମହାମାରୀ କରୋନା କବଳରେ କବଳିତ । ପାପାଙ୍କର କୋଭିଡ଼ ହସପିଟାଲରେ ଆଡମିଶନ କରି ଦିଆଗଲା । ଫୁସଫୁସରେ ଗୁରୁତର ସଂକ୍ରମଣ । ଟ୍ରିଟମେଣ୍ଟ ଚାଲିଲା । ଆଈ ଅଧୈର୍ଯ୍ୟ ହୋଇ ପଡ଼ିଲେ । ଦିନ ରାତି ଠାକୁରଙ୍କ ପାଖରେ ଗୁହାରୀ କଲେ । ପାଣି ପରି ପଇସା ଖର୍ଚ୍ଚ କରି ଦେଲେ ତାଙ୍କ ଟ୍ରିଟମେଣ୍ଟରେ । ଇକମୋ ଚିକିତ୍ସା ପାଇଁ ହାଇଦ୍ରାବାଦ ଯିବାର ସବୁ ବନ୍ଦୋବସ୍ତ କରାଗଲା । ମାତ୍ର ସବୁ ଅର୍ଥହୀନ । ଅଳ୍ପ ଦିନ ଭିତରେ ମାମା ପରି ପାପା ମଧ୍ୟ ତାକୁ ଅଧାରାସ୍ତାରେ ଏକୁଟିଆ କରି ଚାଲିଗଲେ । ଅଜିତ ଅବାକ୍ ହୋଇଗଲା । ତା ଆଖି ଆଗରେ ଅନ୍ଧକାର ଭରିଗଲା । ଏତେ ବଡ଼ ଦୁନିଆଁରେ ଏକା ଏକା ବଞ୍ଚିବ କେମିତି ? ଅଜା ଆଈ କୋଳେଇ ନେଲେ ତା'ଙ୍କ ଅଲିଅଳୀ ଝିଅର ଦୁର୍ଲଭ ସନ୍ତକଟିକୁ । ଆଖିରୁ ଲୁହ ଧାର ଶୁଖେନି ଅଜିତର । ଜୀବନ କ'ଣ ଜାଣିବା ଆଗରୁ ହରାଇ ଦେଲା ସବୁକିଛି ।

କେଜାଣି କେତେ ଦିନ ବିତିଯାଇଛି ଏହା ଭିତରେ ଅଜିତର ମନେ ନାହିଁ । ଘର ଭିତରୁ ବାହାରକୁ ବାହାରିନି । ମାମା ପାପାଙ୍କ ଫଟୋ ପାଖରେ ବସି ଅହରହ ଲୁହ ଗଡ଼େଇଛି । ଏକାନ୍ତରେ କେତେ କଥା ହୋଇଛି । ଅଭିମାନ କରିଛି । ଫେରି ଆସିବାକୁ ଅନୁରୋଧ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଛି । ନ ହେଲେ ଖାଇବିନି ବୋଲି ଅଝଟ କରିଛି । କେତେ ରାତି ନ ଖାଇ ବି ଶୋଇପଡ଼ିଛି । ଫଟୋକୁ କୁଣ୍ଢାଇ ରାହା ଧରି କାନ୍ଦିଛି , ପୁଣି କେତେବଳେ ମାମା ଫଟୋ ଉପରେ ମୁଣ୍ଡ ଦେଇ ଶୋଇ ପଡ଼ିଛି ଭରସାରେ , ବିଶ୍ୱାସରେ । ଅପେକ୍ଷା କରିଛି ମାମାର କୋମଳ ହାତର ସ୍ୱର୍ଶକୁ । ପାପାଙ୍କର ନିବିଡ଼ ଆଲିଙ୍ଗନକୁ । କିନ୍ତୁ ତା'ର ସବୁ ଚେଷ୍ଟା ବିଫଳ । ନିଷ୍ଠୁର ନିୟତି । ସେ କାହୁଁ ବୁଝିବ, ଏକ କୋମଳମତି ଶିଶୁମନର କଅଁଳ ବିଶ୍ୱାସକୁ । ସେ ତ ତାର ସର୍ବଗ୍ରାସୀ କ୍ଷୁଧାନଳରେ ଦଗ୍ଧୀଭୂତ କରିଦିଏ ସବୁ ଆଶା , ଆଶ୍ରା, ଆଶ୍ୱାସନାକୁ ।

ବାସ୍ତବତାକୁ ଫେରି ଆସିଲା ଅଜିତ । ଅନ୍ଧାର ଭିତରୁ ମୁକ୍ତ କଲା ନିଜକୁ ଆଉ ନିଜ ଚେତନାକୁ । ବାଲକୋନିରେ ଆସି ବସିଲା । ଏକ ନୂଆ ପ୍ରକାର ସ୍ୱର ତା' କାନରେ ବାଜିଲା । ତା' ପ୍ରିୟ ପାରାଯୋଡ଼ିଙ୍କର ବସାରୁ ଆସୁଥିଲା ଏ ସ୍ୱର । କୌତୁହଳରେ ବସା ଭିତରକୁ ନିରେଖି ଚାହିଁଲା । "ଆରେ,ଏ କ'ଣ, ଏତେ ଗୁଡ଼େ କୁନି କୁନି ଗୁଲୁଗୁଲିଆ ପାରା ଶାବକ" । ସେମାନଙ୍କ କଳରବରେ ବାଲକୋନି ପରିବେଶ ମୁଖରିତ ହୋଇ ଉଠୁଥିଲା । ସେମାନେ ବସାରୁ ଖଣ୍ଡି ଉଡ଼ା ଦେଇ ବାହାରକୁ ଯିବାର ପ୍ରୟାସ କରୁଥିଲେ । ଉଡୁ ଉଡୁ କେତେବେଳେ ତଳେ ଖସି ପଡୁଥିଲେ , ପୁଣି ଉଡ଼ିଯାଇ କୁନି କୁନି ଥଣ୍ଟରେ ଖୁଦ ଖୁଣ୍ଟିବାକୁ ଚେଷ୍ଟା କରୁଥିଲେ । ତା' ମୁହଁରେ ହସ ଫୁଟି ଉଠିଲା ଅନେକ ଦିନ ପରେ । ସେ ଥିଲା ବିଶ୍ୱାସର ହସ, ଭରସାର ହସ, ଗଭୀର ପ୍ରଶାନ୍ତିର ହସ ।

ସମୟ ଗଡ଼ି ଚାଲିଛି । ତା ସହିତ ବଢିଛି ଅଜିତର ପ୍ରିୟ ସାଥିଙ୍କର ପରିବାର । ସକାଳେ ସନ୍ଧ୍ୟାରେ ସେମାନଙ୍କୁ ଖାଇବାକୁ ଦେବା, ଆଉଁସିବା, କାନ୍ଧରେ ବସାଇବା, ଗେଲ କରିବା, ଯତ୍ନ ନେବା ଯେମିତି ତା'ର ନିତିଦିନିଆ କାମ । ସମସ୍ତଙ୍କ ଗୋଡ଼ରେ ପିନ୍ଧାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଇଛି ରଙ୍ଗବେରଙ୍ଗର ଝୁଣ୍ଟିଆ । ସମସ୍ତଙ୍କୁ ଦେଇଛି ଗୋଟିଏ ଗୋଟିଏ ସୁନ୍ଦର ନାଁ । ନାଁ ଧରି ଡାକିଲେ ଉଡ଼ି ଆସି ତା ଚାରିପଟେ ଡେଣା ମେଲାଇ ବିଛି ଦିଅନ୍ତି ମମତ୍ୱର ଫଗୁ, ଟାଣି ଦିଅନ୍ତି ଅନୁରାଗର ଚନ୍ଦ୍ରାତପ, ତିଆରି କରି ଦିଅନ୍ତି ଏକ ଆତ୍ମୀୟତାର ଅଭେଦ୍ୟ ବଳୟ । ଏମାନଙ୍କ ପାଖରେ ଥିଲେ ସେ ଭୁଲିଯାଏ ତା' ଜୀବନର ସମସ୍ତ ଦୁଃଖ, ବେଦନା ଓ ଏକଲାପଣ ।

ଏତେ ବଡ଼ ଦୁନିଆଁରେ ଏକୁଟିଆ କରି ଛାଡ଼ି ଚାଲିଯିବା ମଣିଷମାନଙ୍କ ଠାରୁ ଏମାନେ କେଉଁ ଗୁଣରେ କମ୍ ଯେ ! ସ୍ୱାର୍ଥପର ଅନ୍ଧମୋହର ମଣିଷ ସମାଜଠାରୁ ଏମାନେ ବହୁ ଊର୍ଦ୍ଧ୍ୱରେ । ଏମାନେ ବୁଝନ୍ତିନି ଭଲ ମନ୍ଦ । ବାଣ୍ଟି ଚାଲନ୍ତି ଖୁସି ଆଉ ଖୁସି , ଜୀବନ ଥିବା ଯାକେ, ଜୀଇଁ ଥିବା ଯାକେ । ସଦା ହସ ହସ, କର୍ମଯୋଗୀ, ଉତ୍ସାହ, ଉଦ୍ଦୀପନାପୂର୍ଣ୍ଣ ପକ୍ଷୀଗୁଡ଼ିକ ଆଗତ ବିପତ୍ତି ପାଇଁ ବ୍ୟସ୍ତତା ନାହିଁ, ଭବିଷ୍ୟତ ପାଇଁ ଚିନ୍ତା ନାହିଁ , ନାହିଁ ବି ଆଶା ଆକାଂକ୍ଷା । ଏମାନେ ବଞ୍ଚନ୍ତି ବର୍ତ୍ତମାନରେ । ହସନ୍ତି, ଖୁସି ହୁଅନ୍ତି, ଉଲ୍ଲସିତ ହୁଅନ୍ତି । ଜୀଇଁବାର ବାଟ ଦେଖାନ୍ତି ନିଃସଙ୍ଗ ମଣିଷମାନଙ୍କୁ ।

ସେଇଥି ପାଇଁ ତ ଏ ବୟସରେ ମଧ୍ୟ ଅଜିତର ସେମାନେ ଅତି ଅନ୍ତରଙ୍ଗ ।

ଅଧ୍ୟକ୍ଷା, ରାଜଧାନୀ ବିଜ୍ଞାନ,
କଳା ଓ ବାଣିଜ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଓଡ଼ିଆ ମିଡ଼ିୟମ୍

ଆପାର୍ଟମେଂଟକୁ ଯେଉଁଦିନ ସେ ନୂଆ ପରିବାରଟି ଆସିଲେ ସେଦିନ ସବୁ ଫ୍ଲାଟର ସ୍ତ୍ରୀ ଲୋକଙ୍କ ନାକ ଟେକି ହୋଇ ଯାଇଥିଲା । ବାରଟିକିଆ ଆପାର୍ଟମେଣ୍ଟଟିର ସମସ୍ତ ପରିବାର ନିଜ ନିଜକୁ ସମ୍ଭ୍ରାନ୍ତ ବୋଲି ଭାବୁଥାନ୍ତି, ଏ ନୂଆ ପରିବାରର ଜିନିଷ ପତ୍ରରୁ ସମସ୍ତେ ଗୋଟିଏ ମଧ୍ୟବିତ୍ତ ପରିବାର ବୋଲି ଠଉରେଇ ନେଲେଣି । ସେଦିନ ଚାରିଟା ବେଳେ ଲନ୍ ରେ ଗପସପ ହେଲାବେଳେ, ରଚିତା କହିଲା,

– ଦେଖିଲେଣି ସୀମା ନାନୀ ! ଶେଷରେ ମିଷ୍ଟର ଦାସ ଗୋଟେ ଅନାମଧେୟ ଲୋକକୁ ଘରଟା ଭଡ଼ା ଦେଲେ । ତା ଦୟନୀୟ ଅବସ୍ଥା ଦେଖିଲେ ଲାଗୁନି ସେ ଏଠି ଭଡ଼ା ଦେଇ ପାରିଲା ଭଳି ।

ଅର୍ଚ୍ଚିନା କହିଲା,



ନିତ୍ୟ ରଞ୍ଜନ ନନ୍ଦ

– ମୁଁ ପରା ଜଣେ ଡାକ୍ତରଙ୍କୁ ସେ ଘର ଭଡ଼ା ଦେବାକୁ କହିଲି,

– ମିଷ୍ଟର ଦାସ ଶୁଣିଲେନି । କହିଲେ ମୋର ଘର ଭଡ଼ା ଦବାର ନାଇଁ । ଏବେ କେମିତି ଦେଲେ ।

– ଆରେ ଅର୍ଚ୍ଚନା ସେ ଭଡାଟିଆଙ୍କ ଜିନିଷ ଦେଖିଛ । ପୁରୁଣା କାଳିଆ ଖଟ, ପ୍ଲାଷ୍ଟିକ ବୁଣା ସୋଫା, କୋଉ ପୁରୁଣା ଆଲମାରି । କେମିତି ଆପାର୍ଟମେଂଟର ଲୋକମାନଙ୍କ ସହ ରହିବେ କେଜାଣି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

– ହଁ ଦେଖିଛି ସ୍ତ୍ରୀ ଲୋକ ଜଣକ ଶାଢ଼ୀ ପିନ୍ଧି ଲସର ପସର ହୋଇ ଲୋକଙ୍କ ସହ ନିଜେ ଜିନିଷ ପତ୍ର ବୋହୁଥିଲା । ଆଉ ପିଲାମାନଙ୍କର ଡ୍ରେସ୍ ଦେଖିଛ ରଚିତା ?

- ହଁରେ ଅର୍ଚ୍ଚନା । ଆମ ପିଲା ତ ଜମା ଏମିତି ପିନ୍ଧିବେନି । ବ୍ରାଣ୍ଡେଡ୍ ନହେଲେ ତ ପିଲା ପିନ୍ଧୁ ନାହାନ୍ତି, ଆଉ ଏମିତି ଶସ୍ତା ଡ୍ରେସ୍ ।

– ଫ୍ଲାଟର ସବୁ ପୂଜା ପର୍ବରେ ସେ ତ ଚାନ୍ଦା ଦେଇପାରିଲା ପରି ଲାଗୁନି । ଗୋଟେ ଷ୍ଟାଣ୍ଡାର୍ଡ ଲୋକକୁ ଭଡ଼ା ନଦେଇ, ଏମିତି ଲୋକଙ୍କୁ ଭଡ଼ା ଦେଲେ ଯେ, ଯାହା ସହିତ ଜମା ମିଶି ହେବନି । ଏମାନଙ୍କ ଆଲୋଚନା ଶୁଣି ସୀମା କହିଲେ,

– ଆରେ ସେମାନେ ପରା ମିଷ୍ଟର ଦାସଙ୍କ ଭାଇଙ୍କ ପରିବାର । ତାଙ୍କ ଭାଇ ପ୍ରାଇଭେଟରେ କୋଉଠି ଚାକିରି କରିଛନ୍ତି । ପରିବାର ଆଉ ଗୋଟେ କୋଉଠି ରହୁଥିଲେ । ମିଷ୍ଟର ଦାସ ଘର କିଣିବା ପରେ ସେମାନେ ଭଡ଼ାରେ କାହିଁକି ରହିବେ ଏଠିକି ଚାଲି ଆସିଛନ୍ତି । ଆଜି ୟାଙ୍କ ସହିତ ମିଷ୍ଟର ଦାସ ଫୋନ୍ ରେ କଥା ହୋଇଥିଲେ । ସୀମାଙ୍କ କଥାଶୁଣି ରଚିତା କହିଲା,

– ମାନେ ! ମିଷ୍ଟର ଦାସଙ୍କ ଫ୍ୟାମିଲି ବ୍ୟାଗଗ୍ରାଉଣ୍ଡ ତାହେଲେ ଏତେ ଖରାପ ! !

ସୀମା କହିଲେ,

– କ'ଣ ହେଲା ସେଥିରୁ, ଏବେ ତ ସେ ବାଙ୍ଗାଲୋରରେ ଜଣେ

ନାମୀଦାମୀ ଡାକ୍ତର । ନୂଆ ପରିବାର ଆସିବା ପରେ ସେଦିନ ଆଲୋଚନା ର ଗୋଟେ

ଟପିକ୍ ମିଳିଗଲା । ଖାଲି ସେଦିନ ନୁହେଁ, ତା' ପରଦିନ ବି ସଂଧ୍ୟା ସମୟରେ ଅର୍ଚ୍ଚନା, ରଚିତା, ସୋମା ଙ୍କ କଥାବାର୍ତ୍ତା ଭିତରେ ସେ ପରିବାର ଚାଲି ଆସନ୍ତି । ସତେ ଯେମିତି ସେ ପରିବାର ର ଅଧିକାର ନାହିଁ ସେ ଆପାର୍ଟମେଣ୍ଟରେ ରହିବାର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

– ଦୁଇଦିନ ପରେ ସ୍ତ୍ରୀ ଲୋକଟି ଚାଲୁ ଚାଲ ହୋଇ ଲନ୍ ଭିତରକୁ ଚାଲି ଆସିଲା । ଭଦ୍ରତାର ଖାତିରିରେ ସୀମା ତାଙ୍କୁ ଡ଼ାକି ବେଞ୍ଚରେ ବସିବାକୁ କହିଲେ ।

କଥାବାର୍ତ୍ତାରୁ ଜାଣିଲେ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ଝିଅଟି ଶିଶୁ ମନ୍ଦିର ସ୍କୁଲରେ ଦଶମରେ ପଢେ । ପୁଅଟି ବି.ଜେ.ବି କଲେଜରେ ପ୍ଲସ ଟୁ ସାଇନ୍‌ସ ପଢୁଛି । ଓଡ଼ିଆ ମିଡିୟମ୍ ସ୍କୁଲ ନାଁ ଶୁଣି ଅର୍ଚ୍ଚନା ଓ ରଚିତାଙ୍କ ନାକ ଟେକି ହୋଇ ଯାଉଥାଏ । ହଠାତ୍ ଅର୍ଚ୍ଚନା ପଚାରି ଦେଲା,

– ଏଠି ତ ସମସ୍ତେ ଡ୍ରେସ ପିନ୍ଧୁଛନ୍ତି, ଆପଣ ବି ପିନ୍ଧିବେ । ସ୍ତ୍ରୀଲୋକ ଜଣଙ୍କ ନମ୍ରତାର ସହ କହିଲା,

– ନା ଶାଶୁଙ୍କ ପାଖରେ ରହିବାରୁ ଶାଢ଼ୀ ଅଭ୍ୟାସ ହୋଇ ଯାଇଛି । ଆଉ ଏବେ ବି ଭଲ ଲାଗିବନି । କିଛି ସମୟ କଥା ହେବାପରେ ସ୍ତ୍ରୀ ଲୋକଟି ଚାଲିଗଲା । ସେ ଗଲା ପରେ ଏମାନେ ଗପରେ ମଜି ଗଲେ ।

– ସଂଧ୍ୟା ସମୟରେ ଘଣ୍ଟି ବାଜିବାରୁ ଫେରି ଚାହିଁଲେ । ନୂଆ ଘରର ସ୍ତ୍ରୀ ଲୋକଟି ସାଧାକରି ଶାଢୀଟିଏ ପିନ୍ଧି, ମୁଣ୍ଡରେ ଓଢଣା ଦେଇ ଘର ବାହାରେ ଥିବା ଚଉରା ମୂଳେ ଘଣ୍ଟି ବଜାଇ ଦୀପଟିଏ ବସାଉଛି ।

– ତାଙ୍କୁ ଦେଖି ତିନି ଜଣଙ୍କ ମନେ ପଡ଼ିଲା ଘରର ଠାକୁରଙ୍କ ପାଖେ ଧୂପକାଠି ଟେ ବୁଲାଇବା କଥା । ଘରକୁ ଫେରିବା ସମୟରେ, ସେ ଘରୁ ଭାସି ଆସୁଥିଲା ପିଲାଙ୍କ କଣ୍ଠ ସ୍ୱର, "ଆହେ ଦୟାମୟ ବିଶ୍ୱବିହାରୀ, ଘେନ ଦୟାବହି ମୋର ଗୁହାରି ।" ଆଉ ମଧ୍ୟ ଶୁଣା ଯାଉଥିଲା ଶଙ୍ଖଧ୍ୱନି । ଯାହା ପରିବେଶକୁ ଭାବମୟ କରି ଦେଉଥିଲା ।

– ରଚିତା ଘରେ ପହଞ୍ଚିଲା ବେଳକୁ ପୁଅଝିଅ ଦୁଇଜଣ ଦୁଇଟି ମୋବାଇଲ୍ ଧରି ଗେମ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖେଳିବାରେ ବ୍ୟସ୍ତ । କାହିଁକି କେଜାଣି ସେଦିନ ପିଲାଙ୍କୁ କହି ପକାଇଲା,

– ଏ ପିଲାମାନେ ଟିକେ ସଂଧ୍ୟା ସମୟରେ ପ୍ରାର୍ଥନା କରୁନ । ପିଲାମାନେ ପ୍ରାର୍ଥନା ଶବ୍ଦ ଶୁଣି ହସି ଉଡାଇ ଦେଲେ ।

– ମାମା ତୁମେ କୋଉ ଯୁଗରେ ଅଛ କହିଲେ । ଆମ ଜେନେରେସନ୍ ରେ ଏ ପ୍ରାର୍ଥନା କିଏ କରୁଛନ୍ତି କହିଲ ।

– କାଇଁ ତଳ ଘର ପିଲାଙ୍କୁ ଦେଖିଲ, ସେମାନେ ତ କରୁଛନ୍ତି ।

– ଓଃ ମାମା ! ବୋର କରନି । କୋଉଠୁ ଆସିଲେ ଗାଉଁଲି କୋଉଠି କାର । ମାମା ଆମର ତାଙ୍କୁ ଦେଖି ଆମ ମୁଣ୍ଡ ଚାଟିବା ଆରମ୍ଭ କରି ଦେଲେଣି ।

ଦୁଇ ଦିନ ପରେ ଅର୍ଚ୍ଚନା ଘରେ ରଚିତା ଓ ଅର୍ଚ୍ଚନା ବସି ଟିଭି ଲଗାଇ ଗପସପ ହେଉଥାନ୍ତି । ଟି.ଭି.ରେ ଓଡ଼ିଆ ମାଧ୍ୟମ ସ୍କୁଲର ମ୍ୟାଟ୍ରିକ ରେଜଲ୍ଟ ବାହାରିବାର ନ୍ୟୁଜ୍ ଦେଉଥାଏ ।

– ହଠାତ୍ ରଚିତାର ନ୍ୟୁଜ୍ ଉପରେ ଆଖି ପଡ଼ିଗଲା । କହିଲା,

– ଅର୍ଚ୍ଚନା ଦେଖିଲ ସେ ନୂଆଘର ଝିଅର ଫୋଟ ଏଇଟା ବୋଧେ । ହଁ ତା ମା କହୁଥିଲେ ତ ସେ ମ୍ୟାଟ୍ରିକ ପରୀକ୍ଷା ଦେଇଛି ବୋଲି । ସେ ବେଷ୍ଟ ଟୋଣ୍ଟି ଭିତରେ ଅଛି କି ! ! !

– ଉଭୟେ ମନ ଦେଇ ନ୍ୟୁଜ୍ ଦେଖିଲେ । ବରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ମୋନାଲିସା ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ବୋଲି ବାରମ୍ବାର କହୁଥାଏ । ନାଁ ନଜାଣିଲେ ବି ଫୋଟ ରୁ ଦୁହେଁ ଅନୁମାନ କରୁଥାନ୍ତି । ସତକୁ ସତ ଘାଏଁ ଘାଏଁ ହୋଇ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ ର ଗାଡି ଆସି ଆପାର୍ଟମେଣ୍ଟର ସାମ୍ନା ରେ ଲାଗିଗଲା । ସାମ୍ବାଦିକ ମାନଙ୍କ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ଘରେ ଭିଡ଼ ଲାଗିଥାଏ । କିଛି ସମୟ ପରେ ମୋନାଲିସା ସହ ସାକ୍ଷାତକାର ଓ ବାପା ମାଆଙ୍କ ସହ ତା'ର ଫୋଟ ବି ଟିଭି ରେ ଦେଖିବାକୁ ମିଳିଲା । ଅର୍ଚ୍ଚନା ମୁହଁ ମୋଡ଼ି କହିଲା,

– ହଁ ମ, ଓଡ଼ିଆ ମିଡୟମ ସ୍କୁଲ ରେ କ'ଣ ଆଉ ଭଲ ପିଲା ପଢୁଛନ୍ତି । ଯୋଉ ପିଲା ଟିକିଏ ଭଲ ପଢୁଛନ୍ତି ସେମାନେ ପୋଜିସନ୍ ପାଉଛନ୍ତି । ଆମ ପିଲା ବି ପାଇଥାନ୍ତେ ଏଥିର ବଡ଼ କଥା କ'ଣ ଅଛି । ରଚିତା ତାକୁ ସମର୍ଥନ କରି କହିଲା,

– ହଁ ମ ମୋ ମାମୁଁ ଝିଅ ଭଉଣୀ ର ଝିଅ ଟା ମଧ୍ୟ ଆର ବର୍ଷ ପୋଜିସନ ପାଇଥିଲା । ସେ ବି ଏତେ ଭଲ ପଢେନି । ଏଇଟା କିଛି ବଡ଼ କଥା ନୁହେଁ ।

– ଏହାର ପନ୍ଦର ଦିନ ପରେ ଲନ୍ ରେ ଆପାର୍ଟମେଣ୍ଟର ସ୍ତ୍ରୀ ଲୋକମାନେ ବୁଲୁଥାନ୍ତି ।ମୋନାଲିସା ଯାଇ କହିଲା

– ଆଣ୍ଟିମାନେ ମା' ଆପଣ ମାନଙ୍କୁ ଆମ ଘରକୁ ଡାକିଛନ୍ତି । କାରଣ ପଚାରିବାରୁ କହିଲା,

– ମୁଁ ଜିଣିନି । କହିଲେ ଆଣ୍ଟି ମାନଙ୍କୁ ଡାକିଦେ ।

– ଅନିଚ୍ଛା ସତ୍ତ୍ୱେ ଅର୍ଚ୍ଚନା, ରଚିତା ଓ ସୀମା ତା ଘରକୁ ଗଲେ । ସ୍ତ୍ରୀ ଲୋକ ଜଣଙ୍କ ଗୋଟିଏ ଥାଳିରେ କିଛି ମିଠା, ଆଉ ଗୋଟେ ଥାଳିରେ କିଛି ସିଙ୍ଗଡ଼ା ଆଣି ଥୋଇଲେ । ଝିଅ ଉଦ୍ଦେଶ୍ୟ ରେ କହିଲେ,

– ଆରେ ମା ଆଣ୍ଟିମାନଙ୍କ ପାଇଁ ଚା' ବସା । ସମସ୍ତେ ବସିଲା ପରେ ସୀମା ପଚାରିଲେ,

– ଏ ସବୁ ଆୟୋଜନ କ'ଣ ପାଇଁ ?

ସ୍ତ୍ରୀ ଲୋକ ଜଣଙ୍କ କହିଲେ,

–ନାଇଁ ମ, ପୁଅ ମେଡିକାଲ ଏଣ୍ଟ୍ରାନସ୍ ଦେଇଥିଲା ପାଇଗଲା ତ, ସେଇଥି ପାଇଁ ଟିକେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଟି ମିଠା କରନ୍ତୁ, ଆଉ ମୋ ପୁଅକୁ ଆଶିର୍ବାଦ କରନ୍ତୁ ସେ କେମିତି ଭଲ ମଣିଷ ହେଉ ।

ସୀମା ଖୁସି ହୋଇ କହିଦେଲେ,

– ଆରେ ଝିଅ ତ ଏତେ ଭଲ ରେଜଲ୍ଟ କରିଥିଲା, ପୁଅ ବି ! ମେଡ଼ିକାଲ ପାଇବା ଏତେ ସହଜ ନୁହେଁ । ଆମ ଆପାର୍ଟମେଣ୍ଟରେ କେହି ମେଡିକାଲ ପାଇ ନଥିଲେ । ପୁଅ ବି କ'ଣ ଶିଶୁ ମନ୍ଦିର ରେ ପଢୁଥିଲା ।??

– ହଁ ହଁ ସେବି ଶିଶୁ ମନ୍ଦିର ଛାତ୍ର । ଦଶମ ଯାଏଁ ସେଠି ପଢ଼ିଥିଲା । ସୀମାଙ୍କ ଉତ୍ତର ଥିଲା,

– ସେମାନେ ନିଶ୍ଚିତ ଭଲ ମଣିଷ ହେବେ । ଆପଣ ତାଙ୍କୁ ଭଲ ସଂସ୍କାର ଦେଇଛନ୍ତି ।

ରଚିତା ଓ ଅର୍ଚ୍ଚନା ଚୁପ୍ ଚାପ୍ ମିଠା ଓ ସିଙ୍ଗଡା ଖାଉଥାନ୍ତି ।ମନଟା କେମିତି ଖଟା ହୋଇଯାଉଥାଏ । ସେଦିନ ଫେରିବା ବାଟରେ ସୀମା କହିଲେ,

– ଦେଖରେ କେତେ ଭାଗ୍ୟବାନ ବାପା ମାଆ । ଓଡ଼ିଆ ମିଡିୟମ୍ ରେ ପିଲାଙ୍କୁ ପଢେଇଲେ କ'ଣ ହେବ, ପିଲା ଡାକ୍ତରୀ ପାଉଛି । ଆମ ପିଲା ତ ମୋଟା ଆକାରରେ ଡୋନେସନ ଦେଲେ ଯାଇ ଗୋଟେ ଇଞ୍ଜିନିୟରିଂ କଲେଜ ରେ ସିଟ୍ ପାଉଛନ୍ତି ।

– ରଚିତା ଓ ଅର୍ଚ୍ଚନା ବୁଝି ପାରୁଥିଲେ ସୀମାଙ୍କ ଇଙ୍ଗିତ କାହା ଆଡ଼କୁ....

– କାରଣ ଗତ ବର୍ଷ ଉଭୟଙ୍କ ପୁଅ ଡୋନେସନ ଦେଇ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇ ଥିଲେ ।

ନିତ୍ୟ ରଞ୍ଜନ ନନ୍ଦ
ଡ଼ି ଏଲ ଏ-୧୨, ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର-୭୫୧୦୧୦, ମୋ - ୯୪୩୭୦୬୭୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଥୁଣ୍ଟା ବରଗଛ

ଋକବେଦକୁ ଗଭୀର ଭାବେ ଅନୁଧ୍ୟାନ କଲେ ଜଣାପଡେ ଏ ସଂସାର ଅଳିକ, ମିଛ, ମାୟା, ଜୀବନ ଦୁଃଖମୟ ବା ଜୀବନ ପାଣି ଫୋଟକା ପରି । ମୁନି ଋଷିମାନେ ଖାଲି ବଞ୍ଚିବାକୁ ଚାହିଁ ନାହାନ୍ତି ବରଂ ଭଲ ଭାବେ ବଞ୍ଚିବା, ଶହେ ବର୍ଷ ବଞ୍ଚିବା ଓ ବିନା ଦୁଃଖ ଦାରିଦ୍ର୍ୟରେ ବଞ୍ଚିବା ପାଇଁ ଚାହିଁଛନ୍ତି । ସେମାନେ ଅର୍ଥ, ସମ୍ପତ୍ତି, ସୁନା ଓ କନ୍ୟା ସନ୍ତାନ ପରିବର୍ତ୍ତେ ପୁତ୍ର ସନ୍ତାନ ଚାହିଁଛନ୍ତି । ସତରେ ଏ ମଣିଷ ପୁଅଟିଏ ପାଇବା ପାଇଁ କେତେ ବ୍ୟାକୁଳ ସତେ ? କେମିତି ବା ନ ହୁଅନ୍ତା ? ପୁଅଟିଏ ଯେ ତାଙ୍କର ମୃତ୍ୟୁ ପରେ ବଂଶ ରକ୍ଷା କରିବା ସହ ତାଙ୍କରି ଉତ୍ତରାଧିକାରୀ ବି ହେବ । ଆହୁରି ମଧ୍ୟ ପିଣ୍ଡରେ ପାଣି ଦେବ । ସେମିତି ବ୍ୟାକୁଳତା ବି ଭରି ରହିଥିଲା ବୈକୁଣ୍ଠ ମହାପାତ୍ରଙ୍କ ମନ ଭିତରେ । ସୁମିତ୍ରା ଦେବୀଙ୍କ ହାତ ଧରିବାର ଏହା ଭିତରେ ୫ ବର୍ଷରୁ ଉର୍ଦ୍ଧ ସମୟ ବିତି ଗଲାଣି । କେମିତି ବା ନଚାହିଁବେ ସେମାନେ ! ଏବେ କିନ୍ତୁ ମାନସିକ ଭାବେ ଭୀଷଣ ଆଘାତପ୍ରାପ୍ତ ହୋଇ ପସ୍ତାଉଛନ୍ତି ନିଜର ଅତୀତ ଜୀବନର ଅଡୁଆ ସୂତା ପେଣ୍ଡୁଲାକୁ ହାତରେ ଧରି । ଆଉଟୁ ପାଉଟୁ ହେଉଛନ୍ତି ମନସ୍ତାପର ଦାବାଗ୍ନିର ଧୂମିଳ ଧାସରେ ।



ଗଦାଧର ବଳ

ଜେଲ୍ ର କଳା କୋଠରୀର ଆଶାତୀତ ଛୋଟ ଜାଲି ଲଗା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝରକାର ସେପଟେ ସେ । ସାମାନ୍ୟ ଆଲୋକର ଛିଟା ବାରି ହୋଇ ପଡୁ ଥାଏ । ଆଉ ଏପଟେ ଅତୀତର ମନକୁ ପରାଜିତ କରି ବିବେକର ରାଜ କରିଥିବା ତାଙ୍କର ସନ୍ତକ ପାଳିତ ପୁତ୍ର ଗୋପାଳ । ବର୍ତ୍ତମାନର ପରିସ୍ଥିତିକୁ ନେଇ ଉଭୟଙ୍କ ଆଖି ଲୋତକାୟିତ, କଣ୍ଠ ଶ୍ୱାସରୁଦ୍ଧ, ଶରୀର ନିଶ୍ଚଳ । ବାର୍ଦ୍ଧକ୍ୟର ଶେଷ ସୋପାନରେ ଉପନୀତ ବୈକୁଣ୍ଠ ବାବୁ । ମୁଲାକାତର ସମୟ ଶେଷ । ଭିତରକୁ ଚାଲିଯିବା ପାଇଁ ଜେଲରଙ୍କର କଡା ନିର୍ଦ୍ଦେଶ ଆସିଲା । ସେ ପୁଣି ସେହି ଅନ୍ଧାର କୋଠରି ଭିତରକୁ ଚାଲିଗଲେ, ଆଉ କିଛିକ୍ଷଣ ଭିତରେ ଅନ୍ଧାର କୋଠରୀର ଅମା ଅନ୍ଧକାର ଭିତରେ ଯେମିତି ଉଭେଇ ଯାଇଥିଲେ । ଏପଟେ ଗୋପାଳ ବି ଦୀର୍ଘ ଶ୍ୱାସଟିଏ ପକାଇ ଜେଲ ଝରକା ଠାରୁ କ୍ରମଶଃ ନିଜକୁ ଦୂରେଇ ଆଣି ଆସି ଜେଲ ଫାଟକ ନିକଟରେ ପହଞ୍ଚି ସାରିଲାଣି ।

ସେଦିନ ଗୋପାଳ ଓରଫ ଗୋପାଳ ମହାପାତ୍ର ଜେଲ ଗେଟ ସାମ୍ନାରେ ନିଜର ବାପାଙ୍କୁ ଦେଖା କରିବା ପାଇଁ ସୁଦୂର ଭୁବନେଶ୍ୱରରୁ ଧାଇଁ ଆସିଥିଲା । ମୁଲାକାତ ତ ନିଶ୍ଚୟ ହେଲା । ମାତ୍ର ନିଜର ଅଜାଣତରେ ଜେଲ ଫାଟକ ନିକଟରେ ଥିବା ବଉଳ ଗଛ ତଳେ ନିରୁତ୍ତର ହୋଇ କିଛି ସମୟ ବସି ଯାଇଥିଲା ସେ । ନିଜର ଅଜାଣତରେ ଆଖି ସାମ୍ନାରେ ପୂର୍ବର ସମସ୍ତ ଘଟଣା ଗୋଟି ଗୋଟି ନାଚି ଯାଉଥିଲା ତାର । କାଲି ପରି ଲାଗୁଛି ସବୁ ଅପାସୋରା, ଅଭୁଲା ସ୍ମୃତି ସମ୍ବଳିତ ଘଟଣାମାନ । ଏହା ଭିତରେ ଅନେକ ଦିନ ବିତି ଗଲାଣି । ପ୍ରାୟ ୬୦ ବର୍ଷରୁ ଊର୍ଦ୍ଧ ହେବ । ସେ ଅନ୍ୟ ମାନଙ୍କଠାରୁ ଶୁଣି ଥିଲା ଯେ ସେ କୁଆଡେ ଭୁବନେଶ୍ୱରର ତହସିଲ ଅଫିସର କନିଷ୍ଠ କିରାଣୀ ରାଧାବିନୋଦ ବାବୁଙ୍କ ଏକମାତ୍ର ପୁତ୍ର । ସେଦିନ ତାଙ୍କର ବାପା ତାଙ୍କ ମାଆକୁ ନେଇ ମୋଟର ସାଇକେଲରେ କଟକ ଆସୁଥିଲେ, ଏକ ପାରିବାରିକ ଉତ୍ସବରେ ଯୋଗ ଦେବାପାଇଁ । ମାଆଙ୍କ କୋଳରେ ଥିଲେ ସେ । ବୟସ ତାଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତେବେଳେ ୨ ବର୍ଷ । କୁଆଖାଇ ନଇର ପୋଲ ଉପରେ ଗୋଟେ ଟ୍ରକ ସାଇଡ ମାରି ଦେବାରୁ ତାଙ୍କ ବାପାମାଆ ଉଭୟଙ୍କର ଦୁର୍ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ସୌଭାଗ୍ୟକ୍ରମେ ସେ ମାଆ କୋଳରୁ ରାସ୍ତା କଡକୁ ଛିଟିକି ପଡି ସେହି ରାସ୍ତା ଉପରେ ରକ୍ତାକ୍ତ ଅବସ୍ଥାରେ ପଡି ବିକଳରେ କାନ୍ଦୁଥିବା ବେଳେ କିଛି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢାଇ ଥିଲେ । ଆଉ ସେମାନଙ୍କ  ସହାୟତାରେ ଦମକଳ ତୁରନ୍ତ ଖବର ଦିଆଯିବା ପରେ ଦମ୍କଳ ପହଞ୍ଚି ସେମାନଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଇ ଥିଲେ । ଆଉ ତା ପରର ଘଟଣା ଥିଲା ଅତି ହୃଦୟ ବିଦାରକ । ଡାକ୍ତରଖାନାରେ ତାଙ୍କ ବାପାମାଆଙ୍କୁ ମୃତ ଘୋଷଣା କରା ଯାଇଥିଲା ।

ସେତେବେଳକୁ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ସାରିଥିବା ତତକାଳୀନ ଅତିରିକ୍ତ ତହସିଲଦାର ବୈକୁଣ୍ଠ ମହାପାତ୍ର । ସେଠାରୁ ସେ ତାଙ୍କୁ କୋଳକୁ ଉଠାଇ ନେଇ ନିଜ ଘରକୁ ନେଇ ଯାଇଥିଲେ । ରାଧାବିନୋଦ ବାବୁଙ୍କର ସମସ୍ତ ସମ୍ପର୍କୀୟମାନଙ୍କୁ ପିଲାଟାକୁ ରଖିବାକୁ ସେ ଅନେକ ଅନୁରୋଧ କରିଛନ୍ତି । ମାତ୍ର ତାଙ୍କର ସମସ୍ତ, ଅନୁରୋଧ, ପ୍ରୟାସ, ପ୍ରଚେଷ୍ଟା ଶେଷରେ ବିଫଳ ଯାଇଛି । କାରଣ ରାଧାବିନୋଦ ବାବୁଙ୍କର କେହି ବି ସମ୍ପର୍କୀୟ ପିଲାଟିକୁ ତାଙ୍କ ନିଜ ପାଖକୁ ନେଇ ରଖିବା ପାଇଁ ରାଜି ହୋଇ ନଥିଲେ । କେମିତି ବା ରାଜି ହୋଇ ଥାନ୍ତେ ଯେ । ରାଧାବିନୋଦ ବାବୁଙ୍କର ପିତା ମାତାଙ୍କର ସେତେବେଳକୁ ଦେହାନ୍ତ ହୋଇ ସାରିଥିଲା । ଆଉ ତାଙ୍କର ଚାକିରି କରିବା ପରେ ଭାଇମାନଙ୍କ ସହ ଏକ ପ୍ରକାର ସମସ୍ତ ସମ୍ପର୍କ ଛିନ୍ନ ହୋଇ ଯାଇଥିଲା । ପରିବାର ସହ ସେମିତି କୌଣସି ସମ୍ପର୍କ ନଥିବାରୁ ସେମାନେ କାହିଁକି ଯେ ଗୋଟିଏ ଅନାଥ ପିଲାକୁ ତାଙ୍କ ପାଖରେ ରଖିଥାନ୍ତେ ଯେ ? ବରଂ ସେମାନେ ଉପଦେଶ ଦେଇ ଥିଲେ କେଉଁ ଏକ ଅନାଥାଶ୍ରମରେ ପିଲାଟିକୁ ଛାଡିଦେବା ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିବାହର ପାଞ୍ଚ ବର୍ଷ ପରେ ବି ପତ୍ନୀ ସୁମିତ୍ରା ଦେବୀ ସବୁ ଦିଅଁ ଦେବତାଙ୍କୁ ମାନସିକ ରଖି ନିର୍ଜଳା ଉପବାସରେ ନିଜକୁ ନିମଜ୍ଜିତ କରି ଆସୁଥିଲେ ବି ଏଯାଏଁ ପିଲାଟିଏର ମୁହଁ ଦେଖି ପାରି ନାହାନ୍ତି ବୈକୁଣ୍ଠ ବାବୁ । ଘୋର ମନସ୍ତାପ ମଧ୍ୟରେ ଦିନ କାଟୁଥିଲେ ସେମାନେ । କିଏ ଆଣ୍ଠୁକୁଢି ତ ଅସତୀ କହି ବିଭିନ୍ନ ପ୍ରକାର ଟାହି ଟାପରା ବି କରୁଥିଲେ । ଶୁଭ ବେଳାରେ କେହି ପଡୋଶୀ ନିଜର କାମରେ ଘରୁ ଗୋଡ କାଢୁଥିବା ବେଳେ ସୁମିତ୍ରା ଦେବୀଙ୍କ ମୁହଁ ଚାହିଁ ବା କ୍ଷଣି ଆଜି ଅଶୁଭ ବେଳା କହି ଘରକୁ ଫେରି ଯାଉଥିଲେ । କେତେ ଅବା ସହି ଥାନ୍ତେ ସେମାନେ ଯେ ? ପିଲାଟିଏ ପାଇଁ ଅସହ୍ୟ ହେଲାଣି ଯନ୍ତ୍ରଣା । ଠାକୁର ଜାଣିଛନ୍ତି  ବୈକୁଣ୍ଠ ବାବୁ ଘର ଛୋଟ । ସେଇଥିପାଇଁ  ବୋଧେ ପିଲାଟିଏ ଦେଇ ନାହାଁନ୍ତି ସେମାନଙ୍କ କୋଳକୁ  ।

ପତ୍ନୀ ସୁମିତ୍ରା ଦେବୀଙ୍କୁ ବୁଝା ସୁଝା କରି ବୈକୁଣ୍ଠ ବାବୁ ସେ ପିଲାଟିକୁ ନିଜ ପାଖରେ ରଖିବାପାଇଁ କୌଣସି ପ୍ରକାର ରାଜି କରାଇବାରେ ସକ୍ଷମ ହୋଇଥିଲେ । ଗୋପାଳ ସେଠାରେ ରହିବା ପରେ ପରେ ବୈକୁଣ୍ଠ ବାବୁଙ୍କ ପରିବାରରେ ଆତ୍ମୀୟତା କ୍ରମଶଃ ବଢି ଯାଇଥିଲା । ଆଉ ସେ ହୋଇ ଯାଇଥିଲା ଶ୍ରୀ ବୈକୁଣ୍ଠ ମହାପାତ୍ର, ଅତିରିକ୍ତ ତହସିଲଦାରଙ୍କ ଏକମାତ୍ର ଆଲିଆଳି ପୁତ୍ର । କିଛି ଦିନ ପରେ ଗୋପାଳର ସ୍କୁଲ ଯିବା ବୟସ ହୋଇ ଯିବାରୁ ବୈକୁଣ୍ଠ ବାବୁ ୟୁନିଟ ୧ ପ୍ରାଥମିକ ବିଦ୍ୟାଳୟରେ ଗୋପାଳର ନାମ ଲେଖାଇ ଦେଇ ଥିଲେ । ସେହି ଦିନରୁ ଗୋପାଳର ପରିଚୟ  ହୋଇ ଯାଇଥିଲା ଗୋପାଳ ମହାପାତ୍ର ପିତା ବୈକୁଣ୍ଠ ମହାପାତ୍ର । ଈଶ୍ୱର ଜାଣନ୍ତି ବୈକୁଣ୍ଠ ବାବୁଙ୍କ ରୋଜଗାର କେତେ । ସାହି ଭାଇ ସମସ୍ତେ ବାଃ ବାଃ କରୁଥାନ୍ତି ବୈକୁଣ୍ଠ ବାବୁଙ୍କୁ । ଗୋଟେ ଅନାଥ ପିଲାକୁ କେବଳ ସେ ପୁଅଭାବରେ କୋଳେଇ ନେଇ ନାହାନ୍ତି ବରଂ ମଣିଷ କରିବାର ପ୍ରୟାସ ବି କରିଛନ୍ତି । ବରଂ ବହୁ ପୁଣ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାମ କରିଛନ୍ତି ବୋଲି ସମସ୍ତେ କହି ତାଙ୍କୁ ଭୂୟସୀ ପ୍ରସଂସା କରୁ ଥାନ୍ତି ।

ମଣିଷ ଯାହା ଭାବୁ ଥାଏ କେବେ କେବେ ଈଶ୍ୱର କିନ୍ତୁ ତାର ବିପରୀତ ଦିଗରେ ତାକୁ ନେଇ ଯାଇଥାନ୍ତି । ଗୋପାଳକୁ ପ୍ରାୟ ୬ ବର୍ଷ ବେଳକୁ ଲାଗ ଲାଗ ଦୁଇ ବର୍ଷରେ ୨ ଗୋଟି ପୁଅ ବୈକୁଣ୍ଠ ବାବୁଙ୍କ କୋଳ ମଣ୍ଡନ କରିଥିଲେ । ପରେ ଆଉ ଗୋଟିଏ ଝିଅ ମଧ୍ୟ ତାଙ୍କ କୋଳକୁ ଆସିଥିଲା ।

ଏହା ଭିତରେ ବୈକୁଣ୍ଠ ବାବୁ ଅତିରିକ୍ତ ତହସିଲଦାରରୁ ପ୍ରମୋଶନ ପାଇ ତହସିଲଦାର ହୋଇ ଯାଇଥାନ୍ତି । ୩ ଗୋଟି ପୁଅ ଓ ଏକମାତ୍ର କନ୍ୟା ସ୍ନିଗ୍ଧାକୁ ନେଇ ବୈକୁଣ୍ଠବାବୁଙ୍କ ପରିବାର ହସ ଖୁସିରେ ସମୟ ବିତି ଚାଲିଥାଏ । ମାତ୍ର ବିଧିର ବିଧାନ କିଛି ଅନ୍ୟ ପ୍ରକାରର । ବୈକୁଣ୍ଠ ବାବୁଙ୍କ ଜନ୍ମିତ ଦୁଇ ପୁତ୍ର ସମୟ କ୍ରମେ ବଡ ହେବା ସହ କ୍ରମଶଃ ଜଣା ପଡିଥିଲା ସେମାନେ ଉଭୟ ମାନସିକ ବିକୃତ । ଚାଲବୁଲ ଖେଳ କୁଦ ସବୁ କରୁଥିଲେ ବି ସେମାନଙ୍କର ବୌଦ୍ଧିକ ବିକାଶର କିନ୍ତୁ ପରିବର୍ତ୍ତନ ହେଉ ନଥିଲା । ବରଂ ବୟସ ବଢିବା ସହ ସେମାନଙ୍କ ମାନସିକ ବିକୃତି କ୍ରମଶଃ ବଢି ଚାଲିଥିଲା । ତେଣୁ ସେମାନେ ଦୁହେଁ ପାଠ ପଢିବା ତ ଦୂରର କଥା ବିଦ୍ୟାଳୟରେ ମଧ୍ୟ ସେମାନଙ୍କର ନାମ ଲେଖା ସମ୍ଭବ ହୋଇ ପାରି ନ ଥିଲା । ବୈକୁଣ୍ଠ ବାବୁ କିନ୍ତୁ ସେମାନଙ୍କର ଚିକିତ୍ସା ପାଇଁ ଓଡିଶା ତଥା ଓଡିଶା ବାହାରର ଅନେକ ଡାକ୍ତରଙ୍କୁ ଦେଖାଇବା ପରେ ବି ସେଥିରେ ବିଫଳ ହୋଇଥିଲେ । ଆଉ ଦୁଇ ପୁଅଙ୍କ ମାନସିକ ବିକାଶର ଉନ୍ନତି ପାଇଁ ଚିକିତ୍ସା ବିଜ୍ଞାନ ଯେମିତି ଫେଲ ମାରି ଯାଇଥିଲା । ବରଂ ମାନସିକ ବିକୃତିର ସାମାନ୍ୟ ପରିବର୍ତ୍ତନ ବି ହୋଇ ନ ଥିଲା । କନ୍ୟା ସ୍ନିଗ୍ଧାର କିନ୍ତୁ ଶାରୀରିକ ତଥା ମାନସିକ ଅବସ୍ଥା ଭଲ ଥିବାରୁ ତାକୁ ପ୍ରଥମେ ସେହି ବିଦ୍ୟାଳୟର ନାମ ଲେଖାଇ ଥିଲେ । ପରେ ବିଦ୍ୟାଳୟର ଶିକ୍ଷା ପରି ସମାପ୍ତି ପରେ ମହାବିଦ୍ୟାଳୟରୁ ସ୍ନାତକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡିଗ୍ରୀ ହାସଲ କରି ଘରେ ରହିଲା । ପିଲା ବେଳୁ କିନ୍ତୁ ସ୍ନିଗ୍ଧା କିନ୍ତୁ ଖୁବ ଆତ୍ମ ଗର୍ବୀ, ଈର୍ଷା ପରାୟଣା ତଥା କପଟୀ ପ୍ରକୃତିର ଥିଲା ।

ପିଲାବେଳୁ ସେ ଗୋପାଳକୁ କାହିଁକି କେଜାଣି ଖୁବ ଈର୍ଷା କରେ । ଗୋପାଳ ଆଦୌ ବୁଝି ପାରେ ନାହିଁ ସେ କଣ କ୍ଷତି କରିଛି ତାର । ସ୍ନିଗ୍ଧାର ଏପରି ଆଚରଣ ବୈକୁଣ୍ଠ ବାବୁ ତଥା ତାଙ୍କର ପତ୍ନୀ  ସୁମିତ୍ରା ଦେବୀଙ୍କୁ ଆଦୌ ଭଲ ଲାଗୁ ନଥିଲା । ଆଉ ଏଥିରୁ କ୍ଷାନ୍ତ ହେବା ପାଇଁ ଅନେକ ସମୟରେ ସେ ସ୍ନିଗ୍ଧାକୁ ତାକୁ ବୁଝାଇଛନ୍ତି, ବଡ ଭାଇ ପ୍ରତି ଉଚିତ ସମ୍ମାନ ପ୍ରଦର୍ଶନ କରିବାକୁ ଉପଦେଶ ବି ଦେଇଛନ୍ତି, ତାଗିଦ ବି କରିଛନ୍ତି । ମାତ୍ର ତାକୁ କିଏ କହି ଦେଇଥିଲା ଗୋପାଳ ତାର ନିଜ ମା ପେଟର ଭାଇ ନୁହଁ  । ତା ପରେ  ସେ ନିଜ ପାଠ ପଢା ସମୟର ଆଦ୍ୟ ଯୌବନ କାଳରୁ ଜଣେ ଗ୍ୟାରେଜ ପିଲାକୁ ଭଲ ପାଇ ବିବାହ କରିବାକୁ ସିଦ୍ଧାନ୍ତ ନେଇ ଥିବାର ଖବର କାନରେ ପଡିବା ପରେ ବଡ ଭାଇ ହିସାବରେ ଗୋପାଳ ବିରାଟ ହେବାକୁ ସ୍ନିଗ୍ଧାକୁ ବାରଣ କରିଥିଲା । ହୁଏ ତ ଏହି କାରଣ ପାଇଁ ବୋଧ ହୁଏ ସ୍ନିଗ୍ଧା ଗୋପାଳକୁ ଈର୍ଷା କରୁଥିଲା ବୋଲି ଗୋପାଳ ଅନୁଭବ କରିଥିଲା । ସ୍ନିଗ୍ଧା ଅନେକ ସମୟରେ ଗୋପାଳକୁ କୁତ୍ସାରଟନା କରିବା ସହ ତାର ପିଲା ଦିନର ସବୁ ଅକୁହା କାହାଣୀକୁ ନେଇ ଅନେକ କଟାକ୍ଷ ତଥା ପରିହାସ ବି କରି ଚାଲିଥିଲା । ଯାହାକି ଗୋପାଳର ଆତ୍ମାକୁ ବହୁତ ବାଧି ଥିଲେ ବି କିଛି ପରିପ୍ରକାଶ କରି ପାରୁ ନ ଥିଲା କାଳର ନିସ୍ଠୁର ନିଷ୍ପତ୍ତିରେ ନିଜର ପରିଚୟ ହଜାଇ ଦେଇ ସାରିଥିବାରୁ  ।

କେତେବା ସହିଥାନ୍ତା ଗୋପାଳ । ତେଣୁ ସେ ମନେ ମନେ ସିଦ୍ଧାନ୍ତ ନେଇ ଥିଲା ଘର ଛାଡି କେଉଁ ଆଡେ ପଳାଇ ଯିବ । ମାତ୍ର ବୈକୁଣ୍ଠ ବାବୁଙ୍କ ଅନୁରୋଧ ତଥା ସୁମିତ୍ରା ଦେବୀଙ୍କ କୋହ ଭରା ଆକୁଳ ନିବେଦନ ତା ଗୋଡରେ ବେଡି ପକାଇ ଦେଇ ଥିଲା । ମାତ୍ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋପାଳର ବୟସ ବଢିବା ସହ ଆତ୍ମ ନିଯୁକ୍ତି ଚିନ୍ତା କ୍ରମଶଃ ବଢି ଚାଲିଥିଲା । ତେଣୁ ସେ ଘର ଛାଡି ନ ଗଲେ ବି ନିଜର ଜୀବିକା ନିର୍ବାହ ପାଇଁ ମଞ୍ଚେଶ୍ୱରରେ ଏକ ଫ୍ୟାକ୍ଟ୍ରିର ଏକାଉଟାଣ୍ଟ ଭାବେ କାମରେ ଯୋଗ ଦେଇ ସେ ପରିବାରର ସୁଖ ଶାନ୍ତି ପାଇଁ କାରଖାନା ପରିସରରେ ମିଳିଥିବା କ୍ୱାର୍ଟରରେ ରହିବାକୁ  ସିଦ୍ଧାନ୍ତ ନେଇଥିଲେ । ନିଜର ମନ ବ୍ୟାକୁଳ ହେଲେ ଦିନେ ଦୁଇ ଦିନ ଅନ୍ତରରେ ବାପା ମାଆଙ୍କୁ ଦେଖା କରିବା ପାଇଁ ଘରକୁ ଆସୁଥିଲା । ଯ୍ଧା ଭିତରେ ସାବିତ୍ରୀ ନାମ୍ନୀ ଜଣେ କନ୍ୟା ସହ ତାର ବିବାହ ମଧ୍ୟ ସମ୍ପର୍ଣ୍ଣ କରାଇ ଦେଇଛନ୍ତି ବୈକୁଣ୍ଠ ବାବୁ ।

ସମୟର ଖେଳ ବଡ ବିଚିତ୍ର । ଚାକିରର ଶେଷ ଆଡକୁ ବୈକୁଣ୍ଠ ବାବୁଙ୍କର ଅତିରିକ୍ତ ସବ-କଲେକ୍ଟର ପଦବୀକୁ ପ୍ରମୋଶନ ହୋଇ ନିଜ ଜିଲ୍ଲାକୁ ବଦଳି ହୋଇ ଯାଇଥିଲା । ଚାକିରି ଆଉ ମାତ୍ର ବର୍ଷଟିଏ ବାକି ଥାଏ । ପିଲା ବେଳୁ ନିଜ ଗାଁକୁ ଅତ୍ୟଧିକ ଭଲ ପାଉଥିବା ବୈକୁଣ୍ଠବାବୁ ନିଜ ଜିଲ୍ଲାରେ ଥିବାରୁ ପତ୍ନୀଙ୍କ ସହ ପିଲାମାନଙ୍କୁ ଆଣି ନିଜ ଜନ୍ମିତ ଗାଁରେ ଛାଡି ଦେଇ ଜିଲ୍ଲା ହେଡ କ୍ୱାର୍ଟରରେ ଏକୁଟିଆ ସରକାରୀ କ୍ୱାର୍ଟରରେ ରହୁଥିଲେ । ଅନେକ ସମୟରେ ଅଫିସ କାମ ସାରି ସନ୍ଧ୍ୟାରେ ଗାଁରେ ରହୁଥିବା ପରିବାର ନିକଟକୁ ପଳାଇ ଆସନ୍ତି ସେ  ।

ଗାଁରେ ରହିବା ପରେ ସମ୍ପର୍କୀୟମାନଙ୍କ ପରାମର୍ଶ କ୍ରମେ ଦୁଇ ମସ୍ତିଷ୍କ ବିକୃତ ପୁଅଙ୍କର ବିବାହ କଥା ମୁଣ୍ଡ ଭିତରୁ ଆଣିଥିଲେ । ଆଉ ସେମାନେ ବିବାହ କଲେ ହୁଏତ ତାଙ୍କର ବଂଶ ରକ୍ଷା ହେବ ବୋଲି କିଛି ଆତ୍ମୀୟ ସେମାନଙ୍କୁ ହାତକୁ ଦିହାତ କରିଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଦୁଇ ମସ୍ତିଷ୍କ ବିକୃତ ଛୁଆଙ୍କୁ କିଏ ବା ନିଜର ଝିଅ ଦେବ ? ଏପରି ଚିନ୍ତାରେ ଥିବା ବେଳେ ତାଙ୍କର ଜଣେ ଆତ୍ମୀୟଙ୍କ ପରାମର୍ଶ କ୍ରମେ ପାଖ ଗାଁର ଦୁଇ ଗରିବ ପରିବାରର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସହମତି କ୍ରମେ ସେମାନଙ୍କ କନ୍ୟା ସହ ଦୁଇ ମାନସିକ ବିକୃତ ପୁଅଙ୍କର ବିବାହ ସମ୍ପର୍ଣ୍ଣ କରାଇ ଦେଇଥିଲେ । କିଛି ଶୁଭାକାଂକ୍ଷି ବନ୍ଧୁମାନେ ପରାମର୍ଶ ବି ଦେଇଥିଲେ ଅନେକ କ୍ଷେତ୍ରରେ ମସ୍ତିସ୍କ ବିକୃତି ପୁରୁଷମାନେ କୁଆଡେ ମାନସିକ ଭାବେ ପରିବର୍ତ୍ତନ ହୋଇଥାନ୍ତି । ସେ ବି ଭାବି ଥିଲେ ବିବାହ ପରେ ହୁଏ ତ ସେମାନଙ୍କର ମାନସିକ ବିକାଶ ପରିଲକ୍ଷିତ ହେବ ।

ସେମାନଙ୍କ ବିବାହର ଛଅମାସ ପରେ ନିଜର ଅନ୍ୟ ଜଣେ ବନ୍ଧୁଙ୍କ ପ୍ରସ୍ତାବ କ୍ରମେ କଟକରେ ଜଣେ ବେସରକାରୀ କଲେଜର ଅଧ୍ୟାପକଙ୍କ ସହ ସ୍ନିଗ୍ଧାର ମଧ୍ୟ ବିବାହ କରାଇ ଦେଇଛନ୍ତି । ଭାବିଥିଲେ ତାଙ୍କର ଚାକିରି କାଳ ମଧ୍ୟରେ ସମସ୍ତ ନୈତିକ କର୍ତ୍ତବ୍ୟ ସମ୍ପାଦନ କରାଇ ଦେଲେ ସେ ମୁକ୍ତ ହୋଇ ଅବସର ଜୀବନ ଗାଁରେ ହିଁ  କଟାଇ ଦେବେ । ତାହା ବି କଲେ ।

ମାତ୍ର ଏପରି ଅବସ୍ଥାରେ ବି ତାଙ୍କ ମନ ସର୍ବଦା ବ୍ୟାକୁଳ ହେଉଥାଏ ଗୋପାଳର ପାଇଁ । ତେଣୁ ଭୁବନେଶ୍ୱରରେ ଚାକିରୀ କାଳ ମଧ୍ୟରେ ସତ୍ୟ ନଗରରେ ଚାକିରୀ କାଳରେ ନିର୍ମାଣ କରିଥିବା ଘରଟିକୁ ଗୋପାଳ ନାମରେ କରାଇ ଦେବାକୁ ପତ୍ନୀ ସୁମିତ୍ରା ଦେବୀଙ୍କୁ ପ୍ରସ୍ତାବ ସେ ଏଥିରେ ଆଦୌ କୁଣ୍ଠା ବୋଧ କରିନଥିଲେ । କାରଣ ଅନ୍ୟ ଗୋଟିଏ କୋଠା ଘର କଟକ ବିଡାନାଶିରେ ବୈକୁଣ୍ଠ ବାବୁ ମଧ୍ୟ ନିର୍ମାଣ କରିଥିଲେ । ଇଚ୍ଛା ଥିଲା ଅବସର ପରେ ସେଠାରେ କେବେ କେବେ ଅବଶିଷ୍ଟ ଜୀବନ ଅତିବାହିତ କରିବେ । ତେଣୁ ଉଭୟ ସିଦ୍ଧାନ୍ତ ନେଇଥିଲେ ଭୁବନେଶ୍ୱର ସତ୍ୟନଗର ଘର ଗୋପାଳ ନାମରେ କରାଇ ଦେବେ, ତା ବି କଲେ । ବୈକୁଣ୍ଠ ବାବୁ ଗତ ୨୦୧୫ ମସିହା ଅଗଷ୍ଟ ମାସ ଅବସର ନେବା ପରେ ନିଜ ପୈତୃକ ଗ୍ରାମରେ ସପରିବାର ରହୁଛନ୍ତି  ।


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହା ଭିତରେ ସ୍ନିଗ୍ଧା ତାର କଟକ ଅବସ୍ଥାନ ସମୟରେ ନିଜର ପତିଙ୍କ ପ୍ରରୋଚନାରେ ପଡି ଅନେକଥର ବୈକୁଣ୍ଠ ବାବୁଙ୍କୁ କଟକ ଘରଟି ତାଙ୍କ ନାମରେ କରାଇ ଦେବାକୁ କହିଲାଣି । ମାତ୍ର ବିବାହିତ ଝିଅ ପୁଣି ତା ସ୍ୱାମୀ ଅଧ୍ୟାପକ, ଟଙ୍କା ପଇସାରେ ସେମିତି କିଛି ଅସୁବିଧା ନାହିଁ ! ତେଣୁ ତାକୁ କାହିଁକି ସେ ଘରଟି ଦେବେ ଯେ ? ଝିଅ ବାଦ ଆହୁରି ଦୁଇ ପୁଅ ଅଛନ୍ତି, ସେମାନଙ୍କ ପରିବାର ବି ହେଲାଣି । ସେମାନେ ସିନା ମାନସିକ ବିକୃତି ପାଇଁ କିଛି କହିବେ ନାହିଁ, ମାତ୍ର ଦୁଇ ବୋହୂ କଣ ଏଥିରେ ବିରୋଧ କରିବେ ନାହିଁ ? ସବୁ କଥାକୁ ଚିନ୍ତା କରି ବୈକୁଣ୍ଠ ବାବୁ ଆଦୌ ସ୍ନିଗ୍ଧା କଥାରେ କୌଣସି ପ୍ରକାର ରାଜି ହୋଇ ନ ଥିଲେ ।

ସ୍ନିଗ୍ଧା କିନ୍ତୁ ଖୁବ ଖଳ ତଥା ଚତୁର ପ୍ରକୃତିର ଝିଅଟିଏ । ନିଜର ସ୍ୱାମୀର କୁପ୍ରରୋଚନାରେ ପଡି ଘରଟିକୁ ଦଖଲ କରିବା ପାଇଁ ବିତାନାସି ଘରେ ପୂର୍ବରୁ ଥିବା ଭଡାଟିଆଙ୍କୁ ବାହାର କରି ଦେଇ ସେହି ଘରେ ଆସି ରହୁଛି । ଝିଅ ହିସାବରେ ବୈକୁଣ୍ଠ ବାବୁ ତାହା ବିରୋଧ କରି ନଥିଲେ ବି ତାର ଚାଲାକି ବୁଝି ପାରି ନଥିଲେ ବୈକୁଣ୍ଠ ବାବୁ । ସମୟ କ୍ରମେ ନିଜର ପିତାଙ୍କର ମାନସିକତା ବଦଳି ଯିବ ଓ ଘରଟି ତାଙ୍କ ନାମରେ କରାଇ ନେବା ପାଇଁ ମନେ ମନେ ସେ ସିଦ୍ଧାନ୍ତ ନେଇ ସାରିଥିଲା । ଏମିତି ବି ଅନେକ ଥର ସେ ତା ନାମରେ ଘରଟି କରାଇ ଦେବା ପାଇଁ ବୈକୁଣ୍ଠ ବାବୁଙ୍କୁ ମଧ୍ୟ କହିଛି । ମାତ୍ର ବୈକୁଣ୍ଠ ବାବୁ ସ୍ନିଗ୍ଧାର ଉଗ୍ର ଈର୍ଷାପରାୟଣ ମାନସିକତା ପାଇଁ ବିବାହ ପୂର୍ବରୁ ବି ତାକୁ ସେମିତି ଆନ୍ତରିକ ଭଲ ପାଉ ନଥିଲେ, କି ବିବାହ ପରେ ତାର ସ୍ୱାର୍ଥାନ୍ୱେଷି ମାନସିକତାକୁ ଆଦୌ ପସନ୍ଦ କରୁ ନ ଥିଲେ । ତେଣୁ ତା ନାମରେ କଟକ ଘର କରିବା ପାଇଁ ତାଙ୍କର ଆଦୌ ଇଚ୍ଛା କିମ୍ବା ଆନ୍ତରିକତା ନ ଥିଲା ତାଙ୍କର, ରାଜି ବି ନ ଥିଲେ ମଧ୍ୟ । ତା ପରେ ସେ ନିଜର ଚାକିରୀ କାଳ ମଧ୍ୟରେ ସମସ୍ତ ସଞ୍ଚିତ ଟଙ୍କାରେ ସେହି ଘରଟି କିଣିଥିଲେ । ଜୀବନ ଯାକର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଶ୍ରମର ଅର୍ଥ ସେଥିରେ ସେ ବିନିଯୋଗ କରି ସାରିଛନ୍ତି । କେମିତି ବ ଦେଇ ଥାନ୍ତେ ସେ ? ତେଣୁ ସ୍ନିଗ୍ଧାକୁ ସେ ରୋକ ଠୋକ ମନା କରି ଦେଇ ଥିଲେ ।

ବିଧିର ବିଚାର କିନ୍ତୁ କିଛି ଅଲଗା ଲେଖା ଯାଇଥାଏ । ବୈକୁଣ୍ଠ ବାବୁଙ୍କ ବଡ ପୁଅର ଦୁଇ ବର୍ଷ ତଳେ ଗୋଟିଏ ପୁଅ ଜନ୍ମ ହେବା ପରେ ପରେ ସେ ନିଜର ମାନସିକ ବିକୃତି ପାଇଁ ଗାଁର ଘର ପାଖରେ ଥିବା ପୋଖରୀରେ ପଡି ବୁଡି ପ୍ରାଣ ହରାଇ ଥିଲା । ବଡ ବୋହୁ ଆରତୀ କୋଳରେ ବର୍ଷକର ପୁଅଟିଏ ଧରି ଏବେ ବିଧବା ଜୀବନ ବିତାଉଛି । ସାନ ପୁଅର କୌଣସି ପିଲା ପିଲି ଜନ୍ମ ହୋଇ ନଥିଲା । ବଡ ବୋହୁର ଅସମୟରେ ବୈଧବ୍ୟ ବୈକୁଣ୍ଠ ବାବୁଙ୍କ ମନକୁ ଅଧିକ ପ୍ରଭାବିତ କରିଥିଲା । ତେଣୁ ତାର ପୁଅ ପ୍ରତି ଅହେତୁକ ଦୁର୍ବଳତା ବଢି ଯାଇଥିଲା ତାଙ୍କର । ବିଧବା ଅସହାୟା ନାରୀଟିଏ, ରହିବା ବି ସ୍ୱାଭାବିକ । ସେପଟେ ସେମାନଙ୍କୁ ବୈକୁଣ୍ଠ ବାବୁ ଅଧିକ ସ୍ନେହ କରୁଥିବା କଥାକୁ ସାନ ବୋହୁ ତୁଳସୀ ଆଦୌ ହଜମ କରି ପାରୁ ନଥାଏ । ଏହା ଭିତରେ ନିଜର ପିତାଙ୍କ ଅଗୋଚରରେ ସ୍ନିଗ୍ଧା କଟକ ଘରକୁ ନିଜ ନାମରେ କରାଇ ନେବାକୁ ପ୍ରୟାସ କରି ବୈକୁଣ୍ଠ ବାବୁଙ୍କ ଅଗୋଚରରେ କେତେକ ସରକାରୀ କାଗଜ ପତ୍ରକୁ ଜାଲିଆତି କରି ନିଜ ନାମରେ କରାଇ ଦେଇଥିବାର ଖବର ତାଙ୍କ କାନରେ ପଡିବାରୁ ସେ କ୍ରୋଧବଶତଃ ସ୍ନିଗ୍ଧା ବିରୁଦ୍ଧରେ କଟକ କୋର୍ଟରେ ଏକ ଜାଲିଆତି ମାମଲା ରୁଜୁ କରି ଦେଇଥିଲେ । ଫଳରେ ସ୍ନିଗ୍ଧା ନିଜର ଜନ୍ମ କଲା ବାପା ଉପରେ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲା । ବୃଦ୍ଧ ବାପାଙ୍କୁ ପାନେ ଦେଇ ଯେ କୌଣସି ପ୍ରକାର କଟକ ଘରକୁ ତା ନାମରେ କରାଇ ନେବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଏ ପଟେ ସାନ ବୋହୁ ତୁଳସୀକୁ ମଧ୍ୟ ସେ କରାୟତ୍ତ କରି ନେଇଥିଲା । ଉଭୟଙ୍କର ଜଣେ ଶତ୍ରୁ, ତେଣୁ ଲକ୍ଷ୍ୟ ବି ଗୋଟିଏ । ତୁଳସୀର ବଡ ଯାଆ ଆରତୀକୁ ବୈକୁଣ୍ଠ ବାବୁ ତାଙ୍କର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମସ୍ତ ସ୍ଥାବର ସମ୍ପତ୍ତି କରାଇ ଦେବା ପାଇଁ ଭିତିରିଆ ପ୍ରୟାସ କରୁ ଥିବା ଭଳି ମିଥ୍ୟା କାହାଣୀ କହି ତା ମନ ଭିତରେ ବିଷ ବୁଣି ଦେଇଥିଲା ସ୍ନିଗ୍ଧା । ସେଇଠି ପାଇଁ ତୁଳସୀ ଦିନେ ଜିଦ ଧରିଥିଲା ସମସ୍ତ ସମ୍ପତ୍ତିକୁ ଭାଗ ଭାଗ କରି ତା ଅଂଶ ତାକୁ ଦେଇ ଦେବା ପାଇଁ । ମାତ୍ର ବୈକୁଣ୍ଠ ବାବୁ ତା ପ୍ରସ୍ତାବରେ ଆଦୌ ରାଜି ନ ହେବାରୁ ସେ ଶାଶୁ ଘର ଛାଡି ୬ ମାସ ହେବ ତା ବାପ ଘରେ ଯାଇ ରହୁଛି । ତା ପାଖକୁ ତାର ନଣନ୍ଦ ସ୍ନିଗ୍ଧା ବାରମ୍ବାର ଆସି ଯୋଜନା ବଦ୍ଧ ଭାବେ ତୁଳସୀ ବୈକୁଣ୍ଠ ବାବୁଙ୍କ ନାମରେ ଏକ ଯୌନ ନିର୍ଯାତନା ତଥା ବଳାତ୍କାର ପରି ମାମଲା ଥାନାରେ ଦେଇଦେଲା । ସରକାର ଯେହେତୁ ମହିଳା ମାନଙ୍କ ମାମଲା ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଅଛି, ତେଣୁ ତୁଳସୀର ଅଭିଯୋଗ କ୍ରମେ ପୋଲିସ ବାଧ୍ୟ ହୋଇ ବୈକୁଣ୍ଠ ବାବୁଙ୍କୁ ଗିରଫ କରି ପ୍ରାୟ ଛଅ ମାସ ତଳୁ ଜେଲକୁ ପଠାଇ ଦେଇଛି । ସେହି ଦିନରୁ ବୈକୁଣ୍ଠ ବାବୁ ଏହି ବାର୍ଦ୍ଧକ୍ୟ ଅବସ୍ଥାରେ ଜେଲର ଚାରି କାନ୍ଥ ଭିତରେ ଅଟକ ଅଛନ୍ତି । ବୈକୁଣ୍ଠ ବାବୁ ଗିରଫ ପରେ ଗୋପାଳ ଆଜି କେମିତି ଖବର ପାଇ ଜେଲ ନିକଟକୁ ଆସି ତାଙ୍କୁ ଦେଖା କରିବା ପରେ କଣ କରିବେ କିଛି ସ୍ଥିରନିଶ୍ଚିତ ହୋଇ ପାରୁ ନାହିଁ ।

ଭାଗ୍ୟ ଆଉ ଭଗବାନ, ଏହାକୁ ଏଡାଇ ଦିଆ ଯାଇ ନପାରେ । ଯାହା ଘଟିବାର ଥିବ ତାକୁ କେବେ କୌଣସି ମତେ ଏଡେଇ ଦିଆ ଯାଇ ନପାରେ, ତେଣୁ ଗୋପାଳ ଭାବୁଥାଏ ବାପା ବୈକୁଣ୍ଠ ବାବୁ ଜୀବନ ଯାକ କରିଥିବା ପୁଣ୍ୟ କାମର ଫଳ କଣ ଶେଷ ଜୀବନ ଅନ୍ଧାରି କୋଠରୀରେ ପରିସମାପ୍ତି ହୋଇଯିବ । ସେ ସିନା ଅନାଥ ପିଲାଟିଏ ତାର ସିନା ଆପଣାର ବୋଲି କେହି ନାହିଁ, ତାର ସିନା ଦୈନିନ୍ଦିନ ଜୀବନରେ ଅନେକ ଭୁଲ ତ୍ରୁଟି ରହି ଯାଉଛି, ମାତ୍ର ସ୍ନିଗ୍ଧା ତ ତା ଉପରେ ତାର କ୍ରୋଧ ସମ୍ବରଣ କରି ପାରିଥାନ୍ତା, ମାତ୍ର ବାପାଙ୍କ ଉପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏ ବୟସରେ ଏମିତି ଦାଉ ସାଜିବା ସେ ଆଦୌ ସହଜରେ ଗ୍ରହଣ କରି ପାରୁ ନ ଥାଏ । ଜୀବନଯାକର ସଚ୍ଚୋଟପଣିଆ, ମାନାବିକ ମୂଲ୍ୟବୋଧ ପ୍ରଦର୍ଶନ କରି ଜଣେ ବାପା ତାର ପିଲାମାନଙ୍କୁ ପାଳି ପୋଷି ମଣିଷ କରିଥାଏ, ଆଉ ସାମାନ୍ୟ ସ୍ୱାର୍ଥ ପାଇଁ ଜଣେ ବିବାହିତ ଝିଅ ବି ତାର ବୃଦ୍ଧ ପିତାଙ୍କୁ ଅନ୍ଧାରି ଗୃହର କାରା କୋଠରି ଭିତରକୁ ସବୁଦିନ ପାଇଁ ଠେଲି ଦେଇ ପାରେ, ତାର ଜ୍ୱଳନ୍ତ ଉଦାହରଣ ହିଁ ସ୍ନିଗ୍ଧା । ଜୀବନ ମରଣର ଦୋଛକି ରାସ୍ତାରେ ସିନା ପଥହରା ପଥିକଟିଏ ତାର ବାପା । କିନ୍ତୁ ଏହାର ପରିଣାମ ଅଭିଶାପରେ ହିଁ ପରିସମାପ୍ତି ନିଶ୍ଚୟ । ଆଉ ସେହି ଅଭିଶାପର ଦାବାଗ୍ନିର ଅଗ୍ନିଶିଖା ସ୍ନିଗ୍ଧା ପରି ସମସ୍ତ ପିଲା ମାନଙ୍କ ଜୀବନକୁ ଜାଳି ପୋଡି ପାଉଁଶ କରି ନ ଦେବ ଏ କଥାକୁ କିଏ ଗ୍ୟାରେଣ୍ଟି ଦେବ । ସେତିକି ବେଳେ ଜେଲର ସନ୍ଧ୍ୟା ଘଣ୍ଟି ଟିଙ୍ଗ ଟିଙ୍ଗ କରି ବିକଟାଳ ଚିତ୍କାର କର଼ ଜେଲ଼ ଫାଟକ ବନ୍ଦ ହେବାର ଆଗୁଆ ସୂଚନା ଦେଇଥିଲା । ଆଉ ଗୋପାଳ ବି ସେଠାରୁ ନିଜ ଘରୁ ପ୍ରତ୍ୟାବର୍ତ୍ତନ କରିବାକୁ ଉଠି ପଡିଥିଲା ।

ବରିଷ୍ଠ ଆଇନଜୀବୀ, ଭଦ୍ରକ
ଭ୍ରାମ୍ୟଭାଷ : ୯୪୩୭୧୨୮୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# କମଳା

କମଳା ଦେବୀଙ୍କର ପାଞ୍ଚଟି ପିଲା । ଦୁଇ ଝିଅ ଆଉ ତିନି ପୁଅ । ଆଗକୁ ଆଉ କେମିତି ପିଲା ପିଲି ନହେବ ସେଥିପାଇଁ ଅପରେସନ ହେବା ପାଇଁ ମନସ୍ଥ କଲେ କମଳା ଦେବୀ । ସ୍ୱାମୀ ସନାତନ ବାବୁଙ୍କୁ ଏ ବିଷୟରେ ପଚାରିବାରୁ ସେ ରୋକଠୋକ ମନା କରିଦେଲେ କମଳା ଦେବୀଙ୍କୁ । କମଳା ଦେବୀଙ୍କ ମନ ଜମା ବୁଝୁ ନ ଥାଏ । ସାନ ପୁଅ ସେତେ ବେଳକୁ ବର୍ଷ କର ହୋଇଥାଏ । ସନାତନ ବାବୁ ଘରେ ନ ଥିବା ସମୟରେ ଲୁଚି କି ଅପରେସନ କ୍ୟାମ୍ପକୁ ଚାଲିଗଲେ କମଳ ଦେବୀ । ଡେରିରେ ଯିବାରୁ ତାଙ୍କର ସିରିୟଲ ନମ୍ବର ଶେଷରେ ପଡ଼ିଲା । ଏ ପଟେ ସନାତନ ବାବୁ ଆସି ଘରେ ପହଞ୍ଚି କମଳା ଦେବୀଙ୍କୁ ନପାଇ ଭାରି ବ୍ୟସ୍ତ ହୋଇ ପଡିଲେ । ବଡ଼ ଝିଅ ରୁବିକୁ ଡାକି ପଚାରିଲେ ଝିଅ ମାଆ କୁଆଡେ ଗଲାକି ? ରୁବି ବାପାଙ୍କୁ ସତ କଥା କହିଦେଲା । ସନାତନ ବାବୁ ଅଣନିଃଶ୍ୱାସୀ ହୋଇ ଧାଇଁଲେ କ୍ୟାମ୍ପ ଆଡକୁ । ସେତେବେଳକୁ କମଳା ଦେବୀଙ୍କ ନମ୍ବର ପଡ଼ି ନଥାଏ । ସନାତନ ବାବୁ ବହୁତ କାକୁତି ମିନତି ହୋଇ ଫେରିଯିବା ପାଇଁ କହିଲେ କମଳା ଦେବୀଙ୍କୁ । କିନ୍ତୁ କମଳା ଦେବୀ ତାଙ୍କ କଥାକୁ ଜମା ବି ଗୁରୁତ୍ୱ ଦେଲେନି । ତାଙ୍କ ଜିଦ୍ ରେ ଅଟଳ ରହିଲେ । ଶେଷରେ ଅପରେସନ ହୋଇ ଘରକୁ ଫେରିଲେ । ମନେ ମନେ



ଝରଣା ବାରିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବୁଥାନ୍ତି ଯାହା ହେଲା ଭଲ ହେଲା । ଏଇ ପିଲାମାନଙ୍କୁ ମଣିଷ କଲା ବେଳକୁ କାଠିକର ପାଠ । ଯଦି ଆହୁରି ପିଲା ଜନ୍ମ କରି ଥାନ୍ତି । ଅପରେସନ ହୋଇ ବହୁତ ଭଲ କରିଛି ।

ସେଦିନ ରାତି ସାରା ଶୋଇ ପାରିଲେ ନାହିଁ କମଳା ଦେବୀ । ବହୁତ କଷ୍ଟ ହେଉଥାଏ ତାଙ୍କୁ । ସନାତନ ବାବୁଙ୍କ ଆଖିରେ ବି ନିଦ ନାହିଁ । ତାଙ୍କ କଷ୍ଟ ଦେଖି ସେ ଆଉ ସମ୍ଭାଳି ପାରିଲେ ନାହିଁ । ସେଇ ପାଖଆଖରେ ଯୋଉମାନେ ଅପରେସନ ହୋଇଥିଲେ ତାଙ୍କ ଘରକୁ ଯାଇ ପଚାରି ବୁଝିଲେ ସେମାନଙ୍କୁ ବି ଏମିତି କଷ୍ଟ ହେଉଛି କି ନାହିଁ । ସେମାନେ ସମସ୍ତେ ମନା କଲେ ନାହିଁ ତ କାହିଁ କିଛି କଷ୍ଟ ହେଉ ନାହିଁ ।

ସେମାନଙ୍କ ପାଖରୁ ଫେରି ବହୁତ ଭାଙ୍ଗି ପଡ଼ିଲେ ସନାତନ ବାବୁ । ଆଉ ଥରେ ମେଡିକାଲ ଯାଇ ଅପରେସନକୁ ଫିଟେଇ ଦେଖିବା ପାଇଁ କମଳା ଦେବୀଙ୍କୁ କହିଲେ । ସେତେବେଳକୁ କମଳା ଦେବୀଙ୍କ ଅବସ୍ଥା ଗୁରୁତର । ସେ ଆଉ କିଛି କହିବା ପରିସ୍ଥିତିରେ ନ ଥିଲେ । ହାତଠାରି ସନାତନ ବାବୁଙ୍କୁ ତାଙ୍କ ପାଖକୁ ଡାକିଲେ । ମୋ ପିଲାମାନଙ୍କ କଥା ତମେ ବୁଝିବ ମୁଁ ଆଉ ବଞ୍ଚିବିନି । ଏତିକି କହି କମଳା ଦେବୀ ଆଖି ବୁଜିଲେ । ଏତେ ଶୀଘ୍ର ଏତେ ସବୁ ଘଟଣା ଘଟିଗଲା । ଗାଁ ସାରା ସମସ୍ତେ ସ୍ତବ୍ଧ ହୋଇଗଲେ । ଯୋଉ ମାନେ ଅପରେସନ ହୋଇଥିଲେ ସେମାନେ ଡରରେ ଛାନିଆ । ପାଞ୍ଚ ପାଞ୍ଚ ଟା ପିଲାଙ୍କୁ ଅନାଥ କରି ଚାଲି ଗଲେ କମଳା ଦେବୀ ।

ଏତେ ଭଲଥିବା ଲୋକଟି ଅପରେସନ ପରେ ମରିଯିବା ଶୁଣି ବଡ଼ ବଡ଼ ଜଣାଶୁଣା ଲୋକ ମାନେ ପୋଷ୍ଟମର୍ଟମ କରିବା ପାଇଁ କହିଲେ । ସେଇଆ ହିଁ ହେଲା କମଳା ଦେବୀଙ୍କ ଶବ ବ୍ୟବଚ୍ଛେଦ ପରେ ଜଣା ପଡିଲା । ସେଦିନ ଶେଷରେ ଥିବା କମଳା ଦେବୀଙ୍କ ଅପରେସନ ବେଳେ ଅପରେସନ କରି କାଟିଛନ୍ତି ଠିକ ନାଡିକୁ କିନ୍ତୁ ବାନ୍ଧିଛନ୍ତି ନିଃଶ୍ୱାସ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ନାଡିକୁ । ଯା ଦ୍ୱାରା କଟା ଯାଇଥିବା ନାଡିଟିରୁ ରକ୍ତ ଝରୁଥିଲା ଯୋଉଥିପାଇଁ ପ୍ରବଳ ଯନ୍ତ୍ରଣା ହେଉଥିଲା । ନିଃଶ୍ୱାସ ନାଡି ବାନ୍ଧି ଦେଇଥିବାରୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବହୁତ କଷ୍ଟ ହେଉଥିଲା ।

ଟିକିଏ ଅସାବଧାନତା ଯୋଗୁଁ କମଳା ଦେବୀଙ୍କ ଜୀବନ ଚାଲିଗଲା । ସନାତନ ବାବୁଙ୍କ କଥା ନ ମାନିବା ବି ତାଙ୍କର ଏକ ପ୍ରକାର ଭୁଲ୍ ଥିଲା । ବଡ଼ମାନେ ବାଧା ଦେଉଥିବା କାମକୁ କେବେ କରିବା ନାହିଁ । ମଣିଷର ଜୀବନ ଡାକ୍ତରମାନଙ୍କ ହାତରେ ଯାହା କରିବେ ଭାବି ଚିନ୍ତି ସଠିକ ଭାବରେ କରିଥିଲେ କମଳା ଦେବୀଙ୍କ ଜୀବନ ବଞ୍ଚିଯାଇ ପାରିଥାନ୍ତା ।

ସମଲ, ତାଳଚେର, ଅନୁଗୋଳ

ମୋବାଇଲ:::୯୫୫୬୮୪୬୯୩୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାଳଭୂତ

ପାର-ମାମା ସବୁ ଦିନ କ୍ଷେତକୁ ଯାଏ । ଆଜି ନୁହେଁ କାହିଁ କେତେ ଦିନରୁ ତାର ଏଇଟା ନିତି ଦିନିଆ କାମ । ଅଭ୍ୟାସରେ ପଡି ଯାଇଛି । ମୁଣ୍ଡରେ ଥାଏ ବାଉଁଶ ଡଲା । ତା ଉପରେ କଂସା ବାସନରେ ଥାଏ କେଉଁ ଦିନ ନାଲି ଚାହା ସହ ମୁଢି ତ କେଉଁ ଦିନ ପଖାଳ ସହ ପିଆଜ ଲଙ୍କା ଆଚାର ଲୁଣ ।

ଗାଁ ରାସ୍ତା ଛାଡିଲେ ଚାଷ ଖେତ କଡେ କଡେ ଧରସା ରାସ୍ତା, ତାପରେ ପରେ ପଡେ ତାଙ୍କ ଖଳା ପଡିଆ । ଟିକିଏ ଆଗକୁ ଗଲେ ଗାଁ ପ୍ରଧାନ ଘର ଆମ୍ବ ବୁରେଇ । ତାକୁ ଡେଇଁଗଲେ ତାଙ୍କରି ପରିବାର ପନିପରିବା ବାଡି ଓ ଧାନ କ୍ଷେତ ସବୁ । ଦୁଇ ଫସଲିଆ ଏରିଆ ତେଣୁ ବର୍ଷସାରା ଖେତରେ କାମ ଓ ବାଡିରେ ପନିପରିବା ଚାଷ । ପାର-ମାମାର ପୁଅ ହୁର୍ଷି ଆଉ ଦୁଇ ନାତି ଚାଷ କାମରେ ମାହିର୍.. ଚାଷବାସରୁ ଭଲ ରୋଜଗାର କରନ୍ତି । ତାଙ୍କ ପାଇଁ ଖାଇବା ଜିନିଷ ନେଇ କୋଶେ ବାଟ ଚାଲି ଚାଲି ଗଲେ ତା ମନ ପୁରିଯାଏ । ପୁଅ ଆଉ ନାତି ଦୁଇଟା ବାରଣ କରନ୍ତି ହେଲେ ତା ମନ ମାନେ ନା । ଏମିତି ଥରେ କ୍ଷେତ ପଟେ ଘେରେ ବୁଲି ଆସିଲେ ମନଟା ହାଲକା ଲାଗେ ସତରେ ! !



ଆଶୁତୋଷ ମେହେର

ପ୍ରାୟ ସବୁ ଦିନ ସକାଳ ବେଳା ଏହା କରେ ସେ । ହେଲେ କେବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେମିତି କ୍ଷେତରେ କାମ ବେଶୀ ଥିଲେ ଉପର ବେଳା ବି ଯିବାକୁ ପଡେ । ତାକୁ କିଛି ଡର ଲାଗେନା । କାହାକୁ ଅବା ଡରିବ ?

ଏ ଗାଁକୁ ପଇଁଚାଳିଶ ବର୍ଷ ତଳେ ବାହା ହୋଇ ଆସିଥିଲା ସେ ସେତେ ବେଳକୁ ତାକୁ ଅଠର ଚାଲୁଥିଲା । ଏ ଗାଁର ଜଣାଶୁଣା ଚାଷୀ ପରିବାର ତା ଶାଶୁ ଘର । ଥିଲାବାଲା ଘର, ଗାଁରେ ଭଲ ନାଁ ଥିଲା । ହସ ଖୁସିର ସଂସାର । ତେବେ ଦଶବର୍ଷ ବାହଘର ପୁରିବା ବେଳକୁ ପଡିଲା ଚଡକ । ସହରକୁ ଯାଇ ସାଇକେଲରେ ଗାଁକୁ ଫେରୁଥିବା ତା ବରକୁ ଟ୍ରକଟେ ଚାପିଦେଲା । ସେତେବେଳେ ପୁଅ ହୃଷୀକୁ ସାତ ବର୍ଷ । ତେଣୁ ତାକୁ ହିଁ ଅଣ୍ଟା ଭିଡି ବାହାରିବାକୁ ହେଲା ଘରସଂସାର ଚଳାଇବାକୁ ଚାଷ କାମ ସମ୍ଭାଳିବାକୁ । ଏକେ ତ ମାଇପି ଲୋକ ତଥାପି ସାହାସ ବାନ୍ଧି ଗାଁ ଲୋକଙ୍କ ସହଯୋଗରେ ନିଜେ ଘର କଥା ସହ ଚାଷବାସ କଥା ବୁଝିଲା । ହୃଷୀ ଗାଁ ସ୍କୁଲରୁ ଯାଇ ପାଖ ସହର କଲେଜର ପାଠ ସାରିଲା । ତେବେ ଚାକିର ନ କରି ଗାଁରେ ରହି ଚାଷବାସରେ ଲାଗିବାକୁ ଯେଉଁ ଦିନ କହିଲା ସେ ଦିନର ଖୁସି ଏବେ ବି ମନେ ଆଛି ତାର । ପୁଅ ହାତରେ ଚାଷ ଭାର ଟେକି ଦେଇ ହୃଷୀର ବାହାସାହା କାମଟା ବି କରିଦେଲା । ହୃଷୀଟା ଯୋଗ୍ୟ ହୋଇ ଚାଷବାସ ଓ ଘରକାମ ସମ୍ଭାଳିବା ପରେ ତାର ଦୁଃଖ ଗଲା । ଏବେ ତ ତାକୁ ଷାଠିଏ ପାର ହେଲାଣି । ସମସ୍ତେ ଚିହ୍ନା ମୁହଁ ଏଇଠି । ତେବେ ସବୁବେଳେ ହାତରେ ଥାଏ ତାର ବାଡି ଖଣ୍ଡକ... ସେଇଟା ତା'ର ସାହାସ ବଢାଏ । କିଏ ଜାଣେ କେତେ ବେଳେ କେମିତି ଏଆଡୁ ସେଆଡୁ ପଶୁ ମାଡି ଆସିଲେ ତଡିବାକ ଦରକାର ହୋଇଥାଏ ।

ସେ ଦିନ କ୍ଷେତରେ ଥିଲା ବହୁତ କାମ । ଫେରିବା ବେଳକୁ କ୍ଷେତରେ ସଂଜ ଧରିଲାଣି । ଗାଁ ପହଞ୍ଚିଲା ବେଳକୁ ଅନ୍ଧାର ଧରିବ । ବଡ ନାତି କହିଲା.. ମାମା ତୋ ସହ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏଇ ଝୁମକି ବି ଯାଉ । ଦୁହେଁ ମିଶିଗଲେ ଡର ନ ଥିବ ।

ଝୁମକି ତଳ ସାହିର ଝିଅ । ତାଙ୍କ ବାଡି ଆଉ କ୍ଷେତରେ କାମ କରେ ବେଳେ ବେଳେ ।

ଝୁମକି ଡଲା ମୁଣ୍ଡେଇ ଚାଲିଲା ଆଗେ ଆଗେ ପଛରେ ପାର-ମାମା ହାତରେ ସବୁ ଦିନର ସେ ବାଡି । ହସଖୁସି କଥାବାର୍ତ୍ତାରେ ଫେରୁଥିଲେ ଦୁଇଜଣ । ଛାଇ ଅନ୍ଧାର ହୋଇ ଗଲା ପଧାନ ଘର ଆମ୍ବବୁରେଇ ପାଖାପାଖି । ଧରସା ରାସ୍ତାରେ ଦେଖାଗଲାଣି ଖଳା ପଡିଆ । ତା ଭିତରେ ସେଇ ବିରାଟ୍ ପାଳଗଦାଟା ଗୋଟାଏ ଅନ୍ଧାରିଆ ପାହଡ ପରି ଦିଶୁଛି ।

ଝୁମକି ହଠାତ୍ ଥମକି ଗଲା, କଣ କିଛି ଦେଖିଲା ବୋଧେ । ଲାଗିଲା ପାଳଗଦାଟା ହଲୁଛି କି କଣ ? ? ଥରଥର ପାଟିରେ କହିଲା... ମାମା ଗୋ... ପାଳଭୂତ ! !

ପାର-ମାମା କାନକୁ ଶୁଭୁଛି କମ୍ ଆଖିରେ ଜାଲି ଧରିଲାଣି ଦିଶୁଛି ଝାପସା କିଂତୁ ସାହସ ସବୁଦିନ ପରି ବହୁତ୍ ।

....କଣ ଝୁମକି କିଛି ଦେଖି ଡରିଲୁ କିଲୋ ?

....ହଁ ମାମା ପାଳଗଦାଟା କେମିତି କେଜାଣି ହଲୁଛି... ପାଳଭୂତ ଅଛି କି କଣ ତା ଭିତରେ ! !

...କଣ କହିଲୁ ? ପଛକୁ ହେଇଯା ଝୁମକି । ମୁଁ ବୁଝୁଛି ସେ ପାଳଭୂତ କଥା ! ! ହଇରେ ଗାତପଶା.. ରଇଜଳା... କେଉଁଠି କାର ତୁ ରେ । ଆଇଲୁ ଦେଖି ମୋ ସାମ୍ନାକୁ ? ?

ହାତରେ ଥିବା ବାଡିଟା ଧରି ଗୋଟାଏ ବିରାଟ ପାଟି କରି ଖଳାପଡିଆର ପାଳଗଦା ଉପରକୁ ଝପଟି ପଡିଲେ ମାମା, ଆଉ ଯୋରରେ ଗେଞ୍ଜିଦେଲେ ଲମ୍ବା ବାଡିଟା ହଲୁଥିବା ପାଳଗଦା ଭିତରକୁ । ହଠାତ୍ ପାଳଭିତରୁ କଣଗୋଟେ ପଶୁ କି କଣ ପାଳମେଞ୍ଚେ ମୁଣ୍ଡେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧରି ଧାଇଁଗଲା ଖଳା ପଛପଟ ଅନ୍ଧାର ଭିତରକୁ । ପାଳଗଦା ପାଖରେ ପହଞ୍ଚିବା ପୂର୍ବରୁ ତଳୁ ଗୋଟାଇ ଥିବା ବଡ ପଥରକୁ ଯୋରରେ ଛାଟିଦେଲେ ମାମା ସେ ଧାଇଁଯାଉଥିବା ପାଳମେଞ୍ଚା ଉପରକୁ ।

...ମରି ଗଲିରେ ବାପା... ଡାହାଣୀ ମରିଦେଲାରେ ମତେ... କାନରେ ପଡିଲା ଝୁମକିର । ପାଳଭୂତ ଦଉଡି ପଳାଉଛି । ହେଲେ ଏ ତ ମଣିଷର ଭାଷା । ପାଳଭୂତ ମଣିଷ ପରି କଥା କୁହେ ନା କଣ ?? !!!

...ଠିକ୍ କରିଛ ମାମା... ପାଳଭୂତକୁ ଦେଇଛ ପାନେ । ଆଉ କେଭେ ଆମ ଖଳାର ମୁହଁ ମାଡିବନି । ହସି ହସି କହିଲା ଝୁମକି ।।

...ହଉ.. ହଉ.. ଝଅଟ ଚାଲ୍ । ଅନ୍ଧାର ହେଲାଣି... କହି ପାର-ମାମା ଭିଡ଼ି ନେଲେ ଝୁମକିର ହାତ ଧରି ।

ସେଦିନ ରାତିରେ ଗାଁ ସାରା ପ୍ରଚାର ହେଇଗଲା ଯେ ପାର-ମାମା ଘର ଖଳାରେ ପାଳଭୂତ ପଶିଥିଲା ଆଉ ମାମା କୁଆଡେ ତାକୁ ଭଲକରି ପାନେ ଚଖାଇଛନ୍ତି !!

ଆଉ କେହି ଜଣେ ଚୁପ୍‌ଚାପ୍ ଗାଁ ଦାଣ୍ଡରେ ଖବର ଦେଲା... ଆଜି ସଂଧ୍ୟାରେ ପ୍ରଧାନ ଘରର କଲେଜପଢା ମଝିଆଁ ପୁଅ ସହରରୁ ମଟର ସାଇକେଲରେ ଗାଁକୁ ଫେରିବାବେଳେ ରାସ୍ତା ଖାଲଢିପରେ ପଡି ମୁଣ୍ଡଫଠାଇଛି ଆଉ ଦଶଟା ଷ୍ଟିଚ୍ ପଡିଛି ତା ମୁଣ୍ଡରେ !!

୫୪ ଆର୍ଯ୍ୟପଲ୍ଲୀ, କିଟଛକ ପଟିଆ
ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲ ଏବଂ ଭଅଁର

ଅନେକ ଦିନ ତଳର କଥା,

ଗୋଟିଏ ଭଅଁର ଥିଲା । ତାକୁ ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିବାକୁ ଜମା ଭଲ ଲାଗେନି । ସେ ଏଣେତେଣେ ବୁଲିବାକୁ ବହୁତ୍ ଭଲ ପାଉଥିଲା ।

କଣ ଆପଣମାନେ ଜାଣନ୍ତି ଭଅଁର କାହାକୁ କୁହାଯାଏ ? ଭଅଁର ତ ତାକୁ କୁହାଯାଏ ଯେ ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହି ନଥାଏ । ସବୁବେଳେ ଏଣେତେଣେ ବୁଲୁଥାଏ ଘର କଣ ଯେପରି ତାକୁ ଜଣା ନ ଥାଏ । କିନ୍ତୁ ଏହି କାହାଣୀରେ କଣ ହେଲା ଆପଣମାନେ ଜାଣିବାକୁ ଚାହୁଁଛନ୍ତି ତା ହେଲେ ଶେଷ ଯାଏଁ ପଢନ୍ତୁ ।

ଭଅଁର ନିତିଦିନ ଭଳି ଏଣେତେଣେ ଉଡ଼ି ବୁଲୁଥାଏ । ହଠାତ୍ ଆସି ପହଞ୍ଚିଲା ଏପରି ଏକ ସ୍ଥାନରେ ଯେଉଁଠାରେ ତାର ମନ ରହିଗଲା । ଏମିତି ଲାଗୁଥିଲା ଯେମିତି ସେ ସେଇଠି ସବୁଦିନ ପାଇଁ ରହିଯିବାକୁ ଚାହୁଁଛି ।



ସିଲ୍ପସ୍ମିତା ନାୟକ

ଜାଣନ୍ତି ଏମିତି କେତେବେଳେ ହୋଇଥାଏ ? ଏହା ତ ସେତେବେଳେ ହୋଇଥାଏ ଯେତେବେଳେ ଆମକୁ ଆମ ମନର ମଣିଷ ମିଳିଯାଏ । ଏମିତି ଲାଗେ ଯେମିତି ସବୁଦିନ ପାଇଁ ତା ପାଖରେ ରହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଆନ୍ତି କି ?

ଏମିତି କିଛି ଘଟଣା ଘଟିଥିଲା ଭଅଁର ଜୀବନରେ ଆଉ ଭଅଁର ପାଇ ଯାଇଥିଲା ତା ମନର ମଣିଷକୁ । ଗୋଟିଏ ଦିନ କଣ ହେଇଛି ନା ଭଅଁର ଉଡ଼ି ଉଡ଼ି ଗୋଟେ ସୁନ୍ଦର ଧଳା ଗୋଲାପ ବଗିଚାରେ ପହଞ୍ଚିଗଲା ।ସେହି ବଗିଚାରେ ବହୁତ୍ ସାରା ସୁନ୍ଦର ସୁନ୍ଦର ଫୁଲ ଫୁଟିଥାନ୍ତି ତଥାପି ଭଅଁର ନଜର ଗୋଟିଏ ନୂଆ କରି ଫୁଟିଥିବା ଛୋଟ ଫୁଲ ପାଖରେ ଅଟକି ଯାଇଥାଏ ।

ଆଛା କହିଲେ ଦେଖି ଏତେ ସବଡ଼ ସୁନ୍ଦର ସୁନ୍ଦର ଫୁଲ ଥିଲେ ମଧ୍ୟ ଭଅଁର ନଜର ସେହି ଛୋଟ ଫୁଲ ପାଖରେ କାହିଁକି ଅଟକିଗଲା ?କାରଣ ହେଉଛି ଆମେ ଯାହାକୁ ଭଲ ପାଉ ସେ ଯେମିତି ବି ହେଉନା କାହିଁକି ସିଏ ହିଁ ଆମକୁ ସବୁଠାରୁ ବେଶି ଭଲଲାଗେ । ଏମିତି ଲାଗେ ଯେମିତି ତା ଛଡା ଆଉ କେହି ଆମକୁ ଦେଖାଯାଆନ୍ତି ନାହିଁ ।

ସେହିପରି ଭଅଁର ସେହି ଛୋଟ ଫୁଲକୁ ଭଲ ପାଇଯାଇଥିଲା । ଭଅଁର ଭାବୁଥାଏ ସେ ଫୁଲ ପାଖକୁ ଯିବା ନାହିଁ, ଫୁଲକୁ ତା ମନ କଥା କହିବ କି ନାହିଁ ।

ଏଣେତେଣେ ଉଡ଼ି ବୁଲୁଥିବା ଭଅଁର କିପରି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିପାରିବ କହିଲେ ? କିନ୍ତୁ ନା ପ୍ରେମ ଦ୍ୱାରା ସବୁ ସମ୍ଭବ ହୋଇଥାଏ । ଏମିତି ଭାବୁ ଭାବୁ ୪-୫ ଦିନ ବିତିଗଲା । ଏଣେ ଭଅଁର ନିଜ ମନର କଥାକୁ ନ କହି ରହି ପାରୁ ନଥିଲା । କଣ କରିବ, କିପରି କରିବ କିଛି ବି ବୁଝି ପାରୁ ନଥିଲା । କଣ କରିଲେ ଭଅଁର ମନ କଥା ଫୁଲ ପାଖେ ପହଞ୍ଚିବ ଉପାୟ ଚିନ୍ତା କରୁଥିଲା । ଏପାଖେ ପୁଣି ମନରେ ସାହସ ନାହିଁ କହିବାକୁ, ଯଦି ସେ ନ କହୁଣୁ ଆଉ କେହି କରିଦେବ ଏହି ଡର ବି ମନରେ ଥିଲା । ଗୋଟିଏ ଦିନ ସକାଳେ ଭଅଁର ମନରେ ସାହସ ବାନ୍ଧି ଫୁଲ ପାଖକୁ ଆଗେଇଲା ଆଜି ଯେମିତି ହେଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଦେବି ଏହି କଥା ମନରେ ଭାବୁଥିଲା ।

ଆପଣ କେବେ କାହାକୁ ଭଲ ପାଇବାର ପ୍ରସ୍ତାବ ଦେଇଛନ୍ତି କି ? ଯଦି ଦେଇଛନ୍ତି ତେବେ ଜାଣିଥିବେ ନିଶ୍ଚୟ କିପରି ଲାଗେ ପ୍ରସ୍ତାବ ଦେବାର ପୂର୍ବ ସମୟ । ବହୁତ୍ ଡର ଡର ଲାଗେନା, ମନା କରି ଦେବନି ତ ଏହି ଡର ଥାଏ ନା । ଭଅଁରକୁ ଠିକ୍ ଏହିପରି ଡର ଲାଗୁଥିଲା ।

ଫୁଲ ପାଖରେ ଭଅଁର ପହଞ୍ଚି ଟିକେ କଥା ହେବାକୁ ଫୁଲକୁ ଅନୁମତି ମାଗିଲା । ଫୁଲ ବିଚାରି ବହୁତ୍ ଛୋଟ ଥିଲା ପ୍ରେମର ଭାଷା ସେ ବୁଝି ନଥିଲା । ଫୁଲ ଉତ୍ତରରେ କହିଲା ତୁମେ ମୋ ସହ କଣ କଥା ହେବ ? କିନ୍ତୁ ଭଅଁର ବହୁତ୍ ଚିଲିକା ଥିଲା ଆଜି ମୋ ମନ କଥା ନ କହି ଏଇଠୁ ମୁଁ ଯିବିନି ମନରେ ଭାବିଲା ଆଉ ଆଖି ବନ୍ଦ କରି ଗୋଟିଏ ନିଶ୍ୱାସରେ ଫୁଲକୁ ନିଜ ମନର କଥା କହିଦେଲା ।

ତାପରେ ଜାଣିଛନ୍ତି ଫୁଲ କଣ ଉତ୍ତର ଦେଲା ? ନା ତ ସେ ଭଲ ପାଇବାକୁ ମନା କଲା ନା ମୁଁ ଆଉ କାହାକୁ ଭଲ ପାଉଛି ବୋଲି କହିଲା । ଫୁଲର ଅନ୍ୟ କିଛି ଉତ୍ତର ଥିଲା, ଫୁଲ କହିଲା ମୁଁ ଏବେ ଏସବୁ ପାଇଁ ବହୁତ୍ ଛୋଟ ଅଛି । ମୋର ବହୁତ୍ ସାରା ଆଶା ଅଛି ଯେବେ ମୋର ସବୁ ଆଶା ପୂରଣ ହେବ ସେବେ ଯାଇ ମୁଁ ତୁମକୁ ଭଲ ପାଇବି । ଏବେ ବାସ୍ ମୋତେ ମୋର ଆଶା ପୂରଣ କରିବାକୁ ଦିଅ । କିନ୍ତୁ ଭଅଁର ଫୁଲକୁ ଛାଡି ଯିବାକୁ ଇଚ୍ଛା କରୁ ନ ଥିଲା । ତାକୁ ଏମିତି ଅନୁଭବ ହେଉଥିଲା ଯେମିତି ସେ ଫୁଲ ବିନା ବଞ୍ଚି ପାରିବ ନାହିଁ ।

ଆଚ୍ଛା କହିଲେ ଦେଖି ଆପଣ ଯଦି ଭଅଁର ଜାଗାରେ ଥାନ୍ତେ ତେବେ ଏହି ପରିସ୍ଥିତିରେ ଆପଣ କଣ କରିଥାନ୍ତେ ? କଣ ଭାବୁଛନ୍ତି ?

କିଛି ଲୋକ ଅଛନ୍ତି ପ୍ରେମର ପ୍ରସ୍ତାବ ଦେବାପରେ ଯଦି ଉତ୍ତର ନାହିଁ ବୋଲି ଆସେ କି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୌଣସି ବାହାନା ଆସେ ତେବେ ସେ ଆଉ ତାକୁ ଅପେକ୍ଷା ନକରି ଆଉ ଜଣକୁ ପ୍ରେମର ପ୍ରସ୍ତାବ ଦେଇଥାନ୍ତି । ଆଉ କିଛି ଲୋକ ଅଛନ୍ତି ଯେଉଁମାନେ ନିସ୍ୱାର୍ଥ ପ୍ରେମ କରିଥାନ୍ତି ସେମାନେ କୌଣସି ସୁନ୍ଦରତା କିମ୍ବା ରୂପକୁ ଭଲ ପାଇନଥାନ୍ତି । ସେମାନେ ତ କେବଳ ତାକୁ ହିଁ ଭଲ ପାଇଥାନ୍ତି ନିସ୍ୱାର୍ଥ ଭାବରେ ଯେମିତି ଭଅଁର ଫୁଲକୁ ଭଲ ପାଉଥିଲା ।

ଭଅଁର ଫୁଲର ଆଶା ଜାଣିବାକୁ ଇଚ୍ଛା କରି ପ୍ରଶ୍ନ କଲା ତୁମର କଣ ଆଶା ଅଛି ? ଯଦି ତୁମେ ଚାହିଁବ ମୋତେ କହି ପାରିବ । କହିଥିଲି ନା ଫୁଲ ବହୁତ୍ ଛୋଟ ଥିଲା ଏ ସବୁ କଥା କିଛି ବୁଝି ପାରୁ ନଥିଲା । ଭଅଁର କଥା ଶୁଣି ବୋକି ଫୁଲ ଟିକେ ବି ସଂକୋଚ ନ କରି ନିଜ ଆଶା ଭଅଁର ଆଗରେ କହିଲା ।

ଫୁଲ କହିଲା ମୁଁ ଏବେ ବହୁତ୍ ଛୋଟ ଅଛି ପ୍ରଥମେ ମୁଁ ଛୋଟ ଫୁଲରୁ ବଡ଼ ହେବାକୁ ଚାହୁଁଛି । ଭଅଁର କହିଲା ଠିକ୍ ଅଛି ତୁମେ ବଡ ହେବାଯାଏ ମୁଁ ତୁମକୁ ଅପେକ୍ଷା କରିବି । ଏତିକି କହି ଭଅଁର ଫୁଲକୁ ଅପେକ୍ଷା କରିବାକୁ ସେହି ସ୍ଥାନରେ ରହିଗଲା । ଖାଦ୍ୟ ଅନ୍ୱେଷଣ ପାଇଁ ପାଖ ଅଞ୍ଚଳକୁ ଯାଏ ଆଉ ପୁଣି ଫୁଲ ପାଖକୁ ଫେରି ଆସେ ।

ଦେଖୁ ଦେଖୁ ଅନେକ ଦିନ ବିତି ଗଲା । ହଠାତ୍ ଦିନେ ସକାଳେ ଭଅଁର ଦେଖିଲା ଫୁଲ ବଡ ହୋଇଯାଇଛି । ଭଅଁର ଖୁସି ହୋଇ ଫୁଲ ପାଖକୁ ଆସି  କହିଲା ଏବେ ତ ତୁମେ ବଡ଼ ହୋଇଗଲାଣି । ଏବେ ତ ତୁମେ ମୋତେ ଭଲ ପାଇବାରେ କୌଣସି ଅସୁବିଧା ନାହିଁ? ଉତ୍ତରରେ ଫୁଲ କହିଲା ଏବେ ତ ମୁଁ  ଖାଲି ବଡ ହୋଇଛି ମୋ ଦେହରେ ଏ ଯାଏଁ  ବାସ୍ନା ଭରିନି । ମୁଁ ଚାହେଁ ମୋ ଦେହର ବାସ୍ନାରେ ଏ ସାରା ବଗିଚାକୁ ମହକାଇବାକୁ  ।

ଭଅଁର କହିଲା ଠିକ୍ ଅଛି ତୁମ ଦେହରେ ବାସ୍ନା ଭରିବାଯାଏ ମୁଁ ତୁମକୁ ଅପେକ୍ଷା କରିବି । ପୁଣି କିଛି ଦିନ ବିତି ଗଲା ପରେ ଫୁଲ ଦେହରେ ବାସ୍ନା ଭରିଗଲା ଭଅଁର ଆସି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଖେ ତ ଫୁଲ ବହୁତ୍ ଖୁସି ହେଉଛି ଫୁଲ ଦେହର ବାସ୍ନାରେ ସାରା ବଗିଚା ମହକିଉଠୁଛି । ଭଅଁର ଫୁଲକୁ କହିଲା ଏବେ ତ ତୁମ ଦେହରେ ବାସ୍ନା ବି ଭରି ଗଲାଣି । ଏବେ ତ ତୁମେ ମୋତେ ଭଲ ପାଇବ ନା ? ଫୁଲ ଉତ୍ତର ଦେଲା, ଏବେ ତ ମୋ ଦେହରେ ଖାଲି ବାସ୍ନା ଭରିଛି ମୁଁ ଚାହେଁ ମୋ ଦେହର ରଙ୍ଗ ଧଳାରୁ ଲାଲ୍ ହୋଇଯାଉ । ଏ ସାରା ବଗିଚାରେ ଯେତେ ବି ଫୁଲ ଫୁଟିଛନ୍ତି ସବୁ ଫୁଲଠାରୁ ମୁଁ ଅଧିକ ସୁନ୍ଦର ଦେଖାଯିବାକୁ ଚାହୁଁଛି ।

ଆଛା କହିଲେ ଦେଖି କେହି ଆପଣଙ୍କୁ ଗୋଟିଏ କାମ କରିବାକୁ କହି ତିନୋଟି କାମ କରାଇଲେ ଆପଣଙ୍କୁ କିପରି ଲାଗେ ଆପଣଙ୍କୁ ନିଶ୍ଚୟ ବିରକ୍ତି ଲାଗିବ, ତାକୁ ମାଡ ମାରିବାକୁ ଇଛା ହେବ ନ ହେଲେ ଗାଳି କରିବାକୁ ଇଛା ହେବ । କିନ୍ତୁ ଭଅଁରକୁ ସେମିତି କିଛି ବି ଲାଗୁନଥିଲା ।

ଏମିତି କେତେବେଳେ ହୁଏ ଜାଣନ୍ତି ? ଯେତେବେଳେ ଆମେ ଭଲ ପାଉଥିବା ମଣିଷଟିଏ ଆମ ସହ ଏମିତି କରେ ଆମକୁ ବିରକ୍ତି ଲାଗେନା । ଏମିତି କେବଳ ଜଣେ ମଣିଷ ଥାଏ ଯିଏ କି ଆମ ଇଛା ବିନା ତା ବାଟରେ ଚାଲିବାକୁ ଆମକୁ ବାଧ୍ୟ କରିଦିଏ । ଠିକ୍ ସେମିତି ଭଅଁର ଜୀବନରେ ଫୁଲ ସେମିତି ଜଣେ ଥିଲା । ଫୁଲ ଯାହା କହୁଥିଲ ଭଅଁର କୌଣସି ପ୍ରକାର ବି ପ୍ରଶ୍ନ ନ ପଚାରି ତାହା କରି ଯାଉଥିଲା । ଭଅଁର କହିଲା ଠିକ୍ ଅଛି ତୁମ ଦେହର ରଙ୍ଗ ଲାଲ୍ ହେବାଯାଏ ମୁଁ ତୁମକୁ ଅପେକ୍ଷା କରିବି ।

ଦେଖୁ ଦେଖୁ ଅନେକ ଦିନ ବିତିଗଲା କିନ୍ତୁ ଫୁଲର ରଙ୍ଗ ଧଳାରୁ ଲାଲ୍ ହେବାକୁ ଯେମିତି ନାମ ହିଁ ନେଉ ନଥିଲା । ଆଛା ଟିକେ ଭାବିଲେ, ଗୋଟେ ଧଳା ଗୋଲାପ ଫୁଲ ଫୁଟୁଥିବା ଗଛରେ କଣ ଲାଲ୍ ଗୋଲାପ ଫୁଲ ଫୁଟିପାରିବ ? ଭଅଁର ଏ କଥା ବୁଝି ପାଇ ଥିଲା ଯେ ଫୁଲର ରଙ୍ଗ କେବେ ବି ବଦଳିବ ନାହିଁ ସେ ସବୁଦିନ ପାଇଁ ଗୋଟିଏ ଧଳା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଲାପ ଫୁଲ ହୋଇ ରହିବ । କିନ୍ତୁ ବୋକି ଫୁଲ ଏ କଥା ମାନିବାକୁ ପ୍ରସ୍ତୁତ ନ ଥିଲା କେବେ ସିଏ ଧଳା ଗୋଲାପ ଫୁଲରୁ ଲାଲ୍ ଗୋଲାପ ଫୁଲ ହେବ ସେଦିନକୁ ସେ ଅପେକ୍ଷା କରିଥିଲା । ଭଅଁର ମନେ ମନେ ଭାବିଲା, କେମିତି ସେ ଫୁଲର ରଙ୍ଗକୁ ବଦଳାଇ ପାରିବ । ଫୁଲକୁ ଖୁସି ଦେଇପାରିବ । ଫୁଲର ଖୁସି ପାଇଁ ଭଅଁର ସବୁକିଛି କରିବାକୁ ପ୍ରସ୍ତୁତ ଥିଲା କିନ୍ତୁ ଉପାୟ ପାଉନଥିଲା ।

ଏମିତି ଭାବୁ ଭାବୁ ଗୋଟେ ଦିନ ଭଅଁର କହିଲା ମୋ ଦେହରେ ଥିବା ରକ୍ତ ତ ଲାଲ୍ ରଙ୍ଗର ଯଦି ସେହି ରଙ୍ଗରେ ସେ ଫୁଲକୁ ରଙ୍ଗେଇ ଦେଇ ପାରିବ ତେବେ ଫୁଲ ନିଶ୍ଚୟ ଲାଲ୍ ରଙ୍ଗର ହୋଇପାରିବ । ଏମିତି ଭାବି ଗୋଟେ ଦିନ ରାତିରେ ଫୁଲ ଶୋଇଥିବା ସମୟରେ ଭଅଁର ବଗିଚାକୁ ଆସି ସେହି ଫୁଲ ଫୁଟିଥିବା ଗଛରେ ଥିବା କଣ୍ଟା ଦେହରେ ନିଜ ଦେହକୁ ଉଡ଼ି ଉଡ଼ି ଫୋଡି ପକାଇଲା ଆଉ ଭଅଁର ଦେହରୁ ବାହାରୁଥିବା ରକ୍ତ ଫୁଲ ଦେହରେ ଛିଟିକି ଫୁଲର ରଙ୍ଗକୁ ଲାଲ୍ କରିଦେଲା ।

ସକାଳେ ଯେତେବେଳେ ଫୁଲ ନିଦରୁ ଉଠିଲା ସେ ଦେଖିଲା ଯେ, ତା ଦେହର ରଙ୍ଗ ଧଳାରୁ ଲାଲ୍ ହୋଇଯାଇଛି । ଫୁଲ ତା ନିଜକୁ ଏମିତି ଲାଲ୍ ରଙ୍ଗରେ ଦେଖି ବହୁତ୍ ଖୁସି ହେଉଥିଲା । ଏତେ ଖୁସି ହେଉଥିଲା ଯେ ତା ଖୁସି କହିଲେ ନ ସରେ । କିନ୍ତୁ କୁହାଯାଏ ନା ଖୁସି ବେଶି ସମୟ ରହେ ନାହିଁ ଫୁଲ ସହ ବି ଠିକ୍ ସେମିତି ହେଲା । ଫୁଲ ହସି ହସି ତା ଚାରି ପାଖକୁ ଅନାଇ ଭଅଁରକୁ ଖୋଜୁଥିଲା । ହଠାତ୍ ଦେଖିଲା ଭଅଁର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଫୁଲ ଗଛ ତଳେ ପଡି ଛଟପଟ ହେଉଚି । ବୋକି ଫୁଲ ତଥାପି ବୁଝି ପାରୁ ନ ଥିଲା କି ଭଅଁର ର ଏମିତି ଅବସ୍ଥା ତାହାରି ପାଇଁ ହୋଇଛି । କଣ ହେଇଛି କଣ ହେଇଛି ବୋଲି ବୋଲି କହି ଫୁଲ ଭଅଁରକୁ ଧରୁ ଧରୁ ଭଅଁର ପ୍ରାଣ ହରାଇଲା । ଫୁଲ ପାଖରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫୁଟିଥିବା ଆଉ ଗୋଟିଏ ଫୁଲ ରାତିରେ ଘଟିଥିବା ସବୁ ଘଟଣା ଦେଖିଥିଲା । ଫୁଲ ଭଅଁରକୁ ଧରି କାନ୍ଦୁଥିବା ସମୟରେ କିପରି ଫୁଲ ପାଇଁ ଭଅଁର ପ୍ରାଣ ହରାଇଲା ଏ ସବୁ କଥା ଫୁଲକୁ କହିଲା । ଅନେକ ଦିନ ବିତିଗଲା ଅନେକ ରାତି ବିତିଗଲା କିନ୍ତୁ ଭଅଁରକୁ ଫୁଲ ସେମିତି ଝୁରୁଥାଏ । ଏମିତି ଝୁରି ଝୁରି ଫୁଲ ବି ମଧ୍ୟ ପ୍ରାଣ ହରାଇଲା ।

କୁହନ୍ତି ନା ଆମକୁ ଭଲ ପାଉଥିବା ମଣିଷ ଯେ ପର୍ଯ୍ୟନ୍ତ ଆମ ପାଖରେ ଥାଏ ତାର ମହତ୍ତ୍ୱ ଆମ ଜୀବନରେ କଣ ତାହା ଆମକୁ ଜଣା ନଥାଏ କିନ୍ତୁ ଯେତେବେଳେ ସେହି ମଣିଷ ଆମ ଠାରୁ ଦୂରକୁ ଚାଲିଯାଏ ସେତେବେଳେ ହିଁ ତାର ମହତ୍ତ୍ୱ ଆମ ଜୀବନରେ କଣ ଥିଲା ତାହା ଆମକୁ ଜଣା ପଡ଼ିଥାଏ । ଠିକ୍ ଯେମିତି ଯେତେବେଳେ ଫୁଲ ଜୀବନରେ ଭଅଁର ଥିଲା ତା ଜୀବନରେ ଭଅଁର ର କଣ ମହତ୍ତ୍ୱ ଥିଲା ସେ ଜାଣି ପାରି ନଥିଲା କିନ୍ତୁ ଯେତେବେଳେ ଫୁଲ ଜୀବନରୁ ଭଅଁର ଚାଲି ଯାଇଥିଲା ସେତେବେଳେ ହିଁ ତା ଜୀବନରେ ଭଅଁର ର କଣ ମହତ୍ତ୍ୱ ଥିଲା ସେ ଜାଣି ପାରି ଥିଲା ।

ଯେଉଁ କାରଣରୁ ଫୁଲ ଭଅଁରକୁ ଝୁରି ଝୁରି ନିଜର ପ୍ରାଣ ହରାଇଥିଲା ।

ତେଣୁ କହିବାକୁ ଚାହେଁ ଯେ ଆମ ଜୀବନ ଅଢେଇ ଦିନର, କେତେବେଳେ ଯେ ପାଣି ଫୋଟକା ଭଳି ଫୋଟିଯିବ ତାହା କେହି କହି ପାରିବେ ନାହିଁ ।

ତେଣୁ ଆମ ଜୀବନରେ ଥିବା ପ୍ରତ୍ୟେକ ମଣିଷକୁ ଆମେ ସେତିକି ଦରକାରୀ ଭାବିବା ଯେତିକି ସେମାନେ ଆମକୁ ଭାବନ୍ତି ।

ଫୁଲ ଭଳି ସ୍ୱାର୍ଥପର ନୁହେଁ ବରଂ ଭଅଁର ଭଳି ନିସ୍ୱାର୍ଥପର ହେବାକୁ ଚେଷ୍ଟା କରିବା ।

ଅଁଳାକଟା, ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


# ଅବ୍ୟକ୍ତ ପ୍ରେମ

ଭାଗ (୧)

ଭାବିଥିଲି ମୁଁ ଭୁଲି ଯାଇଛି ସେସବୁ, ତୁମ ପ୍ରତି ଥିବା ସ୍ନେହ, ପ୍ରେମ, ସମର୍ପଣ ସବୁ କିଛି  !

ହେଲେ ଆଜି ତୁମେ ଯେତେବେଳେ ଫେସବୁକରେ ତୁମ ପ୍ରତିଛବିଟିଏ ଛାଡ଼ିଲ ସଙ୍ଗେ ସଙ୍ଗେ ମୋ ପାଖକୁ ସନ୍ଦେଶ ଛୁଟି ଆସିଲା, କାରଣ ତୁମ ସହ ଏଇଠି ମୁଁ ଗୋଟେ ବନ୍ଧୁ ହେଇଅଛି, ଯଦି ତୁମ ପ୍ରତି ଥିବା ମୋ ଭାବନାକୁ ସେଦିନ ତୁମକୁ ଜଣେଇ ଦେଇଥାନ୍ତି, ଏତିକି ସମ୍ବଳ ବି ହରେଇ ଦେଇଥାନ୍ତି ବୋଧେ ! ଛାଡ ସେ କଥା;

ଆଜି ମୋ ଆଖିର ପଲକ ପଡିବା ଆଗରୁ ହାତ ସେଇ ନୋଟିଫିକେସନ୍ ଜାଗାକୁ ପଳେଇଲା ଦେଖିଲି ତୁମେ ତୁମ ବର୍ତ୍ତମାନକୁ ନେଇ ଭାରି ଖୁସି ହେଲେ ମୋ ଆଖି ତ ବିଜୁଳି ପରି ଲାଲ୍ ହେଇ ଶ୍ରାବଣରେ ଭିଜି ଯାଇଥିଲା  ।



ଦିପିକେ ପେରେଇ

ଦିନେ ଯେଉଁ ଲୁହ ତୁମକୁ ଦେଖିବା ପାଇଁ ଗଡୁଥିଲା ଆଜି ସେଇ ଲୁହ ତୁମକୁ କାହିଁକି ଦେଖିଲା ବୋଲି ଗଡୁଛି  !

ଦିନେ ମୁଁ ଭାବୁଥିଲି ମୋ ଲୁହ ଆଖିରୁ ଓଠ ପାଖକୁ ପହଞ୍ଚିବା ଆଗରୁ ତୁମ ହାତ ତାକୁ ଶୋଷି ନେବ ହେଲେ ଆଜି ସେ ଲୁହ ଗଡିବାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ମାତ୍ର କାରଣ ତୁମେ !

ହେଲେ ଦେଖୁନ ,

ତୁମକୁ ବି ମୁଁ ଦୋଷ ଦେଇ ପାରୁନି କାରଣ ଏସବୁ ତୁମ ପାଇଁ ଥିଲା ଅବ୍ୟକ୍ତ ! ତୁମ ଅଜାଣତରେ ମୁଁ ତୋଳି ଥିଲି ପ୍ରେମ ର ତାଜ ମହଲ ଟିଏ ଯେଉଁଟା ଆଜି ଭାଙ୍ଗୁନି କି ଆଗ ଭଳି ସୁନ୍ଦର ଦିଶୁନି, ଆଜି ତୁମ ପ୍ରତିଛବି ସହିତ ତୁମ ଅର୍ଦ୍ଧାଙ୍ଗିନୀଙ୍କ ପ୍ରତିଛବି ଥିଲା ଯେଉଁ ସ୍ଥାନ ଗୋଟେ ବର୍ଷ ପୂର୍ବରୁ ଆପଣାର ବୋଲି ଲାଗୁଥିଲା ଆଉ ମନେ ପଡିଗଲା ସେଇ ଗତବର୍ଷର ଅତୀତ_

ତାରିଖ ତ ମନେ ନାହିଁ ହେଲେ ସେ ଦିନଥିଲା ମୋ ଆରାଧ୍ୟଙ୍କ ବାର ମାନେ ସୋମ ବାର । ମୁଁ ସକାଳୁ ଭାରି ବ୍ୟସ୍ତ, ଫୁଲ ମାଳଟିଏ ଗୁନ୍ଥି ମନ୍ଦିର ଯିବି ବୋଲି । ପୂର୍ବରୁ ପୂଜା କରେ କିନ୍ତୁ ଏଭଳି ବ୍ୟସ୍ତ ହୁଏନି, ଆଜି ମୋ ପ୍ରେମିକଙ୍କ ପାଇଁ ପୂଜା କରିବି, ସୋମବାର ତ ଶିବଙ୍କ ମୁଣ୍ଡରେ ତାଙ୍କ ନାଁରେ ପାଣି ଢାଳିବି ।

ସେ ଏ ବିଷୟରେ ଜାଣନ୍ତିନି କାରଣ ମୁଁ ତାଙ୍କୁ, ତାଙ୍କ ପ୍ରତି ଥିବା ମୋର ଏଇ ଭାବନା ବିଷୟରେ କେବେ ଜଣେଇନି କି ସେ ମତେ ନେଇ ଏସବୁ କେବେ ଭାବି ହିଁ ନାହାନ୍ତି, କହିଥାନ୍ତି ବି କେମିତି ! ସେ ମୋ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ଆଉ ମୁଁ ଛାତ୍ରୀ ଏତେ ସବୁ ଦ୍ୱିବିଧା ପରେ ଏଇ କାହାଣୀ ଆରମ୍ଭ ହେବା ଆଗରୁ ଚାଇନାରୁ ଆସିଥିବା ଅଦୃଶ୍ୟ ନାୟିକା ଆମ ଭିତରେ ପାଚେରୀ ଠିଆ କରିଦେଲା, ସବୁ ବନ୍ଦ୍ ଛାତ୍ରାଳୟ ଆଉ ମହାବିଦ୍ୟାଳୟ, ଡାକରା ଆସିଗଲା ସରକାର ତରଫରୁ ।

ସେବେ ଠୁଁ ମୁଁ ଘରକୁ ଆସି ମହାଦେବଙ୍କୁ ସେଇ ଅଦୃଶ୍ୟ ନାୟିକା ପାଖରୁ ତାଙ୍କ ରକ୍ଷା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇଁ ଆଉ ତାଙ୍କ ଦୁଃଖ, କଷ୍ଟ, ଯନ୍ତ୍ରଣା, ରୋଗ, ବ୍ୟାଧି ସବୁ ବିପଦ ମୋର ହେଉ ବୋଲି ପ୍ରାର୍ଥନା କରେ, କିବା ଦିନ କିବା ରାତି..,

ମନ୍ଦିର ଯାଇ ଆସିଲେ ଅପେକ୍ଷା କରେ ତାଙ୍କୁ ଟିକେ ଅନଲାଇନ୍ ଦେଖିବାକୁ, ଦେଖିଲେ ଲେଖି ପଚାରେ, ଖାଇଛନ୍ତି, ସବୁ ଭଲ ତ, କଣ କରୁଛନ୍ତି, ସବୁ ଠିକ୍ ଅଛି ନା, ଘରେ ସବୁ ଭଲ ତ, କଣ ଖାଇଲେ, ମହାଦେବ ଆପଣଙ୍କୁ ସବୁ ବିପଦରୁ ମୁକ୍ତ କରନ୍ତୁ... ଏମିତି ଅନେକ, ହେଲେ ଏ ଲେଖା ସବୁ ମୋ ପାଖରେ ସୀମିତ ରହେ ତାଙ୍କ ପାଖକୁ କେବେ ପଠାଇ ପାରେନି, ଲେଖି ପୁଣି ସବୁ ନିଜେ କାଟି ଦିଏ, ଯେଉଁ ଦିନ ଅନଲାଇନ୍ ଦେଖିନି ତାଙ୍କୁ ସେ ଦିନ ମୋର ଉପାସ, ଘରେ କେହି ପଚାରିଲେ ଅନେକ ମିଛ ବାହାନା କରି ଠକି ଦିଏ, ଯେବେ ଧରା ପଡ଼େ କହେ, ମୋ ପେଟ ଖରାପ ତ ଖାଇବିନି... କିନ୍ତୁ ସବୁ ଦିନ ପରି ଜୁଲାଇ ମାସ ୭ ତାରିଖ ପୁରା ଦିନ ସେ ଅନଲାଇନ୍ ଆସି ନାହାନ୍ତି, ପୁରା ଦିନ ଲୁଚି ଲୁଚି କାନ୍ଦି ମହାଦେବଙ୍କୁ ପ୍ରାର୍ଥନା କରି କଟିଗଲା ତାପର ଦିନ ଆଉ ନିଜକୁ ସମ୍ଭାଳି ନପାରି ମୁଁ ଫୋନ୍ କଲ୍ ଟିଏ କଲି ସେ ଉଠାଇ ସୁସ୍ଥ ସ୍ୱର ରେ କହିଲେ ; ହେଲୋ !

ମୁଁ କହିଲି, ଆଜ୍ଞା ସାର୍ ପ୍ରଣାମ, ମୁଁ ଆପଣଙ୍କର ଜଣେ ଛାତ୍ରୀ ମୋ ନାଁ,

ଏତିକି କହୁ କହୁ ସେ କହିଲେ, କଣ କାମ ଅଛି ଶୀଘ୍ର କହିଦିଅ ଏବେ ଖାତା ଦେଖା ଚାଲିଛି ତ

ମୁଁ ଖୁସି ହେଲି ଯାହା ହେଉ ସିଏ କଣ କରୁଛନ୍ତି ମୁଁ ତ ଜାଣି ପାରିଲି ,

ମୁଁ ପୁଣି କହିଲି, ସାର୍ ଆମର ତ କଲେଜ୍ ଖୋଲୁନି ଆମର ପଢ଼ାପଢ଼ି କେମିତି ହେବ, ଆମର +୨ର ଦ୍ୱିତୀୟ ବର୍ଷ ବହୁତ୍ ଚିନ୍ତା ହେଉଛି ।

ସେ କହିଲେ, ତୁମେ ଆମର ଗୋଟିଏ କଲେଜ୍ ଗ୍ରୁପ୍ ଖୋଲ ମୁଁ ଯାହା ପଢ଼େଇବି ସବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଢ଼ିବ, ମତେ ସେଇଠି ଆଡ୍ କରି ଦେବ ହେଲା ।

ମୁଁ କହିଲି, ଆଜ୍ଞା !

ସେ କହିଲେ, ହେଉ ତାହେଲେ ମୁଁ ରହୁଛି !

ମୁଁ ପୁଣି କହିଲି, ଆଜ୍ଞା ! (ବାଷ୍ପରୁଦ୍ଧ ସ୍ୱରରେ)

ଦିନ ସାରା ସବୁ ସାଙ୍ଗମାନଙ୍କୁ ମୋର ଫୋନ ଚାଲିଥାଏ, ଯିଏ ଯାହା ନମ୍ବର୍ ରଖିଛ ମତେ ଦିଅ ମୁଁ ଗ୍ରୁପ୍ ଖୋଲିବି ପାଠ ପଢା ହେବ କହୁଥାଏ ।

ତାପରେ ମତେ ସୁଯୋଗ ମିଳି ଯାଇଥିଲା ତାଙ୍କୁ ଟିକେ ବାହାନା କରି କଥା ହେବି, ଯେବେ ଅନଲାଇନ୍ ନଦେଖେ ଫୋନ୍ କରି ତାଙ୍କ ସ୍ୱରରୁ ଜାଣିବାକୁ ଚେଷ୍ଟା କରେ ସେ କେମିତି ଅଛନ୍ତି... ।

କିନ୍ତୁ ସେଦିନ ରାତି ପ୍ରାୟ ୧୦.୪୦ ମିନିଟ୍ ରେ ମୁଁ ଫୋନ୍ ଧରି ଦେଖେ ତ ମେସେଜ ଆସିଛି ସେ ଗ୍ରୁପ୍ ରୁ ବାହାରି ଯାଇଛନ୍ତି...

କ୍ରମଶଃ...

ବି:ଦ୍ର : କାହାଣୀ ସଂପୂର୍ଣ୍ଣ କାଳ୍ପନିକ କେହି ସତ ଭାବିବେନି, ଆଉ ଦ୍ୱିତୀୟ ଭାଗ କିଛି ଦିନ ପରେ ପଢ଼ିବେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ "୧୩")

ଓ ଦ୍ୱିତୀୟ ଅଧ୍ୟାୟ (ଭାଗ "୧")

ଅନ୍ଧଅଶ୍ୱ ଘେନି ସେପରି ତ ତୁନି
ଚାଲିଗଲେ ଏକାଏକା,
ଅଧରେ କହିଲେ ପୁନଃ ସେ ଫେରିଲେ
ସେହିଠାରେ ହେବ ଦେଖା ।
ଅସୁବିଧା କିବା ଅବା ମରିଗଲେ
ଫେରିବେନି କହିଗଲେ,
ଅନ୍ତରୁ ଅନନ୍ତ ଜନ୍ତ୍ରଣା ଯେ ପୁରି
ନୟନରେ ଦେଖାଦେଲେ ।"
ଅନୁସାରୀ କଥା ନିଜ କହିସାରି
ନୁଏଁଇଲେ କୋଳେ ଶିର,
"ଅନୁଜା," ଅଧରେ କହି କାବ୍ୟ ଥରେ
ବହିଗଲା ଅଶ୍ରୁ ନିର ।

"ଦ୍ୱିତୀୟ ଅଧ୍ୟାୟ ଆରମ୍ଭ"

ଅଲୌକିକ ଏକ କନକ ସନ୍ତକ
ସାହିତ୍ୟ ଜଙ୍ଗଲ ଏହି,
ଅଜୟ ଭୟରେ ନିର୍ଭୟ ଜୟରେ
ଅଜର ଅମର ସେହି ।
ଅପାର କରୁଣା ଢାଳିଲେ ଗୋ ବୀଣା
ପାଣୀ ପାଣିର ପରସ,
ଅନେକ ଏକରେ ପରିଚିତ କରେ
କରୁଣା ରଣ ଏ ରସ ।
ଅଲୋଡ଼ା କହିଲେ ମୂଳରୁ ବିହିଲେ
ସାହିତ୍ୟ ଜଙ୍ଗଳ ବିହି,
ଅମର ସୁଧାର ଅମର ନିର୍ଝର
ଯାଏ ଆଜୀବନ ବହି ।
ଅଶ୍ରୁ ସିଚଂନରେ ଅମର ନିର୍ଝରେ
ନୀର ଘେନି ବୃକ୍ଷଲତା,
ଅତି ଉଚ୍ଚ ହେଇ ବିରାଜିତ କହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ୟ କେହି କ୍ଷୁଦ୍ର ଲତା ।
ଅନ୍ୟର ବଳରେ ବଳଶାଳି ପରେ
ବଳିଆର ପୁଣି କେହି,
ଅଳୀକ ତାହାର ରୂପ ଓ ଆକାର
ନିରୁପାଇ ହୋଇ ସେହି ।
ଅମାବାସ୍ୟା ରାତି ଅନ୍ଧକାରେ ମାତି
ନଭରେ କୋଟିଏ ତାରା,
ଅତିକ୍ଷୁଦ୍ରକ୍ଷୁଦ୍ର ଦୀପକର କର
ସତେ କି ଆଲୋକ ଧାରା ।
ଅନ୍ଧକାରେ ପୁଣି କେହି ଜାଣିସୁଣି
ଚାଲୁଛି ନିଡର ହୋଇ,
ଅବନୀ ବକ୍ଷରେ ଚାଳେ ସ୍ୱପଥରେ
ପାଦକୁ କିଆଁ ଧିମାଇ ।
ଅଲୌକିକ କାନ୍ତି ମୁଖୁ ଉଛୁଳନ୍ତି
ଅନ୍ଧକାର କରେ ଦୂର,
ଅଙ୍ଗୁ ପୁଣି ଚାହିଁ ଅନୁରୂପ ପାଇ
ଭୀମଶାନ୍ତ ଭରପୁର ।
ଅଜେୟ କୁମର କୁସୁମେ ଭ୍ରମର
ସମରେ ପ୍ରଳୟ ସୁତ,
ଅଛତ୍ର ରାଜ୍ୟରେ ଛତ୍ରପତି ନରେ
ସ୍ୱଧର୍ମେ ସ୍ୱପଥେ ପୁତ ।
ଅଭିଜ୍ଞ ଶସ୍ତ୍ରରେ, ଅସ୍ତ୍ରରେ, ବସ୍ତ୍ରରେ
ଅଜ୍ଞ ଏ ଜଞ୍ଜାଳ ଜଳେ,
ଅକାତକାତରେ ନାବିକ ପୋତରେ
ତରୁଣୀ ବିପଥ କଲେ ।
ଅସୀ ଚାଳନାରେ ଯେ କେହି ବି ହାରେ
ଏକାଥରେ ପ୍ରହାରରେ,
ଅକରୁଣ କର ଛେଦନରେ ବର
ପରିଚିତ ଏହି ନରେ ।
ଅସିମ ସାହସ ଶକତି ଯାହାର
ଆଜିସେହି ବଳହୀନ,
ଅନ୍ଧକାରେ କାହିଁ ଚାଲୁଛି ଧିମାଇ
ନିରସ୍ତ୍ର ସୁବସ୍ତ୍ର ଦୀନ ।
ଅଗନା ଅଗନୀ ବଣରେ ଅଜ୍ଞାନ
ରୂପରେ ଚାଲୁଛି କାହିଁ,
ଅଜ୍ଞାତ ତାହାକୁ ଆଗକୁ ଯିବାକୁ
ହେଲେ ବି ଯାଏ ଆଗେଇ ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ କାହିଁ ?



ଶିବ ନାରାୟଣ ଦାଶ

ଜୀବନ କାହିଁରେ ଜୀବନ କାହିଁ ?

ଜୀବନର ନାମେ ଜଳୁଛି ଏଠି ଯେ ଜୀବର ଆତ୍ମା ଆକାଶ ଛୁଇଁ,

ଲେଲିହାନ ଏକ ଦଗ୍ଧ ଜୁଇ

ସ୍ନାୟୁରେ ସ୍ନାୟୁରେ ଯାଇଛି ଶୋଇ,

ଚିତ୍ତ-ଚିତାର ବହ୍ନି ଭିତରେ ମଣିଷ ଯାଇଛି ଭସ୍ମ ହୋଇ ।

ଜୀବନ କାହିଁରେ ଜୀବନ କାହିଁ ?

ବେଦନା-ବିଦ୍ଧ ଜୀର୍ଣ୍ଣ ଆକାଶେ ଅନ୍ଧକାରର ପାହିନି ରାତି,

ଲହ ଲହ ଶିଖା ରୁଦ୍ଧ ଧୂମର ସରିନି ପ୍ରଖର ଅଗ୍ନି ତାତି ।

କାମନାବଦ୍ଧ ଶରଶଯ୍ୟାରେ ଏଇ ଏ ଜାତି

ରଜତ ଶୁଭ୍ର ଆଲୋକ ପାଇଁ,

ପ୍ରତୀକ୍ଷା କରେ କୁରୁକ୍ଷେତ୍ରରେ ଭୀଷ୍ମ ସାଜି -

"ସବ୍ୟସାଚୀ !

ଧନୁର୍ଦ୍ଧର ହେ ରକ୍ଷା କର,

ଧରତୀ ଫଟାଇ ଦିଅ ଆତ୍ମାରେ ଅମୃତର ସେ ସ୍ନିଗ୍ଧ ଝର" ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣିଷ ଭିତରେ ମାନବିକତା ଯେ ଯାଇଛି ଶୋଇ,

ହସି ବିକଟାଳ ଆସୁଛି ଆଗେଇ ଅମଣିଷ ଏକ ପ୍ରେତର ଛାଇ ।

ଜୀବନ କାହିଁରେ ଜୀବନ କାହିଁ ?

ପ୍ରିୟ ଗୋ ମୋର,

ନିଖିଳ ସୃଷ୍ଟି ରୂପଦାୟୀ ତୁମେ ବିମୁଗ୍ଧ ଆହେ ଶିଳ୍ପୀବାର !

ତୁମରି ଅଙ୍ଗେ ଥିଲି ଯେ ରହି,

ମାଳାରେ ଗୁନ୍ଥା ସଦ୍ୟ-ସ୍ନାତ ଅଯୁତ ଶୁଭ୍ର ଚମ୍ପା ହୋଇ ।

ଅଧରେ ତୁମରି ହାସ୍ୟ ହୋଇ,

ଶମ୍ପାର ସମ ଖେଳୁଥିଲି ମୁଁ ତ ତୁମରି ମଧୁର ଲାସ୍ୟ ନେଇ ।

ତୁମ ସେ ସୁଢଳ ନେତ୍ର କୋଳେ,

ପଲକ ତଳେ,

ଝଲକ ହୋଇ ଯେ ଝଲସୁଥିଲି ବି ନୟନ ଡୋଳେ ।

କାହିଁକି କୁହ ?

ପାର୍ଥିବ ଏହି ନିଶା ଗର୍ଜନେ କଲ ତୁମେ ମୋତେ ସଙ୍ଗହରା -

ସର୍ବହରା ।

ଭାରତୀ ଆଗୋ !

ତନ୍ମୟତାରେ ଡାକିଛି ତୁମକୁ ମୁଁ ବାରବାର,

"ରକ୍ଷା କର ! ମା'ଗୋ ମୋହର ସଙ୍ଗ କର" ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆରତୀ ସଜାଡି ତୁମରି ଚଉଁରା ତୁଳସୀର ତଳପରେ

ନୟନ ଭିଜାଇ ଅଳସ ସଂଯେ କାନ୍ଦିଛି କଇଁ କଇଁ,

କିନ୍ତୁ ଭାଗ୍ୟ ମୋର - ଉତ୍ତର ମୁଁ ଯେ ପାଇନାହିଁ ପାଇନାହିଁ ।

ଶୁଣିଛି କେବଳ ମୋର ଶବ୍ଦର ନିସଙ୍ଗ ପ୍ରତିଧ୍ୱନି,

ସଞ୍ଜବତୀ ମୋ ଲିଭି ଲିଭି ଆସେ ଗର୍ଜନ କରେ ପବନର ସାଇଁ ସାଇଁ ।

ଜୀବନ କାହିଁରେ ଜୀବନ କାହିଁ ?

ଜୀବନ କାହିଁ ?

ରାତ୍ରି ଗଭୀର ଅନ୍ଧ ଆକାଶେ ସୂର୍ଯ୍ୟ ଶିଶୁର ଦେଖା ତ ନାହିଁ ।

ଚେତନା ଯାଇଛି ରୁଦ୍ଧ ହୋଇ

ମଣିଷ ଯାଇଛି ଅନ୍ଧ ହୋଇ

ମହାମୃତ୍ୟୁର ମହୋଦଧି ତୀରେ ବିଷମୟ ଫେଣ ଯାଉଛି ପିଇ ।

ସ୍ରଷ୍ଟା କୁହ -

"ସୃଷ୍ଟି କି ତବ ଧ୍ୱଂସ ହେବ" ?

ଚକ୍ରଧାରୀ !

ସ୍ମିତହାସ୍ୟର ସମ୍ମୋହନରେ ବସି ବସି ଖାଲି ଦେଖୁ କି ଥିବ ?

ଜୀବନର ଏହି କୁଲାଳ ଚକ୍ରେ ଘୁର୍ନି ହୋଇ -

ମଣିଷ ହସୁ ନି ଜୀବନ ପାଇଁ,

ବଞ୍ଚୁଛି ସେ ଯେ ଜୀବନ ଭିତରେ ଜୀବନରୂପୀ ଏ ମୃତ୍ୟୁ ଚାହିଁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜୀବନ କାହିଁ ?

ଅମୃତ ଆମେ ଜୀବନ ଚାହୁଁ ।

ବଜ୍ର ଆମର ଚେତନା ହେଉ ।

ଜଳି ପୋଡି ଯାଉ ଭସ୍ମ ହେଉ,

ଅନ୍ଧ ଚେତନା ଦଗ୍ଧ ହେଉ ।

ସତ୍ୟ ରହୁ,

ମିଥ୍ୟାର ଯେତେ ଆବରଣ ସବୁ ଧ୍ୱଂସ ହେଉ ।

ଦିବ୍ୟ ପ୍ରସୂ !

ଧ୍ୱଂସ ହେଉ ଏ ମଣିଷ-ପଶୁ,

ତମରି କରୁଣା ସଙ୍ଗ ଲଭି

ଜୀବନ ପାଇଁ

ମଣିଷ ଭିତରେ ଜନ୍ମ ନେଉ ସେ ଅମୃତମୟ ଦିବ୍ୟ ଶିଶୁ ।

ଜେନେରାଲ୍ ମ୍ୟାନେଜର (ବିଡ଼ି ଫାଇନାନ୍ସ୍)

ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍

ବିଜିନେସ୍ ଡେଭେଲପ୍‌ମେଣ୍ଟ ପେଟ୍ରୋକେମିକାଲ୍ସ୍

ସପ୍ତମ ମହଲା, ଇଣ୍ଡିଆନ୍ ଅଏଲ୍ ଭବନ, ୟୁସୁଫ୍ ସରାଏ

ନୂଆ ଦିଲ୍ଲୀ : ୧୧୦୦୧୬

ଫୋନ୍ : ୨୬୮୫୯୦୬୩, ଭ୍ରାମ୍ୟଭାଷ : ୯୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରକାଶିତ Aahwaan.com

Magazine Downloaded from www.aahwaan.com

# ମୋ ଘରଣୀ...



ଲକ୍ଷ୍ମୀକାନ୍ତ ପୃଷ୍ଟି

ମୋ ଘରଣୀ ଅଟେ ଭାରି ଅଭିମାନୀ
ଦିନ ପରେ ଦିନ ଗଣି
ଆଲାର୍ମ ଭଳି ପକେଇ ଦଉଛି ମନେ
ସାବିତ୍ରୀ ଆସିଗଲାଣି ॥

ସଜାଗ ସେପାଇଁ ନକରି ଅନ୍ୟ ଚିନ୍ତା
କେମିତି କିଣିବି ଶାଢ଼ୀଟିଏ
ଭାବି ଭାବି ମୋର ସମୟ ଯାଉନି
ଲେଖିଦେଲି ଧାଡିଟିଏ ॥

ଲକଡାଉନ ରେ ଅଖଚକ ସବୁ ବନ୍ଦ
ଗାଡି ବି ମୋର ଖରାପ
ତଥାପି ବାହାରିଲି ସ୍କୁଟି ତାର ଧରି
ନହେଲେ ପଡିବ ଚାପ ॥

ଦୋକାନରେ ଗଲା କେତେ ଯେ ସମୟ
ଶାଢ଼ୀଟିଏ ଖୋଜି ଖୋଜି
ପୋଲିସ ଭୟରେ ବନ୍ଦ ହେଲାଣି ଦୋକାନ
ବଳୀ ମୁଁ ପଡିଲି ଆଜି ॥

ଦୁଇ ହାତେ ମୋର ଦୁଇଟି ଫୁଉଲ ବ୍ୟାଗ
କରିବ ସେ ଯେ ଓଷା
ତଥାପି ହସୁଛି ଦେଖି ହାତେ ତାର ଲମ୍ବା ଲିଷ୍ଟ
ନହେଲେ ଦେଖିବ ରୁଷା ॥

ସ୍ଥାନ -ବିଶ୍ରା(ଜରାଇକେଲା),ଜିଲ୍ଲା-ସୁନ୍ଦରଗଡ
ଦୂରଭାଷ - ୬୩୭୦୧୫୧୭୧୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହୀଉଦ୍ଧାରଣସ୍ତୁତି ଗୀତିକା



ପ୍ରଦୀପ କୁମାର
ଜିଲିକାରା

ରାଗ- ମଙ୍ଗଳ ଗୁର୍ଜ୍ଜରୀ

ଅ ଅନୁପ୍ରାସରେ ରଚିତ ଏ ଛାନ୍ଦ ରସ
ଅଧୀର ନ ହୋଇ ଧୀରେ ଶୁଣ ହେ ବିଦୁଷ ଯେ । ୧

ଅହିତ ନାଶନ କାରୀ ଦର କ୍ଷେତ୍ର ବାସୀ
ଅରପି ମନ ତା ପଦେ ହୁଅ ପରଶଂସୀ ଯେ । ୨

ଅଜଣା ବ୍ୟାଧି ରେ ଆଜି ଟଳୁଛି ଧରଣୀ
ଅରଜିତ ନିଜ ପାପ କର୍ମ ଏହା ମାନୀ ଯେ । ୩

ଅପାର କରୁଣା ସାଗର ଶ୍ରୀକ୍ଷେତ୍ରେ ଥାଇ
ଅବନୀ ନାଗ ନାଗରେ ବୋହିତ ନ ହୋଇ ଯେ । ୪

ଅର୍ଦ୍ଧେକ ବିଂଶତି ଶିର କଂସ ପୀଡ଼ା ବଳି
ଅଣାୟତ୍ତ ବ୍ୟାଧି ପୁଣ୍ୟଜନ ଯୁଗେ କଳି ଯେ । ୫

ଅଣାକାର କି ଆସିବେ ରୂପ ତନୁ ଧରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଚିରେ ନାଶିବେ ବ୍ୟାଧି ପାତକ ସଂହାରି ଯେ । ୬

ଅପୂର୍ବ ହୋଇଣ ଥିବ ତାଙ୍କ ରୂପ ବିଭା
ଅରି ଦର ଧର ସେହି ଆହା କି ସେ ଶୋଭା ଯେ । ୭

ଅଂହକାରକୁ ନାଶିବେ ସୁନନ୍ଦ ଅସୀରେ
ଅତି ପାପ ଚିନ୍ତା  ନରହିବ କାହା ଶିରେ ଯେ । ୮

ଅବୟବ ହୋଇଥିବ ଶାଳପ୍ରାଂଶୁ ଶାଖୀ
ଅତନୁ ପ୍ରାଣ ହାରିବେ ତାଙ୍କ ଶୋଭା ଦେଖି ଯେ । ୯

ଅଳ୍ପ ଅଳ୍ପ ହାସ ଆସେ ଯେ ପ୍ରଭୁ ପୀତବାସ
ଅଜ୍ଞାନ ଜନଙ୍କୁ ଦେଖି ହୁଅନ୍ତି ବିରସ ଯେ । ୧୦

ଅକାରଣ କାରଣ ସେ ପ୍ରଭୁ ଚିନ୍ତାମଣି
ଅଘ ପୁଣ୍ୟଜନ ନାଶେ ପୁଣ୍ୟଜନେ ଜାଣି ଯେ । ୧୧

ଅଗାଧ ସମୁଦ୍ରେ ବୁଡ଼ିଲାଣି ବସୁନ୍ଧରା
ଅକୃପା ନ ହୋଇ ପଦାଶ୍ରିତ ରଖ ପରା ଯେ । ୧୨

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନନ୍ତ ଅଙ୍କ ପର୍ଯ୍ୟଙ୍କ ଆଶୁ ବରଜିଣ
ଅନନ୍ତ ଅନନ୍ତ ସୃଷ୍ଟି ରକ୍ଷା କର ପୁଣ ଯେ । ୧୩

ଅଶ୍ରୁତି କି ହେଲା ତବ ଭକତ ଆରତ
ଅଶ୍ରୁଳ ନୟନେ ଭିଜୁଅଛି ଏ ମରତ ଯେ । ୧୪

ଅବିଳମ୍ବେ ତେଜି ହର୍ମ୍ମ୍ୟ ରତ୍ନ ସିଂହାସନ
ଅବତୀର୍ଣ୍ଣେ କର ମ୍ଳେଚ୍ଛ ନିବହ ନିଧନ ଯେ । ୧୫

ଅଳି ନିବେଦନ ମୋର ଘେନା କର ଧୀ'ରେ
ଅପବାଦ ସିନା ହେବ ଆପଣର ଶିରେ ଯେ । ୧୬

ଅରପିଲି ମନ ପଦ୍ମ ତବ ପଦାମ୍ବୁଜେ
ଅରକ୍ଷିତେ ରକ୍ଷା କରି ହୃଦେ କର ବିଜେ ଯେ । ୧୭

ଅଧମର ଦୋଷେ ରୋଷ ନ କରିବ ହରି
ଅଦମ୍ଯ ଦୋଷ ହର ମୋ ତ୍ରୁଟି କ୍ଷମା କରି ଯେ । ୧୮

ଠିକଣା- ହାଡ଼ଶିଙ୍ଗୁଲା,ଚାଟିକୋଣା,ବିଷମକଟକ,ରାୟଗଡ଼ା ।
ଦୂରାଭାଷ- ୮୨୪୯୯୪୩୯୯୩୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ତାପ ? ?



ଡଃ ରାକେଶ
ରଂଜନ ମୁଣ୍ଡ

ଉତ୍କଟ ବିକଟ'  ଉତ୍ତାଳ ବିରାଟ'
ଉତ୍ତାନ କାରଣ ' ପ୍ରେମ ' □
ଉତ୍କୀର୍ଣ୍ଣ  ଉତ୍କୋଚ'  ଉତକ୍ଷିପ୍ତ ବାଚ୍ୟ'
ଅବକାଶ ତେବେ' ପ୍ରେମ' □□

ପରମାନନ୍ଦ ଯେ'  ପରମ ସୁଖୀ ସେ'
ଲଭେ ମନ ବାଞ୍ଛା' ଫଳ  ।
ଗ୍ରହିତା ସେ ସଦା '  ଗ୍ରାହ୍ୟ ଜୀବନର'
ଦାତା ସମୟେ ଯେ' ଛଳ ' □□

ପ୍ରେମ ତରଣୀ ରେ ' ତରଣ  ସହଜ '
ସ୍ଥାୟୀ ଭାବ ସଦା'  କଷ୍ଟ' □
ମାଗୁଥାଏ ଯାହା ' ଦେଉଥିବ ତାହା '
ଅଭାବେ ହେବଯେ'  ରିଷ୍ଟ' □□

ତରସ୍ୱୀ ସାହାସ '  ସର୍ବଦା ତରଷ'
ଅନୁରାଗେ ହୁଏ' ତାହା' □
କଳା ସ୍ନେହେ ଯେବେ' ପଡିଲା ପ୍ରଣୟ'
ସର୍ବଦା ତାଣ୍ଡବ' ତାହା' □□

ଧର୍ମଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରିୟା ପ୍ରତି



ରଞ୍ଜିତ ସାହୁ

ମୁ ବାହା ହେବି ସ୍ୱଜାତିରେ
ନା ବିଜାତିରେ
ଆଗାମୀ ଭବିଷ୍ୟତ କହିବ,
ତମେ ଭୁଲି ଯିବ ନାହିଁ ପ୍ରିୟା
ବାହା ହେଲା ପରେ ବି
ମୋ ପାଇଁ ଆଖି ଟିକେ ଖୋଲା ରଖିଥିବ ।
ସାମାଜିକ ବନ୍ଧନରେ ମୁ ଆବଦ୍ଧ ନୁହେଁ,
ମୁ ଗୋଟେ ଝଡ଼
କରି ହୁଂକାର ଭାଙ୍ଗି ପାରିବି ଶକ୍ତ ପାଚେରି,
ପରେ ଆଣି ଦେଇପାରିବି ଶାନ୍ତ ବାତାବରଣ;
ବାହା ହେଲା ପରେ ବି ଭୁଲିବ ନାହିଁ ପ୍ରିୟା
କେତେଥର ତୁମକୁ କହିଥିଲି ଏ କଥା ।
ତୁମ ଇଚ୍ଛା, ତୁମେ ଶାନ୍ତି
ତୁମ ଇଚ୍ଛା ବିରୁଦ୍ଧରେ
ମୋର କରିବାର ନାହିଁ କ୍ରାନ୍ତି....
ତମେ ଦେଇପାର ସମାଜ ପାଇଁ ଆତ୍ମବଳି,
ମୋର ପ୍ରେମର ପ୍ରାଣହୂତି,
ତମେ ମାଖିପାର ସେ ଭସ୍ମ ପ୍ରେମର ବିଭୂତି ।

ସ୍ନାତକୋତ୍ତର ଛାତ୍ର,
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା,
କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ଆଜି ଅଣନିଶ୍ୱାସୀ



ପ୍ରଣତୀ ରଥ

ମୁଁ ଆଜି ଅଣ ନିଶ୍ୱାସି
ମୋର ସ୍ପନ୍ଦନ ର ଗତି ଧୀରେ ଧୀରେ
ମନ୍ଥର ହେବାରେ ଲାଗିଲାଣି ।
ତୁମେ ପାଖରେ ଥିଲ
ବେଶ୍ ଭଲରେ ଥିଲା,
ହୃଦୟର ସମସ୍ତ କାର୍ଯ୍ୟ ଠିକ୍ଠାକ୍
ଚାଲୁଥିଲା ।
ପ୍ରେମର ମଧୁଭରା ଗୀତ
ଗୁଣୁଗୁଣୁ ହୋଇ ଶୁଭିଯାଉଥିଲା କାନରେ
ମନର ଚଞ୍ଚଳତା ବେଶ୍ ମନଛୁଆଁ ଥିଲା ,
ତୁମ ସାଥୀ ରେ ପାଦକୁ ମିଳାଇ
ସମୟର ତାଳଦେଇ
ଖୁବ୍ ମଜା ଥିଲା ଚାଲିବାରେ ।
ତୁମ ହାତର ସ୍ପର୍ଶ
ଯେବେବି ଛୁଇଁଥିଲା ମୋ ହାତକୁ
ଦେହରେ ଖେଳି ଉଠୁଥିଲା ରୋମାଞ୍ଚକର
ସିହରଣ ।
ମନ ଝୁମି ଉଠୁଥିଲା
ପୁଲକିତ ଭରା ତାନରେ
ଯେବେ ଯେବେ ତୁମେ ମୋ ପାଦସହିତ
ପାଦ ମିଳାଇ ଚାଲୁଥିଲ ।
କିନ୍ତୁ, ଆଜି ସେ ଅଚଳ
ତୁମେ ଏତେ ଦୂର ଗଲାପରେ,
ଯେମିତି ଏ ସ୍ରଷ୍ଟାଙ୍ଗ ଶରୀର
ନାରାଜ୍ ମୋ ବୋଲ ମାନିବାରେ ।
ତୁମେ ଆସିଯାଅ
ଏତେ ଦୂରତା ବି ଠିକ୍ ନୁହେଁ ,
ଦେଖୁଛ ନା
ମୁଁ କିଛିବି ନୁହେଁ
ତୁମ ଅନୁପସ୍ଥିତିରେ ।

ରାଉରକେଲା, ସୁନ୍ଦରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ୍ଷମାକର ପ୍ରଭୁ



ମମତା ମିଶ୍ର ଦାସ

ଯାହା ତ ଦେଇଛ ପ୍ରଭୁ ସବୁ ତୁମ ଦାନ ।
ଶକ୍ତି ଭରିଦିଅ ଆମେ ରଖୁ ତା'ର ମାନ ।।
କେଜାଣି କାହିଁକି ପ୍ରଭୁ କୋପ ବା କରିଲ ।
ନିଜର ସୃଷ୍ଟିରେ ନିଜେ ଦୃଷ୍ଟି ପକାଇଲ !!
ବିଶ୍ୱକର୍ମା ସାଜି ଯାହା ଯାହା ସୃଷ୍ଟି କଲ ।
କିସ ଅବା ଖୁଣ ଦେଖି ଲେଉଟାଇ ନେଲ ।।
ମନରେ ଆମେ ଆମର ତୃପ୍ତି ନ ପାଇଲୁ ।
ଅଧିକରୁ ଅଧିକ ଯେ ସର୍ବଦା ଖୋଜିଲୁ ।।
କ୍ରୋଧ କରି ପ୍ରଭୁ କିବା ନେଉଛ ଫେରାଇ ।
କ୍ଷମା କରିଦିଅ ପ୍ରଭୁ ଏ ଥରକ ପାଇଁ ।।
ଅନନ୍ତ ଶୟନେ ପ୍ରଭୁ ନିଦ୍ରା ଅବା ଗଲ ।
ଅଧିଆ ପଡୁଛୁ ପ୍ରଭୁ ଆଖି ଟିକେ ଖୋଲ ।।

ଦେଖ ଦେଖ ସୃଷ୍ଟି ତୁମ ଭୁଷୁଡ଼ି ପଡୁଛି ।
ଭୂତାଣୁ ଗୋଟିଏ ଆସି ବିଧ୍ୱଂସ କରୁଛି ।।
ବାଲ୍ୟକାଳେ ବକାସୁର ପୂତନା ମାରିଲ ।
କଂସାସୁର ଦର୍ପ ଦଳି ଧରିତ୍ରୀ ତାରିଲ ।।
ସାଗରରେ ସେତୁ ବାନ୍ଧି ରାବଣ ନାଶିଲ ।
କ୍ଷୁଦ୍ର ଗୋଟେ ଭୂତାଣୁଠୁ ମୁହଁ ଫେରାଇଲ !!
ଲକ୍ଷ୍ମୀଙ୍କ ପାଦମଞ୍ଜିଳା ନିଦ କି ଭରିଲା ।
ଘରେ ଘରେ ଏଠି ପରା ବୁଡୁଅଛି ଭେଳା ।।
ସମୂହ ଭାବରେ ଆମେ ଅଳି କରୁଅଛୁ ।
ସର୍ବ ପ୍ରାୟଶ୍ଚିତ୍ତ କରି କ୍ଷମା ବି ମାଗୁଛୁ ।।
ଅଧିକ ଭାବରେ କିଛି ମାଗୁ ନାହୁଁ ଆଉ ।
ଆଖି ଖୋଲ ପ୍ରଭୁ ! ତୁମ ସଂସାରଟି ରହୁ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳ୍ପନା



ଅନସୂୟା ପଣ୍ଡା

କଳ୍ପନାର ପ୍ରତିଛବି ଆଶାର ମରୁବାଲିରେ
ବଞ୍ଚିବାର ଇଛା ଅନେକ ବଢିଯାଏ
ଯେତେବେଳେ ମୋ ଗାଁ ଆକାଶରେ
ତାରାଫୁଲ ସାଥେ ଜହ୍ନ ନାଚିଯାଏ
ଗାଁ ପୋଖରୀରେ ସକାଳର ପହିଲି  କିରଣ ହସି ହସି ମିଶେ
ନିଶବଦରେ ମୋ ଓଠରେ ଚୁମ୍ବନ ଦିଏ
ମୋ ହସକୁ ଦେଖି ଚୁପି ଚୁପି କେହି କହେ
ହସୁଥିଲୁ କାହାପାଇଁ
ରାଜା ନା ଘାତକ ପାଇଁ
ଯିଏ ଦିନେ ଅସ୍ତ୍ର ଛାଡି ଯାଇଥିଲା ସନ୍ନ୍ୟାସ ନେଇ
ପୁଣି ଫେରିବା ଖୁସିରେ ମୋ ଗାଁରେ ଅଲକ୍ଷରେ
ପବନର ଲହରରେ ତା ମିଠା ମିଠା ସ୍ୱାଦ
ମୋ ଦେହକୁ ମନକୁ ଛୁଇଁବା ପରେ
ଘାତକର ଆଖିରେ ଆଙ୍କୁଳାଏ ସ୍ୱପ୍ନର ଝଲକ
ବିଧ୍ୱଂଶ ମହଲର ଭଗ୍ନାବଶେଷ
ଅଧାଗଢା କାହାଣୀର ଅକୁହା ତାଳପତ୍ର ଲେଖନୀ
ମତେ ଖୁବ ଖୁସି ଲାଗେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଗାଁ ଆକାଶରେ ସତେ ଅବା ଇଂଦ୍ରଧନୁ ହସେ
ମୁ ହସେ ରହି ରହି ସମସ୍ତଙ୍କ ଅଲକ୍ଷରେ ଅଜାଣତେ
କେବଳ ଘାତକ ପାଇଁ
ଅନେକ କ୍ଳାନ୍ତି ପରେ ସମୟର ଅତିକ୍ରାନ୍ତ ପରେ
ସନ୍ଧ୍ୟାର  ଗୋଧୂଳିରେ, ଜହ୍ନର ସୁନେଲି ଆଙ୍ଗୁଠିରେ
ବିଜୟର ରଙ୍ଗ ବୋଳି ଦିଏ
ମୋ ଗାଁରେ ରାଧାତମାଳର ସୁଗନ୍ଧ ଭରିଦିଏ
ମନ୍ଦ ମନ୍ଦ ପବନରେ  ଜହ୍ନ ଆଲୁଅରେ
ସମସ୍ତଙ୍କ ଅଲକ୍ଷରେ ଅପେକ୍ଷା କରେ
ଘାତକର ଶେଷ ସ୍ପର୍ଶ କାଳେ ଆପଣେଇ ନେବ
ମୋ ଗାଁକୁ  ତା ଓଠର ନିସୃତ ଭାଷାରେ ,
ତା ହାତର ବିସ୍ତୃତ ବାହୁରେ
ମୋ ଗାଁ ର ଶୋଷ କ୍ଷୁଧା  ସବୁ ଭରିଦେବ
ପାପର ହିସାବ ନଥିବ କି ପୁଣ୍ୟର ଭରଣା
ନଥିବ  ମୁକ୍ତି କି ମୋକ୍ଷ
ତା ଠାରୁ ଉପରେ ମୋ ଗାଁର
କଳ୍ପନା, ଜଳ୍ପନା, ଭାବ ଓ ଭାବନା

୫ ଆର/୧, ଇଞ୍ଜିନିୟରିଂ କଲେଜ, ବୁର୍ଲା, କଲୋନୀ, ସମ୍ବଲପୁର, ଓଡିଶା, ୭୬୮୦୧୮,
ଭ୍ରାମ୍ୟଭାଷ : ୯୪୩୯୨୧୧୯୭୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଅଭିଯୋଗ



ରାଧାମୋହନ
ପୂଜାହାରୀ

ଆଜିର ସମାଜ କଳୁଷିତ ହୁଏ
ନିଜ ସ୍ୱାର୍ଥ ହିତ ପାଇଁ,
ଜଙ୍ଗଲକୁ ତୁମେ ନଷ୍ଟ କଲ ଭାଇ
ବନ୍ୟପ୍ରାଣୀ ଯିବେ କାହିଁ ?

ବାଘ ଭାଲୁ ଆଦି ଲୋପ ପାଇଲେଣି
ନିଶ୍ଚିହ୍ନ ହେଲେ ସଂସାରୁ,
ବିନାଶନ୍ମୁଖୀ ଏ ସଂସାର ହେଲାଣି
ଜାଣି ରଖ ଆଜିଠାରୁ ।

ବନ୍ୟପ୍ରାଣୀ ଦାଉ ସାଧୁଛନ୍ତି ବୋଲି
ସଦା ତୁମ ଅଭିଯୋଗ,
ନିଜ ହୀନ କର୍ମ ପାଇଁ ଆହେ ନର
ସବୁକିଛି ଏବେ ଭୋଗ ।

ଘଞ୍ଚ ଜଙ୍ଗଲର ବୁକୁ ଚିରି ଯେବେ
ଗଜରାଜ ଆସେ ଧାଇଁ,
ନିଶାର୍ଦ୍ଧରେ ତା'ର ଆକ୍ରମଣରୁ କେ
ବଞ୍ଚାଇ ପାରିବେ ନାହିଁ ।

ବ୍ୟାପକ ଫସଲ ନଷ୍ଟ କରୁଅଛି
ବୋଲି କର କେତେ ପାଲା,
ରାତି ଅଧିଆରେ ବିଦ୍ୟାଳୟେ ପଶେ
ଭାଙ୍ଗି କବାଟର ତାଲା ।

ଜଙ୍ଗଲ ଭିତରେ ଅବାଧରେ ଚାଲେ
ଚୋରା ମଦର ସେ ଧନ୍ଦା,
ପାଖେ ଥିବା ଜନବସତିରେ ମଧ୍ୟ
ଦେଶୀ ମଦ ହୁଏ ରନ୍ଧା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଦ ରନ୍ଧା ସରିଗଲେ ବନେ ଦିଅ
ମହୁଲ ଫାସ ପକାଇ,
ହାତୀ ଚାଲିଆସେ ଆତ୍ମହରା ହୋଇ
ଖୁସିରେ ଖାଇବା ପାଇଁ ।

ତାକୁ ଖାଇ ହାତୀ ପାଗଳା ହେଉଛି
ଏହି କଥା ତୁମେ ଜାଣ,
ତଥାପି ବନସ୍ତେ ମଦ ରାନ୍ଧି ତୁମେ
ବିପଦକୁ ଡାକି ଆଣ ।

କେତେବେଳେ ବିଚ୍ ରାସ୍ତା ଉପରେ ତ
ପୁଣି କେବେ କାହା ଘରେ,
ତୁମ ପଶୁପଣ ପାଇଁ ଆଜି ଦେଖ
ନିରୀହ ମଣିଷ ମରେ ।

ଘର ଭାଙ୍ଗୁଛି ସେ ମଣିଷ ଦଳୁଛି
ନିଜ ଶକ୍ତ ପାଦ ତଳେ,
ସଚେତନ ହୁଅ ଏବେଠୁ ନହେଲେ
ଭାସିଯିବ ଭବ ଜଳେ ।

ସବୁ ଜାଣି ସୁଦ୍ଧା ପ୍ରଶାସନ ଆଜି
ସାଜିଛି ନୀରବ ଦ୍ରଷ୍ଟା,
କି ବିଚାରି ଜନ୍ମ ଦେଇଛି ଦଇବ
ଧନ୍ୟ ସେ ସଂସାର ସ୍ରଷ୍ଟା !

ଜଳ ଜମି ଜନ୍ତୁ ଜଙ୍ଗଲ ପାଇଁକି
ଏ ସଂସାର ତିଷ୍ଠି ରହେ,
ସୁଖ ଶାନ୍ତି ସ୍ନେହ ଶରଧା ପାଇଁକି
ଏ ସଂସାର ସବୁ ସହେ ।

ଆହେ ନର ତୁମେ ଶ୍ରେଷ୍ଠ ଜାତି ହୋଇ
ସ୍ୱାର୍ଥପର କିଆଁ ହୁଅ ?
ଜୀବ ଜଙ୍ଗଲକୁ ବଞ୍ଚାଇ ତୁମେ ଏ
ସଂସାରେ ସୁଖରେ ରୁହ ।

ବୀରମହାରାଜପୁର (ସୋନପୁର)
ମୋବାଇଲ - ୮୯୧୭୪୧୬୮୫୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅମାବାସ୍ୟା



ଐଶ୍ୱର୍ଯ୍ୟା ମିଶ୍ର

ଜୀବନେ ମୋ ଦେଖିନାହିଁ ପୂର୍ଣ୍ଣେନ୍ଦୁର ଶୋଭା
ଶର୍ବରୀ ତ ଆସେ ନେଇ କାଳିମାର ଆଭା ,

ଅନ୍ଧାରର ଦାସ ବୋଲି ସଦା ଅପଦସ୍ତ
ଦୁନିଆଁ ଆଖିରେ ମୁଁ ଯେ, ଏକ ଅଭିଶାପ,

ସୌନ୍ଦର୍ଯ୍ୟ ନାହିଁ ମୋ ଠାରେ ନାହିଁ ତ ଯୋଛନା
ଏତେ ଦୁଃଖ ମୋ କପାଳେ କାହିଁକି ଜାଣେନା,

ବିଧାତା ଲେଖିନି ଭାଙ୍କେ, ପୁନେଇଁର ଚାନ୍ଦ
ନିଜେ ବି ଜାଣିନି କେଉଁ ଭୁଲ୍ ର ଏ ଦଣ୍ଡ ,

ଅକାରଣେ ଏତେ କଷ୍ଟ ଦେଲେ ଭଗବାନ
ଦେଖି ପାରିଲିନି କେବେ ପୂର୍ଣ୍ଣମୀର ଜହ୍ନ,

ପଙ୍କିଳ ଜୀବନ ମୋର କଳଙ୍କରେ ଭରା
ଆଗମନ ଦୁଃଖରେ ମୋ କାନ୍ଦି ଉଠେ ଧରା ,

ତଥାପି ମୁଁ ପ୍ରତି ମାସେ ଥରଟିଏ ଆସେ
ଚାନ୍ଦର ଚାନ୍ଦିନୀ ପାନ କରିବାର ଆଶେ ,

ଚାହେଁନା ମୁଁ  ସମ ହେବି ପୁନେଇଁ ରାତିର
ଆଶା ମୋର ଜହ୍ନର ତ ସ୍ପର୍ଶ ପାଇବାର ,

ବହୁ ପ୍ରତୀକ୍ଷିତ ଅନ୍ତହୀନ ମୋ ପ୍ରତୀକ୍ଷା
ଇନ୍ଦୁର ପ୍ରୀତି ଲାଳସେ ଅନ୍ତହୀନ ଅମାବାସ୍ୟା.

ଛତ୍ରପୁର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଜପର୍ବ ମାଟିର ପର୍ବ



ଦଣ୍ଡାସି ପ୍ରଧାନ

ଆଜି ରଜ ଗନ୍ଧରେ ମାଟି ବାସୁଛି ସତ
ପିଲା ଅଛନ୍ତି, କୋଳାହଳ ନାହିଁ ।
ରଜ ଦୋଳି ଅଛି, ଦୋହଲୁ ନାହିଁ ।
ଖାଣ୍ଟି ଓଡିଆଣୀ ଆଉ ଧରଣୀ ରାଣୀ-
ସତରେ କାହଁ କେତେ କାଳରୁ
ସୁନ୍ଦର ସୁନ୍ଦର ଚଳନି ।

ଘରେ ଘରେ ପିଠା ପଣା ବାସ୍ନା
ଆବୋରି ନେଇଛି ପଲମ ।
ସବୁଠି ଶୂନଶାନ ।
ହୁଏ ନାହିଁ ଜମା, ପର୍ବ ବିଭୋରିତ ।
ଜମୁ ନାହିଁ ତ ମୁଖରିତ ମାହୋଲ ।
ରଜ ଆନନ୍ଦର ପର୍ବ ହେଲେମଧ୍ୟ
ମଉଳିଛି ନବ ଆଶାର କିରଣ;
ଏବେ ମୃତ୍ୟୁର ଭୟଙ୍କର ଭୟ ।

ଆମ୍ବୁଲାନ୍ସର ସତର୍କ ଶବ୍ଦରେ ଆତଙ୍କିତ
ମଣିଷ ।
ଶ୍ମଶାନ ମଣ୍ଡପରେ ମୁର୍ଦ୍ଦାର ପାଇଁ
ନିଅଣ୍ଟ ପଡୁଛି ସ୍ଥାନ ।

ମେଘୁଆ ଆକାଶ ।
ଅନୁକୂଳ ପାଣିପାଗ ସତ୍ତ୍ୱେ ।
ଉଭେଇ ଯାଇଛି
କୁଆଁରୀ ଝିଅଙ୍କ ଉଚ୍ଚାଟ ମନ-
କେତେକଙ୍କ ଭାସିଯାଉଛି _
ସୁନେଲି ଭବିଷ୍ୟତକୁ ନେଇ ଗଦାଗଦା ସପ୍ନ ।
ପ୍ରାଣହୀନ ପରିବେଶ _
ସଜବାଜ ସାଙ୍ଗ ସାଥୀ ମଉଜ ମଜଲିସ ।
ସବୁ ଫିକାଫିକା ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

ସନ୍ତାପିତ ଯାନ୍ତ୍ରିକ ଜୀବନ ।

ବାରିହୁଏ ନାହିଁତ ଚୁମ୍ବକୀୟ ପ୍ରାଣ ।

ତଥାପି ଟିଭି ପରଦାରେ

ରଜ ଚାଲିଛି ନୂଆ ନୂଆ ଢଙ୍ଗରେ ।

କେତେ କଣ ହେଲେ ବି

କିଛି ହଜିଛି ।କିଛି ମିଶୁଛି ।

ତା'ରି ଭିତରେ ଓଡ଼ିଆ ଜିଇଁବାର ଶିଖିଛି ।

ଆଜି ରଜପର୍ବ ରୀତି, କାନ୍ତି, ବିଧି-

କେବଳ ଅତୀତ, ନୂତନ ଢାଞ୍ଚାରେ ଆବୋରିତ,

ବିବର୍ତ୍ତିତ ବର୍ତ୍ତମାନ ଚହଟୁଛି ମାତ୍ର ।

ଅତୀତ,

ବର୍ଣ୍ଣାଢ୍ୟ ବର୍ତ୍ତମାନ ତଳେ

ମୁରୁକି ମୁରୁକି କିଛି କହିବାକୁ ଚାହୁଁଛି ।

ବିଚିତ୍ର ! ବିଚିତ୍ର ! !

ଆଷାଢ଼ ନହୋଇ ବି ମୌସୁମୀ ମଳୟ-

ମାଟି ଉପରେ ମନଲୋଭା ଦିଗ୍ବଳୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୃଷକଙ୍କ ସାମଗ୍ରିକ ଆଶା ବସା ବାନ୍ଧିଲାଣି-

ବିହନ ଫିଙ୍ଗିବାର ବେଳ ଆସିଲାଣି ।

ଘନ କଳାମେଘି ବର୍ଷା ସ୍ୱାଗତେଇ ।

ମାଟିର ମହାର୍ଘ ନେଇ-

କୃଷକ କେବେ ଡରି ନାହିଁ ; କି ଡରିବ ନାହିଁ ।

ଆଜି ସେ ପୁଣି ସଜବାଜ ।

ଏକ ନୂତନ ସମ୍ଭାର ଗୀତ ଗାନରେ-

ତିଥି ଓ ତଥ୍ୟର ପ୍ରାସଙ୍ଗିକ ସମୀକରଣରେ ।

ଓଡିଆ କୃଷକର

ସନ୍ତୁଳିତ ଜୀବନ ନିରୋଳା ସଞ୍ଚାରଣ ବ୍ରତ-

ଏ'ତ ଅନନ୍ତ ଅଧ୍ୟୟନ ସତ୍ୟ ।

ମାଟି, ପାଣି, ପବନ ବୃକ୍ଷଲତା

ଅନନ୍ୟ ଆଦ୍ୟରୁ ପ୍ରାନ୍ତ;

ଶୂନ୍ୟ ରୁ ମହାଶୂନ୍ୟ ପର୍ଯ୍ୟନ୍ତ ।***

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବାଙ୍କପୁର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷା



ଡଃ ମନୋରଞ୍ଜନ ବିଷୋୟୀ

ତୁମ ଅପେକ୍ଷାରେ
ଜହ୍ନ ସହ
ହୁଏ ସାକ୍ଷାତ
ବେଳେବେଳେ
ଭେଟ ହୁଏ
ମୃତ୍ୟୁ ସହ
ଅକସ୍ମାତ ।

ତୁମକୁ ଅପେକ୍ଷା କରି
ନୟାନ୍ତ ହୁଏ
ତମାମ ଜୀବନ ।

ତୁମେ କିନ୍ତୁ
ଆସିବ ଆସିବ ବୋଲି
ମୋ ଭିତରେ ହିଁ
ସଞ୍ଚରୁଥାଅ ବାରମ୍ବାର ।
ତଥାପି ନା' ସିଂହାସନର ମୋହ
ନା' ଆଲିଙ୍ଗନର ଇଚ୍ଛା
ସବୁଠାରେ କେବଳ
ତୁମ ପାଇଁ
ଅପେକ୍ଷାରେ
ଅନନ୍ତ ଜିଜ୍ଞାସା ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଶିଢ଼ି



ବରୁଣ କୁମାର ଦାସ

ଆସେ ନିଜ ଇଚ୍ଛାରେ
ଫେରି ଯାଏ ବି
ଡାକିଲେ ବାଟ ଭାଙ୍ଗି ଯାଏ
ତ କେବେ
ଅଯାଚିତ ଅତିଥି
ଦାଣ୍ଡ ପିଣ୍ଡାରେ ।
ଛାଇ ପରି ଲାଗି ଥାଏ
କେବେ ପବନରେ
ହଜିଯାଏ ଚିରତର
ତ କେବେ ଖୋଜୁଥାଏ ଶିଡି
କାଗଜ ପିଠିରେ
ସବାର ହେବା ପାଇଁ ।
ଚରମ ଦରଦରେ ସଙ୍କୁଚିତ ହୁଏ
ଅତିଶୟ ଉଲ୍ଲାସରେ ବି ।

ଜଣା ନାହିଁ କେଉଁଠି ଆସ୍ଥାନ ପାରେ
ରାତି ତମାମ
ପୁଣି ଫେରି ଆସେ
ସକାଳେ ସକାଳେ ।
ଭାବନାକୁ ଦଖଲ କରି
ଇଚ୍ଛା ଥିଲେ
ମନରେ ତୋଳେ ତୁଫାନ
ତରଙ୍ଗାୟିତ ହୁଏ ଆବେଗ
ଅନୁଭବରେ ଉଠେ ପ୍ଲାବନ,
ତାର ଯିବା ଆସିବା ନେଇ
କଟକଣା କେବେ ନାହିଁ
ଫଟକ ଅବାରିତ ଅନନ୍ତ ଖୋଲା ।

ମେଲ -bkdas7214@gmail.com
ଭ୍ରାମ୍ୟଭାଷ : ୯୯୩୭୯୨୪୬୭୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୋ ପାଦେ ଶରଣ ଗଲି



ମଞ୍ଜୁରାଣୀ ମିଶ୍ର

ତୋର ବଡ ଦାଣ୍ଡ ବଡ ଦେଉଳ

ବଡ ସିଂହାର ବେଶ ବାଇଶିପାହାଚ

ଆନନ୍ଦ ବଜାର ଗହଳ ଚହଳ

ପଣ୍ଡା ପଢିଆରି ଥାଟ ପଟୁଆର

ଷାଠିଏ ପଉଠି ଭୋଗ ଖାଉଥାଉ

ଠା ପିଢା ସଜାହେଉଥାଏ ଥରକୁଥର

ସାହାଣମେଳା ଭିଡ ବାଙ୍କ ଚାହାଣୀର ହସ

ଦିଶୁଥାଏ ଲୁଚୁଥାଏ

ମୋ ଦୁଃଖର ଚଉତିଶା ଘଣ୍ଟ ଘଣ୍ଟା

ଶବ୍ଦରେ ତତେ ଶୁଭୁନଥାଏ

ତୋର ଅଧାଗଢା ହାତ ପାଦ ପରି ସବୁ ଅସମ୍ପୂର୍ଣ୍ଣ

ପୃଥିବୀର ରଂଗଶାଳା

ସୀତା ସାବିତ୍ରୀ ଦ୍ରୌପଦୀଙ୍କ ଦୁଃଖ

ପାଟ ପଣତରେ ପୋଛିଦେଇ

ଆଉ କିଛି ନୂଆ ନୂଆ ନାଟକ ଲେଖୁ

ମୟୂର ଚୁଳର ଲେଖନୀରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୋର କପଟ ହସକୁ  ବୁଝିନପାରି

ମୁଁ ଖାଲି ଅଣନିଶ୍ୱାସୀ ହୁଏ

ଅଭିନୟର ପରିଧି ଭିତରେ

ହାତ ପାଖରେ ଜହର

ତଥାପି ଜୀବନ ଭଲଲାଗେ

ମଗ୍ନ ହୋଇଯାଏ ଅଦୃଶ୍ୟ ସୁଖର ଶିରୋନାମାରେ

ଏଠି ସବୁ ହୁଏ ଅଭାବିତ

ଗଲା ପୁତ୍ର  ବାହୁଡେ ନାହିଁ

ନଳ ରାଜା ଘାସ କାଟେ

ସେରକ ମାଣକ ପୁରିଲା ପରେ

କପୋତୀ ମଥା ପିଟେ

ଯୋଗୀର କେନ୍ଦରା ଗୀତ

ଲାଗେ ସତ ସତ

ସବୁ ମାୟାରେ ବାୟା

ଜୀବନଟା ପଶାପାଲି ଘର

ବିଧାତାର ନିଷ୍ଠୁର ପ୍ରହାର

ସବୁ ଗର୍ବ ଅଭିମାନକୁ ପଣତରେ ଗଣ୍ଠି ପକାଇଲି

ଭବିଷ୍ୟତକୁ ବନ୍ଧକ ଦେଲି

ଏବେ ଲାଗୁଛି ସବୁ ଥିଲା ପ୍ରହେଳିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୀବନଟା ଅଙ୍କାବଙ୍କା ରାସ୍ତା

ଚାଲିବାକୁ ହୁଏ ଏକା ଏକା

ମାୟା ମୋହର ମୋହିନୀ ଗୁମ୍ଫାରେ

କେତେ ଶୀଘ୍ର ବାଟ ସରିଗଲା

ଆଲ୍ଲାଉଦ୍ଦିନର କୁହୁକ ଦୀପ ଅକସ୍ମାତ ଲିଭିଗଲା

ଅପରାହ୍ନର ଛାଇ ଆଲୁଅ ଖେଳ

ସଞ୍ଜ ନଇଁବାକୁ ଅଳପ ବେଳ

ସବୁ କିଛି ମୋର ମୋର ଐଶ୍ୱର୍ଯ୍ୟ ବିଭବ

ତୋର ବୋଲି କହିଲା ବେଳକୁ

ମୋ ପାଖରେ ଶବ୍ଦ ନଥାଏ

ହାତ ପାଖରୁ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଥାଏ

ମୋ ପାଇଁ କେହି ଜଣେ

ଜୁଇ କାଠ କିଣିବାକୁ ଆଗ ଧାଡିରେ

ଅପେକ୍ଷା କରିଥାଏ

ହାଇଦ୍ରାବାଦ

୭୩୮୧୨୭୫୭୬୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ତହୀନ ଅପେକ୍ଷା



ଆଲୋକ ଦାସ

ସମୟର ସ୍ପର୍ଶରେ ଶିଳାଲିପି ସବୁ କ୍ଷୟ ହୁଏ,
ପ୍ରେମିକର ଅପେକ୍ଷା ପରି ମୁଁ ଏକାକୀ ବସିଥାଏ ।

ପବନରେ ଘୁରିବୁଲେ ପ୍ରବାଦ ଓ ଆକାଶରେ ଆଦିମ ଧ୍ରୁବତାରା,
ଆଉ କିଛି ମୁଁ ଚାହେଁ ନାହିଁ ଆଜୀବନ ଭଲ ପାଇବା ଛଡ଼ା ।

ଦେଖିଛି ତୁମର ମୁହଁ ସମସ୍ତ ଉପକଥା ଓ କିମ୍ବଦନ୍ତୀରେ,
ଦେଖିଛି ତୁମର ଘର ସହରର ପ୍ରତିଟି ଗଳି ଉପଗଳିରେ ।

ନୀଳ ପ୍ରାସାଦର ପାହାଚ ଧୂସର କୁହୁଡ଼ି ଆଚ୍ଛାଦିତ କରେ,
ଅତୀତର ସେ ମାୟା ଭୁଲି ମୁଁ ପାରିନି ଏଇ ବର୍ତ୍ତମାନରେ ।

ବାରମ୍ବାର ମୁଁ ଫେରିଆସେ ଅଧାଲିଭା ଛାୟାପଥ ଧରି,
ନାନା ନାମରେ ଡାକେ ମତେ କେହି ଜଣାଶୁଣା କିଶୋରୀ ପରି ।

ପ୍ରେମିକର ଅପେକ୍ଷା ପରି ମୁଁ ଏକାକୀ ବସିଥାଏ,
ତୁମକୁ ମନେ ରଖି ମୁଁ ଏପରି ଆଜୀବନ ଭଲ ପାଉଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ଜୀବିକା



ସୁରେଶ ଚନ୍ଦ୍ର ପାଢ଼ୀ

ଜୀବନ ପାଇଁ ଜୀବିକା ରହିଛି ସଦା କାଳେ କାଳେ
ଏବେ ଜୀବନ ଜୀବିକା ସଂକଟରେ
ଅଛି କରୋନା ବେଳେ
ଜୀବନ ରହିଲେ ଜୀବିକା ଆସିବ
ଏ କଥା ଭୁଲିବା ନାହିଁ
ନିଜେ ସତର୍କ ରହିଲେ ରୋଗ
ହୋଇବ କାହିଁ ପାଇଁ
ଜୀବନ ଜୀବିକା ସଙ୍କଟରେ ଅଛି
ଏ କଥା ସାରା ଦୁନିଆ ଜାଣିଛି
ଜୀବନକୁ ନେଇ କିଏ ସଂଘର୍ଷ କରୁଛି ବଞ୍ଚିବାପାଇଁ
ଭୋକ ଉପାସରେ କିଏ ରହିଅଛି
ତାର ଜୀବିକା ହରାଇ
ଜୀବନ ଅଟଇ ଈଶ୍ୱରଙ୍କ ଦାନ
ନିଜେ ନିଜକୁ କରିବା ସଚେତନ
ଆଜିଗଲେ ଜୀବିକା କାଲି କି ଆସିବ
ଜୀବିକା ପାଇଁ କେବେ ବିବ୍ରତ ନ ହୋଇବ
ହେ ମହାବାହୁ ଏତିକି କରୁଣା ହେଉଥାଉ
ସଭିଙ୍କ ଜୀବନ ଜୀବିକାରେ ବାଧା
ଦୂରେଇ ଯାଉ ।

ବୁଗୁଡ଼ା, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସତ୍ୟ ସହର



ମୁକେଶ କୁମାର
ଶତପଥୀ

ହସ ଏଠି ମିଛ ସିନା ଲୁହ କିନ୍ତୁ ଅସଲ

ପ୍ରେମ ଏଠି କାଗଜର ଫୁଲ

ନିତିନିତି ଜଳିଯାଏ

ଗୋଲାପ ପାଖୁଡ଼ା କେତେ

ମହକେ ନା ପ୍ରେମର ଫସଲ ।

ତୁମେ ନାହଁ ପାଖେ ସତ

ତୁମ ସ୍ମୃତି ମନରେ ଯେ ରହିଛି

ତୁମ ଗୀତ ମନେନାହିଁ

କିନ୍ତୁ, ତୁମ ସୁର ନିତି ନିତି ଗାଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଥଯାତ୍ରା



ଟୋନିସ୍
ରୋହିଦାସ୍

ଦେଖ ଭକ୍ତ ଦେଖ ଲୋ ମିତ

ମହାବାହୁ ବିଜେ କଲେ ବସି ରଥ ଉପରେ । ।

ଧୀରେ ଧୀରେ କରି ଚାଲି ଯାଉଛି ରଥ ଗୁଣ୍ଡିଚା ମନ୍ଦିରରେ । ।

ଭକ୍ତ ଗହଳି ଲାଗିଛି କେତେ ଟାଣୁଛନ୍ତି ହାତରେ ଧରି ଜଗାର ଦଉଡି । ।

ରଥ ଚାଲେ ଦେଖ ହୋ ଭକତ ଘିଡି ଘିଡି । ।

ହରି ବୋଲ ହୁଲ ହୁଲି, ବାଜେ ଘଣ୍ଟ ଶଙ୍ଖ ନାଦ ଚାରି ଦିଗ ଯାଉଛି ଉଛୁଳି । ।

ବାସୁଛି ଆଜି ପୁରା ଶ୍ରୀକ୍ଷେତ୍ର ଚନ୍ଦନ ଚନ୍ଦନ ଭକ୍ତଙ୍କ ଦେଖ ଗହଳି । ।

ବଡ଼ଭାଇ ସାଙ୍ଗେ ଜଗା କାଳିଆ ମଝିରେ  ସୁଭଦ୍ରା ଭଉଣୀ । ।

ଯୁଗେ ଯୁଗେ ଲେଖା ହୋଇ ଗଲା ପ୍ରଭୁ ଜଗନ୍ନାଥ ଏ କାହାଣୀ । ।

ଦୁଃଖ ସବୁ ଭୁଲି ଆସିଛି ମୁହିଁ ତୁମ ଚରଣେ ହେ କାଳିଆ ।

ପାଇବି ବୋଲି ଦର୍ଶନ ତୋ ଶ୍ରୀ କଳାମୁଖ ହେ ନିଳାଚଳିଆ । ।

ଦେଖି ତୁମ ରଥଯାତ୍ରା ମନ ମୋର ମୁକ୍ତି ପାଇଲା । ।

ଏମିତି ଡୋରି ସଦା ଲଗେଇ ଥିବ ପ୍ରଭୁ ଆସୁଥିବି ତୁମ ଶ୍ରୀକ୍ଷେତ୍ର

ଏ ଜୀବନ ଆଜି ଧନ୍ୟ ହେଲା । ।

ଏ ମଣିଷ ଜୀବନ ପାଇଛି ତୁମରି ସବୁ ଦାନ । ।

ଲୋଡ଼ା ନାହିଁ ପ୍ରଭୁ କିଛି ଆଉ ମୋତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଗୁନାହିଁ ଧନ ଜନ ।।

ସକାଳ ହେଉ କି ହେଉ ସଞ୍ଜ ତୁମ ନାମ ଧରି ମୋର ସାରି ଦେଉଛି ଦିନ ।।

ଯେତେ ଦିନ ଆକାଶ ରେ ଦିଶୁଥିବେ ସୂର୍ଯ୍ୟ ଚନ୍ଦ୍ର ସେତେ ଦିନ  ଧରୁ ଥିବି ତୁମ ନାମ ।।

ତୁମେ ତ ଶ୍ରୀ କଳାମୁଖ ଆହେ ମହାବାହୁ ସଦା ମୋତେ ଚାହିଁ ଥିବ କରୁଥିବୀ ଧର୍ମ ।।

ତୁମ ରଥ ଥରେ ଟାଣିବି ବୋଲି ମୁଁ ଇଛା କରେ ପ୍ରଭୁ ।।

ଯିବି ଥରେ ତୁମ ଶ୍ରୀ ମନ୍ଦିର ଡୋରି ଥରେ ଲଗେଇ ଦିଅ ପ୍ରଭୁ ।।

ଗାଁ-ପାମରା ଜିଲ୍ଲା-ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୂଳିସଞ୍ଜ



ପୁଷ୍ପଲତା ସାହୁ

ସଞ୍ଜ ଆସେ ନଇଁ ନଇଁ ଲୋ ସଜନୀ
ସଞ୍ଜ ଆସେ ନଇଁ ନଇଁ
ଗାଁ ପୋଖରୀରେ ଚାନ୍ଦକୁ ଦେଖି ଲୋ
ପାଖୁଡା ମେଲିଲା କଇଁ !!
କଳା ପାଟ ପିନ୍ଧି ରଜନୀ ରାଣୀ ଟା
ଆବୋରିଲା ଚାରିଆଡେ
ସଞ୍ଜ ହେଲା ବୋଲି ରାବ ଦେଇ ପକ୍ଷୀ
ଫେରନ୍ତି ନିଜର ନୀଡେ !!
ପର୍ବତ ଉହାଡେ ଲୁଚିଗଲେ ରବି
ଶେଷ ହୋଇଗଲା ଦିନ
ଜଳ ସ୍ଥଳ ବନ ପର୍ବତ କାନନ
ବାରି ହେଉନାହିଁ ମନ !!
ଗୋଠରୁ ଫେରିଲେ ଗୋରୁ ପଲ ସବୁ
ଘର ବାହୁଡ଼ା ପଥ ପରେ
ହମ୍ବା ରଡି ଶୁଣି କୁନା କାନ୍ଦେ ପୁଣି
ଆଇମା ଧରେ କୋଳରେ !!

ଗୋଧୂଳି ଲଗନ ମନରେ ମଗନ
କହ୍ନେଇ ଖେଳୁଛି ଖେଳ
ରାଧା ମାଇଁ ସାଥେ ଗୋପୀ ଗୋପାଳୁଣୀ
ଦେଖ ଧୂଳି ସଞ୍ଜ ବେଳ !!
ଧୂଳି ଧୂସରରେ ମଣିଷ ଖେଳୁଛି
ଆରମ୍ଭରୁ ଶେଷ ଯାଏ
ଏହି ଖେଳ ଦିନେ ଧୂଳି ସଞ୍ଜ ହେବ
ଯିବ କାଳ ବଳେ ସିଏ !!
ଯେତେ ଦିନ ଥିବ ଏ ଧରା ଭୂଇଁରେ
କରି ଯାଅ ଭଲ କର୍ମ
ଧୂଳି ସଞ୍ଜ ବେଳ ଆସିଲେ ଜୀବନେ
ସାଥେ ଥିବ ତୁମ କର୍ମ !!

ଶିକ୍ଷୟିତ୍ରୀ, ଜଗତସିଂହପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝିପିଝିପି ବର୍ଷାରେ



ହାସ୍ୟମୟୀ ରାଜ୍

ମନେପଡେ ଝିପିଝିପି ବର୍ଷାରେ ସ୍କୁଲ ଦିନ
ବାପା ନୁଆ କରି ଆଣିଥିବା
ରଙ୍ଗୀନ୍ ଛତାରେ ଥାଏ ମନ
ମରମ ରାସ୍ତାରେ
ବହିଯାଉଥିବା ନାଲିପାଣି ସହ
ମିଶେଇ ମିଶେଇ ଆଖି
ଫେରୁଥିଲି ସ୍କୁଲରୁ ଘର
ମା ଜଗିଥାଏ ଦାଣ୍ଡ ଦୁଆର
ଆଇମା ନିତି ରାତିରେ
ରସୁଣ ଫୁଟା ତେଲ ଘସୁଥିଲା
ପାଦରେ ମୋର
ଆଜି ସିଏ ନାହିଁ କି ନାହିଁ ସେଇ ଦିନ
ସବୁ ଲାଗେ ସ୍ୱପ୍ନ ।।

କେବେ କେବେ
ଟପ୍ ଟାପ୍ ବର୍ଷା ଦେଖିଲେ
ଝର୍କା ଏପାଖରେ
ସ୍ମୃତିରେ ସଜୀବ ହୁଏ କଲେଜ୍ ଦିନ
ବର୍ଷାକୁ ଫାଙ୍କିଦେଇ
ଓଢଣି ଉଡେଇ ଉଡେଇ
ମୋ ସାଙ୍ଗ ଲିଲି ସହ
ପିଚୁ ରାସ୍ତାରେ ଫେରିବା ବେଳେ
ଖାଲି ଦେହ ନୁହେଁ
ଭିଜିଯାଉଥିଲା ମନ
ଆଜି ତା ସହ ଦେଖାହୁଏନା
ବରା ଆଉ ଘୁଗୁନି ଖାଇବାକୁ ବି
ଯାଇହୁଏନା ଗୋପୀ ଭାଇ ଦୋକାନ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରେ ଓଦା ସରସର ଦେହ ଦେଖି

ମା କହୁଥିଲା

କୋଉଠି ଅଟକି ପାରିଲୁନି ଟିକେ

ବର୍ଷାରେ ଆସିବାକୁ

ଖୁବ୍ ଭଲଲାଗେ ବୋଲି

କହିବାକୁ ଜିଭ ମୋ ଅଟକେ

ଆଜି ମୋ ମନ ଆଇନାରେ

ଏଇ ବର୍ଷା ସେଇ ଚିତ୍ର ଆଙ୍କେ ।।

ଏବେ ଆଉ

ଝିପିଝିପି ବର୍ଷାର ଭିଜିବାକୁ

ମନ କହେନା

ଭାବେ କେମିତି ବଦଳିଯାଏ ଦିନ

ଆଉ ଏ ଅମାନିଆ ମନ

ହେଲେ ଭୂଲିହୁଏନା

ସେ ସୁନାଝରା ଦିନ

ଯାହା ଭରୁଥାଏ ହୃଦୟରେ

ଜୀବନ ସ୍ପନ୍ଦନ ।।

ଓରାଳି, ହାଟଡିହି, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷାର ଆଗମନେ



ରୁଦ୍ର ନାରାୟଣ ଦାଶ

ବର୍ଷା ଆଗମନରେ
ମନେ ପଡ଼ିଯାଏ ସବୁ ସ୍ମୃତି
ଯାହା ଏ ଛାତ ଉପରେ ରହିଯାଇଛନ୍ତି
ଆଉ କିଛି ବସ ଷ୍ଟପେଜରେ ସ୍ଥାଣୁ ପାଲଟି
ପୁଣି ଆଉ କିଛି ବଜାର ଘାଟରେ
କିଛି ସମୟ ବିଚରଣ କରୁଛନ୍ତି ।।

ସତରେ ଏମାନଙ୍କୁ ଧାଡ଼ି ଧାଡ଼ି କରି ଯୋଡ଼ି
ଫର୍ଦ୍ଦ ଫର୍ଦ୍ଦ କରି ଯୋଡ଼ି ରଖିବାକୁ
ଆଉ ମନ ଚ଼ାହୁଁନି
ସତରେ !
ଦୂର ପାହାଡ଼ ସେପାଖେ ସବିତାର
ପଶ୍ଚିମାଗମନରେ ବି କିଛି ସ୍ମୃତି ନିତି
ଚ଼ାଲିଯାଉଛନ୍ତି ଆଉ ଦେଇଛନ୍ତି
ବିରହ ଦୁଃଖ ।

ସ୍ମୃତିକୁ ଚାପି ଧରି ରାତି ସାରା
ତକିଆ ସହ ବୋଧେ ସହଜ
ମାତ୍ର ସେ ଯେ
ନେଇଯାଇ ସ୍ମୃତିପଟଳରୁ ଆମ ସ୍ମୃତିକୁ
କୋଉଠି ରଖିଦେଉଛନ୍ତି କେଜାଣି
ଖୋଜିଖୋଜି ଆଖିରୁ ପାଣି ବହିଆସନ୍ତି
କଣ୍ଠ ମୋ ସେ କୁଁ କୁଁ ସୁଁ ସୁଁ ହେଇଯାନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ସ୍ମୃତିର ଅଳନ୍ଧୁ ମାନେ ଇତସ୍ତତଃ

ହେଇଯା'ନ୍ତି ଯେମିତି

ଏ ପଲଙ୍କ ଭାରି ଅମାନିଆ ସତେ

ସ୍ମୃତି ଭରା ଅଦେଖା ଘା' ରେ ଚୂନ ମାରେ

କେଁ କଟର ଶବ୍ଦ କରନ୍ତି

ଯେବେ ମୁଁ ଏପଟ ସେପଟ ହୁଏ ପଲଙ୍କ

ଉପରେ

ବାହାର ବର୍ଷା ବି ଆହୁରି ବରଷନ୍ତି

କାହିଁ କେଜାଣି ରାତି ତମାମ

ତୁମେ ପଶ୍ଚିମ ଦେଶକୁ ଯିବା ପରେ

ସେ ମର୍ମନ୍ତୁଦ ଦୁର୍ଘଟଣାରେ

ଏକାକିନୀ କରି ଏ କାଳ ବର୍ଷାରାତିରେ.... ।।

ମୋ- ୯୮୬୧୭୦୧୭୧୪

ଠିକଣା- ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୃକ୍ଷ



ଦେବଦତ୍ତ ପଣ୍ଡା

ବୃକ୍ଷର ମହିମା ଅପାର
ବନ୍ଧୁ ମଧ୍ୟରେ ସେ ଯେ ସାର ।
ତା ପାଇଁ ବଂଚିଛି ଜଗତ
ତା ଦାନ ଅଟେ ଯେ ମହତ ।
ଯେତେ ସବୁଜ ହେବ ଧରା
ପ୍ରଚୁର ବୃଷ୍ଟି ହେବ ପରା ।
ପୂରି ରହିବ ଅମ୍ଳଜାନ
ଅଭାବେ ନଯିବ ଯେ ପ୍ରାଣ ।
ଦୂର ହୋଇବ ପ୍ରଦୂଷଣ
ସୁସ୍ଥ ରହିବା ଆମେ ଜାଣ ।
ବୃକ୍ଷର ବିନା ଏ ସଂସାର
ସକଳ ହେବ ନାରଖାର ।
ବୃକ୍ଷ ରୋପଣ ମହାପୂଣ୍ୟ
ଜାଣି ରଖ ହେ ସୁଧୀଗଣ ।
ଆସ ହେ ବନ୍ଧୁ ପରିଜନ
କରିବା ବୃକ୍ଷ ଯେ ରୋପଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଟି ମା



ଯଶୋଦା ମାଝୀ

ଜନମ ହୋଇଲି ଯେବେ ମୁଁ ମା' ଠୁଁ
ଛୁଇଁଲି ତୋହରି କୋଳକୁ
ପ୍ରଥମ ପରଶ ଦେଇ ଦେଲୁ ବୋଲି
ତୋ ସେବାରେ ଦେବି ପ୍ରାଣ ମୁଁ ।
ତୋ କୋଳର ଆମେ ଫଳ ଯେ ଅନେକ,
ତୋହରି ଫୁଲର ମହକ
ତୋହରି ସ୍ନେହର ଭ୍ରମରେ ଦୁନିଆଁ
ହୋଇ ଯାଉ ବୀର ସୈନିକ,
ତୋ ପାଇଁ ଜୀବନ ଦେବା କିଛି ନୁହେଁ
ତୁଇ ତ ସହନଶୀଳତା,
ତୋହରି ଆଶିଷ ରହି ଥାଉ ସଦା
ହୃଦୟେ ରହୁ ତୋ ମମତା ।
ତୋହରି ଦେହରୁ ମାଟିକୁ ତାଡି
ମଣିଷ ଗଢ଼ିଲା ଦୁନିଆଁ,
ତୋର ଦୁଃଖ ଆଉ ଦେଖେନି ମାନବ
କରୁ ଅଛି ଖାଲ ଖଣ୍ଡିଆ ।

ସର୍ବଂସହା ମାଟି ଆଗୋ ମୋର ମା
ସହିବୁ କେତେ ତୁ ଅନ୍ୟାୟ,
କିଛି କିଛି ବୁଦ୍ଧି ଦେଇଦେ ସଭିଙ୍କୁ
ବିଳମ୍ବ ନ ହେଉ ସମୟ ।
ତୋ ଦେହରେ ନାନା କାରଖାନା କଲେ,
କରିଦେଲେ ମାଟି ଦୂଷିତ,
ନାଳ ନର୍ଦ୍ଦମାରୁ ଗନ୍ଧ ପାଣି ମିଶି
ନଷ୍ଟ କଲା ତୋର ମହତ ।
ଜାଣି ଛନ୍ତି ଏହି ମୂଢ଼ ପ୍ରାଣୀ ଜାତି
ତୋ ଦେହରେ ସ୍ୱର୍ଣ୍ଣ ଫସଲ,
ଫଳୁଅଛି ବୋଲି ବଞ୍ଚିଛି ଶରୀର
ଭିଟାମିନ୍‌ଯୁକ୍ତ ଆହାର ।

ନୂଆପଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ ତାଳରେ ଜନଜୀବନ



ସନ୍ତୋଷ
ପଟ୍ଟନାୟକ

ସମୟ ତାଳରେ ଜନ-ଜୀବନ
ପାଶ୍ଚାତ୍ୟ ଶିକ୍ଷାରେ ସଭିଏଁ ମଗ୍ନ
ସ୍ୱର୍ଣ୍ଣିମ ମୁହୂର୍ତ୍ତ ସ୍ମୃତିରେ ଲୀନ
ସହରୀ ମୋହରେ ପଲ୍ଲୀ-ଜୀବନ ॥

ବୟସ ବୀଣାରେ ହଜିଲା ସ୍ମୃତି
ଫଟାକାଚ ସମ ବିବଶ ମତି
ଭାବ ବନ୍ଧନରେ ଖଞ୍ଜଣି ତାଳ
ଲୁକ୍କାୟିତ ଆଜି ଲଣ୍ଠନ ମାଳ ॥

ଜିତିବା ନିଶାରେ ମାନବ ମନ
ଆବଶ୍ୟକତାର ବଳେ ବିଜ୍ଞାନ
ବିଜୁଳି ଶକ୍ତି ଅସୀମ ପ୍ରଭାନ
ଅସ୍ତିତ୍ୱ ହରାଇ ସ୍ଥାଣୁ ଲଣ୍ଠନ ॥

ଭକ୍ତି ରସଠାରୁ ବିରତି ମନ
ଖଞ୍ଜଣିର ତାଳ ସାତ ସପନ
ଫଟାକାଚ ସ୍ୱର୍ଣେ ଯେହ୍ନେ କ୍ଷତଜ
ବିଭୁକୃପା ବିନା ବିଷମ ପ୍ରାଣ ॥

ପ୍ରତି ପ୍ରାଣେ ଭରୁ ନବ-ଜୀବନ
ଅକ୍ଷୟ ରହୁ ସେ' ଶ୍ରଦ୍ଧା ସୁମନ
କୃପାକର ବାରେ ନନ୍ଦନନ୍ଦନ
ଆନନ୍ଦ ଲଭନ୍ତୁ ଜଗତ ଜନ ॥

<u>ଶବ୍ଦାର୍ଥ ;</u>

ପ୍ରଭାନ; ଦୀପ୍ତି, ଜ୍ୟୋତି, ଆଲୋକ ।

କ୍ଷତଜ; ରୁଧିର, ରକ୍ତ ।

(ତିରିଡ଼ା, ଗଞ୍ଜାମ । ୭୯୮୪୨୫୯୦୮୦)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମେ ଅଛ ବୋଲି



ପୁଷ୍ପାଞ୍ଜଳୀ ପଣ୍ଡା

ତମେ ଅଛ ବୋଲି
ମୁଁ, ନିତି ନିତି ସାମ୍ନାକରେ
ମରଣକୁ, ଜୀଇଁରହେ ଖାଲି ।
ତମେ ଦେଇଥିବା
ଜଞ୍ଜାଳ ଯାତନା ଉପହାରକୁ
ବେଡିକରି ପାଉଁଜି ପିନ୍ଧିଛି
ବେଦନାର ପ୍ରତିଧ୍ୱନୀ ଏବେ ବି ଶୁଭୁଛି ।
ତୁମେ ଅଛ ବୋଲି
ସାହସ ଯୁଟାଇ ପାରେ ।
ସାମ୍ନା କରେ, ଅସହଣୀ ଯନ୍ତ୍ରଣାର ଦୁଃଖ
ନୀରବ କୋଳାହଳରେ ।
ଆକ୍ତା ମାକ୍ତା ହେଉଥାଏ କଣ୍ଠରୁଦ୍ଧ ବାଷ୍ପ ।

ତମେ ଥିବାରୁ ତ
ଆଖିପତାରେ ମୋର
ନିଗିଡିବାର ଆନନ୍ଦ ଛଳ ଛଳ
ପାରହୁଏ ତେର ନଈ ସାତ ସମୁଦ୍ର
ଦେଖେନା ବେଳ ଅବେଳ,
ହୁଏ ପଛେ ପୁର୍ଣ ଅସଫଳ ।
ତମେ ଅଛ ବୋଲି
ସବୁ ଆଶା ସମ୍ଭାବନାରେ
ତଥାସ୍ତୁ ଭର୍ତ୍ତି ପାପୁଲି ।
ଧିରେ ଧିରେ ଫୁଟି ଆସୁଛି
ଲାଲ୍ ଗୋଲାପ କଳି
ତମେ ଅଛ ବୋଲି ।।

ଷ୍ଟାଟିଷ୍ଟିକାଲ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷବେଳେ ତୁମେ ବଡ଼ଠାକୁରେ



ରାମ ପ୍ରସାଦ ସିଂହ

ଜୀବନ ପ୍ରାଣ ଶେଷ ନିଶ୍ୱାସ ଅନ୍ତେ
ତୁମେ ହିଁ ଆଶାମୟ,
ତୁମରି ଦର୍ଶନେ ମିଳଇ ଆନନ୍ଦ
ତୁମ ଭାବ ହିଁ ସହାୟ ।।

ତୁଳସୀ ଜଳ ଆଦରି ସ୍ୱୟଂ ତୁଣ୍ଡେ
ଭରିବି ଜୀବନ ଶୋଷ,
ନିର୍ମାଲ୍ୟ ମୁଠାକ ଭରି ସ୍ୱୟଂ ପେଟେ
ପାଇବି ଜୀବନ ରସ ।।

କେତେ ପାପ ଅର୍ଜିଛି ଜୀବନ ଭରା
ନାହିଁତ ହିସାବ ରେଖା,
ଜପୁଛି ତୁମରି ନାମ ନିତି ମନେ
ପ୍ରାୟଶ୍ଚିତ ପାଇଁ ସଖା ।।

ଶେଷ ନିଦ୍ରା ତୁମ ପୁରୀ ସ୍ୱର୍ଗଦ୍ୱାରେ
ଏତିକି ଟିକିଏ କାମନା,
ଶେଷ ସ୍ୱପ୍ନ ନୀଳଚକ୍ର ପୁଣ୍ୟ ନେତ
ନ କରିବ ଆହେ ମନା ।।

ସୁକରପଡା, କଟକ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରୀତି



ରାଜଗୁରୁ ସିଅ

ପ୍ରୀତିର ପହିଲି କିରଣେ ତୁମେ ଯେବେ ଆସିଥିଲ ;
ମନରେ ମୋର କେତେ ଅସୁମାରୀ ଆଶାର ବସା ବାନ୍ଧିଥିଲ ||
ସପନରେ ମୋର ପ୍ରୀତିର ପରସ ଭରି ;
ହାତଛାଡ଼ି ଅଧାବାଟେ ଚାଲିଗଲ ଏକା କରି ||
ଛଳନାର ବାଲିଘର କେତେ ଯେ ମୋ ସହ ଗଢ଼ିଲ ;
ରହିବା ଆଗରୁ ଆଉ କାହା ହାତ ଧରିଲ ||
ଭଲପାଇବାରେ ମୋର କିଛି ସ୍ୱାର୍ଥ  ନଥିଲା ;
ବୋଧହୁଏ ଏହା ମୋର ଭୁଲ ରହିଯାଇଥିଲା ||
ଆଜି ବି ଏ ମନେ ତୁମ ପାଇଁ ରହିଛି ସେହି ପ୍ରୀତିର ପରସ ;
ସନ୍ଦେହୀ ମନେ ତୁମ  ହୋଇ ନପାରେ ବିଶ୍ୱାସ ||
ତୁମେ ହିଁ ଥିଲ ମୋର ମୋର ପ୍ରଥମ ପ୍ରିତିର ପ୍ରୀତି ;
ଜୀବନ ଥିବା ଯାଏଁ କେବେ ନ ପଡ଼ିବ ଇତି ||

ଫତେପୁର, ଖଇରା, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ କାଳିଆ ସୁନା



ଜନ୍ମଜୟ ନାୟକ

ତୁ କଳାକାହ୍ନୁ ବୋଲି ଜାଣେ ଜଗତ,
ତୋ ଅପାର ମହିମା ବିଶ୍ୱ ବିଖ୍ୟାତ ।
କାହା ପାଇଁ ମିଛ କାହାପାଇଁ ସତ,
ଭାବରେ ବନ୍ଧା ତୁ ଭକତର ମିତ ।
ତୋରି ପାଇଁ ମୁଁ ଆଜି ଜୀଇଛି ସିନା,
ମୋ କାଳିଆ ସୁନା, ମୋ କାଳିଆ ସୁନା ।

ଶ୍ରୀକ୍ଷେତ୍ରରେ ବସି ହସୁଛୁ ମୁରୁକି ,
ଦୁଃଖୀର ଦୁଃଖକୁ କି ପାରୁନୁ ଦେଖି ?
ଭୋକ ବିକଳେ ଗରିବ ଆଖି ବୁଜେ,
ତୋ କରୁଣା ବାରିଧାରା କିଆଁ ହଜେ ?
ଚଳିବନି ରେ ତୋର କିଛି ବାହାନା,
ମୋ କାଳିଆ ସୁନା,ମୋ କାଳିଆ ସୁନା ।

ମାଆ କୋଳୁ ପୁଅ ତ ଯାଏ ଦୂରେଇ,
ସଧବା ସିନ୍ଦୂର ଅବେଳେ ହଜଇ ।
ବୋଝ ପରେ ନଳିତାବିଡା କାହିଁକି ?
ସତେ କି ତୁହି ପାଷାଣ ସାଜିଲୁ କି ?
ଦୁଃଖ ଲଫାପାରେ ତୁ ସୁଖ ଠିକଣା,
ମୋ କାଳିଆ ସୁନା, ମୋ କାଳିଆ ସୁନା ।

ଜଗତେ ପଡିଛି ଆଜି ହାହାକାର,
ଶୁଭୁନି କି ତୁହି ହେଲୁ କି ବଧିର ।
ରୋଗଶୋକେ ସଭିଏଁ ପରା ଅଥୟ,
କୃପା କରଟିକେ ଦୂରେଇ ଦେ ଭୟ ।
ସବୁ ଜାଣି କାହିଁ ହେଉରେ ଅଜଣା,
ମୋ କାଳିଆ ସୁନା,ମୋ କାଳିଆ ସୁନା ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କଳହ ସବୁଠି ତ ହିଂସା ଭାବନା,

ଧରଣୀ ବି ଅତିଷ୍ଠ ସହି ପାରେନା ।

ଅଚିନ୍ତା ନିଦରେ ତୁ ବଡଦେଉଳେ ,

ନିଦ ଭାଙ୍ଗୁନାହିଁ କି କ୍ରନ୍ଦନରୋଳେ ।

ଶାନ୍ତି ଫେରେଇଦେ ତୁ କରନି ମନା,

ମୋ କାଳିଆ ସୁନା,ମୋ କାଳିଆ ସୁନା ।

ଗଣିତ ଶିକ୍ଷକ

ଚିଲିକା ନୋଡାଲ ହାଇସ୍କୁଲ

ସାତପଡା, ପୁରୀ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପାଣି ପଶିଲାଣି ନାକରେ



ଶିଶିର କୁମାର ପଣ୍ଡା

ବରଷା କରିଲା ମାଟିକୁ ସରସା
ଫାଟିଥିଲା ଯାହା ଖରାରେ
ପୁରିଗଲା କୂଅ, ପୋଖରୀ, ଗାଡ଼ିଆ
ସବୁଠାରେ ପାଣି ଭରାରେ ।
ଶାଗୁଆ ଦିଶିଲା ବିଲବନ ଲତା
ଗଛ ବି ହୋଇଲା ଗହଳ
ଚଷାଭାଇ କୋଡ଼ି କୋଦାଳ ସଜାଡ଼େ
ହିଡ଼ବାଡ଼ ଦେବ ସଅଳ ।
ଏଥର ଗରମ ପଡ଼ିଥିଲା ଯାହା
କେମିତି ଏ ଦେହ ସହିବ
ଜଙ୍ଗଲ କାଟୁଛୁ ପାହାଡ଼ ତାଡୁଛୁ
କିଏବା କାହାକୁ କହିବ ?
କରୋନା ଆସିକି ଯାହାତ ଘାଣ୍ଟୁଛି
ପଇସାଟେ ନାହିଁ ପାଖରେ
ତଥାପି ମଣିଷ ଛାଡୁନି ଗରବ
ପାଣି ପଶିଲାଣି ନାକରେ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୧୩୭୨୨୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରଜାଘର ପୁଅ ଗାଥା



ରଶ୍ମିତା ସାହୁ

ରଥାରୂଢ଼ ପ୍ରଭୁ ତୁମେ କାଳିଆ ଠାକୁର,

ତୁମ ନାମ ସ୍ମରି ପ୍ରାଣ ଯାଉ ମୋର...

ଅନାଥର ନାଥ ବୋଲି ବୋଲାଉଛ ଜଗନ୍ନାଥ,

ସେଥିପାଇଁ ତୁମେ ଭକ୍ତର ପ୍ରାଣନାଥ । ।

ଜଗତର ଜଞ୍ଜାଳ ଧରିଛ ବୋଲି,

ତୁମେ ପରା ମହାବାହୁ ...

କେହିନାହିଁ ଏ ତ୍ରିଭୁବନେ,

ତୁମ ସମକ୍ଷମ ଆଉ । ।

ଅନ୍ଧପାଇଁ ଅନ୍ଧ ଲଉଡ଼ି - ଦୁଃଖୀ ପାଇଁ ଦୁଃଖିଧନ,

ଯଶୋଦାର କଳା କାଞ୍ଚନ ତୁମେ - ତୁମକୁ ଦେଖିବାକୁ ମୋର ମନ । ।

ବର୍ଷକରେ ଥରେ ତୋ ବଡ଼ଦାଣ୍ଡରେ କରୁ ଯାତ,

ସେ ଯାତ ଘୋଷଯାତ୍ରା ନାମରେ ନାମିତ । ।

ସହସ୍ର ଆଖି ଧାଇଁ ଆସନ୍ତି,

ତୋ ଦୁଇ ଆଖି କୁ ଦେଖିବା ପାଇଁ...

ସହସ୍ର ଆତ୍ମା ବ୍ୟାକୁଳ ହୁଅନ୍ତି,

ତୋ ଚରଣାମୃତ ପାଇବା ପାଇଁ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଳା ବଦନ ତୋର କି ଗୁଣି କରିଛି - ବିଶ୍ୱ ଜନ ସମାଜକୁ,

ତୋ ଶ୍ରୀ ମୁଖର ଦର୍ଶନ ନିମନ୍ତେ - ଧାଆନ୍ତି ତୋ ଶ୍ରୀକ୍ଷେତ୍ରକୁ । ।

ବଡଖିଆ ଠାକୁର ବୋଲି ତୁ ସର୍ବ ତୁଣ୍ଡେ ବିଦିତ,

ଷାଠିଏ ପଉଟି ଭୋଗ ଭକ୍ତଙ୍କ ପାଇଁ କଲୁ ସମର୍ପିତ । ।

ତୋ ବଡ଼ଦାଣ୍ଡରେ ନିତି ଠେଲାପେଲା - ଅବଢ଼ା ତୋରାଣି ପାଇଁ,

ଆନନ୍ଦ ବଜାରରେ ଲୋକେ ଉଠାପଡା - ତୋ ଖିରସର ମାଲପୁଆ ପାଇଁ । ।

ରଜାଘର ପୁଅ କରୁଛୁ ମଜା - ମିଠା ପାନ ଖିଲ ଖାଇ,

କାଳିଆ ସାଆନ୍ତ କରୁଛୁ ଲୀଳା - ରଥ ଉପରେ ରହି । । ।

ଛତ୍ରପୁର (ଗଞ୍ଜାମ)

rasmi.k.sahu777@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କର୍ମ



ଭାଗିରଥୀ ଯାନୀ

କର୍ମ ସିନା ଏଠି ମହତ ପଣିଆ
ମନେ ଦେଇଥାଏ ଶାନ୍ତି,
ସୁଖ ଆଦରିଣ କଲେ ନିଜ କର୍ମ
ଜୀବନେ ଆସେ ପ୍ରଗତି ।

କର୍ମ ଏକା ସାର ଅଟେ ଜୀବନର
ତେଣୁ କର୍ମ ଛାଡ ନାହିଁ,
କର୍ମ ନ କରିଣ ଅଳସୁଆ ହେଲେ
ଜୀବନର ମୁକ୍ତି କାହିଁ ।

ନୈତିକ କର୍ତ୍ତବ୍ୟ କରୁଥିଲ ସଦା
ହୃଦେ ଜାଗେ ନୂଆ ଶକ୍ତି,
କର୍ମ ସିନା ଏଠି ମହତ ପଣିଆ
ଦେଇଥାଏ ମନେ ଶାନ୍ତି ।

କରିବାର ଅଛି ଯାହା ଏ ଜୀବନେ
ତାହା ଏବେ କରିଦିଅ,
କର୍ମ ହିଁ ଜୀବନ କର୍ମମୟ ପ୍ରାଣ
ନିଜେ ସଦା ଭଲ ପାଅ ।

ପରମାତ୍ମାଙ୍କର ନିର୍ଦ୍ଦେଶ କ୍ରମରେ
କରୁଥିବ ଯିଏ କର୍ମ,
କର୍ମଫଳ ତାଙ୍କୁ ସମର୍ପଣ କଲେ
ନ ଆସଇ ମନେ ଭ୍ରମ ।

ଅନାସକ୍ତ ଭାବେ କଲେ ସର୍ବ କର୍ମ
ପ୍ରାଣ ଲଭେ ମୋକ୍ଷ୍ୟପ୍ରାପ୍ତି,
ସୁଖ ଆଦରିଣ କଲେ ସର୍ବ କର୍ମ ଜ
ଜୀବନେ ଆସେ ପ୍ରଗତି ।

ସତ୍ କର୍ମ ପଥେ ସର୍ବେ ଚାଲୁଥିଲେ
ଥିବ ସମାଜର ସ୍ଥିତି,
ମଙ୍ଗଳ ଭାବନା ହୃଦେ ଭରି ଥିଲେ
ଦିନ ଯିବ ସୁଖେ ବିତି ।

ଦଳପଡା,ଖଜୁରୀପଡା,ଫୁଲବାଣୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକବିଂଶ ଶତାବ୍ଦୀ ଓ ପ୍ରେମ



ଉମେଶ କୁମାର
ବିଶ୍ୱାଳ

ଏକବିଂଶ ଶତାବ୍ଦୀର
ପ୍ରେମଲହରୀ...
ଖେଳିଯାଏ ସାରା ପୃଥିବୀରେ
କୋଣ-ଅନୁକୋଣରେ
ଜୀବନରେ ମୃତ୍ୟୁର ଖେଳାଳି
ଦୋହଲାଇ ଦିଏ
ତନୁର ପ୍ରତିଟି ରକ୍ତବିନ୍ଦୁରେ ।

ଅଭିସାର ଲୋଡା ନାହିଁ
ହୃଦୟର ସୂକ୍ଷ୍ମଭାବ ମିଶିବାକୁ
ଆଉ ମିଶେଇବାକୁ
ଲୋଡା ଅଛି ତ କେବଳ
ସ୍ପର୍ଶନୀୟ ଅଙ୍ଗୁଳି ଯନ୍ତ୍ର
ହୃଦୟ ପଠେଇବାକୁ ।

ଅଚିର ସେ ସଂପର୍କ ସେତୁ
ବନ୍ଧା ଜୀବନରେ
ପରାଧୀନତାର ସ୍ୱର ଆଣି
ଗୀତଗାଏ
ସ୍ୱାଧୀନ ଚିତ୍ତରେ ।

ପ୍ରତାରଣାର ପ୍ରତିଛବି
ଏ ଅସୀମ ଆକାଶେ
ସୂକ୍ଷ୍ମଦୃଷ୍ଟି ପ୍ରେମ ନେଇ
ଛଳନା ପରଶେ
ମିଠା-ବଚନ ବୋଲଇ
ପ୍ରେମେ ଛଦ୍ମବେଶେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ପ୍ରେମଲହରୀ ପୁଣି
ବନ୍ଧୁକ ମୁନରେ
ଢୋ ଢା ଶବ୍ଦ ହୁଏ
ଅଭିସାରିକାର ଘରେ
ଖୋଜିବାକୁ ପ୍ରେମର ଅସ୍ତିତ୍ୱ
ଭୁଲିଯାଏ ଜୀବନ ମହତ୍ତ୍ୱ ।

କାଳର କରାଳ ଗତି
ଟାଣୁଥାଏ ନିତି
ଜୀବନ ଯାଉ ପଛକେ
କରେନାହିଁ ଭୀତି
ସ୍ୱାର୍ଥର ଏ ପ୍ରେମ ଆଜି
ସ୍ୱାର୍ଥୀ ପାଖେ ଇତି
ନିଜସ୍ୱାର୍ଥ ପାଇଁ ଜାଳେ
ସଂପର୍କର ବତି ।

ମୋହ ଛାୟାଙ୍କିତ ପ୍ରେମ
ହୃଦୟ-ଗ୍ରାସିଛି
ପାଇଛି କେବଳ ଆଶା
ପ୍ରେମ ନୁହେଁ ମୋହ ସେ ତ
ପାରେନାହିଁ ଜାଣି
ଆଡମ୍ବର ଜୀବନେ ଭରସା ।

ପ୍ରେମର ମହକ ପୁଣି
ରତ୍ନସଜ୍ଜା ବିଶ୍ୱାସର ଶେଯେ
ମାଣିକ୍ୟଖଚିତ ସେଇ
ଫୁଲଫୁଟା ଭାବନା ରାଇଜେ
ଭଙ୍ଗାରୁଜା ସପନ ସଦନେ
କରିଛି ସଂପଦ ଦାନ
ସେ ହସ ବଦନେ ।

ମୋହରୂପୀ କୁହୁଡି ଚତୁଃପାର୍ଶ୍ୱରେ
ଅସ୍ପଷ୍ଟରୁ ଅଦୃଶ୍ୟ ହୁଏ
ଅପନ୍ତରା ପଥେ
ଧାନକ୍ଷେତେ ଯାଇ କା'ର
କରେ ଲୀଳାଖେଳା
ଏକବିଂଶ ଶତାବ୍ଦୀର
ବଗ ଓ ବଗୁଲା ।

ଗ୍ରା- ସାନଟୀକା
ଥାନା- ଲୋଇସିଂହା
ଜିଲ୍ଲା-ବଲାଙ୍ଗୀର
ମୋ : ୮୦୧୮୫୧୧୯୦୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କେତେ ଆଉ ଦୁଃଖ ଦେବ



ବିଶ୍ୱନାଥ ସେଠୀ

ଆହେ ଦୀନବନ୍ଧୁ ଭାବର ଠାକୁର
ଶୁଣ ଗୁହାରି ବାରେ,
ବନ୍ଧୁ ଭାବି ପ୍ରଭୁ ଅନ୍ତର ବେଦନା
ଜଣାଉଛି ତୁମଠାରେ ।
କେଉଁ ପାପ ସତେ କରିଥିଲି ମୁହିଁ
ଜନ୍ମରୁ ହୋଇଲି ଅନ୍ଧ,
କହିଲା ବେଳକୁ ହୃଦୟର ବ୍ୟଥା
କଣ୍ଠ ମୋ ହେଉଛି ରୁଦ୍ଧ ।
ଇଚ୍ଛା ଥିଲେ ମଧ୍ୟ କରିପାରୁ ନାହିଁ
ପ୍ରଭୁ ତୁମ ଦରଶନ,
କେତେ ହତଭାଗା ହୋଇ ଜନ୍ମିଛି ମୁଁ
କୁହ ହେ ଚକାନୟନ ।
ତୁମ ହାତ ଗଢା ବିଚିତ୍ର ବ୍ରହ୍ମାଣ୍ଡ
ପାରୁ ନାହିଁ ପ୍ରଭୁ ଦେଖି,
ଦେଖିବାକୁ ତୁମ କଲା ଶ୍ରୀ ମୁଖକୁ
ଅଥୟ ହୁଏ ମୋ ମନ ।

ଚାହିଁ ଦେଲେ ତୁମ କଲା ବଦନକୁ
ଦୁଃଖ ମୋର ଯାନ୍ତା ଚାଲି,
ଦୁଃଖହାରୀ ବୋଲି ହେ ଦୀନବାନ୍ଧବ
କରୁଛି ତୁମଠି ଅଳି ।
ମୋତେ ଦୁଃଖୀ କରି କି ସୁଖ ପାଉଛ
ଆହେ ପ୍ରଭୁ ଦୀନବନ୍ଧୁ,
ମୋ ଉପରେ କିଆଁ କରୁନାହିଁ କୃପା
ନାମ ବୋହି କୃପାସିନ୍ଧୁ ।
ଏହା ପ୍ରଭୁ ଯଦି ତୁମ ଇଚ୍ଛା ହୁଏ
ନିର୍ବିକାରେ ସହି ଯିବି,
ସଳିତା ପରାଏ କଷଣକୁ ବୋହି
ନିଜକୁ ଜଳାଇ ଦେବି ।

ଶଙ୍କରା, ବିନିକା, ସୁବର୍ଣ୍ଣପୁର,
ହ୍ୱାଟ୍ସଆପ-୯୫୫୬୯୩୮୭୯୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କୃପଣ କାଳିଆ(ଦରଦୀ ବନ୍ଧୁ)



ଦିନେଶ୍ ମେହେର

କେଡ଼େ ମନଲୋଭା ଆହା
କାଳିଆର ନାଲି ଛିଟା ଅଧର
ରତ୍ନ ସିଂହାସନେ ବସି ଜିଣୁଛି
କୋଟି ଭକତ ନଜର ।

ସେଇ ମୋର କାଳିଆ
କୋଟି ଅନାଥ ର ନାଥ
ଦରଶନ କଲେ ତାହାରି କୁଆଡେ !
ଉଭେଇ ଯାଏ ମନ ର ସବୁ ଭୀତ ।

କାଳିଆ ଦରଶନ ଲଭିବା
ନିୟତି ଆଧାର ଖେଳ
ଅଭାଗିଆ ଭକତ ନିୟତେ
ନଥାଏ ତାହାରି ମେଳ ।

ମୁଁ ସେଇ ଅଭାଗିଆ ଭକତ
କାଳିଆ ର ଅତି ନିଜର
ମାତ୍ର ସେଇ କାଳିଆ ସାଆନ୍ତେ
ଆଡୁଆଳେ ରଖି କରୁଛି ସାତ ପର ।

କେଜାଣି କେଉଁ ଜନମେ
କରିଥିଲି କି ଦୋଷ ତାହାରି ମୁହିଁ
ଏହି ଜନମେ ନାମ ତାହାର ଗାଏ ବୋଲି
କାରୁଣ୍ୟ ର ସାଗର ଝରାଏ ନାହିଁ ।

ନନ୍ଦିଘୋଷେ ଆନନ୍ଦେ ବସି
ଦେଖୁଛି ସାରା ଜଗତ
ତାକୁ ନନ୍ଦିଘୋଷେ ଦେଖିବି ବୋଲି
ଜଳି ଜଳି ମରୁଛି ମୁଁ ଆଭାଗା ଭକତ ।

ଦୟାବନ୍ତ କାଳିଆ ବୋଲି ଶୁଣିଛି
ପୁରାଣ ଶାହାସ୍ତ୍ର ଭାଗବତେ
ହେଲେ ତା ଠୁଁ ବେଶୀ କୃପଣ
ନାହିଁ ଏଇ ଜଗତେ ।

ପଳାସ, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ପାଇଁ 'ଅ'



ଶୈଳବାଳା ସିଂହ

ଦ୍ୱିତୀୟ ଭାଗ

ଅଯଥା କଥାରେ ନ ଦେଇ ମନ
ଅଶୁଭ କଥା କରିବାନି ଚିନ୍ତନ

ଅନାଥ ହେଲେଣି ବହୁତ ପିଲା
ଅସଜଡ଼ା ସବୁ କରୋନା କଲା

ଅଶାନ୍ତି ନ କରି ଘରେ ରହିବା
ଅରାଜି ନ ହୋଇ ସବୁ ସହିବା

ଅନ୍ଧବିଶ୍ୱାସକୁ ଦୂରେଇ ଦେବା
ଅଳପରେ ଆମେ ସନ୍ତୁଷ୍ଟ ହେବା

ଅଳସୁଆ ହେଲେ ଜୀବନ ମାଟି
ଅକାମୀ ହୋଇଲେ ପୃଥିବୀ ବାସୀ

ଅଇଲା କେଉଁଠୁ ଏଇ କରୋନା
ଅନାୟସରେ ସବୁ କଲା ଚୂନା

ଅସହିଷ୍ଣୁ ହେଲା କରୋନା ଜ୍ୱାଳା
ଅପାଠୁଆ ହୋଇ ରହିଲେ ପିଲା

ଅତି ଆପଣାର ମଣିଷ ମୋର
ଅଜଣା ରୋଗ ନେଲା ବହୁ ଦୂର

ଅଚଳାବସ୍ଥା ଆଜି ଶିକ୍ଷା ବ୍ୟବସ୍ଥା
ଅଭିଭାବକ ହେଉଛନ୍ତି ହୀନସ୍ଥା

ଅମାର୍ଜନୀୟ ଟିକିଏ ଭୁଲ ପାଇଁ
ଅସୁର କରୋନା ମାଡ଼ି ବସଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅକ୍ଷମତା ଆଜି ସଭିଏଙ୍କର
ଅବସାଦେ ଲୋକେ ରହିଲେ ଘର

ଅଭିଯାନ ଆମ ନୀତି ମାନିବା
ଅଥଳ ଗର୍ଭରେ ତାକୁ ଫିଙ୍ଗିବା

ଅନେକ ଲୋକ ଏକାଠି ନ ହୁଅ
ଅଯଥା ମାଡ଼ିବ କରୋନା ସୁଅ

ଅତ୍ୟାବ୍ୟକ ଦ୍ରବ୍ୟ କିଣିବା ପାଇଁ
ଅକାରଣେ  ଭିଡ଼ କରିବା ନାହିଁ

ଅଭିନବ ଭାବେ ପ୍ୟାକେଟ୍ ଦେଇ
ଅତିଥି ସତ୍କାର କରିବା ତହିଁ

ଅଭ୍ୟାସ କରି ହାତ ଧୋଇବା
ଅଳପ ଅଳପ ଦୂରେ ରହିବା

ଅଭୟ ବର କି ପାଇଛି ସେହି
ଅନ୍ୟାୟ କରୁଛି ମଣିଷ ପାଇଁ

ଅଇଲାଣି ଟିକା ଯିବ କରୋନା
ଅସ୍ତବ୍ୟସ୍ତ ଆଉ ମନ କରନା

ଅଭିଯାନ ଆମ ଶେଷ ନ ହେଉ
ଅକ୍ଳେଶରେ ଆମ ଜୀବନ ରହୁ

ଅନେକ କଷ୍ଟ ଦେଲ ମହାବାହୁ
ଅଖଣ୍ଡ ଦୀପ ତବ ଲିଭି ନ ଯାଉ

ଶିକ୍ଷୟିତ୍ରୀ
କୁସୁପୁର, ମାହାଙ୍ଗା, କଟକ,
ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦାମ୍ପତ୍ୟ



ଅଜୟ କୁମାର ସାହୁ

ମୁଁ ଯେତେବେଳେ ଶୋଇବାକୁ ଯାଏ
ଶୟନ କକ୍ଷର ପରିଧି ଭିତରକୁ
ବାର୍ତ୍ତାଳାପ କରି
ଫୁସଫାସ୍ ଅସ୍ପଷ୍ଟ ଇଙ୍ଗିତ ଟାଣିଦେଇ
ତମର ତପ୍ତ ନିଶ୍ୱାସ ପ୍ରଶ୍ୱାସ
ଯେତେବେଳେ ପ୍ରକମ୍ପିତ କରି
ପ୍ରବାହିତ ହୁଏ
ସେତେବେଳେ ଅନ୍ଧକାରର ଭିତରକୁ
ଭେଦ କରିଯାଏ
ଶରିର କ୍ଷୁଧିତ ଆତ୍ମାର ସ୍ୱିତ ଅନୁଭୂତି
ତା'ପରେ ପାଏ ସାର୍ଥକତାକୁ, ତୃପ୍ତିକୁ
ତା ଭିତରେ ସ୍ୱପ୍ନ ଦେଖେ
ପୁଣି ଦେଖେ ନାହିଁ
ନିଦଭାଗେଂ ସକାଳର ମନ୍ଦମଳୟରେ
ମୋ ଶରୀର ସ୍ପର୍ଶାୟିତ ହୁଏ
ହଇଗୋ ଓ ହଇହୋର ଶବ୍ଦରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା' ପରେ ଝୁକିଂପଡେ ଦୁଇବାହା ପ୍ରସାରିତ କରି

କାରଣ

ମୋ ଭିତରେ ରୋମାଣ୍ଟିକ୍ ଚିନ୍ତାଧାରା ବହୁଥାଏ

ବାରମ୍ବାର ମୋ ପ୍ରିୟାକୁ ଦେଖି

ତା'ପରେ ପୁଣି ନିତ୍ୟକର୍ମ କରେ

ଅଫିସ୍ ଯାଏ

ଟି.ଭି ଦେଖେ,ବହି ପଢେ, ଚା ପିଏ

ସବୁ କିଛିର ହିସାବ କିତାବ ଭିତରେ

ତୁମର ଉପସ୍ଥିତ ଖୋଜେ

ସତେ ଅବା ମୋର ମନେ ହୁଏ

ତୁମ ନାଲି କାଚ ଚୁଡି ପୁଣି ରୁଣୁଝୁଣୁ ଶବ୍ଦ

ଆଉ ପାଦର ଘୁଗୁଂର

ଦେଉଥାଏ ଡାକି ଡାକି ସମ୍ଭାବନା

ଆଉ ଆଶାର ସମ୍ଭାର ।

ବିଭାଗୀୟ ମୁଖ୍ୟ (ଓଡିଆ ବିଭାଗ),

ଝାଡେଶ୍ୱର ଡିଗ୍ରୀ କଲେଜ,

ଟୋଲକାନୀ, ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉଜ୍ଜ୍ୱଳ ନକ୍ଷତ୍ର



ଅର୍ପିତା ଦାସ

ମୁଁ ତ ହଜେଇ ଚାଲିଥିଲି ନିଜକୁ ନୀଳସମୁଦ୍ରର ଢେଉଭିତରେ
ଭିଜେଇ ଥିଲି ଶୀତୁଆ କାକର ଟୋପାରେ
ବୁଲୋଉଥିଲି ଭସାଭସା ବାଦଲ ଖଣ୍ଡରେ
ଚେତନାକୁ ଫେରୁଥିଲି ଜହ୍ନର ଛାଇଛାଇକା ଆଲୋକରେ
ଉଡିବୁଲୁଥିଲି କଙ୍କିପାରା ପରି ପର ଛାଟିପିଟି
ମନେମନେ ଗୁଣୁଗୁଣ ହୋଉଥିଲି ମହୁମାଛି ପରି
ଅଭିମାନ କରୁଥିଲି ଖଦ୍ୟତଟି ପରି
ଆତ୍ମିୟତାରେ କୋଳେଇ ନେବାକୁ ଚାହୁଁଥିଲି କାଳବୈଶାଖୀର ଉଷ୍ମ ସ୍ୱର୍ଶପରି
ସବୁକିଛି ସଜାଡୁସଜାଡୁ ଭାଙ୍ଗିଗଲା ସଂସାରଟା
ତାସପଟିର ଘରପରି
ନିଜକୁ ସଂଜତ କରୁକରୁ ଅନୁଭବ କରେତ
କବାଟ ସେପଟୁ
ମୃତ୍ୟୁ ଡାକିଲାଣି ଠକ୍ ଠକ କରି
ମୁଁ କଣ ଭାବିଥିଲି ଅନ୍ଧାର ରାଜ୍ୟଟା ମୋ ଏତେ ନିକଟତର ବୋଲି
ମୁଁ ଜାଣିନଥିଲି ମୁଁ ବି ଦିନେ ହଜିଯିବି ଶୁନ୍ୟ ମହାଆକାଶରେ ଅନ୍ତରିକ୍ଷ ଯନ୍ତ୍ରପରି
ମୁଁ ବି ହସିବି ଆକାଶରୁ ଥାଇ
ଯେବେ କହୁଥିବେ ସିଏ ମନକୁ ବୁଝେଇ
ସେଇଠି ମୋ ପ୍ରିୟା ପଶ୍ଚିମ ଆକାଶେ ମୁରୁକି ହସୁଛି ଉଜ୍ଜ୍ୱଳ ତାରାଟି ହୋଇ ..........

ଅଧ୍ୟାପିକା, ଓଡିଆ ବିଭାଗ,
ଝାଡେଶ୍ୱର ଡିଗ୍ରୀ କଲେଜ, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନାମିକା



ରଶ୍ମୀବାଳା
ଶତପଥୀ

ଅନାମିକା ନାୟିକା ସେ
ହେଲା ମୋର ପ୍ରେମିକା,
ମନଲୋଭା ରୂପ ତା'ର
ସେ ମୋ ସପନର ନାୟିକା ।

କଳାମେଘୀ ତା'ର ସେଇ କେଶରେ
ବାନ୍ଧି ଦିଏ ମୋତେ କରି ବେହୋସରେ,
ତା'ର ସେଇ ଅଳସୀ ସ୍ପର୍ଶରେ
କିଣିନିଏ ମନକୁ ମୋ ତା ବାହୁ ବନ୍ଧନରେ ।

ମଧୁ ଭରା ତାର ସେଇ ଓଠରେ
ହୋଇଯାଏ ପାଗଳ ମୁଁ ପ୍ରତି ମୁହୂର୍ତ୍ତରେ,
ଇନ୍ଦ୍ରଧନୁ ପରି ତାର ଚେହେରା
ରଙ୍ଗେଇ ଦିଏ ସେ ମୋ ଜୀବନରେ ।

ପ୍ରେମିକା ମୋ ଅନାମିକା
ପ୍ରେମ ତାର ନିଆରା,
ହୃଦୟର ସ୍ପନ୍ଦନ ସେ ମୋ
ତା' ବିନା ଜୀବନ ଲାଗେ ଅଧୁରା ।

ଯାଜପୁର ଟାଉନ, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧନ୍ୟ ମା ଧନ୍ୟ ତୁମେ



ବୈଷ୍ଣବ ନାୟକ

ଦୁନିଆରେ ତ ସବୁ ତ ଅସାର
ମା ନାହିଁ ଯାହା ପାଖେ
ମାଆର ମମତା ସବୁଠୁ ନିଆରା
ଭରିଦିଏ ସୁଖ ଯେତେ
ମାଆର ମମତା ମାଆର ସେନେହ
ଭୁଲି ହେବନାହିଁ କେବେ
ସେଥିପାଇଁ ବୋଧେ ମାଆକୁ ଦୁନିଆରେ
ଶ୍ରେଷ୍ଠ ବୋଲି ଗଣାଯାଏ
ନିଜେ କଷ୍ଟ ପାଇ ଆମକୁ ସୁଖରେ
ରଖିଥାଏ ଜତନରେ
ମମତାରେ କେବେ ଉଣା କରେନାହିଁ
ଧନ୍ୟ ମା ଧନ୍ୟ ତୁମେ
ନିଜେ ନ ଖାଇଣ ଆମକୁ ଖୁଆଏ
ପାଳିଥାଏ ସେନେହରେ
ଆମେ ଯଦି କେବେ ଦୁଃଖରେ ପଡ଼ିଲେ
ଯତ୍ନ ନିଏ ପ୍ରତି ମୁହୂର୍ତ୍ତରେ
ଧନ୍ୟ ମା ଧନ୍ୟ ତୁମେ

ହାତିପଖାନ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତୀତ ଓ ତୁମେ



ପ୍ରମିଉମିତା ଜାନା

ମୁଁ ଜାଣିଛି ତୁମ ବିନା ନାହିଁ ମୋର
କେଉଁ କାଳେ ମୁକ୍ତି,
କେମିତି ଅବା ମୋ ସତ୍ତାରୁ ତୁମକୁ
କରିବି ଅଲଗା ଆଜି ।
ତୁମ ସଂଗେ ଶତାବ୍ଦୀର ଅଙ୍କ କଷି
ହିସାବ ହରେଇ ଦେଉଛି,
ରାତ୍ରିର ଶୂନ୍ୟତାରେ ଅନ୍ଧପ୍ରାୟ ମଣି
ପଛକୁ ଫେରି ଚାଲୁଛି ।
ଘୁଞ୍ଚି ଘୁଞ୍ଚି ଯାଏ ପଛକୁ ଯେତେ ମୁଁ
ତୁମ ସାଥେ ହୁଏ ଧକ୍କା,
ଭୁଲିବି ! ଭୁଲିବି ତୁମକୁ ଗୋ ସାଥୀ
ବିକ୍ଷିପ୍ତ ଅନ୍ଧକାରରେ ଏକା ।
ଅଦୃଶ୍ୟ ଜଗତରେ ତୁମେ ଦୃଶ୍ୟମାନ
ଅଗ୍ନିର ଲେଲୀହାନ ପରି,
ବାସ୍ତବ କି ତୁମେ ଅବାସ୍ତବର ଶିଖା
କେଉଁଟି ତୁମ ପ୍ରତିଛବି ।

ମୋ ଅନ୍ତରକୁ କରି ଆଚ୍ଛାଦିତ ! ତଥାପି
ଖୋଜୁଛି ତୁମ ଇତିହାସ,
ଜିଜ୍ଞାସୁ ନୟନରେ ତୋ ଦ୍ୱାରେ ବସି
ଗଣୁଛି ଦିନ ପରେ ବର୍ଷ ମାସ ।
ସ୍ୱପ୍ନ ନା କଳ୍ପନା କ'ଣ ତୁମ ଅସ୍ତିତ୍ୱ
କହି ପାରିବ କି ତୁମ ସାହିତ୍ୟ,
ହେ ଅତୀତ ! ଶୁଣାଅ ତୁମର ବାଣୀ
କ'ଣ ତୁମ ଆଧିପତ୍ୟ ।
ସତ୍ୟର ସନ୍ଧାନ ପଥରେ ପଥାରୁଢ଼ ହୋଇ
ତୁମେ ବିରଚିତ ଅବାରିତ,
ସୂର୍ଯ୍ୟର ଉଦୟ ସତ୍ୟ ନା ଅସ୍ତ ପରମ ସତ୍ୟ
ତା' ସମ ଅଟ ତୁମେ ଅତୀତ ।

ପୁରୀ, ୭୫୨୦୦୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମେଟ୍ରିକ୍ ରେଜଲ୍ଟ



ଗୀତାରାଣୀ
ବେହେରା

ରାତି ପାହିଲେ ରେଜଲ୍ଟ ବାହାରିବ
ମନରେ ଭୟ ଛାତିରେ ଥର
କ'ଣ ଘଟିବ ରେଜଲ୍ଟ ମୋର । ।

ସେଦିନର କଥା ମନେପଡେ ଆଜି
ସେହି ଅନୁଭୂତି ମେଟ୍ରିକ୍ ରେଜଲ୍ଟ ର କଥା
ସେ ସମୟରେ ଥିଲା ସ୍ୱଳ୍ପ ଇଣ୍ଟରନେଟର ବ୍ୟବହାର । ।

ସକାଳୁ ବାପା ଯାଉଥିଲେ ବଜାର ରେଜଲ୍ଟ ଦେଖିବା ପାଇଁ
ମୁଁ ଯାଉଥିଲି ମନ୍ଦିର କୁ ନଡ଼ିଆ ବାଡ଼େଇ ମଥାରେ ଚନ୍ଦନ ମାରି
ହେ ପ୍ରଭୁ ଏଥରକ ପାଇଁ ଏଇ ବଡ଼ ହିଡ ପାର କରିଦିଅ ।
ଶହେଟି ନଡ଼ିଆ ଭୋଗ ଲଗାଇବି
ମାନସିକ କରି ଦୀପ ଜାଳି ଘରକୁ ଆସି । ।

କେତେ ବେଳେ ବାପା ଆସିବେ
ଚାତକ ପରି ଚାହିଁ ରହିଥାଏ କବାଟ କୋଣରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କ'ଣ ଘଟିବ ରେଜଲ୍ଟ ମୋର

ଭାବି ଲାଗୁଥିଲା ଡର

ଭୋକ ଶୋଷ ସବୁ ଗଲାଣି ମରି

ଛାତିର ଥର ରେଜଲ୍ଟ ବାହାରିବା ଦିନ ଥିଲା ଅଭୁଲା ଦିନ ।।

ଏବେ ତ ନେଟ ଯୁଗର ସେଟ୍ ଛାତ୍ର ଛାତ୍ରୀ

ଏକ ମିନିଟ ରେ ରେଜଲ୍ଟ ବାହାରିବା

ବିନା ପରୀକ୍ଷାରେ ସବୁ ପାସ୍

ସେଦିନ ଭଳି ସେ ଅନୁଭୂତି ବର୍ତ୍ତମାନ ଯୁଗରେ ନାହିଁ ।।

ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ



ରାଜେନ୍ଦ୍ର
ବୋଡ଼କିଆ

ଯେଉଁ ଦିନରୁ ତୁମକୁ ଦେଖିଲି ପ୍ରିୟା
ଦେଇଦେଲି ମୋର ମନ
ତୁମ ସାଥେ ବନ୍ଧା ଏ ଜୀବନ ଡୋରି
ଭାଙ୍ଗିବନି ମୋର ସପନ । ।୧ । ।

ଫୁଲର ମହକେ ମାନେନା ଏ ମନ
ତୁମ ମାଦକତା ବିନା
ତୁମ ଓଠ ଯଦି କହେ ଦୁଇ ପଦ
କି କରିବି କୁହ ସୁଷମା । ।୨ । ।

ତୁମ କଣ୍ଠର ମଧୁ ଝରା ସୁର
ବୀଣା କୁହ କାହିଁ ଦିଏ
ଗୀତ ଶୁଣିବାକୁ ଚାହେଁନା ଏ ମନ
ଯଦି ତୁମ ଆଖି କିଛି କୁହେ ।
। ।୩ । ।

ଝରଣାର କୁଳୁ କୁଳୁ ଶବଦ
ତୁମ ନୂପୁର ର ଛନ୍ଦେ
ପାଗଳ ଆଜି ମୁଁ ତୁମ ଲାଗି ପ୍ରିୟା
ତୋରି ରୂପର ଗନ୍ଧେ । ।୪ । ।

ଛାଡି ମତେ କେବେ ଯିବୁ ନାହିଁ ପ୍ରିୟା
ବଞ୍ଚିପାରିବିନି ତୋ ବିନା
ଯଦି କେବେ ଛାଡି ମତେ ଯିବୁ
ତୋ ହାତେ ମାରିଦେଇ ଯିବୁ ସିନା ।
। ।୫ । ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭବାନୀପାଟଣା, ଓଡ଼ିଶା
ସ୍ନାତକ ତୃତୀୟ ବର୍ଷ ଓଡ଼ିଆ ସମ୍ମାନ
କଦଳୀମୁଣ୍ଡା, ଧର୍ମଗଡ଼, କଳାହାଣ୍ଡି
ଦୂରଭାଷ - ୮୧୧୪୩୫୩୮୫୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରିୟା ତୁ ମନେ ପଡୁଛୁ



ପଙ୍କଜ କୁମାର
ମଙ୍ଗଳ

ମନ ଯାଯାବର ସବୁ ଭୁଲି ଗଲାଣି,
ପୁରୁଣା ଦିନ ସବୁ ବିତିଗଲାଣି,
ହେଲେ ଏ ହୃଦୟ ମୋହର ତତେ ଭୁଲି ପାରୁନି ।

ସମୟ ସ୍ରୋତରେ ସ୍ୱପ୍ନ ଭାସି ଗଲାଣି,
ତୁମ ମନ ଅନ୍ୟ ସହ ମିଶି ଗଲାଣି,
ହେଲେ ଏ ହୃଦୟ ମୋହର ତତେ ଭୁଲି ପାରୁନି ।

କେହି ଯଦି ତ ହୃଦୟ ଭାଙ୍ଗି ଦିଅନ୍ତା,
ଭଙ୍ଗା ହୃଦୟ ଯନ୍ତ୍ରଣା ତତେ ବୁଝା ପଡନ୍ତା
ପର ଦେଶୀ ମନ ନୂଆ ବସା ବାନ୍ଧିଲାଣି,
ଆଉ କାହା ସାଥିରେ ଲେଖା ତ ପ୍ରେମ କାହାଣୀ,
ହେଲେ ଏ ହୃଦୟ ମୋହର ତତେ ଭୁଲି ପାରୁନି ।

ଲୁଚେଇ ପାରୁନି ଆଜି ମୋ ଆଖିର ଲୁହ,
ଦେଖେଇ ପାରୁନି ମୋର ହୃଦୟର କୋହ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାତି ତଳେ ଜଳୁ ଅଛି ମୋ ପ୍ରେମର ଜୁଇ,

ବଞ୍ଚିଥାଅ ତୁମେ ଏକା ମୋତେ ଧକ୍କା ଦେଇ ।

ତଥାପି କହୁଛି ପ୍ରିୟା ଥାଅ ତୁ ସୁଖରେ,

ଦୁଃଖ କେବେ ନ ଆସୁ ତ ଜୀବନରେ ।

ମନ ଜାଜାବର ସବୁ ଭୁଲି ଗଲାଣି,

ପୁରୁଣା ଦିନ ସବୁ ବିତିଗଲାଣି,

ମୋ ପ୍ରେମର ଗଭୀରତା ତୁମେ ବୁଝି ପାରିଲନି,

ହେଲେ ଏ ହୃଦୟ ମୋହର ତତେ ଭୁଲି ପାରୁନି ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର

ମୋ-୭୭୪୯୯୩୬୬୮୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାଗ



ଶାନ୍ତନୁ କୁମାର
ରାଉତ

ରାଗର ପାହାଡ ମାନେ ନାହିଁ ବାଡ଼
ଭରି ଦିଏ ଆଖି ଲୁହ
ଅସରନ୍ତି ସୁଖ ଜାଳି ଦିଏ ରାଗ
ରାଗିବା କାହିଁକି କୁହ !!

ରାଗରେ ମଣିଷ କରିଦିଏ କିଛି
ଭବିଷ୍ୟତକୁ ହଜେଇ ଦିଏ
ରାଗଶାନ୍ତ ହେଲେ କିଛିବି ନଥାଏ
ଖାଲି ଅନୁତାପ ରହିଥାଏ !!

ମାନବ ଜୀବନ ଅମୁଲ୍ୟ ରତନ
ଈଶ୍ୱରଙ୍କ ବର ଦାନ
ଟିକେ ରାଗ ଲାଗି କେତେଯେ ଜୀବନ
ହୁଏ ଆଜି ହିନି ମାନ !!

ପ୍ରେମ ଆଉ ରାଗ ନିକିତି ରେ ହୁଏ
ତଉଲା ମଣିଷ ଜାତି
ପ୍ରେମକୁ ମିଳୁଛି ସରଗର ସୁଖ
ରାଗକୁ ଘେରେ ଅଶାନ୍ତି !!

ଜୀବନର ଅସରନ୍ତି ସୁଖଶାନ୍ତି
କରେ ରାଗ ସର୍ବନାଶ
ରାଗ ଧ୍ୱଂଶ ଲାଗି ସଞ୍ଜିବନୀ ଅଟେ
ଅନ୍ତରୁ ପ୍ରେମ ବିଶ୍ୱାସ !!

ପାଟରଙ୍ଗା, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆକାଶ ଦୋଳି



ପ୍ରତିମା ମେହେର

ଲାଗିଲା ଯେମିତି ଝୁଲୁଛି

ଆକାଶ ଦୋଳି

ମିଳି ଯାଇଛି ଶେଷ ଠିକଣା

ବିଶ୍ୱାସ'ର ସିଢ଼ି ଚଢ଼ି

ଓହ୍ଲାଇବି ନିଷିଦ୍ଧ ଇଲାକାରେ....

ରାଣୀ ମହୁମାଛି ର ପରିଚୟ ନେଇ

ଜିଇଁଯିବି ବାକିତକ ଆୟୁଷ

ନୁହେଁ କି ଏ'ସପନ କୁଆଁରୀ ମନର ! !

ଅଳ୍ପାୟୁଷ ଭାବନା'ର

ମୋହାଛନ୍ନ ଇଚ୍ଛା ଗୁଡ଼ିକ

ଫଡ୍ ଫଡ୍ ଡେଣା ମେଲି

ଉଡ଼ିଗଲେ କିଏ କୁଆଡ଼େ

ଗୋଲାପ'ର ଗୋଲାପି ପାଖୁଡ଼ା ସବୁ

ଖିଲ୍ ଖିଲ୍ ହସି ଉଠୁଥିଲେ

ମୋ ଅସହାୟତାରେ....

ଠିକ୍ ଠଉରେଇ ପାରି ନ ଥିଲି,

ତୁମ ବ୍ୟକ୍ତିତ୍ୱକୁ

କିଛି  ସମୟ ସାଲିସ୍ କରିବାର

ଲାଲ୍ ଇଚ୍ଛା ଗୁଡ଼ିକ

ଅପେକ୍ଷାରେ ମୃତ ପ୍ରାୟ..

ହାତ ପାପୁଲିରେ ଖେଳୁଥିବା ଶବ୍ଦ ଗୁଡ଼ିକ

ମୋ ବେଳକୁ ମଉନ କିଆଁ  ? ?

ଦୋଷାରୋପ କରିବାର ପର୍ବ ଗୁଡିକ

ଦେଇଦେଲେ କବର୍ କେମିତି ହୁଅନ୍ତା  ?

ବୟସ'ର ଅପରାହ୍ନରେ

ବାକି ଜୀବନ...

ଶେଷ ସୀମାରେ ଝୁଲୁଥିବା

କ୍ଷୀଣ ବିଶ୍ୱାସ ଝଲସି ଉଠନ୍ତା  ! !

ପାଟଣାଗଡ଼, ଜି-ବଲାଙ୍ଗିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିଜା ପ୍ରକୃତିର ମୁହଁ



ବାଲାଜୀ ସେଠୀ

ପହିଲି ଆଷାଢ଼ୀ ସରସିଜ କଢ଼ି
ମଉନ ବିରହ ଦୁଃଖେ
କାନ୍ତ କାନ୍ତି ବିନା ସଜଳ ନୟନା
ଅଶ୍ରୁପାତେ ନତମୁଖେ ।୧ ।

ଦକ୍ଷିଣା ମରୁତ ଦେଇଛି ସଙ୍କେତ
ମୌସୁମୀର କୋଳାହଳେ
ଘନ ମେଘବାଳା ସଘନ କୁନ୍ତଳା
ପଦପାତେ କୌତୁହଳେ ।୨ ।

ପ୍ରାଙ୍ଗଣେ ଅତିଥି ଦରଶନେ ପୃଥ୍ୱୀ
ସ୍ୱାଗତିକା ସମ୍ଭାଷଣେ
ଅଟବି ବିଭବ ପାଦପ ପଲ୍ଲବ
ସ୍ତବେ ମଙ୍ଗଳାଚରଣେ ।୩ ।

ଗଳାକୁ ଫୁଲାଇ ମଣ୍ଡୁକ ଫୁଙ୍କଇ
ମାଙ୍ଗଳିକ ଶଙ୍ଖ ଧ୍ୱନି
ଏକମନା ବକୀ ଯେହ୍ନେ ଘୋର ତପୀ
ଏକ ପାଦେ ଏକଧ୍ୟାନୀ ।୪ ।

ଲାସ୍ୟମୟୀ ବର୍ଷା ମୁକ୍ତ କରେ ତୃଷା
ଜୀବାଜୀବ ମହୀତଳ
ପାଶୋର ତକ୍ଷଣ ନିଦାଘ କଷଣ
ବିତରଣେ ସୁଶିତଳ ।୫ ।

କ୍ଷେତ୍ରେ କ୍ଷେତ୍ରପାଳ କର୍ଷଣେ ଲଙ୍ଗଳ
ସଜାଡେ ହଳୁଆ ଗୀତି
ଶସ୍ୟ ସବୁଜିମା ଚିତ୍ରିତ ସୁଷମା
ହସି ଉଠେ ବସୁମତୀ ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଦା ମାଟିପରେ ଚାଲେ ଧୀରେଧୀରେ
ସୁନ୍ଦରୀ ସାଧବ ରାଣୀ
ସାରୁପତ୍ର ମୂଳେ ଛତ୍ରପତି ମଣେ
ଦେଖାଇ କେଶରୀ ଠାଣି ।୭ ।

ଚଡ଼କ ଚଡ଼କେ ତଡ଼ିତ ଚମକେ
କମ୍ପମାନ ରସାତଳ
ଅପ୍ରସନ୍ତ ହୃଦେ ଶାବକେ ବିଷାଦେ
ଥରଇ କପୋତୀ କୋଳ ।୮ ।

ସରସୀର ଅଙ୍ଗ ନହୁଲି ତରଙ୍ଗ
ସ୍ଫୀତେ ହୁଏ ତନୁ ଭାରି
କୁରଙ୍ଗୀ ଗାମିନୀ ସୁରମା ତଟିନୀ
ଉଚ୍ଛୁଳଇ ଅଙ୍ଗଶିରୀ ।୯ ।

ଚାନ୍ଦିନୀରେ ଜହ୍ନ ଲୁଚାଇଛି ମୁହଁ
ତାରା ଗୋଟେ ଦିଶେନାହିଁ
ମୁକ୍ତ କବରୀରେ ବିଭାବରୀ ଖୋଜେ
ଗଭାରେ ମଣ୍ଡିବା ପାଇଁ ।୧୦ ।

ଭିଜା ମାଟି ଗନ୍ଧ ଆଘ୍ରାଣେ ଆନନ୍ଦ
ତରୁ-ତୃଣ ସର୍ବପ୍ରାଣୀ
ତପ୍ତ ହୃଦସ୍ଥଳ କରି ସୁଶିତଳ
ଜନ ମନ ନିଏ କିଣି ।୧୧ ।

ଦୂର ଦିଗ୍ୱଳୟେ କାର୍ମୁକ ବଳୟେ
ସପ୍ତ ରଙ୍ଗର ଉଜାଣି
ପ୍ରଗଲ୍ଭା ନାୟିକା ସେ ଅଭିସାରିକା
ନଭେ ଲାଖିଛି ଓଢଣୀ ।୧୨ ।

ପ୍ରକୃତି ସୁଷମା ଶୋଭା ମନୋରମା
କି ଉପମା ଦେବି କୁହ
ଦେଖି ଚାରୁ ଚିତ୍ର ହେଲି ବିମୋହିତ
ଭିଜା ପ୍ରକୃତିର ମୁହଁ ।।୧୩ ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାଶ୍ୱତ ସ୍ୱରୂପ



ଗୁପ୍ତେଶ୍ୱର ଚାନ୍ଦ

କିଏ କହେ ତୁମେ ଅବଳା ଦୁର୍ବଳା
ଅସୀମ ଶକତି ମୟୀ ।
ମନ୍ଦାକିନୀ ପରି ସ୍ୱଚ୍ଛ ପବିତ୍ର
ସୁଧା ହୋଇ ଯାଅ ବହି ॥ ୧
କୋଇଲି କଣ୍ଠର କୁହୁ କୁହୁ ତାନ
ପୁର୍ଣିମା ରାତି ର ଜହ୍ନ ।
ନବ ବସନ୍ତ ର ମଳୟ ମରୁତ
କୁସୁମିତ ଉପବନ ॥ ୨
ଗ୍ରୀଷ୍ମ ଋତୁର ସୁଶୀତଳ ଛାୟା
ମହକୁ ଥିବା ଚନ୍ଦନ ।
ନନ୍ଦନ ବନର ପାରିଜାତ ପୁଷ୍ପ
ଅନ୍ଧର ବେନି ନୟନ ॥ ୩
ଭ୍ରମର ର ମଧୁ ଗୁଞ୍ଜନ ତୁମେ
ମୋହନ ବଂଶୀର ସ୍ୱନ ।
ପ୍ରକୃତି ବିହୁନେ ଅପୂର୍ଣ୍ଣ ପୁରୁଷ
ତୁମେ ଦରିଦ୍ରର ଧନ ॥ ୪

ମମତା ତଟିନୀ ମଧୁ ବୋଳା ବାଣୀ
ତୁମେ ଅମୂଲ୍ୟ ରତନ ।
ତୁମ ବିନା ମା ଗୋ ଏ ସଂସାର ମୃତ
ଏ ଜୀବନ ରସ ଶୂନ୍ୟ ॥ ୫
ତୁମେ ସିନା ଅଟ ପ୍ରେରଣା ର ଉତ୍ସ
ସୃଷ୍ଟି କଲ୍ୟାଣ କାରିଣୀ ।
ତୁମ ବିନା ସୃଷ୍ଟି ସ୍ଥିତି ଅସମ୍ଭବ
ଆଗୋ ପ୍ରେମ ପ୍ରଦାୟିନୀ ॥ ୬
ସେନେହ ବତ୍ସଳା କ୍ଷମା ର ମୂରତି
ଦୟାମୟୀ କଲେ କୋପ ।
ଆଖିପିଛୁଳାକେ ସୃଷ୍ଟି ହୁଏ ଧ୍ୱଂସ
ତୁହି ଶାଶ୍ୱତ ସ୍ୱରୂପ ॥ ୭

ଗ୍ରାମ /ପୋଷ୍ଟ :- ସମାସିଂହା,
ଜିଲ୍ଲା :- ଝାରସୁଗୁଡା, ମୋ. ନଂ. ୭୬୮୩୮୪୧୦୭୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦେହ ନନ୍ଦିଘୋଷ



ମନୋରଞ୍ଜନ
ସୁରୁଜାଳ

ଦେହ ନନ୍ଦିଘୋଷେ ବିଜେ ଜଗନ୍ନାଥ
ମାଟି ଘଟକୁ ଆବୋରି,
ରଥ ଚକ ଗଡି ଚାଲେ ଘିଡି ଘିଡି
ସଂସାର ଦାଣ୍ଡରେ ଘୁରି ।
ଆଖିରେ ପୁରେଇ ଦେଖି ମନ ଭରି
ଆଉ ସେ ସମୟ କାହିଁ
ମନ୍ଦିର ଦରଜା ଫାଟକ ପଡିଛି
ଦର୍ଶନ ନ ପାଏ ଚାହିଁ ।
ଭକ୍ତ ହୃଦ ସ୍ଥଳେ ତୁମ ବାସ ମୂଳେ
ଧରିଛ ଜୀବନ ପଘା
ତୁମ ଲୀଳା ଭେଦ କେ ଭେଦି ପାରଇ
ତାହାରେ ରଖିଛ ନିଘା ।
ଦର୍ଶନେ ପ୍ରସନ୍ନ ଦିବାନିଶି ଏକ
ପ୍ରଚ୍ଛନ୍ନ ତୁମରି ପ୍ରେମ
ଭକତ ପାଇଁକି ଆଣ୍ଟେ ଭିଡିଅଛ
ରଥରେ ଦଉଡି ସମ ।

ଜୀବନ ଯାତରା ଏ ରଥ ଯାତରା
ଭକତ ପାଇଁ ଗହଳି
ସମ୍ମୋହନ ଡୋରି ଚୁମ୍ବକର ପରି
ଟାଣ ନ ଦିଅ ମଉଳି ।
ଭାବକୁ ନିକଟ ଅଭାବକୁ ଦୂର
ଭକ୍ତ ହୃଦ କୁଞ୍ଜେ ରାସ
ଆଖିବୁଜି ଦେଲେ ରତନ ବେଦିରେ
ତୁମରି ମୁରୁକି ହସ ।
କେଉଁ ଇଚ୍ଛା ତବ ହେ ବିଶ୍ୱ ନାୟକ
ସବୁ ତ ତୁମକୁ ଜଣା
ସଂସାର ମାୟାରେ ଏ ସଂସାରି ମନ
ହୁଏ ସିନା ବାଟ ବଣା ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁନାଭାଇ ଓ ଶୁଆ



ଝରଣା ବାରିକ

ଦେଖିଲା କୁନା ବେପାରୀଟିଏ
ଯାଉଛି ବିକି ଶୁଆ,
କହିଲା ମତେ ଦେବକି ଭାଇ
ଲାଗୁଛି ନୂଆ ନୂଆ ।
ମିଳିବ କେତେ ଟଙ୍କାରେ ମତେ
ବେପାରି  ଭାଇ କୁହ ,
ବେପାରୀ ଭାଇ କହିଲେ ମତେ
ପଚାଶ ଟଙ୍କା ଦିଅ ।
କିଣିଲା କୁନା ଖୁସିରେ ଧରି
ଘରକୁ ଗଲା ନେଇ,
ପିଜୁଳି ଗୋଟେ ଗଛରୁ ତୋଳି
ପାଖରେ ଦେଲା ଥୋଇ ।
କହିଲା କୁନା ବହୁତ ମିଠା
ପିଜୁଳି ଖଣ୍ଡେ ଖାଆ,
ବାସନା ତାର ବଢିଆ ଭାରି
କହିଲା ଶୁଙ୍ଘି ଶୁଆ ।
ଜଙ୍ଗଲେ ରହି କେତେ ସୁଆଦ
ଫଳଯେ ଖାଉ ଥିଲି,
ପଞ୍ଜୁରୀ ଆଣି ରଖିଲ ମତେ
କିପାପ କରି ଦେଲି ।

ସତରେ ଯଦି ପାଉଛ ଭଲ
ଏତିକି କୃପା କର,
ବାହାରେ ଟିକେ ଦିଅହେ ଛାଡି
ଉଡିକି ଯାଏ ଘର ।
ମୋ ପାଇଁ କେତେ ଦୁଃଖରେ ସତେ
ଥିବେମୋ ବାପା ମାଆ,
ଦଇବ ହୋଇ ହେକୁନା ଭାଇ
ହୁଅ ହେ ମତେ ସାହା ।
ଏକଥା ଶୁଣି କୁନା ଆଖିରେ
ବହିଲା ଲୁହ ଧାର,
ପଞ୍ଜୁରୀ ଖୋଲି କହିଲା ଯାଆ
ଜୁଆଡେ ଇଛା ତୋର ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ ::୯୫୫୬୮୪୬୯୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷାର ଆଗମନ



ଅନନ୍ତ ପଟେଲ

ଆଷାଢ଼ ମାସ ଭାରି ସରସ
ମନ ଯାଏ ଭିଜି
ବିଜୁଳି ତାନେ ପଡ଼ଇ କାନେ
ଅହରହ ହୋଇ ବାଜି....(୧)

ଆକାଶ ତାର କି ମନୋହର
ଝିପି ବରଷା ଝରି
ମୟୂର ନାଚଇ ଗିରି ଶିଖେ ଥାଇ
ମନ ତା ଯାଏ ଭରି.....(୨)

ଶସ୍ୟ ଶ୍ୟାମଳ ପରିପୂର୍ଣ୍ଣ ହୋଇ
ପ୍ରଫୁଲ୍ଲ ଧରଣୀ
ଚାରି ଦିଗ ସବୁ ଅନ୍ଧାର ଦିଶଇ ପରା
ବୁଡ଼ିଲାଣି ଦିନ ମଣି.....(୩)

ସକାଳ ହୋଇ ଦିଶଇ ନାଲି
ସୁନ୍ଦର କିରଣ ଦେଇ
ରଙ୍ଗ ବେରଙ୍ଗ କୁସୁମ ଆଜି
ମହକି ବାସ ଛୁଟଇ......(୪)

କଦଳୀ ମୁଣ୍ଡା, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ପ୍ରବୀଣ କୁମାର ସାହୁ

ମାଆ ଅଟଇ ଯେ ମମତା ସାଗର,

ନାହିଁ ପଟାନ୍ତର ତା ମମତାର ।

ଗରଭ ଯନ୍ତ୍ରଣା ସହିଣ କେତେ,

ଜନମ ଦେଇଛି ଆମକୁ ସତେ ।

ତା ବକ୍ଷ ଅମୃତ ରକତ ହୋଇ,

ବହଇ ଆମ ଧମନୀ ଦେଇ ।

ଯେବେ କାନ୍ଦଇ ତାର ସନ୍ତାନ,

କାନ୍ଦଇ ପରା ତାହା ପରାଣ ।

ସନ୍ତାନ ତାର ଅମୂଲ୍ୟ ସମ୍ପଦ,

ନଦିଅଇ ପଡ଼ିବାକୁ ତା ଦେହେ ବିପଦ ।

ରଖଇ ସଦା ଘୋଡାଇ ଘଣ୍ଟ ,

ନଦିଏ ପାଇବାକୁ ଟିକିଏ କଷ୍ଟ ।

ଶିଶୁ ଯେବେ ଶିଖଇ ଖଣ୍ଡିକଥା,

ମାଆ ବୁଝିପାରେ ତାର ମନକଥା ।

ହେଲେ ପଛେ ଆମେ ଯେତେ ବଳୀୟାନ,

ରହିବା ସର୍ବଦା ମାଆ ପାଇଁ ସାନ ।

ନଭୁଲିବା କେବେ ମାଆର ଦାନ,

ବଡ଼ ହୋଇ ରଖିବା ମାଆର ମାନ ।

ପୋଷ୍ଟ - କୋଇଡା, ପିନ୍ -୭୭୦୦୪୮

ଜିଲ୍ଲା - ସୁନ୍ଦରଗଡ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ଧ୍ୟାତାରା



ଡଃ ମାଙ୍ଗଳିକା
ମହାପାତ୍ର

ସୂର୍ଯ୍ୟ ଅସ୍ତ ଗଲେ...
ସନ୍ଧ୍ୟାତାରା ଦିଶିବା ପୂର୍ବରୁ
ବାଟୋଇ ଘର ମୁହାଁ ହୁଏ ..
ଗୁହାଳକୁ ଗାଈ ବି ଫେରେ
ତା ପଛେ ପଛେ ...
ହାତରେ ପାଞ୍ଚଣ ଧରି
ଗାଈଆଳ ପିଲା ବି ଫେରେ
କେବଳ ସେ ହି ଜାଣେ
ଗାଈ ଜଗିବାର କଳା
ସେ ଖାଲି ବୁଝିପାରେ
ହମ୍ବା ରଡ଼ିର ଅର୍ଥ ...
ସେ ହି ଆନନ୍ଦ ନିଏ
ବଣରେ କଣ୍ଟେଇ କୋଳି ଖାଇବାର
ତା ସହିତ କହିବୁଲେ
ଗପ ଭୂତ ଡେଇଁବାର ..
ଚରିବୁଲି ଫେରିଲେ ..
ଗାଈଗୋଠ ଓ ଗାଈଆଳ
ନୀଡ଼କୁ ଫେରେ ପକ୍ଷୀ ..

ସନ୍ଧ୍ୟା ହେଲେ ...
ମନ୍ଦିରରେ ଶୁଭେ ଘଣ୍ଟ ଧ୍ୱନି
ଶଙ୍ଖର ପଛେ ପଛେ
ଆକାଶ ବୁକୁରେ ତୋଫା ହେଇ
ଖେଳି ବୁଲେ ସନ୍ଧ୍ୟାତାରା ..
ତାରାରେ ଚିତ୍ରିତ ଆକାଶକୁ
ଦେଖୁ ଦେଖୁ...ଭାବି ଇଚ୍ଛା ହୁଏ
କେବେ ଏଇ ଦୁଇ ହାତେ...
ଚୋଳି ଧରନ୍ତି କି ସେ ଆକାଶକୁ
ଅନୁଭବନ୍ତି କି ସେ ଶୀତ ରାତିକୁ
ଆଉ .. ଛୁଇଁ ଦିଅନ୍ତି ..
ଘନ ଅନ୍ଧକାରରେ
ପାହାଡି ରାସ୍ତାରେ
ଚାଲୁ ଚାଲୁ ...
ସନ୍ଧ୍ୟାତାରା କୁ ..

ରେଭେନସା ବିଶ୍ୱବିଦ୍ୟାଳୟ, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୌଦାଗର



ସତ୍ୟରଞ୍ଜନ
ଘିଢ୍ଵାଲା

ଭାବିଥିଲି ତୁମ ପ୍ରେମକୁ ନେଇ ଗଢିବି
ଏକ ସୁନ୍ଦର ବାସ୍ତବତାର ସହର,,
ସେଥିପାଇଁ ମନ ଖୋଲି କହିଥିଲି
ତୁମକୁ ଭାବି ମୋ ନିଜର...... ।
ହରାଇବା ଭୟରେ ଥିଲି ମୁଁ ଆଶଙ୍କାରତ,
ଏଣୁ ଏଭଳି ନିଷ୍ପତି ନେଲି ହୋଇ ମୁଁ ବିବ୍ରତ...... ।
କିନ୍ତୁ ତୁମେ ସେହି ଅଭିମାନୀନୀ ପୁଣ୍ୟବତୀ,,
ତୁମ ମତାମତ କୁ ସମ୍ମାନର ସହ
ମୁଁ ଜଣାଉଛି ମୋର ସହମତି...... ।
କେତେ ସୁନ୍ଦର ଭାବେ ତୁମେ ବୁଝାଇଦେଲ
ମୋର ଏ ଅବୁଝା ମନକୁ,,
ଜାଣେନା କାହିଁ ତୁମ ମନେ ଭରିରହିଛି
ଏତେ କ୍ରୋଧ ଏ ସମବୟସ୍କ ପ୍ରେମକୁ ...... ।
ସବୁ ସ୍ମୃତି କୁ ଭୁଲିଯାଇ ଆଜି
ବହିଯିବାକୁ ଚାହେଁ କିଛି ଦୂର,,
ସେଥିପାଇଁ ବନିଯିବାକୁ ଯାଉଛି
ମୁଁ ସମୁଦ୍ରର ସୌଦାଗର...... ।

ଠିକଣା: ଗୋବିନ୍ଦପୁର, ଢେଙ୍କାନାଳ, ଭ୍ରାମ୍ୟଭାଷ : ୯୩୪୮୯୦୮୨୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ସନାତନ ମହାକୁଡ଼

ଯାହା ପାଇଁ ମୋ ପରିଚୟ

ଏଇ ପୃଥିବୀରେ

ସେଇ ଚଳନ୍ତି ଠାକୁର

ଜୀବନର ପଥ ପ୍ରଦର୍ଶକ

ଆଦର୍ଶ ପୁରୁଷ

ବାପା ।

ମାଆ ପରେ ତାଙ୍କ ସ୍ଥାନ

ମୋ ମନ ଆଉ ହୃଦୟର

ପ୍ରତ୍ୟେକ ସ୍ତରରେ

ପ୍ରତି ହୃତ୍ - ସ୍ପନ୍ଦନରେ

ପୂଜ୍ୟ ସିଏ

ଅଲିଭା ଦୀପରେ,

ପ୍ରତିକଳ୍ପ କେହି ନାହିଁ ତାଙ୍କ

ଏଇ ଦୁନିଆରେ

ଯେ ମିଳିଥାନ୍ତି

ଜୀବନରେ ଥରେ ।

ବେରୁଆଁବାରୀ ୭୫୨୦୮୨

ଜିଲ୍ଲା:ନୟାଗଡ଼, ଓଡ଼ିଶା ।

ଦୂରଭାଷ: ୯୩୩୯୭୨୦୧୬୮

ଇମେଲ୍: sanmahakud@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅବୁଝା



ବାସନ୍ତୀଲତା
ଜେନା

ଅହଂ ମନୋଭାବ ଯାହା ଠାରେ ଥାଏ
ଅବୁଝା ମନ ତାହାର
ଅଳସୁଆ ଜିଦ ତା ପାଖେ ରୁହଇ
କର୍ତ୍ତବ୍ୟରେ ହରବର ।୧।

ରାହା ଧରି କାନ୍ଦେ ଛୋଟିଆ ଶିଶୁଟି
ଚାହୁଁଥିବା ଦ୍ରବ୍ୟ ପାଇଁ
ଯେତେ ବୁଝାଇଲେ ତା ମନ ନ ବୁଝେ
ଅଯଥାରେ କାନ୍ଦୁଥାଇ ।୨।

ଅମନ ଯୋଗୀ ତ ପାଠେ ହୋଇଥିଲେ
ପାଠ ମନେ ନ ରୁହଇ
ଗୁରୁଜୀ ତାହାକୁ ଯେତେ ବୁଝାଇଲେ
ସେତ ବୁଝି ନ ପାରଇ ।୩।

ମୁରୁଖ ଅଜ୍ଞାନ ଅବୁଝା ମଣିଷ
ସହଜରେ ବୁଝେ ନାହିଁ
ତା ମୁଣ୍ଡରେ ଥରେ ଯାହା ପଶି ଯାଏ
ସେହି କଥା କହୁ ଥାଇ ।୪।

ଯୌଥ ପରିବାରେ ଅବୁଝା ହୋଇଲେ
ବୀତସ୍ପୃହ ସୃଷ୍ଟି ହୁଏ
ଅଶାନ୍ତିର ଚକ୍ର ଲାଗି ରହି ଥାଏ
ସମ୍ପର୍କ ସ୍ୱଚ୍ଛତା ଯାଏ ।୫।

ପତି ପତ୍ନୀ ମଧ୍ୟେ ଅବୁଝା  କଳହ
ଦାମ୍ପତ୍ୟ ଜୀବନ ନଷ୍ଟ
ରାଜାଙ୍କର ମନ ଅବୁଝା ହୋଇଲେ
ପ୍ରଜା ପାଇଥାନ୍ତି  କଷ୍ଟ ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅବୁଝା ରାଜାଙ୍କୁ ପାଳ ବିନ୍ଧା  ମନ୍ତ୍ରୀ
ଏକ ଆରେକ ନ ଊଣା
ଯାହା ବୁଝି ଥାନ୍ତି ସେଇଯା କରନ୍ତି
ହୋଇ ଥାନ୍ତି ବାଟ ବଣା     ।୭।

ଭସା ବଦଲଟା କିଶୋର ବୟସ
ପରିପକ୍ୱ ସେତ ନୁହେଁ
କିଶୋର କିଶୋରୀ ପ୍ରେମ କରୁଥିଲେ
ଅବୁଝାର ସ୍ଥାନ ନିଏ    ।୮।

ଅଳସୁଆ  ଅଜ୍ଞାନୀ ନିଶାକ୍ତ ବ୍ୟକ୍ତି
ଅବୁଝାର ଗନ୍ତାଘର
ଧରମର ଜ୍ଞାନ ଯେତେ ବୁଝାଇଲେ
ମାନେ ନାହିଁ ମନ ତାର     ।୯।

ଗାନ୍ଧିନଗର, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁଳସୀ



ସରୋଜ କୁମାର ଜେନା

ସତ୍ୟ ଯୁଗେ ମା'ଲୋ ବୃନ୍ଦାବତୀ ହୋଇ
ଜନ୍ମିଲ ମର୍ତ୍ତ୍ୟ ମଣ୍ଡଳେ ,
ବିଷ୍ଣୁଙ୍କ ଆଶିଷେ ତୁଳସୀ ନାମରେ
ପୂଜା ପାଅ କଳି କାଳେ ।୧ ।

ତୁମରି ପଲ୍ଲବ ଯେତ୍ନେ ଲାଗେନାହିଁ
ହୁଏ ନାହିଁ ତାହା ଶୁଦ୍ଧ ,
ତୁମରି ପତ୍ରକୁ ସେବନ ନିମନ୍ତେ
ଆଦେଶ ଦିଏ ବଇଦ ।୨ ।

ନାନା ରୋଗ ସବୁ ଉପଶମ ହୁଏ
ଶରୀର ହୁଏ ଆରୋଗ୍ୟ ,
ତବ ପାଦ ପଦ୍ମେ ପୂଜିତ କରିଲେ
ମଣଉ ଆମର ଭାଗ୍ୟ ।୩ ।

ଶ୍ରେଷ୍ଠ ତରୁ ଭାବେ ପୂଜିତ ହେଉଛ
ହିନ୍ଦୁ ଶାସ୍ତ୍ରେ ତୁମେ ନିତି ,
ସକାଳ ସନ୍ଧ୍ୟାରେ ତୁମରି ଚରଣେ
ଘେନୁ ମଙ୍ଗଳ ଆଳତି । ।୪ ।

ତୁମରି ପ୍ରୟତ୍ନରୁ ଧରିତ୍ରୀ ମାତାଙ୍କୁ
ମସ୍ତକେ କଲେ ଧାରଣ ,
ଦୂର କାର୍ଯ୍ୟ ଯେତ୍ନେ କରିବାକୁ ଯାଅ
ତାହା ହୋଇଯାଏ ପୂର୍ଣ୍ଣ ।୫ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ସ୍ଥିତି ଯେହ୍ନେ ଉପସ୍ଥିତି ଥାଏ
ସବୁ ହୁଏ କୃତକାର୍ଯ୍ୟ,
ଭୂତ ପ୍ରେତ ଯେତେ ନ' ଆସନ୍ତି ପାଶେ
ତୁମକୁ କରିଣ ଭୟ  ।୬ ।

ଭାରତ ଧାମରେ ନାନାଦି ସ୍ଥାନରେ
ଦୃଶ୍ୟମାନ ତୁମ ତରୁ ,
କିଛିତ ଗୋଚରେ କିଛି ଅଗୋଚରେ
ଜାଣୁ ତୁମ ସୁବାସରୁ  ।୭ ।

ସାଧାରଣ ଭାବେ ପାଞ୍ଚଟି ଭାଗରେ
ତୁମେ ଅଟଇ ସୂଚିତ ,
ସବୁଜ, ରାମ, କୃଷ୍ଣ, ବଣ, କର୍ପୂର
ତୁଳସୀ ନାମରେ ଖ୍ୟାତ  ।୮  ।

ଏହି ପରି ଭାବେ କହିଲି ବଖାଣି
ତୁଳସୀ ତରୁ କାହାଣୀ ,
ଦୋଷ ଥିଲେ ମୋର ମାର୍ଜିତ କରିବ
ନୁହେଁ ମୁହିଁ ଜ୍ଞାନୀ ଗୁଣୀ  ।୯ ।

ବାଲିଝରୀ,ନରସିଂହପୁର,କଟକ
ମୋ - ୯୩୪୮୭୮୩୭୯୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିଲ ଦେଖି



ଅମରନାଥ ବାରିକ

ଝୁଣା ଲାଖ କାଠ ପଟା ଦବାଇ
ପାଇଥାଉ ଆମେ ସବୁ ତା' ପାଇଁ
ରୋଷେଇ ପାଇଁକି ଦିଅଇ ଜାଳ
ଖାଇବାକୁ ପୁଣି ମଧୁର ଫଳ
ଖରାବେଳେ ଦିଏ ଛାଇ ଯୋଗାଇ
କହି କି ପାରିବ ତା' ନାମ ଭାଇ ?
(ଉ: ଗଛ)

ଛେନା ଘିଅ କ୍ଷୀର ଲବଣୀ ଦହି
ମିଳେ ସେ ନିରୀହ ପ୍ରାଣୀଟି ପାଇଁ
ତା' ଗୋବର ଆଣି ଲିପୁଛେ ଘର
କ୍ଷେତ ପାଇଁ ଏହା ଅଟଇ ସାର
ଘାସ କୁଟା ଖାଏ ସେହି ପ୍ରାଣୀଟି
କିଏ ଜାଣିଅଛ ତା'ର ନାମଟି ?
(ଉ: ଗାଈ)

ମନ ଜାଣି ଦିଏ ଖାଇବା ବାଢ଼ି
ଗେଲ କରେ ଯେବେ ହେଉ ଅତାଡ଼ି
ପଣତ ଧରି ତା' ବାଟ ଚାଲିଛୁ
ସେନେହ ମମତା ସବୁ ପାଇଛୁ
ଜନମ ଦେଇଛି ଆମକୁ ସିଏ
କୁହ ପିଲେ ସେହି ଦେବୀଟି କିଏ ?
(ଉ: ମା')

ତା' ଉପରେ ବସବାସ କରୁଛୁ
ତାକୁ ଖୋଳିଦେଲେ ପାଣି ପାଉଛୁ
ତା' କୋଳରେ ହୁଏ ଶସ୍ୟ ଅମଳ
ତା ବକ୍ଷରେ ଅଟେ ସମସ୍ତ ମୂଳ
ତା'ର ଅନ୍ୟ ନାମ ଧରଣୀ ମାଆ
କୁହ ଏବେ କିସ ତାହାର ନାଆଁ ?
(ଉ: ବସୁଧା)

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫ ( ନୂଆଦିଲ୍ଲୀ )

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସେଇ ଅଇଁଠା ଚା କପ୍



ବିଶ୍ୱନାଥ ଭୁଏ

ଅଇଁଠାର ସେଇ ବାସ୍ନାରେ
ହୃଦୟଟା ଟାଣି ହୋଇ
ଲୁଚିଲୁଚି ହାଜର
ସେଇ ଅଇଁଠା ଚା' କପ୍ ପାଖରେ.... !

ସେଇ ଅଇଁଠା ଚା' କପ୍
ସିଞ୍ଚି ଦେଇଚି ଆନନ୍ଦ ଲହରୀ
ଆଶା ଭିଡ଼ ନେଇ ଚାଲିଥିବା
ସେଇ ଶାନ୍ତ ମନରେ...... !

କପ୍ ରେ ଲଟକିଥିବା ସେଇ ଟିକିଏ ଚା'ରେ
ମନକୁ ମିଳି ଯାଇଚି
ଘୂରିବା ପାଇଁ ଭାବନାର
ସେଇ ଉଡ଼ାଜାହାଜରେ.... !

ଛୁଇଁବାକୁ ମିଳିଚି ବଡ଼ ସାହାସରେ
ମଣିଷ ରୂପୀ ଭଗବାନଙ୍କ
ସେଇ ଅଇଁଠା କପ୍ ରେ ଲଟକିଥିବା ଚା'
ଚାଖିବା ପରେ ଅମୃତସମ ଏଇ
ଜୀବନରେ.... !

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ - ୯୬୬୮୮୭୮୫୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବି ମନ



ଭାସ୍କର ଚନ୍ଦ୍ର ଖଣ୍ଡା

ଚାହେଁ ସର୍ବଦା ହୃଦୟଟି ତା'ର
କରିବ ସର୍ଜନା ନୂତନ ସୃଷ୍ଟିର
ଚାରିଆଡ଼େ ଦେଖେ ଯାହା ସେ ଘଟଇ
ଅବା ଥାଏ ସିଏ ତା ଅଂଗେ ଲିଭାଇ
କଳ୍ପନା ଢେଉର ଜୁଆର ଭିତରେ
ଯାଇ ହଜି ସେଇ ଭାବନା ସ୍ରୋତରେ
କେତେବେଳେ ଆସେ କୂଳକୁ ସେ ମାଡି
ଯାଏ ଅବା କେବେ ଦୂରକୁ ସେ ଛାଡି
ଅପସରି ଯାଏ ଭଟ୍ଟାରେ ବି ସିଏ
ଜୁଆର ଭଟ୍ଟାର ଖେଳଟି ପରାୟେ
ଭାବନାର ସେଇ ଉତ୍ତାଳ ତରଙ୍ଗ
ସଳଖାଏ ନାଆ ଧରି ତା'ର ସଂଗ
ଯିବାକୁ ସେ ବୋହି ସଠିକ ମାର୍ଗରେ ।୧ ।

ସମାଜର ଚିତ୍ର ଗଢେ ତା ତୂଳୀରେ
ଦୁର୍ନୀତିର ଛାତି କେବେ ସିଏ ଚିରେ
ଇତିହାସ କୁ ବି କରେ ରୋମନ୍ଥନ
ଦେଶ ଭକ୍ତିର ବି କରେ ସିଏ ଗାନ
ସୁଖ ଦୁଃଖର ଏ ଜଂଜାଳ ଭିତରେ
ସମାଜର ସେଇ ସମସ୍ୟା ଘେରରେ
କରେ ନିବେଦନ ଜଗତ କଲ୍ୟାଣ
ଲଭିବାକୁ ତାଙ୍କ କୃପାର ଚନ୍ଦନ
କରେ ତା ଲେଖନୀ ପ୍ରଭୁଙ୍କୁ ଜଣାଣ ।୨ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ଯାଏ ବୁଲି ସାଗର କୂଳରେ
ଯାଇଥାଏ ହଜି ତା ବେଳା ଭୂମିରେ
ଭିଜି ଯାଇ କେବେ ସେ ପ୍ରେମ ରସରେ
ଦେଖିଥାଏ ହସ ନାଲି ଅଧରରେ
ଥିଲା ତୋଳି ଦିନେ ଚୁଡିର ରାଗିଣୀ
ବେଢିଥିଲା ବକ୍ଷ ତା ବାହୁ ବନ୍ଧନୀ
ଚୁହ୍ଲି ତଳ ସେଇ ଅଂଗାର ଭିତରେ
ସାଉଁଟେ ସ୍ମୃତିକୁ ପ୍ରେମିକା ଆଖିରେ ।୩ ।

ଉଠେ କେତେବେଳେ ମନରେ ତରଂଗ
ପ୍ରଭୁକୃପା ଭରେ ତୂଳୀରେ ତା ରଂଗ
ସଠିକ ଚିତ୍ରଣ କରେ ଯେବେ ମନ
ପୂଜା ଫୁଲ ଭେଟି କରେ ସମର୍ପଣ
ପାଠକ ହୃଦୟ ଛୁଇଁ ଥାଏ ଯେବେ
ଆତ୍ମ ତୃପ୍ତି କବି ପାଇ ଥାଏ ସେବେ
ଭାସିଯାଇ ସେଇ ଭାବନା ସ୍ରୋତରେ
ଝରୁ ପ୍ରଭୁ କୃପା ଲେଖନୀ ମୁନରେ
ଆଙ୍କି ସମାଜର ଚିତ୍ର ନିର୍ଭୟରେ
ଆସୁ ଉଦାରତା ସେ କବି ମନରେ ।୪ ।

ରୋଡ ନଂ ୩, ଜଗନ୍ନାଥ ନଗର
ଭୁବନେଶ୍ୱର (ମୋ) ୯୪୫୫୨୧୭୫୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚୋର ଓ ଚୋରି



ଦମୟନ୍ତୀ ଜେନା

ଚୋର ବୋଲି ତୁମେ କାହାକୁ କୁହ
ଯିଏ ଚୋରି କରେ ତୁମ ଜିନିଷ, ତୁମକୁ ନ ପଚାରି
ନା
ଯିଏ ଚୋରି କରେ ରୁଟି ଦି ପଟ, ତା ପେଟକୁ ଭରିବା ପାଇଁ
କହେନା ମୁଁ ତାକୁ ଚୋରି କି ଚୋର
ଯେଉଁ ଥିରେ ମୋର  କ୍ଷତି ନାହିଁ....................

ଚୋର ବୋଲି ତୁମେ କାହାକୁ କୁହ
ଯିଏ ପକେଟ୍ ମାରେ ନିଜ ଛୁଆକୁ ହସ୍ପିଟାଲରେ ଭର୍ତ୍ତି କରିବା ପାଇଁ
ନା
ଯିଏ ଚୋରି କରେ ତୁମ ମନକୁ, ତୁମଠୁ ନିଏ ଛଡ଼ାଇ
କହେନା ମୁଁ ତାକୁ ଚୋରି କି ଚୋର
ଯେଉଁ ଥିରେ ମୋର  କ୍ଷତି ନାହିଁ....................

ଚୋର ବୋଲି ତୁମେ କାହାକୁ କୁହ
ଅଭାବେ ଯାହାର ସ୍ୱଭାବ ନଷ୍ଟ, ସେଇ ଲୋକଙ୍କୁ ଦେଖି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନା

ସମ୍ବଳ ଥାଇ ଯିଏ ଲୋକଙ୍କୁ  ଶୋଷେ, ମିଛ କଥା କହି କହି

କହେନା ମୁଁ ତାକୁ ଚୋରି କି ଚୋର

ଯେଉଁ ଥିରେ ମୋର  କ୍ଷତି ନାହିଁ...................

ଚୋର ବୋଲି କ'ଣ ସେ ମଣିଷ ନୁହେଁ

ନା

ନାହିଁ ତା'ର ମାନବିକତା

ଚୋର ବୋଲି କ'ଣ ସେ ଭଲପାଇ ଜାଣିନି

ନା

ନାହିଁ ତା'ର ହୃଦୟତା...........

ଯେଉଁମାନେ ଲାଞ୍ଚ ନେଇ କାମ କରନ୍ତି

ସରକାରୀ ବାବୁ ବୋଲି ଭାବି ଫୁଲେଇ ହୁଅନ୍ତି

ଅନ୍ୟକୁ ଥଟ୍ଟା ପରିହାସ କରି ନିଜକୁ ବଡ଼ ଭାବନ୍ତି

ସେମାନେ କଣ ସମାଜରେ ଚୋର ନୁହଁନ୍ତି...................

ଯେଉଁ  ଡ଼ାକ୍ତରମାନେ ସେବା ନାଆରେ, ଲୋକଙ୍କୁ ଶୋଷନ୍ତି

ନିଜକୁ ଭଗବାନ୍ ବୋଲି ଭାବି ଗର୍ବ କରନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟଙ୍କା ନ ଦେଖିଲେ, ରୋଗୀଙ୍କ ପାଖ ନ ମାଡନ୍ତି
ସେମାନେ କଣ ସମାଜରେ ଚୋର ନୁହଁନ୍ତି...................

ଯେଉଁ କନ୍ଟ୍ରାକ୍ଟର୍ ମାନେ, ସବୁ କାମରେ ଭେଜାଲ କରନ୍ତି
ବିଶ୍ୱାସରେ ବିଶ ଦେଇ ନୁଆ ଜିନିଷ ଗଢନ୍ତି
ଉପରୁ ତଳ ଯାଏଁ ପର୍ସେନ୍ଟେଜ୍ ବାଣ୍ଟି, କାମ ହାତକୁ ନିଅନ୍ତି
ସେମାନେ କଣ ସମାଜରେ ଚୋର ନୁହଁନ୍ତି...................

ସ୍ତ୍ରୀ କ'ଣ ଚୋର ହୁଏ, ସ୍ୱାମୀ ପାଖରେ
ପକେଟ୍ ରୁ ପଇସା ବାହାର କଲେ
ଛୁଆ କ'ଣ ଚୋର ହୁଏ ମା ପାଖରେ
ଥାଳିରେ ଥିବା ଲଡୁ ଖାଇଗଲେ......................

ଚୋର ବୋଲି ସବୁବେଳେ ତାକୁ କୁହ
ଯିଏ ସୁଃଖ ସ୍ୱାଛନ୍ଦରେ ରହି ଲୋକଙ୍କୁ ଶୋଷେ
ଚୋର ବୋଲି ସବୁବେଳେ ତାକୁ କୁହ
ଯିଏ ନିଜର ଉନ୍ନତି କରିବା ପାଇଁ
ଅନ୍ୟର ଅନେକ କ୍ଷତି କରେ ।।।।।।।।।।।।।।।

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତୀତ



ରିନା କୈବର୍ତ୍ତ

ଅତୀତକୁ ମୁଁ ଦେଇଛି ହଜାଇ
ସ୍ମୃତିର ସାଗର କୋଳେ
ଫେରି ଆସେ ନାହିଁ ସେ ଅତୀତ କେବେ
ଯେତେ ମୁହିଁ ଖୋଜୁଥିଲେ ।।
ସ୍ନେହ ମମତା କାଣି ଚାଏ ପାଇଁ
ବଞ୍ଚିବାର ସ୍ୱପ୍ନ ଦେଖେ
ବିତି ଯାଇଥିବା ଦିନ ଗୁଡିକୁ ମୁଁ
ବୁକୁରେ ସାଇତି ରଖେ ।।
ଆଉ କି ଫେରିବ ପିଲା ଦିନ ମୋର
ସାଙ୍ଗ ସାଥି ଧୂଳି ଖେଳ
ଯେତେ ଖୋଜିଲେ ବି ପାଇବିନି ଆଉ
ଭାଇ ଭଉଣୀଙ୍କ ମେଳ ।।
କର୍ମର ଜଞ୍ଜାଳେ ବନ୍ଧା ସର୍ବେ ଏବେ
ସମୟ କା'ପାଖେ ନାହିଁ
ଅତୀତ ସ୍ମୃତିକୁ ରୋମନ୍ଥନ କଲେ
ପାଇବି କି ଖୁସି ମୁହିଁ ।।
ହଜିଲା ଅତୀତ ହଜେ ପିଲାଦିନ
ହଜିଲା ବାଲିର ଘର
ହାତ ପାଆନ୍ତାରେ ଥିଲା ଯିଏ ଦିନେ
ଚାଲିଗଲା ବହୁ ଦୂର ।।
ସମୟର ସୁଅ ନେଇଛି ଭସାଇ
ଅତୀତକୁ ବହୁ ଦୂରେ
ତାହାରି ପରଶ ପାଇବାକୁ ମୋର
ମନ ତାକୁ ନିତି ଝୁରେ ।।
ହେ ଅତୀତ ତୁମେ ଦେଖା ଦିଅ ଥରେ
ଚାଲି ଆସ ମୋ ପାଖକୁ
ଫେରି ଆସନ୍ତୁ ମୋ ଆତ୍ମୀୟ ସ୍ୱଜନ
ଝୁରୁଛି ଯେଉଁ ମାନଙ୍କୁ ।।
ତାଙ୍କରି ସେନେହ ତାଙ୍କରି ଆଶିଷ
ଝରିପଡୁ ମୋ ଉପରେ
ତାଙ୍କ ମମତାର ପରସରେ ମୁଁ ଯେ
ହସି ଉଠେ ପୁଣି ଥରେ ।।

ଗ୍ରାମ-ଲଖନା, ଜିଲ୍ଲା-ନୂଆପଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁସ୍ଥ ଜୀବନ



ଶାଶ୍ୱତୀ ବେହେରା

ଅମୂଲ ଅତୁଲ ଦାନ ଏ ଜୀବନ,
ଅସୁମାରି ସୁଖ ଦୁଃଖର ଭବନ ।
ଦାନ ସିନା ଏହା ମାତା ପିତାଙ୍କର,
ଯତ୍ନ ନେବା କିନ୍ତୁ ଦାୟିତ୍ୱ ନିଜର ।
କିଛି କଥାପ୍ରତି ହେଲେ ସଚେତନ,
ଦୀର୍ଘ ସୁସ୍ଥ ସୁଖୀ ହୋଇବ ଜୀବନ ।
ସୁରାପାନ ନିଶା ପଦାର୍ଥ ସେବନ,
କ୍ଷୀଣ କରିଚାଲେ ଆୟୁ ଦିନ ଦିନ ।
ଆୟୁ ସଙ୍ଗେ ନାଶେ ଧନ ଆଉ
ମାନ,
ପ୍ରାଣଘାତୀ ବିଷ ସଙ୍ଗରେ ସମାନ ।

ଦୂରୁ କରି ଏହି ଜହରେ ଜୁହାର,
କରିବା ସେବନ ପୋଷକ ଆହାର ।
ଯେତେ ବ୍ୟସ୍ତ ପଛେ ଥିଲେ କର୍ମପଥେ,
ସମୟ କାଢିବା ବିଶ୍ରାମ ନିମନ୍ତେ ।
ସୁନିଦ୍ରା ସୁଖାଦ୍ୟ ସାଥେ କିଛି ଶ୍ରମ,
ଦିଏ ଦୀର୍ଘ ସୁସ୍ଥ ଜୀବନ ଉତ୍ତମ ।
ନିଜ ଧନେ ସଦା ହୋଇବା ସନ୍ତୁଷ୍ଟ,
ପର ସମ୍ପତ୍ତିରେ ନ ହେବା ଆକୃଷ୍ଟ ।
ଜୀବନ ହୋଇବ ତେବେ ସୁଖମୟ,
ଖୁସିରେ ଖୁସିରେ କଟିବ ସମୟ ।

ଜିଲ୍ଲା - କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତ୍ୟର ସନ୍ଧାନ



ଉତ୍ତମା ପଧାନ

ସଂସାର ମାୟାରେ ବାୟା ମୁଁ ଯେ ହୋଇ
ଥକିଗଲି ଧାଇଁ ଧାଇଁ
ପ୍ରତି ପାଦେ ପାଦେ ଝୁଣ୍ଟୁ ଥିଲି ବାଟ
ବାଟ ଦେଲେ ମୋ ବଡେଇ ।।

ପ୍ରେମେ ବନ୍ଧା ମୋର ମନ ଆଶ୍ରମରେ
ଯେତେକ ଭଉଣୀ ଭାଇ
କଣ୍ଟା କାଢି ଦେଇ କ୍ଷତ ଭଲକଲେ
ଜ୍ଞାନର ଔଷଧ ଦେଇ ।।

ଯୋଗବଳେ ଯାଏ ଶାନ୍ତିର ଧାମକୁ
ସତ୍ୟର ସନ୍ଧାନ ପାଇଁ
ଈଶ୍ୱରୀୟ ପାଠ ପ୍ରତିଦିନ ପଢେ
ଶ୍ରେଷ୍ଠ ମୁଁ ହୋଇବା ପାଇଁ ।।

ଫେରିବି ନାହିଁ ମୁଁ ପୁରୁଣା ପଥକୁ
ଶ୍ରେଷ୍ଠ ସଂକଳ୍ପ ମୋ ଏହି ।।
ମୋ ଜୀବନ ମରୁ ଶ୍ୟାମଳିତ ହେଲା
ସାଥି ପ୍ରେମ ସ୍ପର୍ଶ ପାଇ ।।

ଆସୁ ଝଡ ଝଞ୍ଜା ଯେତେ ବିଘ୍ନ ବାଧା
ଧରିଥିବି ତୁମ ହାତ
ପଥର ରୁ ହୀରା ହେବିଯେ ମୁହିଁ
ଆଦରି ସବୁ ତୁମରି ମତ ।।

ଟେମରେନ(ଭଟଲି) ,ବରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସିନ୍ଦୁର



ବିନୟ ମିଶ୍ର

କାଠ ଫରୁଆରେ ଭାରି ସୁନ୍ଦର ଯେ
ରୁପା ଫରୁଆରେ ଆହୁରି ଭଲ,
ସୁନା ଫରୁଆରେ ଆଉ ଭଲ ଲାଗେ
ଶଙ୍ଖ ଫରୁଆରେ କି ଝଲ ମଲ ।

କାଗଜ ପୁଡ଼ାରେ ଜଗନ୍ନାଥଙ୍କର ପ୍ରଜାପତିଆ ସିନ୍ଦୁର,
ଅମୁଲ ମୂଲ ସେ ସିନ୍ଦୁର ଟିକିଏ
କରିଦିଏ ପୁଣି ପର ।

କେବେ ସେ ବିଜୟ ତିଳକ ହୁଅଇ
ବୀର ସୋହାଗିନୀ ପାଇଁ,
ବିବାହ ବେଦୀରେ ସିନ୍ଦୁର ମଥାରେ
ଲାଗେ ସତେ କିସ ପାଇଁ ?

ମୋ ବୋଉକୁ ଦିନେ ପଚାରିଲି ବୋଧେ ହେଲାଣି ଅନେକ ଦିନ,
ସିନ୍ଦୁର କାହିଁକି ସ୍ତ୍ରୀ ଲୋକମାନେ ପିନ୍ଧନ୍ତି କରି ସ୍ନାହାନ ?
ଶୁଣିଥିଲି ଯାହା ଲେଖୁଛି ଆଜି ମୁଁ ପଢି ଏ ପ୍ରସଙ୍ଗ ଗୋଟି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିନ୍ଦୁର ଅଟଇ ବୈଦ୍ୟ ଶାସ୍ତ୍ର ମତେ ଔଷଧୀୟ ଏକ ମାଟି ।

ନାନା ରକମର ଚେର ମୁଳି ଲତା ମାଟି ଓ କୁଂକୁମ ଫୁଲ,
ବଟା ହୋଇ ଥାଏ ସୁଗନ୍ଧି ଦ୍ରବ୍ୟରେ ଦେବତାଙ୍କୁ ଲାଗେ ଭଲ ।

ଯେତେବେଳେ ବସି ବିବାହ ବେଦୀରେ ବର ରଖିଥାଏ ସର୍ତ୍ତ,
ପିତାମାତା ପରିଜନ ଗୃହପଶୁ ଧନ
ମାନର ପ୍ରଯତ୍ନ ।

ସଂସାରର ଭାର ଆଜିଠୁ ସମ୍ଭାଳି ସତ ମାର୍ଗେ ନେବ ଗୋ ମୋତେ,
ପ୍ରତିଜ୍ଞା କରଇ ଅଗ୍ନି ସାକ୍ଷୀ ରଖି କନ୍ୟା ସନମତ ଗାତ୍ରେ ।

ସବୁ ଶୁଣି କନ୍ୟା କହଇ ହେ ଭର୍ତ୍ତା ଗ୍ରହୀତା ପତି ଭାବରେ,
ଛାଡି କୁଳ ଗୋତ୍ର ନାମ ପିତା ମାତା ଜନମ ମାଟି ସୋଦର ।

ଯିବି ଚାଲି ତୁମ ସବୁ ସର୍ତ୍ତ ମାନି ତୁମେ ବି କଲ ଶପଥ,
କର ଆଶୀର୍ବାଦ ତୁମ୍ଭ କର୍ମ ଯେତେ ହେବ ଯେହ୍ନେ ସୁସଙ୍ଗତ ।

ବର ଆଣି ସେହି ସୁଗନ୍ଧ ସିନ୍ଦୁର ରକ୍ତବର୍ଣ୍ଣ ମହୌଷଧି,
ବିଜୟ ତିଳକ ସୀମନ୍ତେ ଲଗାଇ ଦେଇଥାଏ ନିରବଧି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଜିଠାରୁ ଏହି ବିଜୟ ସିନ୍ଦୁର ରହୁ ତୁମ ସୀମନ୍ତରେ,
ନେଇ ଏକ ବିନ୍ଦୁ କନ୍ୟା ଯେ ଲଗାଏ  ତାର ଭ୍ରୂମଧ୍ୟେ  କପାଳେ ।

ସୀମନ୍ତିନି ହୁଏ ସେହି ସମୟରୁ ପରିଜନେ ବର ପୁରେ,
ବନ୍ଦାଇ କପାଳ ବିନ୍ଦୁ ତଳେ ଏକ କ୍ଷୁଦ୍ର ବିନ୍ଦୁ ସେ ସିନ୍ଦୁରେ ।

ଦେଇ ହୁଳହୁଳି କହନ୍ତି ଗୋ ବଧୂ ଏ ବିନ୍ଦୁ ସିନ୍ଧୁକନ୍ୟାର,
ଗୃହଲକ୍ଷ୍ମୀ ହୋଇ ପ୍ରବେଶ କର ଗୋ ପୁତ୍ର ନାରାୟଣଙ୍କର ।

କଣ୍ଠେ ଏକ ବିନ୍ଦୁ ସିନ୍ଦୁରରଟିକା ସ୍ନେହ ମଧୁରତା ବାଣୀ,
ଦୁଇ ହାତେ ଶଙ୍ଖା ସିନ୍ଦୁର ଦିଅନ୍ତି ବଜ୍ର ହେଉ ତାହା ପୁଣି ।

ଏଣୁ ପାଞ୍ଚ ସ୍ଥାନେ ଶରୀର ମଧ୍ୟରେ
ସିନ୍ଦୁର ଶୋହେ ନାରୀର,
ରଜକ୍ଷୟ ସହ ପ୍ରସୂତୀକ୍ଷୟର ହୋଇଥାଏ ଉପଚାର ।

ସିନ୍ଦୁର ଅଟଇ ସମର୍ପଣ ଟିକା ପୁଣି ବିଜୟର ଚିହ୍ନ,
ବ୍ରହ୍ମ ରନ୍ଧ୍ର ଦ୍ୱାର କପାଟ ସାଜି ଯେ
ଦିଏ ନାରୀକୁ ସମ୍ମାନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏବେ ଯିବାର ଭୁଲ କରନି



ସୁମନ୍ ସମିଲିତା ଦାଶ

ତା ନାଲି ନେଳି ଚୁଡ଼ିର ରୁଣୁଝୁଣୁ ଶବ୍ଦ

ଶୁଣିପାରୁଛ ?

ଗହଳି ଭିତରେ ଶାନ୍ତି ପରି ଅନୁଭବ ହେଉନି ?

ଶୁଣିପାରୁଛ ତ ତମେ ?

ଏବେ ଯିବାର ଭୁଲ୍ କରନି

ଭୁଲ୍ କରନି

..

ଅଧା ଓଦା ବାଳରେ ବାସନ୍ତୀ ରଙ୍ଗର ସେ ଶାଢ଼ୀ

ଆଉ ଅକସ୍ମାତ୍ ଏପଟକୁ ଯଦି ଚାହିଁ ଦେଲା..

ଓହୋ ! ! କେତେ ନିରୀହ ଦିଶୁଛି ସେ ଆଖି ଦି ଟା ତାର

ଦେଖ ତ..ମନ ଭରି ଦେଖିଲ ଟିକେ..

ଏବେ ଯିବାର ଭୁଲ୍ କରନି

ଭୁଲ୍ କରନି

..

ପାଖରେ ବସି ସୁଡ଼ୁସୁଡୁ କରି ଚା' ପିଉଛି

ତା' ବି ଖୁବ୍ ସୁକ୍ଷ୍ମତାର ସହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖ ଟିକେ ନିରିଖିକି..

ଏବେ ଯିବାର ଭୁଲ୍ କରନି

ଭୁଲ୍ କରନି

..

ତା ଆଲିଙ୍ଗନର ଗଭୀରତା ମୋତେ ତା ପାଖକୁ ବାରମ୍ବାର ଡାକି ନେଉଛି

କେଜାଣି ଏ ସମୟ ପୁଣି କେବେ ଆସିବ କି ନାହିଁ..

ତା ମିଠା ମିଠା କଥା ତାକୁ ଆହୁରି ନିରୀହ ଦର୍ଶାଉଛି

ଜାଣିପାରୁଛ ତ ତମେ ?

ସାଇତିକି ରଖି ଦିଅ ତାକୁ, ହୁଏ ତ ଭାବନା ରୂପରେ

କିନ୍ତୁ ଏବେ ଯିବାର ଭୁଲ୍ କରନି

ଭୁଲ୍ କରନି..

ଝାରପଡା, ଭୁବନେଶ୍ବର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ବାପା



ରାମଚନ୍ଦ୍ର ପ୍ରଧାନ

ସମସ୍ୟା ପାହାଡ଼ ମୁଣ୍ଡରେ ମୁଣ୍ଡେଇ
ସଦା ଯିଏ ହସୁଥାଏ
ମହା ମେରୁ ସମ ଅଚଳ ଅସ୍ଥିର
ଆମ ବାପା ପରା ସିଏ ।
ଜୀବନ ଯାତ୍ରାର ସେ ମହା ନାୟକ
କିଏ ହେବ ତାଙ୍କ ସମ
ଅନୁଶାସନର ଜ୍ୱଳନ୍ତ ଦୃଷ୍ଟାନ୍ତ
ଭରସାର ମହାଦ୍ରୁମ ।
ଦୁଃଖ କଷ୍ଟର ସେ ଅମୁଲ୍ୟ ରତନ
କଥା ତାଙ୍କ ମିଠା କ୍ଷୀରି
ହୃଦୟ ଆକାଶେ ଉଜ୍ଜଳ ନକ୍ଷତ୍ର
ସିଏ ପରିବାର ଶିରୀ ।
ମର୍ତ୍ତ୍ୟଜଗତର ମଉଡମଣୀ ସେ
ପ୍ରେରଣାର ମହାଉତ୍ସ
ସତ୍ୟ ଧର୍ମ କର୍ମ ପ୍ରତିଟି କ୍ଷେତ୍ରରେ
ସିଏ ସବୁଠାରୁ ଉଚ୍ଚ ।

ରଙ୍ଗହୀନ ଆମ ଜୀବନ ପୃଷ୍ଠାର
ସେ ସଫଳ ଚିତ୍ରକାର
ଶବ୍ଦ ତ ନୁହଁନ୍ତି ଭିନ୍ନ ଏକ ସଂଜ୍ଞା
ନୀତି ଆଉ ଆଦର୍ଶର ।
ଆମ ଅସ୍ତବ୍ୟସ୍ତ ମନ ବଗିଚାର
ଅଟନ୍ତି ସେ ମହୋଷଧି
ଆଶୀର୍ବାଦର ସେ ଦିବ୍ୟ କବଚଟେ
ତାଙ୍କ ପାଇଁ ସର୍ବସିଦ୍ଧି ।
ପ୍ରଥମ ଈଶ୍ୱର ପଥ ପ୍ରଦର୍ଶକ
ତ୍ୟାଗର ମହାସାଗର
ବ୍ୟକ୍ତି ନୁହଁନ୍ତି ସେ ବିରଳ ବ୍ୟକ୍ତିତ୍ୱ
ନାହିଁ ତାଙ୍କ ପଟ୍ଟାନ୍ତର ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଜ ଥରେ ମନ



ହରେରାମ ପଣ୍ଡା

ଭାବରେ ଭାବରେ ଭଜ ଥରେ ମନ
ଭାବ ବିନୋଦିଆ ହରିଙ୍କ ନାମ ,
ଯେ ନାମ ଭଜିଲେ ମିଳେ ବହୁ ପୁଣ୍ୟ
କି ମଧୁର ସେହି ପ୍ରଭୁଙ୍କ ନାମ ॥୦ ॥

ପ୍ରେମରେ ଡାକିଲା ଦାସିଆ ବାଉରୀ
ହାତରୁ ତାହାର ଶ୍ରୀଫଳ ନେଲେ ,
ଭକ୍ତ ବଳରାମ ବାଲିରଥ ଗଢ଼ି
କେତେ ଦୂରୁ ଥାଇ ଗୁହାରୀ କଲେ ,
କାନ ଡେରି ନାଥ ଶୁଣିଥିଲେ ଡାକ
ଜପ ଥରେ ମନ ତାଙ୍କରି ନାମ ॥୧ ॥

ଧ୍ରୁବ ପ୍ରହଲ୍ଲାଦ ପାଇଲେ ମୁକତି
ଭଜନ କରିକି ହରିଙ୍କ ନାମ ॥୨ ॥

କୁରୁସଭା ତଳେ ଡାକିଲା ପାଞ୍ଚାଳୀ
କୋଟି ବସ୍ତ୍ର ଦେଇ ଲଜ୍ଜା ରଖିଲେ ,
ଗଭୀର ଜଳରୁ ଗଜ ଡାକଦେଲା
କୁମ୍ଭୀରକୁ ଚକ୍ର ପେଶି ନାଶିଲେ ,
ମହିମା ଯାହାର ଅନନ୍ତ ଅପାର
ଭଜ ଥରେ ମନ ତାଙ୍କରି ନାମ ॥୩ ॥

ବନ୍ଧୁ ବୋଲି ଭାବି ବନ୍ଧୁ ମହାନ୍ତି ଯେ
ଭୋଗଥାଳି ଯାଚି ଦେଲା ପ୍ରଭୁଙ୍କୁ ,
ମାଣିକର ଦହି ଖାଇ ଦୁଇ ଭାଇ
ଯୁଦ୍ଧ ଜିତେଇଲେ ଗଜପତିଙ୍କୁ ,

କୁଆଁସ , ମେର୍ଦ୍ଧା କାଟିଆଛକ , ଯାଜପୁର ।
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ।
ଭ୍ରାମ୍ୟଭାଷ - ୯୪୩୮୦୬୫୧୯୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଚିରିଦେଲ ସଂପର୍କ



ଦୁଷ୍ମନ୍ତ ବେହେରା

ଅକ୍ଷର ମୂଲ୍ୟ ବୁଝି ପାରିଲନି
ମୋ ମୂଲ୍ୟ କ'ଣ ବୁଝିବ
ଯନ୍ତ୍ରଣା ଲୁହେ ଭସେଇ ତୁମେ
ଝରକା ସେପାଖେ ଦେଖୁଛ !!

ଚିଠି ରଖିଛି ସାଇତି ଲଫାପା
ଭିତରେ ଦେଖି ଦେଖି
ସପନ କହେ ଅକ୍ଷର ଉଜ୍ଜ୍ୱଳ
ପ୍ରେମ ଦୁଇଦିନ ସାକ୍ଷୀ !!

ଆଉ କେମିତି କହିବି ତୁମକୁ
ଚିରି ଦେଉଛ ସଂପର୍କ
ରକ୍ତ ରକ୍ତ ମିସୁ ନାହିଁ ବୁଲି
ବିଶ୍ୱାସେ ଟାଣିଲ ଗାର !!

ମୁଁ ଆଉ କ'ଣ କହିବି ତୁମକୁ
ଯଉବନ ବାସେ ମାରି
କେଉଁ ଆଡେ ଚାଲି ଗଲ ଯେ
ଖୋଜି ପାଉ ନାହିଁ ମୋ ବେଳ !!

ଆସ ତୁମକୁ କହିବି କଥା ପଦେ
ଆଉ କାହା ସହ ଖେଳି
ବନି ପ୍ରେମ ଖେଳ ନହଲେ ତୁମ
ସହ ଦୁନିଆ ଖେଳିବ ଖେଳ !!

କାଲି ଥିଲେ ଲେଖିବାକୁ ମନ ହୁଏ
ତୁମ ବୟସ ଅଛି ବୋଲି
ଏଠି ସେଠି ଉଡୁଛ ଚର୍ମ ଧଡ ଧଡ
ହେଲେ ଫୋପାଡି ଦେବେ !!

ଚିକ୍କଣ ଦେହରେ ଶରଗ କିଆଁ
ଆଜି ମେକପ ରେ କାଲି
ମଳିନ ଉତୁରି ଯିବ ତୁମ ଅସଲି
ଚେହେରା ରୂପ ମନ !!

ରାସୋଲ-ମୁଣ୍ଡିଆପକ୍ଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସ୍ମୃତିର ଲହଡ଼ି



ସ୍ମୃତିରଞ୍ଜନ ବାରିକ

ହୃଦୟ ବଲ୍ଲଭ ସ୍ୱନଦୀ ତୀର୍ଥେ,
ନେତ୍ର ଚକ୍ ଚକ୍ ବାକି ଯା ଅର୍ଥେ ।
ଭାବନାର ଅୟ ଏ ଯେ ବୃକ୍ଷମୂଳେ,
ସୃଷ୍ଟିର ବିଜୟ ଭାବେ ମହାନଦୀକୂଳେ ।
ବିପରୀତ କ୍ଷଣେ ବୃକ୍ଷ ଦିଏ ନିଜ କୋଳ,
ସାଥେ ଥାଉ ଏହି ସାଥୀ ନଦୀକୂଳ ।
ସ୍ମୃତିର ସାରଥୀ ନିକାଞ୍ଚନ ଟାଣି,
ଶାନ୍ତିର ମହକ ମହାନଦୀ ପାଣି ।
ନଦୀର ସଂପର୍କେ ବୃକ୍ଷ ସଂପର୍କିତ,
ଏ ଜୀବନ ଖୋଜେ ତୁମପରି ମିତ ।
ସ୍ମୃତିର ଲେଉଟା ଫର୍ଦ ଏ ମୂହୁର୍ତ୍ତ,
ନଦୀ ହିଁ ଭରିଛି ଏ ମନର ଗର୍ତ୍ତ ।
ତରଣୀର ଗର୍ଭେ ବସି ଚିନ୍ତାୟିତ ତରୁଣି,
ତା'ପାଇଁ ମେଘଖଣ୍ଡ ଝାଡି ଦିଏ ମୁକ୍ତାମଣି ।
ଅଜନ୍ମା ସାହାସ ଉପହାସ କରେ,
ଯେବେ ମହାକାଳ ନିଜ ଭୟେ ଥରେ ।
ଦୂଃଖର ସ୍ମୃତିରେ ଗଢିଦେ ସାଗର,
ସୁଖେ ଭରିଯାଉ ଯାତ୍ରୀସେ ନଦୀର ।
ଭାସ୍କର ବିଦିତ ଦିବାକର ନର୍ଭେ,
ପ୍ରଖର ଆଦିତ୍ୟ ଲୀନ ନଦୀଗର୍ଭେ ।
ପାଞ୍ଚଜନ୍ୟ ସ୍ୱର ଯୁଦ୍ଧର ଆଭାସ,
ଗାଣ୍ଡିବ ଫୁତ୍କାର ଗଂଗାକୂଳ ଆସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପବନରେ ଭାସିଆସେ ବାଂସୁରୀର ସୁର,

ମନେପଡେ ଅଶ୍ୱ ପାଶେ କୀର୍ତ୍ତି ସେ ବୀରର ।

ନୌକାର ଉଦର ନଦୀ ଗର୍ଭଚିରି,

ଟାଣିଦେଇ ଯାଏ, ସୀମା ବୀର ପରି ।

ତରଣେ ଲଢଇ ଆଗେ କରି ଛାତି,

ରଚିଦେଇ ଯାଏ ଭୁଲି ଭୟଭ୍ରାନ୍ତି ।

ମରୀଚିକା ଦିଶେ ସ୍ୱତନୁ ନଦୀ,

ଊର୍ମି ସୃଷ୍ଟିକରେ ବାସ୍ତବ ଯେ ଗାଦି ।

ଆନନ୍ଦେ ବିଚରେ ଜଳଚର ଯେତେ,

ଖୁସିର ଲହରୀ ଛାଡେନାହିଁ ସାଥେ ।

ବର୍ଣ୍ଣନା ଅତୀତ ମାତ୍ର ଏ ଦୃଷ୍ଟାନ୍ତ,

କେବେ ଦେଖିନାହିଁ ନଦୀବଂଶ ଅନ୍ତ.......

ଗ୍ରାମ:- ଅନୁପଲା, ଗ୍ରାମ.ପ:-ସାମନ୍ତରାପୁର
ବ୍ଲକ୍:-ତିର୍ତ୍ତୋଲ, ପିନ୍:-୭୫୪୧୭୨
ଜିଲ୍ଲା:-ଜଗତସିଂହପୁର
smrutiranjanbarik.smruti@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ଚିଠି



ସିଦ୍ଧେଶ୍ୱର ତ୍ରିପାଠୀ

ଆଜି ବି ଆକାଶୁ ବରଷା ଝରିଲେ
ଲଫାପାରେ ମନ ହଜେ
ପ୍ରେମ ପତରରେ ତୁମ ସ୍ୱାକ୍ଷରରୁ
ପରିଚୟ ମୋର ଖୋଜେ ।

ଓଠ ଥରିଯାଏ ଆଖି ଭରିଯାଏ
ପାଏନି ଉତ୍ତର କିଛି
ସଂଜ୍ଞା ହୀନ ସେଇ ଗୋଟିଏ ଶବ୍ଦ
ତୁମକୁ ଭଲ ପାଉଛି ।

ଅଛୁଆଁ ବେଳରେ ଅନେକ ଦୂରରେ
ଆପେ ଆପେ ଆଜି ଭିଜେ
ଆଜିବି ଆକାଶୁ ବରଷା ଝରିଲେ
ଲଫାପାରେ ମନ ହଜେ ।

କାଗଜ ଉପରେ ଯାହା ଲେଖିଥିଲ
ମନକୁ ହଜେଇ ଦେଇ
ଏଇ ଜୀବନକୁ ନିତି ଜାଳିବାକୁ
ରହିଛି ସେ ସ୍ମୃତି ହୋଇ ।

ସେ ସବୁ ଶବଦ ଆଖିରେ ପଡିଲେ
ମିଳନ ସଙ୍ଗୀତ ବାଜେ
ଆଜିବି ଆକାଶୁ ବରଷା ଝରିଲେ
ଲଫାପାରେ ମନ ହଜେ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
୭୦୦୮୩୧୯୫୦୪୦, ୮୦୧୮୭୪୬୭୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆପଣା ହେବାର ଛଳନାରେ



ସଂଜୀବ କୁମାର
ଦାସ

ତମକୁ ନ ଦେଖି ଦଣ୍ଡେ ଚଳିବା ଅସମ୍ଭବ ସତେ !

ଯେଣୁ ଆପଣା କରିନେବାର କଳା ମୋର ନୁହେଁ ନିଜସ୍ୱ ,

ସେ କଳା ତମଠୁ ଶିଖି ମୁଁ ପୋଖତ କଳାକାର ।

ଏବେ ସମସ୍ତଙ୍କୁ, ଏପରିକି ଶତ୍ରୁକୁ କରିପାରେ ଖୁବ ଆପଣାର ।

କିଛି କହିବାର ଅଭିପ୍ରାୟ ନେଇ ସେଦିନ ବଖାଣୁଥିଲି ଅତୀତର କେତେକଥା ।

ତମେ କହିଲ ଏ ସବୁର ରୋମନ୍ଥନ କାହିଁକି ।

ମୁଁ ବାଧା ଦେଲି,କହିଲି କହିପକାଏ ଭିତରେ ଯାହା କିଛି ଅଛି ।

ଆଉ ପ୍ରଗଳଭ ହୋଇ ସବୁକିଛି କହିବା ବେଳେ ତମେ ନିରିଖେଇ ଦେଖିଥିଲ

ମୋଠି କେଉଁ ସତ୍ୟର ଏକ ଝଲକ କେଜାଣି ।

ମୁଁ ଅଜାଣତରେ କୋଳେଇ ନେବାକୁ ଯିବାବେଳେ ପାଇଥିଲି

ତମ ପଣତରେ ମୋର ସମଗ୍ର ସତ୍ତା ।

ତମେ ବି ଅତି ଆପଣାର ହୋଇ ମୋ ମଥା ଆଉଁସିବାବେଳେ

ମୁଁ ସନ୍ତର୍ପଣରେ ନିଜକୁ ସଜାଡି ନେଇ ବସିଥିଲି ଉଠି ।

କାରଣ ଜାଣ ?

ମୋର ଛଳନାର ଜାଲ ଭିତରେ ତମେ ସିନା ଛନ୍ଦି ହୋଇ ଯାଇଥିଲ

ଆଉ ଛଟପଟ ହୋଇ ବାହାରିବାର ପ୍ରଚେଷ୍ଟା ନଥିଲା ତମଠି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ କିନ୍ତୁ ଏକ ନିଷ୍ପାପ ଯନ୍ତ୍ରଣାରେ ନିଜକୁ ଦହିହେବାର ଅଭିପ୍ରାୟ ନେଇ

ଏକ ଅହେତୁକ ଭୟରେ ଜର୍ଜରିତ ହୋଇ ନିଜକୁ ଧିକ୍କାରୁ ଥିବା ବେଳେ

ତମେ ପାଖେଇ ଆସି କହିଥିଲ-

ନିଜକୁ ଏତେ ଦୋଷୀ ମାନିବାର ଅଛି କଣ ଆଉ !

ଅତୀତର ସେଦିନ ଗୁଡାକ ତମକୁ ଅନୁଶାସନର ରଜ୍ଜୁରେ ବାନ୍ଧି ନପାରିବାରୁ

ଚହଲିଥିଲା ତମ ପାଦ ,ବାଟବଣା ହେବା ସାର ଥିଲା ଯାହା ।

ଏକ ଷୋଡ଼ଶୀ ଠାରେ ପ୍ରଣୟ ଭିକ୍ଷା କରିବା ଭୁଲ ନଥିଲା ତମର ,ସମ୍ଭବତଃ ବୟସର ।

ଭୁଲ ମାନି ଯାହା ଧିକ୍କାରିଥିଲ ଏକ ନିଷ୍କଳଙ୍କ ପୁରୁଷାର୍ଥକୁ ।

ମୁଁ ବୁଝିଛି ସେ ବେଦନାର ସାରମର୍ମ,ଅନୁତପ୍ତ ଏକ ଯୁବ ପ୍ରାଣର ଅନ୍ତର୍ଦ୍ଧାହ ।

****

ମୁଁ ଇତଃସ୍ତତଃ ହେଲି, ବୁଝିପାରିଲିନି କେତେ ସେ ଗୁଢ ରହସ୍ୟ !

ମୋ ପ୍ରେୟସୀର ଅନ୍ତରାତ୍ମା କଣ ମୋ ପତ୍ନୀକୁ ଏତେ ମାର୍ଜିତ କରିପାରିଛି !

କାରଣ, ମୋ ପତ୍ନୀ ତ ଅହଂକାର ର ଏକ ଜୀବନ୍ତ ଅବତାର ।

ଆଜି କିନ୍ତୁ ଛଳନାର ଜାଲରେ ମୁଁ ତାକୁ ଗୁଡ଼ାଇ ତୁଡାଇ ବାନ୍ଧିବାକୁ ଗଲାବେଳେ

ସେ ମୋର ମୋହ ଭଙ୍ଗ କରିପାରିଛି ସିନା ।

କଟକ, ୬୩୭୨୯୬୯୦୦୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଗବାନଙ୍କୁ ଦେଖିଛ କି ?



ନୂତନ କୁମାର ବେହେରା

ପଚାରିଲେ ଗୁରୁ...ହେ ମୋର ଶିଷ୍ୟଗଣ !
ତୁମେମାନେ କେହି କେବେ
ଭଗବାନଙ୍କୁ ଦେଖିଛ କି... ?
ସବୁ ଶିଷ୍ୟମାନେ ଯା' ତା' ମୁହଁକୁ ଅନାଇଁ
ଚାହୁଁଥାନ୍ତି ତବତବ ଗୁରୁଙ୍କ ଆଡକୁ
ଜଣେ ମାତ୍ର ଶିଷ୍ୟ ହୋଇ ଦଣ୍ଡାୟମାନ
ବେନି ହସ୍ତଯୋଡ଼ି ନମ୍ର ବିନୟେ କହିଲା
ହେ ମୋର ଚିରପୂଜ୍ୟ ଗୁରୁଦେବ !
ଆପଣ ଦେଇଛନ୍ତି ଯେଉଁ ଦିବ୍ୟ ଜ୍ଞାନ
ସେ ଜ୍ଞାନର ବଳେ ଅନୁଭବ କରି
ହୃଦୟରେ ମୋର ଦେଖୁଛି ଭଗବାନଙ୍କୁ
ଶୟନେ ସପନେ ଜାଗରଣେ ନିରନ୍ତର... ।
ଶୁଣି ଶିଷ୍ୟଗଣ କଲେ ଅଟ୍ଟହାସ୍ୟ
ମିଥ୍ୟାଚାରୀ ବୋଲି କେହି କେହି କହିଲେ
ଗୁରୁଙ୍କ ଆଗରେ ନାନା ଅଭିଯୋଗ କରି
ଚକିତ ବିସ୍ମିତରେ ପୁନରାୟ ପଚାରିଲେ ଗୁରୁ...
ବତ୍ସ ! ସେ ଭଗବାନଙ୍କୁ ପାରିବ କି ଦେଖାଇ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ସମ୍ମୁଖରେ ଆମ ସମସ୍ତଙ୍କର ସମ୍ମୁଖରେ

ଏବେ ଏହି ମୁହୂର୍ତ୍ତରେ ନ କରି କାଳ ବିଳମ୍ବ...

ଶିଷ୍ୟଟି ପୁନଶ୍ଚ ଦୃଢତାର ସହିତ କହିଲା

ଆଜ୍ଞା ଗୁରୁଦେବ ପାରିବି ଦେଖାଇ...

ତେବେ ଦେଖାଅ ସେ ଭଗବାନଙ୍କୁ...

ଶିଷ୍ୟଟି କହିଲା... ସେ ଭଗବାନ ମୋର

ସ୍ୱୟଂ ଆପଣ ସମ୍ମୁଖେ ମୋ ହୋଇଛନ୍ତି ଉଭା.. ।

ଶିଖାଇଛନ୍ତି ଆପଣ ମୋତେ...

" ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ

ଗୁରୁର୍ଦ୍ଦେବୋ ମହେଶ୍ୱରଃ,

ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ

ତସ୍ମୈ ଶ୍ରୀ ଗୁରୁବେ ନମଃ" ।

ଆପଣ ସାକ୍ଷାତ୍ ଭଗବାନ ମୋ ଆଗରେ

ଆପଣଙ୍କୁ ମୋର ଶତ କୋଟି ପ୍ରଣାମ ।

ସେ ଭଗବାନଙ୍କୁ ଦେଖେ ମୁଁ

ପିତାମାତା ଗୁରୁ ଗୁରୁଜନଙ୍କ ହୃଦୟ ଭିତରେ

ସବୁ ସାଥୀ ସହଚର ଜୀବଜଗତରେ

" ସର୍ବ ଇଦଂ ଖଳୁ ବ୍ରହ୍ମ" ବେଦର ପ୍ରମାଣ

ପୁନଶ୍ଚ ମୁଁ ଅନୁଭବ କରୁଛି ହେ ଗୁରୁଦେବ !

ଭଗବାନଙ୍କୁ ଖୋଜି ଖୋଜି ଆଜି ଯାଏଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଇ ନାହାଁନ୍ତି କେହି ଦେଖି ବି ନାହାଁନ୍ତି କେହି
ଯେଉଁ ଭଗବାନଙ୍କ କଥା ପଚାରୁଛନ୍ତି ଆପଣ
ସେ ନିରାକାର ନିର୍ଗୁଣ ସର୍ବବ୍ୟାପୀ
ସର୍ବ ବିଦ୍ୟମାନ ସର୍ବମୟ କର୍ତ୍ତା ରୂପେ ଅଛନ୍ତି
ତାଙ୍କରି ଇଙ୍ଗିତରେ ଏ ବିଶ୍ୱ ବ୍ରହ୍ମାଣ୍ଡର
ସୃଷ୍ଟି ସ୍ଥିତି ପ୍ରଳୟ ସବୁ କିଛି ହୋଇ ଚାଲିଛି
ନିଜ ଧ୍ୟାନ ଧାରଣାରେ ଆଣି ଏକାଗ୍ରତା
ଭଗବାନଙ୍କୁ ପାଇବା ପାଇଁ ଯିଏ ଯିଏ
ନିରବଚ୍ଛିନ୍ନ କଠୋର ସାଧନା କରିଛନ୍ତି
ସେ ଭଗବାନଙ୍କୁ ପାଇଛନ୍ତି ଜ୍ଞାନ ମାର୍ଗରେ
ଭକ୍ତିଭାବେ ଆରାଧନା ଉପାସନାରେ
କରିଛନ୍ତି ଆତ୍ମସାକ୍ଷାତକାର ନିଜ ଦିବ୍ୟଦୃଷ୍ଟିରେ...
ଧୃଷ୍ଟତା ଥିଲେ ମୋର କରିବେ ମାର୍ଜନା... ।
ସାଧୁ ସାଧୁ...ଉଚ୍ଚସ୍ୱରେ କରି ସମ୍ବୋଧନ
କହିଲେ ଗୁରୁଦେବ, ଶିଷ୍ୟରୂପେ ଗୁରୁ ତୁମେ
ଖୋଲି ଦେଲ ମୋ ଜ୍ଞାନ ନେତ୍ର ଆଜି
ଆଉ କେବେ ପଚାରିବିନି ଏ ପ୍ରଶ୍ନ ତୁମକୁ...
ଭଗବାନଙ୍କୁ ଦେଖିଛ କି... ?

ବାରିପଦା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# 'ତମେ' ଆରୁ 'ତୁଇ'

ପାଁଚ୍ ବଛର୍ ଉତାରୁ ଆଜି ଭୂମିକା ତାର୍ ସାଂଗ୍ ପାୟଲ୍ ସଂଗେ ମୁବେଲ୍ ଥି କଥା ହେଉଛେ । ଭୂମିକା କହେସି,"କହ ତ ଲୋ ପାୟଲ୍,ତୁଇ ଯେନ୍ ପାଁଚ୍ ବଛର୍ ଆଗରୁ ଆମର୍ ଗାଁ ନେ ତର୍ ମାମୁଁ ଘରେ ଚାର୍ ବଛର୍ ରହେଲୁ,ଆମେ ଦୁହେ ସାଂଗ୍ ହେଉଥିଲାଁ,ସେ ବେଳର୍ କଥା ଆରୁ ଇହାଦେର୍ କଥା ଭିତ୍‌ରେ କାଣା ତଫେତ୍ ଲାଗୁଛେ ତତେ କହତ । ପାୟଲ୍ କହେସି,"ହେନ୍ତା କିଛି ତଫେତ୍ ତ ନାଇଁ ଲାଗ୍‌ବାର୍ ଯେ । ଖାଲି ଆମେ ବଡ୍ ହେଇ ଗଲାନ ଆରୁ ଯାହାର୍ ଗାଁ ନେ ସେ ରହୁଛୁଁ । ହେତ୍‌କି ତଫେତ୍ ।" ଭୂମିକା କହେସି, "ଉହୁଁ,ଅଛେ ତଫେତ୍ । ଆମେ ଦୁହେ ସାଂଗ୍ ହେବାର୍ ପହିଲ୍ ଦୁଇ ବଛର୍ ପାଖାପାଖି 'ତମେ', 'ଆସ', 'ଖାଅ', 'ପିଅ' ବଲି ମାଏନ୍ ଧରି କଥା ହେଉଥିଲାଁ । ହେଲେ, ଇହାଦେ 'ତମେ' ଟା 'ତୁଇ', 'ଆ ଲୋ', ଖା' ରେ, 'ପିଇ ରେ' ବଲିକରି କଥା ହେଉଛୁଁ ।" ତେତ୍‌କର୍ ପାୟଲ୍ କହେସି,"ହଁ ରେ । ଠିକ୍ କହେଲୁ । ଭାବ୍ ଆରୁ ସଂପର୍କ ଟା ଦିନୁ ଦିନ୍‌କେ ଯେତେ ଗୁହେର୍(ଗଭୀର/ଘନିଷ୍ଠ) ହେଉଥିସି, ହେତେ ମାଏନ୍ ଟା ଭି ଜବର୍ ହେସି ଆରୁ 'ତମେ' ଠାନୁ 'ତୁଇ' ହେଇଯାଏସି ।"



ସନ୍ତୋଷ କୁମାର ଅଦାବର

ବଡ଼ କଦଳୀ ପାଲି, ତରଭା, ସୁବର୍ଣ୍ଣପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସୀ ନୁ ଅବିଶ୍ୱାସୀ

ଛୋଟ ଥିଲି ବହୁତ୍ ଭାବୁଥିଲି ଇସ୍କୁଲ କେ ଯିବି କିନ୍ତୁ ମୋତେ ମନ୍ ନି ଲାଗେ ଯିବାର୍ ଲାଗି, ହେଲେ ଭି ଯିସି ମୋର୍ ମାଆ ଲାଗ୍ ସି ଯେ, ମୁଇଁ ଇସ୍କୁଲ୍ ଯିବାର୍ ସମିୟା ନେ କାନ୍ଦି କାନ୍ଦି ବସ୍ତାନୀ ଓଲେଇ କରି ଯିସି । ରାସ୍ତା ନେ ମୋର୍ କିଲାସ୍ ର ଛୁଆ ମାନେ ହସନ୍ ବେଲେ ମୁଁଇ କଲେ କଲେ ଯାଇ କରି କବାଟ ର୍ କୁନ୍ ହା ନ ବସିଥିବି । ଇଆଡେ କାନ୍ଦୁଥିବି ଆଉ ସିଗେନ୍ ବାହାରି ପଡୁ ଥିସି ଅଧା ପାଟିକେ ପଲାସି  ଆଉ ମୋର୍ ସାଟେ ପୁଛି ପୁଛି ଉଦା ହେଇ ଯିସି । ଇଥିର୍ ଭିତରେ ଅଧା ପିଟ୍ ଭି ପକାସନ୍ ମୋତେ କେବି ପକାବେ କିଛି ନି କହେ କଲେ କଲେ ଥିସି । ହି....ହି...ଏଖେନ୍ ଭାବ୍ ଲେ ହସା ଲାଗ୍ ସି ମୋତେ । ରାସ୍ତା ନେ ଯାଉଥିବି ଆଉ ଭାବୁଥିବି କି ବଡ ହେଲେ ଆଉ ପଢି କି ନି ପଢେ ବୋଲି । ହେନ୍ତା ଭାବି ଭାବି ଯିସି ଆଉ ଆଇସି ଇସ୍କୁଲ  ନୁ  ।



ଲିପ୍ସା ଗଡ଼ତିଆ

ଧୀରେ ଧୀରେ ବଡ ହେଲି , ବସ୍ତାନୀ ନୁ ଇଷ୍ଟାଇଲ ବ୍ୟାଗ ଧରିଲି  । ଜେନ୍ତା ଅଣ୍ଡା ନୁ ପ୍ରଜାପତି ଉଡଲା ମୁଇଁ ଭି ଉଡ଼ଲି,କାହାର ସଂଗେ ନାଇଁ ମିଶେ ,ଏକଲା ରହୁଥିଲି ଖାଲି ପଢେ

ଦିନେ କାଣା ହେଲା ଗୋଟେ ଟୁକେଲ ଟେ ନୂଆ କରି ଆସଲା ଆଉ ମୋର ସାଙ୍ଗେ ମିଶଲା ,ଆଘ କଥା ହୁଏ  । ମୁଁଇ ଭି ତାର ସଙ୍ଗେ ଟିକେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଟିକେ ମିଶଲି , ଡ଼ର୍ ଲାଗୁଥିଲା ମିଶ କେ ତାର ସାଙ୍ଗେ କେନ୍ତା ଯେ , ହେଲେ ଭି ମିଶଲି ,ସେ ତାର ସବୁ କଥା କହେ ,ମୁଁ କିନ୍ତ ନି କହୁଥିଲି ,ଧିରେ ଧିରେ ଆମେ ବେଶି ମିଶଲୁ ।

ସମିୟା ପହଞ୍ଚି ଆଏଲା । ଲାଷ୍ଟ ବରଷ ଦିନେ ଛୁଟି ମାଗିକରି ଗଲା ଆଉ ଘରୁ ଆସଲା କହେଲା ମୋର ବିହା ଠିକ୍ ହେଇଛେ ବୋଲି । ସେ କଲେଜ୍ ନେ କଥା ଲାଗେ ତାର ବର ସାଙ୍ଗେ ଯାହାର ସାଙ୍ଗେ ଠିକ୍ ହେଇଥିଲା ।

ସେ ଦିନେ କଥା ଲାଗୁଥିଲା ବେଲେ ମୁଇଁ ଗଲି ହେ ସମିୟା ନେ ବେଳେ ମୋତେ କଥା ଲାଗ୍ ବୋଲି କହେଲା ମୁଇଁ ଟିକିଏ କଥା ଲାଗଲି ତା ପରେ କାଇଁ ଛୁଟି ହେଲା ଗୁଟେ ସଭେଁ ଘରକେ ଗଲୁ । ଦିନେ ଫୋନ କରଲା ଆଉ କହେଲା ମୋର ବିହା ଭାଙ୍ଗିଗଲା ବୋଲି, ହେତେ ବେଳେ ଭି ମୋତେ ଭାରି ଖରାପ୍ ଲାଗଲା ସାଙ୍ଗ ର ବିହା ଭାଙ୍ଗିଗଲା ବୋଲି । ତାର ପରେ ଆଉଦିନେ ଆଉ ଗୋଟେ ସାଙ୍ଗ ଫୋନ କଲା ଆଉ କହେଲା ,ଯେ ତୋର ଲାଗି ପରେ ତାର ବିହା ଘର୍ ଭାଙ୍ଗି ଗଲା କହୁଛେ । ଇଟା ଶୁଣଲି ଆଉ ଏତକି ନିଜକୁ ଖରାପ୍ ଲାଗଲା ଯେ ତାକେ ପେହେଲା ବିଶ୍ୱାସ କର୍ ଲି ଆଉ ସେହି ମତେ ଧୋକା ଦେଲା, ସେ ଦିନୁ ଆଉ କାହାକେ ବିଶ୍ୱାସ ନି କରି ପାରେ ଜଲଦି ଥରେ ନି ଶହେ ଥର ଭାବସି । ଇଟା ମୋର ଗୁଟେ ଛୋଟ ଗପ ଆଏ । ଯେନ୍ ଥି ଗୋଟେ ବିଶ୍ୱାସୀ ନୁ ଅବିଶ୍ୱାସୀ ହେଇ ଗଲି । ଯିଏ ବିଶ୍ୱାସ ଦେଲା ସେଇ ହିଁ ବିଶ୍ୱାସ ଛଡେଇ ନେଲା । ଆଜ ଭି ମୁଇଁ ବହୁତ ଭାବସି ସେ ସବୁ କଥା ନେ ।

ସମ୍ବଲପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ବୁଡ଼ିଯିବା ନାମ୍ ନିଷାନ୍

ଆହୋ ପର୍'ଭୁ କାଳିଆସୁନା

ତମେ ଜଗତର୍ ନାଥ ଜଗନ୍ନାଥ

ସଁସାର୍'କେ ରକ୍ଷାକର ପର୍'ଭୁ ହୋ

ବୁଗିକରି ତୁମର୍ ନନ୍ଦିଘୋଷ ରଥ ।।

ବିନା ଦୁସେ ନିରିହର୍ ପରାନ୍

କେତେ ଗଲାନ ସଁସାରୁ ଉଡି

ଯାହିଁ ଦେଖି'ଲେ ଛାତି ପିଟି ପିଟି

କନ୍'ଦା ବୁବା କରୁଛନ୍ ରଡି ରଡି ।।



ଆନନ୍ଦ ସାହୁ

ଆରୁ କେତେ ଦେଖି'ଲେ ପର୍'ଭୁ

ହାଏ ଲାଗ୍'ବା ତମର୍ ମନ୍

କେନ୍'ସିଟା ଦରକାର୍ ନାଇଁ ନ ମତେ

ନିଅ ପଛେ ତମର୍ ଦେଲା ସବୁଧନ୍ ।।

ଏତ୍'କି ଗୁହେର୍ କରୁଛେଁ ମୁଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପର୍'ଭୁ ଆଏଜ୍ ତମର୍ ପାହାତଲେ
ଇ ମୁନୁଷ୍ ଜାଏତ୍'କେ ଉଦ୍'ଧାର୍ କର
ଘାଏ ପର୍'ଭୁ ତମର୍ କୁର୍'ପା ବଲେ ।।

ତମେ ଏକା ସାହା ଭର୍'ସା ହେଲେ
ପାଏମୁ ସଭେ ସଁସାରେ ନୁଆଁ ଜୀବନ୍
ନାଇଁ ହେଲେ ସାହା ତମେ ମୁସିଯିବା
ଇ ମୁନୁଷ୍ ଜାଏତର୍ ନାମ୍ ନିଷାନ୍ ।।

ସିଲେଟପରା,ସଇଁନ୍ତଲା
ଜି-ବଲାଙ୍ଗୀର
ମୋ : ୯୩୩୭୨୭୨୪୭୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୋକା

ଝରଣାଟେ ହଇ ଝରିଗଲୁ ତୁଇ
ବାଏଲ୍ ହଇ ରହି ଗଲି ,
ଆଉ କାହାକେ ତୁଇ ଭିଜେଇ ଦେଲୁ
ଶୁଖେ ମୁଇଁ ମରି ଗଲି ।

ହାତ୍ ଧରି ତୁଇ ଚାଲଲୁ କାହାର୍
ଦୁଇ ଛକି ନେ ଦେଲୁ ଛାଡ଼ି,
ଫୁଲର୍ ବାଟେ ତୁଇ ପକାଲୁ ପାହା
କଁଟାର୍ ବାଟେ ଠିଆ କରି ।

ତୁଇ କାଏଁ ବୁଝବୁ ପିରତୀର୍ ମୁଲ୍
ଲୁହେ ଭିଜୁଥିବାର୍ ଆଁଖିର୍,
ତୁଇ କାଏଁ ଜାନବୁ ମନର୍ ଦରଦ୍
ଥରଥରା କଲଜା ଛାତିର୍ ।



ପ୍ରସନ୍ନ ପ୍ରୟାସ ଭୁଏ

ସପନ୍ ବି ଜଲାସି ଅଧାରାତି
ଚୁରେଇ ଆଁଖିର୍ ଝୁମୁରା,
ତୋର୍ ଧୋକା ମାରୁଛେ କନ୍ଦେଇ
କଅଁଲି ଛାତିନେ ମାରି ହୁରା ।

ରାଞ୍ଚି, ଝାଡ଼ଖଣ୍ଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁନିଆଁ

ମତେ ଦିନେ ହେଲା ଜର୍

ଗାଁ ନେ ଦେଖାଲି ଗୁନିଆ ସତ୍

ଗୁନିଆଁ କହେଲା ତତେ ଲାଗିଛେ ନାଲ ତଳିଆ ମସାନ୍

ମୁଇଁ କହିଲି ଗୁନିଆଁ କେ

କେନ୍ତି କର୍ମା ଟିକେ ଦେଖ ମୋର୍ ହାତ୍

ଗୁନିଆଁ କହେଲା ଆନ୍ ମଦ୍ କୁକୁଡ଼ା ଗୁଟେ

ମୁଇଁ ବଟେଇ ନେମୀ ନଇଦ୍ ତରାକେ

ମୁଇଁ ଆଣିଲି କୁକୁରା ମଦ୍

କେନ୍ତି କଲା ଜେ ମୁଇଁ ବୁଝି ନାଇ ପାରିଲି ସତ୍

ହେଲେ କୁକୁଡ଼ା ମଦ୍ ନେ ଯଦି ଜର୍ ଛାଡୁଥିଲେ

କେଜେ ଖୋଲିତା ହେ ଡାକ୍ତର ଖାନା ।

ଗାଁ ମୋର୍ କେତେ ବିଶ୍ୱାସ ଇ ଦେବତା ଭୂତ୍ ଗୁନିଆଁ

ଗୁନିଆଁ କେ ଦିନେ ହେଲା କଫ୍ କଫି ଜର୍

ଗୁନିଆଁ କହୁଛେ ମତେ ହେଲା ଥଣ୍ଡା ଜର୍



ବୃଷଭ ଥପା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଗୁନିଆଁ ତୋ ମଦ କୁକୁଡ଼ା ନେ କରି ନେଶି ସତେ ବନେ

ତାର ବେଲ୍ କେ କେନ୍ତା

ନାଇ ହଉଛେ ବନେ

ଆମର ଗାଁ ନେ ସଭେ ମଲୁ କେଡେ ଦୁଃଖେ

ଇନେ ସେ ଗୁନିଆଁ ପଡ଼ିଛେ ସୁଖେ ।

ପର୍ଲିମାଲ୍,

ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମିଛର୍ ଡରେନ୍

ମିଛର୍ ଡରେନ୍ ହଜେଇ ଦଉଛେ
ଦୁନିଆଁ ନୁ ସତର୍ ଶବଦ୍
ସଥେ ସେ ଧର୍'ତୀର୍ ଆକାଶର୍ ମଝି
ମିଲନର୍ କଁଟା ପସ୍'ରାର୍ ହଦ୍..... !

ଅହଁକାର୍ ଧୁକା ଯାଇଛେ ମାଡ଼ି
ଖରାପ୍ ଆଏଲା ହମିସାରି
ଭଲ୍ ତ ଲୁକିବସ୍'ଲା ନ
ମିଛର୍ ଡରେନ୍ କେ ଆସ୍'ରା କରି..... !

ବିଶ୍ୱାସ୍ ଡଂଗା ବୁଡ୍'ବାର୍ ଲାଗି
ସମିଆଁ ସଥେ ଛାଡ୍'ଲା ରଡ଼ି
ସଂପର୍କର୍ ଜନ୍ ଲୁକ୍'ବାର୍ ଲାଗି
ଉଆଁସର୍ ମନର୍ ଲାଗ୍'ଲା ଧାଡ଼ି..... !



ଆଗ୍'କେ ଆଗ୍'କେ ବଢ୍'ଲା ଲୁକର୍
ଗୋଡ୍ ଘିଚୁଛେ ମିଛର୍ ଛାପ୍
ସମାଜ୍ ଆଏଁଖ୍ କେ ଖାପି କରି
ବଢ଼େଇ ଦଉଛେ ଅନିଏର୍ ହାଁତ୍..... !

ବିଶ୍ୱନାଥ ଭୁଏ
କେଶାଇପାଲି, ଭଟଲି ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୮୪୮୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସାଖି ଚକାଆଁଖି

କିଏ ଜାଣିଛେ କାଏଁ ବାଟର କଥା
ଯଦି ବନା ହେଲୁ ହେଇ ଯିବୁ ଅଥା
ବାଟକେ ଜନା ତ ସଭୁ,
ଥେବେ ଥେବେ ଚାଲ ଦେଖି ଚାହିଁ କରି
ଉବାଟିଆ କଁଟା ରଭୁ ।
ଆଏବାର ଜିବାର ଗୁଟେନ ବାଟ
କେତେ ବେଲେ ବୁଲେନ କେତେକେ ଛାଟ
ଜିବନ ଅମୁଲ ମୁଲ,
ଜୀବନ ରଥ ଚଲଉଛେ ଗୁସିଆଁ
ଚଢା ଭକତିର ଫୁଲ ।
ମାଆଁର ବୁଆର ଯୁକତିର ବେଲେ
ବିଧାତା ଲିଖିଛେ ନ ଯାହା କପାଲେ
ହେତୁରୁ ମିଲେ କେଁ ଜହ,
ଛୁଛେଁ ଧାଁ ଧୁପା ଫଲସା ତିନ ଢେଁଟି
ଯିଏ ଯାହା ଭିଲ କହ ।
କେଁ ଗୁଡା ଉଚାର ଚାଲୁଥା ବହଁକି
ପଛ ପଡଲେ ନେ ପଚରନ ମାଏକି



ମନୋରଞ୍ଜନ
ସୁରୁଜାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇ ଦୁନିଆଁର ସଭାବ,

ଆଇଛୁ ଏକଲା ଯିବୁ ଛୁଛା ହାତେଁ

ଅଭାବେ ନେ ରହେ ଭାବ ।

ଆଉଛୁ ଯାଉଛୁ ଇଟା ଲାଗି ଥିବା

ବାଟ କଥା ବୁଝ ନାଇଁ ହେଇ ଭେବା

ଯେନ୍ତା ନାକର ପବନ,

ଗୁରୁ ହାତ ଧରି ନେବେ ପାଇ କରି

ପାହେଁ ପଡ ପଏରନ ।

ଧରସେଁ ଧରସେଁ ଆଇଛୁ ଉତରି

ହେ ବାଟେ ଲେଁହେଟି ଫେର ଯିବୁ ଫିରି

ଜିବନ ମରନ ଖେଲ,

ଅନମାନ କର ଉଦୁଛେ ବୁଡୁଛେ

ଦୁଇ ଘଡିଆ ଇ ବେଲ ।

ଲିଅଁବିଟୋ ପୋକ ଖଏଖେନା ନାଲେ

ରୁଆଁ ଠିଆ ଦିହେଁ ଥରେ ଦେଖି ନେଲେ

ଜନମିଲେ ଗଲା ସରି,

ବାଟକେ ସୁରତା ସାଖି ଚକାଆଁଖି

ସେ କଥା କେ ଅନସରି ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀକାରୀ

(ଭାଗ ୧୦ )

କୁରେବୁଟା ମାନେ ଇଠାନେ ସେଠାନେ
ଭନା ବଗିର୍ ବଢ଼ିଛେ,
ଧୋପ୍ ଫର୍ଫର୍ ଫୁଲମାନେ କେତେ
ଖୁପା ବାଗିର୍ ଫୁଟିଛେ ।
ବନ୍ ମଳି ବଳି ମହକି ମହୁଲି
ଲେଖେ ବାସ୍ନା ଆସୁଛେ,
ନାକ୍ ଭିତର୍କେ ନେଲେ ବାବୁ ଢୁକେ
ମୁଁଡ୍‌କେ ରଟ୍ କରୁଛେ ।
ଏନ୍ତା କହଁର୍ ମଳି ଗଛେଁ କେଭେଁ
ନେଇଁ ପଅ ମାହାଲିଆ,
ଇଟା ପରେ ଇନ ସସ୍ତା ସୁନ୍ଦର୍
କହଁର୍ ଆ ଜଙ୍ଗ୍ଲିଆ ।
ସାଗୁଆ ପତର୍ ପୁରା ଫେନ୍କେରା
ଲମ୍ବାଲମ୍ବା ଯେ ଲମିଛେ,
ଭନାମାନେ ପୁରା ଇତରା ସେତରା
ଭେରୁ କର୍ଲା ରହିଛେ ।



ଦେବଦତ୍ତ ସନ୍ସ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘାସ୍ମାନେ ଡେଙ୍ଗା ଡେଙ୍ଗା ତାଲ୍‌ଗଛ
ଲେଖେ ଠିଆଠିଆ ଅଛେ,
ତାର୍ ପାଖେ ଗୁଟେ ସତେ ମୟୁର୍ କାଁ
ଲୁକିକରି ରହିଅଛେ ।
ବନେ କରି ଫେର୍ ଆଁଖ୍ ରେତିକରି
ଦେଖ୍ଲିଁ ଫେର୍ ତ ପଟେ,
ହରିଣର୍ କାନ୍ ବାଗିର୍ ଦିଶୁଛେ
ତାର୍ ସାଙ୍ଗେ ଆର୍ ପଟେ ।
ଖାଖୁଁ ଧନୁ କାଢ଼ି ହାତେ ତ ଧର୍ଲିଁ
ବାହାର୍ କର୍ଲିଁ ଶର୍,
ଜେନ୍ ଶର୍ ମୁଇଁ ଝୁରିଁ ପାଇଥିଲିଁ
ହେଇଛେ ଆଜ୍ ବତର୍ ।
ଶର୍ ନୁହେସେ ହୋ ଲୁହା ଖଣେ ଆଏ
ପାଇଥିଲିଁ ମାଛ୍ ଆନି,
କଉଁଟ ବୁଢ଼ା ହେ ମାଛ୍ ଧରିଥିଲା
ଆନିଥିଲିଁ ବଡ୍ ଜାନି ।
ବଡ୍ମାଛ୍ ଆଏ କାଟ୍ଲା ପରେ ତ
ପାଏଲିଁ ତାହାର୍ ପେଟେଁ,
ଲୁହାଖଣ୍ ଦେଖି ଲୁଭେ ରଖିଥିଲିଁ
ଜାନଲିଁ ଇଟାତ ହେଟା ।

ପୁରା ତ ପାଏନ୍ ଚୋକ୍ ନିଶି ନେଲିଁ
ଲଗେଇଛେଁ ଶର୍ ଟିପି,
ଆର୍ ତାର୍ ସାଙ୍ଗେ କେତେ କଡ଼ା ବିଷ
ବାଟିଁ ଦେଇଛେଁ ଚିପି ।
ଗୁଖ୍ରା ନାଗ୍ଶୁ ବର୍କସ୍ ବିଷ
ରିସ୍ନି ଗଛର୍ ଛାଲି,
ତାର୍ ସାଙ୍ଗେ ଫେର୍ ହହଁକ୍ରିଆର
ଗଛର୍ ମିଶିଛେ ତାଲିଁ ।
ଦୁହିଟାକେ ପୁରା ମିଶେଇ ରଖ୍ଲିଁ
ତିଦିନ୍ ତିନ୍ରାତ୍,
ଫେର୍ କଡ଼ା ବିଷ ଆର୍ ତ ଦୁଇଟା
ବେଇମାନି, ହୀନଜାତ୍ ।
ହୀନ୍‌ଜାତ୍ ବେଲେ ଅଛିଆ ଗଛେକ
ନେଇଁ କହେବାର୍ ମୁଇଁ,
ଜେନ୍ ଗଛର୍ କି ସବୁବେଲେ ହୀନ୍
ବୁଦ୍ଧି ରହିଥିସି କୁହି ।
ନିଚ୍ ଭାବ୍ନାର୍ ଗଛେକ କହୁଛେଁ
ହୀନ୍‌ଜାତ୍ ଗଛ୍ ବୋଲି,
ଦୁଇ ଜିଭିଆ ଯେ ପତର୍ ରହେସି
ଭିତର୍ ବାହାର୍ ଖୋଲି । (ଆଗକେ)

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋ³ମଂ

ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।

ମୁକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ

ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।

ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।

ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ । ।

ଶ୍ରୀମଦ୍ଭାଗବତ ମହାପୁରାଣର ୫ମ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୫ମ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ପଞ୍ଚମ ସ୍କନ୍ଧର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୨୬ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରାଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।



ସହଦେବ ପ୍ରଧାନ

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ । ।

ପଞ୍ଚମ ସ୍କନ୍ଧ - ୨୬ ଟି ଅଧ୍ୟାୟ (ସ୍ଥାନ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାଗବତର ୩ୟ ଲକ୍ଷଣ

| ସଂଖ୍ୟା | ଅଧ୍ୟାୟ | ବିଷୟ ବସ୍ତୁ |
| --- | --- | --- |
| ୧ | ପ୍ରଥମ | ମନୁ ପୁତ୍ର ପ୍ରିୟବ୍ରତରାଜ ଚରିତ – ୧୦ ପୁତ୍ର ନାମ ବର୍ଣ୍ଣନ, ସପ୍ତସିନ୍ଧୁ ଓ ସପ୍ତଦ୍ୱୀପ ବର୍ଣ୍ଣନ । |
| ୨ | ଦ୍ୱିତୀୟ | ଅଗ୍ନିଧ୍ର ଚରିତ - ଅପ୍ସରୀ ପୂର୍ବଚିତ୍ତି ସହ ବିବାହ ଓ ନାଭି ଆଦି ୯ ପୁତ୍ରର ଜନ୍ମ । |
| ୩ | ତୃତୀୟ | ନାଭିରାଜା ଚରିତ, ଋଷଭ ଅବତାର । |
| ୪ | ଚତୁର୍ଥ | ଋଷଭ ଦେବଙ୍କ ରାଜ୍ୟ ଶାସନ - ଇନ୍ଦ୍ରଙ୍କ ପରାଜୟ । |
| ୫ | ପଞ୍ଚମ | ପୁତ୍ରମାନଙ୍କୁ ମୋକ୍ଷମାର୍ଗ ଉପଦେଶ ଦେଇ ଋଷଭ ଦେବଙ୍କର ଅବଧୂତ ଦୀକ୍ଷା ଗ୍ରହଣ । |
| ୬ | ଷଷ୍ଠ | ଋଷଭ ଦେବଙ୍କ ଦେହତ୍ୟାଗ – କର୍ଣ୍ଣାଟ ଦେଶର କଟୁକ ଗିରିରେ ଅନଳ ମଧ୍ୟରେ ଝାସ । |
| ୭ | ସପ୍ତମ | ଭରତ ଚରିତ - ପତ୍ନୀ ପଜନୀଠାରୁ ପାପୁତ୍ର ଜନ୍ମ । |
| ୮ | ଅଷ୍ଟମ | ଭରତଙ୍କ ମୃଗଯୋନି ପ୍ରାପ୍ତି - ଆଦି ଭରତ ଚରିତ – ମୃଗରୂପେ ଜନ୍ମ । |
| ୯ | ନବମ | ବ୍ରାହ୍ମଣ କୁଳରେ ଭରତଙ୍କ ଜନ୍ମ – ଜଡ଼ ଭରତ ଚରିତ । |
| ୧୦ | ଦଶମ | ଜଡ଼ ଭରତ ଓ ରାଜା ରହୁଗଣଙ୍କ ସମ୍ବାଦ - ବିମାନ (ସବାରୀ) ବହନ, ରହୁଗଣଙ୍କ କ୍ଷମା ପ୍ରାର୍ଥନା । |
| ୧୧ | ଏକାଦଶ | ରାଜା ରହୁଗଣଙ୍କୁ ଜଡ଼ ଭରତଙ୍କ ଉପଦେଶ । |
| ୧୨ | ଦ୍ୱାଦଶ | ରହୁଗଣ ଓ ଜଡ଼ ଭରତଙ୍କ ପ୍ରଶ୍ନୋତ୍ତର । |

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୩ ତ୍ରୟୋଦଶ ଭବାଟବୀ ବର୍ଣ୍ଣନା ଏବଂ ରହୁଗଣଙ୍କ ସଂଶୟ ମୋଚନ ।

୧୪ ଚତୁର୍ଦ୍ଦଶ ଭବାଟବୀ ବର୍ଣ୍ଣନାର ସ୍ୱଷ୍ଟୀକରଣ - ଅରଣ୍ୟରୂପି ଭବସଂସାର ମଧ୍ୟରେ ମାନବର ସଂସାର ଜଞ୍ଜାଳ ବିଷୟାଦି କର୍ମର ବର୍ଣ୍ଣନା ।

୧୫ ପଞ୍ଚଦଶ ଭରତ ବଂଶାନୁଚରିତ – ଆୟ ପୁତ୍ର ସୁମତିଠାରୁ ଶତଜିତ ପର୍ଯ୍ୟନ୍ତ ବଂଶାନୁଚରିତ ବର୍ଣ୍ଣନ ।

୧୬ ଷୋଡ଼ଶ ଭୁବନକୋଷ ବର୍ଣ୍ଣନା – ବିଭିନ୍ନ ଦ୍ୱୀପ, ସମୁଦ୍ର ଓ ପର୍ବତ ଗୁଡ଼ିକର ବିସ୍ତାର ବର୍ଣ୍ଣନ ।

୧୭ ସପ୍ତଦଶ ଗଙ୍ଗାଙ୍କ ପ୍ରାକଟ୍ୟ ଓ ଶିବକୃତ ସଙ୍କର୍ଷଣ ସ୍ତୁତି ।

୧୮ ଅଷ୍ଟାଦଶ ଭୁବନକୋଷ ବର୍ଷଦେବତା ସ୍ତୁତିର୍ନାମ – ବିବିଧ ବର୍ଷ (ମହାଦେଶ)ର ବର୍ଣ୍ଣନ ।

୧୯ ଊନବିଂଶ କିଂପୁରୁଷ ବର୍ଷ ଓ ଭାରତବର୍ଷ (ଜମ୍ବୁଦ୍ୱୀପ)ର ବର୍ଣ୍ଣନ ।

୨୦ ବିଂଶ ଅନ୍ୟ ଷଟ୍ ଦ୍ୱୀପ, ସମୁଦ୍ର ତଥା ଲୋକାଲୋକ ପର୍ବତର ବର୍ଣ୍ଣନ ।

୨୧ ଏକବିଂଶ ଜ୍ୟୋତିଷ୍ଚକ୍ର ସୂର୍ଯ୍ୟ ରଥମଣ୍ଡଳ ବର୍ଣ୍ଣନ - ସୂର୍ଯ୍ୟଙ୍କର ରଥ ଓ ଗତି ବର୍ଣ୍ଣନ ।

୨୨ ଦ୍ୱାବିଂଶ ବିଭିନ୍ନ ଗ୍ରହଙ୍କର ସ୍ଥିତି ଓ ଗତି ବର୍ଣ୍ଣନ - କେଉଁ ଗ୍ରହର ଗତିକାଳ କେତେ, ତାହା ବର୍ଣ୍ଣନ ।

୨୩ ତ୍ରୟୋବିଂଶ ଶିଶୁମାର ଚକ୍ର ବର୍ଣ୍ଣନ - ଧ୍ରୁବସ୍ଥାନ - ଗ୍ରହ ଓ ନକ୍ଷତ୍ରମାନଙ୍କର ଅବସ୍ଥିତି ବର୍ଣ୍ଣନ ।

୨୪ ଚତୁର୍ବିଂଶ ରାହୁ ପ୍ରଭୃତିଙ୍କ ଅବସ୍ଥିତି ଓ ଅତଳାଦି ଲୋକଗୁଡ଼ିକର ବର୍ଣ୍ଣନ - ପାତାଳ ଲୋକରେ କଦ୍ରୁ ବା ସର୍ପମାନଙ୍କର ବାସସ୍ଥାନ ବର୍ଣ୍ଣନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୨୫ ପଞ୍ଚବିଂଶ ସଂକର୍ଷଣ ଦେବଙ୍କ ମାହାତ୍ମ୍ୟ, ପ୍ରସଙ୍ଗ ଓ ସ୍ତୁତି ।

୨୬ ଷଡବିଂଶ ବିଭିନ୍ନ ନରକଗତି ବର୍ଣ୍ଣନ ।୨୮ ଟି ନର୍କ ବିଷୟରେ ବର୍ଣ୍ଣନ ।

୫ମ ସ୍କନ୍ଧ ଅଧ୍ୟାୟଗତ ସାରାଂଶ

ପ୍ରଥମ ଅଧ୍ୟାୟରେ ସ୍ୱାୟମ୍ଭୂବ ମନୁଙ୍କ ପୁତ୍ର ପ୍ରିୟବ୍ରତଙ୍କ ଚରିତ ବର୍ଣ୍ଣନା କରାଯାଇଛି । ପ୍ରିୟବ୍ରତ, ବିଷୟ ବୈରାଗୀ ଥିବାରୁ ସେ ରାଜ କାର୍ଯ୍ୟରେ ଆଗ୍ରହ ପ୍ରକାଶ ନ କରିବାରୁ ପିତା ସ୍ୱାୟମ୍ଭୁବ ମନୁ, ବ୍ରହ୍ମା ଓ ଗୁରୁ ମହର୍ଷି ନାରଦଙ୍କ ପ୍ରବର୍ତ୍ତନା କ୍ରମେ ସେ ରାଜ୍ୟ ଭାର ତୁଲାଇବା ନିମନ୍ତେ ସମ୍ମତ ହୋଇଥିଲେ । ଏହି ଅଧ୍ୟାୟର ଶ୍ଳୋକ ୧୩ ରୁ ୧୮ ମଧ୍ୟରେ ପ୍ରିୟବ୍ରତଙ୍କ ପ୍ରତି ବ୍ରହ୍ମାଙ୍କ ଜ୍ଞାନବାଣୀ ପ୍ରଦାନ ବିଷୟ ବର୍ଣ୍ଣିତ । ମଣିଷ ବା ଅନ୍ୟ ପ୍ରାଣୀ କିପରି ସଂସାର ମାୟାରେ ଅନ୍ଧ ଭାବେ ଭ୍ରମୁଥାଇ ତାହା ବର୍ଣ୍ଣିତ । ପରିଶେଷରେ ସ୍ୱାୟମ୍ଭୂବ ମନୁ ପୁତ୍ର ପ୍ରିୟବ୍ରତଙ୍କୁ ରାଜ୍ୟଭାର ସମର୍ପି ଦେଲେ ଏବଂ ଗୃହସ୍ଥାଶ୍ରମରୂପୀ ଭୋଗେଚ୍ଛାରୁ ନିବୃତ୍ତ ହେଲେ ।

କିଛି ଦିନ ପରେ ସେ ବିଶ୍ୱକର୍ମା ପ୍ରଜାପତିଙ୍କ ଦୁହିତା ବର୍ହିଷ୍ମତୀଙ୍କୁ ବିବାହ କଲେ । ତାଙ୍କର ୧୦ଟି ପୁତ୍ର ଓ ୧ଟି କନ୍ୟା ଜନ୍ମ ହେଲେ । କନ୍ୟା ନାମ – ଉର୍ଜସ୍ୱତୀ (ଯିଏ କି ଶୁକ୍ରର ପତ୍ନୀ) । ଶୁକ୍ର ଓ ଉର୍ଜସ୍ୱତୀଙ୍କ କନ୍ୟା ଦେବଯାନୀ । ପ୍ରିୟବ୍ରତଙ୍କ ୧ମ ପତ୍ନୀ ବର୍ହିଷ୍ମତୀଙ୍କ ୧୦ଟି ପୁତ୍ର - ଅଗ୍ନୀଧ୍ର, ଇଦ୍ମଜିହ୍ୱ (ଯାହାଙ୍କର ଶିବ ଆଦି ୭ ପୁତ୍ର), ଯଜ୍ଞବାହୁ (ଯାହାଙ୍କର ପାରିଭଦ୍ର ଆଦି ୭ ପୁତ୍ର), ମହାବାହୁ/ମହାବୀର (ବ୍ରହ୍ମଚାରୀ), ହିରଣ୍ୟରେତା (ଯାହାଙ୍କର ବସୁଦାନ ଆଦି ୭ ପୁତ୍ର), ଘୃତପୃଷ୍ଠ (ଯାହାଙ୍କର ମଧୁରହ ଆଦି ୭ ପୁତ୍ର), ସବନ (ବ୍ରହ୍ମଚାରୀ), ମେଧାତିଥି (ଯାହାଙ୍କର ପବମାନ ଆଦି ୭ ପୁତ୍ର), ବ୍ୟତିହୋତ୍ର (ଯାହାଙ୍କର ଧାତକି ଆଦି ୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁତ୍ର) ଓ କବି (ବ୍ରହ୍ମଚାରୀ) । ପ୍ରିୟବ୍ରତଙ୍କର ୨ୟ ପତ୍ନୀ (ଯାହାର ନାମ ଦିଆଯାଇ ନାହିଁ) ଙ୍କର ୩ ପୁତ୍ର – ଉତ୍ତମ, ତାମସ ଓ ରୈବତ ।

ଏହି ଅଧ୍ୟାୟରେ ସପ୍ତସିନ୍ଧୁ ଭିତରେ ସପ୍ତଦ୍ୱୀପ ବିଷୟ ବର୍ଣ୍ଣନା କରାଯାଇଛି, ଯଥା - କ୍ଷାର ସମୁଦ୍ରରେ ଜମ୍ବୁଦ୍ୱୀପ, ଇକ୍ଷୁରସ ସମୁଦ୍ରରେ ପ୍ଲକ୍ଷଦ୍ୱୀପ, ସୁରା ସମୁଦ୍ରରେ ଶାଲ୍ମଳୀ ଦ୍ୱୀପ, ଘୃତ ସମୁଦ୍ରରେ କୁଶଦ୍ୱୀପ, କ୍ଷୀର ସମୁଦ୍ରରେ କ୍ରୌଦ୍ୱୀପ, ଦଧି ସମୁଦ୍ରରେ ଶାକଦ୍ୱୀପ ଓ ମଧୁର ଜଳ ସମୁଦ୍ରରେ ପୁଷ୍କରଦ୍ୱୀପ । ପ୍ରତ୍ୟେକ ପୂର୍ବବର୍ତ୍ତୀ ଦ୍ୱୀପଠାରୁ ପରବର୍ତ୍ତୀ ବହିଃସ୍ଥ ଦ୍ୱୀପର ଆୟତନ ଦୁଇଗୁଣରୁ ଅଧିକ, କିନ୍ତୁ ପ୍ରତ୍ୟେକ ସମୁଦ୍ରର ଆୟତନ ତାର ଭିତର ଭାଗ ଦ୍ୱୀପ ସହ ସମାନ ।

ଦ୍ୱିତୀୟ ଅଧ୍ୟାୟରେ ପ୍ରିୟବ୍ରତଙ୍କର ୧ମ ପୁତ୍ର ଅଗ୍ନୀଧ୍ର ଚରିତ ବର୍ଣ୍ଣନା କରାଯାଇଛି । ଜମ୍ବୁଦ୍ୱୀପରେ ପ୍ରିୟବ୍ରତଙ୍କର ୧ମ ପୁତ୍ର ଅଗ୍ନୀଧ୍ର ପ୍ରଜା ପାଳନ କଲେ । ସେ ଅପ୍ସରୀ ପୂର୍ବଚିତ୍ତିକୁ ବାହାହେଲେ । ଏଠାରେ ଅଗ୍ନୀଧ୍ରଙ୍କ ଦ୍ୱାରା ଅପସରା ଜଣଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନ କରାଯାଇଛି । ଅଗ୍ନୀଧ୍ର ଓ ଅପସରାଙ୍କର ୯ଟି ପୁତ୍ର - ନାଭି (ସ୍ତ୍ରୀ ମେରୁଦେବୀ), କିଂପୁରୁଷ (ସ୍ତ୍ରୀ ପ୍ରତିରୂପା), ହରିବର୍ଷ (ସ୍ତ୍ରୀ ଉଗ୍ରଦଂଷ୍ଟ୍ରୀ), ଇଳାବୃତ (ସ୍ତ୍ରୀ ଲତା), ରମ୍ୟକ (ସ୍ତ୍ରୀ ରମ୍ୟା), ହିରଣ୍ମୟ (ସ୍ତ୍ରୀ ଶ୍ୟାମା), କୁରୁ (ପତ୍ନୀ - ନାରୀ), ଭଦ୍ରଶ୍ୱ (ସ୍ତ୍ରୀ ଭଦ୍ରା) ଓ କେତୁମାଳ (ସ୍ତ୍ରୀ ଦେବବୀତି) । ଅଗ୍ନୀଧ୍ର ସର୍ବଦା ଅପସରା ସହ ସୁଖ ଭୋଗବିଳାସରେ ଲିପ୍ତ ରହୁଥିଲେ । ତାଙ୍କର ଦେହାନ୍ତ ପରେ ନାଭି ଆଦି ୯ ଭାଇ ଉପର ବର୍ଣ୍ଣିତ ମେରୁଦେବୀ ଆଦି୯ ଜଣ ଝିଅଙ୍କୁ ବିବାହ କଲେ ।

ତୃତୀୟ ଅଧ୍ୟାୟରେ ରାଜା ନାଭିଙ୍କ ଚରିତ ବର୍ଣ୍ଣିତ । ନାଭି ଓ ମେରୁଦେବୀଙ୍କ ସନ୍ତାନ ନ ହେବାରୁ ଯଜ୍ଞ କରିବାରୁ ଭଗବାନ ଋଷଭଦେବ ଅବତାରରେ ପୁତ୍ରରୂପେ ଯଜ୍ଞରୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆବିର୍ଭାବ ହେଲେ ।

ଚତୁର୍ଥ ଅଧ୍ୟାୟରେ ଋଷଭଦେବଙ୍କ ରାଜ୍ୟଶାସନ ବିଷୟ ବର୍ଣ୍ଣିତ । ଋଷଭଙ୍କ ପତ୍ନୀ ଜୟନ୍ତୀ ଏବଂ ୧୦୦ ପୁତ୍ର – ଜ୍ୟେଷ୍ଠ ପୁତ୍ର ୧ ଭରତ (ପତ୍ନୀ ପଜନୀ), ୨ କୁଶାବର୍ତ୍ତ, ୩ ଇଳାବର୍ତ୍ତ, ୪ ବ୍ରହ୍ମାବର୍ତ୍ତ, ୫ ମଳୟ, ୬ କେତୁ, ୭ ଭଦ୍ରସେନ, ୮ ଇନ୍ଦ୍ରସ୍ପୃଷ୍ଟ, ୯ ବିଦର୍ଭ, ୧୦ କୀକଟ – ତା ପରେ ନବଯୋଗେଶ୍ୱର – ୧୧ କବି, ୧୨ ହରି, ୧୩ ଅନ୍ତରିକ୍ଷ, ୧୪ ପ୍ରବୃଦ୍ଧ, ୧୫ ପିପ୍ପଳାୟନ, ୧୬ ଆବିର୍ହୋତ୍ର, ୧୭ ଦ୍ରୁମିଳ, ୧୮ ଚମଶ, ୧୯ କରଭାଜନ (ଯାହାଙ୍କ ବିଷୟରେ ୧୧ଶ ସ୍କନ୍ଧରେ ବର୍ଣ୍ଣିତ) ଏବଂ ଅବଶିଷ୍ଟ ୮୧ ପୁତ୍ର ବେଦଜ୍ଞ ବ୍ରାହ୍ମଣ ।

ପଞ୍ଚମ ଅଧ୍ୟାୟରେ ଋଷଭଦେବଙ୍କର ନିଜ ପୁତ୍ରମାନଙ୍କୁ ଉପଦେଶ ଏବଂ ଅବଧୂତବୃତ୍ତି ଗ୍ରହଣ ବିଷୟ ବର୍ଣ୍ଣନା କରାଯାଇଛି । ଏହି ଅଧ୍ୟାୟରେ ଋଷଭଦେବ ପୁତ୍ରମାନଙ୍କୁ ବ୍ରହ୍ମ ଜ୍ଞାନ ପ୍ରଦାନ କରି ଜୀବନର ଶେଷ ସମୟ ଅଜଗର ସର୍ପ ପରି ଏକ ସ୍ଥାନରେ ହିଁ ରହି ସମସ୍ତ ପ୍ରକାର ପ୍ରକ୍ରିୟା ଯଥା ଖାଦ୍ୟଗ୍ରହଣ, ମଳମୂତ୍ର ତ୍ୟାଗ, ଶୟନ ଇତ୍ୟାଦି ସମ୍ପାଦନ କରୁଥିଲେ ।

ଷଷ୍ଠ ଅଧ୍ୟାୟରେ ଋଷଭଦେବଙ୍କ ଦେହତ୍ୟାଗ ବିଷୟ ବର୍ଣ୍ଣନା କରାଯାଇଛି । ନିରନ୍ତର ବିଷୟଭୋଗ ଅଭିଳାଷ କରିବା ଫଳରେ ନିଜର ବାସ୍ତବିକ ଶ୍ରେୟ ବିଷୟରେ ଚିରକାଳ ଅଜ୍ଞ ହୋଇ ରହିଥିବା ଲୋକଙ୍କୁ ଋଷଭଦେବ ଅସୀମ କରୁଣାପରବେଶ ହୋଇ ଅଭୟ ଆତ୍ମତତ୍ତ୍ୱର ପ୍ରକୃତ ସ୍ୱରୂପ ବୁଝାଇ ଦେଇଥିଲେ ଏବଂ ସ୍ୱୟଂ ନିରନ୍ତର ଅନୁଭବ ହେଉଥିବା ଆତ୍ମସ୍ୱରୂପ ଉପଲବ୍ଧ କରି ସକଳ ପ୍ରକାର ତୃଷ୍ଣାରୁ ସେ ମୁକ୍ତ ଥିଲେ । ଅନ୍ତକାଳରେ ଋଷଭଦେବ ଯୋଗୀମାନଙ୍କୁ ଦେହତ୍ୟାଗର ବିଧି ଶିଖାଇବା ନିମନ୍ତେ ନିଜେ ଦେହତ୍ୟାଗ କରିବାକୁ ଚାହିଁଲେ । ସେ ନିଜର ଅନ୍ତଃକରଣରେ ଅଭେଦରୂପରେ ସ୍ଥିତ ପରମାତ୍ମାଙ୍କୁ ଅଭିନ୍ନରୂପରେ ଦର୍ଶନ କରି ବାସନାମାନଙ୍କର ବୃତ୍ତିରୁ ମୁକ୍ତ ହୋଇଗଲେ ଏବଂ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲିଙ୍ଗଶରୀରର ଅଭିମାନ ବି ତ୍ୟାଗ କରିଦେଲେ । ବନରେ ବୁଲୁଥିବା ସମୟରେ ଝଞ୍ଜାବାତରେ ବାଉଁଶରେ ବାଉଁଶ ଘଷି ହୋଇ ଯେଉଁ ଦାବାଗ୍ନି ଜାତ ହେଲା, ସେହି ଅଗ୍ନି ଋଷଭଦେବଙ୍କ ଶରୀର ସମେତ ସମ୍ପୂର୍ଣ୍ଣ ବନଟିକୁ ଜାଳି ଭସ୍ମ କରିଦେଲା ।

ସପ୍ତମ ଅଧ୍ୟାୟରେ ଋଷଭଙ୍କ ଜ୍ୟେଷ୍ଠ ପୁତ୍ର ଭରତଙ୍କ ଚରିତ ବର୍ଣ୍ଣନା କରାଯାଇଛି । ଭରତ ବଡ଼ ଭଗବତ୍ ଭକ୍ତ ଥିଲେ । ପିତା ଋଷଭଦେବଙ୍କ ଆଜ୍ଞାନୁସାରେ ସେ ବିଶ୍ୱରୂପଙ୍କ କନ୍ୟା ପଞ୍ଚଜନୀଙ୍କୁ ବିବାହ କଲେ । ତାମସ ଅହଂକାରରୁ ଯେପରି ଶବ୍ଦାଦି ପାଞ୍ଚୋଟି ଭୂତତନ୍ମାତ୍ର ଉତ୍ପନ୍ନ ହୁଏ, ପଞ୍ଚଜନୀଙ୍କ ଗର୍ଭରୁ ସେହିପରି ୫ ପୁତ୍ର ଧୂମ୍ରକେତୁ, ସୁଦର୍ଶନ, ସୁମତି, ରାଷ୍ଟ୍ରଭୃତ ଓ ଆବରଣ ଜନ୍ମ ହେଲେ । ସେମାନେ ସବୁ ଦୃଷ୍ଟିରୁ ଭରତଙ୍କ ସମାନ ଥିଲେ । ଏହି ବର୍ଷ(ଭୂଖଣ୍ଡ)ର ନାମ ପ୍ରଥମେ ଅଜନାଭବର୍ଷ ଥିଲା; ରାଜା ଭରତଙ୍କ ସମୟରୁ ହିଁ ଏହାର ନାମ 'ଭାରତବର୍ଷ' ହେଲା ।

ମହାରାଜ ଭରତ ଥିଲେ ବହୁଜ୍ଞ । ସେ ପ୍ରଜାବତ୍ସଳ ଥିଲେ । ସେ ବିଭିନ୍ନ ଛୋଟ ବଡ଼ ଯଜ୍ଞ କରୁଥିଲେ । ଯଜ୍ଞକର୍ମ ଫଳରୁ ତାଙ୍କର ଅନ୍ତଃକରଣ ଶୁଦ୍ଧ ହୋଇଗଲା । ତାଙ୍କର ପ୍ରାରବ୍ଧ କ୍ଷୀଣ ହେବା ଜାଣିପାରି ନିଜ ସମ୍ପତ୍ତି ପୁତ୍ରମାନଙ୍କ ମଧ୍ୟରେ ବାଣ୍ଟିଦେଇ ପୁଲହାଶ୍ରମକୁ ଚାଲିଗଲେ । ସେ ଭଗବତ୍ ଜ୍ଞାନ ଓ ପରମପଦ ପ୍ରାପ୍ତି ଇଚ୍ଛା କରି ବନରେ ତପଃ ଆଚରଣ କରିବାକୁ ଲାଗିଲେ ।

ଅଷ୍ଟମ ଅଧ୍ୟାୟରେ ଭରତ କିପରି ମୃଗମୋହରେ ପଡ଼ି ମୃଗଯୋନି ପ୍ରାପ୍ତ କଲେ ସେହି ବିଷୟ ବର୍ଣ୍ଣନା କରାଯାଇଛି । ଥରେ ଭରତ ଗଣ୍ଡକୀ ନଦୀରେ ସ୍ନାନ ସାରି ନିତ୍ୟନୈମିତ୍ତିକ ତଥା ଶୌଚାଦି ଅନ୍ୟ ଆବଶ୍ୟକ କୃତ୍ୟ ଶେଷ କଲେ । ତା ପରେ ତିନି ମୁହୂର୍ତ୍ତ ନଦୀସ୍ରୋତ ପାଖରେ ବସି ରହି ପ୍ରଣବ ଜପ କଲେ । ହଠାତ୍ ସେ ଦେଖିଲେ ଯେ ଏକ ମୃଗୁଣୀ ପାଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଇବା ପାଇଁ ନଦୀ କୂଳକୁ ଆସିବା ସମୟରେ ନିକଟରେ ସିଂହଟିକୁ ଦେଖି ଡରି ପାଣି ନ ପିଇ ନଦୀ ପାରି ହୋଇ ନଦୀର ଅନ୍ୟ କୂଳକୁ ଦୌଡ଼ି ପଳାଇଲା । ସେ ଗର୍ଭିଣୀ ଥିଲା । ଅତ୍ୟନ୍ତ ଭୟରେ କମ୍ପିବାରୁ ତା ଗର୍ଭରୁ ଛୁଆଟି ଭୂଇଁରେ ଖସି ପଡ଼ିଗଲା । ସେ କିଛି ଦୂର ଯାଇ ଭୟରେ ମରିଗଲା । ସେଇଟି ଗୋଟିଏ କୃଷ୍ଣମୃଗୁଣୀ ଥିଲା ।

ରାଜା ଭରତ ଦେଖିଲେ, ବିଚରା ମୃଗଶିଶୁଟି ଅସହାୟ ଅବସ୍ଥାରେ ପାଣିରେ ଭାସିଯିବ । ତା ଉପରେ ଦୟା ବହି ରାଜା ତାକୁ ଆଶ୍ରମକୁ ନେଇ ଆସିଲେ । କ୍ରମଶଃ ତା ପ୍ରତି ରାଜାଙ୍କ ଆସକ୍ତି ବଢ଼ିବାରେ ଲାଗିଲା । ତାର ଖାଦ୍ୟପେୟ ବ୍ୟବସ୍ଥା ଓ ହିଂସ୍ରଜନ୍ତୁଙ୍କ ଠାରୁ ତାର ସୁରକ୍ଷା ନିମନ୍ତେ ରାଜା ସର୍ବଦା ତତ୍ପର ହୋଇ ଉଠୁଥିଲେ । କିଛି ଦିନ ପରେ ତାଙ୍କର ଯମ, ନିୟମ, ଯୋଗସାଧନ, ତପ ଇତ୍ୟାଦି କର୍ମ ଧୀରେ ଧୀରେ ବନ୍ଦ ହୋଇଗଲା । ସେ ମୃଗଶିଶୁ ପ୍ରତି ସମ୍ପୂର୍ଣ୍ଣ ଆସକ୍ତ ହୋଇଯାଇଥିଲେ । ମୃଗ ମୃଗ ଭାବି ଭାବି ତାଙ୍କ ଦେହତ୍ୟାଗ ହେବାରୁ ସେ ପରଜନ୍ମରେ ମୃଗ ଶରୀର ଧାରଣ କଲେ । ସେ ପୂର୍ବଜନ୍ମର ଭଗବତ୍ ଆରାଧନାର ପୂଣ୍ୟ ଫଳରେ ସମସ୍ତ ବିଷୟ ଜାଣିପାରି ପଶ୍ଚାତ୍ତାପ କଲେ । ଏହିପରି ଭାବେ ମୃଗ ହୋଇ ମଧ୍ୟ ଭରତଙ୍କ ମନରେ ବୈରାଗ୍ୟଭାବ ଜାଗ୍ରତ ହେଲା । ସେ ମାତାମୃଗକୁ ଛାଡ଼ିଦେଇ ଏକାକୀ ରହି ମୃଗଯୋନୀ ପ୍ରଦାନ କରିଥିବା ପ୍ରାରବ୍ଧକୁ କ୍ଷୟ କରି ନିଜ ଶରୀରର ଅର୍ଦ୍ଧେକ ଅଂଶକୁ ଗଣ୍ଡକୀ ଜଳରେ ବୁଡ଼ାଇ ରଖି ସେହି ମୃଗ ଶରୀର ଛାଡ଼ି ଦେଲେ ।

ନବମ ଅଧ୍ୟାୟରେ ଭରତଙ୍କର ବ୍ରାହ୍ମଣକୁଳରେ ଜନ୍ମ ହେବା ବିଷୟ ବର୍ଣ୍ଣିତ । ଜଣେ ଆଙ୍ଗିରସ ଗୋତ୍ରୀୟ ଉତ୍ତମ ବ୍ରାହ୍ମଣ ଥିଲେ । ଆଙ୍ଗିରସ ବ୍ରାହ୍ମଣଙ୍କ ୨ ପତ୍ନୀଙ୍କ ମଧ୍ୟରୁ ଜ୍ୟେଷ୍ଠା ଭାର୍ଯ୍ୟାର ୯ଟି ପୁତ୍ର । କନିଷ୍ଠା ଭାର୍ଯ୍ୟାର ୧ଟି ପୁତ୍ର ଓ ୧ଟି ଝିଅ । ସେହି ପୁତ୍ର ହେଉଛନ୍ତି ଜଡ଼ଭରତ ଯିଏ କି ମୃଗ ଦେହକୁ ତ୍ୟାଗ କରି ଜନ୍ମ ହେଲେ । ତାଙ୍କୁ ପିତା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆଙ୍ଗିରସ ସ୍ନେହ କରୁଥିଲେ ସତ କିନ୍ତୁ ଭାଇମାନେ ନିର୍ଦ୍ଦୟ ଥିଲେ । ତେଣୁ ସେ ପିତାଙ୍କ ମୃତ୍ୟୁ ପରେ ବନକୁ ଚାଲିଗଲେ । ସେ ଅତ୍ୟନ୍ତ ନୀରିହ ଥିଲେ । ମାଗୁ ନ ମାଗୁଣୁ ଯାହା ମିଳୁଥିଲା ତାହା ଖାଇ ସେଥିରେ ସନ୍ତୁଷ୍ଟ ହେଉଥିଲେ । ଥରେ ଶୁଦ୍ରଜାତିର ଜଣେ ଡ଼ାକୁ ସର୍ଦ୍ଦାର ପୁତ୍ରକାମନା କରି କାଳୀଙ୍କୁ ବଳି ଦେବାକୁ ଲୋକଟିଏ ଯୋଗାଡ଼ କରିଥିଲା । କିନ୍ତୁ ସେ ଖସି ପଳାଇବାରୁ ତାର ଅନୁଚରମାନେ ଭରତଙ୍କୁ ବଳି ଦେବାକୁ ନେଇଗଲେ । କିନ୍ତୁ ମାତା କାଳୀ ସେହି ରାକ୍ଷସମାନଙ୍କୁ ମାରି ତାଙ୍କୁ ବଞ୍ଚାଇ ଦେଇଥିଲେ ।

ଦଶମ ଅଧ୍ୟାୟରେ ଜଡ଼ଭରତଙ୍କ ସହିତ ରାଜା ରହୁଗଣଙ୍କ ସାକ୍ଷାତ୍ ବିଷୟ ବର୍ଣ୍ଣନା କରାଯାଇଛି । ଥରେ ସିନ୍ଧୁସୌବୀର ଦେଶର ରାଜା ରହୁଗଣ ପାଲିଙ୍କିରେ ବସି କୌଣସି ସ୍ଥାନକୁ ଯାଉଥିଲେ । ରାଜାଙ୍କ ପାଲିଙ୍କି ଯାଇ ଇକ୍ଷୁନଦୀ କୂଳରେ ପହଞ୍ଚିବାରୁ ପାଲିଙ୍କିବାହାକମାନଙ୍କର ଜମାଦାର ଦେଖିଲା ଯେ, ଆଉ ଜଣେ ପାଲିଙ୍କି ବାହାକ ନ ହେଲେ ଚଳିବ ନାହିଁ । ଲୋକଟିଏ ଖୋଜୁ ଖୋଜୁ ସେମାନେ ଜଡ଼ଭରତଙ୍କୁ ଦେଖି ତାଙ୍କୁ ଆଣି ପାଲିଙ୍କି ବୋହିବା କାମରେ ଲଗାଇଦେଲେ । ଭରତ ନିଜ ପାଦ ତଳେ ପଡ଼ି ଛୋଟ ପ୍ରାଣୀଗୁଡ଼ିକ ମରିଯିବେ ବୋଲି ଭାବି ବହୁତ ଧୀରେ ଚାଲୁଥିଲେ । ଏହାଦ୍ୱାରା ପାଲିଙ୍କିର ଭାରସାମ୍ୟ ନ ରହି ପାଲିଙ୍କି ଦୋହଲିବାରେ ଲାଗିଲା । ରାଜା ଜାଣିପାରିଲେ ଯେ ଭରତ ହେଉଛନ୍ତି ଏହାର କାରଣ । ତେଣୁ ରାଜା ଭରତଙ୍କୁ ବ୍ୟଙ୍ଗ କରି ବହୁ କଟୁ ଉକ୍ତି କହିଲେ କିନ୍ତୁ ଭରତ ରାଜାଙ୍କୁ ସଦ୍ ଜ୍ଞାନ ଶୁଣାଇଥିଲେ । ରାଜା ଚେତନା ପାଇ ଭରତଙ୍କ ଅସଲ ପରିଚୟ ମାଗି ତାଙ୍କ ଚରଣ ତଳେ ଶରଣ ଗଲେ ।

ଏକାଦଶ ଅଧ୍ୟାୟରେ ରାଜା ରହୁଗଣଙ୍କୁ ଭରତଙ୍କର ଉପଦେଶ ଦେବା ବିଷୟ ବର୍ଣ୍ଣିତ । ଏହି ଅଧ୍ୟାୟରେ ଭରତ ରାଜା ରହୁଗଣଙ୍କୁ କହୁଛନ୍ତି ଯେ ମନ ହେଉଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାସନାମୟ ଓ ବିଷୟାସକ୍ତ । ଭୂତ ଓ ଇନ୍ଦ୍ରିୟରୂପ ଯେଉଁ ଷୋହଳ କଳା ରହିଛି, ମନ ହେଉଛି ସେମାନଙ୍କ ମଧ୍ୟରେ ମୁଖ୍ୟ । ପକର୍ମେନ୍ଦ୍ରିୟ, ପଞ୍ଚଜ୍ଞାନେନ୍ଦ୍ରିୟ ଓ ଅହଂକାର - ଏହି ଏଗାରଟି ହେଉଛି ମନର ବୃତ୍ତି ଏବଂ ପକର୍ମ, ପତନ୍ମାତ୍ର ଓ ଶରୀର – ଏହି ଏଗାରଟି ହେଉଛି ସେଗୁଡ଼ିକର ଆଧାରଭୂତ ବିଷୟ । ଏହିପରି ଭରତ ରାଜା ରହୁଗଣଙ୍କୁ ମନ ଓ ମନର ବିକାର ସମ୍ବନ୍ଧୀୟ ଅନେକ ଉପଦେଶ ଦେଇଛନ୍ତି ।

ଦ୍ୱାଦଶ ଅଧ୍ୟାୟ ଠାରୁ ଚତୁର୍ଦ୍ଦଶ ଅଧ୍ୟାୟ ମଧ୍ୟରେ ଭରତ ଓ ରହୁଗଣଙ୍କ ମଧ୍ୟରେ ପାର୍ଥିବ-ଅପାର୍ଥିବ, ଭୌତିକ-ଅଭୌତିକ ଇତ୍ୟାଦି ଭାବନା ତଥା ମନୋବିକାର ଆଦିର ସବିସ୍ତୃତ ଆଲୋଚନା ହୋଇଛି । ତ୍ରୟୋଦଶ ଅଧ୍ୟାୟରେ ସଂସାରକୁ ଅରଣ୍ୟରୂପେ ବିବେଚନା କରାଯାଇଛି । ଭରତଙ୍କ ଦ୍ୱାରା ଭବାରଣ୍ୟର ବର୍ଣ୍ଣନା କରି ରହୁଗଣଙ୍କର ସଂଶୟ ନାଶ କରାଯାଇଛି । ତୁଳନା ଛଳରେ ଷଡ଼ ଇନ୍ଦ୍ରିୟ ଚୋର, ବୁଦ୍ଧି ଅବିବେକୀ ସାରଥି, ଦାରାପୁତ୍ର ଶୃଗାଳ, କାମ୍ୟକର୍ମ ଲତା, ତୃଣ ଓ ଗୁଳ୍ମ, ଦୁର୍ଜନ ମଶକାଦି ଜୀବ ଭାବରେ ବିବେଚନା କରାଯାଇଛି । ଚତୁର୍ଦ୍ଦଶ ଅଧ୍ୟାୟରେ ମଣିଷ କିପରି ଅରଣ୍ୟରୂପକ ଭବସଂସାରେ ରହି ବିଭିନ୍ନ ବିଷୟାଦି କର୍ମ କରେ, ଅସତ୍ ମାର୍ଗ ଅବଲମ୍ବନ କରି ସଂସାର ଜାଲରେ ଛନ୍ଦି ହୋଇ ରହିଥାଏ, ତାହା ବର୍ଣ୍ଣନା କରାଯାଇଛି ।

ପଞ୍ଚଦଶ ଅଧ୍ୟାୟରେ ଭରତବଂଶର ବର୍ଣ୍ଣନା କରାଯାଇଛି । ଯଥା - ସୁମତିର ସ୍ତ୍ରୀ ବୃଦ୍ଧସେନା - ଏମାନଙ୍କର ପୁତ୍ର – ଦେବଜିତ । ଦେବଜିତର ପୁତ୍ର ଦେବଦ୍ୟୁମ୍ନ । ଦେବଦ୍ୟୁମ୍ନ ଓ ତାର ପତ୍ନୀ ଧେନୁମତୀଙ୍କର ପୁତ୍ର ପରମେଷ୍ଠୀ । ପରମେଷ୍ଠୀର ପୁତ୍ର ପ୍ରତୀହ । ପ୍ରତୀହର ପତ୍ନୀ ସୁବର୍ଚ୍ଚଳା/ସୁର୍ବଚଳା – ଏମାନଙ୍କର ପୁତ୍ର ପ୍ରତିହର୍ତ୍ତା । ପ୍ରତିହର୍ତ୍ତାର ପତ୍ନୀ ସ୍ତୁତି – ଏମାନଙ୍କର ୨ ପୁତ୍ର – ଭୂମାନ ଓ ଅଜ । ଅନ୍ୟ ପତ୍ନୀ ଭୂମାର ପୁତ୍ର – ଉଦ୍ଗୀଥ । ପତ୍ନୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବକୁଲ୍ୟା – ତା ସୁତ ପ୍ରସ୍ତାବ – ତା ପତ୍ନୀ - ନିଯୁତ୍ସାୟା – ତା ସୁତ ବିଭୂ - ପତ୍ନୀ ରତି – ଏମାନଙ୍କର ପୁତ୍ର - ପୃଥୁସେନ - ତା ପୁତ୍ର - ନକ୍ତ ଏବଂ ନକ୍ତର ପୁତ୍ର ଗୟ । ଗୟର ସ୍ତ୍ରୀ ଗୟନ୍ତୀ । ଗୟ ଓ ପତ୍ନୀ ଗୟନ୍ତୀର ୩ ସୁତ – ସୁଗତି, ଚିତ୍ରରଥ ଓ ଅବରୋଧନ । ଚିତ୍ରରଥ ଓ ତା ପତ୍ନୀ ଉକ୍ରଳାର ପୁତ୍ର ମରୀଚି । ମରୀଚି ପତ୍ନୀ ବିନ୍ଦୁମତୀ – ଏମାନଙ୍କର ପୁତ୍ର ବିନ୍ଦୁମାନ । ବିନ୍ଦୁମାନର ପୁତ୍ର ମଧୁ । ମଧୁର ପୁତ୍ର ବୀରବ୍ରତ । ବୀରବ୍ରତ ପତ୍ନୀ ଭୋଜା – ଏମାନଙ୍କର ୨ ପୁତ୍ର ମନ୍ଥୁ ଓ ପ୍ରମନ୍ଥୁ । ମନ୍ଥୁର ସ୍ତ୍ରୀ ସତ୍ୟା – ଏମାନଙ୍କର ପୁତ୍ର ଭୌବନ । ଭୌବନର ପତ୍ନୀ ଦୂଷଣା – ଏମାନଙ୍କର ପୁତ୍ର – ତ୍ୱଷ୍ଟା । ତ୍ୱଷ୍ଟା ଓ ବିରୋଚନାର ପୁତ୍ର ବିରଜ । ବିରଜର ୧୦୦ ପୁତ୍ର । ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପୁତ୍ର ଶତଜିତ । ବିରଜର ୨ୟ ପତ୍ନୀ ବିଷୁଚି ଗର୍ଭରୁ ୧ କନ୍ୟା ଜାତ ହେଲା ।

ଷୋଡ଼ଶ ଅଧ୍ୟାୟରେ ଭୂମଣ୍ଡଳର ବିବରଣ ଦିଆଯାଇଛି । ଜମ୍ବୁଦ୍ୱୀପ ହେଉଛି ଭୂମଣ୍ଡଳରୂପୀ କମଳର କୋଷସ୍ଥାନୀୟ ସାତଦ୍ୱୀପ ମଧ୍ୟରେ ସବୁଠାରୁ ଭିତର କୋଷ । ଏହାର ବିସ୍ତାର ହେଉଛି ଲକ୍ଷେ ଯୋଜନ ଏବଂ ଏହା ପଦ୍ମ ପତ୍ର ପରି ଗୋଲାକାର । ଏଥିରେ ନଅ ନଅ ହଜାର ଯୋଜନ ବିସ୍ତାରର ନଅଗୋଟି ବର୍ଷ (ଭୂଖଣ୍ଡ) ରହିଛି । ଆଠଟି ପର୍ବତ ଦ୍ୱାରା ଏଗୁଡ଼ିକର ସୀମା ବିଭକ୍ତ ହୋଇଛି । ଏହିପରି ଭାବେ ଏହି ଅଧ୍ୟାୟରେ ଇଳାବୃତ, ମନ୍ଦର, ମେରୁମନ୍ଦର, ସୁପାଶ୍ୱର୍, କୁମୁଦ ଆଦି ପର୍ବତ ମାନଙ୍କର ବର୍ଣ୍ଣନା ସାଙ୍ଗକୁ ଅନ୍ୟ ଛୋଟ ବଡ଼ ପର୍ବତ ମାନଙ୍କର ବର୍ଣ୍ଣନା କରାଯାଇଛି ।

ସପ୍ତଦଶ ଅଧ୍ୟାୟରେ ଗଙ୍ଗାଙ୍କର ଉତ୍ପତ୍ତି-ବିବରଣ ଓ ଭଗବାନ୍ ଶଙ୍କରକୃତ ସଂକର୍ଷଣଦେବଙ୍କ ସ୍ତୁତି ବର୍ଣ୍ଣନା କରାଯାଇଛି ।

ଅଷ୍ଟାଦଶ ଅଧ୍ୟାୟରେ ବିଭିନ୍ନ ବର୍ଷ (ଭୂଖଣ୍ଡ)ର ବର୍ଣ୍ଣନା ଯଥା ହରିବର୍ଷ ଖଣ୍ଡରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଗବାନ୍‌ଙ୍କ ନୃସିଂହରୂପରେ ଅବସ୍ଥାନ ଏବଂ ଭଗବାନ୍‌ଙ୍କ କାମଦେବରୂପରେ କେତୁମାଳବର୍ଷରେ ନିବାସ ତଥା ରମ୍ୟକ ବର୍ଷରେ ଭଗବାନ୍‌ଙ୍କ ମତ୍ସ୍ୟରୂପରେ ଅବସ୍ଥାନ, ହିରଣ୍ମୟବର୍ଷରେ କଚ୍ଛପ ରୂପେ ଅବସ୍ଥାନ, ଉତ୍ତରକୁରୁ ବର୍ଷରେ ବରାହ ରୂପରେ ଅବସ୍ଥାନ ବିଷୟ ବର୍ଣ୍ଣିତ ।

ଊନବିଂଶ ଅଧ୍ୟାୟରେ କିମ୍ପୁରୁଷବର୍ଷ ଓ ଭାରତବର୍ଷର ବର୍ଣ୍ଣନା ତଥା ଶ୍ରୀରାମଚନ୍ଦ୍ର, ସୀତାଦେବୀ ଓ ଲକ୍ଷ୍ମଣଙ୍କ ସହ ବନଗମନ ସମୟରେ ଜମ୍ବୁଦ୍ୱୀପ ତଥା ବିଭିନ୍ନ ସ୍ଥାନର ବିସ୍ତାର ବର୍ଣ୍ଣନା କରାଯାଇଛି ।

ବିଂଶ ଅଧ୍ୟାୟରେ ପ୍ରିୟବ୍ରତଙ୍କ ୨ୟ ପୁତ୍ର ଇଧ୍ମଜିହ୍ୱ ନିଜର ସାତ ପୁତ୍ରକୁ ପ୍ଲକ୍ଷଦ୍ୱୀପ ବନ୍ଦ କଲେ । ଏଥିରେ ଥିବା ୭ ବରଷ (ଦେଶ) – ଶିବ, ଯବସ, ଶାନ୍ତ, ସୁଭଦ୍ର, କ୍ଷେମ, ଅମୃତ ଓ ଅଭୟ । ୭ଟି ପର୍ବତ – ମଣିକୁଟ, ଇନ୍ଦ୍ରସେନ, ବଜ୍ରକୁଟ, ଜ୍ୟୋତିଷ୍ମାନ, ମେଘମାଳ, ସୁପର୍ଣ୍ଣ ଓ ହିରଣ୍ୟଷ୍ଠୀବ । ୭ଟି ନଦୀ – ସାବିତ୍ରୀ, ଆଙ୍ଗିରସୀ, ଅରୁଣା, ନୃମଣା, ସୁପ୍ରଭାତା, ସତ୍ୟମ୍ଭରା ଓ ଋତମ୍ଭରା । ଅନ୍ୟ ପୁତ୍ର ଯଜ୍ଞବାହୁ ୭ ପୁତ୍ର (ପାରିଭଦ୍ର, ସୁରୋଚନ, ଦେବବର୍ଷେ, ଆପ୍ୟାୟନ, ରମଣକ, ଅବିଜ୍ଞାତ ଓ ସୌମନସ୍ୟ) ଙ୍କୁ ଶାଲ୍ମଳୀଦ୍ୱୀପ ବନ୍ଦ କଲେ । ଏଥିରେ ଥିବା ୭ଟି ପର୍ବତ – ଶତଶୃଙ୍ଗ, ପୁଷ୍ପବର୍ଷ, ମୁକୁନ୍ଦ, କୁନ୍ଦ, ସ୍ୱରସ, ସହସ୍ରଶ୍ରୁତି ଓ ବାମଦେବ । ୭ଟି ନଦୀ – ସିନୀବାଲୀ, ସରସ୍ୱତୀ, ରାକା, ନନ୍ଦା, ଅନୁମତି, ରଜନା ଓ କୁହୁ । ପୁତ୍ର ହିରଣ୍ୟରେତା ନିଜ ୭ ପୁତ୍ର (ବସୁଦାନ, ସ୍ତୁତ୍ୟବ୍ରତ, ଦୃଢ଼ରୁଚି, ନାଭିଗୁପ୍ତ, ବସୁ, ବିବିକ୍ତ ଓ ବାମଦେବ) ଙ୍କୁ କୁଶଦ୍ୱୀପ ବନ୍ଦ କଲେ । ଏଥିରେ ଥିବା ୭ଟି ଗିରି – ଚକ୍ର, ଚତୁଃଶୃଙ୍ଗ, କପିଳ, ଚିତ୍ରକୁଟ, ଉର୍ଦ୍ଧରୋମ, ଦେବାନୀକ ଓ ଦ୍ରବିଣ । ୭ଟି ନଦୀ – ରସକୁଲ୍ୟା, ମିତ୍ରବିନ୍ଦା, ମଧୁକୁଲ୍ୟା, ଶ୍ରୁତବିନ୍ଦା, ଦେବଗର୍ଭା, ଘୃତଚ୍ୟୁତା ଓ ମନ୍ତ୍ରମାଳା । ପୁତ୍ର ଘୃତପୃଷ୍ଠ ନିଜ ୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁତ୍ରଙ୍କୁ କ୍ରୌଦ୍ୱୀପ ବନ କଲେ । ଏଥିରେ ଥିବା ୭ ବରଷ (ଦେଶ) – ମଧୁରୁହ, ମେଘପୃଷ୍ଠ, ସୁଧାମା, ଆମ, ଭ୍ରାଜିଷ୍ଠ, ଲୋହିତବର୍ଣ୍ଣ ଓ ବନସ୍ୱତି । ୭ଟି ପର୍ବତ – ଶୁକ୍ଳ, ବର୍ଦ୍ଧମାନ, ଭୋଜନ, ଉପବର୍ହିଣ, ନନ୍ଦ, ନନ୍ଦନ ଓ ସର୍ବୋତଭଦ୍ର । ୭ଟି ନଦୀ - ଅଭୟା, ଶୁକ୍ଳା, ତୀର୍ଥବତୀ, ଅମୃତୌଘା, ରୂପବତୀ, ଆର୍ଯ୍ୟକା ଓ ପବିତ୍ରବତୀ । ପୁତ୍ର ମେଧାତିଥି ନିଜ ୭ ପୁତ୍ର (ପବମାନ, ମନୋଜବ, ଧୂମ୍ରାନୀକ, ପୁରୋଜବ, ଚିତ୍ରରେଫ, ବହୁରୂପ ଓ ବିଶ୍ୱଧାର) ଙ୍କୁ ଶାକଦ୍ୱୀପ (ବତିଶ ଲକ୍ଷ ଯୋଜନ) ବନ କଲେ । ଏଥିରେ ଥିବା ୭ ପର୍ବତ – ସହସ୍ରସ୍ରୋତ, ଦେବପାଳ, ମହାନଓ, ଶତକେସର, ବଳଭଦ୍ର, ଈଶାନ ଓ ଉରୁଶୃଙ୍ଗ । ୭ଟି ନଦୀ – ଅପରାଜିତା, ନଜଧୃତି, ଆୟୁର୍ଦା, ସହସ୍ରଶ୍ରୁତି, ସୃଷ୍ଟି, ପପଦୀ ଓ ଅନଘା । ପୁତ୍ର ବୀତିହୋତ୍ର ନିଜ ୨ ପୁତ୍ର ଧାତକି ଓ ରମଣକ ମଧ୍ୟରେ ପୁଷ୍କରଦ୍ୱୀପ (ଅୟୁତ ଯୋଜନ) ବାଣ୍ଟିଲେ ।

ଏକବିଂଶ ଅଧ୍ୟାୟରେ ସୂର୍ଯ୍ୟର ଗତି ବର୍ଣ୍ଣନା କରାଯାଇଛି । ଯଥା - ଦକ୍ଷିଣ ଓ ଉତ୍ତରାୟନ - ମକର, କୁମ୍ଭ, ମୀନ, ମେଷ, ବୃଷ ଓ ମିଥୁନ ଏକ ଭାଗ ଏବଂ କର୍କଟ, ସିଂହ, କନ୍ୟା, ତୁଳା, ବିଛା ଓ ଧନୁ - ଅନ୍ୟ ଭାଗ । ଏ ସବୁ ୯ କୋଟି ୫୧ ଲକ୍ଷ ଯୋଜନ ପ୍ରମାଣ । ମାନସୋତ୍ତର ଗିରି – ଇନ୍ଦ୍ରପୁର; ତା ପୂର୍ବ ଭାଗରେ ଦେବଧାନୀ, ଯମର ପୁର ତା ଦକ୍ଷିଣେ, ପଶ୍ଚିମରେ ବରୁଣପୁର (ନିମ୍ଲୋଚନା), ଉତ୍ତରଭାଗେ – ସୋମପୁର (ବିଭାବରୀ) ।

ଦ୍ୱାବିଂଶ ଅଧ୍ୟାୟରେ ଭିନ୍ନ ଭିନ୍ନ ଗ୍ରହଙ୍କର ସ୍ଥିତି ଓ ଗତି ବର୍ଣ୍ଣନା କରାଯାଇଛି । ବାରମାସ ମଧ୍ୟରୁ ପ୍ରତ୍ୟେକ ମାସକୁ ଚାନ୍ଦ୍ରମାନ ଅନୁଯାୟୀ ଶୁକ୍ଳ ଓ କୃଷ୍ଣ ଦୁଇପକ୍ଷରୂପେ, ପିତୃମାନରେ ଏକ ଅହୋରାତ୍ର ବା ଏକରାତି ଓ ଏକଦିନରୂପେ ଏବଂ ସୌରମାନରେ ଦୁଇପୂର୍ଣ୍ଣ ଏକଚତୁର୍ଥାଂଶ ନକ୍ଷତ୍ରରୂପେ ଗଣନା କରାଯାଏ । ଗ୍ରହମାନଙ୍କର ସମୟକାଳ ଏବଂ କେଉଁ ରାଶିରେ କେଉଁ ଗ୍ରହ କେତେ ସମୟ ରହଣି କରନ୍ତି ସେ ସମସ୍ତ ବିଷୟ ଏହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ।

ତ୍ରୟୋବିଂଶ ଅଧ୍ୟାୟରେ ଶିଶୁମାର ଚକ୍ରର ବର୍ଣ୍ଣନା କରାଯାଇଛି । ଗ୍ରହ, ନକ୍ଷତ୍ର ଗୁଡ଼ିକ ନିଜର କିମ୍ବା ଅନ୍ୟ ଗ୍ରହ ନକ୍ଷତ୍ରର ଚତୁଃପାଶ୍ୱର୍ରେ ଘୂରନ୍ତି । କିନ୍ତୁ ଖସି ପଡ଼ନ୍ତି ନାହିଁ । କେହି କେହି ପୁରୁଷ ଭଗବାନଙ୍କର ଯୋଗମାୟାକୁ ଆଶ୍ରୟ କରି ରହିଥିବା ଏହି ଜ୍ୟୋତିଷ୍ଚକ୍ରକୁ ଶିଶୁମାର ଚକ୍ର ରୂପରେ ବର୍ଣ୍ଣନା କରନ୍ତି । ଏଠାରେ ଚନ୍ଦ୍ର ଓ ତାହାର ୨୭ଟି ନକ୍ଷତ୍ର ତଥା ସେମାନଙ୍କର ସ୍ଥିତି ଓ ଗତି ବିଷୟରେ ବର୍ଣ୍ଣନା କରାଯାଇଛି ।

ଚତୁର୍ବିଂଶ ଅଧ୍ୟାୟରେ ରାହୁ ଆଦିଙ୍କର ସ୍ଥିତି, ଅତଳାଦି ନୀଚଭାଗର ଲୋକଗୁଡ଼ିକର ବର୍ଣ୍ଣନା କରାଯାଇଛି । ରାହୁ ସୂର୍ଯ୍ୟଙ୍କ ଠାରୁ ଦଶହଜାର ଯୋଜନ ତଳେ ରହି ନକ୍ଷତ୍ରମାନଙ୍କ ପରି ଭ୍ରମଣ କରେ । ରାହୁ ହେଉଛି ସିଂହିକାର ପୁତ୍ର ଅଧମ ଅସୁର । ଚନ୍ଦ୍ରମଣ୍ଡଳର ବିସ୍ତାର ବାରହଜାର ଯୋଜନ ଏବଂ ରାହୁର ତେରହଜାର ଯୋଜନ । ଦେବତାମାନେ ଅମୃତ ପାନ କରିବା ସମୟରେ ରାହୁ ଦେବତା ରୂପରେ ଆସି ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମଧ୍ୟରେ ବସିପଡ଼ିଥିଲା । କିନ୍ତୁ ସୂର୍ଯ୍ୟ ଓ ଚନ୍ଦ୍ର ଏ କଥା ପଦାରେ ପକାଇ ଦେଇଥିଲେ । ସେଥିପାଇଁ ସେ ସେମାନଙ୍କୁ କିଛି ସମୟ ପାଇଁ ଗ୍ରାସ କରିଥାଏ ।

ରାହୁର ଦଶହଜାର ଯୋଜନ ତଳେ ସିଦ୍ଧ, ଚାରଣ ଓ ବିଦ୍ୟାଧରମାନଙ୍କ ବସତି ସ୍ଥାନ ରହିଛି । ତା ତଳକୁ ଯକ୍ଷ, ରାକ୍ଷସ, ପିଶାଚ, ପ୍ରେତ ଓ ଭୂତମାନଙ୍କର ଅନ୍ତରୀକ୍ଷ ତଳ । ଅନ୍ତରୀକ୍ଷର ଶହେ ଯୋଜନ ତଳକୁ ଏହି ପୃଥିବୀ ରହିଛି । ଏହାର ଦଶ ଦଶ ହଜାର ଯୋଜନ ଦୂରତାରେ ଅତଳ, ବିତଳ, ସୁତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ ନାମକ ସାତଟି ତଳ (ଲୋକ) ରହିଛି । ଅତଳ ଲୋକରେ ମୟଦାନବର ପୁତ୍ର ବଳ ନାମକ ଅସୁର ରହେ । ସେ ୯୬ ପ୍ରକାର ମାୟା ସୃଷ୍ଟି କରେ । ତା ତଳେ ବିତଳ । ଏଠାରେ ହାଟକେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାମକ ମହାଦେବ ତାଙ୍କର ପାର୍ଷଦ ଭୂତଗଣଙ୍କ ସହିତ ରହନ୍ତି । ବିତଳ ତଳେ ରହିଛି ସୁତଳଲୋକ । ସେଠାରେ ମହାଯଶସ୍ୱୀ ବିରୋଚନପୁତ୍ର ବଳି ରହିଥିଲା ଏବଂ ତାକୁ ଭଗବାନ ବାମନ ରୂପରେ ପାତାଳରେ ଥୋପିଥିଲେ । ସୁତଳଲୋକର ତଳକୁ ତଳାତଳଲୋକ ରହିଛି । ସେଠରେ ତ୍ରିପୁରାଧିପତି ଦାନବରାଜ ମୟ ରହେ । ତଳାତଳର ତଳେ ରହିଛି ମହୀତଳ । ସେଠାରେ କଦ୍ରୂଙ୍କ ଠାରୁ ଉତ୍ପନ୍ନ ବହୁଫଣାଧାରୀ ସର୍ପ ରହନ୍ତି । ମହୀତଳ ତଳେ ରସାତଳରେ ପଣି ନାମକ ଦୈତ୍ୟ ଓ ଦାନବମାନେ ରହନ୍ତି । ସେମାନଙ୍କୁ ନିବାତକବଚ, କାଳେୟ ଓ ହିରଣ୍ୟପୁରବାସୀ ବୋଲି ମଧ୍ୟ କୁହାଯାଏ । ରସାତଳ ତଳେ ରହିଛି ପାତାଳ । ସେଠାରେ ଶଙ୍ଖ, କୁଳିକ, ମହାଶଙ୍ଖ, ଶ୍ୱେତ, ଧନଞ୍ଜୟ, ଧୃତରାଷ୍ଟ୍ର, ଶଙ୍ଖଚୂଡ଼, କମ୍ବଳ, ଅଶ୍ୱତର ଓ ଦେବଦତ୍ତ ଆଦି ଅତ୍ୟନ୍ତ କ୍ରୋଧୀ ଓ ବଡ଼ ବଡ଼ ଫଣାଧାରୀ ନାଗ ରହନ୍ତି । ସେମାନଙ୍କ ମଧ୍ୟରେ ବାସୁକି ହେଉଛି ପ୍ରଧାନ ।

ପଞ୍ଚବିଂଶ ଅଧ୍ୟାୟରେ ସଙ୍କର୍ଷଣଦେବଙ୍କ ବିବରଣ ଓ ସ୍ତୁତି ବର୍ଣ୍ଣନା କରାଯାଇଛି । ଉପର ବର୍ଣ୍ଣିତ ପାତାଳଲୋକର ତଳେ, ତା ଠାରୁ ତିରିଶି ହଜାର ଯୋଜନ ଦୂରରେ ଅନନ୍ତ ନାମରେ ବିଖ୍ୟାତ ଭଗବାନଙ୍କର ତାମସୀ ନିତ୍ୟକଳା ରହିଛି । ସେହି ତାମସୀ ନିତ୍ୟକଳା ହେଉଛି ଅହଂକାରରୂପା । ତାହା ହେତୁ ଦ୍ରଷ୍ଟା (ଜୀବ) ଦୃଶ୍ୟରେ (ଜଡ଼ବସ୍ତୁରେ) ମମତ୍ୱ ସ୍ଥାପନ କରି ଅହଂକାର କରେ । ଦ୍ରଷ୍ଟା ଓ ଦୃଶ୍ୟକୁ ଆକର୍ଷଣ କରି ଏକରୂପ କରିଥିବାରୁ ସେହି ବୃତ୍ତିକୁ ପାରାତ୍ର ଆଗମ ଅନୁଯାୟୀ ଭକ୍ତମାନେ ସଂକର୍ଷଣ ବୋଲି କହନ୍ତି । ସେହି ଭଗବାନ ଅନନ୍ତଙ୍କର ହଜାରେ ମସ୍ତକ ରହିଛି । ସେଥି ମଧ୍ୟରୁ ଗୋଟିଏ ମସ୍ତକରେ ଏହି ଭୂମଣ୍ଡଳ ରହିଛି; ଅନନ୍ତଙ୍କର ବିରାଟକାୟ ରୂପରେ ଏହା ଗୋଟିଏ ସୋରିଷ ଦାନା ପରି ଦେଖାଯାଏ । ପ୍ରଳୟକାଳ ଉପସ୍ଥିତ ହେଲେ, ଅନନ୍ତଙ୍କର ଏହି ବିଶ୍ୱକୁ ସଂହାର କରି ଦେବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇଚ୍ଛା ହୁଏ । ସେତେବେଳେ ତାହାଙ୍କର କ୍ରୋଧ୍ୟରେ ଘୂର୍ଣ୍ଣାୟମାନ ମନୋହର ଭ୍ରୂକୁଟିର ମଧ୍ୟଭାଗରୁ ସଂକର୍ଷଣ ନାମକ ରୁଦ୍ର ଏକାଦଶ ରୂପରେ ପ୍ରକଟ ହୁଅନ୍ତି । ପ୍ରତ୍ୟେକଙ୍କର ତିନୋଟି ଲେଖାଏଁ ନେତ୍ର ଥାଏ, ପ୍ରତ୍ୟେକେ ତ୍ରିଶୂଳ ଧରିଥାଆନ୍ତି ।

ଦେବତା, ଅସୁର, ନାଗ, ସିଦ୍ଧ, ଗନ୍ଧର୍ବ, ବିଦ୍ୟାଧର ଓ ମୁନିଗଣ ଭଗବାନ ଅନନ୍ତଙ୍କୁ ଧ୍ୟାନ କରନ୍ତି । ଅନନ୍ତଙ୍କର ନେତ୍ର ନିରନ୍ତର ପ୍ରେମ ମଦରେ ମୁଦିତ, ଚଳ ଓ ବିହ୍ୱଳ ଦିଶୁଥାଏ । ସେ ସୁଲଳିତ ବଚନାମୃତରେ ନିଜର ପାର୍ଷଦ ଓ ଦେବଗଣଙ୍କୁ ସନ୍ତୁଷ୍ଟ କରିଥାନ୍ତି । ତାଙ୍କର ଅଙ୍ଗରେ ନୀଳାମ୍ବର ଓ କର୍ଣ୍ଣରେ କୁଣ୍ଡଳ ଝଲମଲ ହେଉଥାଏ । ଏଠାରେ ଏପରି ସଂକର୍ଷଣଙ୍କର ରୂପକାନ୍ତି ବର୍ଣ୍ଣନା କରାଯାଇଛି । ସଂକର୍ଷଣଙ୍କୁ ସମସ୍ତେ ସ୍ତୁତି କରୁଥାନ୍ତି ।

ଷଡ଼ବିଂଶ ଅଧ୍ୟାୟରେ ୨୮ଟି ନରକର ନାମ ବର୍ଣ୍ଣନା କରାଯଇଛି । ଯଥା - ୧ ଅନ୍ଧକୂପ, ୨ ଅସିପତ୍ର, ୩ ଶୁକରମୁଖ, ୪ କାଳସୂତ୍ର, ୫ ରୌରବ, ୬ ମହାରୌରବ, ୭ ଅନ୍ଧତାମିସ୍ର, ୮ କୁମ୍ଭୀପାକ, ୯ ତାମିସ୍ର, ୧୦ କୃମିଭୋଜନ, ୧୧ ସନ୍ଦଂଶ, ୧୨ ତପ୍ତସୂର୍ମି, ୧୩ ବଜ୍ରକକଣ୍ଟଳ, ୧୪ ବୈତରଣୀ, ୧୫ ପ୍ରାଣରୋଧ, ୧୬ ବିଶସନ, ୧୭ ପୂୟୋଦ, ୧୮ ସାରମେୟାଦନ, ୧୯ ଲାଳଭକ୍ଷ, ୨୦ ଅୟଃପାନ, ୨୧ ଅବୀଚି --- ଅନ୍ୟ ସାତଟି ୨୨ ଶୂଳପ୍ରୋତ, ୨୩ କ୍ଷାରକର୍ଦ୍ଦମ, ୨୪ ରକ୍ଷୋଗଣଭୋଜନ, ୨୫ ଅବଟନିରୋଧନ, ୨୬ ଦନ୍ଦଶୂକ, ୨୭ ସୂଚୀମୁଖ ଓ ୨୮ ପର୍ଯ୍ୟାବର୍ତ୍ତନ ।

ତାମିସ୍ର ନର୍କ - ପରସ୍ତ୍ରୀ, ଅପତ୍ୟ ଧନ ହରଣ କଲେ ।

ରୌରବ ନର୍କ - ପ୍ରାଣୀହିଂସ୍ରକ, ପ୍ରାଣୀଦ୍ରୋହୀ ।

କୁମ୍ଭୀପାକ ନର୍କ - ପଶୁପକ୍ଷୀ ରନ୍ଧନ ଓ ଭକ୍ଷଣ ।

କାଳସୂତ୍ର ନର୍କ – ବ୍ରହ୍ମହତ୍ୟାକାରୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିପତ୍ର ନର୍କ - ଧର୍ମକର୍ମ ନ କଲା ଲୋକ, ପୂଜା ଯଜ୍ଞାଦି ନିନ୍ଦୁକ

ଶୁକରମୁଖ ନର୍କ - ନିର୍ଦ୍ଦୋଷୀଙ୍କୁ ଯେ ଦଣ୍ଡ ଦିଏ ।

ଅନ୍ଧକୂପ ନର୍କ – କ୍ଷୁଦ୍ର ପ୍ରାଣୀଙ୍କୁ ଯେ ପୀଡ଼ା ଦିଏ ।

କୃମିଭୋଜନ ନର୍କ- ଗ୍ରାସ ଯେ ନ ବାଇ, ଅନ୍ୟର ଖାଦ୍ୟ ଯେ ଛଡ଼ାଇ ନିଏ ।

ସନ୍ଦଂଶ ନର୍କ - ବିପ୍ର ଦ୍ରବ୍ୟହାରୀ ।

ତପ୍ତସୂର୍ମି ନର୍କ - ଅଗମ୍ୟା ସ୍ତ୍ରୀ ହରଣକାରୀ ।

ବଜ୍ରକକ ଶାଲ୍ମଳ ନର୍କ- ଅଗମ୍ୟ ପଶ୍ୱାଦି, ପୁରୁଷରୂପୀ ସ୍ତ୍ରୀ ରମଣ କଲେ ।

ବୈତରଣୀ ନର୍କ - ଧର୍ମାବଲମ୍ବୀ, ଧାର୍ମିକ ବ୍ୟକ୍ତି, ସାଧୁ ନିନ୍ଦୁକ ।

ପୂୟୋଦ ନର୍କ – ଜଳାଶ୍ରୟକୁ ଅଶୁଦ୍ଧ, ଅଶୌଚ, ଦୂଷିତ କଲେ ।

ବିଶସନ ନର୍କ - ମୃଗ, ଗଣ୍ଡା ଇତ୍ୟାଦିକୁ ମାରି ଭକ୍ଷିଲେ ।

କ୍ଷାରକର୍ଦ୍ଦମ ନର୍କ - ଅନୀତି କର୍ମ, ମିଥ୍ୟାସାକ୍ଷ୍ୟ, ପତ୍ନୀକୁ ରେତ ପିଆଇବା ଲୋକ

ଦନ୍ଦଶୁକ ନର୍କ - ସ୍ତ୍ରୀ, ବାଳକ, ପଶୁ ଇତ୍ୟାଦି ଯେ ମାରେ ।

ସୂଚୀମୁଖ ନର୍କ - ପଶୁପକ୍ଷୀଙ୍କର ଚକ୍ଷୁ ଖୋଳିବା ଲୋକ ଓ ଅତିଥିକୁ ସତ୍କାର ନ କଲେ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ

ସର୍ବେଷାମ୍ ଅଧ୍ୟାୟନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃୟମ୍ ପମ ସ୍କନ୍ଧଃ ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।

ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ । ।

ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ ।।

ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।

ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ ।।

ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।

ତସ୍ରର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର ।।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ

ମୋବାଇଲ୍ ନଂ – ୬୩୭୨୧୩୩୭୩୫

ଇମେଲ୍ : sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରକାଶିତ Aahwaan.com 

 Magazine Downloaded from www.aahwaan.com

# ମୃତ୍ୟୁ ଧ୍ରୁବ ସତ୍ୟ

ଜୀବ ଜଗତରେ ମଣିଷ ଶ୍ରେଷ୍ଠ ଜୀବ । ସକଳ ଜୀବମାନଙ୍କ ମଧ୍ୟରେ ମଣିଷର କର୍ମ ଶ୍ରେଷ୍ଠ । ମଣିଷର କର୍ମ କିଭଳି ହେବା ଦରକାର, ସେ ସଂପର୍କରେ ବେଦ, ପୁରାଣ ଓ ଶାସ୍ତ୍ରମାନଙ୍କରେ ନାନା କଥା ଉଲ୍ଲେଖ ରହିଛି । ଶାସ୍ତ୍ର ଆଧାରିତ ଉପଦେଶ ମାନି ଚଳିଲେ ମାନବ ଜୀବନ ସାର୍ଥକ ଲାଭ କରେ । ପରଜନ୍ମରେ ଆହୁରି ସୁଖୀ ହୋଇପାରିବ ଦର୍ଶାଇ ଦିଆଯାଇଛି । ଶ୍ରୀମଦ୍ଭଗବତ୍ ଗୀତାରେ ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଅତ୍ୟନ୍ତ ସରଳ ଭାଷାରେ ବୁଝାଇ ଦେଇଛନ୍ତି । ପ୍ରଥମେ ଦର୍ଶାଇଛନ୍ତି ଶରୀର ମୃତ୍ୟୁ ଲଭେ, କିନ୍ତୁ ଆତ୍ମା ଅଜର ଅମର, ତାର ମୃତ୍ୟୁ ନାହିଁ । ଦ୍ୱିତୀୟରେ କହିଲେ କର୍ମ କର କିନ୍ତୁ ଫଳରେ ଆଶା ରଖନାହିଁ ଓ ବୁଦ୍ଧି ଦ୍ୱାରା ଇନ୍ଦ୍ରିୟ ସଂଜମ କର । ଗୀତାରେ ଏହି ତିନୋଟି କଥା ମାନବ ଜାତି ପାଇଁ ଏକ ଆଶୀର୍ବାଦ ।



ଡଃ ଲକ୍ଷ୍ମଣ ସାହୁ

ମୃତ୍ୟୁ ଧ୍ରୁବ ସତ୍ୟ । 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ ଧ୍ରୁବଂ ଜନ୍ମ ମୃତସ୍ୟ ଚ/ ତସ୍ମାତ୍ ଅପରିହାର୍ଯ୍ୟେ£ର୍ଥେ ନ ତ୍ୱଂ ଶୋଚିତୁମ୍ ଅର୍ହସି ।' ଅର୍ଥାତ ମୃତ୍ୟୁ ପରେ ପୁର୍ନଜନ୍ମ ଏହା ମଧ୍ୟ ଧ୍ରୁବସତ୍ୟ । ତେଣୁ କୌଣସି ପ୍ରକାର ମୃତ୍ୟୁର କରାଳ ରୂପରେ ଭୟଭୀତ ହେବାର କୌଣସି କାରଣ ନାହିଁ । ମୃତ୍ୟୁ ଆସେ ସେ ଭିନ୍ନ ଭିନ୍ନ ରୂପରେ ଆସି ତାର ପ୍ରକୋପ ବଳରେ ଜୀବନ ନେଇ ଯାଏ । ଗୀତାରେ ଅଛି 'ଦେହିନୋ£ସ୍ମିନ୍ ଯଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହେ କୌମାରଂ ଯୌବନଂ ଜରା/ତଥା ଦେହାନ୍ତର ପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ।' ଜୀବ ଯେଭଳି ବାଲ୍ୟରୁ କିଶୋର ଓ ଯୌବନ ପ୍ରାପ୍ତ ହୋଇ ପୁନଶ୍ଚ ବାର୍ଦ୍ଧକ୍ୟରୁ ବୁଢା ହୁଏ ଓ ମୃତ୍ୟୁ ଲଭେ । ମୃତ ମଧ୍ୟ ସେପରି ପୁନଃ ଜନ୍ମଗ୍ରହଣ କରି ବାଲ୍ୟାବସ୍ଥା ପ୍ରାପ୍ତି ହୁଏ । ସଂସାରେ ଏପରି ମୁହୂର୍ତ୍ତ ନାହିଁ ଯେଉଁ ମୁହୂର୍ତ୍ତରେ ଜୀବ ନମରୁଛି ଓ ଜନ୍ମ ନ ହେଉଛି । ଏହି ମୃତ୍ୟୁ ମାତୃଗର୍ଭରୁ  ଆରମ୍ଭ ହୋଇ ଜନ୍ମ, ବାଲ୍ୟ, କିଶୋର, ଯୌବନ ଓ ବାର୍ଦ୍ଧକ୍ୟ କାହାକୁ ନଛାଡି ନେଇଯାଏ । ଚବିଶ ଘଣ୍ଟା ଜନ୍ମମୃତ୍ୟୁର ଖେଳ ଚାଲିଛି । କାହାର ମୃତ୍ୟୁ ସ୍ୱାଭାବିକ ଘଟେ ତ କାହାର ଜରା, ବ୍ୟାଧି, ଦୈବୀଦୁର୍ବିପାକ, ଦୁର୍ଘଟଣା, ଅପମୃତ୍ୟୁରେ ଘଟେ । ଜନ୍ମ-ମୃତ୍ୟୁର ସମାରୋହର ଛାଇ ଆଲୁଅ ଖେଳ ।

ଏ ଶରୀର ପଞ୍ଚଭୂତ (ଭୂମି, ଜଳ, ଅଗ୍ନି, ବାୟୁ ଓ ଆକାଶ)ରୁ ଗଠିତ । ଏସୃଷ୍ଟିର ପ୍ରତ୍ୟେକ ଜୀବ ଏହି ପଞ୍ଚମହାଭୂତରୁ ସୃଷ୍ଟି । ଆତ୍ମା ଏକ ପରମ ଶକ୍ତିର ଅଂଶ ବିଶେଷ । ଆତ୍ମା ସହିତ ଶରୀରର କୌଣସି ପ୍ରକାର ସମ୍ବନ୍ଧ ନଥାଏ । ଆତ୍ମା ଶରୀରକୁ କେବଳ ବଞ୍ଚାଇ ରଖିଥାଏ । ଆତ୍ମା ଚାଲିଗଲେ ମୃତ୍ୟୁ ଘଟେ । ଅର୍ଥାତ ଯେ ପର୍ଯ୍ୟନ୍ତ ଆତ୍ମା ଶରୀର ମଧ୍ୟରେ ଥାଏ ସେପର୍ଯ୍ୟନ୍ତ ଶରୀର ସକ୍ରିୟ ଓ ସତେଜ ଥାଏ । ଆତ୍ମା ଚାଲିଯାଇ ନୂତନ ଗର୍ଭ ଓ ନୂତନ ଶରୀର ନେଇ ପୁନର୍ବାର ଧରାପୃଷ୍ଠରେ ଜନ୍ମ ନିଏ । ଭଗବଦ୍ ଗୀତାରେ କୁହାଯାଇଛି- 'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ/ ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।' ଆତ୍ମା କୌଣସି ଅସ୍ତ୍ର ଦ୍ୱାରା କଟେ ନାହିଁ କି ଜଳ ତାକୁ ଓଦା କରିପାରେ ନାହିଁ କି ଅଗ୍ନି ପୋଡିପାରେ ନାହିଁ କି ବାୟୁ ତାକୁ ଶୁଖାଇ ପାରେନାହିଁ । ସେ ଅଜର, ଶାଶ୍ୱତ, ନିରନ୍ତର । ଏକଥା ସତ୍ୟ ଆତ୍ମାକୁ ଦେଖିହୁଏ ନାହିଁ କି ତାର ରୂପ କିପରି କହି ହୁଏନାହିଁ । କିନ୍ତୁ ବୁଝାଇ ଦିଆଯାଇଛି ଶରୀର ମଧ୍ୟରେ ଥିବା ଶକ୍ତି ଯାର ନାମ ଆତ୍ମା ।

ତେଣୁ ମୃତ୍ୟୁର ସତ୍ୟତା ମାନି ନେଉଥିବା ମଣିଷ ସବୁ ଜାଣି ମଧ୍ୟ କିପରି ଅଜଣା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭିନୟ କରେ । ନିଜର ଗର୍ବ, ଅହଂକାର, ଦାମ୍ଭିକତା ପ୍ରକାଶ କରେ । ସ୍ୱାର୍ଥସାଧନ ନିମନ୍ତେ, ବଡପଣ ପାଇଁ କପଟାଚରଣ କରେ । ନିଜର ପ୍ରଶଂସା, ଅନ୍ୟର ନିନ୍ଦା, ଅପମାନ ଓ ଅପକୀର୍ତ୍ତି ଅପପ୍ରଚାର କରିବାକୁ କେବେ ପଛାଇ ନଥାଏ । ବରଂ କାହାର ମିଥ୍ୟା ଅପପ୍ରଚାର କରିବା ବଦଳରେ ବୁଦ୍ଧି ଖଟାଇ କର୍ମ କରେ ନିଜର କୌଣସି କ୍ଷତି ଘଟେ ନାହିଁ । ମଣିଷ ପାଖରେ ଅପରିମିତ ବୁଦ୍ଧି ଓ ଜ୍ଞାନ ଠୁଳ ରହିଛି । କିନ୍ତୁ ଏ ସାଂସାରିକ ମଣିଷ ଏଭଳି ସ୍ୱାର୍ଥପର ଯେ କେବଳ ନିଜ କଥା ଚିନ୍ତା କରନ୍ତି । ବେଦରେ ଦର୍ଶାଇ ଦିଆଯାଇଛି ଅଖଣ୍ଡ ସୁଖ, ଅକଳନ ଐଶ୍ୱର୍ଯ୍ୟ, ପ୍ରଭୁତ୍ୱ କ୍ଷମତା ଲାଭକରିବା ଲାଳସାରେ ବିଭିନ୍ନ ପ୍ରକାର ଯଜ୍ଞ, ପୂଜା ଅର୍ଚ୍ଚନା କରିବାରେ ମନ ବଳାଇଥାନ୍ତି । ଜୀବନର ଅନ୍ତିମ ପରିଣତି, ଅନ୍ତିମ ଇଚ୍ଛା ପ୍ରତି କେବେ ସଚେତନ ନଥାନ୍ତି । ମାନବ ସେବା ଯେ ମାଧବ ସେବା ନବୁଝି କେବଳ ଇନ୍ଦ୍ରିୟ ସୁଖ ଓ ଐଶ୍ୱର୍ଯ୍ୟ ଭୋଗବିଳାସରେ ଲିପ୍ତ ରହି ଭଗବାନଙ୍କ ନାମକୁ ଭୁଲି ଯାଆନ୍ତି । ସାଧାରଣ ମଣିଷର କାମନାର ଅନ୍ତ ନାହିଁ । ତାର କାମନା ବହୁ ଶାଖାପ୍ରଶାଖା ବିଶିଷ୍ଟ ହୋଇଥିବା ହେତୁ ସେ କେବେ ଏକନିଷ୍ଠ ହୋଇପାରେ ନାହିଁ । ପ୍ରତ୍ୟେକ କାର୍ଯ୍ୟରେ ସେ ଅସଫଳ ପାଇଥାଏ, କାରଣ ସେ କାର୍ଯ୍ୟ ନିଷ୍ଠା ଓ ଧୈର୍ଯ୍ୟର ସହିତ କରିବାପାଇଁ ଅନ୍ୟ କାର୍ଯ୍ୟ ଗୁଡିକ ବାଧା ଉପୁଜାଇ ଥାନ୍ତି ।

ଏ ସଂସାର ମରଣଶୀଳ । ଏକଥା ଜାଣି ସୁଦ୍ଧା ମଣିଷ ସ୍ୱର୍ଗସୁଖ ପ୍ରାପ୍ତିର ଆଶା ରଖେ । ବେଦର ଅନେକ ମିଠା ମିଠା କଥା ସାଧାରଣ ମଣିଷକୁ ପ୍ରଲୋଭିତ କରେ, କିଭଳି ସ୍ୱର୍ଗସୁଖ ମିଳିବ ଓ କ୍ଷମତା ପାଇବ । କୁହାଯାଏ ସ୍ୱର୍ଗରେ କୁଆଡେ ଦେବତାମାନେ ବାସ କରନ୍ତି । ସେଠି ଜମାରୁ ଦୁଃଖ, କଷ୍ଟ, ଯନ୍ତ୍ରଣା, ଶୋକ, ରୋଗ ନାହିଁ । ନାହିଁ ପ୍ରାକୃତିକ ବିପର୍ଯ୍ୟୟ, ନାହିଁ ବାଦବିବାଦ, କେବଳ ଆନନ୍ଦ ହିଁ ଆନନ୍ଦ, ଅମାପ ସୁଖର ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ । ଏ ମର୍ତ୍ତ୍ୟର ମଣିଷ ବହୁ ପୁଣ୍ୟଫଳ ଅର୍ଜନ କଲେ, ସାଧୁ ସଙ୍ଗ ଓ ସିଦ୍ଧ-ପୁରୁଷଙ୍କ ଆଶ୍ରିତ ସାନ୍ନିଧ୍ୟ ଲାଭ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଲେ ସ୍ୱର୍ଗ ସୁଖ ପାଇପାରିବେ । ସାଧାରଣରେ ସାଂସାରିକ ବନ୍ଧନଯୁକ୍ତ ମଣିଷ ସଂସାର ମୋହରେ ସର୍ବଦା ଆଚ୍ଛନ୍ନ । ଫଳତଃ ଦୁଃଖ ଓ ଶୋକର ସ୍ୱୀକାର ହେବା ସ୍ୱାଭାବିକ । ସାଧାରଣତଃ ବେଦରେ ଉଲ୍ଲେଖ କରାଯାଇଛି ତ୍ରୈଗୁଣ୍ୟ ବିଷୟ୍ଯ ଅର୍ଥାତ ସତ୍ତ୍ୱ, ରଜ ଓ ତମ ଗୁଣ । ଏହି ତିନୋଟି ଗୁଣକୁ ଧାରଣ କରି ଜୀବନ କାଟିଲେ ଜୀବନରେ ସୁଖ ଆସିପାରେ ନାହିଁ । ତ୍ରିଗୁଣକୁ ଅତିକ୍ରମ କରି ଗୁଣାତୀତ ହୋଇପାରିଲେ, ତିନିଗୁଣର ଉର୍ଦ୍ଧ୍ୱକୁ ଯାଗ ଆତ୍ମା ସହିତ ସଂଯୋଗ କଲେ ମଣିଷ ପ୍ରକୃତ ସୁଖ ଅନୁଭବ କରେ । ନୋହିଲେ ବିଷୟ୍ ବାସନା ରହିତ ପାଉଥିବା ସୁଖ କେବେ ସୁଖ ନୁହେଁ ଓ ତାହା ମଧ୍ୟ ପାଣିଟୋପା ପରି କ୍ଷଣସ୍ଥାୟୀ ।

ସୁଖ ପ୍ରାପ୍ତି ଆଶାରେ ମଣିଷ କର୍ମ କରେ । ଗୀତାରେ କୁହାଯାଏ, 'କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ/ ମା କର୍ମଫଳ- ହେତୁର୍-ଭୂର୍ମା ତେ ସଙ୍ଗେସ୍ତୁ ଅକର୍ମଣି ।' ଅର୍ଥାତ କର୍ତ୍ତବ୍ୟ କର୍ମ କରିଯାଅ । କିନ୍ତୁ କେବେ କର୍ମଫଳ ପ୍ରତି ଆଶା ରଖନାହିଁ । କର୍ମ ଉପରେ ଅଧିକାର ଅଛି, ହେଲେ କର୍ମଫଳରେ ଅଧିକାର ନାହିଁ । ଅପରପକ୍ଷରେ କର୍ମାନୁସାରେ ଫଳପ୍ରାପ୍ତି । କୁହାଯାଏ କଲା କର୍ମର ଫଳ । ସବୁବେଳେ ମଣିଷ ସ୍ୱାର୍ଥ ଜନିତ ଲାଭରେ ଆଶା ରଖେ । ଲାଭ ବିନା କ୍ଷତି ତା ମନରେ ଅହେତୁକ ଦୁଃଖ ଭରିଦିଏ । ଲାଭ, କ୍ଷତି, ଜୟ୍ ପରାଜୟ୍କୁ ସମଦୃଷ୍ଟିରେ ଦେଖୁଥିବା ବୁଦ୍ଧିମାନ ମଣିଷ ଏ ମର ସଂସାରକୁ ଜିତିଯାଏ । କାରଣ ସେ ବୁଝିପାରେ ଜୀବନ ଯେଉଁଠି ମୃତ୍ୟୁର ଦ୍ୱାର ଦେଶରେ କବଳିତ ସେଠି ଲାଭ, କ୍ଷତିର ହିସାବ ନିକାଶ, ଜୟ୍ ପରାଜୟ୍ର ଅନୁଶୀଳନ କରିବା ବୃଥା । ସକଳ ଲାଭ, କ୍ଷତି, ଜୟ୍ ପରାଜୟ୍ର ହିସାବ ଭଗବାନଙ୍କ ଉପରେ ଛାଡି ବିବେକାନୁମୋଦିତ ସ୍ୱକୀୟ୍ କର୍ମରେ ମନଦିଏ । ଗୀତାରେ କୁହାଯାଇଛି କର୍ମଫଳ ଆଶା କରୁଥିବା ବ୍ୟକ୍ତିର ମନ ସବୁବେଳେ ଛୋଟ । ସେମାନଙ୍କୁ କୃପଣ କୁହାଯାଏ । ଏକଥା ସତ୍ୟଯେ, ସମସ୍ତେ କିଛି ନା କିଛି କର୍ମ କରି ଫଳ ମଧ୍ୟ ପାଇଥାନ୍ତି । ଶାସ୍ତ୍ର ମତରେ ଯାହା ଅର୍ଜନ କରୁଛ, ନିଜର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆବଶ୍ୟକ ଯେତିକି ଅବଶିଷ୍ଟ ବଳକା ପଦାର୍ଥ ବା ଅର୍ଥକୁ ସତ୍ ପାତ୍ରରେ / ନୀରିହ, ଗରିବ, ଅନ୍ଧ, ମୂକ, ବଧିର, ଦିବ୍ୟାଙ୍ଗ ଆଦିମାନଙ୍କ ମଧ୍ୟରେ ବାଣ୍ଟିଦିଅ । ଜଗନ୍ନାଥ ଦାସଙ୍କ ଭାଗବତରେ କୁହାଯାଇଛି, 'ଧର୍ମ ଅର୍ଜନେ ଧର୍ମ କରି/ ତହୁଁ ପ୍ରାପତେ ନରହରି ।" କିନ୍ତୁ ସଂସାରରେ ଏହି ଧନପତିମାନେ ମାୟା, ମୋହଯୁକ୍ତ ସଂସାରର ମାୟାରେ ମୋହାଚ୍ଛନ୍ନ ହୋଇପଡିଛନ୍ତି । ଅର୍ଥ, କ୍ଷମତା, ପଦ, ପଦବୀ ମୋହରେ ଧରାକୁ ସରା ମନେକରନ୍ତି । ସେମାନେ ଭଗବାନଙ୍କ କରୁଣା ପାଇନଥାନ୍ତି, ସେମାନେ ହି ଇହଜଗତରେ କୃପଣ ଅଟନ୍ତି ।

ଗୀତାରେ ଭଲ-ମନ୍ଦ କର୍ମ ସଂପର୍କରେ ଅତି ସରଳ ଭାଷାରେ ଦର୍ଶାଯାଇଛି- 'ବୁଦ୍ଧି-ଯୁକ୍ତୋ ଜହାତୀତ ଉଭେ ସୁକୃତ-ଦୃଷ୍କୃତେ/ ତସ୍ମାଦ୍ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳମ୍ ।' ଅର୍ଥାତ ଏ ସଂସାରରେ ବୁଦ୍ଧିଯୁକ୍ତ କର୍ମଯୋଗୀମାନେ ସବୁବେଳେ ଭାରସାମ୍ୟ ରକ୍ଷା କରି ସ୍ୱକୀୟ ମହତ୍ କର୍ମ ସଂପାଦନା କରିଥାନ୍ତି । ଯେଉଁ କର୍ମଯୋଗୀ ମଣିଷ ଭଲମନ୍ଦକୁ ଆଦୌ ବିଚାର କରିନଥାନ୍ତି ସେମାନେ କେବଳ ନିଜ କର୍ମରେ କୌଶଳ ପ୍ରୟୋଗ କରି ସବୁବେଳେ ଲାଭବାନ ହୋଇଥାନ୍ତି । ଏକଥା ମଧ୍ୟ ସୂଚେଇ ଦିଆଯାଇଛି ମହତ୍ ଲୋକମାନେ ଏ ଭୌତିକ ଜଗତରେ କର୍ମଫଳ ତ୍ୟାଗ କରି ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତି ପ୍ରୟାସ ହୁଅନ୍ତି । ଏହି ମୁକ୍ତି ପ୍ରୟାସୀ ମହତ୍ ବ୍ୟକ୍ତିମାନେ ସବୁବେଳେ ଜଗତର ମଙ୍ଗଳ କାମନା କରିଥାନ୍ତି । ସଂସାର ମଧ୍ୟରେ ସେମାନଙ୍କୁ ଯୋଗୀ, ଋଷି, ସାଧୁ, ସନ୍ଥ ଓ ମୁନିର ସମ୍ମାନ ଦିଆଯାଇଛି । ସେମାନେ ସର୍ବଦା ନିଜର ସୁଖ ଭୋଗବିଳାସ ଠାରୁ ଦୂରରେ ରହନ୍ତି । ଭୋଗ ବିଳାସ, ସୁଖ ସଂପଦ, ଧନ, ଐଶ୍ୱର୍ଯ୍ୟକୁ ନିହାତି ଗୌଣ ମନେକରି କେବଳ ଭଗବଦ୍ ପ୍ରାପ୍ତିରେ ମନ ନିବେଶ କରିଥାନ୍ତି । ସେମାନେ କେବଳ ଏ ପାର୍ଥିବ ଜଗତରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସକଳ ଦୁଃଖ, ଯନ୍ତ୍ରଣା, ରୋଗ ଓ ଶୋକକୁ ଅତି ସହଜରେ ଅତିକ୍ରମ କରିଯାନ୍ତି । ସେହିମାନଙ୍କ ଜୀବନରେ ନା ଥାଏ ଝଡ, ବାତ୍ୟା, ଭୂମିକମ୍ପ ନା ଦୈବ ଦୁର୍ବିପାକ, ସୁନାମୀ, ହୁଡହୁଡ, କରୋନାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭୟ । ସେମାନେ କେବଳ ଅତି ସରଳ ସହଜ ଭାବରେ ଜୀବନକୁ ବୁଝିଛନ୍ତି । ତେଣୁ ସେମାନଙ୍କୁ  ଜୀବନ ମୁକ୍ତ ଜୀବ ବୋଲି ଦର୍ଶାଇ ଦିଆଯାଇଛି ।

ମଣିଷର ମନ ପଞ୍ଚ ଇନ୍ଦ୍ରିୟର ସାରଥୀ । ମନ ଆୟତ୍ତାଧିନ ହେଲେ ସଂସାର ରୂପୀ ମୋହରୁ ସହଜରେ ମୁକୁଳି ପାରିବ । କାରଣ ମନରେ ଯେଉଁ ମୁଁ ମୋର ଭାବଟି ଅତି ଗୋପନରେ ଜମାଟ ବାନ୍ଧି ହୋଇ ବୋଲି ରହିଯାଇଛି । ସେହି ଭାବନା ମନରୁ ଦୂରେଇ ଗଲେ  ସେତେବେଳେ  ସ୍ୱତଃ ନିଜକୁ ନିମିତ୍ତ ମାତ୍ର ବୋଲି ମନେ କରେ । ବିବେକ ସ୍ୱତଃ ଅନୁଭବ କରି ଉଚ୍ଚାରଣ କରୁଥିବ ଯାହା କରୁଛି ଭଲ କରିଛି, ଯାହା କରୁଛି ତାହା ବି ଭଲ କରୁଛି ଓ ଯାହା କରିବି ତାହା ଭଲ ହେବ । ଏସବୁ କେବଳ ଭଗବାନଙ୍କର ଇଛାରେ କରୁଛି ବୋଲି ଭାବିବାକୁ ହେବ । ସଂସାରରେ ସମାଲୋଚନାକୁ ଭୂକ୍ଷେପ ନକରି ଆଗେଇ ଆସିଥାଏ ସେହିଁ ଯୁଗଯୁଗ ଆଦର୍ଶ ପାଲଟିଯାଏ । ବେଦର କର୍ମ କାଣ୍ଡରେ ଉଲ୍ଲେଖ ରହିଛି ଯଜ୍ଞ ଦ୍ୱାରା, ପୂଜା ପାଠ ଦ୍ୱାରା କି ପ୍ରକାର ଫଳପ୍ରାପ୍ତି ମିଳେ, ଏପରିକି କେଉଁ କର୍ମ କଲେ ମଣିଷ ସୁଖି ହେବ, ଏପରିକି ତେତିଶ କୋଟି ଦେବାଦେବୀଙ୍କ ମଧ୍ୟରୁ କେଉଁ ଦେବା ଦେବୀଙ୍କୁ କିଭଳି ପୂଜା ମନ୍ତ୍ରରେ ବଶୀଭୂତ କଲେ କିଭଳି ମନମୁତାବକ ବର ପ୍ରାପ୍ତି ହେବ ତାହା ଉଲ୍ଲେଖ କରାଯାଇଛି । ବାସ୍ତବରେ ଏଭଳି କର୍ମ ଦ୍ୱାରା ଅଧିକରୁ ଅଧିକତ୍ତୋର ସାଂସାରିକ ମାୟା ମୋହ ବନ୍ଧନରେ ବାନ୍ଧି ହୋଇଯାଏ । ଯେତେବେଳେ ମନ ସ୍ଥିର, ଅବିଚଳିତ, ହିମାଳୟ ପରି ସ୍ଥିର ଦୃଢସଂକଳ୍ପ ପାଲଟିଯାଏ ସ୍ୱତଃ ସେତେବେଳେ ଏ ସାଂସାରିକ ମୋହ ଜଡିତ ବନ୍ଧନରୁ ମୁକ୍ତ ହୋଇ ଯୋଗମାର୍ଗରେ ଭଗବାନଙ୍କ ଆଭିମୁଖୀ ପାଲଟି ଆତ୍ମାନୁଭୂତି ଲାଭ କରେ ସେତେବେଳେ ଜୀବନ ମୁକ୍ତ ହୁଏ ।

ଶ୍ରୀମଦ୍ଭଗବଦ୍ ଗୀତାରେ ମଣିଷର ମୁକ୍ତି ସଂପର୍କରେ ଯେଉଁଭଳି ସରଳ ବ୍ୟାଖ୍ୟା କରାଯାଇଛି ତାହା ଆଧୁନିକ ମଣିଷ ବୁଝିବ ବା କିପରି । ଗୀତାରେ ଦର୍ଶାଇ ଦିଆଯାଇଛି - '

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

ବେଦା ବିନାଶିନଂ ନିତ୍ୟଂଯ ଏନମ୍ ଅବ୍ୟୟମ୍ / କଥଂସ ପୁରୁଷଃ ପାର୍ଥକଂ ଘାତୟତି ହନ୍ତିକମ୍ ।' ଅର୍ଥାତ ଯେଉଁ ବ୍ୟକ୍ତି ଜାଣେ ଯେ ଆତ୍ମା ଅବିନାଶୀ, ଅଜର, ଅମର ଓ ଚିରସ୍ଥାୟୀ, ସେଭଳି ବ୍ୟକ୍ତି କାହାରିକୁ ମାରିପାରେନି କି କାହାର ମୃତ୍ୟୁ କାରଣ ନାହିଁ । ଆଜିର ଏ ବିଷମ କାଳରେ, ଭାଇ ଭାଇ ମଧ୍ୟରେ, ପିତାପୁତ୍ର ମଧ୍ୟରେ, ବନ୍ଧୁ ବନ୍ଧୁ ମଧ୍ୟରେ ଭୁଲ ବୁଝମଣା ଘଟି ହଣାକାଟ ଚାଲିଛି, ତାର ଅନ୍ତ କେବେ ଘଟିବ ତାହା କହିବା ଅସମ୍ଭବ । ଏଭଳି କୌରବ ପାଣ୍ଡବ କଳିକଳାର ମଧ୍ୟରେ ଆତ୍ମାର କେବେ ଅନ୍ତ ନାହିଁ, ଅନ୍ତ ଘଟେ ଶରୀରର । ଯେଉଁମାନେ ପ୍ରକୃତ ଜ୍ଞାନୀ, ପ୍ରଜ୍ଞା, ବିଧୌତ ମହାମୁନି, ଋଷି, ସନ୍ୟାସୀ, ସନ୍ଥ ସେମାନେ ଆତ୍ମା କଣ, ଆତ୍ମା କିପରି, ଶରୀର ଭିତରେ ଥାଇ ମୃତ୍ୟୁ ପରେ କୁଆଡେ ଯାଏ ଏସବୁ ନିରର୍ଥକ, ଅବାନ୍ତର ପ୍ରଶ୍ନକୁ ଏଡିଦେଇଥାନ୍ତି । ସେମାନେ ପୂର୍ଣ୍ଣ  ତତ୍ତ୍ୱଜ୍ଞାନର ଅଧିକାରୀ ହୋଇଥିବାରୁ କଦାପି ମୃତ୍ୟୁର କାରଣ ଆତ୍ମା ବୋଲି ଧାରଣା କରନ୍ତି ନାହିଁ । ସେମାନଙ୍କ ଦୃଷ୍ଟିରେ ଆତ୍ମା ଅଜର, ଅମର, ଅବିନାଶୀ । ତାହା କେବଳ ଆତ୍ମା ପୁରୁଷ ଭଗବାନ ପାଲଟେ । ଆତ୍ମା ପୁରୁଣା ଶରୀର ଛାଡି ନୂଆ ଶରୀର ମଧ୍ୟରେ ପ୍ରବେଶ କରୁଥିବାରୁ ତାହା ପୁର୍ନଜନ୍ମର କାରଣ ବୋଲି କୁହାଯାଏ ଓ ପୂର୍ବ ଅର୍ଜିତ କର୍ମାନୁସାରେ କର୍ମଫଳ ଭୋଗକରେ ବୋଲି ବିଶ୍ୱାସ କରି ଆସିଛି, ଆସୁଛି ଓ ଆସୁଥିବ... ! ! !

ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪
ଦୂରଭାଷ : ୯୦୪୦ ୧୪୧୪୭୫
Laxmansahoo9040@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସ୍କୁଲ ଛାଡ଼ିବି ସିନା, ପାଠ ଛାଡ଼ିବି ନାହିଁ

ବିନୋଦ କାନୁନଗୋ (୬ ଜୁନ୍ ୧୯୧୨ - ୨୨ ଜୁନ୍ ୧୯୯୦)

ମୁଁ ମନୁଷ୍ୟ । ଅନ୍ୟ ପ୍ରାଣୀମାନଙ୍କ ତୁଳନାରେ ମୋର ଗୋଟାଏ ଉନ୍ନତ ମସ୍ତିଷ୍କ ଅଛି । ତେଣୁ ଜଗତର ଯେ କୌଣସି କଥା ଜାଣିବାପାଇଁ ଇଛା ହେବ । ମୁଁ ସହଜରେ ଜାଣିବି - ଜାଣିବାର ସୁଯୋଗ ପାଇବି । ମୁଁ ମନୁଷ୍ୟ ହୋଇଥିବାରୁ ଜ୍ଞାନ ହାସଲ କରିବାଟା ମୋର ଜନ୍ମଗତ ଅଧିକାର । ସେ ଅଧିକାରରୁ ମୋତେ କେହି ହେଲେ ବଂଚିତ କରିପାରିବେ ନାହିଁ - ବିନୋଦ କାନୁନଗୋ



ଅସିତ ମହାନ୍ତି

୨୨ ଜୁନ୍ ୧୯୯୦ର ଦିନଟି ଓଡ଼ିଶାବାସୀଙ୍କ ପାଇଁ ଏକ ଦୁଃଖର ଦିନ ଥିଲା, ସେହିଦିନ ଜଣେ ଖ୍ୟାତନାମା ଓଡିଆ ଲେଖକ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ, ଶିକ୍ଷାବିତ୍, ସାମାଜିକ ସଂସ୍କାରକ ତଥା ଜ୍ଞାନ ମଣ୍ଡଳର ସେଲିବ୍ରେଟର କମ୍ପାଇଲର୍ ବିନୋଦ କାନୁନଗୋଙ୍କୁ ଆମେ ହରାଇଥିଲୁ । ତାଙ୍କର ନିଧନ ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଏକ ବଡ କ୍ଷତି ଯାହାକୁ ପୂରଣ କରାଯାଇ ପାରିବ ନାହିଁ । ଉତ୍କଳମଣି ଗୋପବନ୍ଧୁ ଦାସ ୧୯୧୮ ସାଲରେ ସତ୍ୟବାଦୀରେ ଅଭିମାନ ଓ କ୍ଷୋଭର ସହ ଲେଖିଥିଲେ, ଓଡ଼ିଶାରେ ଧନ ସଙ୍ଗେ ବିଦ୍ୟାର ଯୋଗ ନାହିଁ । ପୁଣି ଧନୀ ଓ ଜ୍ଞାନୀ ମାନଙ୍କର ସହଯୋଗିତା ନାହିଁ, ନିକଟ ଭବିଷ୍ୟତରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇନସାଇକ୍ଲୋପିଡ଼ିଆ ଭଳିଆ ଗୋଟିଏ କାର୍ଯ୍ୟ ସ୍ୱପ୍ନରେ ମଧ୍ୟ ଓଡ଼ିଆ ଭାଷାରେ ଆଶା କରାଯାଇ ପାରେ କି ? ଏହି ଆହ୍ୱାନ ଗ୍ରହଣ କରିଥିଲେ ବିନୋଦ କାନୁନଗୋ, ଯେତେବେଳେ ସେ ବକ୍ତବ୍ୟ ଦେଲେ, ମୁଁ ନିଜେ ଜଣେ ଡ୍ରପ ଆଉଟ ବା ଦଶମ ଶ୍ରେଣୀ ଆରମ୍ଭରୁ ପାଠ ଛାଡ଼ିବା ଲୋକ । ଯେଉଁଦିନ ସ୍କୁଲ ଛାଡ଼ି ଗାନ୍ଧୀ ଆନ୍ଦୋଳନରେ ଯୋଗଦେଲି ସେଦିନ ହିଁ ଶପଥ ନେଇଥିଲି ଯେ, ସ୍କୁଲ ଛାଡ଼ିବି ସିନା, ପାଠ ଛାଡ଼ିବି ନାହିଁ । ଗୋଟିଏ ଜାତି ପାଇଁ ସେ ଯେଉଁ ଅପୂର୍ବ କର୍ମ ସଂପାଦନ କରିଛନ୍ତି ଏବଂ ଓଡ଼ିଶାକୁ ଜ୍ଞାନ-ଯୁଗ ଆଡ଼କୁ ଅଗ୍ରସର କରାଇଛନ୍ତି, ତାର ପଟାନ୍ତର ନାହିଁ । ବିନୋଦ କାନୁନଗୋ (୬ ଜୁନ୍୧୯୧୨ -୨୨ ଜୁନ୍୧୯୯୦) ଜଣେ ଖ୍ୟାତନାମା ଓଡିଆ ଲେଖକ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ, ଶିକ୍ଷାବିତ୍, ସାମାଜିକ ସଂସ୍କାରକ ତଥା ଜ୍ଞାନ ମଣ୍ଡଳର ସେଲିବ୍ରେଟର କମ୍ପାଇଲର୍, ଯାହା ଓଡିଆ ଭାଷାର ସର୍ବଶ୍ରେଷ୍ଠ ଏନସାଇକ୍ଲୋପିଡ଼ିଆ ଅଟେ । ସେ ତାଙ୍କର ଭ୍ରମଣକାରୀ ଋଣ ପରିଶୋଧ (୧୯୮୩) ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପାଇଥିଲେ । ସେ ଜଣେ ଅନୁଭବୀ ସ୍ୱାଧୀନତା ସଂଗ୍ରାମୀ ତଥା ଉଲ୍ଲେଖନୀୟ ଶିକ୍ଷାବିତ୍ ମଧ୍ୟ ଥିଲେ । ତାଙ୍କୁ ଭାରତର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ "ପଦ୍ମଶ୍ରୀ" ପ୍ରଦାନ କରାଯାଇଥିଲା । ୨୨ ଜୁନ୍ ୧୯୯୦ରେ ତାଙ୍କର ଦେହାନ୍ତ ହୋଇଥିଲା । କାନୁନଗୋ ୬ ଜୁନ୍ ୧୯୧୨ରେ ଓଡିଶାର କଟକ ଜିଲ୍ଲାର ମଲିପୁର (କିଶନନଗର)ରେ ଜନ୍ମଗ୍ରହଣ କରିଥିଲେ । ସେ ନାଗାନପୁର ଗାଁରେ ପ୍ରାଥମିକ ଶିକ୍ଷା ଏବଂ କଟକର ପ୍ରସିଦ୍ଧ ରାଣୀହାଟ ହାଇସ୍କୁଲରେ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା ଲାଭ କରିଥିଲେ, ଯେଉଁଥିରେ ସେ ପ୍ରଥମ ଛାତ୍ର ଥିଲେ । ପରେ ସେ ରେଭେନ୍ସା କଲେଜିଏଟ୍ ସ୍କୁଲରେ ପଢିବା ପାଇଁ ବୃତ୍ତି ପାଇଲେ । ୧୯୩୪ ମସିହାରେ ପୁରୀରୁ ଭଦ୍ରକ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାକୁ କଭର୍ କରିବା ପାଇଁ ଦୈନିକ ଖବରକାଗଜ ଦି ସମାଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦ୍ୱାରା କାନୁନଗୋ ନିଯୁକ୍ତ ହୋଇଥିଲେ । ଏହି ସମୟ ମଧ୍ୟରେ ଗାନ୍ଧିଜୀ ବିନୋଦ କାନୁନଗୋଙ୍କୁ ସମ୍ବାଦ ରିପୋର୍ଟର କଳାର ଶିକ୍ଷା ଦେଇଥିଲେ, ପରାମର୍ଶ ଦେଇଥିଲେ ଏବଂ ଭଲ ସମ୍ବାଦ ରିପୋର୍ଟର ହେବାପାଇଁ ସହଯୋଗ କୃତହେଲେ । ପରେ ସେ ବିଶିଷ୍ଟ ଗାନ୍ଧିବାଦୀ ଗୋପାବନ୍ଧୁ ଚୌଧୁରୀଙ୍କ ସହ କାମ କରିଥିଲେ ଏବଂ ସହକାରୀ ସମ୍ପାଦକ ଭାବରେ ସମାଜରେ ଯୋଗ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିବାରୁ ତାଙ୍କୁ ଜେଲରେ ରଖାଯାଇଥିଲା । ୧୯୫୨ ମସିହାରେ ସେ ଭାରତରେ ପ୍ରଥମ ସାଧାରଣ ନିର୍ବାଚନ ଲଢ଼ି ହାରି ଯାଇଥିଲେ । ୧୯୫୪ ମସିହାରେ ସେ ସ୍ମାରକୀ ଓଡିଆ ଏନସାଇକ୍ଲୋପିଡ଼ିଆ ଜ୍ଞାନମଣ୍ଡଳ ସଂକଳନ ଉପରେ ଦୃଷ୍ଟି ରଖିଥିଲେ । ପ୍ରଥମ ଭଲ୍ୟୁମ୍ ୨ ଡିସେମ୍ବର ୧୯୬୦ ରେ ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଦ୍ୱାରା ମୁକ୍ତିଲାଭ କରିଥିଲା । ସେ କଟକଠାରେ ଥିବା ବାରବାଟୀ ଷ୍ଟାଡିୟମ କାର୍ଯ୍ୟାଳୟରେ ଜ୍ଞାନମଣ୍ଡଳର ପ୍ରମୁଖ ଅଂଶ ସଂକଳନ ଏବଂ ସମ୍ପାଦନା କରିଥିଲେ । ସେ ଏକକ ଭାବରେ ରେଫରେନ୍ସ ସେଣ୍ଟର ନିର୍ମାଣ କରିଥିଲେ, ଯାହାକୁ ତାଙ୍କ ସମୟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପରିଦର୍ଶନ କରିଥିଲେ ଏବଂ ପ୍ରଶଂସା କରିଥିଲେ । ଜ୍ଞାନମଣ୍ଡଳ, ଯଦିଓ ଅସମ୍ପୂର୍ଣ୍ଣ, ଆଧୁନିକ ଭାରତୀୟ ଭାଷାର ଯେକୌଣସି ଭାଷାରେ ସର୍ବଶ୍ରେଷ୍ଠ ସମ୍ପାଦିତ ଏବଂ ସବୁଠାରୁ ସୁବିଧାଜନକ ଏନସାଇକ୍ଲୋପିଡ଼ିଆ ଭାବରେ ସମ୍ମାନିତ ହୋଇଛି । ତାଙ୍କ ଜୀବନ କାଳରେ ଯଦିଓ ସେ ଜ୍ଞାନମଣ୍ଡଳ ଫାଉଣ୍ଡେସନ ସୃଷ୍ଟି କରିଥିଲେ, ତଥାପି ଏହା ତାଙ୍କ କାର୍ଯ୍ୟ ସମାପ୍ତ କରିପାରିଲା ନାହିଁ ଯାହା ପରେ ତାଙ୍କ ପୁଅ ଦୀପକ କାନୁନଗୋଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା ଯିଏକି ଓଡିଆ ଭାଷାରେ ଜଣେ ପ୍ରତିଷ୍ଠିତ ରେଫରେନ୍ସ କର୍ମୀ ମଧ୍ୟ ଅଟନ୍ତି । ଫାଉଣ୍ଡେସନ୍ ଆଜି ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ ଜାରି ରଖିଛି । ଏହି ନୂତନ ସେଟ୍ ଲୋକପ୍ରିୟ ଓଡିଆରେ ହଜାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହଜାର ବିଷୟ ଧାରଣ କରେ ଯାହା ମାନବ ଜ୍ଞାନର ସମସ୍ତ ଶାଖାକୁ ନେଇ ଗଠିତ ଏବଂ ବହୁ ଚିତ୍ରିତ । ଓଡିଆ ଲୋକଙ୍କ ପାଇଁ ଏହା ଅତ୍ୟନ୍ତ ସନ୍ତୋଷଜନକ ବିଷୟ ଯେ ଏନସାଇକ୍ଲୋପିଡ଼ିଆ କେନ୍ଦ୍ର ଯାହା ତାଙ୍କ ଶେଷ ପର୍ଯ୍ୟନ୍ତ ସୃଷ୍ଟି କରିଥିବା ଏନସାଇକ୍ଲୋପିଡ଼ିଆ କେନ୍ଦ୍ର ଭୁବନେଶ୍ୱରରେ ସକ୍ରିୟ ଅଛି ଏବଂ ବିଳମ୍ବିତ କାନୁନଗୋ ତାଙ୍କ ଜୀବନ କାଳରେ ସଂଗ୍ରହ କରିଥିବା ସମସ୍ତ ଦଲିଲକୁ ଧରି ରଖିଛନ୍ତି । ସେ ଯାତ୍ରା, ଜୀବନୀ, ଶିଶୁ ପୁସ୍ତକ ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଶହେରୁ ଅଧିକ ପୁସ୍ତକ ସମେତ ଓଡିଆରେ ବହୁ ଲୋକପ୍ରିୟ ପୁସ୍ତକ ଲେଖିଥିଲେ । ସୁଲଭ ମୂଲ୍ୟରେ ସାଧାରଣ ଲୋକଙ୍କ ମଧ୍ୟରେ ଏନସାଇକ୍ଲୋପିଡ଼ିକ୍ ଜ୍ଞାନର ପ୍ରସାର ପାଇଁ ସେ ଜ୍ଞାନମଣ୍ଡଳ ଫାଉଣ୍ଡେସନ୍ ପ୍ରତିଷ୍ଠା କରିଥିଲେ । ସେ ତାଙ୍କର ସମଗ୍ର ଜୀବନକୁ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନର ଲୋକପ୍ରିୟତା ପାଇଁ ଉତ୍ସର୍ଗ କରିଥିଲେ । ନିକଟରେ ତାଙ୍କ ସମ୍ମାନାର୍ଥେ ଓଡିଆ ଭାଷାର ବିକାଶ ପାଇଁ ଉତ୍ସର୍ଗୀକୃତ ଏକ ଅନୁଷ୍ଠାନ ଆରମ୍ଭ କରାଯାଇଛି । ଓଡିଆ ଭାଷା (ବିନୋଦ କାନୁନଗୋ ଓଡିଆ-ଭାଷା ଉତ୍କଳ କେନ୍ଦ୍ର) ରେ ବିନୋଦ କାନୁନଗୋ ସେଣ୍ଟର ଫର ଏକ୍ସଲେନ୍ସ ବିଭିନ୍ନ ବିଷୟ ଉପରେ ପିଲାମାନଙ୍କ ପାଇଁ ଲେଖାଯାଇଥିବା ତାଙ୍କର କିଛି ବୁକଲେଟ୍ ଅତ୍ୟନ୍ତ ମନମୋହକ । ୨୦୬ ଖଣ୍ଡ କାଉଁରୀ କାଠି (୨୦୬ ମ୍ୟାଜିକାଲ୍ ଷ୍ଟିକ୍) - ମାନବ ଅର୍ଥୋପେଡିକ୍ସ ଉପରେ ଏକ ପୁସ୍ତକ, ବଡ଼ଙ୍କ ବଡେଇ ରହିଲା ନାହିଁ, ଚଳନ୍ତା ରାଇଜର ଅମୁହାଁ ନାହିଁ-ମଣିଷର ରକ୍ତ ସଞ୍ଚାଳନ ବ୍ୟବସ୍ଥା । ନାଁ ଦେବାଟା କେଡେ କଷ୍ଟ (ଏହାର ନାମକରଣ ଏତେ କଷ୍ଟକର) - ବିଭିନ୍ନ ସିଷ୍ଟମର ନାମକରଣ ନିୟମ ଉପରେ । କଥିତ ଅଛି ଯେ ତ୍ରୟୋଦଶ ଶତାବ୍ଦୀରେ ମଧ୍ୟଯୁଗର ପ୍ରଖ୍ୟାତ ଇଂରେଜ ବୈଜ୍ଞାନିକ ରୋଜର ବେକନ ବିଶ୍ୱର ସର୍ବ ପ୍ରଥମ ଜ୍ଞାନକୋଷ ରଚନା କରିଥିଲେ । କିନ୍ତୁ ତାହା ଲୋକଲୋଚନକୁ ଆସିବା ଆଗରୁ କୁଆଡ଼େ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନ୍ତର୍ହିତ ହୋଇଗଲା । ଏହାର ପ୍ରାୟ ପାଞ୍ଚିଶହ ବର୍ଷ ପରେ ଏନସାଇକ୍ଲୋପିଡ଼ିଆ ବ୍ରିଟାନିକାର ଆବିର୍ଭାବ ହେଲା । ତେଣୁ ଜ୍ଞାନକୋଷ ପ୍ରଣୟନ କରିବା କେତେ ଦୁଃସାଧ୍ୟ -ଏଥିରୁ ଅନୁମେୟ । ଡକ୍ଟର ଗୋକୁଳାନନ୍ଦ ମହାପାତ୍ରଙ୍କ ବୈଜ୍ଞାନିକ ଜ୍ଞାନକୋଷ (୨୦୦୫)ରେ ପ୍ରକାଶକ ବିଦ୍ୟାପୁରୀ (କଟକ)ଙ୍କଦ୍ୱାରା ପ୍ରକାଶିତ ହେଇଥିଲା । ବିନୋଦ କାନୁନଗୋ ଏନସାଇକ୍ଲୋପିଡ଼ିଆକୁ ତିନି ଶ୍ରେଣୀରେ ବିଭକ୍ତ କରିଛନ୍ତି । ଯଥା: ବିଶେଷଜ୍ଞଙ୍କ ପାଇଁ ରିଫେରେନସ ଏନସାଇକ୍ଲୋପିଡ଼ିଆ, କିଶୋର କିଶୋରୀଙ୍କ ପାଇଁ ଚିତ୍ରବହୁଳ ଓ ସରଳ ଭାଷାରେ ଲିଖିତ ଚିଲ୍ଡରେନ୍ସ ଏନସାଇକ୍ଲୋପିଡ଼ିଆ, ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜନପ୍ରିୟ, ସୁଖପାଠ୍ୟ, ସହଜବୋଧ୍ୟ ପପୁଲାର ଏନସାକ୍ଲୋପିଡ଼ିଆ । ସେ ତାଙ୍କ ଜ୍ଞାନମଣ୍ଡଳକୁ "ପପୁଲାର ଏନସାଇକ୍ଲୋପିଡ଼ିଆ" (ସୁଖପାଠ୍ୟ ଓଡ଼ିଆ ଏନସାଇକ୍ଲୋପିଡ଼ିଆ) ଶ୍ରେଣୀଭୁକ୍ତ କରିଛନ୍ତି । କିନ୍ତୁ ସେଥିରେ ଯେତେ ସଂଖ୍ୟକ ଚିତ୍ର ରହିଛି ଏବଂ ବିଷୟବସ୍ତୁର ବର୍ଣ୍ଣନା ଯେମିତି ହୋଇଛି, ତାହା ଅଳ୍ପ ପାଠ ପଢ଼ିଥିବା ଆଗ୍ରହୀ ପିଲାମାନେ ମଧ୍ୟ ସହଜରେ ଧରିପାରିବେ । ତେଣୁ ଉପରୋକ୍ତ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଏହା ଏକ ସ୍ୱାଗତଯୋଗ୍ୟ ସମାହାର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଉଲ୍ଲେଖନୀୟ ଯେ ବିନୋଦ କାନୁନଗୋ ଜଣେ ଶିଶୁ ସାହିତ୍ୟିକ । ପ୍ରସ୍ତରଯୁଗୀୟ ମାନବ ସମ୍ବନ୍ଧରେ ରଚିତ "ପିଲାମାନଙ୍କ ପାଇଁ ୩୬୫ ଦିନ" ସିରିଜ ସକାଶେ ୧୯୮୦ ବର୍ଷର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ତାଙ୍କୁ ପ୍ରଦତ୍ତ କରାଯାଇଥିଲା । ୧୯୮୪ର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ତାଙ୍କର ଆତ୍ମଚରିତ "ଋଣ ପରିଶୋଧ", "ଆଉରି ବରକୋଳି ନିଅ" ଅଧ୍ୟାୟରେ ସେ ନିଜର ପିଲାଦିନର ସ୍ମୃତିକୁ ଯେମିତି ଉପସ୍ଥାପନ କରିଛନ୍ତି, ତାହା ଯେ କୌଣସି ବୟସର ପାଠକଙ୍କୁ ମୁଗ୍ଧ କରିବ । ସେଥିରେ ବର୍ଣ୍ଣିତ ହୋଇଛି ଶତପଥୀ ନାମକ ଜଣେ ପଣ୍ଡିତଙ୍କ ବିଷୟ, ଯିଏକି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜମିଦାର ବିହାରୀଲାଲଙ୍କ ଘରକୁ ପ୍ରତିଦିନ ଯାଆନ୍ତି ଗୀତାର ଅନୁବାଦ ସହ ଟୀକା ରଚନା କରିବାକୁ । ପଣ୍ଡିତ ଶତପଥୀ ରାତିରେ ଘରକୁ ଫେରିବା ବେଳେ ଗୋଟିଏ ଥାଳିରେ ବିହାରୀଲାଲଙ୍କ ଠାରୁ ସିଦା ନେଉଥିଲେ, ଯେଉଁଥିରେ ପର୍ଯ୍ୟାପ୍ତ ଚାଉଳ, ଡାଲି, ପରିବାଦି ଥାଏ । ଥରେ ସେଇ ସଞ୍ଜାରେ ବିହାରୀଲାଲ ଚାରୋଟି ଗୋଲ ଆଳୁ ଦେଇଥିଲେ । ଏହାର ବର୍ଣ୍ଣନା କାନୁନଗୋଙ୍କ ଭାଷାରେ, "ପଣ୍ଡିତ ଶତପଥୀ" ସେଠାରେ କିଛି କହି ନପାରି ଗାମୁଛାରେ ପୂରାଇ ନେଇଗଲେ । ଘରେ ଯାଇ ସେତକ ସବୁ ବାରିଆଡ଼େ ଫୋପାଡ଼ି ଦେଇ ଘରେ ଆସି ଗାଧୋଇଲେ । ପଇତା ବଦଳାଇଲେ, ତା ପରଦିନ ଜମିଦାର ତାଙ୍କୁ ପଚାରିଲେ, "କାଲି ଯେଉଁ ନୂଆ ଚିଜ ଦେଇଥିଲି ତାକୁ କେମିତି ରନ୍ଧିଲ ?" ଶତପଥୀ ଟିକିଏ ଶଙ୍କିଯାଇ କହିଲେ, "ଜୀବନରେ ମୁଁ କେବେ ପକ୍ଷ୍ୟଣ୍ଡ (ପକ୍ଷୀର ଅଣ୍ଡା) ଛୁଇଁ ନାହିଁ । ତେଣୁ ତାକୁ ଫୋପାଡ଼ି ଦେଲି । ସିଦା ମାରା ହୋଇ ଯାଇଥିଲା ବୋଲି ତାକୁ ମଧ୍ୟ ଫୋପାଡ଼ି ଦେଲି ।" ବିହାରୀ ହସିଲେ - "ଆଳୁକୁ ଯେ ଅଣ୍ଡା ବୋଲି ଧରିନେଲେ - ସେଥିପାଇଁ ହସ ।" ବିନୋଦ କାନୁନଗୋ ନିଜର କର୍ମମୟ ଜୀବନ ଭିତରେ ୧୧୦ ଗୋଟି ବହି ଲେଖିଯାଇଛନ୍ତି । ଯାହା ଓଡ଼ିଶାର ଭାଷା ସାହିତ୍ୟ ପାଇଁ ଅମୁଲ୍ୟ ଯୋଗଦାନ । ଆଜି ଓଡ଼ିଶାରେ ଯେତେବେଳେ ମାତୃଭାଷା ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଗତି କରୁଛି, ସେତେବେଳେ ବିନୋଦ କାନୁନଗୋଙ୍କ ଦ୍ୱାରା ଲିଖିତ ବହିଗୁଡ଼ିକ ଓଡ଼ିଆ ଭାଷାର ବିକାଶରେ ଏକ ଅମୁଲ୍ୟ ଯୋଗଦାନ ହେବ । ତାଙ୍କ ଦ୍ୱାରା ରଚିତ ବହିଗୁଡ଼ିକ ଯଦି ବଜାରରେ ଉପଲବ୍ଧ କରାଯାଏ ତେବେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବ ବର୍ଗ ଏବଂ ବୟସ୍କ ପର୍ଯ୍ୟନ୍ତ ସେହି ଜ୍ଞାନକୁ ଆହରଣ କରି ଓଡିଆଭାଷାକୁ ଆହୁରି ଆଗକୁ ନେଇଯିବାରେ ସହାୟକ ହେବ ।

ସୁଜନପୁର, ଯାଜପୁର, ୯୩୪୮୭୬୮୧୨, asitmohanty41@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଳା

ବିଶ୍ୱନିୟନ୍ତା ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ ଜଗତ କହେ କଳା ଠାକୁର । ଶ୍ରୀଅଙ୍ଗ ବର୍ଣ୍ଣ କଳା ବୋଲି ଅଗଣିତ ଭକ୍ତ ନାମ ଦେଇଥାନ୍ତି କଳା ଚାନ୍ଦ, କଳା ମାଣିକ, କଳା ନିଧି, କଳା ମଣିମା ଇତ୍ୟାଦି ଇତ୍ୟାଦି ।

ତନୁ କଳା ଠୁଁ ଶ୍ରୀମୁଖ କଳା ଯେ ଅତୀବ ମନୋରମ ଆକର୍ଷଣୀୟ ଅନାସ୍ୱୀକାର୍ଯ୍ୟ । ହେଲେ, କଳା କହିଲେ ତ ଆମେ କେବଳ ଛାମୁଙ୍କ ବର୍ଣ୍ଣକୁ ସୀମିତ ପରିଧି ଭିତରେ ଆବଦ୍ଧିତ କରି ରଖିଲେ ଅର୍ଥ ଅମର୍ଯ୍ୟାଦା ଅସମୀଚୀନ । ତେଣୁ ପ୍ରାସଙ୍ଗିକ ଉପସ୍ଥାପନା ନିହାତି ଅପରିହାର୍ଯ୍ୟ । ଅବଶ୍ୟ ପ୍ରସଙ୍ଗ ବିଷୟର ପୂର୍ବ ଆଭାସ ଅନେକ ଗୁଣି ଜ୍ଞାନୀ ଜନଙ୍କୁ ଅବଗତ ହେଇ ଯାଇଥିବ ।

କଳାର ଆଉ ଏକ ଆକ୍ଷରିକ ଅର୍ଥ ହେଉଛି ଗୁଣ । ତା ସହିତ କୌଶଳ ଯୋଗ କଲେ ବୁଝିବାକୁ ହେବ ପାରଙ୍ଗମତା । ଜଗନ୍ନାଥ ତତ୍ ସଦୃଶ ଷୋହଳ କଳାର ଅଧିକାରୀ । ଯେଉଁ କଳା ମଧ୍ୟରୁ ଏକ କଳା ନନ୍ଦର ବଳା ନରହରି । ସୃଷ୍ଟି ପାଳନ ସଂହାରଣ ମଧ୍ୟରେ ପ୍ରଭୁ ଷୋହଳ କଳାର ବିନିଯୋଗ କରି ବୋଲାଉଛନ୍ତି କଳା ଠାକୁର ।



ସତ୍ୟନାରାୟଣ ମିଶ୍ର

ଜଣେ ଭକ୍ତ ଗାଇଛନ୍ତି "କାଳିଆ, ମୋ ଦେହେ ବୋଳି ଦେ ତୋ ଦେହ କଳା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେ କଳା ଲଗାଇ ଧନ ଅହଲ୍ୟା କଲୁ ତାରଣ

କୁବୁଜାକୁ କଲୁ ଧନ୍ୟଶବରୀକୁ ସ୍ୱର୍ଗ ସ୍ଥାନ

ମୋତେ ସେ କଳାରୁ ଟିକେ

ଲଗାଇଦେରେ ପଙ୍କଜ ଡୋଳା ।

ଏହି ଭକ୍ତି ଗୀତ ଯେ ଖାଲି ଗୀତ ନୁହଁ । କଳାକୁ ନେଇ ପ୍ରତିଟି ଧାଡିରେ ଭକ୍ତ କରିଛି ଠାକୁରଙ୍କୁ ସମୀକ୍ଷା । ଦେହରେ କଳା ରଙ୍ଗ ବୋଳି ଦେଇ ମତେ ଧନ୍ୟ କରିଦେ ବୋଲି କହୁନି ସେ । ଭକ୍ତ କହିଛି, "କାଳିଆ ମୋ ଦେହରେ ତୋ ଦେହର ଗୁଣ ଗୁଡିକ ମଧ୍ୟରୁ କିଛି ପ୍ରବେଶ କରାଇ ଦେ । ମୋ ଅନ୍ତର କଠୋର ପଣକୁ ଅହଲ୍ୟା ତାରିଲା ସମ ନାମନୀୟ କରି ଦେ । ଯେସନ କଠିନ ପ୍ରସ୍ତର ଅହଲ୍ୟା ମୂର୍ତି ତୋ ପଦସ୍ପର୍ଶ ପାଇ ସ୍ୱଅବସ୍ଥାକୁ ପ୍ରତ୍ୟାବର୍ତ୍ତନ କରିଛି ମୋ କ୍ଷେତ୍ରରେ ବି ଅନ୍ତରର ଜଡତାକୁ ଦୁରୀଭୂତ କରି ନମ୍ର କର । କୁବୁଜାର କୁଟିଳ ବକ୍ର ଶରୀରକୁ ପାଦ ଲଗାଇ ସୁସ୍ଥ ସଳଖ ସୁନ୍ଦରୀ ଯୁବତୀ କରିଥିଲ ତମେ । ତପୃରି ମୋ ଅନ୍ତରରୁ କୁଟୀଳତା ଦୁର୍ଗୁଣ ସବୁକୁ ଅପଭ୍ରଂଶ କରି ସରଳ କରିଦିଅ । ସେ ଧନ୍ୟ ହେଲା ସଦୃଶ ମୁଁ ବି ହେଇଯିବ ଧନ୍ୟ । ସୁଗୁଣ ସମ୍ପନ୍ନ ନିର୍ମାୟା ନିରାହଂକାରୀ । ସବରୀ ଅଇଁଠା ଭୁଞ୍ଜି, ତା ଭକ୍ତି ଭାବରେ ଭୋଳ ହେଇ ତମେ ତାକୁ ଦେଇଥିଲ ସ୍ୱର୍ଗ ନିବାସ । ତା ଭାବ, ପ୍ରଗାଢ଼ ବିଶ୍ୱାସ, ଧୈର୍ଯ୍ୟ ସହକାରେ ପ୍ରତୀକ୍ଷା ହିଁ ତାକୁ ଦେଇଥିଲା ଏଭଳି ପରମ ସୌଭାଗ୍ୟ । ତେବେ ମୁଁ ବି ବିଶ୍ୱାସ କରେ ଜୀବନ ଠୁ ଅଧିକ । ତମ ଅସ୍ତିତ୍ୱକୁ ମର୍ମେ ମର୍ମେ ଅନୁଭବ କରେ । ଭାବରେ ଏମିତି ମଜ୍ଜି ଯାଏଁ ଯେ ଜ୍ଞାତ ହୁଏ ନି ଭଲ କେଉଁଟା ମନ୍ଦ କେଉଁଟା । ଯେପରି ସବରୀ ଜାଣି ନ ଥିଲା ପ୍ରଭୁଙ୍କୁ ଅଇଁଠା ଦେବା ଦୋଷାବହ ବୋଲି ।

ହେ କାଳିଆ, ମତେ ଏମାନଙ୍କ ଯେଉଁ କଳା ସବୁ ଦେଇ ପରିତ୍ରାଣ କରିଥିଲୁ ମତେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି କଳାରୁ କିଞ୍ଚିତ ପ୍ରଦନ କରିଦେ । ରେ ପଙ୍କଜ ଡୋଳା, ଚକାଡୋଳା ହେଲେ ବି ତୁ ମୋ ପଙ୍କଜ ଡୋଳା । ମୋ ଗୁହାରି ଘେନି ଏତିକି ଦୟା କର" ..

କବିଙ୍କ ଲେଖାରୁ ଭକ୍ତି ଗୀତ ପରିବେଷଣ କରିଥିବା ଗାୟିକା କଳାକୁ ନେଇ ଏତେସବୁ ଅର୍ଥପୂର୍ଣ୍ଣ ଗୀତ ଗାଇଛନ୍ତି । ତେବେ ଏହି ଠାକୁରଙ୍କ ପ୍ରତିମା ଯେଉଁଠି ବିରାଜମାନ କରିଛନ୍ତି ସେହି ସ୍ଥାନଟି ହେଉଛି ପୁଣ୍ୟ ପବିତ୍ର ଭାରତ ଦେଶର ଓଡିଶା ମାଟିରେ । ଏହି ମାଟିର ଆରାଧ୍ୟ ଦେବତା ସିଏ । ଏଇଠି ଥିବା ଓଡ଼ିଆ ଜାତିର ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି । ସାରା ଜଗତରେ କହେ ଓଡ଼ିଆଙ୍କୁ ଜଗନ୍ନାଥ ଧାମର ଲୋକ । ବାସ୍ତବରେ କେତେ ମହାନ ଆମ ପରିଚୟ !

ଦିନ ଥିଲା ଓଡ଼ିଆମନେ ନିଜର ଉତ୍କର୍ଷ କଳାର ପରିପ୍ରକାଶ ମାଧ୍ୟମରେ ଜଗତକୁ ହତଚକିତ କରି ଦେଇଥିଲେ । କଳାସ୍ଥାପତ୍ୟର ପାରଦର୍ଶିତା ହାସଲ କରିଥିବା ଓଡ଼ିଆଙ୍କ ପ୍ରଦେଶର ପ୍ରାଚୀନ ନାମ ଉତ୍କଳ ଥିଲା ମଧ୍ୟ । ଉତ୍କଳର ଠାକୁର ଯେ କଳା ଏଥିରେ ସାମଞ୍ଜସ୍ୟ ରହିବା ସ୍ୱାଭାବିକ ।

କହିବାକୁ ଗଲେ ପରିମାର୍ଜିତ କଳା ହିଁ ବ୍ୟକ୍ତିର ଉନ୍ନତି ପାଇଁ ମାର୍ଗ ଦର୍ଶକ ଓ ଉନ୍ନତ ସଭ୍ୟତାର ନିଦର୍ଶନ । କିନ୍ତୁ ପରିତାପର ବିଷୟ ଏହି ଯେ ପ୍ରଶ୍ଚାତ୍ୟ କଳାର ଅନୁପ୍ରବେଶ ଅନୁକରଣ ମୌଳିକ କଳାକୁ କବଳିତ କରି ଟାଣି ନେଉଛି ଅବଲୁପ୍ତ ଦିଗକୁ । ଅବକ୍ଷୟ ହେବାକୁ ଯାଉଛି ଆମ ସଂକୃତି ପରମ୍ପରା । ଏହାକୁ ବଞ୍ଚିବାକୁ ହେଲେ ସେଇ କଳା ଠାକୁରଙ୍କୁ ଗୁହାରି କରି ଉଦ୍ୟମ କରିବାକୁ ହେବ ସୁରକ୍ଷାର ବିଭିନ୍ନ ଉପାୟ ସମୂହ । କହିବା ହେବ "ଜୟ କଳା" ଜୟ କଳାଠାକୁର, ଜୟ ଜଗନ୍ନାଥ ।

ସିଂଧେକେଲା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଡ଼ିଆ ପରମ୍ପରାରେ ସାବିତ୍ରୀବ୍ରତ

ଓଡ଼ିଆ ସଂସ୍କୃତି ଓଡ଼ିଆ ପରମ୍ପରା ବହୁ ପ୍ରାଚୀନ । ଜଗତର ନାଥ ଜଗନ୍ନାଥ ଉତ୍କଳୀୟ ମାନଙ୍କର ଆରାଧ୍ୟ ଦେବତା । ତାଙ୍କର ପୂଜାପାତି ରୀତିନୀତି ଅନୁଯାୟୀ ସଂସ୍କୃତି ଓ ପରମ୍ପରା ପ୍ରଚଳିତ । ହିନ୍ଦୁ ରମଣୀ ନିଜ ଘର ପରିବାର, ନିଜ ସନ୍ତାନ ପାଇଁ ବିଭିନ୍ନ ଉଷା ବ୍ରତ ପାଳନ କରିଥାନ୍ତି । ବିଭିନ୍ନ ଦେବାଦେବୀଙ୍କୁ ମାନସିକ କରିଥାନ୍ତି । ସେହିପରି ଓଡ଼ିଶାର ସଧବା ନାରୀମାନେ ନିଜ ଶଙ୍ଖା, ସିନ୍ଦୁର ବଜ୍ର ହେଉ, ସ୍ୱାମୀଙ୍କର ଆୟୁଷ ଦୀର୍ଘାୟୁ ହେଉ କାମନା କରି ଜ୍ୟେଷ୍ଠ ଅମାବାସ୍ୟା ଦିନ ସାବିତ୍ରୀ ବ୍ରତ ପାଳନ କରି ଥା଼ନ୍ତି । ଅପରାହ୍ନରେ ଲକ୍ଷ୍ମୀ ନାରାୟଣଙ୍କୁ ପୂଜା କରାଯାଏ । ପୂଜାରେ ନୂଆ ଲୁଗା, ନାଲି ଶଙ୍ଖା, ସିନ୍ଦୂର, ଅଳତା, କଜ୍ୱଳ, ପାନିଆ, ଦର୍ପଣ, ନଡ଼ିଆ, କଦଳୀ, ଆମ୍ବ, ପଣସ, ଗଜାମୁଗ, ତାଳସଜ, ସପୁରି, ଖଜୁରୀକୋଳି, ଜାମୁ କୋଳି, ଫୁଲ, ଚନ୍ଦନ, ଦୁବ, ବରକୋଳି ପତ୍ର, ଆମ୍ବ ଡାଳ, ହଳଦୀ, ସାବିତ୍ରୀ ବ୍ରତ ବହି ଇତ୍ୟାଦି ଆବଶ୍ୟକ ହୋଇଥାଏ । ପୂଜା ସରିଲା ପରେ ଗୁରୁଜନ ମାନଙ୍କୁ ଓ ସ୍ୱାମୀଙ୍କୁ ପ୍ରଣାମ କରାଯାଏ । ସେଦିନ ଫଳ ଆହାର କରି ଓଷେଇତି ଦିନ କାଟନ୍ତି ।



ବାସନ୍ତୀଲତା ଜେନା

କିମ୍ବଦନ୍ତୀ କହେ, ମଦ୍ର ଦେଶର ରାଜା ଅଶ୍ୱପତି ନିସନ୍ତାନ ଥିଲେ । ସେ ବ୍ରହ୍ମାଙ୍କର ପତ୍ନୀ ସାବିତ୍ରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯଜ୍ଞ କଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାବିତ୍ରୀ ଦେବୀ ପୂଜାରେ ସନ୍ତୁଷ୍ଟ ହୋଇ ପୁତ୍ର ବଦଳରେ ଆଦର୍ଶ କନ୍ୟା ରତ୍ନର ପିତା ହେବା ପାଇଁ ଆଶୀର୍ବାଦ ଦେଲେ । ନିର୍ଦ୍ଦିଷ୍ଟ ସମୟରେ କନ୍ୟାରତ୍ନ ଜନ୍ମ ହେଲା । ରାଜାରାଣୀ ଝିଅଟିର ନାମ ରଖିଲେ ସାବିତ୍ରୀ । ସେ ଯେତେବେଳେ ବିବାହ ଯୋଗ୍ୟା ହେଲେ ନିଜ ଇଚ୍ଛାରେ ସତ୍ୟବାନଙ୍କୁ ସ୍ୱାମୀ ରୂପେ ପାଇବା ପାଇଁ କାମନା କଲେ । ନିଜ ପିତାଙ୍କୁ ଏ କଥା ଜଣାଇଲେ । ସେତେବେଳେ ନାରଦ ମୁନି କହିଥିଲେ ସତ୍ୟବାନଙ୍କର ମାତ୍ର ଏକ ବର୍ଷ ଆୟୁଷ ଅଛି । ତୁମେ ତାଙ୍କୁ ବିବାହ କର ନାହିଁ । ସାବତ୍ରୀ କହିଲେ, "ମୁଁ ତ ତାଙ୍କୁ ମନେ ମନେ ପତି ରୂପେ ସ୍ଥିର କରି ସାରିଛି । ତାଙ୍କୁ ହିଁ ବିବାହ କରିବି । ତାପରେ ସତ୍ୟବାନଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ଏକ ବର୍ଷ ପୂର୍ଣ୍ଣ ହୋଇଥିଲା ଜ୍ୟେଷ୍ଠ ଅମାବାସ୍ୟା ଦିନ । ସାବିତ୍ରୀ ଜାଣିଲେ ଆଜି ତାଙ୍କ ସ୍ୱାମୀଙ୍କର ଅନ୍ତିମ ଦିବସ । ସେ ନିଷ୍ଠାର ସହିତ ପୂଜା ସାରି ଦେଇ ସ୍ୱାମୀଙ୍କ ସହିତ ବଣକୁ ଗଲେ କାଠ ଆଣିବା ପାଇଁ । ସତ୍ୟବାନ ଗୋଟିଏ ଗଛରେ ଚଢ଼ି ଡାଳ ହାଣିବା ସମୟରେ ତାଙ୍କ ମୁଣ୍ଡ ଘୁରାଇ ଦେଲା । ସେ ତଳେ କଚାଡି ହୋଇ ପଡି ମୃତ୍ୟୁବରଣ କଲେ । ସାବିତ୍ରୀ ମୃତ ସ୍ୱମୀଙ୍କୁ କୋଳରେ ଧରି ବସିଥାନ୍ତି । ଯମ ଦୂତମାନେ ସତ୍ୟବାନଙ୍କର ପ୍ରାଣ ନେବା ପାଇଁ ଆସି ପହଞ୍ଚିଗଲେ । ସତୀ ସାବିତ୍ରୀଙ୍କ ତେଜରେ ଯମଦୂତ ମାନେ ପାଖରେ ପହଞ୍ଚି ନପାରି ଫେରି ଯାଇ ଯମରାଜାଙ୍କୁ ସବୁ କଥା କହିଲେ । ଯମ ରାଜା ନିଜେ କାଳ ଫାସ ଧରି ସାବିତ୍ରୀଙ୍କ ପାଖରେ ପହଞ୍ଚି ସତ୍ୟବାନଙ୍କ ପ୍ରାଣ ନେବାକୁ କହିଲେ । ସାବିତ୍ରୀ ସତ୍ୟବାନଙ୍କ ପ୍ରାଣ ଛାଡିଦେଲେ । ଯମ ରାଜ ସତ୍ୟବାନଙ୍କ ପ୍ରାଣ ନେଇ ଚାଲିଗଲେ । ସାବିତ୍ରୀ ତାଙ୍କ ପଛେ ପଛେ ଗଲେ । କିଛି ଦୂର ଅତିକ୍ରମ କଲା ପରେ ଯମରାଜ ସାବିତ୍ରୀଙ୍କୁ ଦେଖି କହିଲେ ସତ୍ୟବାନଙ୍କ ପ୍ରାଣ ବ୍ୟତୀତ ଯେଉଁ ବର ମାଗୁଛ ମାଗ । ସାବିତ୍ରୀ ପ୍ରଥମ ବରରେ ଅନ୍ଧ ଶାଶୁରଙ୍କର ଚକ୍ଷୁ ଓ ହରାଇଥିବା ରାଜ୍ୟ ଫେରି ପାଇବାକୁ ବର ମାଗିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦ୍ୱିତୀୟ ବରରେ ନିସନ୍ତାନ ପିତାଙ୍କର ପୁତ୍ର କାମନା କଲେ । ତୃତୀୟ ବରରେ ସେ ନିଜେ ଶତ ପୁତ୍ରର ଜନନୀ ହେବା ପାଇଁ ବର ମାଗିଲେ । ଯମ ରାଜ ତଥାସ୍ତୁ ବୋଲି କହିଲେ ।

ସେତେବେଳେ ସାବିତ୍ରୀ କହିଲେ ମୋ ସ୍ୱାମୀଙ୍କୁ ମୋତେ ଫେରାଇ ଦିଅ । ନ ହେଲେ ତୁମ ବର ଅକାରଣ ହୋଇଯିବ । ଏ କଥା ଶୁଣି ଯମରାଜ ନିରୁପାୟ ହୋଇଥିଲେ ଓ ସେ ସତ୍ୟବାନଙ୍କର ପ୍ରାଣ ଫେରାଇ ଦେଇଥିଲେ । ଦ୍ୱାପର ଯୁଗରେ ଧର୍ମରାଜ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ପଚାରି ଥିଲେ ନାରୀମାନେ କିପରି ସୌଭାଗ୍ୟବତୀ ହୋଇପାରିବେ ? ଶ୍ରୀକୃଷ୍ଣ ତାଙ୍କୁ ସାବିତ୍ରୀ ବ୍ରତ କଥା କହିଥିଲେ ।

ପୁରାତନ ହେଉ ଅବା ଆଧୁନିକ । ଓଡ଼ିଆ ରମଣୀ ସବୁବେଳେ ଚାହେଁ ସେ ସୌଭାଗ୍ୟବତୀ ହେଉ । ତା ସ୍ୱାମୀଙ୍କର ଜୀବନ ଦୀର୍ଘଜୀବି ହେଉ । ସେ ସୁଖରେ ଘର ସଂସାର କରୁ । ସ୍ୱାମୀଙ୍କ ପାଖରେ ତା ଜୀବନ ଶେଷ ହେଉ । ସ୍ୱାମୀଙ୍କ କାନ୍ଧରେ ସେ ମଶାଣି ମା କୋଳକୁ ଯାଉ । ଏ ବ୍ରତ ହେଉଛି ଆସ୍ଥା, ଭରସା, ବିଶ୍ୱାସର କଥା । ଓଡ଼ିଆ ପରମ୍ପରାରେ ସାବିତ୍ରୀ ବ୍ରତ ପିଢ଼ି ପରେ ପିଢ଼ି ପାଳିତ ହୋଇ ଆସିଛି । ଏହି ବ୍ରତ କରି ଓଡ଼ିଆ ରମଣୀ ଖୁସି ଅନୁଭବ କରେ । ଶାନ୍ତି ପାଏ ।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା :ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରୋଗ ପ୍ରତିରୋଧ ଶକ୍ତି

**ରୋଗ ପ୍ରତିରୋଧ ଶକ୍ତି ବଢାନ୍ତୁ ଏବଂ ସମସ୍ତ ପ୍ରକାରର ଭୂତାଣୁ ରୁ ମୁକ୍ତ ପାଆନ୍ତୁ । ରୋଗ ପ୍ରତିରୋଧ ଶକ୍ତି ବଢ଼େଇବା ପାଇଁ ନିମ୍ନଲିଖିତ ଉପାୟ ଅବଲମ୍ବନ କରନ୍ତୁ -**

୧- ପ୍ରତିଦିନ ସୂର୍ଯ୍ୟ ମନ୍ତ୍ର ବା ଗାୟତ୍ରୀ ମନ୍ତ୍ର ପାଠ କଲେ, ଏହା ରୋଗ ପ୍ରତିରୋଧ ଶକ୍ତି ବଢାଏ ଏବଂ ଯେ କୌଣସି ପ୍ରକାରର କଫ ବାତ ଜନିତ ସମସ୍ୟାକୁ ବି ଦୂର କରେ ।

୨-ପବନ ଆହାର ଠିକ ଭାବେ କଲେ ରୋଗ ପ୍ରତିରୋଧ ଶକ୍ତି ବଢ଼ି ଥାଏ । ଏହା ହେଉଛି ଆପଣଙ୍କର ପ୍ରଥମ ଖାଦ୍ୟ ଯାହାକୁ ଆପଣ ନିଶ୍ଚିତ ଖାଇବା ଉଚିତ ।

୩- ପ୍ରତିଦିନ ସକାଳେ ନିଶ୍ଚିତ ପବନ ଚଳାଚଳ ଜାଗାରେ ମନ ଲଗାଇ ଯୋଗ ପ୍ରାଣାୟାମ କରନ୍ତୁ ।



ପ୍ରହ୍ଲାଦ ସାହୁ

୪-ଶାରୀରିକ ଶ୍ରମ ନିଶ୍ଚିତ କରନ୍ତୁ ଏହା ପ୍ରତିରୋଧ ଶକ୍ତି ବଢାଏ । ଯେଉଁମାନେ ନିଜ ଶରୀରକୁ କେବଳ ପକେଇ ରଖିଛନ୍ତି ସେମାନେ ନିଜର ରୋଗ ପ୍ରତିରୋଧ ଶକ୍ତି କମେଇ ଦେଉଛନ୍ତି । ନିଜ ଘରେ ଅଳ୍ପ ହେଉ କୌଣସି ଶାରୀରିକ ପରିଶ୍ରମ କରି ଝାଳ ବାହାର କରନ୍ତୁ । ଏହା ଅତ୍ୟନ୍ତ ଜରୁରୀ ଅଟେ ।

୫-ସବୁବେଳେ ଘରୋଇ ଚିକିତ୍ସା ବା ଆୟୁର୍ବେଦିକ ଚିକିତ୍ସା କୁ ସର୍ବପ୍ରଥମେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗ୍ରାଧିକାର ଦେବା ଉଚିତ କାରଣ ଏହା ଆପଣଙ୍କ ପ୍ରତିରୋଧ ଶକ୍ତି ବଢ଼େଇବାରେ ସାହାଯ୍ୟ କରେ ।

୬- ମୋବାଇଲ ଠାରୁ ଯେତିକି ଦୂରେଇ ରହିବେ ସେତିକି ଭଲ ।

୭-ଯେତିକି କମ ଲୁଣ ଖାଇବା ଅଭ୍ୟାସ କରିବ ସେତିକି ଭଲ । ଲୁଣ ଖାଇବା ମାନେ ପ୍ରତିରୋଧ ଶକ୍ତିକୁ କମ କରିବା ଅଟେ ।

୮-ତେଲ ମସଲା, ଆମିଷ ଭକ୍ଷଣ ଯକୃତ କୁ ଖରାପ କରେ ସେଥିପାଇଁ ଏହା ଠାରୁ ଯେତିକି ଦୂରେଇ ରହିବ ସେତିକି ସାତ୍ତ୍ୱିକ ଶରୀର ରହିବ । କୌଣସି ଭୂତାଣୁ ଆସିବେ ନାହିଁ ଶରୀର ମଧ୍ୟକୁ ।

୯-ଦାନବୀୟ ଖାଦ୍ୟ ଯେପରିକି ବାସି ଜିନିଷ, ନିଶା, ମଦ, ମାଂସ ଇତ୍ୟାଦି ଠାରୁ ଦୂରେଇ ରୁହ

୧୦-ଆମ ସଂସ୍କୃତିରେ ଗରମ  ଖାଇବା କଥା କୁହାଯାଇଛି । ଯଦି ରୋଷେଇ ହେଇଥିବା ଖାଦ୍ୟ ୨ ଘଣ୍ଟାରୁ ଅଧିକ ହେଲା ପରେ ଆପଣ ତାକୁ ଖାଆନ୍ତି ତାହେଲେ ସେହି ଖାଦ୍ୟ ଖାଇଲେ ଆପଣଙ୍କ ନିଶ୍ଚିତ ରୋଗ ପ୍ରତିରୋଧ ଶକ୍ତି କମିଯିବ ।

୧୧-ସପ୍ତାହରେ ଥରେ ରୋଗ ହଉ ନହେଉ ଅଳ୍ପ ପିତା ଜିନିଷ - କଲରା, ନିମ ପତ୍ର, ଚିରେଇତା ସେବନ କରନ୍ତୁ । ଜଣେ ବ୍ୟକ୍ତି ୫୦ ଗ୍ରାମ ଚିରେଇତାର କାଢା କିମ୍ବା ରସ ସେବନ କରିପାରିବେ । ଯଦି ଚିରେଇତା ନମିଳେ ନିମ୍ବ ପତ୍ର ର ସେବନ କରନ୍ତୁ ।

୧୨ -ବର୍ଷା ଦିନେ ଯେତିକି କ୍ଷୀର ଜାତୀୟ ଜିନିଷ କମ ଖାଇବା ସେତିକି ଭଲ । ପନିର ବିଲକୁଲ ଖାଇବା ଉଚିତ ନୁହେଁ । ଗରିଷ୍ଠ ଆହାର ଠିକ ନୁହଁ ବର୍ଷା ଋତୁରେ । ଯଦି କ୍ଷୀର ପିଉଛନ୍ତି ତାହେଲେ ସେଥିରେ ହଳଦୀ, ଅଦା କିମ୍ବା ଶୁଣ୍ଠୀର ପ୍ରୟୋଗ କରି ରାତି ବେଳା ହିଁ କେବଳ ପିଅନ୍ତୁ ।

୧୩ -ଚା’ ପିଇବା ଆଦୌ ଭଲ ନୁହଁ । ଚା’ ନୁହଁ , ଆପଣ ଆୟୁର୍ବେଦିକ ପେୟ ପିଅନ୍ତୁ । ଚା ‘

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପେଟ ଗରମ କରେ ଏବଂ ଗ୍ୟାସ ସୃଷ୍ଟି କରି ଅନେକ ରୋଗ ସୃଷ୍ଟି କରେ ।

୧୪ -ଚିନି ଅପେକ୍ଷା ଗୁଡ଼ ର ବ୍ୟବହାର ଅଧିକ କରନ୍ତୁ ରୋଗ ପ୍ରତିରୋଧ ଶକ୍ତି ବଢିବ ।

୧୫ - ପଞ୍ଚଗବ୍ୟ ଭିତରେ ଯେଉଁ ୫ଟା ଜିନିଷ ରହିଛି ସବୁ ଜିନିଷ ରୋଗ ନଷ୍ଟକାରୀ ଏବଂ ପ୍ରତିରୋଧଶକ୍ତି ବର୍ଦ୍ଧନକାରୀ । ଯେମିତି ଗୋରଚିନି ମିଳିମିଳା ଭୂତାଣୁ ପାଇଁ ଅବ୍ୟର୍ଥ ଔଷଧ ସେହିଭଳି ଗୋମୂତ୍ର ଶରୀରରେ ଯେଉଁଠି ବି ବ୍ଲକେଜ ଥିବ ଠିକ କରେ । ଗୋବର ଭସ୍ମକୁ ପାଣିରେ ଗୋଳେଇ ପିଇଲେ ଶରୀରରେ ଶୀଘ୍ର ଅମ୍ଳଜାନ ବଢ଼ାଏ । ଗୋମୂତ୍ର କୌଣସି ଅନିଷ୍ଟକାରୀ ପରଜୀବିକୁ ଶରୀରରୁ ବାହାର କରେ । ଘିଅ ପାଚନ ଶକ୍ତିକୁ ଠିକ ରଖେ ଏବଂ ଫୁସଫୁସ ଶକ୍ତିଶାଳୀ ରଖେ । ସହଜ ଶ୍ୱାସକ୍ରିୟା ପାଇଁ ଘିଅର ବ୍ୟବହାର କରନ୍ତୁ । ଘିଅ ସୁନ୍ଦର ନିଦ କରାଏ । ଦହି ସଂକ୍ରମଣକୁ ଠିକ କରେ । କ୍ଷୀର ଶରୀରର ଅଭାବ ବା କ୍ଷତିପୂରଣକୁ ମେଣ୍ଟାଇବା ଏବଂ ବୀର୍ଯ୍ୟବାନ ଶକ୍ତିମାନ ବନେଇବା ସହିତ ରୋଗ ପ୍ରତିରୋଧ ଶକ୍ତି ପ୍ରଦାନ କରେ ।ଗୋ ବିଜ୍ଞାନରେ ପ୍ରତ୍ୟେକ ଭୂତାଣୁର ସମାଧାନ ରହିଛି ।

୧୬ - ଶରୀର ତତ୍ତ୍ୱକୁ ଧ୍ୟାନ୍ ଦିଅନ୍ତୁ ।

୧୭ - ଶୀଘ୍ର ଶୋଇ ଶୀଘ୍ର ଉଠିଲେ ଶରୀର ସୁସ୍ଥ ରହେ ।

୧୮ - ପାଣି ଠିକ ପରିମାଣରେ ପିଅନ୍ତୁ, କମ ପିଅନ୍ତୁ ନାହିଁ । ଶରୀର ଶୁଷ୍କ ହେଲେ ରୋଗ ବଢେ ।

୧୯ - ମନରେ ପବିତ୍ରତା ଆଣିବା ପାଇଁ ପୂଜା, ବ୍ରତ, ଉପବାସ କରନ୍ତୁ । ଏହା ଭୂତାଣୁ ରୁ ରକ୍ଷା କରେ ।

୨୦- ପ୍ରକୃତି ସହିତ ଜଡିତ ରୁହନ୍ତୁ ଏବଂ ପ୍ରାକୃତିକ ଜିନିଷ ବ୍ୟବହାର କରନ୍ତୁ ।

ଚିଫ୍ ଏଡିଟର, ଆକାଶ ଇନଶ୍ଟିଚ୍ୟୁଟ୍, ନୂଆଦିଲ୍ଲୀ
ଦୂରବାର୍ତ୍ତା – ୮୧୭୮୬୪୨୭୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅଣଆର୍ଥିକ ସଂସ୍ଥାନ

## ଅଣଆର୍ଥିକ ସଂସ୍ଥାନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବିକଳ୍ପ କି ?

ସଂପ୍ରତି ପରିବର୍ତ୍ତନଶୀଳ ଅର୍ଥନୀତିରେ ପାରମ୍ପାରିକ ସଂରଚନାରେ ବି ପରିବର୍ତ୍ତନ ଜରୁରୀ ଅଟେ । ଭାରତରେ ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ରବିନ୍ଦୁ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବିକଳ୍ପ ଭାବରେ ମଧ୍ୟ ଅନ୍ୟ ସଂସ୍ଥାନକୁ ବିଚାରକୁ ନିଆଯିବାର ଆବଶ୍ୟକତା ରହିଛି । କହିବାକୁ ଗଲେ ଦେଶର ଜନସଂଖ୍ୟାର ପ୍ରାୟ ଅଧାଙ୍କର ମୌଳିକ ସଞ୍ଚୟଖାତା ନାହିଁ । ବାସ୍ତବରେ ସେହି ଲୋକଙ୍କର ଆର୍ଥିକ ଆବଶ୍ୟକତା ପୂରଣ କରିବାର ଯଥାର୍ଥତା ରହିଛି ଯାହାକି ସେମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିବା ସହ ଆର୍ଥିକ ସ୍ୱାବଲମ୍ବୀ ହେବାର ପଥ ପ୍ରସ୍ତୁତ କରିପାରିବ । ଏହାକୁ ବିଚାର କଲେ ଅଣ ଆର୍ଥିକ ସଂସ୍ଥାନର ମହତ୍ତ୍ୱ ଖୁବ୍ ଅଧିକ ଯାହାକି ଅଣସଂରକ୍ଷିତ ବ୍ୟକ୍ତିଙ୍କ ପାଇଁ ପୁଞ୍ଜି ପ୍ରଦାନ କରିଥାଏ । ଆମ ଭାରତରେ ଯଦି ଅଣ ଆର୍ଥିକ ସହାୟତା ପ୍ରାପ୍ତ ପରିବାର କଥା ବିଚାର କରିବା ତାହା ବର୍ତ୍ତମାନର ଗରିବ ପରିବାରଠୁ ଅଧିକା ଅଟେ । ଏଠାରେ ଜାଣି ରଖିବାକୁ ହେବ ଯେ ଏମ୍.ଏଫ୍.ଆଇଏନ୍ ର ତଥ୍ୟ ଅନୁସାରେ ଅଣଆର୍ଥିକ ଋଣ ସମୁଦାୟ ହେଉଛି ପାଖାପାଖି ୨ ଲକ୍ଷ କୋଟି । ଅଣ ଆର୍ଥିକ ସହଯୋଗ ଗରିବୀ ବିରୋଧରେ ଏକ ଟୀକା ସାଦୃଶ୍ୟ ଅଟେ । କ୍ଷୁଦ୍ର ଉଦ୍ୟୋଗ ଭଳି



ଆଦିତ୍ୟ ପ୍ରସାଦ ସାହୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆୟ ଓ ନିଯୁକ୍ତି ସୃଷ୍ଟି କରିପାରୁଥିବା କାର୍ଯ୍ୟକଳାପ ପାଇଁ ଏହା ଗରିବ ଲୋକଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ । ବ୍ୟାଙ୍କ ଗୁଡିକର ଆନୁଷ୍ଠାନିକ ନିୟମାବଳୀରେ ସେମାନଙ୍କର ପ୍ରବେଶ କମ୍ ଅଟେ । ଫଳସ୍ୱରୁପ, ଭାରତେ ଅଣ ଆର୍ଥିକ ସଂସ୍ଥାନ ଗୁଡ଼ିକ ପାରମ୍ପାରିକ ବ୍ୟାଙ୍କିଙ୍ଗ ସେବା ଆଧାରରେ ଗରିବ ଲୋକଙ୍କୁ ଋଣ ପ୍ରଦାନ କରୁଛନ୍ତି । ଏହାର ଗରିବ ଲୋକଙ୍କ ଜୀବନଶୈଳୀରେ ସକାରାତ୍ମକ ଅବଦାନ ପରିଲିକ୍ଷିତ ହେଉଛି । କିନ୍ତୁ ବ୍ୟତିକ୍ରମ ଏଠାରେ ଏହି କି ଯେ କେତକ ଋଣ ଗ୍ରହୀତାଙ୍କର ଏକାଧିକ ଋଣ ରହିଛି । ତେଣୁ ମୂଳ ଅଣ ଆର୍ଥିକ ହିତାଧିକାରୀଙ୍କ ସଂଖ୍ୟା ହାରାହାରି ୬୦ ନିୟୁତ ହୋଇପରାନ୍ତି । କହିବାକୁ ଗଲେ ଏହା ୫୫ ନିୟୁତ ଗରିବ ପରିବାର ଏବଂ ଭାରତର ୨୨୦ ନିୟୁତ ପରିବାରର ଏକ ଚତୁର୍ଥାଂଶରୁ ଅଧିକ । ଅବଶ୍ୟ, ଅନେକ ଗରିବ ପରିବାରର ଏପର୍ଯ୍ୟନ୍ତ ଅଣ ଆର୍ଥିକ ସହାୟତାରୁ ବଞ୍ଚିତ ହୋଇଥିବା ବେଳେ ଅନେକ ଅଣ - ଆର୍ଥିକ ପରିବାର ଯେ ଋଣ ପାଇଛନ୍ତି ଏଥିରେ ସନ୍ଦେହ ନାହିଁ । ଏହା ଛଡା ଅଣ ଆର୍ଥିକ ସଂସ୍ଥାନ ଏପର୍ଯ୍ୟନ୍ତ ଭାରତର ବୃହତ୍ତଭାଗକୁ ଅଣ ଆର୍ଥିକ ସହାୟତା ଯୋଗାଇବାକୁ ଯେ ଅସମର୍ଥ ଅଟନ୍ତି ତାହା ଏଠାରେ ସ୍ପଷ୍ଟ ଭାବେ ଜାଣି ହେଉଛି ।

ବର୍ତ୍ତମାନ କିଛି ଅଣ ଆର୍ଥିକ ସଂସ୍ଥାନ ୧୦,୦୦୦ ଟଙ୍କାରୁ ଆରମ୍ଭ କରି ୧୫୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ତାଠାରୁ ଅଧିକ ଋଣ ଦେଉଛନ୍ତି ଓ ପ୍ରାୟ ୩୦ ପ୍ରତିଶତ ସୁଧ ଆଦାୟ କରୁଛନ୍ତି । ଏହା ସୁଧଖୋର ମନୋଭାବର ପରିପନ୍ଥୀ । କିନ୍ତୁ ସୁଧ ବେପାରୀମାନେ ୫୦ ପ୍ରତିଶତ ହିସାବରେ ଋଣ ଦିଅନ୍ତି ଏବଂ କୃଷକର ଜମିକୁ ବନ୍ଧା ରଖିବା ସହ ବନ୍ଧା ଶ୍ରମିକ ଭାବେ ମଧ୍ୟ କାମରେ ଲଗାନ୍ତି । ଅପରପକ୍ଷେ, ଅଣ ଆର୍ଥିକ ସଂସ୍ଥାନ ଗୁଡ଼ିକ ପରିଶୋଧ ନିମନ୍ତେ ଗୋଷ୍ଠୀଋଣ ଉପରେ ନିର୍ଭର କରନ୍ତି । ଏହାର ମାନେ ଯଦି ଗୋଟିଏ ସଦସ୍ୟ ଗୋଟିଏ ଗୋଷ୍ଠୀର ଋଣ ପରିଶୋଧରେ ଅସମର୍ଥ ହୁଅନ୍ତି ତେବେ ଅନ୍ୟମାନେ ଋଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଇପାରିବେ ନାହିଁ, ତେଣୁ ଦେୟ ଦେବାକୁ ଏକ ପ୍ରକାର ସାମାଜିକ ଚାପ ପକାନ୍ତି । କିଛି ଜଣ କୁହନ୍ତି ଯେ ଅଣ ଆର୍ଥିକ ଋଣ ଗରିବ ମହିଳାମାନଙ୍କୁ ଉଦ୍ୟୋଗୀ ରୂପେ ପରିଗଣିତ କରେ ଏବଂ ଦାରିଦ୍ର୍ୟକୁ ବହୁତ କମ କରିଥାଏ । ବିଭିନ୍ନ ଗବେଷଣା ହୋଇଥିବା ସନ୍ଦର୍ଭ ମଧ୍ୟରୁ ନୋବେଲ ପୁରସ୍କାର ପ୍ରାପ୍ତ ଅଭିଜିତ ବାନାର୍ଜୀଙ୍କ ଦ୍ୱାରା ଲେଖାଯାଇଥିବା ସନ୍ଦର୍ଭରୁ ଜଣାପଡେ କି ଅଣ ଆର୍ଥିକ ଋଣ ସହ ଗରିବୀର ସମ୍ପର୍କ ନିକଟ ଭବିଷ୍ୟ ବା ସ୍ୱଳ୍ପ ମିଆଦିରେ ପ୍ରାୟ ଶୂନ ଅଟେ । ତାଙ୍କ ଲେଖା ଅନୁସାରେ ହାଇଦ୍ରାବାଦରେ ୫ଟିରୁ କେବଳ ଗୋଟିଏ ଋଣ ହିଁ ବ୍ୟବସାୟ ସୃଷ୍ଟି କରୁଛି ଏବଂ ଏହା ସହ ଅଣଆର୍ଥିକ ସଂସ୍ଥାନର ଶାଖା ଥିବା ଅଞ୍ଚଳ ଗୁଡ଼ିକ ଅନ୍ୟମାନଙ୍କ ତୁଳନାରେ ଅଧିକ ବ୍ୟବସାୟ କରିଥିଲେ । କହିବାକୁ ଗଲେ ଠିକ୍ ସମୟରେ ଏହା ଦାରିଦ୍ର୍ୟ ଉପରେ ଏକ ମହତ୍ ପ୍ରଭାବ ପକାଇପାରେ । ଗରିବ ଲୋକମାନେ ଅଣ ଋଣ ପାଇବା ନିମନ୍ତେ ଖୁବ୍ ଆଗ୍ରହୀ ଓ ପରିଶୋଧ ବି କରିଛନ୍ତି । ଏଠାରେ ପ୍ରତିପାଦିତ ହେଉଛି ଅଣ ଋଣର ଚାହିଦା ଖୁବ୍ ରହିଛି ଏବଂ ବ୍ୟବହାରିକ କାର୍ଯ୍ୟରେ ମଧ୍ୟ ଲାଗୁଛି । ଯଦିଓ ଅଣ ଆର୍ଥିକ ଋଣ ତୁରନ୍ତ ଦାରିଦ୍ର୍ୟ ହ୍ରାସରେ ଅସମର୍ଥ, ତେବେ ଗରିବ ଲୋକଙ୍କ ହାତରେ ଅର୍ଥ ପହଞ୍ଚିବା ନିଶ୍ଚିତ ରୂପେ ବରଦାନ ସ୍ୱରୂପ ଅଟେ ।

ଗରିବ ଲୋକଙ୍କୁ ଛୋଟ ଋଣରେ ବ୍ୟାଙ୍କ ଗୁଡ଼ିକ ଅଧିକ ଲାଭ ହରାଇଥନ୍ତି । ଏହାର ମୁଖ୍ୟ କାରଣ ରାଜନେତାମାନେ ଋଣଗ୍ରହିତାମାନଙ୍କୁ ବାକି ରଖିବାକୁ ଉତ୍ସାହିତ କରନ୍ତି । ଏହାର ପ୍ରମୁଖ ଉଦାହରଣ ଭାବେ ୧୯୮୦ ଦଶକରେ ପୂର୍ଣ୍ଣାଙ୍ଗ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମକୁ ଧରି ନିଆଯାଇ ପାରେ ଯେଉଁଥି ପାଇଁ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲା । ତେବେ ବର୍ତ୍ତମାନ ଏହି ବ୍ୟତିକ୍ରମକୁ ସୁଧାରିବା ପାଇଁ ବ୍ୟାଙ୍କ ଗୁଡିକ ଅଣ ଆର୍ଥିକ ସଂସ୍ଥାନକୁ ଋଣ ଦେଉଛନ୍ତି ଏବଂ ଅଣ ଆର୍ଥିକ ସଂସ୍ଥାନ ଗରିବଙ୍କୁ ଋଣ ଯୋଗାଇ ଦେଉଛନ୍ତି । ଯଦିଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହା ସୁଧହାରକୁ ଅଧିକା କରୁଛି, ତେବେ କାର୍ଯ୍ୟକ୍ଷମ ପ୍ରମାଣିତ ହେଉଛି ।

ତେବେ ଏଠି କଥା ହେଉଛି ଅଣ ଆର୍ଥିକ ସଂସ୍ଥାନ ଗୁଡ଼ିକ ବଢିବା ସହ ନୁଆ ସମସ୍ୟା ମଧ୍ୟ ସାମନାକୁ ଆସୁଛି । ବିନା ବୈଷୟିକ ସହାୟତା ଯୋଗୁଁ କିଛି ବ୍ୟବସାୟ ବିଫଳ ହେଉଛି । କେତେକ ରାଜ୍ୟରେ ପ୍ରତିଯୋଗିତା ବଢିବା ଯୋଗୁଁ ଅଣ ଆର୍ଥିକ ସଂସ୍ଥାନ ଗୁଡ଼ିକ ଅନ୍ୟ ଅଣ ଆର୍ଥିକ ସଂସ୍ଥାନର ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାର ଅଣ ସୁବିଧା ଦେଇ ନିଜ ଅକ୍ତିଆରକୁ ନେଉଛନ୍ତି । କିଛି ମହିଳାମାନେ ୪ରୁ ଅଧିକ ବିଭିନ୍ନ ଅଣ ଆର୍ଥିକ ସଂସ୍ଥାଠାରୁ ଋଣ ନେଇଛନ୍ତି ଏବଂ ଋଣ ଜାଲରେ ଫସିରହିଛନ୍ତି ଯାହାକି ଅଣ ଆର୍ଥିକ ସଂସ୍ଥାକୁ ଠିକ୍ ସମୟରେ ଅର୍ଥ ଫେରିପାଇବା କଷ୍ଟସାଧ୍ୟ ହେଉଛି । ଏହାଛଡା କିଛି ସାହୁକାର ମଧ୍ୟ ଅଣ ଆର୍ଥିକ ସଂସ୍ଥାନ ସହ ମଧ୍ୟସ୍ଥତା କରି ଋଣ ନେଉଛନ୍ତି ଏବଂ ଋଣ ଗ୍ରହୀତାଙ୍କ ଠାରୁ ଅଧିକ ସୁଧ ହାସଲ କରୁଛନ୍ତି । ଏହାଛଡା କେତେକ ବେସରକାରୀ ନିବେଶକ ଅଣ ଆର୍ଥିକ ସଂସ୍ଥାରେ ନିବେଶ କରିବା ଦ୍ୱାରା ଭୁଲ୍ ବୁଝାମଣା ବଢିବା ସହ ସାମାଜିକ ମଙ୍ଗଳର ମୁଖ୍ୟ ଅଭିପ୍ରାୟ କୁ ଛାଡି ବ୍ୟବସାୟିକ ମନୋଭାବର ବୃଦ୍ଧି ଘଟୁଛି । ଏହି ଭ୍ରାନ୍ତଧାରଣା ବୈଧ ହୋଇପାରେ କିନ୍ତୁ ଅତିରଞ୍ଜିତ ମଧ୍ୟ । କାରଣ ଅଣ ଆର୍ଥିକ ସଂସ୍ଥାନ ସବୁବେଳେ ବାଣିଜ୍ୟିକ ସଂସ୍ଥାନ ଠାରୁ ଅଲଗା ଅଟେ - ମୁଖ୍ୟତଃ ମହିଳାଙ୍କୁ ଅଗ୍ରାଧିକାର ଭିତ୍ତି ରେ ଋଣ ଦେବା ଓ ସ୍ୱାବଲମ୍ବୀ କରାଇବା । ଯଦିଓ ସ୍ୱାମୀ ମାନେ ମହିଳାଙ୍କୁ ମିଳୁଥିବା ଅର୍ଥ ର ବ୍ୟବହାର କରନ୍ତି ତଥାପି ପୁରୁଷ ପ୍ରାଧାନ୍ୟ ନାରୀ ସଶକ୍ତିକରଣ ର ଏବଂ ମହିଳାଙ୍କ ଆର୍ଥିକ ବିକାଶ ର ଅମୋଘ ଅସ୍ତ୍ର ହୋଇଛି । ଏହା ଏକ ବିରାଟ ସାମାଜିକ ପରିବର୍ତ୍ତନ ର ଶଙ୍ଖନାଦ କହିଲେ ଭୁଲ୍ ହେବ ନାହିଁ । ଯଦିଓ ଅଣ ଆର୍ଥିକ ପ୍ରୋତ୍ସାହନ ତତ୍ କ୍ଷଣାତ ଦାରିଦ୍ର୍ୟ ହ୍ରାସ ସୃଷ୍ଟି କରେନାହିଁ, ଏହା ଗଭୀର ସାମାଜିକ ଓ ଲିଙ୍ଗ ପରିବର୍ତ୍ତନର ମାଧ୍ୟମ ହୋଇପାରୁଛି । ଯାହାକି ଅଣ ଆର୍ଥିକ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପ୍ରୋତ୍ସାହନର ସମ୍ମିଳିତ ଉଦ୍ୟମକୁ ଦ୍ୱିଗୁଣିତ କରୁଛି । କହିବାକୁ ଗଲେ ଅଣ ଆର୍ଥିକ ସଂସ୍ଥାନ ଗୁଡ଼ିକ ସମାଜର ନିମ୍ନ ସ୍ତରରେ ଯେଉଁ ବିକାଶର ମଞ୍ଜିକୁ ଦୃଢ଼ କରିବା ସହ ସାମାଜିକ ପ୍ରଗତିକୁ ଅନ୍ତର୍ଭୁକ୍ତ କରିପାରୁଛି ତାହା ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଗୁଡ଼ିକ ଏତେ ବର୍ଷ ମଧ୍ୟରେ ଯେ କରିପାରିଛନ୍ତି, ଏଥିରେ ସନ୍ଦେହ ଉପୁଯିପାରେ ।

ସବୁପରେ, ଅଣ ଆର୍ଥିକ ସଂସ୍ଥାନକୁ ଅଧିକ ପ୍ରଗତିଶୀଳ କରିବାକୁ ହେଲେ ଭାରତରେ ଫୋନ୍ ଦ୍ୱାରା ବ୍ୟାଙ୍କିଙ୍ଗ ସେବା ପ୍ରଦାନକୁ ଆଗକୁ ବଢ଼ିବାକୁ ହେବ । ପ୍ରଧାନତଃ ଗ୍ରାମାଞ୍ଚଳ ଗୁଡିକରେ ଲୋକଙ୍କୁ ଆର୍ଥିକ ସାକ୍ଷର କରିବା ସହ ସେମାନଙ୍କୁ ଅଣ ଆର୍ଥିକ ସଂସ୍ଥାନର ସୁବିଧା ଓ ସହଯୋଗ ସମ୍ପର୍କରେ ସଚେତନ କରିବାକୁ ହେବ । ଏହାସହ ଅଣ ଆର୍ଥିକ ସଂସ୍ଥାନ ଗୁଡ଼ିକୁ ମଧ୍ୟ ନିଜର ଋଣ ପ୍ରଦାନ କରିବାର ନିୟମାବଳୀକୁ ଆହୁରି ସରଳୀକରଣ କରିବାକୁ ପଡ଼ିବ । ଋଣ ସମ୍ପର୍କିତ ତଥ୍ୟ ଓ ନିୟମାବଳୀକୁ ବହୁଭାଷାର ଦେଶ ଭାରତରେ ଆଞ୍ଚଳିକ ଭାଷାରେ ପ୍ରସ୍ତୁତ କରିବାକୁ ହେବ, ଯାହାଦ୍ୱାରା ଗ୍ରାମାଞ୍ଚଳରେ ଲୋକେ ଏହାକୁ ସହଜରେ ବୁଝିପାରିବେ । ନିଶ୍ଚିତରୂପେ ବିକାଶଶୀଳ ରାଷ୍ଟ୍ରରେ ଆର୍ଥିକ ବିକାଶ ନ ହେଲେ ଅର୍ଥନୈତିକ ପ୍ରଗତି ଅସହଜ ମନେ ହୁଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାସ୍ତବ ସୁଖ କଣ ?

ଏହି ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତ ଜୀବ ସୁଖୀ ହେବାକୁ ଚାହାନ୍ତି । ଏହି ସୁଖ ଟିକିଏ ପାଇଁ ସମସ୍ତେ ପ୍ରାୟ ଚେଷ୍ଟା କରିଥାନ୍ତି । ସମସ୍ତ ଜୀବ ନିଜର ସୁଖ ପାଇଁ ପ୍ରତିଦିନ ପରିଶ୍ରମ କରିଥାନ୍ତି । ସେ ପଶୁ ହେଉ ଅବା ପକ୍ଷୀ କିମ୍ବା ମନୁଷ୍ୟ ସମସ୍ତେ ଖୁସିରେ ରହିବା ପାଇଁ ଚାହିଁଥାନ୍ତି । ବାସ୍ତବରେ କହିବାକୁ ଗଲେ, ପ୍ରକୃତ ସୁଖ କଣ ? ପ୍ରକୃତ ସୁଖ କେଉଁଥିରେ ଥାଏ ? କଣ କଲେ ମନୁଷ୍ୟ ସମାଜକୁ ବାସ୍ତବ ସୁଖ ମିଳିପାରିବ ?

ଏକଦା ଏକ ରାଜା ଛଦ୍ମବେଶରେ ତାଙ୍କର ରାଜ୍ୟ ବୁଲି ଦେଖୁଥିଲେ, ସେ ଦେଖିଲେ ତାଙ୍କ ରାଜ୍ୟର ପ୍ରାୟ ଅଧିକାଂଶ ପ୍ରଜା ଦୁଃଖରେ ଅଛନ୍ତି । ସମସ୍ତ ପ୍ରଜା ମାନଙ୍କର କିଛି ନା କିଛି ଦୁଖ ରହିଛି । ଏମିତି ବୁଲୁବୁଲୁ ସେ ଯାଇ ଏକ ଗରିବ ବ୍ରାହ୍ମଣ ଘରେ ପହଁଞ୍ଚିଲେ ରାତ୍ରୀକାଳ ସମୟ, ବ୍ରାହ୍ମଣ ଜଣଙ୍କ ତାଙ୍କର ପତ୍ନୀକୁ କହୁଥାନ୍ତି, ପ୍ରିୟେ କରଜ ସୁଝିଲଣି, କରଜ ଦେଲଣି, ତାଙ୍କର ପତ୍ନୀ ହଁ  କହିଲେ । ତେବେ ଦେବୀ ଏବେ ସହସ୍ର ବତୀରେ ଅଗ୍ନି ସଂଯୋଗ କର । ସୁନାର ଥାଳିରେ ଅନ୍ନ ପରଷି ଦିଅ, ମୁଁ ଭୋଜନ କରିବ । ଏହି କଥା ଶୁଣି ରାଜା ମନରେ ଚିନ୍ତା କଲେ ଏତେ ଗରିବ ବ୍ରାହ୍ମଣ ତେବେ ତା ପାଖରେ ଏତେ ଧନ ଯେ ସେ ପୁଣି କରଜ ଦଉଚି । ସୁନା ଥାଳିରେ ଖାଉଚି । ଏ କଥାର ରହସ୍ୟ ଜାଣିବା ପାଇଁ



ଜିତେନ୍ଦ୍ର ସାହୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜା ବ୍ରାହ୍ମଣ ନିକଟକୁ ଯାଇ ପଚାରିଲେ ଯେ, ଆପଣ ଏତେ ସୁଖରେ କିପରି ଅଛନ୍ତି, ମୁଁ ରାଜ୍ୟର ସମସ୍ତ ଅଧିବାସୀମାନଙ୍କର କିଛି ନା କିଛି ଦୁଖ ଦେଖିଲି, କିନ୍ତୁ ଆପଣ ଏତେ ଖୁସିରେ କିପରି ଅଛନ୍ତି ? ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବ୍ରାହ୍ମଣ ଜଣକ କହିଲେ, ସମସ୍ତ ବ୍ୟକ୍ତିର ଦୁଇଟି କର୍ତ୍ତବ୍ୟ ରହିଛି । ଯଦି ସେ ଦୁଇଟି କର୍ତ୍ତନ୍ୟ ନିଷ୍ଠାର ସହିତ ପାଳନ କରେ ତେବେ, ସେ ଆଜୀବନ ସୁଖୀ ହେବ । ଛଦ୍ମବେଶୀ ରାଜା କହିଲେ ସେ ଦୁଇଟି କର୍ତ୍ତବ୍ୟ କଣ ? ବ୍ରାହ୍ମଣ ଜଣକ କହିଲେ ଏହି ମୁଁ ଯେଉଁ କରଜ ସୁଝିବା କହିଲି, 'ତା ଅର୍ଥ ପିତାମାତାଙ୍କର ସେବା' । କରଜ ଦେବା ଅର୍ଥ, 'ମୋ ପୁତ୍ରପୁତ୍ରୀ ପ୍ରତି ମୋର ସ୍ନେହ, ଯତ୍ନ' । ଏହି ଦୁଇଟି କର୍ତ୍ତବ୍ୟ କରିସାରିବା ପରେ, ମୋତେ ଲାଗେ ମୁଁ ବହୁତ ସୁଖୀ । ଏହି ଦେଖ ଯେଉଁ କାଠ ଜଳୁଛି ସେ ମୋ ପାଇଁ ହଜାର ବତୀ ସହ ସମାନ ଏହି ଥାଳି ମୋ ପାଇଁ ସୁନା ଥାଳି ସଙ୍ଗେ ସମାନ ।

ତେବେ ଏହି ଦୁଇଟି କର୍ତ୍ତବ୍ୟକୁ ଯେ ନିଷ୍ଠାର ସହ ପାଳନ କରିଥାଏ ସେ ଆଜୀବନ ସୁଖରେ ରହିଥାଏ । ଏହା ହିଁ ବାସ୍ତବ ସୁଖ ପ୍ରଦାନ କରିଥାଏ ।

ନାଉଗାଁ, ଜଗତସିଂହପୁର
୬୩୭୨୭୮୮୬୦୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାମାଜିକ ଗଣମାଧ୍ୟମରେ ସାହିତ୍ୟ

## ସାମାଜିକ ଗଣମାଧ୍ୟମ (ସୋସିଆଲ୍ ମିଡ଼ିଆ)ରେ ସାହିତ୍ୟଓ ସାହିତ୍ୟିକ

ସୋସିଆଲ୍ ମିଡ଼ିଆ ବା ସାମାଜିକ ଗଣମାଧ୍ୟମ ସୃଷ୍ଟିହେଲା ପରଠାରୁ ସମଗ୍ର ବିଶ୍ୱ ପରସ୍ପରକୁ ନିକଟତର କରିପାରିଛି । ଗୋଟିଏ ମୁଠାରେ ମଣିଷ ପୃଥିବୀକୁ ଧାରଣ କରିପାରିଛି ବୋଲି ଗର୍ବ ଅନୁଭବ କରୁଛି । ବିଶ୍ୱର କୋଣ ଅନୁକୋଣର ପ୍ରତ୍ୟେକଟି ଖବର ତା' ହାତ ପାଆନ୍ତାରେ । ତୁଣ୍ଡ ବାଇଦ ସହସ୍ରକୋଶର ଭୂମିକା ନିଭାଉଛି ଏବେ ସୋସିଆଲ୍ ମିଡ଼ିଆ । ଆମେ ସେ ବିଶାଳ କ୍ଷେତ୍ରର ଆଲୋଚନାକୁ ଯିବା ନାହିଁ, କେବଳ ଏଠାରେ ସାହିତ୍ୟ ପ୍ରସଙ୍ଗ ଉପରେ ଆଲୋଚନା ରଖିବା । ସାମାଜିକ ଗଣମାଧ୍ୟମ ବ୍ୟବହାର ପୂର୍ବରୁ ନବୀନ ଲେଖକଟିଏ ବଡ ଦହଗଞ୍ଜ ଓ ହିନସ୍ତା ହେଉଥିଲା ଲେଖାଟିଏ ପ୍ରକାଶ କରିବାକୁ । ମୁଦ୍ରିତ ପତ୍ରପତ୍ରିକା ଖବରକାଗଜ ମାନଙ୍କରେ ନିଜର ଲେଖାଟିଏ ଦେଖି ଖୁସି ହେବାକୁ ବ୍ୟଗ୍ର ହେଉଥିଲା ତା'ର ସୃଜନୀ ପ୍ରାଣ । ପରିଚିତ, ପ୍ରତିଷ୍ଠିତ, ପୁରସ୍କୃତ ବା ସମ୍ପର୍କିତ ହୋଇନଥିଲେ ତା' ଭାଗ୍ୟରେ ଅଣଦେଖା ସୁନିଶ୍ଚିତ । ମାତ୍ର ଆଉ ସେ ବେଳ ଏବେ ନାହିଁ । ସୋସିଆଲ୍ ମିଡ଼ିଆ ତା' ପଛରେ ସ୍ୱାଧୀନ ଭାବରେ ଦଣ୍ଡାୟମାନ । ଲେଖକଟି ତା'ର ସାରସ୍ୱତ ଭାବନାକୁ ପ୍ରକାଶକରି ପାଠକ ସାଉଁଟିବାରେ ଏବେ ବେଶ୍ ସଫଳ । ତେଣୁ ଯେଉଁ ସ୍ରଷ୍ଟା ବା ଲେଖକମାନଙ୍କର ସୃଷ୍ଟିକୁ ପ୍ରକାଶ କରିବାକୁ କେହି



ପ୍ରଫେସର୍ ଡଃ
ପ୍ରଫୁଲ୍ଲ କୁମାର ପାଣି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଗଭଳି ନୁହଁନ୍ତି-ତାଙ୍କର ଫେସବୁକ, ହ୍ୱାଟ୍‌ସଆପ, ଟେଲିଗ୍ରାମ୍, ୟୁଟ୍ୟୁବ, ଇନଷ୍ଟାଗ୍ରାମ ଇତ୍ୟାଦି ଅନେକ ଆପ୍ କାନ୍ଧପରି ପଛରେ ଅଛନ୍ତି । ତେଣୁ ସଂପ୍ରତି ଆମକୁ ସମସ୍ୱରରେ ସ୍ୱୀକାର କରିବାକୁ ହେବ ସାମାଜିକ ଗଣମାଧ୍ୟମ ହିଁ ନବୀନ ଲେଖକମାନଙ୍କର ଏକ ବିରାଟ ପ୍ଲାଟଫର୍ମ । ଲେଖା ପ୍ରକାଶ କରିବାର ସହଜ ମାଧ୍ୟମ ।

ସ୍ୱଳ୍ପ ସମୟ ମଧ୍ୟରେ ଲେଖକର ସୃଷ୍ଟି ସାରା ବିଶ୍ୱକୁ ପରିକ୍ରମା କରୁଛି ଏବଂ ସୃଜନୀର ପାଠକୀୟ ପ୍ରତିକ୍ରିୟା ତତକ୍ଷଣାତ୍ ମିଳି ଯାଉଛି । କାଗଜଛାପା ପତ୍ର ପତ୍ରିକାର ସଂଖ୍ୟା ସ୍ୱଳ୍ପ ଏବଂ ପ୍ରସାରଣ ସଂକୁଚିତ । ମାତ୍ର ସାମାଜିକ ଗଣମାଧ୍ୟମର ପ୍ରସାରଣ ଅସୀମ ତଥା ଦିଗ୍ ଦିଗନ୍ତ । ଭଲଲେଖା ହୋଇଥିଲେ ବା ଲେଖାଟି ପାଠକର ମନକୁ ଛୁଇଁଥିଲେ ପାଠକର ବିଭିନ୍ନ ପ୍ରଶଂସା ଲେଖକକୁ ଉଚ୍ଛାଟିତ କରେ । ଏହାଦ୍ୱାରା ଲେଖକଟି ପ୍ରେରଣା ଓ ସାରସ୍ୱତ ସାନ୍ତ୍ୱନା ସହିତ ଲେଖିବାର ଉତ୍ସାହକୁ ଅଧିକ ତୀବ୍ର କରିଥାଏ । ଆଗକୁ ବଢିବାରେ ତା'ର ଶକ୍ତିଶାଳୀ ବୌଦ୍ଧିକ ଭାବନାର ଉତ୍ସ ସକ୍ରିୟ ହୁଏ । ସୋସିଆଲ୍ ମିଡିଆରେ ଲେଖା ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ବହୁ କବି ଗାଳ୍ପିକ ପାଠକମାନଙ୍କ ହୃଦୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି, ଏହା ନିଃସନ୍ଦେହ ।

ସାମାଜିକ ଗଣମାଧ୍ୟମ ଜରିଆରେ ବହୁ ଓଡିଆ ସାହିତ୍ୟ ଅନୁଷ୍ଠାନ ମୁଣ୍ଡ ଟେକିଛନ୍ତି ଯଥା 'କବି ଓ କବିତା', 'କଥା ସାହିତ୍ୟ', 'ସାହିତ୍ୟ ମାଧୁର୍ଯ୍ୟ', 'ଗୋପବନ୍ଧୁ ସାହିତ୍ୟ ସଂସଦ', 'ପ୍ରତି ମୁହୂର୍ତ୍ତରେ ସାହିତ୍ୟ', 'ସାହିତ୍ୟ ଖବର', 'ଷ୍ଟୋରି ମିରର୍', 'ହୀରଣ୍ମୟୀ', 'ଇ-ଖବରକାଗଜ' ଇତ୍ୟାଦି ବହୁ ଅନୁଷ୍ଠାନର ପରିକଳ୍ପନା । 'ପ୍ରତିଲିପି' ଆପ୍ ସମଗ୍ର ଭାରତବର୍ଷରେ ଏକ ଶ୍ରେଷ୍ଠ ଲିଟେରାରୀ ଆପ୍ । ଇଂରାଜୀ, ହିନ୍ଦୀ ସମେତ ଭାରତର ପ୍ରତ୍ୟେକ ଭାଷାରେ ଏହି ଆପ୍ କାର୍ଯ୍ୟ ସଂପାଦନ କରୁଛି । ବର୍ଷସାରା ବିଭିନ୍ନ ଇଭେଣ୍ଟର ପ୍ରତିଯୋଗିତାରେ ହଜାର ହଜାର ଲେଖକ ଭାଗନେଇ ଲେଖୁଛନ୍ତି ଏବଂ ପୁରସ୍କୃତ ହେଉଛନ୍ତି ମଧ୍ୟ । 'ପ୍ରତିଲିପି' ସାହିତ୍ୟ ଆପ୍

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବର୍ତ୍ତମାନ ପାଠକ ଏବଂ ଲେଖକ ମହଲରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ସେହିପରି ଓଡିଶାର ପ୍ରଥମ ଦୃଶ୍ୟଶ୍ରାବ୍ୟ ସାହିତ୍ୟ ପତ୍ରିକା 'ପ୍ରଜନ୍ମ' ସାମାଜିକ ଗଣମାଧ୍ୟମରେ ଏକ ମାଇଲଖୁଣ୍ଟ । ଆଧୁନିକ ଟେକନିକ୍ ପ୍ରୟୋଗ କରି ପତ୍ରିକାର ଦୃଶ୍ୟ ଓ ଶ୍ରାବ୍ୟକୁ ବେଶ୍ ଉପଭୋଗ୍ୟ ତଥା ଆଦୃତ କରାଇପାରିଛନ୍ତି ପ୍ରଜନ୍ମ ପତ୍ରିକାର ସଂପାଦକ । ଏହିପରି ଆହୁରି ଅନେକ ଅନୁଷ୍ଠାନ ରହିଛି ଯେଉଁମାନେ ନବୀନ ସାହିତ୍ୟିକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି ।

ଅଙ୍ଗୁଳି ଉଠୁଛି ଯେ ସୋସିଆଲ୍ ମିଡିଆରେ ପ୍ରକାଶିତ ଲେଖାସବୁ ଉଚ୍ଚାଙ୍ଗ ସାହିତ୍ୟ ନୁହେଁ, ସାହିତ୍ୟର ଅବକ୍ଷୟ ମାତ୍ର । ଏପରି ଚିନ୍ତାଧାରାର ମତାମତ ସମ୍ପୂର୍ଣ୍ଣ ଠିକ୍ ନୁହେଁ । ଏହି ମାଧ୍ୟମରେ କିଛି କାଳଜୟୀ ଲେଖା ପ୍ରକାଶ ପାଉଛି ବୋଲି ଆମକୁ ସ୍ୱୀକାର କରିବାକୁ ପଡିବ । ଫୁଲରୁ ମଧୁ ସଂଗ୍ରହ ପରି ପାଠକେ ଭଲଲେଖା ଗ୍ରହଣକରି ଅନ୍ୟ ଲେଖାରୁ ମୁହଁ ଫେରାଇ ନେଉଛନ୍ତି । ଧାନରୁ ବାଲୁଙ୍ଗା ବାଛିଲାପରି ସଚେତନ ପାଠକେ ଭଲଲେଖା ପ୍ରତି ଉତ୍ତମ ମନ୍ତବ୍ୟ ପ୍ରଦାନ କରୁଛନ୍ତି । ବଛା ବଛା ଲେଖକମାନଙ୍କୁ ଇ-ସାହିତ୍ୟ ଅନୁଷ୍ଠାନ ସମ୍ବର୍ଦ୍ଧିତ କରି ପ୍ରୋତ୍ସାହିତ ମଧ୍ୟ କରୁଛନ୍ତି । ତେଣୁ ଏ କ୍ଷେତ୍ରରେ ସାହିତ୍ୟର ଅବକ୍ଷୟ ପ୍ରସଙ୍ଗ ଉଠାଇବା ରୁଢ଼ିବାଦୀ ମାନସିକତା ବୋଲି ଭାବିବାକୁ ହେବ । ସବୁ କାଳରେ ସବୁ ବିଧି ବ୍ୟବସ୍ଥାରେ ସମସ୍ୟା ରହିଛି ଏବଂ ରହିବ । ଆମକୁ ସକରାତ୍ମକ ଢଙ୍ଗରେ ସମସ୍ୟାର ଲହଡି ଭାଙ୍ଗି ଆଗକୁ ଯିବାକୁ ହେବ । ସୋସିଆଲ୍ ମିଡିଆରେ ସାହିତ୍ୟର ବର୍ତ୍ତମାନକୁ କିପରି ଅଧିକ ରୁଚିଶୀଳ ଏବଂ କାଳଜୟୀ କରିବାକୁ ହେବ-- ସେ ସଂକ୍ରାନ୍ତରେ ସମସ୍ତଙ୍କୁ ଚିନ୍ତା କରିବାକୁ ପଡିବ ।

କାମାକ୍ଷାନଗର
ମୋ: ୬୩୭୨୪୫୯୯୬୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ହାରିବ : ମଣିଷ ଜିତିବ



ଇଂ ବିଦ୍ୟାଧର ପଣ୍ଡା

କରୋନା ଟୀକା ବିଷୟରେ ଯାହା ସବୁ ଗଣମାଧ୍ୟମରେ ଶୁଣିବାକୁ ମିଳୁଛି ତନ୍ମଧ୍ୟରୁ ଶତକଡା ନବେ ଭାଗ ମନଗଢା ଏବଂ ଅର୍ଦ୍ଧପକ୍ୱ ଗବେଷଣାର ଫଳାଫଳ ପରି ଲାଗୁଛି । କିଏ କହୁଛି କୋଭାକ୍ସିନ୍ କୋଭିସିଲ୍ଡ ଟୀକାଠାରୁ ବେଶୀ ପ୍ରଭାବି ଏବଂ କିଏ କହୁଛି ଦୁଇଟି ଯାକ ଟୀକାର ଦୁଇଟିଡୋଜ୍ ନେଇ ସାରିଥିଲେ ମଧ୍ୟ ଆପଣ ଅଶି ପ୍ରତିଶତ ସୁରକ୍ଷିତ । କିଏ କହୁଛି ନବେ ତ କିଏ କହୁଛି ପଂଚାନବେ । ନବରଙ୍ଗପୁର ଓ ମାଲକାନାଗିରିର ବୋଣ୍ଡା ଜନଜାତିଙ୍କ କଥା ଛାଡନ୍ତୁ, ଆମ କଟକ କଲ୍ୟାଣନଗର ଅଧିବାସୀ ସଚ୍ଚିଦାନନ୍ଦ କୁହନ୍ତି ଟୀକା ନେଲେ ଭଲନୁହେଁ । ଓଲଟା କରୋନାକୁ ନିୟନ୍ତ୍ରଣ ବଦଳରେ ନିମନ୍ତ୍ରଣ ଦେବାକଥା । ଏତିକି ବେଳକୁ ଦେବାଶିଷ ପାଣିଗ୍ରାହୀ, ବିଜୟଶ୍ରୀ ରାଓତରାୟ ଏବଂ ବରିଷ୍ଠ ଆଇଏସ୍ ଅଧିକାରୀ ମହାପାତ୍ର ବାବୁଙ୍କର କରୋନାରେ ଦେହାନ୍ତ ହେଲା ପରଦିନ ସକାଳୁସକାଳୁ ମୋ ଦୂରଧ୍ୱନୀ ଯନ୍ତ୍ରଟି କ୍ରିଂ କ୍ରିଂ ହେବାରୁ କାନ୍ଥଘଡିକୁ ଚାହିଁ ଦେଖିଲି ଆଠଟା ବାଜିଛି । ସଟ୍‌ଡାଉନ ସହ ସପ୍ତାହାନ୍ତ ଦିନଟିରେ ଅନେକଙ୍କ ପରି ମୋ'ସକାଳ ଦଶଟାରେ ହୁଏ । ବିରକ୍ତି ଭାବରେ ଦୂରଧ୍ୱନୀ ଉପର ପରଦାହଟାଇ ଦେଖିଲି ବନ୍ଧୁ ସଚ୍ଚିଦାନନ୍ଦଙ୍କରେ କଲ୍ । ଉତ୍ତର ଦେବାକୁ ବାଧ୍ୟ, ନହେଲେ ମନକୁ ଯାହା ଆସିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେକଣ ବକିଯିବ । ରେଭେନ୍‌ସାରୁ ପିଜି କରିଛି ଏବଂ ଜଳପଥର ମାଲବୁହା ପାଣି ଜାହାଜରେ ଋଷିଆ, ସିଙ୍ଗାପୁର ଆଦି ବନ୍ଦର ଗୁଡିକରେ କାମକରି କୋଟିକୋଟି ଟଙ୍କା କମେଇ ବଡଲୋକ ହୋଇଛି ଯେତେବେଳେ ଧୈର୍ଯ୍ୟ ରଖିବ କେମିତି ! ଆଠ ଦଶଟା ରିଂ ହେଲେପରେ ଉତ୍ତର ଦେବାରୁ ବି ଅଳ୍ପ କିଛି ଚୁମ୍ବକରେ ଶୁଣେଇ କହିଲା, ଶ.. ଫୋନ୍‌ଟା ଉଠେଇବାକୁ ଅଧଘଂଟା କଣ ପାଇଁ ଲାଗୁଛି ? ସରଗକୁ ନିଶୁଣୀ ନାଇଁ କି ବଡଲୋକଙ୍କୁ ଉତ୍ତର ନାଇଁ । ଅଧମିନିଟକୁ ସିଏ ଅଧଘଂଟା କହିଲେ ବି ଚଳିବ । ଯାହାହେଉ ମୋର ବିଳମ୍ବ ପାଇଁ ସେପରି କିଛି ଶୁଣେଇ ତା'ର ମୁଖ୍ୟ ବାର୍ତ୍ତାଳାପ ଆରମ୍ଭରେ ତାଗିଦ୍ ଭରା କଣ୍ଠରେ କହିଲା,

ଦେଖିଲୁ ତ ?

କ'ଣ ଦେଖିଲି !

ଆରେ, ଦୁଇଟିଯାକ ଡୋଜ୍ ନେଇଥିବା କେତେକେତେ ବଡବଡ ନାମିଦାମୀ ଲୋକ ଆରପାରିକୁ ଚାଲିଗଲେ । ମଳିମୁଣ୍ଡିଆଙ୍କ ସଂଖ୍ୟା କିଏ ଗଣୁଛି ! ଏମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସହ ଅନେକ ନେତାମାନେ ଦୁଃଖକଲେ ବୋଲି ସିନା ଆମେ ଜାଣିଲେ, ନହେଲେ କେମିତି ଜାଣିଥାନ୍ତେ ? ତେଣୁ ଏ ଟୀକାଫୀକା ସବୁ ବେକାର, ନେଲେ ଯାହା ନନେଲେ ତାହା । ବରଂ ନେଲେ ତୁମେ ବେପରୁଆ ଯଦି ହେଲ ତେବେ ମରିବାର ସମ୍ଭାବନା ଅଧିକ । ଆମର ନବାର ନାହିଁ, ତେଣୁ ସାମାଜିକ ଦୂରତା ରଖିବା ସଙ୍ଗେସଙ୍ଗେ ମାସ୍କ ମୁହଁରୁ କାଢିବାର ନାହିଁ । ଭିଡଭିତରକୁ ଯିବାର ନାହିଁ କି ଅଯଥାରେ ବାହାରକୁ ବାହାରିବାର ନାହିଁ । ସବୁରାତିରେ ଡେକ୍‌ଚିଏ ପାଣି ଗରମକରି ବାମ୍ଫ ଶୁଙ୍ଘିଦେଲେ କାମ ଫତେ । ଆଉ ମୋତେ ଟୀକା ନେଲୁ କି ନାହିଁ ପଚାରିବୁନି କି ଟୀକା ଶୀଘ୍ର ନେଇଯା ବୋଲି କହିବୁନି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀ ହଜୁର ।

ଶ..ସାଙ୍ଗକୁ ଜୀ ହଜୁର କ'ଣ କହୁଛୁ । ଲଜ୍ଜା ନାହିଁ । ତୁ ନେଲୁ, ଅମର ହେଲୁ ହୋ । ଆମର ନବାର ନାହିଁ କି ଅମର ହେବାର ନାହିଁ । ଶ.. ପାଣିଗୁଡା ସିରିଂଜରେ ପୁରେଇ ଫୋଡୁଛନ୍ତି, କ'ଣ ନା ଟୀକା ! ବୁଝିଲୁ ! ନା, ଖାଂଟି ଓଡିଆରେ ବୁଝେଇବି ?

ବୁଝିଗଲି ଭାଇ, ବୁଝିଗଲି ।

ଏବେ ଏକ ଗଣମାଧ୍ୟମରେ ପଶ୍ଚିମ ଓଡିଶାର ଜନୈକ ବିଧାୟକ କରୋନା ଟୀକା ନେବାପାଇଁ ଆଦିବାସୀ ଗାଁରେ ସଚେତନତା ସଭା କଲାବେଳେ କିଛି ଲୋକ ବିରୋଧ କଲେ । ଶେଷରେ ସେ ନିରାଶ ହୋଇ ସେଠାରୁ ଫେରିବାକୁ ବାଧ୍ୟହେଲେ । ପ୍ରଥମେ କେବଳ ଗୋଟିଏ ଦୁଇଟା କାରଣ ପାଇଁ ଲୋକମାନେ ଟୀକା ନେବାକୁ ଅମଙ୍ଗ ହେଉଥିଲେ । ପ୍ରଥମତଃ ଟୀକାର ପ୍ରଭାବରେ ସନ୍ଦେହ ଏବଂ ଦ୍ୱିତୀୟତଃ ଟୀକାନେଇ କିଛିଲୋକ ମରି ଯାଉଛନ୍ତି ବୋଲି ସେମାନେ କାହାଠାରୁ ଶୁଣିଥିଲେ । ଏବେ ତା ସାଙ୍ଗରେ ଆଉ ଏକ ନୂଆ କାରଣ କିଏ ଯୋଡି ହୋଇଯାଇଛି ଯେ ଏ ଟୀକାଗୁଡା ବାଛୁରୀ ରକ୍ତରୁ ତିଆରି । ଏସବୁ ଅପପ୍ରଚାର କରୁଥିବା ଲୋକମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ଉଚିତ୍ ଦଣ୍ଡବିଧାନ ଅନିବାର୍ଯ୍ୟ । ସାମାଜିକ ଗଣମାଧ୍ୟମଗୁଡିକ ଉପରେ ଅଙ୍କୁଶ ଲାଗିବା ବି ଦରକାର । ଏହି ପ୍ରଚାରପ୍ରସାରର ଫଳ ସ୍ୱରୂପ ହଜାରହଜାର ବନବାସୀ ଲୋକ କରୋନା ଟୀକା ନେବାକୁ ରାଜି ହେଉନଥିବା ବେଳେ ସଚ୍ଚିଦାନନ୍ଦଙ୍କ ପରି ଶହଶହ ଶିକ୍ଷିତ ବୁଦ୍ଧିଜୀବୀମାନେ ମଧ୍ୟ ଟୀକାଠାରୁ ଦୂରେଇ ରହୁଛନ୍ତି । ଅପାଠୁଆ ଲୋକଙ୍କୁ ବୁଝେଇହେବ, ହେଲେ ପାଠୁଆ ଲୋକଙ୍କୁ କିଏ ବୁଝେଇବ !

କରୋନାରୋଗ ବିଷୟରେ ଅନ୍ୟ ଏକ ଦିଗ ହେଲା ଅର୍ଦ୍ଧପକ୍ୱ ଗବେଷଣା । ବଡବଡ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଡାକ୍ତରଙ୍କ ଭିତରେ ମତପାର୍ଥକ୍ୟ ଦେଖାଯିବା ହେତୁ ସାଧାରଣ ଜନତାଙ୍କ ମନରେ ଭିନ୍ନଭିନ୍ନ ନାକାରାତ୍ମକ ତଥ୍ୟକୁ ନେଇ ସନ୍ଦେହ ଏବଂ ଦ୍ୱନ୍ଦ ସୃଷ୍ଟିହେବା ସ୍ୱାଭାବିକ୍ କଥା । କିଏ କହୁଛି କରୋନା ଭୂତାଣୁର ଅନେକ ଭେରାଇଟି, ଏସବୁ ଟୀକା କେଉଁଥିକୁ କାଫୁଛି ଏବଂ ଆଉ କେଉଁଥିକୁ କାଫିବନି । ଜଣେ କହୁଛି ଅଶି ପ୍ରତିଶତ, ଜଣେ ନବେ ଓ ଜଣେ ପଂଚାନବେ, ଏମାନେ କେହି ସତ କହୁ ନାହାନ୍ତି । କାରଣ ଟୀକା ତ ମାତ୍ର ଦଶ ପ୍ରତିଶତ ଭିତରେ ଲୋକ ଏପର୍ଯ୍ୟନ୍ତ ନେଇଛନ୍ତି, ତେଣୁ କେତେ ପ୍ରତିଶତ ସୁରକ୍ଷିତ କେତେ ଅସୁରକ୍ଷିତ ଏମାନେ ମାପିଲେ କେମିତି ? ତୃତୀୟ ଲହରି ବିଷୟରେ ସେମିତି କିଛି ଗୁଜବ । କିଏ ସେ ଦିବ୍ୟଦ୍ରଷ୍ଟା ଏସବୁ ଲହରିକୁ ଦେଖି ଏମିତି ଲୋକମାନଙ୍କୁ ଭୟଭୀତ କରାଉଛି କିଛି ବୁଝିହେଉନି । ସେମାନଙ୍କର ପ୍ରକୃତ ଅଭିସନ୍ଧିଛା ସତରେ କ'ଣ କିଛି ଜଣାଯାଉନି । କେତେ କହୁଛନ୍ତି ଏଥର ଛୁଆଙ୍କ ପାଳି । ପ୍ରଥମ ଢେଉରେ ବୁଢା, ଦ୍ୱିତୀୟ ଢେଉରେ ଯୁବା ଏବଂ ତୃତୀୟ ଢେଉରେ ଛୁଆଙ୍କୁ କରୋନା ଟାର୍ଗେଟ୍ କରିବ । ଏସବୁ ଅର୍ଦ୍ଧସତ୍ୟ କିମ୍ବା ଅସତ୍ୟ ବି କୁହାଯାଇପାରେ । ଏଗୁଡିକ ଗୋଟେ ଗୋଟେ ପ୍ରକାରର ଅନୁମାନ ମାତ୍ର । କାରଣ କରୋନା ତ କାହାର ଭାଇବନ୍ଧୁ କୁଟୁମ୍ବ ନୁହେଁ ଯେ ସେ ସେମାନଙ୍କୁ ଆସିବା ଆଗରୁ ଖବର ପଠେଇ କହିବ ମୁଁ ଏତିକି ବେଳକୁ ଜୋରରେ ଆସିବି ଏବଂ ଏଇମାନଙ୍କୁ ମାରିବି । ସବୁ ବକବାସ୍ । ଭଲହୁଅନ୍ତା ଯଦି ବୁଦ୍ଧିଜୀବୀ ଗଣ ଯାହା ଭଲ ଭାବରେ ଜାଣିଛନ୍ତି କେବଳ ସେହିକଥା ଗୁଡିକ କହି ଅର୍ଦ୍ଧସତ୍ୟ କିମ୍ବା ମିଥ୍ୟା ମନଗଢା କଥା ପ୍ରକାଶରୁ ନିଜକୁ ବଂଚିତ ରଖନ୍ତେ । ତୃତୀୟ ଲହରି ଛ'ସପ୍ତାହରୁ ଆଠସପ୍ତାହ ଭିତରେ ଆସିବ ବୋଲି ଯେଉଁ ନାକାରତ୍ମକ ଖବର ଜୋରସୋରରେ ପ୍ରଚାରିତ ହେଉଛି ତାହାର ସତ୍ୟାସତ୍ୟ ପାଣିପାଗ ଅନୁମାନ ପରି କୌଣସି ବୈଜ୍ଞାନିକ ତଥ୍ୟ ଉପରେ ଆଦୌ ଆଧାରିତ ନୁହେଁ । ଏମିତି ଅନେକ ଅପପ୍ରଚାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଣିଷଜାତିର ମନୋବଳକୁ ଭାଙ୍ଗି କରୋନାକୁ ଜିତିବାର ସୁଯୋଗ ସୃଷ୍ଟି କରିବାରେ ସହାୟକ ହେଉଛି । ତେଣୁ ସମସ୍ତଙ୍କୁ ବିନମ୍ର ଅନୁରୋଧ ଯେ ନାକାରତ୍ମକ ଅପପ୍ରଚାରକୁ ଅଗ୍ରାଧିକାର ନଦେଇ ସାକାରତ୍ମକ ସଂନ୍ଦେଶର ବାହକ ହୁଅନ୍ତୁ ଯାହାଫଳରେ କରୋନା ହାରିବ ମଣିଷ ଜିତିବ ।

ଇଂ. ବିଦ୍ୟାଧର ପଣ୍ଡା, ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ /bdpanda1@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଷଡ଼ରିପୁ

ଆଦିମ ମନୁଷ୍ୟର କାର୍ଯ୍ୟକଳାପ ଓ ବିଚାରଧାରାରେ କ୍ରମାନୁଗତ ପରିବର୍ତ୍ତନ ହୋଇ ହଜାର ହଜାର ବର୍ଷ ଅତିବାହିତ ଆଜିର ଯେଉଁ ଆଧୁନିକ ସମାଜ ଦେଖିବାକୁ ମିଳୁଛି ଏବଂ ଏହି ଅତ୍ୟାଧୁନିକ ମଣିଷ ସମାଜର ବର୍ବରତା ସେହି ପୁରାତନ ପ୍ରସ୍ତର ଯୁଗର ଅଜ୍ଞାନ ଅଶିକ୍ଷିତ ମଣିଷଙ୍କ ଠାରୁ ମଧ୍ୟ କଦର୍ଯ୍ୟରୁ କଦର୍ଯ୍ୟତ୍ତର ସ୍ତରକୁ ଖସି ଯାଇଅଛି ତାହାର କାରଣ ସମୀକ୍ଷା କରିବା ପାଇଁ କାହାର ଉପଯୁକ୍ତ ଜ୍ଞାନ ନାହିଁ, ସମୟ ନାହିଁ କିମ୍ବା ଆଗ୍ରହ ମଧ୍ୟ ନାହିଁ ! ସମୟ ସ୍ରୋତରେ ନିଜକୁ ସାମିଲ କରି ପରିବେଶ ପରିସ୍ଥିତି ସହିତ ଜଡିତ ହୋଇ କୌଣସି ଅକର୍ତ୍ତବ୍ୟ ହେଉ କି ଅମାନୁଷିକ, ଅସାମାଜିକ କାର୍ଯ୍ୟ କରିବାରେ କାହାର କୌଣସି ଆପତ୍ତି ନାହିଁ କି ଦ୍ୱିଧା ନାହିଁ ! ସମସ୍ତଙ୍କ ମୁଖରେ କିନ୍ତୁ ସେସବୁର ଚର୍ଚ୍ଚା ଜୋର ଥାଇ ସମ୍ପୃକ୍ତ କାର୍ଯ୍ୟକଳାପରୁ ନିଜକୁ ମୁକୁଳିତ କରିପାରୁନାହାନ୍ତି ସାଧାରଣ ମଣିଷ । ବୁଝିବାକୁ ଗଲେ, ବୋଧହୁଏ ଅଧିକାଂଶ ମଣିଷ ଅପ୍ରତ୍ୟାଶିତ ଭାବେ କେବଳ ବ୍ୟବସ୍ଥା ସହିତ ନିଜକୁ ଖାପଖୁଆଇ ନ'ଲିଲେ ସମାଜରେ ବଞ୍ଚି ହେବନାହିଁ ବୋଲି ଭାବି ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥାଇ ନିଜ ମାନବିକ ଚେତନାରେ ସେସବୁ ଅକର୍ତ୍ତବ୍ୟ କରି ଚାଲିଥିବା ସ୍ୱତଃ ସ୍ୱୀକାର କରିଥା'ନ୍ତି । ହେଲେ କୋଟି କୋଟି ଲୋକ



ପଙ୍କଜ କୁମାର
ପାଣିଗ୍ରାହୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି ଅମାନୁଷିକ, ଅସାମାଜିକ ବ୍ୟବସ୍ଥା ସହିତ ନିଜ ଆତ୍ମସନ୍ତୋଷ ନଥାଇ ଅପ୍ରତ୍ୟାଶିତ ଭାବେ ଯୋଡ଼ିହୋଇ ରହି ନିଜର ସେହି ଅମାନବୀୟ କାର୍ଯ୍ୟକୁ ନିଜେହିଁ ଘୃଣା କରି ସେସବୁ କାର୍ଯ୍ୟ କରୁଥିବା ପଛର ରହସ୍ୟ କେବେ ଅନୁସନ୍ଧାନ କରିନାହାନ୍ତି ନା ସବୁ ଜାଣିଶୁଣି କିଂକର୍ତ୍ତବ୍ୟବିମୁଢ଼ ଅବସ୍ଥାରେ ରହିଛନ୍ତି ପ୍ରଶ୍ନବାଚୀ ସୃଷ୍ଟି କରେ ମନରେ ? ! ! ବାସ୍ତବତାର ରହସ୍ୟ ଅନୁସନ୍ଧାନ କଲେ ଜାଣିହେବ........

ପ୍ରତ୍ୟେକ ମଣିଷ ତା'ର ପୂର୍ବପୁରୁଷଙ୍କ ଚାରିତ୍ରିକ ଗୁଣ, ସ୍ୱଭାବ ନେଇ ଜନ୍ମ ହୋଇଥା'ନ୍ତି ଯାହା ପ୍ରକୃତିଦତ୍ତ । ସାମାଜିକ, ପାରିପାର୍ଶ୍ୱିକ ଏବଂ ଶୈଖିକ ବାତାବରଣ ମଣିଷ ଉପରେ କିଛି ପାର୍ଶ୍ୱ ପ୍ରଭାବ ପକାଇ ସମ୍ପୃକ୍ତ ମଣିଷର ଦୃଷ୍ଟିକୋଣ କିଞ୍ଚିତ ପରିବର୍ତ୍ତନ ହେବାରେ ସହାୟକ ହେଉଥିଲେ ମଧ୍ୟ ସେହି ପ୍ରାକୃତିକ ଗୁଣ, ଧର୍ମ ଗୁଡିକୁ ବଦଳାଇବା ସହଜସାଧ୍ୟ ନୁହେଁ । କି'ନ୍ତୁ ପିଢ଼ିକୁ ପିଢ଼ି ସେଗୁଡିକୁ ପରିମାର୍ଜିତ କରିବା ପାଇଁ ଚେଷ୍ଟା ଜାରି ରଖିଲେ ହୁଏତ ସେମାନଙ୍କ ବଂଶଜମାନେ ଆଗକୁ ପରିବର୍ତ୍ତିତ ହୋଇ ଜନ୍ମ ହେବା କିଞ୍ଚିତ ଅନୁମାନ କରାଯାଇପାରେ । ତେଣୁ ମଣିଷର ନିଜସ୍ୱ ବିଚାରଧାରା, କାର୍ଯ୍ୟକଳାପକୁ ନେଇ ସେମାନଙ୍କ ଭବିଷ୍ୟ ପିଢ଼ି ସେହି ଗୁଣ, ଚରିତ୍ରରେ ଜନ୍ମ ହେବା ଏକପ୍ରକାର ପ୍ରାକୃତିକ ନିୟମ ଯାହା ମଣିଷ ଗୋଟିଏ ଥରରେ ସେସବୁ ପରିବର୍ତ୍ତନ କରିପାରିବା ସମ୍ଭବ ନୁହେଁ । ଅର୍ଥାତ ଆଜି ଯଦି ଆମ ପାଖରେ ପ୍ରାକୃତିକ ଦୃଷ୍ଟିକୋଣରୁ କୌଣସି ମାନବୀୟ ଚିନ୍ତନଶକ୍ତିର ଅଭାବନୀୟତା ପରିଲକ୍ଷିତ ହେଉଛି ବୋଲି ଆମେ ଅନୁମାନ କରିପାରୁଛେ, ତାହେଲେ ସେସବୁ ସୁଧାରି ନିଜକୁ ବଦଳାଇବାକୁ ଚେଷ୍ଟା କଲେ ହୁଏତ କିଛି ମାର୍ଜିତ ହୋଇପାରେ ଯାହା ଆମ ଭବିଷ୍ୟ ପିଢିଙ୍କୁ କ୍ରମାନୁଗତିକ ଅନ୍ତରଣୀୟ ହୋଇପାରେ । ନତୁବା ଆମ ପରପୁରୁଷ ବଂଶଜମାନେ ମଧ୍ୟ ଅନୁରୂପ ଚେତନରେ ସ୍ୱତଃଅଭିଷିକ୍ତ ହେବାରେ କୌଣସି ପରିବର୍ତ୍ତନ ହେବ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରକୃତିଦତ୍ତ କେତେକ ନିର୍ଦ୍ଦିଷ୍ଟ ଗୁଣ, ଚରିତ୍ର ପ୍ରବାହ ଭିନ୍ନ ଭିନ୍ନ ରୂପରେ ଦେଖାଦେଇଥାଏ ବିଭିନ୍ନ ଜୀବଜନ୍ତୁଙ୍କ ପାଖରେ । ଅନୁରୂପ ମଣିଷର ମଧ୍ୟ କେତେକ ଗୁଣ ପ୍ରକୃତିଦତ୍ତ ଯେଉଁ ଗୁଡିକୁ ସଂଗଠିତ କରାଯାଇ ଛଅ ଭାଗରେ ବିଭକ୍ତ କରାଯାଇଅଛି ଯାହାକୁ ଆମେ ଷଢ଼ ରିପୁ ବୋଲି କହିଥାଉ । ଏହି ଷଡ଼ରିପୁ ଗୁଡିକ ଯଥାକ୍ରମେ କାମ, କ୍ରୋଧ, ଲୋଭ, ମୋହ, ଅହଂଭାବ ଏବଂ ପରଶ୍ରୀକାତରତା, ବ୍ୟତୀତ ଆହୁରି ଅନେକ ସାଖା ଚରିତ୍ର ପ୍ରବାହ କରିଥାଏ ମଣିଷ । କିନ୍ତୁ ମୁଖ୍ୟତଃ ଏହି ଷଡ଼ରିପୁ ପ୍ରାୟତଃ ସମସ୍ତ ମଣିଷଙ୍କ ପ୍ରାକୃତିକ ବିଭୂଷଣ ଯାହା ନିର୍ବାହ କରିବା ମଣିଷର ଗୋଟିଏ ସହଜାତ ଗୁଣ ଭାବେ ଭାରତୀୟ ସଂସ୍କୃତି ଗ୍ରହୀତ ।

ଆଦିମ ମଣିଷ ପ୍ରଥମେ ପଶୁଭଳି ଜନ୍ମଗ୍ରହଣ କରି ନିଜସ୍ୱ ପ୍ରଚେଷ୍ଟାରୁ ଆଜି ଏହି ସମୟରେ ପହଂଚି ପାରିଛି ଯାହା ସବୁ କେବଳ ପ୍ରକୃତିଦତ୍ତ ମାତ୍ର । ଅର୍ଥାତ ମଣିଷକୁ ଏତେ ବଡ଼ ପରିବର୍ତ୍ତନରେ ପ୍ରାକୃତିକ ପ୍ରତିକ୍ରିୟାର ସଂଯୋଗୀକରଣ ନଥିଲେ ହୁଏତ ମଣିଷ ମଧ୍ୟ ଆଜି ଅନ୍ୟାନ୍ୟ ପଶୁଙ୍କ ଭଳି ଅବସ୍ଥାରେ ରହିଥା'ନ୍ତା । କିନ୍ତୁ ପ୍ରକୃତିର ବିଭିନ୍ନ ସଂଯୋଗୀକରଣ ନିୟାମକ ଗୁଡିକ ମଣିଷ ଯଥାସାଧ୍ୟ ବିନିଯୋଗ କରି ତାକୁ ପଶୁ ସ୍ତରରୁ ଆଜି ଅତିମାନବରେ ପରିଣତ କରିବାରେ ପ୍ରକୃତିର ଭୂମିକା ଯଥେଷ୍ଟ ଅଧିକ । ତଥାପି ମଣିଷ ମଧ୍ୟ ନିଜର ଜିଜ୍ଞାସା ବଳରେ ଅଧିକରୁ ଅଧିକ ଜ୍ଞାନ ଆହରଣ କରି ନିଜର ଶକ୍ତି ପ୍ରଦର୍ଶନ କରିବାରେ ସିଦ୍ଧହସ୍ତ ହୋଇ ପାରିଛି । ମଣିଷର ଆକୃତି, ପ୍ରକାଶ ତଥା ମାନସିକ ବିକାଶ ହେବା ସହିତ ବିଭିନ୍ନ ଭାବଧାରା ସହିତ ଜ୍ଞାନ ଆହରଣକାରୀ କ୍ଷମତା ଦିନକୁ ଦିନ ବୃଦ୍ଧି ହୋଇ ଆଜି ଅତ୍ୟନ୍ତ ଉନ୍ନତ୍ତ ସ୍ତରରେ ପହଂଚି ପାରିଛି । କିନ୍ତୁ ଅନେକ ଗୁଡିଏ ଅଭାବନୀୟତା ଦୃଷ୍ଟିଗୋଚର ହୁଏ ମଣିଷର ଯାହା ତାକୁ ଅହରହ ଅଶାନ୍ତିରେ ବଂଚିବାକୁ ବାଧ୍ୟ କରୁଅଛି । ମଣିଷର ମାନସିକ ବିକାଶ ସାଙ୍ଗକୁ ଏହି ଷଡ଼ରିପୁ ଗୁଡିକ ମଧ୍ୟ ପ୍ରାକୃତିକ ଭାବେ ବିକଶିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବାକୁ ଲାଗିଲା ଯାହା ପ୍ରାରମ୍ଭରୁ ମଣିଷର ଭାବ ବହିର୍ଭୁତ ଥିଲା । ଯଥେଷ୍ଟ ଜ୍ଞାନ ଆହରଣ କରିବା ପରେ ମଣିଷ ସେଗୁଡିକୁ ତର୍ଜମା କରନ୍ତେ ବର୍ତ୍ତମାନ ସମୟରେ ସେଗୁଡିକୁ ତତ୍‌କ୍ଷଣାତ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ । ସେହି ଦୃଷ୍ଟିକୋଣରୁ ମଣିଷ ଯେତେବେଳେ ନିଜର ସେହି ଦୁର୍ଗୁଣ ଗୁଡିକୁ ସ୍ୱତଃପ୍ରବୃତ ଭାବେ ବିନିଯୋଗ କରି ଅନେକ ଅମାନୁଷିକ ଚରିତ୍ର ପ୍ରବାହ କରୁଥିବା ଲକ୍ଷ୍ୟ କଲା, କାଳକ୍ରମେ ସେଗୁଡିକୁ ପରିମାର୍ଜିତ କରି ଉତ୍ତମ ଚାରିତ୍ରିକ ମାନବୀୟ ଚିନ୍ତାଧାରା, କାର୍ଯ୍ୟଧାରା ଶିକ୍ଷା ଲାଭ କରି ଗୋଟିଏ ସୁନ୍ଦର ମଣିଷ ସମାଜ ଗଠନ ଉଦେଶ୍ୟରେ କାର୍ଯ୍ୟ କରିବା ଶିକ୍ଷା କଲା । ଇତିମଧ୍ୟରେ କେତେକ ପ୍ରକୃତିଦତ୍ତ ଅନ୍ତର୍ଜ୍ଞାନୀ, ବିରଳ ମଣିଷ ସୃଷ୍ଟି ହେବାପରେ ସେମାନେ ସମଗ୍ର ମଣିଷ ସମାଜରେ ଗୋଟିଏ ଆନ୍ଦୋଳନାତ୍ମକ ପରିବର୍ତ୍ତନ ଆଣି ଏକ ଉତ୍ତମ ମଣିଷ ସମାଜ ଗଠନ କରିବା ପାଇଁ ଚେଷ୍ଟା ଆରମ୍ଭ କଲେ । ସେମାନଙ୍କ ଅତୀବ ସାଙ୍ଗଠନିକ କୌଶଳ ସାଙ୍ଗକୁ ଅନେକ ମାନବୀୟ ଚରିତ୍ର ଦେଶବ୍ୟାପୀ ଗ୍ରହୀତ ହୋଇ ଏକ ମର୍ଯ୍ୟଦାପୂର୍ଣ୍ଣ ସମାଜ ଗଠନ ଦିଗମୁଖୀ ହୋଇ ·ଲିଥିଲା ଭାରତୀୟ ମାନଙ୍କର । ଇତି ମଧ୍ୟରେ ମୋଗଲ ଏବଂ ତତ୍ ପରବର୍ତ୍ତୀ ଇଂଗ୍ରେଜ୍ ମାନଙ୍କର ଭାରତରେ ଅନୁପ୍ରବେଶ ପରବର୍ତ୍ତୀ ଆଜିର ଭାରତୀୟ ଆଉ ଭାରତୀୟ ହୋଇ ରହିନାହିଁ । ସେମାନଙ୍କ ପ୍ରକୋପ, ପ୍ରଭାବରେ ଆଜି ଭାରତୟ ସଂସ୍କୃତି ସମ୍ପୂର୍ଣ୍ଣ ରୁଗ୍ଣ ! ଅମାନବୀୟତା, ଭ୍ରଷ୍ଟାଚାର, ଅସାମାଜିକତା, ଚରିତ୍ରହୀନତା ତଥା ନିର୍ଲଜ୍ଜର ଚରମସୀମା ଟପି ମଣିଷ ଆଜି ଜଙ୍ଗଲୀ ପଶୁଠାରୁ ହୀନ ଅବସ୍ଥାରେ !

ଷଡ଼ରିପୁକୁ କରାୟତ କରି ମଣିଷକୁ ସୁଲଭ, ସୁଶୀଳ କରାଇ ଅତି ଉତ୍ତମ ପରିବେଶ ସୃଷ୍ଟି ଦିଗରେ କାର୍ଯ୍ୟକ୍ଷମ ଭାରତୀୟ ସଂସ୍କୃତିକୁ ଜଳିପୋଡ଼ି ମୋଗଲ ଏବଂ ବ୍ରିଟିଶ ମାନଙ୍କର କୁସଂସ୍କାର ଆଜିଦିନରେ ଭାରତରେ ପ୍ରକୋପ ବିସ୍ତାର ଲାଭ କରିପାରିଛି । ବ୍ରିଟିଶ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସମ୍ବିଧାନର ନକଲ ଏବଂ ତଜ୍ଜନିତ ବିଭିନ୍ନ ଭ୍ରଷ୍ଟାଚାରୀ ନିୟାମକ ମଣିଷର ଶତ୍ରୁ ସେହି ଷଡ଼ରିପୁକୁ ପ୍ରଶମିତ କରିବା ବିପରୀତେ ତେଜୀୟାନ କରି ବର୍ତ୍ତମାନ ସମୟରେ ଭାଇଚାରା ବିପରୀତେ ସମସ୍ତେ ସମସ୍ତଙ୍କୁ ଠକି, ଭଣ୍ଡି ଶତ୍ରୁଭଳି ଦେଖି ନିଜସ୍ୱ ସ୍ୱାର୍ଥ ସଂଯୋଜିତ ଭାବାବେଗରେ ନିମଗ୍ନ ଦେଖିବାକୁ ମିଳୁଛି ଆମ ଦେଶବ୍ୟାପୀ । ପ୍ରେମର ସଜ୍ଞା ଅଗୋଚର ବ୍ରିଟିଶ କେବଳ ଅନ୍ୟକୁ ପ୍ରତାରିତ କରି ସ୍ୱାର୍ଥ ହାସଲ କରିବା ଛଡା ଆଉ କିଛି ଶିକ୍ଷା ନାହିଁ ସେମାନଙ୍କ ଯାହା ଆଜି ଆମ ଦେଶବାସୀଙ୍କୁ ଗୌରବାନ୍ୱିତ କରିବାରେ ଲାଗିଛି ! ଏହା କିନ୍ତୁ ଆମ ପୂର୍ବଜଙ୍କ ମୂଳ ସଂସ୍କାର ନୁହେଁ । ବର୍ତ୍ତମାନ ପ୍ରଚଳିତ ପ୍ରାୟତଃ ସମସ୍ତ ଭାବଧାରା କେବଳ ବ୍ରିଟିଶ ମାନଙ୍କର ପ୍ରଭାବରୁହିଁ ହେଉଥିବା ଜାଣିହେବ ଲକ୍ଷ କଲେ । ତେଣୁ ଆମକୁ ସ୍ୱଦେଶ ମର୍ଯ୍ୟାଦା ଫେରାଇ ଆଣି ଆମ ସଂସ୍କୃତି ବଂଚିବାକୁ ହେଲେ ପ୍ରଥମେ ଆମର ·ରିତ୍ରିକ ଗୁଣ ସମୂହ ତଥା ଷଡ଼ରିପୁ ଗୁଡିକୁ କରାୟତ, ପ୍ରଶମିତ କରି ସେହି ବ୍ରିଟିଶ ଭାବଧାରାକୁ ବିଲୀନ କରିବାକୁ ହେବ । ତାହେଲେ ଯାଇ ଗୋଟିଏ ସାଂସ୍କୃତିକ ଭାରତୀୟ ମଣିଷ ସମାଜ ଗଠନ କରାଯାଇ ପାରିବ ବୋଲି ଆମ ବି·ରରେ ଆପଣଙ୍କ ମନ୍ତବ୍ୟ ଆଶାୟୀ...... !

ପଙ୍କଜ କୁମାର ପାଣିଗ୍ରାହୀ ।
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କରୋନା ଶିକ୍ଷା

ଆପଣ ଯେତେ ଶକ୍ତିମାନ ହୁଅନ୍ତୁ ନା କାହିଁକି ସମୟ ଆଗରେ ସବୁବେଳେ ହାରିଯିବେ ।

ମଣିଷ ଭିତରେ ମଣିଷ ପଣିଆ ରହିବା ନିହାତି ଦରକାର ।

ଦୁନିଆର ସବୁଠାରୁ ବଡ ଭୁତାଣୁ ମଣିଷ ଅଟେ ।

ଆମେ ବନ୍ଦୀ ହୋଇ ଏବେ ଜାଣିପାରିଲୁ ପଶୁପକ୍ଷୀମାନେ ସାରା ଜୀବନ ବନ୍ଦୀ ଭାବରେ କେମିତି ଜୀବନ କାଟୁଛନ୍ତି ।

ଆମ ପାଖରେ ସମୟ ବହୁତ ଅଛି କିନ୍ତୁ ତାହାର ସଠିକ୍ ଉପଯୋଗ କରିପାରୁନାହୁଁ ।

ଦୁନିଆ ଯେତେ ଆଗକୁ ବଢ଼ିଲେ ବି ପ୍ରକୃତି ସହିତ ବଢ଼ିପାରିବ ନାହିଁ ।



ଗୋଟେ କଥା ବୁଝିହେଲା ଯେ ଘରେ ରହି ସବୁ କିଛି କାମ ହେଇପାରିବ ।

ଆପଣଙ୍କ ପାଖରେ ଯେତେ ଧନ, ସମ୍ପତ୍ତି ଥାଉ ତାହା ତୁମକୁ ମୃତ୍ୟୁ କବଳରୁ ମୁକ୍ତି ଦେଇପାରିବନି ।

ଆଲୋକ କୁମାର ସାହୁ

ବୃକ୍ଷର ମହତ୍ତ୍ୱ ଆଜି କରୋନା ବୁଝେଇ ଦେଇଛି କି ଟିକିଏ ଅମ୍ଳଜାନ ମଣିଷର କିପରି ଜରୁରୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ତେ ଏଠି ପର କିନ୍ତୁ ପରିବାର ଠାରୁ ବଡ଼ କେହି ନୁହେଁ ।

ହାରି ଯାଇ ଆଜି ମଣିଷ ଶିଖିଛି ବଞ୍ଚି ରହିବାର କଳା ।

ଏ ସମୟ ଚାଲିଯିବ କିନ୍ତୁ ଏ ଶିକ୍ଷା  ରହିଯିବ  ।

ଗ୍ରାମ/ପୋଷ୍ଟ – ବିଧାରପୁର

ଥାନା – ଗନ୍ଦିଆ

ପିନ୍ – 759016

ଜିଲ୍ଲା – ଢେଙ୍କାନାଳ

ଯୋଗା ଯୋଗ -6371658552

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଓ ବନ୍ଧୁତ୍ୱ

ପ୍ରେମ ଓ ବନ୍ଧୁତ୍ୱ ହେଉଛି ପରସ୍ପର ଅଙ୍ଗାଗୀ ଭାବେ ଜଡିତ । ଆମ ସମାଜରେ ବଞ୍ଚିବା ପାଇଁ ହେଲେ ମଣିଷ ମଧ୍ୟରେ ପରସ୍ପରର ସମ୍ପର୍କ ରଖିବା ଦରକାର । ଇତିହାସରୁ ଜଣାଯାଇଛି ଯେ, ପ୍ରଥମେ ମଣିଷ ଦଳବଦ୍ଧ ହୋଇ ରହୁଥିଲା । ବଣରେ ରହି ପଶୁପାକ୍ଷୀକୁ ଭକ୍ଷଣ କରୁଥିଲା । କ୍ରମେ କ୍ରମେ ସମାଜର ଅଗ୍ରଗତି ହେଲା ଓ ସୁଦୃଢ ହେଲା । ଗୋଟିଏ ମଣିଷ ତା ଜୀବନରେ ପ୍ରେମ ଓ ବନ୍ଧୁତ୍ୱ ରହିବା ନିହାତି ଦରକାର । ଏ ସମାଜରେ ସମସ୍ତଙ୍କର ବନ୍ଧୁ ଅଛନ୍ତି, ଯେପରି ଫୁଲର ବନ୍ଧୁ ଭଅଁର, ବର୍ଷାର ବନ୍ଧୁ ଶ୍ରାବଣ, ସେହିପରି ମଣିଷର ବନ୍ଧୁ ହେଉଛି ମଣିଷ । ମଣିଷ ମଧ୍ୟରେ ସ୍ଥାୟୀ ବସତି ହେବା ପରଠୁ ସେ ପରସ୍ପର ମଧ୍ୟରେ ସହଯୋଗ ସହବସ୍ଥାନ ଦିନଟି ଆପରିବର୍ତ୍ତୀ ରହିଲା । ଏହି ସମ୍ପର୍କକୁ ଅଧିକ ସୁଦୃଢ କରିବା ପାଇଁ ବନ୍ଧୁତା ଭାବ ସୃଷ୍ଟି ହେଲା । ତା ମଧ୍ୟରେ ସୃଷ୍ଟି ହେଲା ସ୍ନେହ, ପ୍ରୀତି ଓ ଭଲପାଇବା ।



ସାଧନା ମହାଲିକ

ବନ୍ଧୁ ଶବ୍ଦଟି ଅତି ପ୍ରଚୀନ ଅଟେ । ଶ୍ରୀକୃଷ୍ଣ ଓ ସୁଦାମାଙ୍କ କଥା ଯଦି ମନେ ପକେଇବା ଜଣାପଡେ ଯେ, ସୁଦାମା ଶ୍ରୀକୃଷ୍ଣଙ୍କର ଘନିଷ୍ଠ ବନ୍ଧୁ ଥିଲେ । ଅଭାବ ଅନଟନରେ ଜର୍ଜରିତ ହେଉଥିବା ସୁଦାମାକୁ ଶ୍ରୀକୃଷ୍ଣ ବହୁତ ସାହାଯ୍ୟ କରିଥିଲେ । ସେହିପରି ଚାଣକ୍ୟଙ୍କ ମତରେ, ସେହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକୃତ ବନ୍ଧୁ ଯେ, ଶ୍ମଶାନରେ, ବିପଦରେ, ଉତ୍ସବରେ, ଦୁର୍ଭିକ୍ଷରେ ଅର୍ଥାତ ଠିକ ସମୟରେ ଉପସ୍ଥିତ ରହି ସାହାଯ୍ୟ କରେ ।

ବନ୍ଧୁ ଏମିତି ହେବା ଉଚିତ ଯେ, ଯେଉଁଠି ବନ୍ଧୁର ମର୍ଯ୍ୟାଦା ରହିପାରିବ ଓ ପରସ୍ପର ମଧ୍ୟରେ ସ୍ନେହ, ଭଲପାଇବା ରହିବା ଦରକାର । ପ୍ରେମ ଓ ଭଲପାଇବା ହେଉଛି ପ୍ରକୃତ ବନ୍ଧୁର ମର୍ଯ୍ୟାଦା । ବିଦ୍ୟାଳୟ ହେଉ କିମ୍ବା ବିଶ୍ୱବିଦ୍ୟାଳୟ ହେଉ, ଛାତ୍ରଛାତ୍ରୀମାନେ ଗୋଟେ ଭଲ ସାଙ୍ଗ ଖୋଜନ୍ତି । ଏମିତି କିଛି କଥା ଅଛି ଯେ ବାପାମା'ଙ୍କୁ କହିହୁଏନା କିନ୍ତୁ ବନ୍ଧୁ ପାଖରେ ତାହା ପ୍ରକାଶ କରିହୁଏ । କହିବାକୁ ଗଲେ ଆମ ଭାରତ ବର୍ଷରେ, ଏମିତି କିଛି ବନ୍ଧୁ ଅଛନ୍ତି ଯେ, ସେମାନେ ବନ୍ଧୁର ମର୍ଯ୍ୟାଦା କିଛି ବୁଝନ୍ତିନି । ସେହିମାନଙ୍କ କଥା ଭାବିଲେ, ମନରେ କ୍ରୋଧ ଜାତ ହୁଏ । ସେମାନେ ସାଙ୍ଗମାନଙ୍କୁ ଅଇଁଠା ପତ୍ର ବୋଲି ମନେ କରନ୍ତି । ଯେମିତି ଭୋଜନ କରିସାରିଲେ, ଅଇଁଠା ପତ୍ର ବୋଲି ବ୍ୟବହାର କରନ୍ତି । ଆଉ କିଛି ବନ୍ଧୁ ଅଛନ୍ତି ସାହାଯ୍ୟ କରିବା ବାହାନାରେ ସେମାନଙ୍କୁ ନେଇ ତାଙ୍କ ପ୍ରତି ହତ୍ୟା, ଦୁଷ୍କର୍ମ ଇତ୍ୟାଦି କରୁଛନ୍ତି । ସେ ବିଦ୍ୟାଳୟ ହେଉ କିମ୍ବା ବିଶ୍ୱବିଦ୍ୟାଳୟ ହେଉ ଯଦି ଗୋଟିଏ ଭଲ ଛାତ୍ରଟିଏ ତାର ପାଠପଢାରେ ଅଭ୍ୟୁଦୟ ଘଟିଥାଏ, ତାରି ଘନିଷ୍ଠ ବନ୍ଧୁ ତା ପାଇଁ ଶତ୍ରୁ ହୋଇଯାଏ ଏବଂ ତାକୁ ହିଂସା କରେ । ଏହି ଭଳି ଭାବରେ ଆମ ଭାରତ ବର୍ଷରେ ବନ୍ଧୁତ୍ୱ ସମ୍ପର୍କ ଏତେ ବି ଭଲ ନାହିଁ । ଏହି କପଟ ବନ୍ଧୁ କଥା ଭାବିଲେ ଆମ ମନରେ କ୍ରୋଧ ସୃଷ୍ଟି ହୁଏ । ତେଣୁ ବନ୍ଧୁ ସହିତ ବନ୍ଧୁତ୍ୱ ରଖିବାକୁ ହେଲେ ବନ୍ଧୁର ସ୍ୱଭାବ ତଥା ଗୁଣ ଚିହ୍ନିବା ଉଚିତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାକ୍ଷାତକାର : ଅପର୍ଣ୍ଣା ମହାନ୍ତି

"ଜଣେ ନାରୀ ନିଜକୁ ଲେଖିବା ଓ ପୁରୁଷଟିଏ ନାରୀ ସମ୍ପର୍କରେ ଲେଖିବା କିପରି ଏକା କଥା ହୋଇପାରିବ ?"

@ଅପର୍ଣ୍ଣା ମହାନ୍ତି

( ସୁପ୍ରସିଦ୍ଧ ନାରୀ କବି ଅପର୍ଣ୍ଣା ମହାନ୍ତିଙ୍କ ସହ ଦିବ୍ୟ ରଞ୍ଜନ ସାହୁଙ୍କ ବାର୍ତ୍ତାଳାପ)



ଦିବ୍ୟରଞ୍ଜନ ସାହୁ

ପ୍ରଶ୍ନ ୧ : ସମକାଳୀନ (ସାଂପ୍ରତିକ) ଓଡ଼ିଆ କବିତାର କାଳ-ନିର୍ଦ୍ଧାରଣକୁ ନେଇ ଆଲୋଚକଙ୍କ ମଧ୍ୟରେ ଭିନ୍ନ-ଭିନ୍ନ ଧାରଣା ପ୍ରଚଳିତ, ଆପଣ କିନ୍ତୁ ସମକାଳୀନ କବିତାର ଆରମ୍ଭ କେଉଁଠାରୁ ସ୍ୱୀକାର କରନ୍ତି ?

ଉତ୍ତର ୧ : ୧୯୮୦ ମସିହାର ପରବର୍ତ୍ତୀ ସମୟରୁ ରଚିତ ଓଡ଼ିଆ କାବ୍ୟଧାରାକୁ ସମକାଳୀନ ଓଡ଼ିଆ କବିତା ଭାବରେ ଗ୍ରହଣ କରାଯାଇପାରେ ।

ପ୍ରଶ୍ନ ୨ : ସମକାଳୀନ ଓଡ଼ିଆ କବିତା ସମ୍ବନ୍ଧରେ ଆପଣଙ୍କ ଅଭିପ୍ରାୟ କ'ଣ ? କବି ହେବା ସହିତ ଜଣେ ସମାଲୋଚକ ଭାବରେ ଆପଣ ପୂର୍ବବର୍ତ୍ତୀ କବିତାଠାରୁ ସମକଳୀନ ଓଡ଼ିଆ କବିତାର ବିଭାଜନକୁ କେଉଁ ରୂପରେ ଦେଖନ୍ତି ?

ଉତ୍ତର : ପ୍ରାଚୀନ, ମଧ୍ୟଯୁଗୀୟ କବିତାର ପୁରାଣ, ରୀତି, ଅଳଙ୍କାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଦିର ଅବଲମ୍ବନ, ଏହାର ସାଙ୍ଗୀତିକତା ତଥା ଆଧୁନିକ ଯୁଗର ପ୍ରାରମ୍ଭରେ ରହସ୍ୟବାଦ, ଛାୟାବାଦ, ସ୍ଥିତିବାଦ, ଦୁର୍ବୋଧ୍ୟତା ଆଦି ଆଙ୍ଗିକ/ଆତ୍ମିକ ଶୈଳୀ ଭାବରୁ ମୁକ୍ତ ହୋଇ ସମକାଳୀନ ଓଡ଼ିଆ କବିତା କବିର ଅନ୍ତଃ ଓ ବହିର୍ପୃଥିବୀକୁ ସହଜ, ସରଳ, ଆନ୍ତରିକ ଓ ଛଳନାହୀନ ଭାବେ ଚିହ୍ନିବାକୁ-ଚିହ୍ନେଇବାକୁ ଚେଷ୍ଟା କଲା । କବିତା ଆଉ ଭାବବିଳାସ ନହୋଇ ଜୀବନଚର୍ଯ୍ୟାରେ ରୂପାନ୍ତରିତ ହେଲା । କବିତାରେ ସାଧାରଣ ମଣିଷ, ମାଟି, ପ୍ରକୃତି, ଦଳିତ, ନାରୀ, ଦାଦନ, ବିସ୍ଥାପନ, ଶରଣାର୍ଥୀ, ଗୃହଯୁଦ୍ଧ ପରେ ମଣିଷର ପ୍ରତ୍ୟେକ ସମସ୍ୟା ମୁକ୍ତ ଓ ସଂବେଦନଶୀଳ ଭାବରେ ପ୍ରକାଶିତ ହେଲା । ସାଧାରଣ ମଣିଷ ନିଜର ମନ ଗହନର ଯେଉଁ ଆଶା/ଅଭିଳାଷ ଓ ବ୍ୟଥା/ଆନନ୍ଦକୁ ଏଯାବତ୍ ଲୁଚାଇ ରଖିଥିଲା, ତାହା କବିତାରେ ସ୍ପଷ୍ଟ ହେବାକୁ ଲାଗିଲା । ଏ ସବୁ ଦୃଷ୍ଟିରୁ ପୂର୍ବବର୍ତ୍ତୀ ଓଡ଼ିଆ କବିତାଠାରୁ ସମକାଳୀନ ଓଡ଼ିଆ କବିତାର ଭିନ୍ନତା ବାରି ହୋଇ ପଡିଲା ।

**ପ୍ରଶ୍ନ ୩ : ନିଜର ରଚନା-ପ୍ରକ୍ରିୟା ବାବଦରେ ଆପଣ କ'ଣ କହିବାକୁ ଚାହିଁବେ ?**

**ଉତ୍ତର** : ନିଜର ରଚନା-ପ୍ରକ୍ରିୟାକୁ ନେଇ ମୁଁ କେବଳ ଏତିକି କହିବି ଯେ – ଏକ ପିତୃପ୍ରଧାନ ସମାଜ ବ୍ୟବସ୍ଥାରେ ଜଣେ ନାରୀ ଭାବରେ ମୁଁ ଯେପରି ଜୀବନ ବଞ୍ଚିଛି ତାକୁ ହିଁ ନିଃଶଙ୍କୋଚରେ କବିତାରେ କହିବାକୁ କହିବାକୁ ଚେଷ୍ଟା କରିଛି । ତଥାକଥିତ ସତୀତ୍ୱ ଓ ନାରୀ ନିର୍ଦ୍ଦିଷ୍ଟ ବହୁରୂଢି ଭିତରୁ ମୋ କବିତାକୁ ମୁକ୍ତ ରଖିବାର ପ୍ରୟାସ କରିଛି । ମୋଟାମୋଟି ନାରୀର ଦେହ-ମନ-ଯୌନର ମୁକ୍ତି ପାଇଁ ମୋ କବିତାର ସ୍ୱର ସବୁବେଳେ ବ୍ୟାକୁଳ ଓ ମୁଖର ହୋଇଛି । ପରମ୍ପରା ବା ମର୍ଯ୍ୟାଦା ଆଳରେ ନାରୀ ଉପରେ ଲଦି ଦିଆ ଯାଇଥିବା କଟକଣା ବିରୁଦ୍ଧରେ ମୋ କବିତା ପ୍ରତିବାଦ କରିଛି ।

**ପ୍ରଶ୍ନ ୪ : ଆପଣଙ୍କ ସମୟର କିଛି ସମାଲୋଚକ ଏବଂ ରଚନାକାରଙ୍କ ମନ୍ତବ୍ୟ ଯେ ପୁରୁଷଙ୍କ**

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

**ଦ୍ୱାରା ଲେଖାଯାଇଥିବା ନାରୀ ଜୀବନ ସମ୍ପର୍କିତ କବିତା ଗୁଡିକରେ ନାରୀ ମନର ବିଜ୍ଞାନକୁ ଠିକ-ଠିକ ଭାବେ ବ୍ୟାଖ୍ୟାୟିତ କରାଯାଇପାରି ନାହିଁ । ରଚନାତ୍ମକ ସଂବେଦନାର ଧରାତଳରେ ଆପଣ ନିଜ ସମୟର ନାରୀ କବିଙ୍କ ତୁଳନାରେ ପୁରୁଷ କବିଙ୍କ ନାରୀ-ବିଷୟକ ଦୃଷ୍ଟିଭଙ୍ଗୀକୁ କେଉଁ ରୂପରେ ଦେଖନ୍ତି ?**

**ଉତ୍ତର :** ଶାସ୍ତ୍ର-ପୁରାଣ ପାଖରୁ ଆଜି ପର୍ଯ୍ୟନ୍ତ ପୁରୁଷ ଲେଖକମାନେ ନିଜକୁ ନାରୀ ମନେକରି – ନାରୀ ଚରିତ୍ର ସୃଷ୍ଟି କରିଛନ୍ତି, ନାରୀ ସମ୍ପର୍କରେ ଲେଖିଛନ୍ତି । ଏହା ମଧ୍ୟ ସତ୍ୟ ଯେ ନାରୀ ନିଜ ସମ୍ପର୍କରେ ଲେଖିବା ବେଳେ ପୁରୁଷମାନଙ୍କ ପରି ଶକ୍ତିଶାଳୀ ଚରିତ୍ର ସୃଷ୍ଟି କରିବାରେ ଅନେକ କ୍ଷେତ୍ରରେ ବିଫଳ ହୋଇଛି । ଜଣେ ପୁରୁଷ ସମାଜରେ ପାଉଥିବା ମୁକ୍ତ ମାନସିକତା ଓ ଶଙ୍କାଶୂନ୍ୟତା ଯୋଗୁଁ ତାର ସୃଷ୍ଟିରେ ତା'ର ନିଜସ୍ୱ ପ୍ରତିଫଳିତ ହୁଏ, ଯାହାକି ଲେଖିକା ମାନଙ୍କ କ୍ଷେତ୍ରରେ କ୍ୱଚିତ ଦେଖାଯାଏ । କିନ୍ତୁ ଜଣେ ନାରୀ ନିଜକୁ ଲେଖିବା ଓ ପୁରୁଷଟିଏ ନାରୀ ସମ୍ପର୍କରେ ଲେଖିବା କିପରି ଏକା କଥା ହୋଇପାରିବ ?

**ପ୍ରଶ୍ନ ୫ ପିତୃସତ୍ତାର ଆହ୍ୱାନଗୁଡିକ ମଧ୍ୟରେ ଆପଣଙ୍କ ସମୟର କବିତାସବୁ ସାମନ୍ତବାଦୀ ମୂଲ୍ୟ ଏବଂ ଢାଞ୍ଚାଗତ ରୂଢି ବିରୁଦ୍ଧରେ ସଂଘର୍ଷ କରିବାକୁ କେତେ ଦୂର ସମର୍ଥ ?**

**ଉତ୍ତର :** ପିତୃପ୍ରଧାନ ସମାଜବ୍ୟବସ୍ଥାର ରୂଢ଼ିବାଦ ଭିତରୁ ଲେଖିକାଟିଏ ମୁକୁଳିବା ଆଦୌ ସହଜ ନୁହେଁ । କାରଣ ଯୁଗ-ଯୁଗ ଧରି ସମାଜରେ ନାରୀର ନ୍ୟୁନତାବୋଧକୁ ହିଁ ସ୍ୱୀକୃତି ଦିଆଯାଇଛି ଓ ଏହାକୁ ନାରୀ ନିଜର ନାରୀ-ଧର୍ମ ବୋଲି ଗ୍ରହଣ ମଧ୍ୟ କରିନେଇଛି । ପରିବାରବାଦକୁ ପୁରୁଷ ତୁଳନାରେ ନାରୀ ଅଧିକ ଶ୍ରଦ୍ଧା-ସମ୍ମାନ କରେ । ତାର ସହଜାତ ମମତ୍ୱବୋଧ ଏହାର କାରଣ । ତେଣୁ ପରିବାର ଭାଙ୍ଗିଯିବା ଭୟରେ ନାରୀ ଉଗ୍ର ଓ ପ୍ରତିକ୍ରିୟାଶୀଳ ହୋଇ ପାରେନା । ସମକାଳର କବିତାରେ ଏ ପ୍ରସଙ୍ଗରେ ତେଣୁ କିଛି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅସାମର୍ଥ୍ୟ ରହିଯିବା ଅସ୍ୱାଭାବିକ ନୁହେଁ । କିନ୍ତୁ ତା'ରି ଭିତରେ ପିତୃସତ୍ତାର ଅବିଚାର ଓ ନାରୀ ଶୋଷଣ ବିରୋଧରେ ଯେଉଁ ସଂଘର୍ଷର ସ୍ୱରଟି ଆଜି ସ୍ପଷ୍ଟ ହେଉଛି ତାହା କିନ୍ତୁ କମ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

**ପ୍ରଶ୍ନ ୬ : ଆପଣ ନିଜର ଅନେକ କବିତାରେ ମିଥ୍ ର ପ୍ରୟୋଗ କରିଛନ୍ତି । ଆପଣଙ୍କ ବିଚାରାନୁଯାୟୀ ନାରୀ ବିମର୍ଶର ଆଲୋକରେ ମିଥକୀୟ ଚରିତ୍ର ଗୁଡିକର କ'ଣ ପ୍ରାସଙ୍ଗିକତା ରହିଛି ?**

**ଉତ୍ତର :** ହଁ, ସୀତା, ସାବିତ୍ରୀ, ଅହଲ୍ୟା, କୁନ୍ତୀ, ତାରା, ମନ୍ଦୋଦରୀ, ଗଙ୍ଗା, ଦ୍ରୌପଦୀ ଆଦି ପୁରାଣର ନାରୀ ମାନଙ୍କୁ ନୂତନ ଦୃଷ୍ଟିକୋଣରୁ ଦେଖିବାର ଆବଶ୍ୟକତା ଆଜି ଅତ୍ୟନ୍ତ ଜରୁରୀ । ନାରୀକୁ କେବଳ ସତୀତ୍ୱ ଆଧାରରେ ମୂଲ୍ୟ ଦେଉଥିବା ପିତୃପ୍ରଧାନ ସମାଜ, ତାକୁ ତାର ବ୍ୟକ୍ତିତ୍ୱ ଆଧାରରେ ମୂଲ୍ୟାୟନ କରିବା ଏବେ ପ୍ରାସଙ୍ଗିକ ହୋଇପଡିଛି ।

**ପ୍ରଶ୍ନ ୭ : ମୋଟାମୋଟି ଦେଖିବାକୁ ଗଲେ ୧୯୮୦ ଦଶକ ପର ଠାରୁ ନାରୀ-ବିମର୍ଶ ଭଳି ସଂକଳ୍ପ ସୁଦୃଢ ଭାବେ ବିକଶିତ ହେବାର ଦୃଷ୍ଟିଗୋଚର ହୁଏ, ନାରୀ-ବିମର୍ଶର ଆଲୋକରେ ଆପଣ ୮୦ର ପୂର୍ବବର୍ତ୍ତୀ ନାରୀ-ବିଷୟକ କବିତାଗୁଡିକୁ କେଉଁ ରୂପରେ ଦେଖନ୍ତି ?**

**ଉତ୍ତର :** ୧୯୮୦ ମସିହା ପୂର୍ବର ଓଡିଆ କବିତାରେ ନାରୀ ବିମର୍ଶର ଉପାଦାନ ପ୍ରାୟ ନଥିଲ । ନାରୀର ଦୁଃଖ ଯାତନା ବଖାଣିବା ନାରୀ ବିମର୍ଶ ନୁହେଁ । ଏଥିପାଇଁ ଏକ ଦୃଢ ପ୍ରତିବାଦ ଓ ସଂଗ୍ରାମର ସ୍ୱରକୁ ପ୍ରତିଧ୍ୱନିତ କରିବା ହିଁ ବିମର୍ଶର ସୂତ୍ରପାତ କରେ । ୧୯୮୦ ପରେ ହିଁ ଏହି ସ୍ୱର ଶକ୍ତିଶାଳୀ ହୋଇଛି ।

**ପ୍ରଶ୍ନ ୮ : ଆପଣଙ୍କ କବିତାରେ ପ୍ରେମ, ପରମ୍ପରା ଏବଂ ବିଦ୍ରୋହ ମଧ୍ୟରେ ସାମଞ୍ଜସ୍ୟର ଭାବ ଦେଖାଯାଏ, ଏ ବିଷୟରେ ଆପଣ କ'ଣ କହିବେ ?**

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

**ଉତ୍ତର** : ଦେଖନ୍ତୁ, ପ୍ରେମହୀନ ମୁକ୍ତି, ମୁକ୍ତି ନୁହେଁ – ଏହା ଏକ ଦିଶାହରା ଉନ୍ମାଦ ମାତ୍ର । ପ୍ରେମ ହିଁ ମୁକ୍ତିକୁ ଶୃଙ୍ଖଳିତ, ଶାଳୀନ ଓ ଉତ୍ତୀର୍ଣ୍ଣ କରିଥାଏ । ତେଣୁ ମୁକ୍ତିର ପ୍ରଥମ ଓ ଅନ୍ତିମ ପଦକ୍ଷେପ ହେଉଛି ପ୍ରେମ । ପରମ୍ପରାର ସବୁକିଛି ବର୍ଜନୀୟ ନୁହେଁ । ପରମ୍ପରାର ଯେଉଁ ଦିଗଟି ନାରୀ ବ୍ୟକ୍ତିତ୍ୱର ବିକାଶ ବଦଳରେ ବିନାଶର ବାର୍ତ୍ତା ଦିଏ ମୋର ପ୍ରେମ ତାର ବିରୋଧରେ ବିଦ୍ରୋହ କରେ । ଯେପରିକି ବିବାହ ଓ ପରିବାର ଏକ ସୁସ୍ଥ ପରମ୍ପରା । କିନ୍ତୁ ସେହି ଦାୟରେ 'ସ୍ତ୍ରୀ' କୁ 'ଦାସୀ' ସ୍ଥାନରେ ରଖିବା ଅତ୍ୟନ୍ତ ଘୃଣ୍ୟ ପରମ୍ପରା । ଯେଉଁ ପରମ୍ପରା ନାରୀର ବିକଶିତ ବ୍ୟକ୍ତିତ୍ୱକୁ ଶ୍ରଦ୍ଧା-ସମ୍ମାନ କରେ ମୁଁ ତାକୁ ଗ୍ରହଣ କରିଥାଏ । ତେଣୁ ମୋ କବିତାରେ ପ୍ରେମ, ପରମ୍ପରା ଓ ବିଦ୍ରୋହ ସବୁକିଛି ନାରୀ ଅସ୍ମିତାର ସଚେତନ ବିକାଶ ପାଇଁ ଅଭିପ୍ରେତ କହିଲେ ଭୁଲ ହେବ ନାହିଁ ।

**ପ୍ରଶ୍ନ୯ : ରଚନାତ୍ମକ ଧରାତଳରେ ଆପଣ କେଉଁ-କେଉଁ କବିଙ୍କ ଦ୍ୱାରା ପ୍ରଭାବିତ ?**

**ଉତ୍ତର** : ମୁଁ ମୋ ଓଡିଆ କାବ୍ୟ ଜଗତର ବରେଣ୍ୟ କବି ଜୟଦେବ, ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ମାୟାଧର ମାନସିଂହ ତଥା ହିନ୍ଦୀ କବି ମହାଦେବୀ ବର୍ମା ଓ ଅମୃତା ପ୍ରୀତମଙ୍କ ଦ୍ୱାରା ପ୍ରଭାବିତ ହୋଇଛି ।

**ପ୍ରଶ୍ନ ୧୦ : ଆପଣଙ୍କ ଦୃଷ୍ଟରେ କ'ଣ ବିଚାରଧାରା କବିତାର ଭାବ-ପକ୍ଷକୁ ଦୁର୍ବଳ କରେ ?**

**ଉତ୍ତର** : ନା, ବିଚାରଧାରା କବିତାର ଭାବ-ପକ୍ଷକୁ ଦୁର୍ବଳ କରେନାହିଁ । ବରଂ ଉନ୍ନତ ସଶକ୍ତ ମାନବୀୟ ବିଚାର ହିଁ କବିତାର ଭାବକୁ ଅଧିକ ସରଳ, ସ୍ୱଷ୍ଟ, ସୁନ୍ଦର ଓ ସାବଲୀଳ କରିଥାଏ ।

**ପ୍ରଶ୍ନ ୧୧ : ଆପଣଙ୍କ ଅଧିକାଂଶ କବିତାରେ ନାରୀ-ପ୍ରତିରୋଧର ସ୍ୱର ମୁଖର ଭାବରେ ଦେଖାଦିଏ, ବାସ୍ତବତା (ବ୍ୟାବହାରିକ) ଦୃଷ୍ଟିରୁ ଦେଖିବାକୁ ଗଲେ କ'ଣ ଆପଣଙ୍କୁ ଲାଗେ କି**

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

**ସାମାଜିକ ପରିବର୍ତ୍ତନ ଦିଗରେ ଏ କବିତା ଗୁଡିକର ସତରେ କୌଣସି ମହତ୍ତ୍ୱପୂର୍ଣ୍ଣ ଭୂମିକା ରହୁଛି ?**

**ଉତ୍ତର** : ମୋ କବିତାର ପ୍ରତିବାଦର ସ୍ୱର ସମାଜରେ କି ପରିବର୍ତ୍ତନ ଆଣିବ କି ନାହିଁ ସେ କଥା ମୁଁ କେବେ ଭାବି ନାହିଁ । କିନ୍ତୁ ମୋ କବିତା କିଛି ପାଠିକାଙ୍କୁ ଜୀବନ ସହିତ ଲଢିବାକୁ ପ୍ରେରଣା ଦେଇଛି ଓ ସେମାନେ ଆତ୍ମହତ୍ୟା କରିବା ପରି ଚରମ ନିଷ୍ପତିରୁ ଓହରିଆସି ଜୀବନକୁ ନିଜ ଅନୁଯାୟୀ ବଞ୍ଚିଛନ୍ତି ବୋଲି ମୋତେ ଜଣାଇଛନ୍ତି । ତାହା ମୋ କବିତାର ଶକ୍ତି ବୋଲି ମୋର ମାନେ ହୋଇଛି । ମୋ ପାଇଁ ସନ୍ତୋଷର କଥା ଯେ ଏବେ ଓଡିଆରେ ନିଜକୁ ନେଇ ଖୁବ ମୁକ୍ତ-ମୁଖର ହେଉଥିବା ମୋ ଝିଅ ବୟସର ଲେଖିକାମାନେ ଯେତେବେଳେ ମୋ କବିତାରୁ ସାହସ ପାଇଛନ୍ତି ବୋଲି କୁହନ୍ତି ସେତେବେଳେ ନିଜର କବିପଣକୁ ନେଇ ମତେ ଖୁବ ସାର୍ଥକ ଲାଗେ ।

**ପ୍ରଶ୍ନ୧୨ : କ'ଣ ଆପଣଙ୍କ ଦୃଷ୍ଟିରେ ନାରୀ-ବିମର୍ଶ, ସ୍ତ୍ରୀ-ବିମର୍ଶ ଏବଂ ମହିଳା ବିମର୍ଶ ପରି ଶବ୍ଦାବଳୀ ଗୁଡିକରେ ବିଭେଦ ଅଛି ?**

**ଉତ୍ତର** : ନାରୀ, ସ୍ତ୍ରୀ ଓ ମହିଳା ଏହି ତିନୋଟି ଶବ୍ଦ ଭିତରେ ଖୁବ ସୂକ୍ଷ୍ମ ବିଭାଜନ ରେଖା ଲକ୍ଷ କରାଯାଇପାରେ । 'ନାରୀ' ଶବ୍ଦ ଜଗତର ସବୁ ବର୍ଗର ନାରୀ ଜାତିକୁ ବୁଝାଉଥିବାବେଳେ 'ସ୍ତ୍ରୀ' ପୁରୁଷର ଶାସନାଧିନା ପତ୍ନୀକୁ ବୁଝାଏ ବା ପରିବାରବାଦ ଭିତରେ ଶୃଙ୍ଖଳିତା ନାରୀକୁ ପରିଭାଷିତ କରେ । 'ମହିଳା' କହିଲେ ଆମେ ତଥାକଥିତ ସମ୍ଭ୍ରାନ୍ତ ବର୍ଗର ନାରୀମାନଙ୍କୁ କଳ୍ପନା କରୁ ଯେଉଁମାନେ ଏକ ପିତୃପ୍ରଧାନ ସମାଜର ପଦ-ପ୍ରତିଷ୍ଠାକୁ ଅଳଙ୍କାର ଭାବରେ ବହନ କରୁଥାନ୍ତି । ଏ ସମସ୍ତଙ୍କର ସାମାଜିକ ଓ ବ୍ୟକ୍ତିଗତ ଦୃଷ୍ଟିକୋଣ ନିଶ୍ଚୟ ଅଲଗା-ଅଲଗ ହେବ, ଯେପରିକି ନିମ୍ନ ବର୍ଗର ନାରୀମାନେ ତୁଳନାତ୍ମକ ଭାବେ ସ୍ୱାବଲମ୍ବୀ ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ୱାଧୀନଚେତା ହୋଇଥିବାବେଳେ ଉଚ୍ଚ ବର୍ଗର ନାରୀମାନେ ସମାଜବ୍ୟବସ୍ଥାକୁ କ୍ୱଚିତ ବିରୋଧ କରିଥାନ୍ତି, କାରଣ ପ୍ରଚଳିତ ସମାଜବ୍ୟବସ୍ଥା ସେମାନଙ୍କୁ ଏକ ଛଦ୍ମ ଅଳଙ୍କାରର ସ୍ୱାମିନୀ କରାଇଥାଏ । ଏ ସବୁ ଦୃଷ୍ଟିରୁ ବିଚାରକଲେ ନାରୀ-ବିମର୍ଶରେ ବହୁବିଧ ଦିଗ ରହିବା ସ୍ୱାଭାବିକ ।

**ପ୍ରଶ୍ନ ୧୩ : ସମକାଳୀନ ସାହିତ୍ୟରେ ନାରୀକୁ ପରିଭାଷିତ କରିବା କ୍ରମରେ ଦଳିତ ନାରୀ ଏବଂ ଆଦିବାସୀ ନାରୀ ଭଳି ଅନେକ ବିଭାଜକ ରେଖାମାନ ଟଣା ଯିବାର ଦୃଷ୍ଟିଗୋଚର ହେଉଛି । କ'ଣ ଆପଣଙ୍କୁ ଲାଗେ ନାହିଁ ଯେ ଏ ସବୁର ବିଭାଜନ କୌଣସି ବର୍ଗ, ଧର୍ମ ଅଥବା ସମ୍ପ୍ରଦାୟ ସହ ନ ଯୋଡି ନାରୀକୁ କେବଳ ନାରୀ ରୂପରେ ଦେଖିବା ଦରକାର, ଏ ବିଷୟରେ ଆପଣଙ୍କର ମତ କ'ଣ ?**

**ଉତ୍ତର** : ସମ୍ଭ୍ରାନ୍ତ ଶ୍ରେଣୀର ନାରୀମାନଙ୍କ ଅପେକ୍ଷା ଦଳିତ ଓ ଆଦିବାସୀ ଶ୍ରେଣୀମାନଙ୍କର ସମସ୍ୟା କିଛି ଅଲଗା । ଦାଦନ, ବିସ୍ଥାପନ ଆଦି ସମସ୍ୟାକୁ ଏମାନେ ଅଧିକ ମାତ୍ରାରେ ଭୋଗିଥାନ୍ତି । ତଥାକଥିତ ସଭ୍ୟ ସମାଜର ମଣିଷମାନେ ଏମାନଙ୍କୁ ବ୍ୟବହାରଯୋଗ୍ୟ ବସ୍ତୁ ଭାବେ ବିବେଚନା କରିଥାନ୍ତି । ଦଳିତ ନାରୀକୁ ସାଧାରଣ ଦଳିତ ବର୍ଗର ସାମାଜିକ ଶୋଷଣ ସହିତ ଉଚ୍ଚ ବର୍ଗର ଯୌନ ଶୋଷଣ ମଧ୍ୟ ସହିବାକୁ ହୁଏ । ଆଦିବାସୀ ନାରୀମାନେ ଆପାତତଃ ସାମାଜିକ ସ୍ୱାଧିନତାର ଅଧିକାରିଣୀ ହୋଇଥିଲେ ହେଁ ସଭ୍ୟ ସମାଜର ଛଳନା ଦ୍ୱାରା ପ୍ରତାରିତ ଓ ଲୁଣ୍ଠିତ ହୋଇଥାନ୍ତି । ତେଣୁ ଏ ସବୁ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିକୋଣ ରଖିବା ମଧ୍ୟ ନାରୀ ବିମର୍ଶର ଏକ ଅଂଶବିଶେଷ ।

**ପ୍ରଶ୍ନ ୧୪ : ଆପଣ ବିମ୍ବ ଏବଂ ପ୍ରତୀକ ଗୁଡିକୁ କବିତାରେ କେତେ ମହତ୍ୱ ଦିଅନ୍ତି ?**

**ଉତ୍ତର** : ମୋ କବିତାରେ ବିମ୍ବ ଓ ପ୍ରତୀକ ଆଦିକୁ ମୁଁ ସଚେତନ ଭାବେ ପ୍ରୟୋଗ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରେନାହିଁ । ଭାବନାର ପ୍ରବାହରେ ସେ ସବୁ ଆପେ-ଆପେ ଯେତିକି ଭାସି ଆସିଛନ୍ତି... ବାସ ସେତିକି ।

**ପ୍ରଶ୍ନ ୧୫ : ଆପଣଙ୍କ ଦୃଷ୍ଟିରେ ଉଗ୍ର-ନାରୀବାଦ କ'ଣ ?**

**ଉତ୍ତର :** ଯେକୌଣସି ଦର୍ଶନ କି ବାଦରେ ଉଗ୍ରତା କେବେ ବି ସୁ-ପରିବର୍ତ୍ତନର ବାହକ ହୋଇ ନଥାଏ । ପୁରୁଷ ସହିତ ସ୍ପର୍ଦ୍ଧା କରି ପୁରୁଷ ପରି ଯାବତୀୟ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବାକୁ ଯଦି ଉଗ୍ର ନାରୀବାଦ କୁହାଯାଏ, ତେବେ ମୁଁ ଏହାର ପକ୍ଷପାତୀ ନୁହେଁ । ନାରୀ ଅସ୍ମିତାର ସ୍ୱାତନ୍ତ୍ର୍ୟକୁ ପ୍ରତିଷ୍ଠା କରିବା ପାଇଁ ସମାଜବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ, ସଂଗ୍ରାମ କରିବାକୁ, ହଁ... ମୁଁ ନାରୀବାଦ ବୋଲି ମାନେ କରେ ।

**ପ୍ରଶ୍ନ ୧୬ : ଜଗତୀକରଣ, ବଜାରବାଦ, ଉତ୍ତର-ଆଧୁନିକତା ଏବଂ ଉଦାରୀକରଣ ଭଳି ସଂକଳ୍ପ ଗୁଡିକ ୧୯୯୦ ପରର ନାରୀ କବିତାକୁ କିପରି ଭାବରେ ପ୍ରଭାବିତ କରିଛି ?**

**ଉତ୍ତର :** ଜଗତୀକରଣ, ଉଦାରୀକରଣ, ବଜାର-ସଭ୍ୟତା ଓ ଉତ୍ତର-ଆଧୁନିକତା ଆଜିର କବିତାକୁ ନିଶ୍ଚୟ ପ୍ରଭାବିତ କରୁଛି । ନାରୀ ଦେହକୁ ଏହି ବ୍ୟବସ୍ଥା ପଣ୍ୟ ଓ ବସ୍ତୁ ଭାବରେ ଯେତିକି ବ୍ୟବହାର କରୁଛି, ଅପରପକ୍ଷେ ନାରୀ ମଧ୍ୟ ନିଜର ଦେହକୁ ବସ୍ତୁ ଭାବେ ବ୍ୟବହାର କରି, ନିଜର ଉଚ୍ଚାଭିଳାଷକୁ ସଫଳ କରେଇବାକୁ ଆଗ୍ରହୀ ହେଉଛି । ଏ ବ୍ୟବସ୍ଥାରେ ମାନବୀୟ ମୂଲ୍ୟବୋଧ, ବ୍ୟକ୍ତିର ଆତ୍ମସମ୍ମାନ ସହିତ ନାରୀର ଅସ୍ମିତା ମଧ୍ୟ ବିଡମ୍ବିତ ହେଉଛି । ନାରୀବାଦ ଓ ନାରୀ-ମୁକ୍ତିର ଧାରଣା ମଧ୍ୟ ବଜାର-ସର୍ବସ୍ୱ ହୋଇପଡୁଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

**ପରିଚୟ : ଅପର୍ଣ୍ଣା ମହାନ୍ତି**

ବରିଷ୍ଠ ନାରୀ କବି ଅପର୍ଣ୍ଣା ମହାନ୍ତି ଓଡିଆ ନାରୀ ବିମର୍ଶମୂଳକ କବିତାର ଅନ୍ୟତମ ସଫଳ ଲେଖିକା । କବିତା ସମେତ ଅନୁବାଦ, ନିବନ୍ଧ ତଥା ଆଲୋଚନା କ୍ଷେତ୍ରରେ ତାଙ୍କର ଉପସ୍ଥିତି ଉଲ୍ଲେଖନୀୟ । ସେ ୨୦୦୭ ମସିହାରେ ଓଡିଆ ସାହିତ୍ୟର ମର୍ଯ୍ୟାଦାଯୁକ୍ତ ସମ୍ମାନ 'ଓଡିଆ ସାହିତ୍ୟ ଏକାଡେମୀ' ପୁରସ୍କାର (ତାଙ୍କର କବିତା ସଂକଳନ 'ଝିଅ ପାଇଁ ଝର୍କାଟିଏ') ଦ୍ୱାରା ସମ୍ମାନିତ ।

**ଉପସ୍ଥାପନା : ଦିବ୍ୟ ରଞ୍ଜନ ସାହୁ**

ଗ୍ରା/ପୋ – ତେଣ୍ଡରା, ଭାୟା – କେନାଭେଟା, ବ୍ଲକ – ବଣାଇ, ଜିଲ୍ଲା – ସୁନ୍ଦରଗଡ, ଓଡିଶା – ୭୭୦୦୪୧

ଇ-ମେଲ – dibyosahu25@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅଗଷ୍ଟ ୨୦୨୧

ଲେଖା ପଠାଇବାର ଶେଷ ତାରିଖ : ୩ ଅଗଷ୍ଟ ୨୦୨୧

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan